# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୨ /୨୦୧୮ (୨୦ ପୃଷ୍ଠା+ସାହିତ୍ୟାୟନ) | Bhubaneswar,Wednesday, August 22 / 2018 | ★★★★★★

୪୪ଶ ଭାଗ ୨୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**କବାଡ଼ି ଖେଳିବେ କଙ୍ଗନା ରାଣାଓ୍ୱତ୍**
ପରଦାରେ କବାଡ଼ି ଖେଳିବେ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ୍। ଫିଲ୍ମ 'ପଙ୍ଗା'ରେ କଙ୍ଗନା କବାଡ଼ି ଖେଳାଳି ଭୂମିକାରେ ଦେଖିବାକୁ ମିଳିବେ।
୦୭

୧୭
**ଗ୍ରିଭାନ୍ସ ଅଧିକାରୀ ନିଯୁକ୍ତି ଲାଗି ହ୍ୱାଟ୍ସଆପ୍‌କୁ ନିର୍ଦ୍ଦେଶ**
ଘରୋଇ ବଜାର ଲାଗି ଜଣେ ଗ୍ରିଭାନ୍ସ ଅଧିକାରୀ ନିଯୁକ୍ତ କରିବାକୁ ହ୍ୱାଟ୍ସଆପ୍‌କୁ ନିର୍ଦ୍ଦେଶ ଦିଆଯାଇଥିବା ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି।






## ସିଦ୍ଧୁ ଶାନ୍ତିଦୂତ: ଇମ୍ରାନ



**ଇସ୍‌ଲାମାବାଦ/ଚଣ୍ଡିଗଡ଼,୨୧।୮(ପି.ଟି.):** ପାକିସ୍ତାନ ଗସ୍ତ ପାଇଁ ବିଭିନ୍ନ ମହଲରେ ସମାଲୋଚିତ ହୋଇଛନ୍ତି ପଞ୍ଜାବ ପର୍ଯ୍ୟଟନ ମନ୍ତ୍ରୀ ତଥା ପୂର୍ବତନ କ୍ରିକେଟର୍ ନବ୍‌ଜ୍ୟୋତ୍ ସିଂ ସିଦ୍ଧୁ। ଏଭଳି ସମୟରେ ବନ୍ଧୁ ସିଦ୍ଧୁଙ୍କ ସମର୍ଥନରେ ବାହାରି ପଡ଼ିଛନ୍ତି ପାକିସ୍ତାନର ନୂଆ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍। ସମାଲୋଚକଙ୍କୁ ଭର୍ତ୍ସନା କରିବା ସହ ସିଦ୍ଧୁଙ୍କୁ ସେ ଶାନ୍ତିର ଦୂତ ବୋଲି ବିବେଚନା କରିଛନ୍ତି। ଇମ୍ରାନ କହିଛନ୍ତି, ନିମନ୍ତ୍ରଣ ରକ୍ଷାକରି ପାକିସ୍ତାନ ଆସିଥିବାରୁ ସିଦ୍ଧୁଙ୍କୁ ଧନ୍ୟବାଦ। ସେ ଶାନ୍ତିର ଦୂତହୋଇ ପାକିସ୍ତାନ ଆସିଥିଲେ ଏବଂ ଦେଶବାସୀଙ୍କଠାରୁ ଅଭୂତପୂର୍ବ ସ୍ନେହ ଓ ଶ୍ରଦ୍ଧା ପାଇଥିଲେ। ତାଙ୍କୁ ବିରୋଧ କରୁଥିବା ଲୋକେ ଉପମହାଦେଶର ବଡ଼ ଅସନ୍ତୋଷ ଗୋଷ୍ଠୀ। ଶାନ୍ତି ବିନା ଆମର ଉନ୍ନତି ଅସମ୍ଭବ। ଏଣୁ ସବୁ ମତଭେଦକୁ ଦୂରକରି ସ୍ଥାଣୁ ହୋଇ ରହିଥିବା ଭାରତ-ପାକିସ୍ତାନ ଆଲୋଚନା ପ୍ରକ୍ରିୟାକୁ ଆଗେଇ ନେବାକୁ ହେବ। ଦୁଇଦେଶ ଶାନ୍ତି ଆଲୋଚନ ଉପରେ ଗୁରୁତ୍ୱ ଦେବା ଉଚିତ। କଶ୍ମୀର ବିବାଦର ସମାଧାନ କରି ବାଣିଜ୍ୟ କାରବାର ଆରମ୍ଭ କରିବା ଉଚିତ ବୋଲି ଇମ୍ରାନ ☞ପୃଷ୍ଠା-୧୬

## ସତ୍ୟପାଲ ମଲିକ୍ ଜମ୍ମୁ-କଶ୍ମୀର ରାଜ୍ୟପାଳ



**ନୂଆଦିଲ୍ଲୀ,୨୧।୮ (ପି.ଟି.):** ବିହାର ରାଜ୍ୟପାଳ ସତ୍ୟପାଲ ମଲିକ୍‌ଙ୍କୁ ଜମ୍ମୁ-କଶ୍ମୀରର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି। ସେ ଏନ୍.ଏନ୍. ଭୋରାଙ୍କ ସ୍ଥାନରେ ଅବସ୍ଥାପିତ ହେବେ। ଅନ୍ୟପକ୍ଷରେ ବରିଷ୍ଠ ଭାଜପା ନେତା ଲାଲଜୀ ଟଣ୍ଡନଙ୍କୁ ବିହାର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଥିବା ମଙ୍ଗଳବାର ରାଷ୍ଟ୍ରପତି ଭବନରୁ ଜାରି ବିଜ୍ଞପ୍ତିରୁ ଜଣାପଡିଛି। ମିଳିଥିବା ସୂଚନାନୁସାରେ ସତ୍ୟଦେବ ନାରାୟଣ ଆର୍ଯ୍ୟଙ୍କୁ ହରିୟାଣା ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବବିରାଣୀ ମୌର୍ଯ୍ୟଙ୍କୁ ଉତ୍ତରାଖଣ୍ଡର ନୂଆ ରାଜ୍ୟପାଳ କରାଯାଇଛି। ହରିୟାଣା ରାଜ୍ୟପାଳ କପ୍ତାନ୍ ସିଂ ସୋଲାଙ୍କିଙ୍କୁ ତ୍ରିପୁରା ବଦଳି କରାଯାଇଛି। ତ୍ରିପୁରା ରାଜ୍ୟପାଳ ତଥାଗତ ରାୟଙ୍କୁ ମେଘାଳୟ ରାଜ୍ୟପାଳ ଭାବେ ଅବସ୍ଥାପିତ କରାଯାଇଛି। ମେଘାଳୟ ରାଜ୍ୟପାଳ ଗଙ୍ଗାପ୍ରସାଦଙ୍କୁ ସିକିମ୍‌ର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଛି।





NECC NATIONAL EGG CO-ORDINATION COMMITTEE 21.08.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 62 | 109 | 119 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers


# ମଲେ ଗଲେ

ନିକଟରେ ଅର୍ଥାତ୍ ଅଗଷ୍ଟ ୯ ଓ ୧୧ରେ ଯଥାକ୍ରମେ କଟକର ନରାଜ ଏବଂ କଳାହାଣ୍ଡି ଜିଲାର ଭବାନୀପାଟଣାରେ ପୋଲିସ କନଷ୍ଟେବଲ ନିଯୁକ୍ତି ପରୀକ୍ଷା ଦେବାକୁ ଯାଇଥିବା ସୁସ୍ଥସବଳ ଦୁଇ ଓଡ଼ିଆ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଅଗଷ୍ଟ ୨୧ରେ ପୁନର୍ବାର ତୃତୀୟ ଥର ପାଇଁ ଅନ୍ୟ ଜଣେ ଯୁବକଙ୍କ ଏହି ପୋଲିସ ଚାକିରି ପ୍ରବେଶିକା ପରୀକ୍ଷା ସମୟରେ ବୌଦ୍ଧରେ ମୃତ୍ୟୁ ଘଟିଛି। ଏହା ଧରାବନ୍ଧା କଥା ଯେ, ପୋଲିସ ଚାକିରି ପାଇଁ ଇଚ୍ଛୁକ ଯୁବକଙ୍କ ସର୍ବନିମ୍ନସ୍ତରର ଶାରୀରିକ ଯୋଗ୍ୟତା ରହିବା କଥା। କିନ୍ତୁ ଲାଗ୍ ଲାଗ୍ ତିନିଜଣ ଯୁବକଙ୍କ ମୃତ୍ୟୁ କେବଳ ଏହି ବର୍ଷ ଘଟିନାହିଁ। ପୂର୍ବବର୍ଷଗୁଡ଼ିକରେ ମଧ୍ୟ ଏହିଭଳି ଘଟଣା ଶୁଣିବାକୁ ମିଳିଛି। ଉଲ୍ଲେଖର ବିଷୟ ହେଉଛି ଯେ, ଆଜିର ଓଡ଼ିଶା ପୋଲିସ ଦାୟିତ୍ୱରେ ଥିବା ମହାନିର୍ଦ୍ଦେଶକ ଏବଂ କମିଶନରଙ୍କଠାରୁ ଆରମ୍ଭ କରି ଅଧିକାଂଶ ଥାନା ଅଧିକାରୀଙ୍କ ପର୍ଯ୍ୟନ୍ତ କେହି ବି ଏହିଭଳି ପରୀକ୍ଷା ଦେଇ ବଞ୍ଚି ଚାକିରିରେ ପୁନର୍ବାର କାର୍ଯ୍ୟ କରିପାରିବେ ନାହିଁ। ଏହା ଏକ ଖୋଲା ଚ୍ୟାଲେଞ୍ଜ ଦିଆଯାଇପାରିବ। ଏଭଳି ପରିସ୍ଥିତିରେ ଗରିବ ଓଡ଼ିଆ ଯୁବକଙ୍କ ପ୍ରାଣ ନେଉଥିବା ନିର୍ଦ୍ଦୟ ପୋଲିସ କର୍ମକର୍ତ୍ତାଙ୍କ ବିରୋଧରେ କାହିଁକି ହତ୍ୟା ମାମଲା ରୁଜୁ କରାଯିବନାହିଁ, ତାହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେବା ଆବଶ୍ୟକ।

ଏଭଳି ମୃତ୍ୟୁ ଘଟଣା ସ୍ପଷ୍ଟ ଦର୍ଶାଉଛି ଯେ, ପ୍ରାରମ୍ଭିକସ୍ତରରେ ଚାକିରି ଆଶାୟୀ ଯୁବକଙ୍କ ଡାକ୍ତରୀ ପରୀକ୍ଷା କରାଯାଉନାହିଁ। ଯିଏ ଆସିଲେ ଦୌଡ଼ିଲେ। ଏହା ବ୍ୟତୀତ ଦୌଡ଼ିବା ସମୟରେ ଗ୍ଲୁକୋଜ୍, ଲେମ୍ବୁପାଣି ଏବଂ ଡାକ୍ତରଙ୍କ ଉପସ୍ଥିତିର ମନେହେଉଛି ଯେପରି ଅଭାବ ରହୁଛି। ଏବେ କାଗଜପତ୍ରରେ ଏହିସବୁ ଦୁର୍ବଳତାକୁ ଘୋଡ଼ାଇଦେବାର ପ୍ରୟାସ ଆରମ୍ଭ ହୋଇଯିବଣି। ପୋଲିସ ବିଭାଗ ହୋଇଥିବାରୁ ତଦନ୍ତ କରିବା ପାଇଁ କୌଣସି ଅଧିକାରୀ ଇଚ୍ଛାପ୍ରକାଶ କରିବେ ନାହିଁ। ସେହି ବିଭାଗର କର୍ମକର୍ତ୍ତା ନିଜ ବିଷୟରେ କେବେହେଲେ ସତ୍ୟାସତ୍ୟ ପ୍ରକାଶ କରିବେ ନାହିଁ। ଅପରପକ୍ଷରେ ରାଜ୍ୟ ସରକାର ଏଭଳି ମାରାତ୍ମକ ଘଟଣାର ବିଚାରବିଭାଗୀୟ ତଦନ୍ତ କରାଇବାକୁ ଆଗେଇ ଆସୁନାହାନ୍ତି କିମ୍ବା ମୃତ ଯୁବକଙ୍କ ପରିବାରକୁ କ୍ଷତିପୂରଣ ଦେବାର ଇଚ୍ଛା ପ୍ରକାଶ କରୁନାହାନ୍ତି।

ଏହା ସ୍ୱୀକାରଯୋଗ୍ୟ ଯେ, ଥରେ ଓଡ଼ିଶା ପୋଲିସ ଚାକିରିରେ ପ୍ରବେଶ କରିବା ପରେ, ସମ୍ଭବତଃ, ୯୯% ଅଧିକାରୀ ନିଜ ଜୀବନ ବଞ୍ଚାଇବାକୁ ଦୌଡ଼ି ପାରିବେ ନାହିଁ। କେବଳ ନିରୀହ ଜନସାଧାରଣଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିବା, ଅପରାଧୀଙ୍କ ସହିତ ହାତ ମିଳାଇବା, ତଦନ୍ତରେ ବାରମ୍ବାର ନିଜର ଅପାରଗତା ପ୍ରମାଣ କରିବା, ମାଓବାଦୀଙ୍କ ବିରୋଧରେ ଅନ୍ୟ ରାଜ୍ୟର ପୋଲିସ ନେଉଥିବା ପଦକ୍ଷେପକୁ ନିଜର ବୋଲି ଦାବି କରିବା, ସବୁ ପ୍ରକାରର ଦୁର୍ନୀତି ଏବଂ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ରହିବା ହୋଇଗଲାଣି ଓଡ଼ିଶା ପୋଲିସର ପରିଚୟ। ଏହି ପ୍ରଚ୍ଛଦପଟରେ ବାରମ୍ବାର ଚାକିରି ଆଶାୟୀ ଓଡ଼ିଆ ଯୁବକଙ୍କ ମୃତ୍ୟୁ ଘଟୁଥିବା ସତ୍ତ୍ୱେ ବ୍ୟବସ୍ଥାର ପରିବର୍ତ୍ତନ କରା ନ ଯିବା ହେଉଛି ବିକୃତ ସରକାରୀ ମାନସିକତାର ପ୍ରତୀକ। ଏହା ଅତ୍ୟନ୍ତ ଦୁଃଖଦାୟକ ଯେ, ସରକାରୀ କର୍ମକର୍ତ୍ତାଙ୍କ ଦ୍ୱାରା କରାଯାଉଥିବା ହତ୍ୟା ପ୍ରତି ଆମର ନ୍ୟାୟ ବ୍ୟବସ୍ଥାରେ କୌଣସି ପ୍ରତିକାର ନାହିଁ। ତାହାଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ, ସାମାଜିକ ଓ ଗଣମାଧ୍ୟମସ୍ତରରେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ କେହି ନାହିଁ। ଆଜି ଓଡ଼ିଆ ଯୁବକ 'ମଲେ ଗଲେ'। ସେମାନଙ୍କର କେହି ସାହାଭରସା ନାହିଁ।

**ତଥାଗତ ସତପଥୀ**

# ଆମ୍ବକୋଇଲି ପିଠା ଖାଇ ପରିବାରର ୩ ମୃତ

- ସମସ୍ତ ମୃତକ ମହିଳା, ଜଣେ ଗୁରୁତର
- ମୃତକଙ୍କ ମଧ୍ୟରେ ଜଣେ ଓ୍ୱାର୍ଡ ସଭ୍ୟା
- ଗାଁରୁ ଜବତ ହେଲା କୋଇଲି ଗୁଣ୍ଡ
- ଝାଡ଼ାବାନ୍ତି ହେବାରୁ ଗୁଣିଗାରେଡି ସନ୍ଦେହରେ କରିଥିଲେ ଝଡାଫୁଙ୍କା


ମଇନାପଦର ଗାଁରେ ପ୍ରଶାସନିକ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ନବରଙ୍ଗପୁର/ଝରିଗାଁ ୨୧।୮(ବି.ପ୍ର./ସ୍ୱ.ପ୍ର.)**

ଆମ୍ବକୋଇଲି ପିଠା ଖାଇ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ଗୁରୁତର ଅସୁସ୍ଥ ହୋଇପଡ଼ିଛନ୍ତି। ଘଟଣାଟି ଘଟିଛି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଗୁରୁସିଙ୍ଗା ପଞ୍ଚାୟତର ମଇନାପଦର। ମୃତକମାନେ ହେଲେ ଡମ୍ବରୁ ସାନ୍ତାଙ୍କ ୨ ବୋହୂ ସୁଧମଣି ସାନ୍ତା (୩୦), ପ୍ରମିଳା ସାନ୍ତା (୨୮) ଓ ଝିଅ ନମିତା ସାନ୍ତା (୧୬)। ଗୁରୁତର ଅବସ୍ଥାରେ ଡମ୍ବୁରଙ୍କ ନାତି ପ୍ରକାଶ(୬)କୋରାପୁଟ ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି। ଏହି ଖବର ପାଇବା ପରେ ଗାଁରେ ଡାକ୍ତରୀ ଟିମ, ବିଡିଓ, ତହସିଲଦାର, ଜିଲାପରିଷଦ ସଭ୍ୟ ମୋହନ ନାୟକ ପହଞ୍ଚି ଅନ୍ୟ ଘର ମାନଙ୍କରେ ଥିବା ଆମ୍ବ କୋଇଲି ଗୁଣ୍ଡ ଓ ତିଆରି ହୋଇଥିବା ପିଠା ଜବତ କରିଛନ୍ତି। ସୁଧମଣି ହେଉଛନ୍ତି ଗୁରୁସିଙ୍ଗା ପଞ୍ଚାୟତର ଓ୍ୱାର୍ଡ ସଭ୍ୟା।

ମଇନାପଦର ଗାଁର ଡମ୍ବରୁ ସାନ୍ତାଙ୍କ ଦୁଇ ପୁଅ ହେଲେ ଅର୍ଜୁନ ଓ ଅବିନାଶ। ଗତ ବୁଧବାର ଡମ୍ବୁରଙ୍କ ଘରେ ଆମ୍ବ କୋଇଲି ଗୁଣ୍ଡରେ ପିଠା ତିଆରି ହୋଇଥିଲା। ଏହାକୁ ଗ୍ରାମର ସମସ୍ତେ ଖାଇଥିଲେ। ଅର୍ଜୁନଙ୍କ କହିବା ଅନୁଯାୟୀ ସୋମବାର ସକାଳେ ଟ୍ରାକ୍ଟର ନେଇ ବାଲି ଆଣିବା ପାଇଁ ସେ ଯାଇଥିଲେ। ସାନଭାଇ ଅବିନାଶ ଜମିକୁ ଯାଇଥିଲେ। ବାପା ଡମ୍ବରୁ ଘରେ ନ ଥିଲେ। ଅର୍ଜୁନଙ୍କ ସ୍ତ୍ରୀ ସୁଧମଣି ଆମ୍ବ କୋଇଲି ଗୁଣ୍ଡରୁ ପିଠା ତିଆରି କରିଥିଲେ। ତାହାକୁ ସୁଧମଣି, ☞ପୃଷ୍ଠା-୧୬

## ପରଲୋକରେ ଯଦୁନାଥ

**ଭୁବନେଶ୍ୱର,(ବ୍ୟୁରୋ)/ସୋର,୨୧।୮(ଡି.ଏନ.ଏ.)**


ଯଦୁନାଥ ଦାସମହାପାତ୍ର

ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ସାରସ୍ୱତ ପୁରୁଷ ଯଦୁନାଥ ଦାସମହାପାତ୍ରଙ୍କ ୮୯ ବର୍ଷ ବୟସରେ ମଙ୍ଗଳବାର ପରଲୋକ ହୋଇଯାଇଛି। ଯଦୁନାଥଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ୪ ପୁଅ, ବୋହୂ, ୩ ଝିଅ ଓ ସମସ୍ତ ନାତିନାତୁଣୀ ଉପସ୍ଥିତ ଥିଲେ। ଡାକ୍ତରଖାନାରୁ ତାଙ୍କ ମରଶରୀରକୁ ଭୁବନେଶ୍ୱର ଆଇଆରସି ଭିଲେଜସ୍ଥିତ ବାସଭବନକୁ ଅଣାଯାଇ ଶେଷଦର୍ଶନ ପାଇଁ ରଖାଯାଇଛି। ବହୁ ରାଜନେତା, ସାହିତ୍ୟିକ ଏବଂ ବିଶିଷ୍ଟ ବ୍ୟକ୍ତି ଡାକ୍ତରଖାନା ଓ ବାସଭବନକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ବୁଧବାର ସକାଳେ ତାଙ୍କ ମରଶରୀରକୁ ଜନ୍ମସ୍ଥାନ ବାଲେଶ୍ୱର ଜିଲା ☞ପୃଷ୍ଠା-୧୬

## ଚାକିରି ପାଇଁ ଜୀବନ ଗଲା

### ଆଇଆର୍‌ବିରେ ନିଯୁକ୍ତି ପାଇଁ ଦୌଡ଼ ବେଳେ ଜଣେ ପରୀକ୍ଷାର୍ଥୀ ମୃତ, ୨ ଗୁରୁତର

**ବୌଦ୍ଧ,୨୧।୮(ସ୍ୱ.ପ୍ର.):** ଚାକିରି ପାଇଁ ଆସି ଜଣେ ଯୁବକଙ୍କ ଜୀବନ ଯାଇଛି। ବୌଦ୍ଧ ଜିଲାରେ ଥିବା ପଞ୍ଚମ ଭାରତୀୟ ରିଜର୍ଭ ବାଟାଲିୟନ (ଆଇଆର୍‌ବି)ରେ ନିଯୁକ୍ତି ପାଇଁ ମଙ୍ଗଳବାର ଦୌଡ଼ ପ୍ରତିଯୋଗିତା ବେଳେ ଘଟିଛି ଏଭଳି ଘଟଣା। ମୃତକ ହେଲେ ନୟାଗଡ଼ ଜିଲା ନୂଆଗାଁ ଥାନା ସୋରଡ଼ା ଗ୍ରାମର ପ୍ରବାସୀ ନାଏକ (୨୧)। ସେହିପରି ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କରଡ଼ି ଗ୍ରାମର ପ୍ରଭାତ କୁମାର ସାହୁ ଓ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଗେଲେଇକୁଟୁଣି ଗ୍ରାମର କୁନା ନାଏକ ମଧ୍ୟ ଦୌଡୁଥିବାବେଳେ ଗୁରୁତର ଅସୁସ୍ଥ ହୋଇପଡ଼ିଛନ୍ତି। ଉଭୟଙ୍କୁ ବୌଦ୍ଧ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଚିକିତ୍ସା ପରେ ଏବେ ସେମାନେ ବିପଦମୁକ୍ତ ଥିବା ଡାକ୍ତର ପ୍ରକାଶ କରିଛନ୍ତି। ବୌଦ୍ଧ ଆଇଆର୍‌ବିରେ ବିଭିନ୍ନ ବର୍ଗର ୧୮୧ ଯବାନ ପଦବୀ ପାଇଁ ମଙ୍ଗଳବାର ☞ପୃଷ୍ଠା-୧୬

# ଏସିଆନ ଗେମ୍ସ: ସୌରଭଙ୍କୁ ସ୍ୱର୍ଣ୍ଣ

**ପାଲେମବାଙ୍ଗ, ୨୧।୮(ପି.ଟି.):** ଏସିଆନ ଗେମ୍ସର ତୃତୀୟ ଦିବସରେ ଭାରତୀୟ ପ୍ରତିଯୋଗୀମାନେ ଆଶାନୁରୂପ ପ୍ରଦର୍ଶନ କରି ଏକାଧିକ ପଦକ ହାସଲ କରିଛନ୍ତି। କେବଳ ଶୁଟିଂରେ ଭାରତୀୟ ଖେଳାଳିମାନେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ୧୬ ବର୍ଷୀୟ ଶୁଟର ସୌରଭ ଚୌଧୁରୀ ସ୍ୱର୍ଣ୍ଣ ପଦକ ହାସଲ କରି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ବାଜି ମାରି ସେ ଭାରତର ସର୍ବକନିଷ୍ଠ ଶୁଟର ଭାବେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ସେହିପରି ଅନ୍ୟତମ ଅଭିଜ୍ଞ ଶୁଟର ସଞ୍ଜୀବ ରାଜପୁତ୍ ମଧ୍ୟ ରୌପ୍ୟ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣିଦେଇଛନ୍ତି। ୫୦ ମିଟର ରାଇଫଲ ୩ ପୋଜିଶନ ଇଭେଣ୍ଟରେ ସେ ଏହି ସଫଳତା ହାସଲ କରିଛନ୍ତି। ଅନ୍ୟପଟେ ୨୯ ବର୍ଷୀୟ ଶୁଟର ଅଭିଷେକ ବର୍ମା ଆନ୍ତର୍ଜାତିକ ପଦାର୍ପଣରେ ସଫଳତା ପାଇଛନ୍ତି। ସେ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ୨୧୯.୩ ଶୁଟ କରି ବ୍ରୋଞ୍ଜ୍ ଜିତିଛନ୍ତି।

ଉତ୍ତର ପ୍ରଦେଶର ମିରଟ ସହରସ୍ଥିତ କଲିନା ଗାଁର ଜଣେ କୃଷକଙ୍କ ପୁଅ ସୌରଭ ପଞ୍ଚମ ଭାରତୀୟ ଭାବେ ଶୁଟିଂରେ ଏସିଆଡ ସ୍ୱର୍ଣ୍ଣ ଜିତି ☞ପୃଷ୍ଠା-୧୬







**ଆଜିର ମନ୍ତବ୍ୟ**

"ଦେଶରେ ଗଣତନ୍ତ୍ର ସମ୍ପୂର୍ଣ୍ଣ ଭୁଶୁଡ଼ିପଡ଼ିଛି।
- ଶତ୍ରୁଘ୍ନ ସିହ୍ନା, ଭାଜପା ଏମ୍‌ପି

**କିଛି ତଥ୍ୟ**

୨୦୧୭ ଡିସେମ୍ବର ଶେଷ ସୁଦ୍ଧା ଦେଶରେ ମୋଟ ୩୫ କୋଟି ୯୪ ଲକ୍ଷ ଲୋକଙ୍କୁ ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର(ପାନ୍) ମିଳିଥିଲା। ୨୦୧୮ ମାର୍ଚ୍ଚ ଶେଷ ସୁଦ୍ଧା ଏହା ୩୭.୯ କୋଟିକୁ ବୃଦ୍ଧି ପାଇଛି।
-ଆୟକର ବିଭାଗ

**ମନ୍ଦସୌର୍ ଗଣବଳାତ୍କାର ୨ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ** ୨






"ବାଂଲାଦେଶକୁ ଗଣପଳାୟନ କରିଥିବା ମୁସଲିମ୍ ରୋହିଙ୍ଗ୍ୟାମାନଙ୍କୁ ଫେରାଇ ଆଣିବା ବିଳମ୍ବିତ ହୋଇପାରେ। ଏହି କ୍ଷେତ୍ରରେ ମ୍ୟାନ୍‌ମାରକୁ ବାଂଲାଦେଶର ସହାୟତା ଆବଶ୍ୟକ।

-ସ୍ୟୁ କୀ, ମ୍ୟାନ୍‌ମାର ଷ୍ଟେଟ୍ କାଉନ୍‌ସେଲର

## ସଂକ୍ଷେପରେ

### ବିଦେଶୀ ଦାନ ଗ୍ରହଣ କରି ନ ପାରେ କେନ୍ଦ୍ର

ନୂଆଦିଲ୍ଲୀ, ୨୧।୮ (ପି.ଟି.): କେରଳର ବନ୍ୟାବିପନ୍ନଙ୍କ ଥଇଥାନ ପାଇଁ ସହାୟତା ରାଶି ପ୍ରଦାନ କରିବାକୁ କେତେକ ରାଷ୍ଟ୍ର ଘୋଷଣା କରିଛନ୍ତି। କିନ୍ତୁ ଏହାକୁ କେନ୍ଦ୍ର ସରକାର ଗ୍ରହଣ କରି ନ ପାରନ୍ତି। ଏକ ସରକାରୀ ସୂତ୍ରରୁ ମଙ୍ଗଳବାର ଏହା ଜଣାପଡ଼ିଛି। ୟୁଏଇ ୭୦୦ କୋଟି ଟଙ୍କା, ମାଳଦ୍ୱୀପ ୩୫ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ଜାତିସଂଘ ମଧ୍ୟ ଆର୍ଥିକ ସହଯୋଗ କରିବ ବୋଲି କହିଛି। କିନ୍ତୁ ଏସବୁ ସାହାଯ୍ୟକୁ କେନ୍ଦ୍ର ଗ୍ରହଣ କରିବ ନାହିଁ କୁହାଯାଉଛି।

### ବଙ୍ଗୋପସାଗରରେ ଦୁଇଟି ଲଘୁଚାପ କେରଳ ବିପତ୍ତିର କାରଣ

ନୂଆଦିଲ୍ଲୀ, ୨୧।୮ (ପି.ଟି.): ପ୍ରବଳ ବର୍ଷା ଯୋଗୁଁ ବହୁ ରାଜ୍ୟରେ ଏବେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବିଶେଷ କରି କେରଳରେ ବନ୍ୟାର ତାଣ୍ଡବଲୀଳା ଦେଖିବାକୁ ମିଳିଛି। ବିଶେଷଜ୍ଞଙ୍କ କହିବା ଅନୁସାରେ ବଙ୍ଗୋପସାଗରରେ ଦୁଇଟି ଲଘୁଚାପ ଯୋଗୁଁ କେରଳରେ ଚଳିତ ମାସ ପ୍ରବଳ ବର୍ଷା ହୋଇଛି। ଜୁନ୍ ଓ ଜୁଲାଇରେ ବର୍ଷାର ପରିମାଣ ସାମାନ୍ୟ ରହିଥିଲା। ଅଗଷ୍ଟ ୧ରୁ ୧୯ ଭିତରେ ଅଧିକ ବୃଷ୍ଟିପାତ ହୋଇଥିବା ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ପାଣିପାଗ ବିଭାଗ ସ୍କାଏମେଟ୍‌ର ଅଧ୍ୟକ୍ଷ ଜି.ପି.ଶର୍ମା କହିଛନ୍ତି କୋଙ୍କଣରୁ କେରଳ ପର୍ଯ୍ୟନ୍ତ ଲାଗିଥିବା ପଶ୍ଚିମଘାଟରେ ଲଘୁଚାପ ସୃଷ୍ଟି ହୋଇଛି। ସ୍କାଇମେଟର ଉପାଧ୍ୟକ୍ଷ ମହେଶ ପଲାୱତ୍ କହିଛନ୍ତି, ରାଜ୍ୟରେ ମୌସୁମୀ ପୂର୍ବରୁ ସକ୍ରିୟ ଥିଲା। ଦକ୍ଷିଣ ପୂର୍ବ ଆରବ ସାଗରରେ ଏକ ଘୂର୍ଣ୍ଣିଝଡ଼ ସୃଷ୍ଟି ହେବା କାରଣରୁ କେରଳ ଓ ଦକ୍ଷିଣ ଉପକୂଳ କର୍ଣ୍ଣାଟକକୁ ପ୍ରଭାବିତ କରିଥିଲା। ଏହାଛଡା ଓଡିଶାରେ ଦୁଇଟି ଲଘୁଚାପ ୭ ଓ ୧୩ ଅଗଷ୍ଟରେ ହୋଇଥିଲା। ଯାହାଫଳରେ ମଧ୍ୟଭାରତରେ ପ୍ରବଳ ବର୍ଷା ହୋଇଥିଲା।

# ଥଳ ଖୋଜୁଛି କେରଳ



- ପୁନର୍ନିର୍ମାଣ କାର୍ଯ୍ୟ ଲାଗି ସହାୟତା ଲୋଡ଼ିଲେ ବିଜୟନ୍
- ୭୦୦ କୋଟି ଦେବାକୁ ୟୁଏଇର ପ୍ରତିଶ୍ରୁତି
- ୬୦୦ କୋଟି ଟଙ୍କା ମଞ୍ଜୁର କଲା କେନ୍ଦ୍ର
- ୨,୬୦୦ କୋଟିର ସ୍ୱତନ୍ତ୍ର ପ୍ୟାକେଜ୍ ପାଇଁ ଦାବି
- ଅଗଷ୍ଟ ୮ରୁ ମୃତ୍ୟୁସଂଖ୍ୟା ୨୩୧

କୋଚି/ନୂଆଦିଲ୍ଲୀ, ୨୧।୮ (ପି.ଟି.)

ପ୍ରଳୟଙ୍କରୀ ବନ୍ୟା କେରଳରେ ରଚାଇଛି ତାଣ୍ଡବ। ଅଥଳ ଜଳରେ ଉବୁଟୁବୁ ରାଜ୍ୟବାସୀ। ବର୍ଷା ବିପ୍ଳବ ଲକ୍ଷ ଲକ୍ଷ ଲୋକଙ୍କୁ ସର୍ବସ୍ୱାନ୍ତ କରିଦେଇଛି। ଏହି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ତିନି ସୁରକ୍ଷା ବାହିନୀ ଏବଂ ଏନ୍‌ଡିଆର୍‌ଏଫ୍ ସମେତ ସ୍ୱତନ୍ତ୍ର ବଳ ଲାଗିପଡ଼ିଛନ୍ତି। ବିଭିନ୍ନ ରାଜ୍ୟ ମଧ୍ୟ ବଢ଼ାଉଛନ୍ତି ସହଯୋଗର ହାତ। ଉଦ୍ଧାରକାରୀ ଦଳ ଓ ରିଲିଫ୍ ସାମଗ୍ରୀ ପଠାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ଅନେକ ରାଜ୍ୟ। ତଥାପି ଥଳ ଖୋଜୁଛନ୍ତି ରାଜ୍ୟ ସରକାର। ମଙ୍ଗଳବାର କେନ୍ଦ୍ର ସରକାର ୬୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଘୋର୍ ବିପତ୍ତି ସମୟରେ ବିଦେଶରୁ ମିଳିଛି ସାହାଯ୍ୟ। ବନ୍ୟା ଯୋଗୁ ଧ୍ୱସ୍ତବିଧ୍ୱସ୍ତ ହୋଇଥିବା କେରଳରେ ପୁନଃନିର୍ମାଣ କାର୍ଯ୍ୟ ଲାଗି ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ୭୦୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିବ ବୋଲି ଆଗଭର ହୋଇଛି। ଏ ସମ୍ପର୍କରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଘୋଷଣା କରିଛନ୍ତି। ଅଗଷ୍ଟ ୮ରୁ ଏବେସୁଦ୍ଧା କେରଳରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୨୩୧ ହୋଇଛି।

ପ୍ରକୃତିର କୋପ ଯୋଗୁ କେରଳରେ ହାହାକାର ଖେଳିଯାଇଛି। ବନ୍ୟା ଲାଗି ପ୍ରାୟ ୧୯,୦୦୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବା କେରଳ ସରକାର କହିଛନ୍ତି। ପ୍ରାଥମିକ ସ୍ତରରେ ୨,୬୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଦେବାକୁ ମଙ୍ଗଳବାର କେନ୍ଦ୍ର ନିକଟରେ ଦାବି କରିଛନ୍ତି କେରଳ ସରକାର। କ୍ୟାବିନେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ ବିଜୟନ୍ ଏ ସମ୍ପର୍କରେ ପ୍ରକାଶ କରିଛନ୍ତି। ଏଯାବତ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫୦୦ କୋଟି, ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ୧୦୦ କୋଟି ଏବଂ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ କିରେନ୍ ରିଜିଜୁ ୮୦ କୋଟି ଟଙ୍କାର ସହାୟତା ରାଶି ଦେବା ଲାଗି ଘୋଷଣା କରିଛନ୍ତି। ମୋଟ ୬୮୦ କୋଟିରୁ ୬୦୦ ଟଙ୍କାର ସହାୟତା ରାଶି ମଞ୍ଜୁର ହୋଇସାରିଛି। ସେହିପରି ରିଲିଫ୍ ସାମଗ୍ରୀ ଉପରେ ଜିଏସ୍‌ଟି ଲାଗୁ ହେବ ନାହିଁ ବୋଲି ସରକାର କହିଛନ୍ତି। ତେବେ ପ୍ରଧାନମନ୍ତ୍ରୀ କେରଳ ପ୍ରତି ଅଧିକ ଉଦାର ହେବା ଦରକାର ବୋଲି ସିପିଆଇ କହିଛି। ବିଭିନ୍ନ ରାଜ୍ୟ ଏବଂ ସରକାରୀ ଅଧିକାରୀ ଓ ଘରୋଇ ତଥା କର୍ପୋରେଟ୍ ସଂସ୍ଥା ମଧ୍ୟ ସହଯୋଗର ହାତ ବଢ଼ାଇଛନ୍ତି। କିନ୍ତୁ କେରଳକୁ ପୁଣିଥରେ ଗଢ଼ିତୋଳିବା ପାଇଁ ୟୁଏଇ ୭୦୦ କୋଟି ଟଙ୍କା ପ୍ରଦାନ କରିବ ବୋଲି ପ୍ରତିଶ୍ରୁତି ଦେଇଥିବା ବିଜୟନ୍ କହିଛନ୍ତି। ନିକଟରେ ୟୁଏଇ ଉପରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ରଶିଦ୍ ଅଲ୍ ମାକ୍‌ତୋମ୍ ଟୁଇଟ୍ କରି କେରଳ ବନ୍ୟା ବିପର୍ଯ୍ୟୟ ପାଇଁ ସମବେଦନା ଜଣାଇଥିଲେ। ୟୁଏଇର ସଫଳ ଇତିହାସରେ କେରଳବାସୀଙ୍କ ଅନେକ ଅବଦାନ ରହିଛି ବୋଲି ସେ କହିଥିଲେ। ମଙ୍ଗଳବାର ଜମ୍ମୁ-କଶ୍ମୀରର ବ୍ୟାଙ୍କ କର୍ମଚାରୀମାନେ କେରଳକୁ ୧୧ କୋଟି ଟଙ୍କା ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। ମିଜୋରାମ୍ ୨ କୋଟି ଓ ତ୍ରିପୁରା ସରକାର ୧ କୋଟି ଟଙ୍କା ପ୍ରଦାନ କରିବେ। ରିଲିଫ୍ ଅପରେଶନ୍‌ରେ ସହଯୋଗ କରିବା ପାଇଁ ରାଜ୍ୟଗୁଡ଼ିକର ମହିଳା କମିଶନ୍ ସଦସ୍ୟଙ୍କୁ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମା କହିଛନ୍ତି।

କେରଳରେ ବର୍ଷା, ଭୂସ୍ଖଳନ, ବନ୍ୟାର କରାଳ ରୂପ ଯୋଗୁ ମେ ୩୦ରୁ ଏଯାବତ୍ ୩୮୧ ଜଣଙ୍କ ପ୍ରାଣହାନି ଘଟିଥିବା ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ପକ୍ଷରୁ କୁହାଯାଇଛି।। ଆତ୍ମୀୟଙ୍କୁ ହରାଇଥିବା ପରିବାର ଲୋକଙ୍କ ଦୁଃଖ କହିଲେ ନ ସରେ। ଧୀରେ ଧୀରେ କେତେକ ଅଞ୍ଚଳରେ ବନ୍ୟା ଜଳସ୍ତର କମିବାରେ ଲାଗିଛି। ଅନେକ ଦିନ ପରେ ମଙ୍ଗଳବାର ରାଜ୍ୟର କେତେକ ଅଞ୍ଚଳରେ ସୂର୍ଯ୍ୟ କିରଣ ପଡ଼ିଛି। ଫଳରେ ଲୋକେ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। ତେବେ ଏର୍ନାକୁଲମ୍, ଥ୍ରିସୂର, ପାଥନ୍‌ମଥିଟ୍ଟା, ଆଲପ୍ପୁଝା ଓ କୋଲ୍ଲମ୍ ଜିଲା ଉବୁଟୁବୁ ହେଉଛି। ବର୍ତ୍ତମାନ ପରିସ୍ଥିତିରେ ଉଜୁଡ଼ିଯାଇଥିବା କେରଳକୁ ସଜାଡ଼ିବାକୁ ପଡ଼ିବ ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ କେ.ଜେ. ଆଲଫନ୍ସ କହିଛନ୍ତି। କ୍ଷୁଧାତୁର ଲୋକଙ୍କୁ ରନ୍ଧା ଓ ପ୍ୟାକେଟ ଖାଦ୍ୟ ଯୋଗାଇବା ହେଉଛି ପ୍ରଥମ କାର୍ଯ୍ୟ। ସେହିପରି ଅଧିକ ସଂଖ୍ୟକ ଡାକ୍ତର ଓ ନର୍ସଙ୍କୁ ସେବାରେ ଲଗାଇବା ଅତ୍ୟନ୍ତ ଅପରିହାର୍ଯ୍ୟ। ଏବେ ଲୋକେ ରିଲିଫ୍ କ୍ୟାମ୍ପ ଛାଡ଼ି ନିଜ ଘରକୁ ଫେରିବେ। ଭାଙ୍ଗିଯାଇଥିବା ଘରକୁ ସଜାଡ଼ିବା ପାଇଁ ଗୁରୁତ୍ୱ ଦିଆଯାଉ ବୋଲି ଆଲଫନ୍ସ କହିଛନ୍ତି।

କେରଳ ବିପନ୍ନଙ୍କୁ ସହାୟତା ଯୋଗାଇବା ଲାଗି ଏକ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ମଧ୍ୟ ହୋଇଛି। ଚେନ୍ନାଇର ୫ ଉଦ୍ୟୋକ୍ତା 'EachOne-HostOne.com' ନାମରେ ଏକ ୱେବ୍‌ସାଇଟ୍ ଖୋଲିଛନ୍ତି। ବିପନ୍ନଙ୍କୁ ଉଦ୍ଧାର କରିବା ପାଇଁ ଏଚ୍‌ଏଏମ୍ ରେଡିଓ ଅପରେଟର ମଧ୍ୟ ସାହାଯ୍ୟ ହେଉଛି।



ବନ୍ୟା ପାଣି ଘେରରେ ଉବୁଟୁବୁ କେରଳର ଏକ ଅଞ୍ଚଳ।

## ୧୪ ଲକ୍ଷ ଲୋକ ବାସହରା

ଥିରୁଭାନନ୍ତପୁରମ୍, ୨୧।୮ (ପି.ଟି.)

ବନ୍ୟା ଯୋଗୁ କେରଳର ୧୪ ଲକ୍ଷ ଲୋକ ବାସହରା ହୋଇପଡ଼ିଛନ୍ତି। ଘରଦ୍ୱାର ଭାଙ୍ଗିଯାଇଥିବାରୁ ସେମାନେ ଆଶ୍ରୟସ୍ଥଳୀରେ ମୁଣ୍ଡ ଗୁଞ୍ଜିଛନ୍ତି। ତନ୍ମଧ୍ୟରେ ୨.୧୨ ଲକ୍ଷ ମହିଳା ଏବଂ ୧ ଲକ୍ଷ ଶିଶୁ ଅଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ୩,୨୦୦ ରିଲିଫ୍ କ୍ୟାମ୍ପ ପ୍ରତିଷ୍ଠା ହୋଇଛି। ଗତ ପାଞ୍ଚଦିନରେ ୧.୬୩ ଲକ୍ଷ ଲୋକଙ୍କୁ ପାଣି ଘେରରୁ ଉଦ୍ଧାର କରାଯାଇଛି। ଭାରତୀୟ ବାୟୁସେନା ୬୬୩ ଜଣଙ୍କୁ ଉଦ୍ଧାର କରିବା ସହ ୯୭୪ ଟନ୍ ରିଲିଫ୍ ସାମଗ୍ରୀ ଯୋଗାଇ ସାରିଲାଣି। ବିଭିନ୍ନ ସ୍ଥାନରେ ଲୋକଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ ହେଉଛି। କୋଚିନ୍ ବନ୍ଦରରେ ବିପୁଳ ରିଲିଫ୍ ସାମଗ୍ରୀ ପହଞ୍ଚିଛି। ବନ୍ୟା ଯୋଗୁ କୋଚି ବିମାନବନ୍ଦରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଠାରେ ୨୨୦ କୋଟି ଟଙ୍କାର କ୍ଷତି ଆକଳନ କରାଯାଇଛି। ବିମାନସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ବିମାନବନ୍ଦରରେ ପୁନଃନିର୍ମାଣ କାର୍ଯ୍ୟ ଚାଲିଛି। ସେହିପରି ଭାଙ୍ଗିଯାଇଥିବା ରେଳପଥର ମରାମତି କାର୍ଯ୍ୟ ମଧ୍ୟ ଚାଲିଛି।

ବନ୍ୟା ଯୋଗୁ କେରଳରେ 'ଓଣମ୍' ଏବଂ 'ବକ୍ରିଦ୍' ପର୍ବ ଫିକା ପଡ଼ିଯାଇଛି। ଲୋକମାନେ ଦୁର୍ଦ୍ଦଶା ଭୋଗୁଥିବାରୁ ପର୍ବ ପାଳନର ବାତାବରଣ ନାହିଁ। ବୁଧବାର ମୁସଲମାନ ସମ୍ପ୍ରଦାୟ ଇଦ୍-ଉଲ୍-ଜୁହା ବା ବକ୍ରିଦ୍ ପାଳନ କରିବେ। ସେହିପରି ଅଗଷ୍ଟ ୨୫ରେ କେରଳର କୃଷିଭିତ୍ତିକ ପର୍ବ ଓଣମ୍ ପଡୁଛି। କିନ୍ତୁ ବନ୍ୟା ପାଣି ସହ ଲୋକଙ୍କ ଖୁସି ମଧ୍ୟ ଧୋଇଯାଇଛି।



## ଶୋକବ୍ୟକ୍ତ କଲେ ପୁଟିନ୍

ମସ୍କୋ/ନୂଆଦିଲ୍ଲୀ, ୨୧।୮ (ପି.ଟି.)



କେରଳ ବନ୍ୟାରେ ଅନେକ ଧନଜୀବନ ନଷ୍ଟ ହୋଇଥିବାରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଶୋକବ୍ୟକ୍ତ କରିଛନ୍ତି। ଏଭଳି ଏକ ବିପତ୍ତିବେଳେ ବନ୍ଧୁତା ଆଚରଣ କରୁଥିବା ଭାରତବାସୀଙ୍କ ସହ ତାଙ୍କ ଦେଶ ଦୁଃଖ ବାଣ୍ଟୁଛି ବୋଲି ସେ କହିଛନ୍ତି। ଅଗଷ୍ଟ ୨୦ ତାରିଖରେ ସେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଚିଠି ଲେଖିଛନ୍ତି। କେରଳ ବନ୍ୟା ସଙ୍କଟର ମୁକାବିଲା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ନେଇଥିବା ପଦକ୍ଷେପକୁ ନୂଆଦିଲ୍ଲୀରେ ଅବସ୍ଥାପିତ ରୁଷିଆ ଆମ୍ବାସାଡର ନିକୋଲେ କୁଦାଶେଭ ପ୍ରଶଂସା କରିଛନ୍ତି।

### କର୍ଣ୍ଣାଟକ ବନ୍ୟା: ମୃତ୍ୟୁସଂଖ୍ୟା ୧୨

## ମନ୍ଦିର, ମଦ୍ରାସା ପାଲଟିଲା ରିଲିଫ୍ କ୍ୟାମ୍ପ

ସୁଣ୍ଟିକୋପ୍ପା, ୨୧।୮ (ପି.ଟି.)

ଲଗାଣ ବର୍ଷା ଯୋଗୁ କର୍ଣ୍ଣାଟକର କେତେକ ଭାଗରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବର୍ଷାଜନିତ ବିଭିନ୍ନ ଅଘଟଣ ଘଟି ୧୨ ଜଣ ପ୍ରାଣ ହରାଇଛନ୍ତି। କୋଡାଗୁ ଜିଲାରେ ସର୍ବାଧିକ କ୍ଷୟକ୍ଷତି ହୋଇଛି। ଏହି ବିପଦ ସମୟରେ ଲୋକଙ୍କ ମଧ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବନା ଦେଖିବାକୁ ମିଳିଛି। ସୁଣ୍ଟିକୋପ୍ପା ସହରର ମନ୍ଦିର, ଚର୍ଚ୍ଚ, ମଦ୍ରାସା ପାଲଟିଛି ରିଲିଫ୍ କ୍ୟାମ୍ପ। ଏସବୁ ସ୍ଥାନରେ ବିପନ୍ନ ଆଶ୍ରୟ ନେଇଛନ୍ତି। ମଦ୍ରାସାରେ କମ୍ୟୁନିଟି କିଚେନ୍ କରି ରନ୍ଧାଖାଦ୍ୟ ମନ୍ଦିର ଏବଂ ଚର୍ଚ୍ଚରେ ଥିବା ଲୋକଙ୍କୁ ବଣ୍ଟାଯାଉଛି। ଏହି ଭାଇଚାରା ଦେଖି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଙ୍ଗଳବାର ପ୍ରଶଂସା କରିଛନ୍ତି। ଟୁଇଟରରେ ସେ ଲେଖିଛନ୍ତି ଯେ, "ବିପତ୍ତିବେଳେ କର୍ଣ୍ଣାଟକର କୋଡାଗୁର ସୁଣ୍ଟିକୋପ୍ପା ଭଳି ଛୋଟ ସହରରେ ବନ୍ୟା ପ୍ରପୀଡ଼ିତଙ୍କୁ ସାହାଯ୍ୟ କରିବା ପାଇଁ



ଭଗବାନ ଶିବ, ଶ୍ରୀରାମ, ଯୀଶୁ ଖ୍ରୀଷ୍ଟ, ଆଲ୍ଲା ଏବଂ ବୁଦ୍ଧ ଏକାଠି କାର୍ଯ୍ୟ କରୁଛନ୍ତି। ଏ ହେଉଛି ଭାରତ।"

କର୍ଣ୍ଣାଟକ ବନ୍ୟା ପୀଡ଼ିତଙ୍କ ପାଇଁ ୧୦୦ କୋଟି ଟଙ୍କାର ରିଲିଫ୍ ପାଣ୍ଠି ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଦାବି କରିଛନ୍ତି। ଅପରପକ୍ଷେ କେନ୍ଦ୍ରୀୟ ସହାୟତା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା କରିବେ ବୋଲି କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ଅନନ୍ତ କୁମାର କହିଛନ୍ତି। ସେହିପରି କର୍ଣ୍ଣାଟକର ଭାଜପା ମୁଖ୍ୟ ବି.ଏସ୍. ୟେଦୁରପ୍ପା ମଧ୍ୟ ବିପନ୍ନଙ୍କ ପାଇଁ ଚିନ୍ତାବ୍ୟକ୍ତ କରିଛନ୍ତି। ବୁଧବାର ସେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବେ ବୋଲି କହିଛନ୍ତି। ପାଣି ଘେରରେ ଥିବା ଲୋକଙ୍କୁ ରିଲିଫ୍ ସାମଗ୍ରୀ ଯୋଗାଇବାକୁ ଉଦ୍ୟମ ହେଉଛି। ତିବ୍ବତୀୟ ଧର୍ମଗୁରୁମାନେ ମଧ୍ୟ ରିଲିଫ୍ କାର୍ଯ୍ୟରେ ଲାଗିପଡ଼ିଛନ୍ତି। ଦୁର୍ଦ୍ଦଶା ଦେଇ ଗତି କରୁଥିବା ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆର୍‌ଏସ୍‌ଏସ୍ କର୍ମୀମାନେ ମଧ୍ୟ ଆଗେଇ ଆସିଛନ୍ତି।

### ତେଲେଙ୍ଗାନାରେ ୪, ଏମ୍‌ପିରେ ୮ ମୃତ

ତେଲେଙ୍ଗାନାରେ ମଧ୍ୟ ପ୍ରବଳ ବର୍ଷା ଯୋଗୁ ଅନେକ ଘରଦ୍ୱାର ନଷ୍ଟ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲାରେ ବର୍ଷାଜନିତ ଦୁର୍ଘଟଣା ଘଟି ୪ ଜଣ ପ୍ରାଣ ହରାଇଛନ୍ତି। ସେହିପରି ମଧ୍ୟପ୍ରଦେଶ (ଏମ୍‌ପି) ରେ ମଧ୍ୟ ବର୍ଷା ବିପ୍ଳବ ସୃଷ୍ଟି ହୋଇଛି। ରାଜ୍ୟର ବିଭିନ୍ନ ଭାଗରେ ୮ ଜଣଙ୍କ ମୃତ୍ୟୁ ହୋଇଛି। ମଣ୍ଡସୌରରେ ବନ୍ୟାଜଳରେ ଏକ କାର୍ ଭାସିଯାଇଛି।

### ଉଜ୍ଜୟିନୀରେ ୪ ବର୍ଷର ଶିଶୁକନ୍ୟାକୁ ବଳାତ୍କାର

## ୭ ଘଣ୍ଟାର ଶୁଣାଣି ପରେ ଦଣ୍ଡବିଧାନ

ଉଜ୍ଜୟିନୀ, ୨୧।୮ (ପି.ଟି.)

ମଧ୍ୟପ୍ରଦେଶର ଉଜ୍ଜୟିନୀଠାରେ ମାତ୍ର ୭ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ହେଲା ବଳାତ୍କାର ମାମଲାର ଶୁଣାଣି। ୫ ଦିନ ମଧ୍ୟରେ ମାମଲାର ତଦନ୍ତ ପ୍ରକ୍ରିୟା ଶେଷ କରାଯାଇ ଅଭିଯୁକ୍ତ ନାବାଳକଙ୍କୁ ଦଣ୍ଡାଦେଶ କରାଯାଇଛି। ଏହି ଘଟଣାକୁ ଦେଶର ଏକ ଶ୍ରେଷ୍ଠ ଫାଷ୍ଟ ଟ୍ରାକ୍ ଶୁଣାଣି ବୋଲି କୁହାଯାଉଛି। ଚାରିବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରିଥିବା ୧୪ ବର୍ଷୀୟ ନାବାଳକଙ୍କୁ ସୋମବାର ଦଣ୍ଡାଦେଶ ହୋଇଛି। ଅଭିଯୁକ୍ତଙ୍କୁ ୨ ବର୍ଷ ପାଇଁ କିଶୋର ସୁଧାର ଗୃହକୁ ପଠାଇ ଦିଆଯାଇଛି। ରାଜ୍ୟର ଉଜ୍ଜୟିନୀ ଜିଲାର ଘାଟିୟା ଗ୍ରାମରେ ଅଗଷ୍ଟ ୧୫ରେ ଶିଶୁକନ୍ୟା ଜଣକ ଅଭିଯୁକ୍ତଙ୍କ ଘରେ ଅନ୍ୟ ପିଲମାନଙ୍କ ସହ ଖେଳୁଥିଲେ। ଏହାର ସୁଯୋଗ ନେଇ ନାବାଳକ ଜଣକ ତାକୁ ବଳାତ୍କାର କରିଥିଲେ। ପୀଡ଼ିତା ପରିବାର ସଦସ୍ୟଙ୍କ ସମ୍ମୁଖରେ ସବୁ କଥା କହିବା ପରେ ସେମାନେ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ରାଜସ୍ଥାନରୁ ନିଜ ସମ୍ପର୍କୀୟଙ୍କ ଘରୁ ଅଭିଯୁକ୍ତ ବାଳକଙ୍କୁ ଗିରଫ କରାଯାଇଥିଲା ବୋଲି ଉଜ୍ଜୟିନୀ ଏସ୍‌ପି ସଚିନ ଅତୁଲ୍‌କର ସୂଚନା ଦେଇଛନ୍ତି। ତେବେ ୫ ଦିନର ତଦନ୍ତ ପରେ ସୋମବାର ପୂର୍ବାହ୍ନ ୧୦.୪୫ ମିନିଟ୍‌ରେ କୋର୍ଟରେ କେସ୍ ଡାଏରୀ ଦାଖଲ କରାଯାଇଥିଲା। ମାତ୍ର ୭ ଘଣ୍ଟାର ଶୁଣାଣିକରି ସନ୍ଧ୍ୟା ୬ଟାରେ ଜୁଭେନାଇଲ୍ ଜଷ୍ଟିସ ବୋର୍ଡ ବିଚାରପତି ତୃପ୍ତି ପାଣ୍ଡେ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ କରିଥିଲେ ବୋଲି ସରକାରୀ ଓକିଲ ଦୀପେନ୍ଦ୍ର ମାଲୁ ସୂଚନା ଦେଇଛନ୍ତି। ଏହି ଶୁଣାଣି ଏବଂ ରାୟ ଜନସାଧାରଣଙ୍କ ଏକ ସକାରାତ୍ମକ ବାର୍ତ୍ତା ଦେଇଥିବା ଉଜ୍ଜୟିନୀ ଏସ୍‌ପି ପ୍ରକାଶ କରିଛନ୍ତି।

## ଦୁଇ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ

ମଣ୍ଡସୌର, ୨୧।୮ (ପି.ଟି.)

ମଣ୍ଡସୌର୍ ନାବାଳିକା ଗଣବଳାତ୍କାର ଘଟଣାରେ ମଙ୍ଗଳବାର ଦୁଇଜଣଙ୍କୁ ମୃତ୍ୟୁଦଣ୍ଡାଦେଶ ହୋଇଛି। ଦୁଇମାସ ମଧ୍ୟରେ ସମ୍ପୂର୍ଣ୍ଣ ତଦନ୍ତ ଏବଂ ନ୍ୟାୟିକ ପ୍ରକ୍ରିୟା ଶେଷ ହେବା ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହୋଇଛି। ମଧ୍ୟପ୍ରଦେଶର ମଣ୍ଡସୌର୍‌ଠାରେ ଜୁନ୍ ୨୬ରେ ୮ ବର୍ଷର ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା ଉଦ୍ୟମ କରାଯାଇଥିଲା। ଏହି ଘଟଣାର ଦୁଇ ଅଭିଯୁକ୍ତ ଇର୍‌ଫାନ୍ ଓରଫ୍ ଭାଇୟୁ (୨୦) ଏବଂ ଆସିଫ୍ (୨୪)ଙ୍କୁ ସ୍ଥାନୀୟ ସ୍ୱତନ୍ତ୍ର କୋର୍ଟ ଫାଶୀ ଦଣ୍ଡାଦେଶ କରିଛନ୍ତି। ୧୨

### ମଣ୍ଡସୌର୍ ଗଣବଳାତ୍କାର




ବର୍ଷରୁ କମ୍ ବୟସର ପିଲାଙ୍କୁ ବଳାତ୍କାର କିମ୍ବା ଯୌନ ନିର୍ଯାତନା ଦେଉଥିବା ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡାଦେଶ ନେଇ ରାଜ୍ୟରେ ଆସିଥିବା ନୂଆ ଆଇନ ଅଧୀନରେ ଏହି ଦଣ୍ଡ ମିଳିଛି। ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ଦଣ୍ଡସଂହିତା (ଆଇପିସି) ଏବଂ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଆଇନ ପୋକ୍‌ସୋ ମଧ୍ୟ ଲାଗୁ କରାଯାଇଛି। ତେବେ ମଙ୍ଗଳବାର ଦଣ୍ଡାଦେଶ ପରେ ଅଭିଯୁକ୍ତଙ୍କୁ କୋର୍ଟରୁ ଅଣାଯାଉଥିବାବେଳେ ଜଣେ ବ୍ୟକ୍ତି ସେମାନଙ୍କ ଉପରକୁ ଆକ୍ରମଣ କରିଥିବା ମଧ୍ୟ ଜଣାପଡ଼ିଛି।

ଜୁନ୍ ୨୬ରେ ଛୁଟି ହେବା ପରେ ସ୍କୁଲ ସମ୍ମୁଖରେ ନାବାଳିକା ବାପାଙ୍କୁ ଅପେକ୍ଷା କରି ରହିଥିବାବେଳେ ଦୁଇ ଅଭିଯୁକ୍ତ ତାଙ୍କୁ ଅପହରଣ କରି ନେଇ ଯାଇଥିଲେ। ଗଣବଳାତ୍କାର ପରେ ତଣ୍ଟିକାଟି ତାଙ୍କୁ ହତ୍ୟା କରିବାକୁ ମଧ୍ୟ ଉଦ୍ୟମ କରିଥିଲେ। ବର୍ବର କାଣ୍ଡ ପରେ ପୀଡ଼ିତାଙ୍କ ଗୁପ୍ତାଙ୍ଗ, ବେକ, ମୁହଁ ସମେତ ଶରୀରର ବିଭିନ୍ନ ଅଂଶରେ ଗଭୀର କ୍ଷତ ହୋଇଥିଲା। ଏବେ ବି ଇନ୍ଦୋର ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଛି। ଏହି ଘଟଣାକୁ ନେଇ ଉଭୟ ରାଜ୍ୟ ଏବଂ କେନ୍ଦ୍ର ରାଜନୀତି ସରଗରମ ହୋଇ ଉଠିଥିଲା। ନାବାଳକ/ନାବାଳିକାଙ୍କ ବଳାତ୍କାର ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ନେଇ ଦେଶବ୍ୟାପୀ ଦୃଢ଼ ଦାବି ଉଠିଥିଲା। ତେବେ ମଙ୍ଗଳବାର ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ମିଳିବା ପରେ ବିଭିନ୍ନ ମହଲରେ ଏହାକୁ ସ୍ୱାଗତ କରାଯାଇଛି। ଶିଶୁଙ୍କ ସହ ବର୍ବର କାଣ୍ଡ ଘଟାଉଥିବା ନରପିଶାଚଙ୍କୁ ଆଉ ମାଫ୍ କରାଯିବ ନାହିଁ ବୋଲି ଦେଶବ୍ୟାପୀ ସ୍ୱର ଉଠିଛି।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ଭାଲୁ ଆକ୍ରମଣରୁ ମାଲିକଙ୍କୁ ପୋଷା କୁକୁର ବଞ୍ଚାଇଛି । ଛତିଶଗଡ଼ ଚିରିମୀରି ଅନ୍ତର୍ଗତ କୋରିଆ ଅଞ୍ଚଳରେ ଘଟିଛି ଏପରି ଏକ ଘଟଣା । ମାଲିକଙ୍କୁ ରକ୍ଷା କରିଥିବା କୁକୁରର ଫଟୋ ଏବେ ସୋସିଆଲ ମିଡିଆରେ ଅପଲୋଡ୍ ହୋଇଛି । ସ୍ଥାନୀୟ ଗୋଦରପରାର ୱାର୍ଡ ନମ୍ବର ୩୧ରେ ରହୁଥିବା ଶଙ୍ଗଲାଲଙ୍କୁ ପଣସ ଖାଇବାକୁ ଆସିଥିବା ଭାଲୁ ଆକ୍ରମଣ କରିଥିଲା । ଭାଲୁ ତାଙ୍କର ଜଙ୍ଘକୁ କାମୁଡ଼ି ଧରିଥିଲା । ତେବେ ପାଖରେ ଥିବା ତାଙ୍କ ପୋଷା କୁକୁର ଭାଲୁକୁ ଆକ୍ରମଣ କରିଥିଲା । ଭାଲୁ ଧୀରେଧୀରେ ଜଙ୍ଗଲ ଭିତରକୁ ପଳାଇଥିଲା ।






# ୧୬୨ ତଦନ୍ତକାରୀ ଅଫିସରଙ୍କୁ ମିଳିବ ଏକ୍ସିଲେନ୍ସ ଆୱାର୍ଡ

**କଟକ ଅଫିସ, ୨୧।୮**

ଦେଶର ୧୬୨ଜଣ ତଦନ୍ତକାରୀ ପୋଲିସ ଅଫିସରଙ୍କୁ 'ଏକ୍ସିଲେନ୍ସ ଇନ୍ ଇନ୍‌ଭେଷ୍ଟିଗେଶନ' ଆୱାର୍ଡ ପ୍ରଦାନ କରାଯିବ। ତଦନ୍ତ କ୍ଷେତ୍ରରେ ସଫଳତା ପାଇଥିବା ଅଧିକାରୀମାନଙ୍କୁ ଏହି ପୁରସ୍କାର ମିଳିବ। ଏଥିରେ ଏକ ତୃତୀୟାଂଶ ମହିଳା ଅଫିସର ରହିବେ ବୋଲି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି କ୍ରମରେ ଓଡ଼ିଶାରୁ ୪ ଜଣ ଅଫିସରଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଜଣେ ମହିଳା ଅଫିସରଙ୍କ ସମେତ ୪ ଜଣଙ୍କ ନାମ ଶୀଘ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପଠାଯିବ ବୋଲି ମଙ୍ଗଳବାର କ୍ରାଇମ୍ ବ୍ରାଞ୍ଚ ଅତିରିକ୍ତ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ କହିଛନ୍ତି। ତେବେ ପୁରସ୍କାର ପାଇଁ ଚୟନ କରାଯାଇଥିବା ଉକ୍ତ ନାମଗୁଡିକ ଏବେ ଡିଜିପିଙ୍କ ଅନୁମୋଦନ ଅପେକ୍ଷାରେ ରହିଥିବା ସେ ସୂଚନା ଦେଇଛନ୍ତି।

## ■ ପାରଳା ଗଣମୃତ୍ୟୁ ଘଟଣାକୁ ଦୁଇବର୍ଷ ପୂରିଲା

# ଉନ୍ମୋଚନ ହୋଇପାରିନି ରହସ୍ୟ

**ପାରଳାଖେମୁଣ୍ଡି, ୨୧।୮(ସ୍ୱ.ପ୍ର.)**

■ କ୍ରାଇମବ୍ରାଞ୍ଚ ତଦନ୍ତ ଶିଥିଳ ଅଭିଯୋଗ
■ ନ୍ୟାୟକୁ ଚାହିଁ ବସିଛନ୍ତି ପରିବାରବର୍ଗ

ବହୁ ଚର୍ଚ୍ଚିତ ପାରଳା ଗଣମୃତ୍ୟୁ ଘଟଣାକୁ ମଙ୍ଗଳବାର ଦୁଇବର୍ଷ ପୂରଣ ହୋଇଛି। ଏହି ଘଟଣାରେ ପାରଳା ରାଜପ୍ରାସାଦର ତତ୍କାଳୀନ ମ୍ୟାନେଜର ଅନଙ୍ଗମଞ୍ଜରୀ ପାତ୍ର, ଭଉଣୀ ବିଜୟଲକ୍ଷ୍ମୀ, ଦୁଇଭାଇ ସଞ୍ଜୟ ଓ ସନ୍ତୋଷ ପ୍ରାଣ ହରାଇଥିଲେ। ସେତେବେଳେ ଏହା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଏ ନେଇ ମୃତକଙ୍କ ପରିବାର ପକ୍ଷରୁ ୧୨ଜଣଙ୍କ ନାମରେ ପାରଳାଖେମୁଣ୍ଡି ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କ୍ରାଇମବ୍ରାଞ୍ଚ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ଏପର୍ଯ୍ୟନ୍ତ ତଦନ୍ତ ଚାଲିଥିଲେ ବି ରହସ୍ୟ ଉନ୍ମୋଚନ ହୋଇପାରିନାହିଁ କି ଦୋଷୀ ଧରା ପଡ଼ିନାହାନ୍ତି।

ସୂଚନାଯୋଗ୍ୟ, ସମ୍ପତ୍ତି ହଡପ ଉଦ୍ଦେଶ୍ୟ ନେଇ ପାରଳା ମହାରାଜା ଗୋପୀନାଥ ଗଜପତି ନାରାୟଣ ଦେବଙ୍କୁ ନଜରବନ୍ଦୀ କରି ରଖାଯାଇଥିବା ଜନସାଧାରଣ ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବିରେ ୨୦୧୬ ଅଗଷ୍ଟ ୧୪ରେ ରାଜପ୍ରାସାଦ ଆଗରେ ଆନ୍ଦୋଳନ କରିଥିଲେ। ଏହି କ୍ରମରେ ଅଚାନକ ଭାବେ ଅଗଷ୍ଟ ୨୧ତାରିଖରେ ଅନଙ୍ଗମଞ୍ଜରୀଙ୍କ ଜଙ୍ଗମ ସାହିସ୍ଥିତ ବାସଭବନର ବନ୍ଦ କୋଠରୀରୁ ଅନଙ୍ଗମଞ୍ଜରୀ, ବିଜୟଲକ୍ଷ୍ମୀ, ସଞ୍ଜୟଙ୍କ ମୃତଦେହ ମିଳିଥିଲା। ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିବା ସନ୍ତୋଷଙ୍କର ପରେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା। ଏନେଇ ୨୨ତାରିଖରେ ମୃତକଙ୍କ ପରିବାର ପକ୍ଷରୁ ସ୍ଥାନୀୟ ଥାନାରେ ପାରଳାଖେମୁଣ୍ଡି ବିଧାୟକ କେ.ସୂରିୟା ରାଓଙ୍କ ସମେତ ୧୨ଜଣଙ୍କ ନାମରେ ଏତଲା ଦିଆଯାଇଥିଲା। ଘଟଣାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ସେତେବେଳେ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ୨୦୧୬ ଅଗଷ୍ଟ ୨୩ରୁ କ୍ରାଇମବ୍ରାଞ୍ଚର ଏସ୍‌ଆଇଟି ତଦନ୍ତ ଆରମ୍ଭ କରିଥିଲା। ଅଦ୍ୟାବଧି ବିଭିନ୍ନ ପର୍ଯ୍ୟାୟରେ ଅନୁସନ୍ଧାନ ସରିଛି। ମାତ୍ର ଘଟଣାର ରହସ୍ୟ ଉପରୁ ପରଦା ହଟିନାହିଁ।

# କମ୍ ବ୍ୟବଧାନରେ ପରାଜିତ ପ୍ରାର୍ଥୀଙ୍କ ସହ ଆଲୋଚନା

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**

**କଂଗ୍ରେସ ରାଜନୀତି**
■ ଆଗୁଆ ଟିକେଟ୍ ବଣ୍ଟନ ନେଇ ତତ୍ପରତା
■ ଗୋଟିଏ ପରିବାରକୁ ମିଳିବ ଏକାଧିକ ଟିକେଟ୍
■ ବିଜୟ ସମ୍ଭାବନାକୁ ଗୁରୁତ୍ୱ

ଆସନ୍ତା ସାଧାରଣ ନିର୍ବାଚନରେ କଂଗ୍ରେସ ୫୦ ବିଧାନସଭା ପ୍ରାର୍ଥୀଙ୍କ ନାମ ଆଗୁଆ ଘୋଷଣା କରିବ। ବର୍ତ୍ତମାନ ନିର୍ବାଚିତ ସମସ୍ତ ୧୫ ବିଧାୟକଙ୍କୁ ଟିକେଟ୍ ମିଳିବା ନିଶ୍ଚିତ ହୋଇଛି। ଉକ୍ତ ୧୫ ଜଣଙ୍କୁ ବାଦ୍ ଦେଇ ମଙ୍ଗଳବାର ୨୫ ବିଧାନସଭାରେ ପରାଜିତ ପ୍ରାର୍ଥୀଙ୍କ ସହ ପିସିସି ପ୍ରଭାରୀ ଜିତେନ୍ଦ୍ର ସିଂ ଆଲୋଚନା କରିଥିବା ଜଣାପଡିଛି। ସେହିପରି ଗୋଟିଏ ପରିବାରର ଏକାଧିକ ନେତାଙ୍କୁ ମଧ୍ୟ ଟିକେଟ ଦେବ କଂଗ୍ରେସ । ଯେଉଁ ପରିବାର ରାଜନୀତିରେ ସଂପୃକ୍ତ ସେହି ପରିବାରକୁ ଏକାଧିକ ଟିକେଟ ପ୍ରଦାନ କରାଯିବ। ଏନେଇ ସ୍ପଷ୍ଟ କରିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ।

ଏନେଇ ନିରଞ୍ଜନ କହିଛନ୍ତି, ବିଜୟ ସମ୍ଭାବନା ହେଉଛି ଟିକେଟ ଆବଣ୍ଟନର ମୁଖ୍ୟ ମାନଦଣ୍ଡ । ଅମାନତ ହରାଇଥିବା ନେତାଙ୍କୁ ଆଦୌ ବିଚାରକୁ ନିଆଯିବ ନାହିଁ। ଯେଉଁମାନଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ଅପରାଧିକ ମାମଲା କରାଯାଇଛି ସେମାନଙ୍କ ଦକ୍ଷତା ଥିଲେ ଟିକେଟ ପ୍ରଦାନ କରାଯିବ। ତେବେ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଯାଇଥିବା ନେତାଙ୍କୁ ଟିକେଟ ମିଳିବ ନାହିଁ ବୋଲି ନିରଞ୍ଜନ କହିଛନ୍ତି। ଗତ ନିର୍ବାଚନରେ ବିଜୟୀ ପ୍ରାର୍ଥୀଙ୍କ ଠାରୁ କମ୍ ବ୍ୟବଧାନରେ ପରାଜିତ ପ୍ରାର୍ଥୀଙ୍କୁ ଉକ୍ତ ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ସେହି ପ୍ରାର୍ଥୀମାନେ ହେଉଛନ୍ତି– ବାଲିଗୁଡାର କେଲସା ପ୍ରଧାନ, କଣ୍ଟାବାଞ୍ଜିର ସନ୍ତୋଷ ସିଂ ସାଲୁଜା, ସୁକିନ୍ଦାର ଶରତ ରାଉତ, ସୋରୋର ମୃତ୍ୟୁଞ୍ଜୟ ଜେନା, କେନ୍ଦ୍ରାପଡାର ଗଣେଶ୍ୱର ବେହେରା, ଖରିଆରର ଅଧିରାଜ ମୋହନ ପାଣିଗ୍ରାହୀ, ଗୁଣୁପୁରର ପୁରୁଷୋତ୍ତମ ଗମାଙ୍ଗ, ଜଟଣୀର ସୁରେଶ ରାଉତରାୟ, ବ୍ରଜରାଜନଗରରୁ କିଶୋର ପଟେଲ ପ୍ରମୁଖ।

ଏମାନଙ୍କ ବ୍ୟତୀତ ପ୍ରଭାରୀ ସିଂ ନବରଙ୍ଗପୁରର ସଦନ ନାଏକ, ନର୍ଲାରୁ ଜଗନ୍ନାଥ ପଟ୍ଟନାୟକ, ରାଜଗାଙ୍ଗପୁରର ଗ୍ରେଗୋରୀ ମିଞ୍ଜ, ମୋହନାରୁ ଦାଶରଥି ଗମାଙ୍ଗ, ପଟାଙ୍ଗୀରୁ ରାମଚନ୍ଦ୍ର କଦମ୍, ଚିଟିଲାଗଡରୁ ସୁରେନ୍ଦ୍ର ସିଂ ଭୋଇ, ମାଲକାନଗିରିରୁ ମଲ ମାଢୀ, ବରଗଡର ସାଧୁ ନେପାକ, ରେଢାଖୋଲରୁ ଅସରଫ୍ ଅଲ୍ଲୀ ଖାନ୍, ଉମରକୋଟ୍‌ରୁ ଜିତେନ୍ଦ୍ର ନାଥ ସିଂ ଗଣ୍ଡଙ୍କ ସମେତ ଅନ୍ୟାନ୍ୟ ନେତାଙ୍କ ସହ ମଧ୍ୟ ୱାନ–ଟୁ–ୱାନ ଆଲୋଚନା କରିଥିବା ଜଣାପଡିଛି। ନିକଟରେ ଜେଲ୍‌ରୁ ମୁକୁଳିଥିବା ସାନଖେମୁଣ୍ଡିର ପୂର୍ବତନ ବିଧାୟକ ରମେଶ ଜେନା ଏବଂ ଶିଳ୍ପପତି ତିରୁପତି ପାଣିଗ୍ରାହୀଙ୍କୁ ମଧ୍ୟ କଂଗ୍ରେସ ଭବନରେ ଦେଖିବାକୁ ମିଳିଥିଲା।












ନୂଆଦିଲ୍ଲୀ,୨୧।୮(ପି.ଟି.): କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ମଙ୍ଗଳବାର ୪ ଦିନିଆ ବିଦେଶ ଗସ୍ତରେ ଯାଇଛନ୍ତି। ସେ ପ୍ରଥମେ ବ୍ରିଟେନ୍ ଓ ପରେ ଜର୍ମାନୀ ଯାଇ ସେଠାରେ ଭାରତୀୟ ବଂଶୋଦ୍ଭବଙ୍କ ସହ ଭାବ ବିନିମୟ କରିବେ। ଏହାସହ ରାହୁଲ ଜର୍ମାନୀ ଚାନ୍ସଲର ଏଞ୍ଜେଲା ମର୍କେଲଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସାକ୍ଷାତ୍ କରିବାର କାର୍ଯ୍ୟକ୍ରମ ରହିଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ହର୍ଷିତା
ପରିବାରବର୍ଗ


ମନିତ୍
ପରିବାରବର୍ଗ


ଖୁସି
ପରିବାରବର୍ଗ


ସିଦ୍ଧୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




**BRIDE WANTED**

Divorcee groom JE 45, Business 39 (caste-no-bar). Contact: 7873374269. D-63475

Divorcee groom BSNL 46, Engineer 41, Scientist 36. Welcome: 9337197338. D-63476

Kalinga Vaishya Kumuti groom 6' 28 years, Pharmaceutical MNC. 8093973530, 9438296801. D-63357

Brahmin boy 1989 B.T ech NIT MBA Xavier Software Bangalore. 7008967858. D-62780

**GROOM WANTED**

Beautiful Brahmin girl 1991 5'4" B.Tech, MBA serving Delhi. 9853366347. D-63356

NGOରେ computer operator 43 ବର୍ଷ ଛାତ୍ରପତ୍ର ପାଇଥିବା ଝିଅ ପାଇଁ ଯେ କୌଣସି ଜାତିର ବରପାତ୍ର ଆବଶ୍ୟକ। 8596978540. D-7939

Beautiful Brahmin girl 1987 5'5" MBA divorcee legally separated Sunasansar. 9937512659. D-7932

Suitable officer match in Govt./ PSU is invited for wheatish beautiful Odia Brahmin PSU Bank Officer 5'4"/ 26 years father is higher grade officer in Central Autonomous body. Contact: 8637282066. D-62779

Now Matrimonial ads. only on Wednesday & Sunday Book 1 Get 1 FREE

Bangkok spa special offer 50% off on all 1hrs any full body massage. 9861688844, 8018739084. D-63582

Experience full body massage with us by experts. Enquiry: 7377048581. D-64884

Herbal full body massage by smart/ expert therapist. Contact: 8338067247.D-64893

G.S Spa herbal full body massage ladies/ gents. 9078429117, 7683840853. D-63072

Fully refreshed/ relaxed body massage by expert therapist, Shastrinagar. 7377984773. D-64894

Newly opening ayurvedic body massage in joint pains, smart therapist. 9776383819. D-64895

Newly opening ayurvedic body massage smart therapist, Shree Herbal. 7750020754. D-64896

Madam Monalisa massage club-50% discount full body massage by hiprofile smart lady therapist. 9708545108. D-7948

Herbal full body massage smart boys therapist home service available. Phone: 9937929638.D-7970

classified




**SALE**

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

ଭୁବନେଶ୍ୱରର **IIT** ଅରଗୁଳଠାରେ ପିଚୁରୋଡକୁ ଲାଗିକରି ଘରବାରି ପ୍ଲଟ କିଣନ୍ତୁ ଓ ନିଜ ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ। **Ranapratap: 9777342153.** D-63584

Immediate ready for construction land at Rasulgarh near Hitech square (NH-5) @16,20,000/- 9437976031. D-63576

Bhubaneswar ପିତାପଲ୍ଲିଠାରେ NHରୁ 700 mtr. ଦୂରତାରେ boundary wall campus ମଧ୍ୟରେ 30' ରାସ୍ତା ଥାଇ demarcated sthitiban plot ବିକ୍ରିହେବ। 9337110700, 9692619663. D-63575

Gharabari Boundary Plot Infront Krapujal Engineering College, Bhubaneswar: 9090899281, 8908805482. D-63474

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

Bhubaneswar AIIMS Hospital, DOON School 30' road gharabari possession plot. 9438763122. D-62775

650 sqft. first floor office space near HDFC, ICICI Bank District Centre, Chandrasekharpur. 9337015101. D-62776

2BHK independent house near Kananvihar, Phase-II opposite Kanan tower. 9861476740. D-62777

BDA approved land=2600 construction= 1400 building at Chakeisiani few plots at Satya Vihar for immediate sale. Details: 7008304833. (ବିଷ୍ଣୁ) D-7975

**1500 sqft. gharabari boundary plot at Mancheswar, Bhubaneswar. 9124232466, 9437460564.** D-64891

Simplex/ flat 2/3BHK Hanspal, Nakhara ready to move. 7992916484.D-62778

4 bedroom flat 4000 sqft. full furnished including 4car parking (A-Block) (G-4/5), 3 bedroom flat 2200 sqft. full furnished including 2 car parking (Block-B) BI-4. Ridhisidhi Enclave, ICE Factory Lane, Cuttack Road, Bhubaneswar. Contact No: 9437966312, 9438895266, BBSR: 9123142997. D-7978

**PURCHASE**

A reputed realestate company requires land in around Cuttack and Bhubaneswar on basis of outright sharing and marketing contact: 9937816565, 9583944403. D-64897




A five room house with 3 toilet, 1st floor at VSS Nagar, Main road for office/ family. Contact: 9937280869. D-7974

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୦୦/-ରେ। ବିବାହ ଶୁଭେଚ୍ଛା ଟ୩୦୦/- (ଫଟୋ ସହ) ଏବଂ ଟ୨୦୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

**GENERAL SALE**

Furnished ac restaurant Lewis Road, Ravi Talkies Square, Bhubaneswar. 9437283845, 8249310165. D-63358




A-class packers & movers. Household relocation countrywide. 9338820222, 9938534188. D-7979




"Ashribad Spa" is reputed ayurvedic clinic provided all type herbal body massage by well trained ladies therapist. Contact: 9040050502. D-64840

Rejuvenate and ayurvedic full body massage by smart therapist. 9114402304.D-64841

Pamper yourself this Mansoon profesional massage contact Purple Orchid. 9776598888.D-64842

**AFFIDAVIT**

Affidavit before Executive Magistrate, Dhenkanal, 20-08-18 I have changed my name from Reena Das to Suravi Das. Henceforth I shall be known as Suravi Das,W/o. Gopal Das, Dakhinakali Road, Jagannath Vihar, Dhenkanal for all purposes. D-62039

**ଜନ୍ମଦିନ ଶୁଭେଚ୍ଛା**



**ନିହାର ରଞ୍ଜନ ବେହେରା**
**ତିରିକଣା**
ଶୁଭ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା। **ଶୁଭେଚ୍ଛା ସହ: ବାପା, ମା, ନିକି।**
ଧ-୭୯୭୧

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ନାରାୟଣ ଜେନା**
(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ)
ନହରକଣ୍ଟା, ଭୁବନେଶ୍ୱର
ଆବିର୍ଭାବ: ୦୫।୦୬।୧୯୩୩
ତିରୋଧାନ: ୨୨।୦୮।୨୦୧୪
ଆଜିର ଏହି ପୁଣ୍ୟତିଥିରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଆମ ସମସ୍ତଙ୍କ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ- ମାଣିକ ଜେନା, ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ। ଧ-୬୩୪୭୭

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**
**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବାବାଜୀ ଚରଣ ରାଉତରାୟ**
ଜୟପୁର, ବାଲିଅନ୍ତା, ଖୋର୍ଦ୍ଧା
ବାପା ଚାହୁଁ ଚାହୁଁ ଆଠବର୍ଷ ବିତିଗଲା। ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ନିଃସ୍ୱାର୍ଥପରତା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମର ପାଥେୟ ହେଉ। ଆଜି ୮ମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁଅ ବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ।
ଧ-୭୯୧୮


# ଆନ୍ତଃମନ୍ତ୍ରୀସ୍ତରୀୟ ବୈଠକ ନିଷ୍ଫଳ

ଭୁବନେଶ୍ୱର,୨୧।୮(ବ୍ୟୁରୋ)

**ବ୍ଲକ ଗ୍ରାଣ୍ଟ ଶିକ୍ଷକ-କର୍ମଚାରୀ ଦାବି ପ୍ରସଙ୍ଗ**

- ଚାକିରି ସର୍ତ୍ତାବଳୀକୁ ମୋହର
- ଅନ୍ୟ ଦାବିକୁ ଏଡେଇଲେ ସରକାର
- ଆନ୍ଦୋଳନକୁ ଜୋରଦାର କରିବାକୁ ଧମକ

ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ଦାବି ନେଇ ବ୍ଲକଗ୍ରାଣ୍ଟ ସ୍କୁଲ ଓ କଲେଜ ଶିକ୍ଷକମାନେ ଗତ ୧୬ ତାରିଖରୁ ଲୋୟର ପିଏମଜି ଠାରେ ଧାରଣାରେ ବସିଛନ୍ତି। ଏହି ସମସ୍ୟାର ସମାଧାନ କରିବାକୁ ମଙ୍ଗଳବାର ଅପରାହ୍ଣରେ ସଚିବାଳୟରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ତେବେ ବୈଠକରେ କୌଣସି ନିର୍ଯ୍ୟାସ ବାହାରି ପାରି ନାହିଁ। ମିଳିଥିବା ସୂଚନା ଅନୁଯାୟୀ ବୈଠକରେ ଚାକିରି ସର୍ତ୍ତାବଳୀକୁ ସବୁଜ ସଙ୍କେତ ଦିଆଯାଇଥିବା ଜଣାପଡିଛି। ସରକାରୀ ଓ ଅନୁଦାନ ପାଉଥିବା ସ୍କୁଲ କଲେଜ ଭଳି ବ୍ଲକଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀମାନଙ୍କର ଚାକିରି ସର୍ତ୍ତାବଳୀ ଧାର୍ଯ୍ୟ କରାଯିବ। ଶିକ୍ଷକ ଓ କର୍ମଚାରୀମାନେ ବର୍ଷକୁ କେତେଦିନ ଛୁଟି ପାଇବେ, ପ୍ରସବକାଳୀନ ଛୁଟି, ପଦୋନ୍ନତି, ବଦଳି, ଷ୍ଟଡି ଲିଭ, ରିଫ୍ରେସର କୋର୍ସ ଆଦି ଚାକିରି ସର୍ତ୍ତାବଳୀରେ ରହିଛି। ଏହାକୁ ଅଧିକ ତର୍ଜମା କରାଯାଇ ଅର୍ଥ ବିଭାଗର ଅନୁମୋଦନ ପରେ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯିବ। ତେବେ କେବେ ସୁଦ୍ଧା ଏ ନେଇ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ସେ ନେଇ ବୈଠକରେ କୌଣସି ସୂଚନା ଦିଆଯାଇ ନାହିଁ। ବୈଠକ ଶେଷରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବୈଠକରେ ଆଲୋଚନା ହୋଇଥିଲା। ଚାକିରି ସର୍ତ୍ତାବଳୀ ବିଷୟରେ ସକାରାତ୍ମକ ନିଷ୍ପତ୍ତି ନିଆଯିବ। ଶିକ୍ଷକମାନେ ଆନ୍ଦୋଳନରୁ ଓହରି ରାଜ୍ୟରେ ଶିକ୍ଷାର ବାତାବରଣ ଫେରାଇ ଆଣିବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି। ପୂର୍ଣ୍ଣ ଅନୁଦାନ ନେଇ ସରକାର କୌଣସି ନିଷ୍ପତ୍ତି ନେବାକୁ ସାହସ ଜୁଟାଇ ପାରୁ ନାହାନ୍ତି। ସୁପ୍ରିମକୋର୍ଟ ଏବଂ ଆର୍ଥିକ ବୋଝକୁ ଆଳ କରି ସରକାର ସମୟ ଗଡାଇ ଚାଲିଛନ୍ତି।

୩ ମାସ ପୂର୍ବରୁ ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରି ନ ଥିବାରୁ ଶିକ୍ଷକ ଓ କର୍ମଚାରୀମାନେ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି। ସରକାର ଦାବି ପୂରଣ ନେଇ କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଭୟାବହ ଆନ୍ଦୋଳନ ହେବ। ଆସନ୍ତା ୨୫ ତାରିଖରୁ ଶିକ୍ଷକ ଓ କର୍ମଚାରୀମାନେ କର ବା ମର ନୀତିରେ ଗାଁକୁ ଚାଲ ଅଭିଯାନ ଆରମ୍ଭ କରିବେ ବୋଲି ମିଳିତ ମଞ୍ଚ ଚେତାବନୀ ଦେଇଛି।

## କାଶୀନଗର: ଡେଙ୍ଗୁରେ ଆଉ ଜଣେ ମୃତ

କାଶୀନଗର, ୨୧।୮(ଡି.ଏନ.ଏ.)

ଗଜପତି ଜିଲା କାଶୀନଗର ବ୍ଲକର ସିଙ୍ଗିପୁର ଓ ସିଧାମଡଙ୍ଗ ଗ୍ରାମରେ ଡେଙ୍ଗୁ ଏବଂ ମ୍ୟାଲେରିଆ ଆତଙ୍କ ଥମିବାର ନାଁ ଧରୁନାହିଁ। ପୂର୍ବରୁ ଏଥିରେ ୫ଜଣଙ୍କ ଜୀବନ ଯାଇଥିବା ବେଳେ ମଙ୍ଗଳବାର ଆଉ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସିଙ୍ଗିପୁର ଗ୍ରାମର ଜଳେନ୍ଦ୍ର ଜେନା। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

## ନୂଆଦିଲ୍ଲୀରେ ଚାଇନା ପ୍ରତିରକ୍ଷାମନ୍ତ୍ରୀ ୱେଇ

ନୂଆଦିଲ୍ଲୀ,୨୧।୮(ପି.ଟି.)



୪ ଦିନିଆ ଭାରତ ଗସ୍ତରେ ଆସିଥିବା ଚାଇନାର ପ୍ରତିରକ୍ଷାମନ୍ତ୍ରୀ ୱେଇ ଫେନ୍‌ଘେ ମଙ୍ଗଳବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏପ୍ରିଲରେ ୱୁହାନ୍ ସମ୍ମିଳନୀରେ ମୋଦି ଓ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ମଧ୍ୟରେ ହୋଇଥିବା ଅଣାନୁଷ୍ଠାନିକ ଆଲୋଚନା ବେଳର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଏବଂ ଡୋକ୍‌ଲାମ୍ ଭଳି ବିବାଦକୁ ଏଡାଇବା ହେଉଛି ୱେଇଙ୍କ ଭାରତ ଗସ୍ତର ଉଦ୍ଦେଶ୍ୟ। ଡୋକ୍‌ଲାମ ସୀମାରେ ଉତ୍ତେଜନା ହ୍ରାସ କରି ପାରସ୍ପରିକ ବିଶ୍ୱାସ ଓ ସମନ୍ୱୟ ପ୍ରତିଷ୍ଠା ନେଇ ଗୁରୁବାର ପ୍ରତିରକ୍ଷାଙ୍ମନ୍ତ୍ରୀ ନିର୍ମଳା ସୀଥାରାମନ୍ ଓ ତାଙ୍କ ଚାଇନା ପ୍ରତିପକ୍ଷ ୱେଇଙ୍କ ମଧ୍ୟରେ ଆଲୋଚନା ହେବ।

## ଆଫଗାନିସ୍ତାନ ରାଷ୍ଟ୍ରପତି ଭବନ ନିକଟରେ ରକେଟ୍ ମାଡ଼

କାବୁଲ,୨୧।୮

ପୁଣିଥରେ ଆଫଗାନିସ୍ତାନରେ ଆତଙ୍କବାଦୀମାନେ ରକେଟ୍ ମାଡ କରିଛନ୍ତି। ମଙ୍ଗଳବାର ସକାଳେ ରାଷ୍ଟ୍ରପତି ଅଶରଫ୍ ଗନି ଇଦ୍-ଅଲ୍-ଅଦା ଉପଲକ୍ଷେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେଉଥିବାବେଳେ ଏହି ବିସ୍ଫୋରଣ ହୋଇଥିଲା। ସେ ବିସ୍ଫୋରଣ ଶବ୍ଦ ଶୁଣିଥିଲେ ମଧ୍ୟ ଅଭିଭାଷଣ ଜାରି ରଖିଥିଲେ। ଏନେଇ ରାଷ୍ଟ୍ରପତି କହିଥିଲେ, ଆତଙ୍କବାଦୀମାନେ ଦେଶର ପ୍ରଗତିରେ ବାଧା ସୃଷ୍ଟି କରିବାକୁ ଚାହୁଁଛନ୍ତି। ଆତଙ୍କବାଦୀମାନେ ରାଷ୍ଟ୍ରପତି ଭବନ ଓ ଆମେରିକା ଦୂତାବାସକୁ ଟାର୍ଗେଟ କରି ୯ଟି ରକେଟ୍ ମାଡ କରିଥିଲେ। ଏହି ସମୟରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ସଂଘର୍ଷ ମଧ୍ୟ ହୋଇଥଲା। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି।

## ଲଘୁଚାପ ଦୁର୍ବଳ

ଭୁବନେଶ୍ୱର,୨୧।୮(ବ୍ୟୁରୋ)

ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳରେ ସୃଷ୍ଟ ଲଘୁଚାପ ଦୁର୍ବଳ ହୋଇ ମଧ୍ୟପ୍ରଦେଶ ଆଡକୁ ଚାଲିଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ। କେତେକ ସ୍ଥାନରେ ଘଡଘଡି ସହ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ବାୟୁମଣ୍ଡଳରେ ଜଳୀୟ ବାଷ୍ପ ଭରି ରହୁଥିବାରୁ ଆସନ୍ତା ୨୬ ତାରିଖରୁ ବର୍ଷା ପରିମାଣ ବୃଦ୍ଧି ପାଇବ। ସୁନ୍ଦରଗଡ, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଏବଂ ଯାଜପୁର ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଗତ ୪୮ ଘଣ୍ଟା ମଧ୍ୟରେ ଦାରିଙ୍ଗବାଡିରେ ୧୦୬ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ପାରାଦୀପ ୧୦.୪ ମିମି ବର୍ଷା ରେକର୍ଡ କରାଯାଇଛି।

■ବର୍ଷକୁ ଦୁଇଥର ଏନ୍‌ଇଇଟି

## ନିଷ୍ପତ୍ତି ବଦଳାଇବେ ସରକାର

ନୂଆଦିଲ୍ଲୀ,୨୧।୮(ପି.ଟି.)

ବର୍ଷକୁ ଦୁଇଥର ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି) ନିଷ୍ପତ୍ତିରୁ କେନ୍ଦ୍ର ସରକାର ଓହରିଯିବା ଲାଗି ଚିନ୍ତା କରୁଛନ୍ତି। ଡାକ୍ତରୀ ଏବଂ ଦନ୍ତ ଚିକିତ୍ସା ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ଉଦ୍ଦିଷ୍ଟ ଏନ୍‌ଇଇଟି ବର୍ଷକୁ ଦୁଇଥର ଅନ୍‌ଲାଇନ୍ ମାଧ୍ୟମରେ କରିବା ଲାଗି କେନ୍ଦ୍ର ମାନବ ସମ୍ବଳ ବିକାଶ (ଏଚ୍‌ଆର୍‌ଡି) ମନ୍ତ୍ରଣାଳୟ ଗତମାସ ନିଷ୍ପତ୍ତି ନେଇଥିଲା। ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ଉଦ୍ଦିଷ୍ଟ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ମଧ୍ୟ ବର୍ଷକୁ ଦୁଇଥର କରିବା ଲାଗି ଏଚ୍‌ଆର୍‌ଡି ମନ୍ତ୍ରୀ ପ୍ରକାଶ ଜାଭ୍‌ଡେକର ଘୋଷଣା କରିଥିଲେ। କିନ୍ତୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହାକୁ ପ୍ରତ୍ୟାହାର କରିବା ନେଇ ସୁପାରିସ କରିଥିବା ଏଚ୍‌ଆର୍‌ଡି ମନ୍ତ୍ରଣାଳୟର ଜଣେ ଅଧିକାରୀ ସୋମବାର ସୂଚନା ଦେଇଛନ୍ତି। ବର୍ଷକୁ ଦୁଇଥର ପରୀକ୍ଷା ଆୟୋଜନ ହେବାଦ୍ୱାରା ଛାତ୍ରୀଛାତ୍ରଙ୍କ ଉପରେ ଅତିରିକ୍ତ ଚାପ ପଡ଼ିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଚିନ୍ତାବ୍ୟକ୍ତ କରିଥିଲା। ବିଶେଷକରି ଗ୍ରାମାଞ୍ଚଳରେ ବସବାସ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଅନ୍‌ଲାଇନ୍ ପରୀକ୍ଷା ଜଟିଳ ହେବ ବୋଲି ମଧ୍ୟ ମନ୍ତ୍ରଣାଳୟ କହିଥିଲା। ଏହାପରେ ଏଚ୍‌ଆର୍‌ଡି ମନ୍ତ୍ରଣାଳୟ ଉକ୍ତ ନିଷ୍ପତ୍ତିରୁ ଓହରିଯିବାକୁ ସ୍ଥିର କରିଥିବା ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ବନ୍ଧୁମାନଙ୍କ ସହ ଆଲୋଚନା ଫଳପ୍ରଦ ହୋଇପାରିବ। କର୍ମକ୍ଷେତ୍ର କିମ୍ବା ପରିବାର ଭିତରେ ଭୁଲ୍ ବୁଝାମଣା କାରଣରୁ ସମସ୍ୟାର ସମ୍ମୁଖୀନ ହୋଇ ପାରନ୍ତି। ପ୍ରତିବନ୍ଧକ ଦେଖାଦେଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ ହେବ।

**ବୃଷ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ, ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ବନ୍ଧୁମାନଙ୍କ ଠାରୁ ଉତ୍ସାହ ଓ ପ୍ରେରଣା ପାଇ ସଭାସମିତିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ନିର୍ମାଣ କାର୍ଯ୍ୟରେ ଗତି ମନ୍ଥର ହେବ କିନ୍ତୁ ସମସ୍ୟାର ସମାଧାନ ହୋଇଯିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ମିଥୁନ** କର୍ମଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ଋଣ ପରିଶୋଧ କରିବା ଲାଗି ବିଭିନ୍ନ ପ୍ରକାର ଧନ୍ଦା କରିବା ସକାଶେ ମନ ବଳାଇବେ। ପାରିବାରିକ ସମସ୍ୟା ନିରାକରଣ ସକାଶେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣକଲେ ମନ୍ଦ ହେବନି। ବ୍ୟବସାୟ,ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** ଆଜି କର୍ମକ୍ଷେତ୍ରର କେତେକ ବ୍ୟତିକ୍ରମ କଥା ଓ ଆର୍ଥିକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି। ପାରିବାରିକ ସ୍ତରରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। କଳା, ସାହିତ୍ୟ, ସଙ୍ଗୀତ ତଥା ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ। ହଠାତ୍ ଆଶା କରୁଥିବା ଶୁଭ ଖବର ଅସମର୍ଥିତ ସୂତ୍ରରୁ ଶୁଣି ଖୁସି ହେବେ।

**ସିଂହ** ଆତ୍ମୀୟମାନଙ୍କ ସକାଶେ ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ସେମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ବହୁତ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସମସ୍ୟା ସମାଧାନ ଦିଗରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**କନ୍ୟା** ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନରେ ଭୟ ସୃଷ୍ଟି କରିବ। ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଗୃହ ସଜ୍ଜା, ଗାଡି ମରାମତି, ପୁରୁଣା ଘରକୁ ସଜାଡିବାରେ ମନୋନିବେଶ କରିବେ। ସାମାଜିକ ସ୍ତରରେ ଟାଳଟୁଳ ନୀତିରେ କାମ କରି ବନ୍ଧୁଙ୍କ ଅପ୍ରିୟଭାଜନ ହୋଇପାରନ୍ତି।

**ତୁଳା** ବିଭିନ୍ନ ଘରୋଇ କାରଣକୁ କେନ୍ଦ୍ରକରି ମନ ଅସ୍ଥିର ରହିବାରୁ ଦୃଷ୍ଟିକୋଣ ବଦଳିଯିବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ ନଚେତ୍ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ମାନସିକ ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**ବିଛା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ରହିବା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। କ୍ରୀଡା, କଳା, ସାହିତ୍ୟ,ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବାର ସୂଚନା ରହିଛି। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେଲେ ମଧ୍ୟ ବିଜୟୀ ହେବେ। ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ ଓ ଆଶାଜନକ ସୁଫଳ ମଧ୍ୟ ପାଇବେ।

**ଧନୁ** ପାରିବାରିକ ଅଶାନ୍ତିକୁ କେନ୍ଦ୍ରକରି ମନ ଭଲ ନ ଥିବା କାରଣରୁ କୌଣସି କାମରେ ମନ ଲାଗିବ ନାହିଁ। ସଭାସମିତି କିମ୍ବା ଆଲୋଚନା ପରିସରରେ ଆପଣଙ୍କ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ଜମିଜମା କାରବାର,ବିଦ୍ୟୁତ୍ ଉପକରଣ ବ୍ୟବସାୟ ଓ ଶେୟାର ବଜାର, ହୋଟେଲ ମାଲିକମାନେ ଲକ୍ଷ୍ୟହାସଲ କରିପାରିବେ।

**ମକର** ବିଭିନ୍ନ ଦିଗରୁ ସାହାଯ୍ୟ ଲାଭକରି କାର୍ଯ୍ୟ ହାସଲରେ ସମର୍ଥ ହେବେ। ସାୟାହ୍ନରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ପାରସ୍ପରିକ ଆଲୋଚନା, ଗଠନମୂଳକ କାମ, ଲେଖାପଢା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ। ନିର୍ମାଣ ଓ ପରିବହନ, ଜମିଜମା କାରବାର, ଗଠନମୂଳକ କାମରୁ ଲାଭବାନ ହେବେ।

**କୁମ୍ଭ** ପାରିବାରିକ ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ ଗତି କରିବାର ବହୁ ସମ୍ଭାବନା ରହିଛି। ପରିବାରରେ କାହାର ସ୍ୱାସ୍ଥ୍ୟ ସକାଶେ ମନ ବ୍ୟସ୍ତ ରହିପାରେ। କର୍ମକ୍ଷେତ୍ରରେ ମଧ୍ୟ ପରୋକ୍ଷ ଶତ୍ରୁତା କାରଣରୁ ସନ୍ଦେହ ଓ ଭୁଲ୍ ବୁଝାମଣା ଜନିତ ସମସ୍ୟା ବଢିବ। ଧନିଷ୍ଠା ନକ୍ଷତ୍ର ସକାଶେ ବିଶେଷ କିଛି ଅସୁବିଧା ନ ଥିଲେ ସୁଦ୍ଧା ମାନସିକ ସ୍ତରରେ ଅଶାନ୍ତ ରହିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ସହକର୍ମୀ ସହ ବିବାଦ ବୃଦ୍ଧି ହୋଇପାରେ। ନିଜ ରହଣି ପରିସରସ୍ଥ ଆତ୍ମୀୟମାନଙ୍କ ସହ ସୁସମ୍ପର୍କ ରଖିବା ପାଇଁ ଚେଷ୍ଟାକଲେ ଉପକୃତ ହେବେ। ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

ଆଜି ଶ୍ରାବଣ ଶୁକ୍ଳ ଏକାଦଶୀ ଯୁକ୍ତ ଦ୍ୱାଦଶୀ ବୁଧବାର, ବୈଷ୍ଣବ ସମ୍ମତ ଉନ୍ମିଳନୀ ଏକାଦଶୀ, ପୁତ୍ରଦା ଏକାଦଶୀ ବ୍ରତ ଓ ଉପବାସ, ଇଦ୍ ଜୁହା, ଅଗଷ୍ଟ ୨୨ ତାରିଖ, ରାଶି ନକ୍ଷତ୍ର-ପୂର୍ବାଷାଢା/ଧନୁ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, କର୍କଟ ରାଶିର ଘାତବାର, ସକାଳ ଘ୬।୫୦ମି. ଗତେ ଘ୮।୨୯ମି. ମଧ୍ୟେ, ଘ୩।୦୫ମି. ଗତେ ଘ୪।୪୪ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୦୮ମି. ଗତେ ଘ୧୧।୪୭ମି. ମଧ୍ୟେ, ଘ୩।୪୧ମି. ଗତେ ଘ୫।୦୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୪୯ମି. ଗତେ ଘ୧।୨୪ମି. ମଧ୍ୟେ ରାହୁକାଳ।



ସୁନା ଖଟରେ ଶୋଉଥିବା କୋଟିପତି କୁକୁଡ଼ା ବ୍ରିଟେନରେ ରହିଛି । ଏହାର ନାମ ଗିଗୁ । ଏହି କୁକୁଡ଼ା ଏବେ ସୋସିଆଲ୍ ମିଡିଆରେ ବେଶ୍ ଚର୍ଚ୍ଚାରେ ରହିଛି ଏବଂ ସାରା ବିଶ୍ୱରେ କୋଟିପତି କୁକୁଡ଼ାର ମାନ୍ୟତା ହାସଲ କରିଛି । କୁକୁଡ଼ା ପାଖରେ ରହିଛି ସମସ୍ତ ବିଳାସବ୍ୟସନର ସୁବିଧା । ତାକୁ ଜଗିବା ପାଇଁ ସୁରକ୍ଷାକର୍ମୀ ରହିଛନ୍ତି । କୁକୁଡ଼ାଟି ଦାମୀ ଗାଡ଼ିରେ ବୁଲିବାକୁ ଯାଏ । ଗିଗୁ ନାମରେ ୬୭ କୋଟି ଟଙ୍କାର ସମ୍ପତ୍ତି ରହିଛି । ଏସବୁ ସମ୍ପତ୍ତି ଉତ୍ତରାଧିକାରୀ ସୂତ୍ରରେ ଗିଗୁ ତା'ର ମାଲିକଙ୍କଠାରୁ ପାଇଛି । ଗିଗୁର ମାଲିକ ହେଉଛନ୍ତି ବ୍ରିଟେନର ଜଣେ ଖ୍ୟାତିସମ୍ପନ୍ନ ପ୍ରକାଶକ ମାଇଲ୍ସ ବ୍ଲକ୍ ବେଲ୍ ।

## ସଂକ୍ଷେପରେ

ଅପରେଶନ ମୁସ୍କାନ-୨ ନାମ ବଦଳିଲା

### ସେପ୍ଟେମ୍ବରରୁ ନିଖୋଜ ପିଲାଙ୍କୁ ଖୋଜିବ 'ପରୀ-୨'

କଟକ ଅଫିସ, ୨୧।୮: ନିଖୋଜ ପିଲାମାନଙ୍କୁ ଖୋଜିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ୨୦୧୬ରେ ଆରମ୍ଭ ହୋଇଥିବା ଅପରେଶନ ମୁସ୍କାନ-୨ର ନାମ ପରିବର୍ତ୍ତନ କରାଯାଇଛି। ଏହାର ନୂତନ ନାମ ରଖାଯାଇଛି 'ପରୀ-୨'। ଏନେଇ ମଙ୍ଗଳବାର କ୍ରାଇମ୍ ବ୍ରାଞ୍ଚ ଅତିରିକ୍ତ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ ସୂଚନା ଦେଇଛନ୍ତି। କ୍ରାଇମ୍ ବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ରାଜ୍ୟରେ ନିଖୋଜ ପିଲାମାନଙ୍କୁ ଖୋଜିବା ପାଇଁ ମୁସ୍କାନ-୨ ସଫଳତାର ସହ କାର୍ଯ୍ୟ କରିଛି। ଏବେବି ବହୁତ ପିଲା ନିଖୋଜ ରହିଛନ୍ତି। ସେମାନଙ୍କର ସନ୍ଧାନ ପାଇଁ 'ପରୀ-୨' କାର୍ଯ୍ୟ କରିବ। ଏଥିପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଆସନ୍ତା ସେପ୍ଟେମ୍ବର ୧ରୁ ୧୫ ତାରିଖ ଓ ୧୬ରୁ ୩୦ ତାରିଖ ଦୁଇଟି ପର୍ଯ୍ୟାୟରେ ଏହି ଟିମ୍ ରାଜ୍ୟ ଏବଂ ରାଜ୍ୟ ବାହାରେ ନିଖୋଜ ପିଲାମାନଙ୍କୁ ଖୋଜିବା କାର୍ଯ୍ୟରେ ନିୟୋଜିତ ହେବ ବୋଲି ଉପାଧ୍ୟାୟ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୬ ଜୁଲାଇ ୨୫ରେ ଅପରେଶନ ମୁସ୍କାନ ଗଠନ କରାଯାଇଥିଲା। ଏହି ଟିମ୍ ୨୦୧୬ରେ ଦୁଇଟି ପର୍ଯ୍ୟାୟରେ ମୋଟ ୨୬୧୦ ପିଲାଙ୍କୁ ଉଦ୍ଧାର କରିଥିଲା ସେଥିରୁ ୨୨୭୧ ନାବାଳକ ୩୩୯ ନାବାଳିକା ଥିଲେ।

# ଖାଦ୍ୟ ସୁରକ୍ଷା ଯୋଜନାକୁ ନେଇ ରାଜନୀତି

ଭୁବନେଶ୍ୱର, ୨୧।୮ (ବ୍ୟୁରୋ)

- ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ରାଜନୈତିକ ଚାଲ୍: ଭାଜପା
- ରାଜ୍ୟ ସରକାରଙ୍କ ଯୋଜନା ଦେଖି ଭାଜପା ଆତଙ୍କିତ: ବିଜେଡି
- ରାଜ୍ୟ ଓ କେନ୍ଦ୍ର ସରକାର କଥାରେ ହିରୋ, କାମରେ ଜିରୋ: କଂଗ୍ରେସ

ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଆଇନ ପ୍ରକୃତରେ ଗରିବ, ନିଃସ୍ୱ ଓ ଅସହାୟ ଓଡିଆଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି କରାଯାଇଥିବା ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷ ରଙ୍ଗଲାଲ ଜାମୁଡାଙ୍କ ଚିଠି ସ୍ପଷ୍ଟ କରୁଛି ବୋଲି ଭାଜପା ଅଭିଯୋଗ ଆଣିଛି।

ମଙ୍ଗଳବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଗତ ୮ତାରିଖରେ ରଙ୍ଗଲାଲ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସଚିବଙ୍କୁ ଲେଖିଥିବା ଚିଠି ଗଣମାଧ୍ୟମକୁ ପ୍ରଦାନ କରିଛନ୍ତି। ଚିଠିରେ ଉଲ୍ଲେଖ ରହିଛି ଯେ, ଖାଦ୍ୟ ସୁରକ୍ଷା ଆଇନରେ ଦୁର୍ଗମ ଓ ଜନଜାତି ଅଞ୍ଚଳରେ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ସକାଶେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟର ଟ୍ରାଇବାଲ ସବ୍‌ପ୍ଲାନ ଅନ୍ତର୍ଭୁକ୍ତ ୧୧୯ ଜନଜାତି ଉପଯୋଜନା ଅନ୍ତର୍ଭୁକ୍ତ ବ୍ଲକଗୁଡିକରେ ୭୦୯୧ ଯୋଗ୍ୟ ବିବେଚିତ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ



ଖବରଦାତା ସମ୍ମିଳନୀରେ ସମୀର ମହାନ୍ତି।

କରାଯାଇ ନାହିଁ। ଏହାଛଡା ଜୁନ୍ ୨୦୧୮ ସୁଦ୍ଧା ଏହି ବ୍ଲକର ବିଡିଓମାନଙ୍କ ପାଖରେ ୧୫,୮୨୨ ଆବେଦନ ବିଚାର ଲାଗି ପଡି ରହିଛି। ଏହି ସମୟ ଭିତରେ କ୍ୱାର୍ଟର ଶେଷସୁଦ୍ଧା ଅଧିକ ୮,୬୧୧ ଆବେଦନ ପହଞ୍ଚିଛି। ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଆବେଦନକାରୀଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଜଣାପଡିଛି। ରାଜ୍ୟ ସରକାର ଆବଶ୍ୟକ ନିର୍ଦ୍ଦେଶନାମା ଜାରି କଲେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ବାକିଥିବା ତାଲିକାରେ ପରିବାରଗୁଡିକୁ ସାମିଲ ହୋଇପାରିବେ ବୋଲି ଜାମୁଡା କହିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟ ସରକାର ୩ଲକ୍ଷ ୨୮ହଜାର ୮୫୯ ଆବେଦନକାରୀଙ୍କୁ ସାମିଲ କଲେ ମାସକୁ ୪.୬କୋଟି ଟଙ୍କା ହିସାବରେ ବର୍ଷକୁ ୫୫.୨୪କୋଟି ଟଙ୍କା ଖର୍ଚ୍ଚ କମ୍ ହେବ। ଏହି ଅର୍ଥ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରୁ ଖର୍ଚ୍ଚ କମ୍ ହେବ। ଏହାଦ୍ୱାରା ବିନା କେନ୍ଦ୍ରୀୟ ଅନୁଦାନରେ ୭୮୯ ଅଙ୍ଗନୱାଡି ଗୃହ ତିଆରି କରାଯାଇପାରିବ ବୋଲି ଜାମୁଡା ଚିଠିରେ ଉଲ୍ଲେଖ କରିଛନ୍ତି। ଏହି ପତ୍ରକୁ ଦେଖିଲା ପରେ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଏକ ରାଜନୈତିକ ଚାଲ ବୋଲି ମହାନ୍ତି ଅଭିଯୋଗ କରିଛନ୍ତି।

ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, ରାଜ୍ୟ ସରକାର ଯେତେବେଳେ କେନ୍ଦ୍ରକୁ ଚିଠି ଲେଖି ଜଣାଇଛନ୍ତି, ରାଜ୍ୟରେ ୨୦୧୧-୨୦୧୮ ମଧ୍ୟରେ ବୃଦ୍ଧି ପାଇଥିବା ଜନସଂଖ୍ୟା ଏବଂ ବାଦ୍ ପଡିଥିବା ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଆଇନରେ ସାମିଲ କରାଯାଉ ଏନେଇ କୌଣସି ଉତ୍ତର ମିଳି ନାହିଁ। ସେଥିପାଇଁ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା କରିବାକୁ ବାଧ୍ୟ ହେଲେ। ଭାଜପା ନେତାମାନେ ୩ଲକ୍ଷ ହିତାଧିକାରୀଙ୍କ କଥା କହୁଥିବା ବେଳେ ବାକି ୨୦ଲକ୍ଷଙ୍କ କଥା କାହିଁକି କହୁନି। ଭାଜପା ଆତଙ୍କିତ ହୋଇ ଏଭଳି କହୁଥିବା ପ୍ରତାପ କହିଛନ୍ତି।

ବିରୋଧୀ ଦଳ ନେତା ନରସିଂହ ମିଶ୍ର କିନ୍ତୁ ଏହି ଯୋଜନା କଥା ଉଠାଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି ଯେ, ଅଧିକ ଲୋକଙ୍କୁ ଯଦି ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ପାରୁଛି ତେବେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ଆମ ଦେଶ ଓ ରାଜ୍ୟର ଦୁର୍ଭାଗ୍ୟ ହେଉଛି, କେନ୍ଦ୍ର ଓ ରାଜ୍ୟରେ ଥିବା ସରକାର ଯେମିତି ବାହୁସ୍ଫୋଟ ମାରନ୍ତି ତାକୁ କାର୍ଯ୍ୟରେ କରନ୍ତି ନାହିଁ। ଏମାନେ କଥାରେ ହିରୋ ଆଉ କାମରେ ଜିରୋ ବୋଲି ସେ କହିଛନ୍ତି।

## ଆଜି ଭୁବନେଶ୍ୱରରେ ପହଞ୍ଚିବ ବାଜପେୟୀଙ୍କ ଅସ୍ଥିକଳସ

ଭୁବନେଶ୍ୱର, ୨୧।୮ (ବ୍ୟୁରୋ)

ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ବୁଧବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଅସ୍ଥିକଳସ ଆଣି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ଏହା ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଅଣାଯିବ। ସେଠାରେ ଗୋଟିଏ ଦିନ ଅସ୍ଥିକଳସକୁ ରଖାଯିବ ବୋଲି ଦଳର ମୁଖପାତ୍ର ଗୋଲକ ମହାପାତ୍ର ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗୋଲକ କହିଛନ୍ତି, ଆସନ୍ତା ୨୩ ତାରିଖରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ, ସଭାପତି ବସନ୍ତ ପଣ୍ଡା ଏବଂ ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓଙ୍କ ସମେତ ରାଜ୍ୟ ନେତୃମଣ୍ଡଳୀ ଅସ୍ଥିକଳସ ଧରି ପୁରୀ ଅଭିମୁଖେ ଯାତ୍ରା କରିବେ। ଏହି ଶୋଭାଯାତ୍ରା ଭୁବନେଶ୍ୱରଠାରୁ ବାହାରି ଅଠରନଳାଠାରେ ପହଞ୍ଚିବ। ସେଠାରୁ ପୁରୀ ଯାଇ ମହୋଦଧିରେ ବିସର୍ଜନ କରାଯିବ। ୨୪ତାରିଖରେ ରାଜଧାନୀର ପ୍ରଦର୍ଶନୀ ପଡିଆଠାରେ ସାର୍ବଜନୀନ ଓ ସର୍ବଦଳୀୟ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ। ଏହି ସଭାରେ ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ ଓ ଦଳର ସବୁ ନେତା ଓ କର୍ମୀମାନେ ଉପସ୍ଥିତ ରହି ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ମହାପାତ୍ର ନିବେଦନ କରିଛନ୍ତି।

## ସମସ୍ତ ସରକାରୀ ମେଡିକାଲ କଲେଜରେ ଡାକ୍ତରୀ ସିଟ୍ ପୂରଣ

ଭୁବନେଶ୍ୱର, ୨୧।୮ (ବ୍ୟୁରୋ): ନାମଲେଖା ପାଇଁ ରାଜ୍ୟର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକରେ ରହିଥିବା ସମସ୍ତ ଡାକ୍ତରୀ ସିଟ୍ ପୂରଣ ହୋଇଯାଇଛି। କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ, ବୁର୍ଲା ମେଡିକାଲ କଲେଜ ଓ ହସ୍ପିଟାଲ, ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ, ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ, ବାଲେଶ୍ୱର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ, କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ, କଟକ ଏସିବି ଡେଣ୍ଟାଲ କଲେଜରେ ଥିବା ସମସ୍ତ ଏମ୍‌ବିବିଏସ୍ ଓ ବିଡିଏ ସିଟ୍ ପୂରଣ ହୋଇଛି। ଅନ୍ୟପଟେ ଭୁବନେଶ୍ୱରରେ ଥିବା ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ସିଟ୍ ପୂରଣ ହୋଇନାହିଁ। ଏଠାରେ ଏମ୍‌ବିବିଏସ୍‌ରେ ୨ଟି ଓ ଡେଣ୍ଟାଲ କଲେଜରେ ୬୪ଟି ବିଡିଏସ୍ ସିଟ୍ ଖାଲି ପଡ଼ିଛି। ସୂଚନାଯୋଗ୍ୟ ଏଠାରେ ଏମ୍‌ବିବିଏସ୍ ଏବଂ ବିଡିଏସ୍‌ରେ ୧୦୦ ଲେଖାଏ ସିଟ୍ ରହିଛି। ତେବେ ବଳକା ସିଟ୍ ପାଇଁ ବୁଧବାର ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ।

# ରାଫେଲ ଦୁର୍ନୀତି ପ୍ରସଙ୍ଗରେ କେନ୍ଦ୍ରକୁ କଂଗ୍ରେସର ଟାର୍ଗେଟ

ଭୁବନେଶ୍ୱର, ୨୧।୮ (ବ୍ୟୁରୋ)

ରାଫେଲ ଦୁର୍ନୀତି କଥା ଉଠାଇ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ କଂଗ୍ରେସ କଡା ଭାଷାରେ ସମାଲୋଚନା କରିଛି। କେନ୍ଦ୍ର ସରକାର ଏବଂ ରିଲାଏନ୍ସ ମଧ୍ୟରେ ଏନେଇ ଏକ ଅସାଧୁ ଚୁକ୍ତି ହୋଇଛି। ଉପା ସରକାର ସମୟରେ ୨୦୧୨ ଡିସେମ୍ବର ୧୨ରେ ୩୬ଟି ରାଫେଲ ବିମାନ କ୍ରୟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରତ୍ୟେକଟି ରାଫେଲ ବିମାନ ୫୨୬.୧୦କୋଟି ଟଙ୍କା ମୂଲ୍ୟରେ କିଣାଯିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଏପ୍ରିଲ ୨୦୧୫ରେ ମୋଦି ସରକାରଙ୍କ ପକ୍ଷରୁ ଜରୁରିକାଳୀନ ଆତ୍ମଘୋଷଣା କରାଗଲା ଯେ, ୩୬ଟି ରାଫେଲ ବିମାନ ପ୍ୟାରିସ୍‌ଠାରୁ କ୍ରୟ କରାଯିବ। ପ୍ରତ୍ୟେକ ବିମାନର ଦାମ୍ ୧୬୭୦.୭୦କୋଟି ଟଙ୍କା ହିସାବରେ ୩୬ଟି ପାଇଁ ୬୦,୧୪୫କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଲା। ଏ ସମ୍ପର୍କରେ ୨୦୧୬ ବାର୍ଷିକ ବିବରଣୀରେ ସ୍ଥାନ ପାଇ ନ ଥିଲା। ମାତ୍ର ରିଲାଏନ୍ସ ଡିଫେନ୍ସ ଲିମିଟେଡ୍ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହା ଉଲ୍ଲେଖ ରହିଥିଲା। ଉପା ସରକାର ୩୬ଟି ରାଫେଲ୍ ବିମାନ



ଖବରଦାତା ସମ୍ମିଳନୀରେ ପ୍ରଭାରୀ ଜିତେନ୍ଦ୍ର ସିଂ ଏବଂ କଂଗ୍ରେସର ନେତୃବୃନ୍ଦ।

୧୮,୯୪୦କୋଟି ଟଙ୍କା ବିନିମୟରେ ନିର୍ମାଣ କରିବାକୁ ଯୋଜନା କରିଥିଲେ। ତେବେ ମୋଦି ସରକାର କାହିଁକି ଏବଂ କାହା ସ୍ୱାର୍ଥରେ ୩୬ଟି ବିମାନ ପାଇଁ ୪୧, ୨୦୬କୋଟି ଟଙ୍କା ଅଧିକ ଖର୍ଚ୍ଚ କଲେ ସେନେଇ ପିସିସି (ପ୍ରଦେଶ କଂଗ୍ରେସ କମିଟି) ପ୍ରଭାରୀ ଜିତେନ୍ଦ୍ର ସିଂ ପ୍ରଶ୍ନ ଉଠାଇଛନ୍ତି। ଏଥିରୁ ଦୁର୍ନୀତିର ଗନ୍ଧ ବାରି ହେଉଛି ବୋଲି ସେ ଅଭିଯୋଗ କରିଛନ୍ତି।

ମଙ୍ଗଳବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିତେନ୍ଦ୍ର କହିଛନ୍ତି ଯେ, ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପ୍ରତିରକ୍ଷା ମନ୍ତ୍ରୀ ୩୬ଟି ଏୟାରକ୍ରାଫ୍ଟ ଚୁକ୍ତିର ଗୋପନୀୟତାକୁ ପ୍ରକାଶ କରିବାକୁ ଅରାଜି ଥିଲେ। ଏନେଇ କେନ୍ଦ୍ର ସରକାର ଏବଂ ଫ୍ରାନ୍ସ ମଧ୍ୟରେ ହୋଇଥିବା ଚୁକ୍ତିନାମାର ଗୋପନୀୟତା ସମ୍ପର୍କରେ କିଛି ଉଲ୍ଲେଖ ନ ଥିଲା। ଭାରତୀୟ ବାୟୁସେନାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୧୨୬ଟି ବିମାନ କିଣାଯିବାକୁ ନିଷ୍ପତ୍ତି ହୋଇଥିଲା ବେଳେ ସେଥିରୁ ୩୬ଟି ପାଇଁ କାହିଁକି ପ୍ରଧାନମନ୍ତ୍ରୀ ଆଗ୍ରହ ପ୍ରକାଶ କରୁଛନ୍ତି। ଏନେଇ କ୍ୟାବିନେଟ୍ ଅନୁମତି ମଧ୍ୟ ଏ ପର୍ଯ୍ୟନ୍ତ ନିଆଯାଇ ନାହିଁ। ରିଲାଏନ୍ସ ଡିଫେନ୍ସ ଲିମିଟେଡ୍‌ର କୌଣସି ଅଭିଜ୍ଞତା ନ ଥାଇ ତାକୁ ଅଫ୍‌ସେଟ୍ କଣ୍ଟ୍ରାକ୍ଟ ଦିଆଯିବାକୁ ନେଇ ଜିତେନ୍ଦ୍ର ପ୍ରଶ୍ନ ଉଠାଇଛନ୍ତି। ୨୦୧୮ ଫେବୃୟାରୀ ୧୨ରେ ପ୍ରତିରକ୍ଷା ମନ୍ତ୍ରୀ ପିଆଇବିକୁ ଦେଇଥିବା ପ୍ରେସ୍ ବିଜ୍ଞପ୍ତିରେ କାହାରିକୁ ଅଫ୍‌ସେଟ୍ କଣ୍ଟ୍ରାକ୍ଟ ଦିଆଯାଇ ନ ଥିବା ଜଣାଇଥିଲେ। ମାତ୍ର ଫ୍ରାନ୍ସ ଓ ଭାରତର ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ଭାଜପାର ବହୁ ବରିଷ୍ଠ ନେତା ରିଲାଏନ୍ସ ବିମାନ ଉତ୍ପାଦନକାରୀ ସଂସ୍ଥାର ଶୁଭ ଉଦ୍‌ଘାଟନ କାର୍ଯ୍ୟରେ ଯୋଗ ଦେବା ପରେ ଏହାକୁ ନେଇ ଦୁର୍ନୀତିର ଗନ୍ଧ ବାରି ହେଉଥିବା ସେ ଅଭିଯୋଗ କରିଛନ୍ତି।

## ଟିଟୋଙ୍କୁ ଆଉ ଏକ ମାମଲାରେ ଯୋଡ଼ିଲା କ୍ରାଇମବ୍ରାଞ୍ଚ

କେନ୍ଦ୍ରାପଡା ଅଫିସ, ୨୧।୮

ଗ୍ୟାଙ୍ଗଷ୍ଟର ଟିଟୋ ଓରଫ ସୟଦ ଉସମାନ ଅଲ୍ଲୀ କେନ୍ଦ୍ରାପଡା ଏସଡିଜେଏମ୍ କୋର୍ଟରେ ମଙ୍ଗଳବାର ହାଜିରା ଦେଇଥିଲେ। ଏହି ଅବସରରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଏସଟିଏଫ କେସ ନଂ.-୮/୧୮ରେ ଟିଟୋଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ଟ୍ୟାଗ କରିବା ପାଇଁ ଆବେଦନ କରାଯାଇଥିଲା। ଏସଡିଜେଏମ ନୀହାରରଞ୍ଜନ ସାହୁ ଏଥିପାଇଁ ଅନୁମତି ପ୍ରଦାନ କରିଛନ୍ତି। ଏହି ମାମଲା ଗତ ଜୁଲାଇ ୧୦ ତାରିଖରେ କ୍ରାଇମବ୍ରାଞ୍ଚ ପକ୍ଷରୁ ହୋଇଥିଲା। ଏଥିରେ ଟିଟୋ ଓ ତାଙ୍କ ସମ୍ପର୍କୀୟମାନେ ଆପରାଧିକ ଭିତ୍ତିଭୂମିରେ ଅର୍ଥ ଉପାର୍ଜନ କରିଥିବା ଦର୍ଶାଯାଇଛି। ଏହି ମାମଲାରେ ଟେଣ୍ଡର ଫିକ୍ସିଂ, ଦାଦାବଟି ମାଗିବା, ହତ୍ୟା ଧମକ, ହତ୍ୟା ଆଦି ବେଆଇନ କାରବାରରେ ଅର୍ଥ ଆସିଥିବା ଦର୍ଶାଯାଇଛି ।

ସୂଚନାଯୋଗ୍ୟ, ଗତ ଜୁନ ୩୦ ତାରିଖରେ ଟିଟୋଙ୍କୁ କ୍ରାଇମବ୍ରାଞ୍ଚ ଟିମ ସହରର ଦିଲାରପୁରସ୍ଥିତ ମଠ (କାର୍ଯ୍ୟାଳୟ)ରୁ ଗିରଫ କରିଥିଲେ। ଡକାୟତି ଓ ହତ୍ୟା ଯୋଜନା ଅଭିଯୋଗରେ ଏସଟିଏଫ୍ କେସ ନଂ.-୬/୧୮ରେ କ୍ରାଇମବ୍ରାଞ୍ଚ ଟିମ୍ ପୂର୍ବରୁ ୩ଟି ପର୍ଯ୍ୟାୟରେ ଟିଟୋଙ୍କୁ ୧୨ ଦିନ ପାଇଁ ରିମାଣ୍ଡରେ ନେଇସାରିଛି। ତେବେ ଟିଟୋଙ୍କୁ ଏହି ମାମଲା (ଏସଟିଏଫ କେସ ନଂ-୮/୧୮)ରେ କ୍ରାଇମବ୍ରାଞ୍ଚ ଯୋଡ଼ିବା ପରେ ତାଙ୍କୁ ପୁଣି ଥରେ ରିମାଣ୍ଡରେ ନେବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଆବେଦନ କରାଯିବ ବୋଲି ସୂଚନା ମିଳିଛି। କ୍ରାଇମବ୍ରାଞ୍ଚ ଟିମ୍ ଅଦ୍ୟାବଧି ଟିଟୋଙ୍କର ୧୩ ସହଯୋଗୀଙ୍କୁ ଗିରଫ କରିଛି। ସେହିପରି ଟିଟୋଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ଜିଲା ପୋଲିସ ପକ୍ଷରୁ ୩ଟି ଥାନାରେ ୫ଟି ମାମଲାର ପୁନଃ ତଦନ୍ତ ଆରମ୍ଭ ହୋଇଛି।

# ଚାକିରି ନିୟମିତ ପାଇଁ ସତ୍ୟପାଠ ବିଜ୍ଞପ୍ତି ରଦ୍ଦ

କଟକ ଅଫିସ, ୨୧।୮

ଚାକିରି ନିୟମିତ ପାଇଁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ ମାମଲାରେ ସରକାରଙ୍କ ବିଜ୍ଞପ୍ତିକୁ ରଦ୍ଦ କରିଛନ୍ତି ହାଇକୋର୍ଟ। ୨୦୧୭ ପରଠାରୁ ଶିକ୍ଷକ ଓ ଅଧ୍ୟାପକମାନଙ୍କୁ ନିୟମିତ କରିବା ଆଳରେ ସରକାର ସେମାନଙ୍କଠାରୁ ସତ୍ୟପାଠ ଆହ୍ୱାନ କରିଥିଲେ। ଏ ନେଇ ସରକାର ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଉକ୍ତ ବିଜ୍ଞପ୍ତି ଅନୁଯାୟୀ, ଯେଉଁମାନଙ୍କ ଚାକିରି ନିୟମିତ କରାଯିବ ସେମାନେ ଏକ ସତ୍ୟପାଠ ଦାଖଲ କରିବେ। ଉକ୍ତ ସତ୍ୟପାଠରେ ସେମାନେ ଉଲ୍ଲେଖ କରିବେ ଯେ, ପୂର୍ବରୁ ନିୟମିତ ହେବା ପାଇଁ ସେମାନେ ସରକାରଙ୍କ ବିରୋଧରେ ଯେଉଁସବୁ ମାମଲା କରିଛନ୍ତି ସେ ସବୁକୁ ପ୍ରତ୍ୟାହାର କରିବେ ଓ ଭବିଷ୍ୟତରେ ସରକାରଙ୍କ ନିଷ୍ପତ୍ତି ବିରୋଧରେ ପୁନର୍ବାର କୌଣସି ମାମଲାର ଆଶ୍ରୟ ନେବେ ନାହିଁ। ସରକାରଙ୍କ ଏଭଳି ଅଜବ ବିଜ୍ଞପ୍ତିକୁ ବିରୋଧ କରି କେତେଜଣ ଶିକ୍ଷକ, ଅଧ୍ୟାପକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ଏ.କେ. ରଥ ସରକାରଙ୍କ ପକ୍ଷରୁ ପ୍ରକାଶିତ ଉକ୍ତ ବିଜ୍ଞପ୍ତିକୁ ରଦ୍ଦ କରିବାକୁ ଆଦେଶ ଦେଇଛନ୍ତି। ଆବେଦନକାରୀ ଶିକ୍ଷକ ଓ ଅଧ୍ୟାପକଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବୁଦ୍ଧଦେବ ରାଉତରାୟ ମାମଲା ପରିଚାଳନା କରୁଥିଲେ।

ଓଏସ୍‌ଆର୍‌ଟିସି ବସ୍ କର୍ମଚାରୀଙ୍କ ଆନ୍ଦୋଳନ

# ୬ଶହ ବସ୍ ଚଳାଚଳ ବନ୍ଦ, ଯାତ୍ରୀ ହନ୍ତସନ୍ତ

ଭୁବନେଶ୍ୱର, ୨୧।୮ (ବ୍ୟୁରୋ)

ଓଡ଼ିଶା ରାଜ୍ୟ ସଡ଼କ ପରିବହନ (ଓଏସ୍‌ଆର୍‌ଟିସି) ବସ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବା ଯୋଗୁ ରାଜ୍ୟରେ ୬୦୦ରୁ ଊର୍ଦ୍ଧ୍ୱ ବସ ବିଭିନ୍ନ ସ୍ଥାନରେ ଅଟକି ରହିଛି। ୪ଦଫା ଦାବି ପୂରଣ ନେଇ ଏହି କର୍ମଚାରୀମାନେ ଆସନ୍ତା ୩ ଦିନ ଯାଏ ଧର୍ମଘଟ ଡାକରା ଦେଇଛନ୍ତି। କର୍ମଚାରୀମାନେ ଦାବି ପୂରଣ ପାଇଁ ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦ ଆରମ୍ଭ କରିଛନ୍ତି। ସମାନ କାମ ପାଇଁ ସମାନ ଦରମା ଏବଂ ସପ୍ତମ ବେତନ କମିଶନ ଅନୁଯାୟୀ ଦରମା ଦେବାକୁ ଦାବି କରାଯାଇଛି। ଓଏସଆରଟିସିର ୬୦୦ ବସ ବନ୍ଦ ହେବା ଯୋଗୁ ଦୂରଦୂରାନ୍ତକୁ ଯିବାକୁ ଅପେକ୍ଷା କରିଥିବା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବାଦାମବାଡି ବସଷ୍ଟାଣ୍ଡରୁ ୬୦ଟି ବସ ଚଳାଚଳ ବନ୍ଦ ରହିଛି। ସେହି ପରି ଭୁବନେଶ୍ୱର ଓ ଅନ୍ୟାନ୍ୟ ସ୍ଥାନରୁ ବସ ଚଳାଚଳ ବନ୍ଦ ରହିଛି। କୋରାପୁଟ, ମାଲକାନଗିରି, ରାୟଗଡା ଓ ଅନ୍ୟାନ୍ୟସ୍ଥାନକୁ ଯିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀମାନେ ବସ ଧର୍ମଘଟ ଯୋଗୁ ଯାଇ ନ ପାରି ଅପେକ୍ଷା କରି ରହିଛନ୍ତି। ସମାନ କାର୍ଯ୍ୟକୁ ସମାନ ଦରମା, ସପ୍ତମ ବେତନ କମିଶନ ଆଧାରରେ ଦରମା, ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଆଦି ଆମର ନ୍ୟାଯ୍ୟ ଦାବି। ସରକାର ଏହାକୁ ନ ମାନିଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଓଡିଶା ରାଜ୍ୟ ସଡକ ପରିବହନ ନିଗମ ସଂଘ ପକ୍ଷରୁ କୁହାଯାଇଛି।



କର୍ମଚାରୀଙ୍କ ଧର୍ମଘଟଯୋଗୁ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ଅଟକି ରହିଥିବା ବସ୍।








B-61 & 62, 1st floor, Near Durga Mandap, Saheed Nagar, Bhubaneswar.



ଆତଙ୍କବାଦ ପ୍ରଶାସନିକ ହିଂସା ଓ ଅନ୍ୟାୟ ଦ୍ୱାରା ବଞ୍ଚି ରହେ। କେବଳ ଏହି ପରିବେଶରେ ହିଁ ଏହା ବଂଚିପାରେ ଓ ବଢିପାରେ। ବେଳେବେଳେ ଏହା ଉର୍ଦ୍ଧ୍ୱର ବାଛବିଚାରହୀନ ଉଦାହରଣକୁ ଅନୁସରଣ କରେ। ବେଳେବେଳେ ଯଦିଓ ଏହା ବିରଳ-ଏହା ତଳୁ ଆରମ୍ଭ ହୁଏ। କିନ୍ତୁ ଉର୍ଦ୍ଧ୍ୱର ଶକ୍ତି- ଯାହାକି ନିମ୍ନର ଉଦାହରଣକୁ ଅନୁସରଣ କରେ। ତାହା ଆତ୍ମହତ୍ୟା କରିବା ପଥରେ ହିଁ ରହିଥାଏ। -ଶ୍ରୀଅରବିନ୍ଦ



# ଫସଲବୀମା ନକାରାତ୍ମକ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍ଏଫ୍‌ବିୱାଇ) ୧୩ ଜାନୁୟାରୀ ୨୦୧୬ରେ ଆରମ୍ଭ ହୋଇଥିଲା। ପୋକ ତଥା ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଫସଲ ନଷ୍ଟ ହେଲେ ଏହି ବାବଦରେ କୃଷକ ଯେଉଁ କ୍ଷତି ସହେ ତାହାକୁ ଭରଣା କରିବା ଲାଗି କେନ୍ଦ୍ର ସରକାର ଏପରି ବ୍ୟବସ୍ଥା କରିଥିଲେ। ଏଥିପାଇଁ ଚାଷୀଙ୍କୁ ଖରିଫ ଫସଲ ପାଇଁ ୨ ପ୍ରତିଶତ ଓ ରବି ଫସଲ ପାଇଁ ୧.୫ ପ୍ରତିଶତ ପ୍ରିମିୟମ ଏବଂ ଉଦ୍ୟାନ କୃଷି ଭଳି ଲାଭଦାୟକ ଚାଷ ଲାଗି ପ୍ରିମିୟମକୁ ୫ ପ୍ରତିଶତ ରଖାଯାଇଛି। ଅର୍ଥାତ୍ କମ୍ ପ୍ରିମିୟମ ଦେଇ ଚାଷୀ ଅଧିକ ସୁରକ୍ଷିତ ହୋଇପାରିବ ବୋଲି ଏହି ଯୋଜନାରେ ବ୍ୟବସ୍ଥା ହୋଇଛି। ଏଠାରେ ମନେରଖିବାକୁ ହେବ ଯେ ଇନ୍‌ସ୍ୟୁରାନ୍ସ ବା ବୀମା ଏକ ନକାରାତ୍ମକ ସୁରକ୍ଷା ଅର୍ଥାତ୍ କ୍ଷତି ଘଟିବା ପରେ ଚାଷୀଙ୍କୁ ବୀମା ଅର୍ଥ ମିଳିପାରିବ। ଯେଉଁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)କୁ ଅନେକ ଗୁଣାରେ ବୃଦ୍ଧି କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା ତାହା ଏପର୍ଯ୍ୟନ୍ତ ସରକାରୀ ସ୍ତରରେ କାର୍ଯ୍ୟକାରୀ କରାଯାଇନାହିଁ। ଚାଷୀଙ୍କଠାରୁ ଅତି ସ୍ୱଳ୍ପ ପରିମାଣରେ ବୀମା ପଲିସି କାର୍ଯ୍ୟକାରୀ କରିବାକୁ ଦିଆଯାଉଥିବା ପ୍ରତିଶ୍ରୁତି ଏକ ବିରାଟ ଧୂଆଁବାଣ। ସିଧାସଳଖ ଚାଷୀଙ୍କ ହାତରୁ ଅର୍ଥ ନେବା ପରିବର୍ତ୍ତେ ଏବେକାର ସରକାର ଏକ ଅଭିନବ ଉପାୟରେ ବିପୁଳ ପରିମାଣର ଅର୍ଥ ପ୍ରିମିୟମ ଆକାରରେ ବୀମା କମ୍ପାନୀମାନଙ୍କୁ ଦେଇ ଦେଉଛନ୍ତି। ମନେରଖିବାକୁ ହେବ ଯେ, ତାହା ହେଉଛି କରଦାତାଙ୍କ ଅର୍ଥ। ଏଥିରେ ଲାଭବାନ ହେଉଥିବା ବୀମା କମ୍ପାନୀମାନେ ସେମାନଙ୍କ ଚତୁରପଣିଆ ପ୍ରଦର୍ଶନ କରିସାରିଲେଣି।

ନିକଟରେ ୱେଦର ରିସ୍କ ମ୍ୟାନେଜମେଣ୍ଟ ସର୍ଭିସେସ ପ୍ରାଇଭେଟ ଲିମିଟେଡ୍ ନାମକ ଏକ ସଂସ୍ଥା ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି ଯେ, ଦେଶର ୬୮ ପ୍ରତିଶତ ଚାଷୀ ଫସଲ ବୀମା ଯୋଜନା ବିଷୟରେ ଜାଣିନାହାନ୍ତି। ଏହାର ପ୍ରଚାର ଓ ପ୍ରସାର ଲାଗି ଢେର ଅର୍ଥ ବ୍ୟୟ କରାଯାଉଥିଲେ ହେଁ କୃଷକ ତା'ର ସୁଫଳ ପାଇପାରୁ ନାହିଁ। ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ବିହାର, ନାଗାଲାଣ୍ଡ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଏବଂ ଗୁଜରାଟ ଆଦି ୮ଟି ରାଜ୍ୟକୁ ନେଇ ଏହି ସର୍ବେକ୍ଷଣ କରାଯାଇଥିଲା। ସର୍ବେକ୍ଷଣ ବେଳେ କୃଷକମାନେ ଅଭିଯୋଗ କରିଥିଲେ ଯେ ଯେଉଁମାନେ ଋଣ କରିନାହାନ୍ତି ସେମାନଙ୍କୁ ଏହି ଫସଲବୀମା ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ସମସ୍ୟା ଉପୁଜୁଛି। ଏହାକୁ ବୁଝିବାର ଅନ୍ୟ ଏକ ବାଟ ଅଛି। ଯେଉଁ ଚାଷୀ ଋଣ ନେଇ ଆର୍ଥିକ ସଂସ୍ଥା ଉପରେ ନିର୍ଭରଶୀଳ କେବଳ ମାତ୍ର ସେହି ଚାଷୀଙ୍କୁ ସୁରକ୍ଷିତ ରଖିବାର ଉଦ୍ୟମ ପଛରେ ଏକ ଭିନ୍ନ ଉଦ୍ଦେଶ୍ୟ ରହିଥାଇପାରେ। ସେହି ଉଦ୍ଦେଶ୍ୟ ହେଲା, ଚାଷୀଙ୍କୁ ଋଣ ଦେଇଥିବା ଆର୍ଥିକ ସଂସ୍ଥାକୁ ଓଲଟା ହାତରେ ବୀମା ମାଧ୍ୟମରେ ସୁରକ୍ଷିତ ରଖାଗଲା। ବାସ୍ତବରେ ଚାଷୀର କୌଣସି ଲାଭ ହେଲାନାହିଁ। ଅନ୍ୟପଟେ ଚାଷୀର ସୁରକ୍ଷା ପାଇଁ ଚିନ୍ତିତ ଦର୍ଶାଇବାକୁ ଯାଇ ଆଜିର ବ୍ୟବସ୍ଥା ଅସୁରକ୍ଷିତ ଚାଷୀ ପାଇଁ ଦରଦ ରଖୁନାହିଁ। ଅର୍ଥାତ୍ ଋଣ ଗ୍ରହଣ କରି ନ ଥିବା କୃଷକ ଯେତେବେଳେ ନିଜ ଗୋଡରେ ଛିଡା ହୋଇ ଦେଶକୁ ଖାଦ୍ୟ ଯୋଗାଇବା କାର୍ଯ୍ୟରେ ଲାଗିଛି, ସେଭଳି ଚାଷୀ ପାଇଁ ସରକାରଙ୍କ କୌଣସି ସୁରକ୍ଷା ବ୍ୟବସ୍ଥା ସୃଷ୍ଟି କରାଯାଉନାହିଁ। ସମ୍ଭବତଃ ଏଥିରୁ ବୁଝାପଡୁଛି ଯେ, ବୀମା ବ୍ୟବସ୍ଥାକୁ ଲୋକଲୋଚନକୁ ଆଣିବା ପାଇଁ ସରକାରଙ୍କର ଆଗ୍ରହର ଅଭାବ ରହିଛି।

ଏହି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ପିଏମ୍ଏଫ୍‌ବିୱାଇ ଲାଗି ଉପଭୋକ୍ତା ସେବା କେନ୍ଦ୍ର ଓ ବ୍ୟାଙ୍କ ପକ୍ଷରୁ ସେଭଳି ସହଯୋଗ ଉପଲବ୍ଧ ହେଉ ନାହିଁ। ୨୬ ପ୍ରତିଶତ ଚାଷୀ ଏଥିପାଇଁ ସରକାରୀ ଅଧିକାରୀଙ୍କୁ ଦାୟୀ କରିଥିବା ବେଳେ ୧୭ ପ୍ରତିଶତ କୃଷକ ଅନ୍‌ଲାଇନ ବ୍ୟବସ୍ଥାକୁ ଦୋଷ ଦେଇଛନ୍ତି। ଆଜିର ତଥାକଥିତ ଡିଜିଟାଲ ଭାରତରେ ସବୁ କାର୍ଯ୍ୟକୁ ଅନ୍‌ଲାଇନ କରିବା ପଛରେ ବିଭାଜନମୂଳକ ଉଦ୍ଦେଶ୍ୟ ରହୁଛି। ଅଶିକ୍ଷିତ, ଖଟିଖିଆ ଯିଏ ଦିନମଜୁରି କଲେ ପେଟ ପୋଷୁଛି ଏବଂ ସର୍ବୋପରି କମ୍ପ୍ୟୁଟର ସୁବିଧାରୁ ଦୂରେଇ ରହିଥିବା ନାଗରିକ ମଧ୍ୟ ଆପଣାଛାଏ ସବୁ ଅନ୍‌ଲାଇନ ସୁବିଧାରୁ ବଞ୍ଚିତ ହୋଇଯାଉଛି। ଅନୁରୂପଭାବେ ନୂତନ ଆଇନ ପ୍ରଣୟନ ବ୍ୟବସ୍ଥାକୁ ଦେଖାଯାଉ। ନିକଟ ଅତୀତରେ ନୂଆ ଆଇନ ବିଶେଷକରି ଅର୍ଥନୀତି ସମ୍ପର୍କିତ ଆଇନ ପ୍ରଣୟନ ପୂର୍ବରୁ ଅନ୍‌ଲାଇନ ମାଧ୍ୟମରେ ସାଧାରଣ ନାଗରିକଙ୍କ ମତାମତ ଲୋଡାଯାଉଛି। ଫଳସ୍ୱରୂପ କମ୍ପ୍ୟୁଟର ଜାଣିଥିବା ବ୍ୟକ୍ତି ମଧ୍ୟ ଏଭଳି ଆଇନ ସମ୍ପର୍କରେ ନିଜର ସୁଚିନ୍ତିତ ମତାମତ ରଖିବା ପାଇଁ ୱେବସାଇଟ ଖୋଜି ପାଇବା ସହଜ ନୁହେଁ। ତେଣୁ ମୁଷ୍ଟିମେୟ ଲୋକଙ୍କ ମତକୁ ନେଇ ଭାରତୀୟ ପାର୍ଲାମେଣ୍ଟରେ ଆଇନ ପ୍ରଣୟନ କରାଯାଉଛି। ଅପରପଟେ କୁହାଯାଉଛି ସମ୍ପୃକ୍ତ ଆଇନ ସପକ୍ଷରେ ଭାରତର ଅଧିକାଂଶ ନାଗରିକଙ୍କ ସମର୍ଥନ ରହିଛି। ସେହିଭଳି ସରକାରୀ ଅଧିକାରୀଙ୍କ ଦୁର୍ନୀତିକୁ ସୁବିଧା କରିବା ପାଇଁ ଅଧିକାଂଶ ଟେଣ୍ଡରକୁ ଅନ୍‌ଲାଇନ କରାଯାଉଛି। ପୂର୍ବରୁ ଖବରକାଗଜ ମାଧ୍ୟମରେ ଏସବୁ ପ୍ରକାଶ କରିବାକୁ ବାଧ୍ୟ ହେଉଥିବା ମନ୍ତ୍ରଣାଳୟଗୁଡ଼ିକ ନିଜର ପ୍ରକଳ୍ପର ଆରମ୍ଭ ଓ ଶେଷ ଅବଧି ଏବଂ ଖର୍ଚ୍ଚ ବାବଦରେ ଜନସାଧାରଣଙ୍କୁ ଅବଗତ କରାଉଥିଲେ। ଅନ୍‌ଲାଇନ ବ୍ୟବସ୍ଥା ଲାଗୁହେବା ପରେ କେବଳ ବଛା ବଛା ଠିକାଦାରଙ୍କ ସହ ଅଧିକାରୀଙ୍କ ବୁଝାମଣା ହୋଇଯାଉଛି। ଫଳରେ ଅଧିକ ସଂଖ୍ୟକ ଠିକାଦାର ଭାଗ ନେଇପାରୁ ନାହାନ୍ତି ଏବଂ ସେଥିଯୋଗୁ ପ୍ରକଳ୍ପର ବ୍ୟୟବରାଦ ବୃଦ୍ଧିପାଇବାରେ ଲାଗିଛି। ଏହିଭଳି ପଥରେ ଆଗେଇ ଚାଲିଥିବା ଭାରତ ଖୁବ୍‌ଶୀଘ୍ର ଗ୍ରୀସ୍ ଅର୍ଥନୀତିର ଦୁର୍ଦ୍ଦଶା ଭୋଗିବାର ସବୁ ଲକ୍ଷଣ ଦେଖାଇଲାଣି। ଏହି ପ୍ରଚ୍ଛଦପଟରେ କୃଷକଙ୍କୁ ବଞ୍ଚାଇରଖିବା ଏବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇପଡିଲାଣି।

ତଥାଗତ ସତପଥୀ

## ଚିରନ୍ତନୀ

ତା' ବ୍ୟଥାରେ ବଥାଏ ଯେ
ବାରତା ତାହାର ବୁଝେ
ମୋର ପ୍ରାଣ ମନ
ଅଧର ନୟନ।
(ବ୍ୟବଧାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | B | | C | | | 1 | E | 8 | | | | | |
| 4 | 7 | | | | | | A | | | | | | | |
| | | | 5 | | 9 | | 4 | | | | | | | E |
| | 6 | | | | | C | B | | | | | | 5 | |
| C | 1 | | | | 7 | | 8 | | | B | 0 | 3 | | |
| 3 | | 9 | | E | | | | B | | | | | 8 | |
| | | | | B | | 7 | E | | 4 | | | 2 | C | |
| | D | | | 5 | 4 | | | | | | E | | 6 | |
| 5 | | 8 | | 0 | C | | 2 | | | | 6 | 9 | | |
| | | 7 | A | | | | | | | | | D | | |
| 2 | | 6 | | 1 | B | | 5 | | | 3 | 7 | | | C |
| | 5 | | | | | A | | | | | | | | |
| | A | | 9 | 8 | | 1 | 7 | | | | | 4 | B | |
| | E | | | 3 | 6 | D | | | | | | A | 9 | 0 |
| | | | | D | | | | | | 0 | 2 | | 1 | 5 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 6 | A | 7 | B | 0 | C | 3 | 1 | E | 9 | 4 | 2 | 8 | 5 |
| 8 | 0 | 2 | 3 | 6 | C | B | 4 | 9 | 1 | 7 | 5 | A | D | E |
| 1 | 9 | B | 5 | E | D | 8 | 0 | 7 | 3 | A | 2 | 4 | 6 | C |
| E | 5 | 3 | 9 | 4 | 2 | D | A | 6 | 8 | B | C | 7 | 0 | 1 |
| 4 | 7 | C | 1 | 8 | A | 5 | 2 | E | 6 | D | 0 | B | 9 | 3 |
| 9 | 2 | E | 8 | 1 | 7 | 6 | B | D | A | 5 | 3 | C | 4 | 0 |
| 3 | B | 5 | 4 | 0 | 9 | 1 | E | 2 | 7 | C | 8 | D | A | 6 |
| C | 8 | 4 | E | A | 6 | 3 | 7 | 0 | D | 1 | 9 | 5 | B | 2 |
| 6 | A | 0 | D | 2 | 5 | 9 | 8 | C | 4 | E | B | 1 | 3 | 7 |
| 7 | 1 | D | B | C | 3 | 4 | 5 | A | 0 | 2 | 6 | 9 | E | 8 |
| 2 | E | 1 | 6 | 5 | 4 | 7 | D | 8 | B | 0 | A | 3 | C | 9 |
| A | 3 | 8 | 2 | D | B | 0 | 9 | 5 | C | 6 | 1 | E | 7 | 4 |
| 5 | D | 6 | A | 9 | 8 | E | C | 3 | 2 | 4 | 7 | 0 | 1 | B |
| 0 | 4 | 7 | C | 3 | E | 2 | 1 | B | 9 | 8 | D | 6 | 5 | A |
| B | C | 9 | 0 | 7 | 1 | A | 6 | 4 | 5 | 3 | E | 8 | 2 | D |

ଗତକାଲିର ଉତ୍ତର



ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

# ଖଣିକ୍ଷତିଗ୍ରସ୍ତ ଗାଁର ବେଦନା

ଗଛବୃଛରେ ଭରା କେନ୍ଦୁଝରର ଗନ୍ଧମାର୍ଦ୍ଦନ ପାହାଡ଼ରୁ ବର୍ଷ ସାରା ଝରି ଆସୁଥିଲା ଶିଆଳିବୋଡା ଝରଣା। ପର୍ବତ ତଳେ ଥିବା ତଳକାଇଁସାରି ଗାଁର ଆଦିବାସୀଙ୍କ ପାଇଁ ତାହା ଥିଲା ଜୀବନରେଖା। ସେହି ପାଣିରେ ବହି ଆସୁଥିଲା ଜଙ୍ଗଲର ଅମୂଲ୍ୟ ସାର, ମାଟି ହେଉଥିଲା ଉର୍ବର। ଝରଣା ପାଣିରେ ଖାଲି ବର୍ଷାଦିନିଆ ଫସଲ ଲହଡି ଭାଙ୍ଗୁ ନ ଥିଲା, ତା'ସହିତ ଉତୁରୁଥିଲା ଅନେକ ଖରାଦିନିଆ ଫସଲ। ସେହି ଗାଁରେ ଥିବା ପରିବାରଗୁଡ଼ିକ ପାଖରେ ଜମି ଖୁବ୍ ଅଳ୍ପ ହିଁ ଅଛି। କିନ୍ତୁ ସେହି ସ୍ୱଳ୍ପ ଜମି ବି ସେହି ଆଦିବାସୀଙ୍କୁ ପ୍ରଚୁର ଖାଦ୍ୟ ଯୋଗାଉଥିଲା। ଏବେ ସେହି ଝର ଖରାଦିନେ ବହିବା ବନ୍ଦ ହୋଇଯାଇଛି। ଆଉ ବର୍ଷା ଦିନେ ସେଥିରେ ଜୀବନ ନୁହେଁ ଯନ୍ତ୍ରଣା ବହୁଛି। ସେଥିରେ ବହି ଆସୁଛି ପାହାଡ ଉପରେ ଥିବା ଖଣିରୁ ବାହାରୁଥିବା ଲୁହାପଥର ଗୁଣ୍ଡ ଓ ଯେତେ ସବୁ ଖଣି ବର୍ଜ୍ୟ। ତହିଁରେ ପୋତି ହୋଇଯାଉଛି ଆଦିବାସୀଙ୍କ ଜମିବାଡ଼ି। ମାଟି ଟାଣ ହୋଇଯାଉଛି। ସେହି ଗାଁ ଦାଣ୍ଡର ଏକ ବଡ଼ ଅଂଶ ବର୍ଷାଦିନେ କାଦୁଅରେ ସଦା ପଚପଚ। ଦୁଇଟା ନଳକୂପରୁ ଗୋଟିଏ କେବେଠୁ ଖରାପ ହୋଇପଡିଛି। ବର୍ଷା କିଛିଦିନକୁ ଛାଡି ଦେଲେ ବାକି ସବୁ ଦିନ ଧୂଳି, ଧୂଆଁ ଓ କର୍କଶ ଶବ୍ଦର ପ୍ରଦୂଷଣ ତଥା ମାଲମାଲ ଟ୍ରକ୍‌ର ଉଦ୍ଧତ ଦଉଡ଼ରେ ସନ୍ତୁଳି ହୋଇଯାଉଛନ୍ତି ଗାଁ ଲୋକେ। ଗାଁର ମୋଟେ ତିନିଜଣ ହିଁ ଖଣିରେ ମୂଲିଆ କାମ ପାଇଛନ୍ତି।

ପାଖରେ ଆଉଗୋଟେ ଗାଁ ଇଚିଣ୍ଡା। ଗାଁର ଗୋଟେ ପଟେ ବିଶାଳ ଗନ୍ଧମାର୍ଦ୍ଦନ ଓ ଅନ୍ୟସବୁ ପଟେ ଛୋଟଛୋଟ ପାହାଡିଆ ଢିପରେ ବିଛାଡି ହୋଇରହିଛି ଆଦିବାସୀଙ୍କ ବସତି। ଗାଁଟା ଗୋଲାକାର, ମଝି ଖାଲୁଆ ଜାଗାରେ ଗାଁ ଅଧିବାସୀଙ୍କ ସୀମିତ ଚାଷ ଜମି। ଗନ୍ଧମାର୍ଦ୍ଦନ ପର୍ବତରୁ ବହିଆସିଥିବା ମାଙ୍କଡ଼ମୁଣ୍ଡା ଓ ବେତଝରି ଝରଣା ପାଣି ସେହି ଚାଷଜମିରେ ଫଳାଉଥିଲା ସୁନା। ଏବେ ଗୋଟେ ଝରଣା ଖରାଦିନେ ବହିବା ପ୍ରାୟ ବନ୍ଦ ହୋଇଯାଇଛି, କାରଣ ଖଣି କମ୍ପାନୀ ତାହାକୁ ବାନ୍ଧି ପର୍ବତ ଉପରକୁ ଉଠାଉଛି ପାଣି। ଅନ୍ୟଟିରେ ଜଳଧାର ପ୍ରାୟ ଶୁଖିଯାଉଛି ଖରାଦିନେ। କିନ୍ତୁ ବର୍ଷାଦିନେ ସେହି ଝରଣାଗୁଡ଼ିକରେ ବହି ଆସୁଛି ଉର୍ବର ଜମିକୁ ବର୍ବର ଭାବରେ ପୋତି ପକାଉଥିବା ଲୁହାମାଟି। ଅତୀତରେ ସେହି ନାଳରେ ଆନନ୍ଦରେ ଜଳକ୍ରୀଡା କରୁଥିବା ଲୋକେ ଏବେ ଲୁହାମିଶା ଓ ଟ୍ରକ୍‌ଧୁଆ ଗନ୍ଧିଆ ପାଣିରେ ନିରୁପାୟ ବୁଡ଼ଟେ ପକାଇ ନିଜକୁ ସାନ୍ତ୍ୱନା ଦେଉଛନ୍ତି। ଓଡିଶା ଖଣି ନିଗମ ତିନିବର୍ଷ ହେଲାଣି ଇଚିଣ୍ଡା ଗାଁକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରିଛି। ପ୍ରତିଶ୍ରୁତି ଥିଲା ନିଗମ ଗାଁର ସବୁ ଘରକୁ ପାଣି ଯୋଗାଇବ, ସବୁ ଘର ଓ ରାସ୍ତାକୁ ପକ୍କା କରିବ, ପାହାଡ଼ ଉପରୁ ବହି ଆସୁଥିବା ବର୍ଜ୍ୟ ଓ ଲୁହାମାଟିକୁ ରୋକି ସେହି ପାଣିକୁ ଖଣିକାମରେ ବ୍ୟବହାର କରିବ, ବିଦ୍ୟାଳୟ ଓ ଆଙ୍ଗନଓ୍ୱାଡି କେନ୍ଦ୍ରକୁ ଉନ୍ନତ କରିବ, ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ବସ୍ ଯୋଗାଇବ ଏବଂ ଗାଁ ଲୋକଙ୍କୁ ତାଲିମ ଦେଇ ରୋଜଗାରକ୍ଷମ କରିବ। ଆହୁରି ଅନେକ ପ୍ରତିଶ୍ରୁତି ଥିଲା।

ବର୍ଷେ ହେଲାଣି ସବୁ ଘରେ ପ୍ଲାଷ୍ଟିକ୍ ଟାଙ୍କି ଗୋଟେ ବସିଛି ସତ, କିନ୍ତୁ ପାଇପ୍ ସଂଯୋଗ ନାହିଁ, କିଛି ଘର ଅଧାପନ୍ତରିଆ ଗଡ଼ା ହୋଇ ପଡିରହିଛି। ପଞ୍ଚମ ଶ୍ରେଣୀ ଯାଏ ଥିବା ସ୍କୁଲ ଅପନ୍ତରା ହୋଇପଡିଛି। ଛାତ୍ରୀଛାତ୍ରମାନେ ଟ୍ରକ୍ ଧୂଳିରେ ରୁନ୍ଧି ହୋଇଯାଉଛନ୍ତି। ପଞ୍ଚମ ପରେ ପଢ଼ାରେ ପ୍ରାୟ ଡୋରି ଲାଗୁଛି, କାରଣ ଟ୍ରକ୍ ଭିଡରେ ପାହାଡ ସେପଟେ ଥିବା ଶୁଆକାଟିକୁ ପିଲାଙ୍କୁ ଛାଡିବା ପାଇଁ ଲୋକଙ୍କ ସାହସ ଜୁଟୁନି। ସ୍କୁଲ ବସ୍‌ର ଦେଖା ନାହିଁ। ଗୋଲାକାର ହୋଇ ଲମ୍ବି ଯାଇଥିବା ଗାଁ ରାସ୍ତାରେ କେବେ ବୋଧହୁଏ ପିଚୁ ପଡିଥିଲା, ଏବେ ଖାଲି ଗୋଡି ହିଁ ରହିଛି। ଗାଁ ଲୋକେ ଜଙ୍ଗଲ ଜମି ଆଇନ ଅନୁସାରେ ଦଖଲରେ ଥିବା ଜମି ଉପରେ ଅଧିକାର ମାଗିଥିଲେ, ଜଣକୁ ବି ମିଳିନାହିଁ। କେହି କୌଣସି ପ୍ରଶିକ୍ଷଣ ପାଇନାହାନ୍ତି। ପାହାଡ଼ ଆରପଟେ ରହିଛି ଉପରଜାଗର ଗାଁ। ସେହି ଏକା ଅବସ୍ଥା। ସ୍କୁଲ କଡ଼ ଦେଇ ଏକଦା ବହିଯାଉଥିବା ଘାଘାରା ପାଣି ଝର ଓ ଗାଁର ମୁହଁରେ ଥିବା ଡନ୍‌ସା ଝରିରେ ବର୍ଷାଦିନେ ବି ଆଉ ପାଣି ଆସୁନି। ଦିନେ ସେଗୁଡ଼ିକ ବର୍ଷସାରା ଜଳପୂର୍ଣ୍ଣ ଥିଲା। ସେଥିରେ ଖରାଟିଆ ଚାଷ ହେଉଥିଲା। ଗାଁର ଖାଲି ଦୁଇଜଣ ହିଁ କମ୍ପାନୀରେ ଚାକିରି ପାଇଛନ୍ତି। ଅଳ୍ପ କିଛି ବ୍ୟକ୍ତି କେବେ କେମିତି ଶ୍ରମିକ କାମ ପାଆନ୍ତି।

ଏହିସବୁ ଗାଁର ଲୋକେ ଖାଦ୍ୟ ଆବଶ୍ୟକତା ମେଣ୍ଟାଇପାରୁ ନାହାନ୍ତି ନିଜ ଜମିରୁ। ଆଗରୁ ଜଙ୍ଗଲ ତାଙ୍କୁ ଦେଉଥିଲା ଅନେକ ସାଧନ। ଏବେ ସବୁ ପ୍ରାୟ ଶୂନ୍ୟ। ଗାଁ ଲୋକେ ଗୋରୁ ଓ ଛେଳି ରଖିବା ବି କମାଇଦେଲେଣି, କାରଣ ଧୂଳିର ବହଳ ଆସ୍ତରଣରେ ସେମାନଙ୍କ ଖାଦ୍ୟ ହଜିଯାଇଛି। ବାଧ୍ୟ ହୋଇ ଗାଁ ଲୋକେ ଦୂର ସ୍ଥାନକୁ ମଜୁରି ପାଇଁ ଯାଉଛନ୍ତି। ଜୀବନଟା ତାଙ୍କ ପାଇଁ କଷ୍ଟକର ହୋଇଯାଇଛି। ଖଣି ତାଙ୍କ ପାଣି ଓ ଠାଣିକୁ ନିର୍ମମ ଭାବରେ ହାଣିଦେଇଛି। ଖଣି କିଛି କୋଟିପତି ଅବଶ୍ୟ ସୃଷ୍ଟି କରିଛି, ଅନେକ ଦଲାଲ ବାହାରିଛନ୍ତି ଆଉ ସରକାର ବି ଖୁବ୍ ପଇସା ପାଇଛନ୍ତି। କିନ୍ତୁ ଖଣି ପାଖରେ ଥିବା ଲୋକଙ୍କୁ ଦୁର୍ଦ୍ଦଶା ହିଁ ମିଳିଛି। କେନ୍ଦୁଝର ତାହାର ଏକ ବଡ଼ ଉଦାହରଣ। ଦର୍ଶାଯାଇଥିବା ତିନିଟି ଯାକ ଗାଁ କେନ୍ଦୁଝର ସଦର ମହକୁମାଠାରୁ ମାତ୍ର ୧୫ରୁ ୨୫ କିଲୋମିଟର ଦୂରରେ ଅଛି। ଆହୁରି ଦୂରରେ ଥିବା ଖଣି ପାଖ ଅଧିବାସୀଙ୍କ ଅବସ୍ଥା କ'ଣ ଥିବ ତାହା ବାରି ହୋଇ ପଡୁଛି। ୨୦-୨୫ ବର୍ଷ ପୂର୍ବରୁ ଖଣି ଖୋଳା ହେବା ଆରମ୍ଭ ହେଲାଣି କିନ୍ତୁ କ୍ଷତିଗ୍ରସ୍ତ ଲୋକଙ୍କ କଥାକୁ କାହାରି ନିଘା ନାହିଁ। ଆଗ କଥା ଛାଡି ଦେଲେ ବି ଏବର ସମ୍ଭାବନା କିଛି କମ୍ ନାହିଁ। ଜିଲା ଖଣିଜ ପାଣ୍ଠି ଯୋଜନାକୁ ତିନିବର୍ଷ ବି ପୂରି ନାହିଁ, କିନ୍ତୁ କେବଳ କେନ୍ଦୁଝର ଜିଲା ୧୮୦୮ କୋଟି ଟଙ୍କା ଠୁଳାଇ ସାରିଲାଣି। ଅଥଚ ପ୍ରତ୍ୟକ୍ଷ ଭାବରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ଯେମିତି ତହିଁରେ ଭାଗ ନାହିଁ। କିଛି ଗାଁରେ ପିଇବା ପାଣିର ଯୋଜନା ହୋଇଛି। ତାହାକୁ ଛାଡି ଦେଲେ ଆଉ କିଛି ବି ନାହିଁ। ଚାଷ ବୁଡ଼ିଛି, ଜଙ୍ଗଲ ହଜିଛି। ଗାଁର ମହିଳା ଓ ଛୁଆମାନେ ଘରୁ ପଦାକୁ ଗୋଡ କାଢିବା ପାଇଁ ଡରୁଛନ୍ତି କାରଣ ଏବେ ବାହାର ଲୋକଙ୍କ ରାଜତ୍ୱ ଚାଲିଛି ସେହି ସବୁ ଇଲାକାରେ।

ଏକ ସଭ୍ୟ ବ୍ୟବସ୍ଥାରେ କୌଣସି ବର୍ଗ ବି କ୍ଷତିଗ୍ରସ୍ତ ହେବା ଆଦୌ ଗ୍ରହଣୀୟ ନୁହେଁ। ଯଦି ଖଣିଜ ଉତ୍ତୋଳନ ନିହାତି ଆବଶ୍ୟକ ଏବଂ ତହିଁରୁ ଲାଭ ହେଉଛି ତେବେ ସେହି ଲାଭରେ ପ୍ରଥମ ହକ୍ ସ୍ଥାନୀୟ ଲୋକଙ୍କର ରହିବା ନିହାତି ଆବଶ୍ୟକ, କାରଣ ଖଣି ଖନନ ଯୋଗୁ ତାଙ୍କର ହିଁ ସର୍ବପ୍ରଥମ ଓ ସର୍ବାଧିକ କ୍ଷତି ହୋଇଥାଏ। ତାଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଚାଲିଯାଇଥାଏ। ଖଣି ଉତ୍ତୋଳନ ସରିଯିବା ପରେ ସେମାନଙ୍କ ଦୁର୍ଦ୍ଦଶା ଆହୁରି ବଢିଯାଏ, କାରଣ ସେତେବେଳକୁ ତାଙ୍କ ପ୍ରାକୃତିକ ସମ୍ପଦ ଧୂଳିସାତ୍ ହୋଇସାରିଥାଏ। ତେଣୁ କ୍ଷତିଗ୍ରସ୍ତ ଲୋକଙ୍କର କେବଳ ବର୍ତ୍ତମାନ ନୁହେଁ, ଭବିଷ୍ୟତକୁ ମଧ୍ୟ ସୁରକ୍ଷିତ ରଖିବା ସରକାରଙ୍କ ଏକ ବଡ଼ ଦାୟିତ୍ୱ।



ହୃଦୟବଲ୍ଲଭ ଦାସ

# ଶିଶୁ ଯୌନନିର୍ଯାତନା

ଦେଶର କୋଣ ଅନୁକୋଣରେ ଏବେ ଅଭାବନୀୟ ଘଟଣାମାନ ଦେଖିବାକୁ ମିଳୁଛି। ତାହା ହେଲା ଶିଶୁକନ୍ୟାଙ୍କୁ ବଳାତ୍କାର। ଏପରି ଅପରାଧକୁ ପ୍ରତିହତ କରିବା ପାଇଁ ସରକାର ନୂଆ ଆଇନ ପ୍ରଣୟନ କରିଛନ୍ତି। ଏହା ହେଉଛି 'ଦି ପ୍ରୋଟେକ୍‌ଶନ ଅଫ୍ ଚିଲ୍‌ଡ୍ରେନ୍ ଫ୍ରମ୍ ସେକ୍ସୁଆଲ ଅଫେନ୍‌ସେସ୍ ଆକ୍ଟ-୨୦୧୨। ଏହି ନୂଆ ଆଇନର ଉଦ୍ଦେଶ୍ୟ ହେଉଛି ଏଭଳି ଅପରାଧଗୁଡ଼ିକୁ ପ୍ରତିହତ କରିବା ଓ ଅପ୍ରାପ୍ତବୟସ୍କମାନଙ୍କୁ ଯୌନନିର୍ଯାତନାରୁ ରକ୍ଷା କରିବା। ଏଭଳି ଅପରାଧର ବିଚାର ପଦ୍ଧତି ଫୌଜଦାରି କାର୍ଯ୍ୟବିଧି ଆଇନ-୧୯୭୩ ଦ୍ୱାରା ନିୟନ୍ତ୍ରିତ ହେବ। ଶିଶୁମାନଙ୍କ ଉପରେ ପାଶବିକ ଅତ୍ୟାଚାର ଭଳି ଅପରାଧକୁ ଦୌରାଜଜ୍‌ଙ୍କ କୋର୍ଟରେ ବିଚାର କରାଯିବାର ବ୍ୟବସ୍ଥା ରହିଛି। ତା'ଛଡ଼ା ଶିଶୁକନ୍ୟାମାନଙ୍କ ଉପରେ ବଳାତ୍କାର ଜନିତ ମକଦ୍ଦମାଗୁଡ଼ିକ ସରକାରଙ୍କ ଦ୍ୱାରା କେବଳ ସ୍ୱତନ୍ତ୍ର ସରକାରୀ ଓକିଲ ବା ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟରଙ୍କ ଦ୍ୱାରା ପରିଚାଳନା କରିବା ବ୍ୟବସ୍ଥା ରହିଛି। ଯେଉଁ ଆଇନଜୀବୀଙ୍କର ଅତି କମ୍‌ରେ ୭ ବର୍ଷରୁ ଅଧିକ ଅଭିଜ୍ଞତା ଥିବ, ସେମାନେ ଏଭଳି ମକଦ୍ଦମାର ପରିଚାଳନା କରିପାରିବେ। ଏହି ଆଇନଜୀବୀ ସରକାରଙ୍କ ଦ୍ୱାରା ନିଯୁକ୍ତିପ୍ରାପ୍ତ ସରକାରୀ ଓକିଲ ବା 'ପବ୍ଲିକ ପ୍ରସିକ୍ୟୁଟର' ଭାବେ ଗଣାଯିବେ। ଅପ୍ରାପ୍ତବୟସ୍କ ଶିଶୁକନ୍ୟାମାନଙ୍କ ଉପରେ ଏଭଳି ପାଶବିକ ଅତ୍ୟାଚାରକୁ ପ୍ରତିହତ କରିବା ପାଇଁ ଏହି ଆଇନ ବଳରେ ସ୍ୱତନ୍ତ୍ର ଅଦାଲତମାନ ଗଠନ କରାଯାଇଛି। ଏଭଳି ମକଦ୍ଦମାରେ ଆବେଦନକାରୀଙ୍କ ଅଭିଯୋଗପତ୍ର ଆଧାରରେ ବିଚାର ପ୍ରକ୍ରିୟା ଆରମ୍ଭ କରାଯାଇପାରିବ କିମ୍ବା ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଶୀଘ୍ର ବିଚାର କରାଯିବାକୁ ନୂଆ ଆଇନରେ ବ୍ୟବସ୍ଥା ହୋଇଛି।

ଉଲ୍ଲେଖନୀୟ ଯେ, ଶିଶୁକନ୍ୟାଙ୍କ ଉପରେ ବଳାତ୍କାରଜନିତ ଅଭିଯୋଗ ସବୁ 'ଚାଇଲ୍ଡ ରାଇଟ୍ ଆକ୍ଟ-୨୦୦୫' ଆଧାରରେ ଆରମ୍ଭ କରାଯିବା ବ୍ୟବସ୍ଥା ରହିଛି। ଏହାଛଡ଼ା 'ଶିଶୁ ଅଧିକାର ଆୟୋଗ'ଙ୍କ ଅଭିଯୋଗ କ୍ରମରେ ଶିଶୁମାନଙ୍କ ଉପରେ ଯୌନ ଅପରାଧଗୁଡ଼ିକର ବିଚାର କରାଯିବା ବନ୍ଦୋବସ୍ତ ମଧ୍ୟ କରାଯାଇଛି। ଶିଶୁକନ୍ୟାଙ୍କ ଉପରେ ପାଶବିକ ଅତ୍ୟାଚାର ଭଳି ଅପରାଧର ସମ୍ପୂର୍ଣ୍ଣ ବିବରଣୀ ସଂସଦର ୨ଟି ଗୃହରେ ଆଗତ କରାଯିବାର ବ୍ୟବସ୍ଥା ରହିଛି। ମକଦ୍ଦମାଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ଗୃହରେ ଆଗତ କରାଯିବା ପରେ ଯଦି ଉଭୟ ଗୃହର ସଦସ୍ୟମାନେ ସମ୍ମତ ହେବେ, ତା'ହେଲେ ଏଭଳି ଅପରାଧକୁ ଦମନ କରିବାକୁ ମୂଳ ଆଇନ ଓ ଅଧିନିୟମରେ ଆବଶ୍ୟକ ସଂଶୋଧନ କରାଯାଇ ପାରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଶିଶୁକନ୍ୟାଙ୍କ ଉପରେ ଏଭଳି ଅପରାଧକୁ ଦୃଢ଼ହସ୍ତରେ ଦମନ କରିବା ପାଇଁ ଏ ସମ୍ପର୍କିତ ଆଇନରେ ସଂଶୋଧନ କରାଯିବା ବିଧିବ୍ୟବସ୍ଥା ରହିଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କିଭଳି ଉପଯୁକ୍ତ ବା କଠିନ ଦଣ୍ଡ ଏପରି କି ମୃତ୍ୟୁଦଣ୍ଡ ଦ୍ୱାରା ଏଭଳି ଅପରାଧକୁ ରୋକାଯାଇ ପାରିବ।

ସ୍ମରଣୀୟ ଯେ, ୩ ବର୍ଷ ପୂର୍ବେ ବେଙ୍ଗାଲୁରୁ ସହରର ଏକ ମର୍ଯ୍ୟାଦାପୂର୍ଣ୍ଣ ପବ୍ଲିକ୍ ସ୍କୁଲରେ ପଢୁଥିବା ଜଣେ ଶିଶୁକନ୍ୟାକୁ ସେହି ବିଦ୍ୟାଳୟର ୨ ଜଣ ଶିକ୍ଷକ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ସେଥିପାଇଁ ସମଗ୍ର ଦେଶରେ ବ୍ୟାପକ ଜନଆନ୍ଦୋଳନ ସୃଷ୍ଟି ହୋଇଥିଲା। ଏଭଳି ଘଟଣା ଯୋଗୁ ସମଗ୍ର ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ଦେଶର ବିଭିନ୍ନ ସ୍ଥାନରେ ଏଭଳି ଜଘନ୍ୟ ଅପରାଧମାନ ଘଟୁଥିବା ଯୋଗୁ କେନ୍ଦ୍ର ସରକାର ଓ ସଂସଦର ଉଭୟ ଗୃହ ଗଭୀର ଉଦ୍‌ବେଗ ପ୍ରକାଶକରି ଏଥିପାଇଁ ଶିଶୁକନ୍ୟାମାନଙ୍କ ଉପରେ ହେଉଥିବା ନାରକୀୟ ଘଟଣାସବୁକୁ କିପରି ରୋକାଯାଇ ପାରିବ ସେଥିପାଇଁ ନୂଆ ଆଇନ ଓ ଅଧିନିୟମ ପ୍ରଣୟନ କଲେ।

କିନ୍ତୁ କଥା ହେଉଛି, କେବଳ ଆଇନ ଦ୍ୱାରା ଏଭଳି ଅପରାଧକୁ ଦମନ କରିହେବ ନାହିଁ। ବରଂ ଏଭଳି ସାମାଜିକ ଅପରାଧକୁ ଦୃଢ଼ ହସ୍ତରେ ଦମନ କରିବାକୁ ହେଲେ କଠିନ ଦଣ୍ଡବିଧାନ ଏପରି କି ମୃତ୍ୟୁଦଣ୍ଡ ଜରୁରୀ। ତା'ହେଲେ ଯାଇ ଏଭଳି ବିକୃତମାନସିକ ବ୍ୟକ୍ତିବିଶେଷଙ୍କ ମନରେ କୋକୁଆ ଭୟ ସୃଷ୍ଟିହେବ। ତା'ଛଡ଼ା ଏ ବାବଦରେ ଜନସାଧାରଣଙ୍କ ମାନସିକତାରେ ପରିବର୍ତ୍ତନ ହେଲେ ସମାଜରୁ ଏଭଳି ଅପରାଧ ଧୀରେ ଧୀରେ କମିଯିବ। ଏଭଳି ଅପରାଧକୁ ମୁକାବିଲା କରିବାକୁ ହେଲେ ବ୍ୟାପକ ଜନଜାଗରଣ ଓ ଜନସଚେତନତାର ଆବଶ୍ୟକତା ରହିଛି। ତା'ହେଲେ ଯାଇ ନିରୀହ ନିଷ୍ପାପ ଶିଶୁକନ୍ୟାଙ୍କ ଉପରେ ଘଟୁଥିବା ଯୌନ ଅତ୍ୟାଚାର କମିଯିବାର ଆଶା ରହୁଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତଥା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ଏ ସମ୍ପର୍କରେ ଉଚିତ ପଦକ୍ଷେପ ନେବା ନିତାନ୍ତ ଜରୁରୀ। ଏଭଳି ଅପରାଧ କେବଳ ରୁଗ୍‌ଣ ଓ ବିକୃତ ମାନସିକତା ଥିବା ବ୍ୟକ୍ତିବିଶେଷ କରିଥାନ୍ତି। ତେଣୁ ଏଭଳି ବ୍ୟକ୍ତିବିଶେଷଙ୍କ ଚିକିତ୍ସା ପାଇଁ ସରକାର, ମାନସିକରୋଗ ଚିକିତ୍ସକ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହଯୋଗ ରହିଲେ ଶିଶୁମାନଙ୍କ ଉପରେ ହେଉଥିବା ଯୌନ ଅପରାଧ ଅନେକାଂଶରେ ଯେ କମିଯିବ ଏଥିରେ ସନ୍ଦେହ ନାହିଁ।

ପ୍ରାକ୍ତନ ସ୍ୱତନ୍ତ୍ର ବିଚାରପତି, ସିବିଆଇ,
ମୋ: ୯୪୩୭୦୨୨୭୨୩

## ଏଇ ଭାରତରେ

ସନ୍ତାନଙ୍କ ଭବିଷ୍ୟତ କଥା ଯେତେବେଳେ ଉଠେ, ଅଧିକାଂଶ ମାତାପିତାଙ୍କ ମୁହଁରୁ ଡାକ୍ତର, ଇଞ୍ଜିନିୟର ଶବ୍ଦ ପ୍ରଥମେ ବାହାରେ। ପୁଅ ଭଲ ପାଠ ପଢ଼ି ଡାକ୍ତର କିମ୍ବା ଇଞ୍ଜିନିୟର ହେଉ ବୋଲି ପ୍ରାୟ ଅଧିକାଂଶ ମାତାପିତା ଚାହିଁଥାନ୍ତି। ଏହାସତ୍ତ୍ୱେ ଦେଶସେବା କଥା ଯେତେବେଳେ ଉଠେ ପ୍ରତିଟି ଭାରତୀୟଙ୍କ ମନପ୍ରାଣରେ ଏକ ଭିନ୍ନ ଆବେଗ ଦେଖିବାକୁ ମିଳିଥାଏ। ତାମିଲନାଡୁର ମଦୁରାଇ ଜିଲାରେ ଏଭଳି ଏକ ଗ୍ରାମ ରହିଛି ଯାହାର ମାଟି, ପାଣି, ପବନରେ ଦେଶଭକ୍ତିର ବାସ୍ନା ଫୁଟି ଉଠିଥାଏ। ଗ୍ରାମର ପ୍ରାୟ ପ୍ରତି ପରିବାରର ଏକାଧିକ ସଦସ୍ୟ ଭାରତୀୟ ସେନାରେ କାମ କରିଛନ୍ତି କିମ୍ବା କରୁଛନ୍ତି। ଦୀର୍ଘ ୫୦ ବର୍ଷ ହେଲା ୫୦୦ରୁ ଉର୍ଦ୍ଧ୍ୱ ଯବାନ ସେନାରେ କାର୍ଯ୍ୟ କରିଛନ୍ତି। ଗ୍ରାମର ମୋଟ ଜନସଂଖ୍ୟା ହେଉଛି ୧୫୦୦। ବର୍ତ୍ତମାନ ସେଠାକାର ୩୦୦ ଜଣ ସେନାରେ କାର୍ଯ୍ୟରତ। ଡାକ୍ତର ଏବଂ ଇଞ୍ଜିନିୟରଙ୍କ ଅପେକ୍ଷା ସେନା ଯବାନଙ୍କୁ ଗ୍ରାମବାସୀ ଅଧିକ ସମ୍ମାନ ଜଣାଇଥାନ୍ତି। ସେଥିପାଇଁ ଗ୍ରାମର ପିଢ଼ି ପରେ ପିଢ଼ି ସୈନ୍ୟବାହିନୀ ପ୍ରତି ଆକୃଷ୍ଟ ହୋଇଥାନ୍ତି। ୧୯୬୦ରେ ପ୍ରଥମେ କ୍ୟାପ୍‌ଟେନ୍ ସି. ଥାଙ୍ଗାଭେଲୁ ସେନାରେ ଯୋଗ ଦେଇଥିଲେ। କିନ୍ତୁ କାର୍ଗିଲ ଯୁଦ୍ଧ ପରେ ଗ୍ରାମବାସୀଙ୍କ ହୃଦୟରେ ସେନା ପ୍ରତି ଅଧିକ ସମ୍ମାନ ଜାଗ୍ରତ ହୋଇଥିଲା। କାରଣ ଯୁଦ୍ଧରେ ଗ୍ରାମର ଦୁଇ ସନ୍ତାନ କେ. ମାଣିକମ୍ ଏବଂ ଏମ୍.ଏସ୍. ରମଣଙ୍କୁ ବୀରଗତି ପ୍ରାପ୍ତି ହୋଇଥିଲା। ତେବେ ସେନାରେ ଭର୍ତ୍ତି ହେବା ଏତେ ସହଜ ମଧ୍ୟ ନୁହେଁ। ଏଣୁ ଉଚ୍ଚ ପ୍ରାଥମିକ ପାଠ୍ୟକ୍ରମ ଶେଷ କରିବା ପରେ ପରେ ପିଲାମାନେ ସେନା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଥାଆନ୍ତି। ସେନା ପରୀକ୍ଷାରେ ପାସ୍ କରିବା ଲାଗି ସେମାନେ ଗ୍ରାମରେ ଶାରୀରିକ ପ୍ରଶିକ୍ଷଣ ନେଇଥାଆନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଅଗଷ୍ଟ ୧୯୯୩

- ରୁଷିଆର ବୈଦେଶିକ ଅର୍ଥନୈତିକ ସମ୍ପର୍କ ମନ୍ତ୍ରୀ ସର୍ଗେଇ ଗ୍ଲାଡିଏଭ ନିଜ ପଦବୀରୁ ଇସ୍ତଫା ଦେଲେ।
- ସଂସଦ ସଦସ୍ୟ ଥାଇ ମଧ୍ୟ ଜଣେ ବ୍ୟକ୍ତି ଆୟ ଥିବା ପଦବୀରେ ରହିପାରିବା ନେଇ ଏକ ବିଲ୍ ସଂସଦରେ ଗୃହୀତ।



ଜିଲା ଡାଏରୀ

ଯାଜପୁର

### ହାର ମାନୁନାହାନ୍ତି ମଧ୍ୟସ୍ଥ

ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ସବୁ ଯୋଜନାର ଲାଭ ଅଧାବାଟରୁ ମଧ୍ୟସ୍ଥିମାନେ ହଡପ କରି ଚାଲିଛନ୍ତି। ଗରିବ ଲୋକଙ୍କ ପାଇଁ ସରକାର ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ କାର୍ଯ୍ୟକାରୀ କରିଛନ୍ତି। ଏଥିପାଇଁ କାମ ଲୋଡୁଥିବା ଲୋକଙ୍କ ତାଲିକା ପ୍ରସ୍ତୁତ କରାଯାଇ ଜବ୍‌କାର୍ଡ ଦିଆଯାଇଛି। କିନ୍ତୁ ଜବ୍‌କାର୍ଡ ହିତାଧିକାରୀଙ୍କ ପାଖରେ ନ ରହି ପଞ୍ଚାୟତ କର୍ମଚାରୀ ଓ ମଧ୍ୟସ୍ଥଙ୍କ ପାଖରେ ରହୁଛି। ସେମାନେ ଲୋକଙ୍କୁ କାମ ନ ଦେଇ ମେସିନରେ କାମ କରୁଛନ୍ତି। ୨୦୧୬-୧୭ରେ ୨୪୦ ଜଣ, ୨୦୧୭-୧୮ରେ ୬୯୫ ଜଣ ଏବଂ ୨୦୧୮ ଅଗଷ୍ଟ ୧୫ ତାରିଖ ସୁଦ୍ଧା ୪୧ ଜଣଙ୍କୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଥିବା ଜିଲା ପ୍ରଶାସନ ଦାବି କରୁଛି। କିନ୍ତୁ ମଷ୍ଟରରୋଲରେ ଜବ୍‌କାର୍ଡ ନମ୍ବର ପକାଇ ହିତାଧିକାରୀଙ୍କ ଦସ୍ତଖତ ଓ ଟିପଚିହ୍ନ ଜାଲ ହେଉଥିବା ଅଭିଯୋଗ ହେଉଛି। ମଧ୍ୟସ୍ଥିମାନେ ହିତାଧିକାରୀଙ୍କ ପ୍ରାପ୍ୟ ବା ମଜୁରିକୁ ହଡପ କରି ନେଉଛନ୍ତି। ଏହା ଦୃଷ୍ଟିକୁ ଆସିବା ପରେ ହିତାଧିକାରୀଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇ ଆକାଉଣ୍ଟରେ ମଜୁରି ପୈଠ ବ୍ୟବସ୍ଥା ହୋଇଛି। ଏଥିରେ ବି ମଧ୍ୟସ୍ଥିମାନେ ହାର ମାନୁନାହାନ୍ତି। ବିନା କାମରେ କିଛି ଟଙ୍କା ଦେଇ ହିତାଧିକାରୀଙ୍କ ଜରିଆରେ ସେମାନଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ନେଉଛନ୍ତି। ଏହାଦ୍ୱାରା ସରକାରଙ୍କ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ।

-ହର୍ଷବର୍ଦ୍ଧନ ବେହେରା

## ପାଠକ ଶ୍ରେଷ୍ଠ ବିଚାରକ

### କୃଷକଙ୍କ ଆୟ ବୃଦ୍ଧି ପାଉନାହିଁ

ମହାଶୟ,

କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଓଡିଶା ସରକାର ସ୍ୱତନ୍ତ୍ର ବଜେଟ ପ୍ରସ୍ତୁତ କରୁଛନ୍ତି। କୃଷି କ୍ୟାବିନେଟ୍ ମଧ୍ୟ ଗଠନ କରାଯାଇଛି। କୃଷି ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କୁ ଏକାଧିକବାର କୃଷିକର୍ମଣ ପୁରସ୍କାର ମିଳିଛି। ଏହା ସତ୍ତ୍ୱେ ଓଡିଶାର କୃଷକଙ୍କ ଆୟ ଆଶାନୁରୂପ ବୃଦ୍ଧି ପାଉନାହିଁ। ଜାତୀୟ ନମୁନା ସର୍ଭେର ୭୦ତମ ରିପୋର୍ଟ ଅନୁସାରେ ପଞ୍ଜାବ, ହରିୟାଣା, କର୍ନାଟକ, ଛତିଶଗଡ, ରାଜସ୍ଥାନ, ଆସାମ ଓ ପଶ୍ଚିମବଙ୍ଗର କୃଷକଙ୍କ ମାସିକ ଆୟ ଯଥାକ୍ରମେ ୧୦୬୮୨, ୭୮୬୬, ୪୯୩୦, ୩୫୩୧, ୩୧୩୮, ୪୨୧୧ ଓ ୯୭୯ ଟଙ୍କା ଥିବାବେଳେ ଓଡିଶା କୃଷକଙ୍କ ମାସିକ ଆୟ ୧୪୦୭ ଟଙ୍କା। ଏଥିରୁ ଜଣାପଡୁଛି ଯେ, କେବଳ ପଶ୍ଚିମବଙ୍ଗକୁ ବାଦ୍ ଦେଲେ ଓଡିଶାର କୃଷକଙ୍କ ଆୟ ସର୍ବନିମ୍ନ ସ୍ତରରେ। ଏଣୁ ଓଡିଶାର କୃଷକଙ୍କ ଆୟ ବୃଦ୍ଧି ପାଇଁ ରାଜ୍ୟ ସରକାର ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାର ଆବଶ୍ୟକତା ଅଛି। କେବଳ ଧାନଚାଷ କରିବା ପରିବର୍ତ୍ତେ ଅର୍ଥକରୀ ଫସଲ ଚାଷ କରିବା ପାଇଁ କୃଷକଙ୍କୁ ପ୍ରୋତ୍ସାହନ ମିଳୁ। ଗୋଟିଏ ଜମିରେ ବିଭିନ୍ନ କିସମର ଫସଲ ଚାଷ କଲେ ଜମିର ଉର୍ବରତା ବୃଦ୍ଧି ପାଇବା ସହ କୃଷକଙ୍କ ଆୟ ମଧ୍ୟ ବୃଦ୍ଧି ପାଇଥାଏ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଚୋରା ଫୁଲରେ ଦିଅଁ ପୂଜା

ଆଜିକାଲି ଫୁଲ ଚୋର ସଂଖ୍ୟା ବଢ଼ିଲେଣି। ପୂଜା ପାଇଁ ଫୁଲ ଆବଶ୍ୟକ। ସେଥିପାଇଁ ରାତିରୁ ଉଠି ମନ୍ଦିର ଉଦ୍ୟାନ, ରାସ୍ତାକଡ଼ କିମ୍ବା ଅନ୍ୟମାନଙ୍କ ଗଛରୁ ଫୁଲ ତୋଳିବା ପାଇଁ ଲୋକମାନଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ପ୍ରଭାତ ଭ୍ରମଣ କାଳରେ ହାତରେ ଜରି ଧରି ଫୁଲ ତୋଳୁଥିବାର ଦୃଶ୍ୟ ଦେଖିବାକୁ ମିଳେ। କହିବାକୁ ଗଲେ ଏକା ସାଥିରେ ଠାକୁର ଦେଖା ଓ କଦଳୀ ବିକା କାମ କରୁଛନ୍ତି। ବିଚରା ଫୁଲଗଛ ଲଗାଇଥିବା ଲୋକଟି ଫୁଲ ନ ପାଇ ନିରାଶ ହେଉଛି। ତେବେ ଫୁଲ ଚୋରାଇ ଦିଅଁଙ୍କୁ ପୂଜା କଲେ ସେଥିରେ ମଙ୍ଗଳ ହେବା ସମ୍ଭବ ନୁହେଁ। ବରଂ ନିଜ ବାଡିବଗିଚାରେ ଫୁଲଗଛ ଲଗାଇବା ଉଚିତ ଓ ଯତ୍ନର ସହ ଗଛକୁ ବଢାଇ ସେହି ଗଛର ଫୁଲ ତୋଳି ଠାକୁରଙ୍କ ପୂଜା କରିବା ଆବଶ୍ୟକ। ଧରିତ୍ରୀ (୩।୮)ରେ ପ୍ରକାଶିତ ରଞ୍ଜନ କୁମାର ଦାସଙ୍କ 'ଚୋରା ଫୁଲରେ ଦିଅଁ ପୂଜା' ପ୍ରବନ୍ଧ ଏକ ବଳିଷ୍ଠ ଆଲେଖ୍ୟ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସେଲିବ୍ରିଟି ଯୋଡ଼ି ପ୍ରିୟଙ୍କା ଚୋପ୍ରା ଏବଂ ନିକ୍ ଜୋନାସଙ୍କ ନିର୍ବନ୍ଧ କେକ୍‌ରେ ଲାଗିଥିଲା ୨୪ କ୍ୟାରେଟ୍ ସୁନା। ଏହି କେକ୍‌ର କିଛି ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ସହ ଚର୍ଚ୍ଚା ପରିସରକୁ ଆସିଛି।



# ଚନ୍ଦ୍ରରେ ଜଳର ସନ୍ଧାନ

ୱାଶିଂଟନ୍

## ଠାବ କରିଥିଲା ଚନ୍ଦ୍ରଯାନ



ଚନ୍ଦ୍ରପୃଷ୍ଠରେ ବରଫ ଅବସ୍ଥାରେ ଜଳର ଉପସ୍ଥିତି ନେଇ ସ୍ପଷ୍ଟ କଲା ଭାରତୀୟ ମହାକାଶ ଯାନ 'ଚନ୍ଦ୍ରଯାନ ୧'। ଚନ୍ଦ୍ରର ଅନ୍ଧକାର ତଥା ସର୍ବାଧିକ ଶୀତଳ ପ୍ରାନ୍ତ ମେରୁ ଅଞ୍ଚଳରେ କଠିନ ଅବସ୍ଥାରେ ଜଳର ସନ୍ଧାନ ମିଳିଛି। ଚନ୍ଦ୍ରଯାନର ତଥ୍ୟ ଅନୁଧ୍ୟାନ କରିବା ପରେ ଆମେରିକା ମହାକାଶ ଗବେଷଣା ସଂସ୍ଥାର ବୈଜ୍ଞାନିକମାନେ ଦାବି କରିଛନ୍ତି। ଉତ୍କ୍ଷେପଣ କରାଯିବାର ୧୦ ବର୍ଷ ପରେ ଚନ୍ଦ୍ରଯାନ ନିକଟରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ପ୍ରକାଶ ଯେ, ଭାରତର ପ୍ରଥମ ଚନ୍ଦ୍ରଯାନରେ ଅନେକ ଯାନ୍ତ୍ରିକ ତ୍ରୁଟି ଦେଖାଯିବା ସହ ୨୦୦୯ ଅଗଷ୍ଟ ୨୮ରେ ରେଡିଓ ସଙ୍କେତ ଦେବା ବନ୍ଦ କରି ଦେଇଥିଲା। ଏହାର କିଛି ସମୟ ପରେ ମିଶନ୍ ଶେଷ ହୋଇଥିବା ଇସ୍ରୋ ପକ୍ଷରୁ ଘୋଷଣା କରାଯାଇଥିଲା। କିନ୍ତୁ ସେହି ସମୟରେ 'ଚନ୍ଦ୍ରଯାନ ୧' ୯୫% ଲକ୍ଷ୍ୟ ପୂରଣ କରି ସାରିଥିଲା। ମେରୁଅଞ୍ଚଳର ପୃଷ୍ଠରେ ଅଳ୍ପ କିଛି ମିଲିମିଟର ଯାଏ ବରଫ ରହିଛି। ଭବିଷ୍ୟତରେ ଚନ୍ଦ୍ରକୁ ଯାତ୍ରା ଏବଂ ସେଠାରେ ରହଣି ବେଳେ ଏହାକୁ ସମ୍ବଳ ଭାବେ ବ୍ୟବହାର କରଯାଇ ପାରିବ। ଚନ୍ଦ୍ର ଭୂତଳରେ ଥିବା ଜଳକୁ ବାହାର କରିବା ଅପେକ୍ଷା ଏହା ଅତି ସହଜରେ ଉପଲବ୍ଧ ବୋଲି 'ଜର୍ନାଲ୍ ପିଏନ୍‌ଏଏସ୍'ରେ ଉଲ୍ଲେଖ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଦକ୍ଷିଣ ମେରୁରେ ଅଧିକାଂଶ ବରଫ ମହଜୁଦ ହୋଇ ରହିଛି ଏବଂ ଚନ୍ଦ୍ରପୃଷ୍ଠର ଗାତ ସହ ସଂଲଗ୍ନ ହୋଇ ରହିଛି। କିନ୍ତୁ ଉତ୍ତର ଗୋଲାର୍ଦ୍ଧରେ ଥିବା ବରଫ ବିସ୍ତୀର୍ଣ୍ଣ ଅଞ୍ଚଳରେ ପ୍ରସାରିତ ହୋଇ ରହିଛି। ବୈଜ୍ଞାନିକମାନେ ନାସାର 'ମୁନ୍ ମିନେରାଲୋଗ୍ରାଫି ମ୍ୟାପର୍' (ଏମ୍‌ତ୍ରି) ବା ଚନ୍ଦ୍ରରେ ଖଣିଜ ପଦାର୍ଥ ମାପକାରୀ ଯନ୍ତ୍ର ବ୍ୟବହାର କରି ଏହାର ସନ୍ଧାନ ପାଇଥିଲେ। ୨୦୦୮ରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ (ଇସ୍ରୋ) ଦ୍ୱାରା ଉତ୍କ୍ଷେପଣ କରାଯାଇଥିବା 'ଚନ୍ଦ୍ରଯାନ ୧'ରେ 'ଏମ୍‌ତ୍ରି'କୁ ବ୍ୟବସ୍ଥିତ କରାଯାଇଛି। ତେବେ ସଦ୍ୟ ଠାବ କରାଯାଇଥିବା ଅଧିକାଂଶ ବରଫ ଗାତ ଭିତରେ ରହିଛି। ସେଠାରେ ତାପମାତ୍ରା ମାଇନସ୍ ୧୫୬ ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ଅନୁମାନ କରାଯାଉଛି। ଚନ୍ଦ୍ରର ଘୂର୍ଣ୍ଣନ କକ୍ଷ ଅତି ସୂକ୍ଷ୍ମ ରହିଥିବାରୁ ସେଠାରେ ସୂର୍ଯ୍ୟକିରଣ ପହଞ୍ଚିପାରେ ନାହିଁ। ଉଷ୍ମତା ଅପହଞ୍ଚ ହୋଇ ରହିଛି।

# ଏଚ୍‌ଆଇଭି ସଂକ୍ରମିତଙ୍କ ପାଇଁ ମାଟ୍ରିମୋନି ପୋର୍ଟାଲ

ଅହମ୍ମଦାବାଦ



ଏଚ୍‌ଆଇଭି ଆକ୍ରାନ୍ତ ଲୋକେ ଏଣିକି ସହଜରେ ନିଜ ପାଇଁ ବିବାହ ପ୍ରସ୍ତାବ ଖୋଜି ପାରିବେ, ତାହା ପୁଣି ୱେବ୍ ପୋର୍ଟାଲ୍‌ରେ। ଏଚ୍‌ଆଇଭି ଆକ୍ରାନ୍ତଙ୍କ ପାଇଁ ଏବେ ଏକ ନୂଆ ମାଟ୍ରିମୋନି ସାଇଟ୍ ଲଞ୍ଚ୍ କରାଯାଇଛି। 'matrimo-nial.gnspplus.org' ନାମକ ଏହି ପୋର୍ଟାଲ୍‌କୁ ଗୁଜରାଟର ଅହମ୍ମଦାବାଦ ସହରରେ ଥିବା ଆଇଆଇଏମ୍ ଅହମ୍ମଦାବାଦଠାରେ ଲଞ୍ଚ୍ କରାଯାଇଛି। ଆଇଆଇଏମ୍ ଅହମ୍ମଦାବାଦର ସହଯୋଗରେ ଏଚ୍‌ଆଇଭି ସଂକ୍ରମିତଙ୍କ କଲ୍ୟାଣ ପାଇଁ କାର୍ଯ୍ୟକରୁଥିବା ଏକ ଏନ୍‌ଜିଓ ଗୁଜରାଟ ଷ୍ଟେଟ୍ ନେଟ୍‌ୱର୍କ ଅଫ୍ ପଜିଟିଭ୍ ପିପୁଲ୍ (ଜିଏସ୍‌ଏନ୍‌ପି+) ପକ୍ଷରୁ ଏହାକୁ ଲଞ୍ଚ୍ କରାଯାଇଛି। ଜିଏସ୍‌ଏନ୍‌ପି+ ସଭାପତି ଦୀକ୍ଷା ପଟେଲ କହିଛନ୍ତି, ଏଚ୍‌ଆଇଭି ସଂକ୍ରମିତଙ୍କ ପାଇଁ କାର୍ଯ୍ୟ କରୁଥିବାବେଳେ ଏଭଳି କିଛି ଆକ୍ରାନ୍ତଙ୍କୁ ଭେଟିଥିଲୁ ଯାହାଙ୍କର ପରିବାର ନାହିଁ କି କୌଣସି ସାମାଜିକ ସହଯୋଗ ମଧ ନାହିଁ। ଏଚ୍‌ଆଇଭି ସଂକ୍ରମଣ ସେମାନଙ୍କୁ ଜୀବନରେ ଏକୁଟିଆ କରିଦେଇଛି। ଏଭଳି ସ୍ଥିତିରେ ଏକ ଜୀବନସାଥୀ ପାଇବା ସେମାନଙ୍କ ପକ୍ଷେ ଅସମ୍ଭବ।ଏହାକୁ ଦୃଷ୍ଟିରେ ରଖି ୱେବ୍‌ସାଇଟ୍ ପ୍ରସ୍ତୁତ କରାଯାଇଥିବା ଦୀକ୍ଷା କହିଛନ୍ତି। ଏହି ଏନ୍‌ଜିଓ ପକ୍ଷରୁ ପୂର୍ବରୁ ଏକ ମ୍ୟାରେଜ୍ ବ୍ୟୁରୋ ପରିଚାଳିତ ଥିଲା। ସେମାନେ କେବଳ ସଂକ୍ରମିତଙ୍କ ବିବାହ କରାଉଥିଲେ। ଏପର୍ଯ୍ୟନ୍ତ ୨୪୫ ଯୋଡ଼ାଙ୍କୁ ସେମାନେ ବିବାହ ବନ୍ଧନରେ ଆବଦ୍ଧ କରିଛନ୍ତି।



# 'ପଙ୍ଗା' ନେବେ କଙ୍ଗନା

**ମୁମ୍ବାଇ:** ବଲିଉଡ୍‌ରେ ପଙ୍ଗା ନେବାକୁ ଯାଉଛନ୍ତି ଅଭିନେତ୍ରୀ କଙ୍ଗନା ରାଣାୱତ୍। କୌଣସି ଅଭିନେତା କିମ୍ବା ନିର୍ଦ୍ଦେଶକଙ୍କ ସାଙ୍ଗରେ ଝଗଡ଼ା କରିବାକୁ ଯାଉନାହାନ୍ତି ସେ, ବରଂ ତାଙ୍କ ଅପ୍‌କମିଂ ଫିଲ୍ମର ନାମ ହେଉଛି 'ପଙ୍ଗା'। ଫିଲ୍ମ ନିର୍ମାତା ଅଶ୍ୱିନୀ ଆୟାର୍ ତିୱାରୀ ନିଜର ଆଗାମୀ ପ୍ରୋଜେକ୍ଟ 'ପଙ୍ଗା'ରେ କଙ୍ଗନାଙ୍କୁ ମୁଖ୍ୟ ଭୂମିକାରେ ନେଇଛନ୍ତି। ଏଥିରେ କଙ୍ଗନା ଜଣେ ଜାତୀୟ ସ୍ତରୀୟ କବାଡ଼ି ଖେଳାଳି ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ଖେଳ ପଡ଼ିଆରେ କବାଡ଼ି ଧୁରନ୍ଧରଙ୍କ ସହ ସେ ପଙ୍ଗା ନେବାକୁ ଯାଉଛନ୍ତି। ଏଥିରେ ନୀନା ଗୁପ୍ତା ଏବଂ ଜସ୍ସି ଗିଲ୍ ମଧ ପ୍ରମୁଖ ଭୂମିକାରେ ରହିଛନ୍ତି। ଏହା ଏକ ପାରିବାରିକ ଫିଲ୍ମ ଏବଂ ଗୋଟିଏ ପରିବାର ସଦସ୍ୟମାନେ କିଭଳି ଏକାଠି ହସି, କାନ୍ଦି ଏକ୍‌ଜୁଟ ରହିବା ସହ ନିଜର ସ୍ୱପ୍ନ ପୂରଣ କରିଛନ୍ତି ତାହା ଉପରେ ଆଧାରିତ ବୋଲି ପ୍ରଯୋଜନା ସଂସ୍ଥା 'ଫକ୍ସ ଷ୍ଟାର୍ ଷ୍ଟୁଡିଓ' ପକ୍ଷରୁ ସୂଚନା ଦିଆଯାଇଛି। କଙ୍ଗନାଙ୍କ ଚାରିପାଖରେ ଫିଲ୍ମର କାହାଣୀ ଗତିଶୀଳ। ତେବେ ଅଶ୍ୱିନୀ ଯେତେବେଳେ ତାଙ୍କୁ କାହାଣୀ ଶୁଣାଇଥିଲେ ତୁରନ୍ତ ରାଜି ହୋଇ ଯାଇଥିଲେ ବୋଲି କଙ୍ଗନା କହିଛନ୍ତି। କାରଣ କାହାଣୀ ସେତିକି ପ୍ରଭାବଶାଳୀ। ତାଙ୍କ ପରିବାର ତାଙ୍କ ପାଇଁ ସାହସର ସ୍ତମ୍ଭ ଏବଂ ଜୀବନର ସବୁ ଉତ୍‌ଥାନ ଏବଂ ପତନ ବେଳେ ସେମାନେ ମୋ ପାଖରେ ଥାଆନ୍ତି ଏବଂ ମୋତେ ସାହସ ଦେଇଥାନ୍ତି ବୋଲି କଙ୍ଗନା କହିଛନ୍ତି। ଫିଲ୍ମର ଆବେଗ ସହ ତୁରନ୍ତ ଯୋଡ଼ି ହୋଇ ଯାଇଥିବା ସେ କହିଛନ୍ତି। ଏହାସହ କବାଡ଼ି ଖେଳାଳି ଭୂମିକାରେ ନିଜକୁ ଅବତୀର୍ଣ୍ଣ କରିବା ଚ୍ୟାଲେଞ୍ଜ୍‌ଭରା ହେବ ବୋଲି ସେ କହିଛନ୍ତି।

## କନ୍ୟା ଗୋଡ଼ ଛୁଇଁ ବର କରେ ତ୍ରିବାର ସତ୍ୟ

**ବାଲି:** ବିବାହକୁ ନେଇ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ରୀତିନୀତି ରହିଆସିଛି। ବେଳେବେଳେ ଯାହାକୁ ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ। ଇଣ୍ଡୋନେସିଆ ଦାନି ଜନଜାତି ସମ୍ପ୍ରଦାୟରେ ବିବାହ ସମୟରେ କନ୍ୟା ପାଦ ଆଙ୍ଗୁଳିର ନଖ ଛୁଇଁ ବରକୁ ତ୍ରିବାର ସତ୍ୟ କରିବାକୁ ହୁଏ। ବିବାହପରେ କନ୍ୟାର ନଖ ପର୍ଯ୍ୟନ୍ତ ସୁରକ୍ଷିତ ରଖିବାକୁ ବର ନିଏ ଦାୟିତ୍ୱ। ବିବାହ ପରେ ଯେତେବେଳେ ପ୍ରଥମ ରାତିରେ ପୁଅ-ଝିଅ ମିଳନ ହୁଏ ସେମାନଙ୍କର ତକିଆ ତଳେ ଛୁରି ରଖାଯାଏ। ଏହାଦ୍ୱାରା ଦୁଇଜଣଙ୍କ ସମ୍ପର୍କ ସୁଦୃଢ଼ ହୋଇଥାଏ ବୋଲି ଏହି ଜନଜାତି ବିଶ୍ୱାସ କରନ୍ତି। ବିବାହ ପୂର୍ବରୁ ଏଠାରେ କନ୍ୟା ଦେହରେ କ୍ଷୀର ଓ ବର ଦେହରେ ତେଲ ମାଲିସ କରାଯିବା ପରମ୍ପରା ରହିଛି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ ହୋଇପାରେ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୦ | ୨୪.୦ |
| ଚାନ୍ଦବାଲି | ୩୩.୯ | ୨୫.୪ |
| କଟକ | --- | ୨୪.୨ |
| ପାରାଦ୍ୱୀପ | ୩୨.୭ | ୨୬.୫ |
| ଭୁବନେଶ୍ୱର | ୩୨.୧ | ୨୫.୬ |
| ଗୋପାଳପୁର | ୩୩.୭ | ୨୬.୫ |
| ପୁରୀ | ୩୩.୬ | ୨୬.୬ |
| ଅନୁଗୋଳ | ୩୧.୭ | ୨୩.୭ |
| ବାରିପଦା | ୩୨.୦ | ୨୫.୦ |
| ଝାରସୁଗୁଡ଼ା | ୩୨.୪ | ୨୪.୯ |
| କେନ୍ଦୁଝର | ୩୦.୯ | ୨୩.୪ |
| ସମ୍ବଲପୁର | ୩୨.୪ | ୨୨.୩ |
| ସୁନ୍ଦରଗଡ଼ | --- | ୧୯.୦ |
| ହୀରାକୁଦ | ୩୧.୩ | ୨୧.୦ |
| ତାଳଚେର | ୩୨.୨ | ୨୫.୩ |
| ଭବାନୀପାଟଣା | --- | ୨୫.୪ |
| ବଲାଙ୍ଗୀର | ୩୧.୦ | ୨୫.୦ |
| କୋରାପୁଟ | ୨୨.୬ | ୧୯.୬ |
| ଫୁଲବାଣୀ | --- | ୨୧.୫ |
| ଟିଟିଲାଗଡ଼ | ୩୦.୦ | ୨୨.୦ |
| ମାଲକାନଗିରି | ୨୫.୦ | ୨୪.୪ |
| ସୋନପୁର | ୩୨.୮ | ୨୩.୬ |
| ଦାରିଙ୍ଗିବାଡ଼ି | ୨୭.୦ | ୧୮.୦ |
| ଢେଙ୍କାନାଳ | ୩୨.୧ | ୨୫.୬ |

ଡିଗ୍ରୀ ସେଲ୍‌ସିୟସ୍

ଇତିହାସର ଆଇନାରେ

## ଅଗଷ୍ଟ ୨୨ର ପ୍ରମୁଖ ଘଟଣା

୧୯୬୧ ଅଗଷ୍ଟ ୨୨ରେ ବର୍ଲିନ୍ ୱାଲ୍ ପାଇଁ ଆଇଦା ସେକ୍‌ମାନ୍‌ନାମ୍ନୀ ଜଣେ ମହିଳା ପ୍ରାଣବଳି ଦେଇଥିଲେ। ବର୍ଲିନ୍ ୱାଲ୍ ଉଦ୍ଦେଶ୍ୟରେ ଏହା ଥିଲା ପ୍ରଥମ ପ୍ରାଣବଳି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବର୍ଲିନ୍ ୪ଟି ଆଲାଏଡ୍ ସେକ୍ଟରରେ ବିଭାଜିତ ହୋଇଥିଲା। ୧୯୬୧ ଅଗଷ୍ଟ ୨୩ରେ ବର୍ଲିନ୍ ୱାଲ୍ ନିର୍ମାଣ ହେବା ପରେ ସେକ୍‌ମେନ୍ ରହୁଥିବା ସେକ୍ଟରରୁ ଘରଦ୍ୱାର ଛାଡ଼ି ଏହି ୱାଲ୍ ଅତିକ୍ରମ କରିବାକୁ ଚେଷ୍ଟା କରୁଥିଲେ। ଅଗଷ୍ଟ ୧୩ରେ ପୂର୍ବ ଓ ପଶ୍ଚିମ ବର୍ଲିନ୍ ମଧ୍ୟରେ ଥିବା ସୀମା ବନ୍ଦ ହୋଇଯିବା ଫଳରେ ବର୍ନାଉର ଷ୍ଟ୍ରାସ୍‌ରେ ରହୁଥିବା ୫୦ଟି ପରିବାର ପଶ୍ଚିମକୁ ଚାଲି ଯାଇଥିଲେ। ଅଗଷ୍ଟ ୨୧ରେ ବର୍ନାଉର ଷ୍ଟ୍ରସ୍‌ର ପ୍ରବେଶପଥକୁ ବନ୍ଦ କରାଯାଇଥିଲା। ଅଗଷ୍ଟ ୨୨ ଭୋର ସମୟରେ ସେକ୍‌ମାନ ରହୁଥିବା ଘରର ତୃତୀୟ ମହଲାରୁ ଝରକା ବାଟେ ତଳକୁ ଡେଇଁ ପଡ଼ିବା ପରେ ପ୍ରାଣ ହରାଇଥିଲେ।

୨୦୦୬ ଅଗଷ୍ଟ ୨୨ରେ ପୁଲକୋଭ ଆଭିଏଶନଏଣ୍ଟରପ୍ରାଇଜ ଫ୍ଲାଇଟ୍ ୬୧୨ ରୁଷିଆ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ୟୁକ୍ରେନ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୧୭୦ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ବିମାନଟି ଆନ୍‌ପାର ଭିଟ୍ୟାଜେଭୋ ବିମାନବନ୍ଦରରୁ ସେଣ୍ଟ ପିଟର୍ସବର୍ଗ ପୁଲକୋଭ ବିମାନବନ୍ଦର ଅଭିମୁଖେ ଯାତ୍ରା କରୁଥିଲା। ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ବିମାନଟି ସେଣ୍ଟ ପିଟର୍ସବର୍ଗ ବିମାନବନ୍ଦରକୁ ସମସ୍ୟା ନେଇ ସୂଚନା ପଠାଇଥିଲା। ଏହାର ଦୁଇମିନିଟ୍ ପରେ ବିମାନଟି ନିଖୋଜ ହୋଇଯାଇଥିଲା। ବିମାନଟି ୧୨ ହଜାର ଫୁଟ୍ ଉଚ୍ଚରେ ଉଡୁଥିବାବେଳେ ୩ ଥର ଜରୁରୀ ସୂଚନା ପଠାଇଥିଲା। ଏହାପରେ ତାହା ହଠାତ୍ ୩୦୦୦ ମିଟର ତଳକୁ ଖସି ଆସିଥିଲା। ତେବେ ବିମାନଟି ଝଡ଼ର ସମ୍ମୁଖୀନ ହୋଇଥିବା ପରବର୍ତ୍ତୀ ସମୟରେ କୁହାଯାଇଥିଲା।

# କାଜାଖସ୍ତାନରେ ରିଲିଜ ହେବ 'ହିଚ୍‌କୀ'

**ମୁମ୍ବାଇ:**




ରୁଷିଆ ପରେ ଏବେ କାଜାଖସ୍ତାନରେ ଧମାଲ କରିବାକୁ ଯାଉଛି ବଲିଉଡ୍ ଫିଲ୍ମ 'ହିଚ୍‌କୀ'। ରାଣୀ ମୁଖାର୍ଜୀଙ୍କ ଅଭିନୀତ ଏହି ଫିଲ୍ମ ସେପ୍ଟେମ୍ବର ୨୦ରେ କାଜାଖସ୍ତାନରେ ରିଲିଜ୍ ହେବ। ରୁଷୀୟ ଭାଷାରେ ଅନୂଦିତ 'ହିଚ୍‌କୀ'କୁ ଦେଶରେ ବେଶ୍ ପ୍ରଶଂସା କରାଯାଇଥିଲା। ଏହି ସଂସ୍କରଣ ଏବେ କାଜାଖସ୍ତାନରେ ମୁକ୍ତିଲାଭ କରିବ। ପ୍ରକାଶ ଯେ, ରୁଷୀୟ ଭାଷା ମଧ କାଜାଖସ୍ତାନର ଏକ ସରକାରୀ ଭାଷା। ତେବେ ଏ ସମ୍ପର୍କରେ ରାଣୀ କହିଛନ୍ତି, ସର୍ବାଦୃତ କାହାଣୀ ବିଶିଷ୍ଟ ଚଳଚ୍ଚିତ୍ରକୁ ଭାଷା ଏବଂ ସଂସ୍କୃତିର ସରହଦ କେବେ ଅଟକାଇ ପାରି ନ ଥାଏ। ବାସ୍ତବରେ ଏହା ଆଶ୍ଚର୍ଯ୍ୟଜନକ। 'ହିଚ୍‌କୀ' ହେଉଛି ଏକ ସମାଜର ପ୍ରତିଫଳନ, ନିଜର ଦୁର୍ବଳତାରୁ କିଭଳି ଆମେ ବାହାରି ପାରିବା ଏବଂ ସମାଜରେ କିଭଳି ତିଷ୍ଠି ରହିବା ତାହାର ଉଦାହରଣ। ଫିଲ୍ମକୁ ନେଇ ଗର୍ବିତ ବୋଲି ରାଣୀ କହିଛନ୍ତି। ଦର୍ଶକେ ଏହାକୁ ଉପଭୋଗ କରୁଥିବାରୁ ସେ ଖୁସିବ୍ୟକ୍ତ ମଧ କରିଛନ୍ତି।








## ପୂର୍ବ ତଟ ରେଳପଥ

### ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ପାରାଦୀପ ଠାରେ ଇଣ୍ଡିଆନ୍ ଅୟଲ କର୍ପୋରେସନ୍ ଲିମିଟେଡ଼(IOCL)ର ପେଟ୍ କୋକ୍ ସାଇଡ଼ିଙ୍ଗ ଠାରେ ବିଦ୍ୟୁତ୍ ପ୍ରବାହ ସମ୍ବନ୍ଧୀୟ ସାର୍ବଜନିକ ଅଧିସୂଚନା

ପ୍ରୋଫର୍ମା-10.01

ପୂର୍ବ ତଟ ରେଳପଥ ଅଧୀନସ୍ଥ ନିମ୍ନ ବର୍ଣ୍ଣିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳବାଇ ଲାଇନ୍ ଏବଂ ପରିସରକୁ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ନିର୍ଦ୍ଦିଷ୍ଟ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ କିମ୍ବା ଏହା ପରେ **25000** ଭୋଲ୍ଟ, **50 Hz, AC** ଓଭରହେଡ୍ ଟ୍ରାକ୍ସନ୍ ତାରରେ ବିଦ୍ୟୁତ୍ ପ୍ରବାହ କରାଯିବ। ସେହି ତାରିଖ ଦିନ ଓ ତାହା ପର ଠାରୁ ଓଭରହେଡ୍ ଟ୍ରାକ୍ସନ ଲାଇନ୍‌ରେ ସବୁ ସମୟ ପାଇଁ ବିଦ୍ୟୁତ୍ ପ୍ରବାହିତ ହେବ । ଏଥିପାଇଁ ଯେକୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭର ହେଡ୍ ଲାଇନ୍ ନିକଟକୁ ଯିବେ ନାହିଁ କିମ୍ବା ତାହାର ଆଖପାଖରେ କୌଣସି କାର୍ଯ୍ୟ କରିପାରିବେ ନାହିଁ ।

| ସେକ୍ସନ | ମଣ୍ଡଳ | ବିଦ୍ୟୁତ୍ ପ୍ରବାହ ତାରିଖ |
|---|---|---|
| ପାରାଦୀପ ଠାରେ ଇଣ୍ଡିଆନ୍ ଅୟଲ କର୍ପୋରେସନ୍ ଲିମିଟେଡ଼(IOCL)ର ପେଟ୍ କୋକ୍ ସାଇଡ଼ିଙ୍ଗ | ଖୋର୍ଦ୍ଧା ରୋଡ଼ | ତା.08.09.2018ରିଖ |

### AC 25 KV ଟ୍ରାକ୍ସନର ପ୍ରଚଳନ
### 'ସଡ଼କ ବ୍ୟବହାରକାରୀମାନଙ୍କ ପାଇଁ ସତର୍କତା'

ପ୍ରୋଫର୍ମା-10.02

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି ଯେ, ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ଉପର ବର୍ଣ୍ଣିତ ସେକ୍ସନରେ **25 KV AC** ଇଲେକ୍ଟ୍ରିକ୍ ଟ୍ରାକ୍ସନର ପ୍ରବର୍ତ୍ତନ ସମ୍ପର୍କରେ ସମସ୍ତ ଲେଭେଲ କ୍ରସିଂ ଗୁଡ଼ିକଠାରେ କୌଣସି ବୋଝେଇ ଗାଡ଼ି ଜୀବନ୍ତ ଟ୍ରାକ୍ସନ ତାର ସଂସ୍ପର୍ଶରେ ନ ଆସିବା କିମ୍ବା ଏହାର ନିକଟବର୍ତ୍ତୀ ବିପଦାଞ୍ଚଳକୁ ପ୍ରବେଶ ନିଷିଦ୍ଧ ନିମନ୍ତେ ସଡ଼କ ସ୍ତର ଠାରୁ **4.67** ମିଟର ଉଚ୍ଚତାରେ ହାଇଟ୍ ଗେଜ୍ ସ୍ଥାପନ କରାଯାଇଛି । ତେଣୁ ସର୍ବସାଧାରଣଙ୍କୁ ଏତଦ୍ୱାରା ସୂଚାଇ ଦିଆଯାଉଅଛି ଯେ, ସଡ଼କ ଗାଡ଼ିରେ ମାଲ ବୋଝେଇ କରିବା ସମୟରେ ଉପର ଲିଖିତ ଉଚ୍ଚତାକୁ ଧ୍ୟାନରେ ରଖି ମାଲ ବୋଝେଇ କରିବେ ଏବଂ ଏହା ଯେପରି କୌଣସି ପରିସ୍ଥିତିରେ ହାଇଟ୍ ଗେଜ୍ ସୀମା ଉଲ୍ଲଙ୍ଘନ ନ କରେ, ସେଥିପ୍ରତି ଦୃଷ୍ଟି ଦେବେ ।

ଅଧିକ ଉଚ୍ଚତାରେ ମାଲ୍ ବୋଝେଇ କରିବା ଦ୍ୱାରା ନିମ୍ନଲିଖିତ ବିପଦ ରହିଛି :

i) ହାଇଟ୍ ଗେଜ୍ ପ୍ରତି ବିପଦ ଏବଂ ପରିଣାମ ସ୍ୱରୂପ ରେଳ ଲାଇନ୍ ଓ ରାସ୍ତା ଅବରୋଧ ।
ii) ପରିବହନ ହେଉଥିବା ମାଲ କିମ୍ବା ଯନ୍ତ୍ରାଂଶ କିମ୍ବା ସେହି ଗାଡ଼ି ପ୍ରତି ବିପଦ ।
iii) ବିଦ୍ୟୁତ୍ ପରିବାହୀ ସଂସ୍ପର୍ଶରେ ଆସିବା କିମ୍ବା ନିକଟବର୍ତ୍ତୀ ହେବା ଦ୍ୱାରା ଅଗ୍ନି ଭୟ ସହିତ ଜୀବନ ହାନୀର ବିପଦ ଆଶଙ୍କା ।

PR-325/J/18-19 — ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼



(Regd. No. MSCS/CR/333/2010)

**SAHARA CREDIT COOPERATIVE SOCIETY LIMITED**
Regd. Office: Sahara India Bhawan, 1, Kapoorthala Complex, Aliganj, Lucknow-226024 , Telefax : 0522-2330155

**NOTICE**

The 9th Annual General Body Meeting of the members of Sahara Credit Cooperative Society Limited is scheduled to be held on Friday, 7th September, 2018 at 11.00 A.M. at 3rd Floor, Sahara India Tower, 7, Kapoorthala Complex, Lucknow- 226024.

**BUSINESS ON AGENDA**

1. To confirm the minutes of last Annual General Body Meeting.
2. To consider and adopt the audited financial statement of accounts for the financial year 2017-2018.
3. To consider and approve the Audit Report and Annual Report for the financial year 2017-18.
4. To consider the audit compliance report.
5. To consider the creation of specific reserve and other funds.
6. To announce dividend distribution for the financial year 2017-18.
7. To consider the disposal of net profit.
8. To approve the annual budget for the financial year 2019-20.
9. To approve the annual action plan for the financial year 2019-20.
10. To consider and approve the appointment of Statutory Auditors.
11. To consider the list of employees who are relatives of members of the Board or of the Managing Director.
12. To consider and Approve the Amendment in the bye-laws of the Society.
13. Any other item, if any, with the permission of Chairperson.

By order of the Board
**For Sahara Credit Cooperative Society Limited**
Sd/-
Managing Director

Place: Lucknow
Date: 13/08/2018

**Note:** Please note that if there is no quorum within half an hour of the time fixed for the scheduled meeting, the meeting shall be adjourned and the adjourned meeting shall be held at 12:00 noon on the same day i.e. 7th September, 2018 to transact the agenda items as aforesaid and that no quorum shall be necessary for transacting the business in the adjourned meeting so held.



**IN THE COURT OF CIVIL JUDGE, SENIOR DIVISION, BHUBANESWAR**
**M.S. No.: 1784/2013**

**State Bank of India, KIIT Square Branch, Bhubaneswar,** through Stressed Assets Recovery Branch, Bhubaneswar by its City Case Officer ...Plaintiff

Versus

**Narottam Mohanty** ...Defendant

To,
**Narottam Mohanty,** S/o: Muralidhar Mohanty, Permanent Vill.: Gadasahee, P.O.: Mangalpur, Via: Soro, Dist.: Balasore-756045. Residing at- HIG-6/304, Bank Colony, Kesura, P.O.: Kesura, Bhubaneswar. Working at Yes Bank Ltd., Plot No.: 31, Bapuji Nagar, Bhubaneswar-9.

**NOTICE UNDER ORDER-5 RULE-20 C.P.C.**

Take notice that the Plaintiff has filed a suit against you for realization of **Rs.2,09,312/-** (Rupees Two lakhs nine thousand three hunderd twelve) with P.I. & F.I. and you are avoiding the service of summons, for which summons can not be served on you in normal course.

You are thereby directed to appear in this Court on **12.11.2018 10.30 A.M.** in person or by a Pleader duly instructed by you to answer all points in the above said suit failing which suit shall be heard and determined in your absence.

Given under my hand and seal of this Court on **18th day of August of 2018.**

**Sd/- Civil Judge, Senior Division Bhubaneswar**



**IN THE COURT OF CIVIL JUDGE, SENIOR DIVISION, BHUBANESWAR**
**M.S. No.: 1783/2013**

**State Bank of India, KIIT Square Branch, Bhubaneswar,** through Stressed Assets Recovery Branch, Bhubaneswar by its City Case Officer ...Plaintiff

Versus

**Raj Kishore Das** ...Defendant

To,
**Raj Kishore Das,** S/o: Sarat Chandra Das, Permanent Vill.: Kahana Raheswar, P.O.: Narada, Via: Tendakuda, Dist.: Kendrapara. Residing at- Plot No.: 4647, Adimata Colony, Mancheswar, P.O.: Mancheswar R.S., Bhubaneswar-17. Working as Electrician at Kalinga Institute of Medical Science, KIIT Campus, P.O.: KIIT, Bhubaneswar-24.

**NOTICE UNDER ORDER-5 RULE-20 C.P.C.**

Take notice that the Plaintiff has filed a suit against you for realization of **Rs.1,04,793/-** (Rupees One lakh four thousand seven hunderd ninety three) with P.I. & F.I. and you are avoiding the service of summons, for which summons can not be served on you in normal course.

You are thereby directed to appear in this Court on **12.11.2018 10.30 A.M.** in person or by a Pleader duly instructed by you to answer all points in the above said suit failing which suit shall be heard and determined in your absence.

Given under my hand and seal of this Court on **18th day of August of 2018.**

**Sd/- Civil Judge, Senior Division Bhubaneswar**



See Career Appointment on every Wednesday & Saturday



ବିଭିନ୍ନ ପ୍ରସଙ୍ଗକୁ ନେଇ ପଡୋଶୀଙ୍କ ସହ ମତଭେଦ ସତ୍ତ୍ୱେ ସୀମାରେ ଶାନ୍ତି ବଜାୟ ରଖିବା ଭାରତର ପରିପକ୍ୱତାର ପରିଚୟ।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ମହିଳାଙ୍କୁ ବିବସ୍ତ୍ର କରି ବୁଲାଇଲେ

**ବିହାରରେ ବର୍ବରତା**
- ୧୬ ଗିରଫ, ୮ ପୋଲିସ ନିଲମ୍ବିତ
- ରିପୋର୍ଟ ମାଗିଲେ ଏନ୍‌ସିଡବ୍ଲ୍ୟୁ

ଆରା,୨୧।୮(ପି.ଟି.)

ବିହାର ଭୋଜପୁର ଜିଲାରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ବିହିୟା ବ୍ଲକ୍‌ର ମୁଖ୍ୟ ବଜାରରେ ଜଣେ ମହିଳାଙ୍କୁ ହତ୍ୟାକାରୀ ମନେକରି ଲୋକେ ଆକ୍ରମଣ କରିଛନ୍ତି। ଏଥିସହ ସେମାନେ ମହିଳାଙ୍କୁ ଉଲଗ୍ନ କରି ବୁଲାଇଛନ୍ତି। ଏହି ମାମଲାରେ ୧୬ ଜଣଙ୍କୁ ଗିରଫ କରାଯାଇଛି। କର୍ତ୍ତବ୍ୟରେ ଅବହେଳା ପାଇଁ ୮ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ପୋଲିସ କହିବା ଅନୁଯାୟୀ, ୧୯ ବର୍ଷୀୟ ବିମଳେଶ ଶାହ ରବିବାର ନିଖୋଜ ହୋଇଯାଇଥିଲେ। ତାଙ୍କ ମୃତଦେହ ସୋମବାର ଏକ ରେଳଧାରଣା ନିକଟରୁ ମିଳିଥିଲା। ଖବର ପାଇ ବିମଳେଶଙ୍କ ଗାଁ ଦାମୋଦରପୁରରୁ ଲୋକେ ଘଟଣାସ୍ଥଳକୁ ଯାଇଥିଲେ। ନିକଟସ୍ଥ ରେଡ୍‌ଲାଇଟ୍ ଏରିଆର କେହି ତାଙ୍କୁ ତଣ୍ଟିଚିପି ହତ୍ୟାକରିଥିବା ସେମାନେ ସନ୍ଦେହ କରିଥିଲେ। ଉତ୍ତ୍ୟକ୍ତ ଗ୍ରାମବାସୀ ମୁଖ୍ୟ ବଜାରର କେତେକ ଦୋକାନରେ ନିଆଁ ଲଗାଇ ସ୍ଥାନୀୟ ଲୋକଙ୍କୁ ମାଡ଼ ମାରିଥିଲେ। ସେମାନେ ଜଣେ ମହିଳାଙ୍କୁ ରାସ୍ତାକୁ ଘୋଷାଡ଼ି ଆଣି ମାଡ଼ ମାରିବା ସହ ଉଲଗ୍ନ କରିଦେଇଥିଲେ। ମହିଳାଙ୍କୁ ବିବସ୍ତ୍ର ଅବସ୍ଥାରେ ସେମାନେ ବଜାରରେ ବୁଲାଇଥିବା ଅଭିଯୋଗ ହୋଇଛି। ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ସମାଲୋଚନା କରିଛନ୍ତି। ରାଜନୀତି ଜୋର୍ ଧରିବା ପରେ ୧୬ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଉତ୍ତ୍ୟକ୍ତ ଜନତାଙ୍କ ନେତୃତ୍ୱ ନେଇଥିବା ଆର୍‌ଜେଡି କର୍ମୀ କୌଶଲ କିଶୋର ଯାଦବ। ସେହିପରି ବିହିୟା ଥାନା ଏସ୍‌ଏଚ୍‌ଓ ଏବଂ ଜିଆର୍‌ପି ଇନ୍ସପେକ୍ଟର ଇନ୍-ଚାର୍ଜଙ୍କ ସମେତ ୮ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ସେପଟେ ଏହି ଘଟଣାରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବିସ୍ତୃତ ତଥ୍ୟ ସହ ରିପୋର୍ଟ ଦେବାକୁ ବିହାର ପୋଲିସ ମହାନିର୍ଦ୍ଦେଶକଙ୍କୁ ମଙ୍ଗଳବାର ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ନିର୍ଦ୍ଦେଶ ଦେଇଛନ୍ତି।

## ଅହମ୍ମଦ ପଟେଲ କଂଗ୍ରେସ କୋଷାଧ୍ୟକ୍ଷ



ନୂଆଦିଲ୍ଲୀ,୨୧।୮(ପି.ଟି.): ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟ ସଭା ସଦସ୍ୟ ଅହମ୍ମଦ ପଟେଲଙ୍କୁ ଦଳର କୋଷାଧ୍ୟକ୍ଷ ନିଯୁକ୍ତ କରାଯାଇଛି। ପୂର୍ବରୁ ମୋତିଲାଲ ଭୋରା ଏହି ପଦରେ ଥିଲେ। ନୂଆକରି ସୃଷ୍ଟି କରାଯାଇଥିବା ଏଆଇସିସି ସାଧାରଣ ସମ୍ପାଦକ (ପ୍ରଶାସନ)ରେ ଭୋରାଙ୍କୁ ନିଯୁକ୍ତ କରାଯିବା ପରେ ତାଙ୍କ ସ୍ଥାନରେ ଅହମ୍ମଦଙ୍କୁ ଅବସ୍ଥାପିତ କରାଯାଇଛି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆନନ୍ଦ ଶର୍ମାଙ୍କୁ ଦଳର ବହିର୍ବ୍ୟାପାର ବିଭାଗ ଅଧ୍ୟକ୍ଷ ନିଯୁକ୍ତ କରଯାଇଛି। ପୂର୍ବରୁ ଏହି ପଦରେ କରଣ ସିଂ ଥିଲେ। ପୂର୍ବତନ ବାଚସ୍ପତି ମୈରା କୁମାରଙ୍କୁ କଂଗ୍ରେସ କାର୍ଯ୍ୟକାରୀ କମିଟିର ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଭାବେ ସାମିଲ କରାଯାଇଛି। ଲୁଇଜିନ୍‌ହୋ ଫାଲେରିଓଙ୍କୁ ସାଧାରଣ ସମ୍ପାଦକ ତଥା ଆସାମ ବ୍ୟତୀତ ଅନ୍ୟ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ପ୍ରଭାରୀ ଦାୟିତ୍ୱ ଦିଆଯାଇଛି। କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ମଙ୍ଗଳବାର ଏହି ନିଯୁକ୍ତି ଦେଇଛନ୍ତି।

## ଆତ୍ମହତ୍ୟା କଲେ ତୋମାରଙ୍କ ପିଏ

ନୂଆଦିଲ୍ଲୀ,୨୧।୮(ପି.ଟି.):କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କ ବ୍ୟକ୍ତିଗତ ସହାୟକ (ପିଏ) କୁନ୍ଦନ କୁମାର ଦିଲ୍ଲୀର ଲକ୍ଷ୍ମୀବାଈ ନଗରରେ ସୋମବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଛନ୍ତି। ପୋଲିସ ରାତି ୨ଟା ୨୫ରେ ଖବରପାଇ ତାଙ୍କ ଘରେ ପହଞ୍ଚିଥିଲା ଏବଂ ଭିତରପଟୁ ବନ୍ଦ ଥିବା କବାଟ ଭାଙ୍ଗିଥିଲା। ୩୧ ବର୍ଷୀୟ କୁନ୍ଦନଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ସଫଦରଜଙ୍ଗ ହସ୍ପିଟାଲକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁନ୍ଦନଙ୍କ କୌଣସି ସୁଇସାଇଡ୍ ନୋଟ ମିଳି ନ ଥିବାରୁ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ପୋଲିସ ତଦନ୍ତ ଜାରି ରଖିଥିବା କହିଛି।

# ରାଜ୍ୟ ସଭା ନିର୍ବାଚନରେ ନୋଟା ବ୍ୟବହାରକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୨୧।୮(ପି.ଟି.)




ରାଜ୍ୟ ସଭା ନିର୍ବାଚନରେ ଉପର ମଧ୍ୟରୁ କୌଣସିଟା ନୁହେଁ (ନୋଟା) ବିକଳ୍ପକୁ ଅନୁମତି ଦିଆଯାଇ ପାରିବନାହିଁ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ଏହାସହ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ବାଚନ କମିଶନ(ଇସି)ଙ୍କ ଏ ସଂକ୍ରାନ୍ତ ବିଜ୍ଞପ୍ତିକୁ ଖାରଜ କରିଦେଇଛନ୍ତି। ନୋଟାକୁ କେବଳ ପ୍ରତ୍ୟକ୍ଷ ନିର୍ବାଚନ ପାଇଁ ବ୍ୟବହାର କରାଯାଇପାରିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ଗତବର୍ଷ ଗୁଜରାଟରେ ଅନୁଷ୍ଠିତ ରାଜ୍ୟ ସଭା ନିର୍ବାଚନ ବେଳେ ଦଳୀୟ ଏମ୍‌ପି ଅହମ୍ମଦ ପଟେଲଙ୍କୁ କଂଗ୍ରେସ ପ୍ରାର୍ଥୀ କରିଥିଲା। ସେତେବେଳେ ରାଜ୍ୟ ସଭା ନିର୍ବାଚନ ପାଇଁ ଉଦ୍ଦିଷ୍ଟ ବାଲଟ୍ ପେପରରେ ନୋଟା ବ୍ୟବସ୍ଥା କରିବା ଲାଗି ଇସି ବିଜ୍ଞପ୍ତି ଜାରି କରିଥିଲେ। ଗୁଜରାଟ ବିଧାନସଭାର ତତ୍କାଳୀନ କଂଗ୍ରେସ ମୁଖ୍ୟ ସଚେତକ ଶୈଳେଶ ମନୁଭାଇ ପରମାର ଇସିଙ୍କ ବିଜ୍ଞପ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଉଚ୍ଚ ସଦନ ପାଇଁ ନିର୍ବାଚନରେ ନୋଟା ବ୍ୟବସ୍ଥାକୁ ଅନୁମତି ଦିଆଗଲେ ଘୋଡ଼ାବେପାର ଓ ଦୁର୍ନୀତି ବଢ଼ିବ ବୋଲି ସେ ଯୁକ୍ତି ବାଢ଼ିଥିଲେ। ଶୈଳେଶଙ୍କ ଆବେଦନର ଶୁଣାଣି କରି ଖଣ୍ଡପୀଠ ଉକ୍ତ ବିଜ୍ଞପ୍ତି ଉପରେ ପ୍ରଶ୍ନ ଉଠାଇଛନ୍ତି। ନୋଟାକୁ କେବଳ ପ୍ରତ୍ୟକ୍ଷ ନିର୍ବାଚନରେ ବ୍ୟକ୍ତିଗତ ଭୋଟରମାନେ ବ୍ୟବହାର କରିପାରିବେ ବୋଲି ଖଣ୍ଡପୀଠ କହିଛନ୍ତି। ନିର୍ବାଚନ କମିଶନ ନୋଟା ବ୍ୟବହାର ଆରମ୍ଭ କରି ଭୋଟ ନ ଦେବା କାର୍ଯ୍ୟକୁ ଆଇନତଃ ବୈଧ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ପୂର୍ବରୁ ସୁପ୍ରିମକୋର୍ଟ କହିଥିଲେ।

## ଚେନାବ ନଦୀକୁ ଖସିଲା ଭ୍ୟାନ: ୧୩ ମୃତ

ଜମ୍ମୁ,୨୧।୮(ପି.ଟି.)

ଜମ୍ମୁ-କଶ୍ମୀରର କିସ୍ତୱାର ଜିଲାରେ ମଙ୍ଗଳବାର ଏକ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ୫ ବର୍ଷୀୟା ନାବାଳିକାଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଛି। କିସ୍ତୱାର ଜିଲାର ମାତା ମଚାଇଲ ମନ୍ଦିରକୁ ଦର୍ଶନ ପାଇଁ ୧୧ ଶ୍ରଦ୍ଧାଳୁଙ୍କ ସମେତ ୧୩ ଜଣ ମଙ୍ଗଳବାର ସକାଳେ ଏକ ଭ୍ୟାନରେ ଯାଉଥିଲେ। ଆଉ ୨୮ କି.ମି. ଅତିକ୍ରମ କରିଥିଲେ ସେମାନେ କିସ୍ତୱାରରେ ପହଞ୍ଚିଥାନ୍ତେ। ଭ୍ୟାନ ପଦ୍ଦେର ବେଲ୍ଟ ଅଞ୍ଚଳ ଦେଇ ଗତି କରୁଥିବାବେଳେ ୭ଟା ୩୦ ମିନିଟରେ ରାସ୍ତାରେ ଭାରସାମ୍ୟ ହରାଇ ଚେନାବ ନଦୀରେ ଖସିପଡ଼ିଥିଲା। ଫଳରେ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଆହତ ହୋଇଥିବା ଜଣେ ୫ ବର୍ଷୀୟା ଝିଅଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନିଆଯାଉଥିବାବେଳେ ବାଟରେ ସେ ଆଖିବୁଜି ଦେଇଥିଲେ। ୨୪ ଘଣ୍ଟା ମଧ୍ୟରେ କିସ୍ତୱାର ଜିଲାରେ ଏହା ହେଉଛି ଦ୍ୱିତୀୟ ବଡ଼ ଦୁର୍ଘଟଣା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଇର ହାକୁଟି ଉଠୁଛି ଯେତେ,**
**ଓପରେ ଓପରେ ଖୁନ୍ଦୁଛି ସେତେ।**

ସାଧାରଣତଃ ଖାଦ୍ୟଲୋଭୀ ବ୍ୟକ୍ତିଙ୍କର ପେଟ କେବେ ପୂରି ନ ଥାଏ। ଯେତେ ପେଟ ପୂରାଇ ଖାଇଲେ ମଧ୍ୟ ଆହୁରି ଖାଇବା ପାଇଁ ମନ ବଳାଇଥାନ୍ତି। ଅତ୍ୟଧିକ ଖାଦ୍ୟ ଗ୍ରହଣ କରିବା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାର ହେଉଥିବା ଜାଣି ମଧ୍ୟ ଏପରି ଖାଦ୍ୟଲୋଭୀ ବ୍ୟକ୍ତି ନିଜ ଖାଦ୍ୟ ଉପରେ ନିୟନ୍ତ୍ରଣ ରଖିପାରି ନ ଥାନ୍ତି। ଅଜୀର୍ଣ୍ଣରେ ପୁଣି ଖାଦ୍ୟ ଗ୍ରହଣ କରୁଥିବା ପେଟୁ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖାଇବ ନାହିଁ, କି ଖୁଆଇବ ନାହିଁ।**

ନିଜେ କିଛି କରିବ ନାହିଁ କି କାହାକୁ କିଛି କରାଇଦେବ ନାହିଁ। ନିଜେ କୌଣସି ସୁବିଧା ଉପଭୋଗ ନ କରିବା ଓ ଅନ୍ୟକୁ ମଧ୍ୟ ସେଥିରୁ ବଞ୍ଚିତ କରାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ ନେତାଙ୍କ ମାମଲାର ତ୍ୱରିତ ବିଚାର: କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# କେତୋଟି ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରିଛ

ନୂଆଦିଲ୍ଲୀ,୨୧।୮(ପି.ଟି.)



ରାଜନେତାମାନଙ୍କ ବିରୋଧରେ ଥିବା ମାମଲାଗୁଡ଼ିକର ତ୍ୱରିତ ବିଚାର ପାଇଁ କେତୋଟି ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରାଯାଇଛି ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

ନେତାଙ୍କ ମାମଲାଗୁଡ଼ିକର ଶୁଣାଣି ପାଇଁ ୧୨ଟି ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରିବାକୁ ସୁପ୍ରିମକୋର୍ଟ ଗତ ଡିସେମ୍ବର ୧୪ରେ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୮ ମାର୍ଚ୍ଚ ୧ରୁ ଏହି କୋର୍ଟଗୁଡ଼ିକ କାର୍ଯ୍ୟକ୍ଷମ ହେବା ଉଚିତ ବୋଲି ସର୍ବୋଚ୍ଚ ଅଦାଲତ ମହଲତ ଦେଇଥିଲେ। ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏନେଇ ସରକାରଙ୍କ ଜବାବ ଲୋଡ଼ିଛନ୍ତି। ଅଦ୍ୟାବଧି କେତୋଟି ସ୍ୱତନ୍ତ୍ର କୋର୍ଟ ଖୋଲାଯାଇଛି। ସେଗୁଡ଼ିକ ସେସନ୍ସ କୋର୍ଟ ଅଥବା ମାଜିଷ୍ଟ୍ରେଟ୍ କୋର୍ଟ ଏବଂ ଅଦାଲତଗୁଡ଼ିକର ବିଚାର କ୍ଷେତ୍ରର ପରିସୀମା ଜାଣିବାକୁ ଚାହିଁଛନ୍ତି ଖଣ୍ଡପୀଠ। ସେହିପରି ଏହି ସ୍ୱତନ୍ତ୍ର କୋର୍ଟଗୁଡ଼ିକରେ କେତେ ସଂଖ୍ୟକ ମାମଲା ଗଡ଼ୁଛି ତାହା ମଧ୍ୟ ଜଣାଇବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଭାଜପା ନେତା ତଥା ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟଙ୍କ ପକ୍ଷରୁ ଦାଏର ପିଟିଶନର ଶୁଣାଣି କରି ଖଣ୍ଡପୀଠ ବିସ୍ତୃତ ତଥ୍ୟ ମାଗିଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୮ରେ ହେବ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
CAPITAL FIRST FINANCE LIMITED
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ରଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number: 7689937202

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ରଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

BANAJ FINANCE GROUP LTD.
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ରଣ ୨୪ ଘଣ୍ଟାରେ ପାଆନ୍ତୁ। ଗ୍ରୁପ୍ ରଣ, ଆଧାର କାର୍ଡ ରଣ, ଗୃହ ରଣ, ଗାଡ଼ି ରଣ, କୃଷି ରଣ, ବ୍ୟବସାୟ ରଣ, ପ୍ରପର୍ଟି ରଣ, ଏବଂ ଅନ୍ୟାନ୍ୟ ରଣ ୧% ସୁଧ, ୩୫% ସବ୍‌ସିଡି। କଲ୍ କରନ୍ତୁ SAMIR MONAL
07363008993
07363008928

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ରଣ ଉପଲବ୍ଧ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପକୁ SAMRUDHI FINANCEରୁ ରଣ ଯୋଗାଇ ଦିଆଯାଉଛି।
8658167603
7064382081

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ବାବା ଆଗ୍ରା ଅଲି ଶାହ
9911436726, 8750311430



HDB Government Financial Services
କରୁଛି ଏବେ ଗାଁ/ସହରରେ ବଡ଼ ରଣ 50,000 - 95,00,000 ପର୍ଯ୍ୟନ୍ତ, ଶିକ୍ଷା, ପ୍ରପର୍ଟି, କାର୍ଡ ଏବଂ ସମସ୍ତ ରଣ 2% ସୁଧ 40% ରିହାତି। ମହିଳା (ସମୂହ) ଗ୍ରୁପ୍ ରଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Numbers
9983302166
9983302146

Kuber Finance
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ରଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

LOAN
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

JAGANNATH FINANCE COMPNAY
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ରଣ ମାତ୍ର 24 ଘଣ୍ଟାରେ। 1% ସୁଧ 50% ଛାଡ। ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

B.N. FINANCE
ସମସ୍ତ ଜିଲ୍ଲା ପାଇଁ Personal, Business, Property, Certificate, କୃଷି ଓ ପଶୁପାଳନ ପାଇଁ ସମସ୍ତ ପ୍ରକାର ଲୋନ୍ ୫ ଦିନ ମଧ୍ୟରେ ମିଳିବ। 2% ସୁଧ।
M: 8337957615
7064797490

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

FINANCE
MG Financial Solution
୨ଦିନ ମଧ୍ୟରେ ଦେଉଛି ସମସ୍ତ ପ୍ରକାର ରଣ ବର୍ଷକୁ ୩ % ସୁଦ୍ଧରେ। ସରକାରୀ ଗ୍ୟାରେଣ୍ଟର୍ ଆବଶ୍ୟକ ନାହିଁ। (ସ୍ୱତନ୍ତ୍ର ସର୍ତ୍ତମୂଳକ ରିହାତି ୩୦%) ଏଜେଣ୍ଟ ଆମନ୍ତ୍ରିତ। କମିଶନ ଏବଂ ସ୍ଥାୟୀ ଦରମା
09674882781
08826582043
09674882851
mgfinance99@gmail.com

SRI RAM FINANCE LTD.
Regd No. 12AP2K3697 (I.S.O.)
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ରଣ ପାଆନ୍ତୁ ୨ ରୁ ୩ ଦିନରେ। ସୁଦ୍ଧ ୨% ରିହାତି ୩୦% ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ରିହାତି।
Help Line No.
8658665629
7894259095
finance0102018@gmail.com

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913
7629090472

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501
7787907927
pmjansamridhi@gmail.com

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ଆଗେ କାମ, ପରେ ଦାମ୍। ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ, ସମସ୍ତ ରଣ 2% ସୁଧ 40% ରିହାତି ଘରେ ବସି ପାଆନ୍ତୁ।
OM FINANCE
9557124359
7895699233

FINANCE
PEHEL ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ରଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୫୦%ଛାଡ। ଘରେ ବସି ପାଆନ୍ତୁ। ଏଜେଣ୍ଟ ଆମନ୍ତ୍ରିତ
ଅଧିକ ବିବରଣୀ ପାଇଁ ସଂମ୍ପର୍କ କରନ୍ତୁ
7347695603
8941029381

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର। ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

ଫାଇନାନ୍ସ
ଧନଜନ ଯୋଜନା
ଶ୍ରୀ ହରି ଫାଇନାନ୍ସ LTD
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହରଣ, କୃଷି। 2% ସୁଧ, 50% ରିହାତି
(ଠକମାନଙ୍କ ପ୍ରତି ସାବଧାନ)
9634736108
9634734514

ଖର୍ଚ୍ଚ ରଣରୁ କଟିବ
ଜନଧନ୍ ଫାଇନାନ୍ସ
(Govt. Regd.)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଓ ସମସ୍ତ ରଣ ୨% ସୁଧ, ୪୦% ରିହାତି
Contact No.:
94115-02501
92055-71505
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ମଧ୍ୟପ୍ରଦେଶ ଘାଟି ଗାଁ ଅନ୍ତର୍ଗତ ବୀଲପୁର ଅଞ୍ଚଳର ଏକ ଜଙ୍ଗଲରେ ଚରୁଥିବା ଛେଳି ପଲ ଉପରେ ୨ ଚିତାବାଘ ଶାବକ ଆକ୍ରମଣ କରିଛନ୍ତି । ଏଥିରେ ୩୧ ଛେଳିଙ୍କ ମୃତ୍ୟୁ ଘଟିଥିବାବେଳେ ୧୪ ଛେଳି ଆହତ ହୋଇଛନ୍ତି । ଛେଳି ଚରାଉଥିବା ପିଲା ଭୟରେ ଗଛରେ ଚଢ଼ି ଜୀବନ ବଞ୍ଚାଇଛି ।



## ସଂକ୍ଷେପରେ

### ୧୫ ଦିନ ମଧ୍ୟରେ ଓଡ଼ିଆରେ ନାମଫଳକ ଲେଖି

**ଭୁବନେଶ୍ୱର, ୨୧।୮ (ବ୍ୟୁରୋ):** ରାଜ୍ୟ ଉନ୍ନୟନ କମିଶନର ଆର୍. ବାଲକ୍ରିଷ୍ଣନ୍‌ଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସଚିବାଳୟଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟର ସହରାଞ୍ଚଳରେ ଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡିକରେ ଓଡିଆ ଭାଷାରେ ନାମଫଳକ ସ୍ପଷ୍ଟଭାବେ ଲେଖିବା ପାଇଁ କଡାକଡି ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଏବଂ ସେମାନଙ୍କ ଅଧୀନରେ ରହିଥିବା ସମସ୍ତ କାର୍ଯ୍ୟାଳୟ ଓ ଅନୁଷ୍ଠାନଗୁଡିକରେ ୧୫ଦିନ ମଧ୍ୟରେ ଏହା ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ସହରାଞ୍ଚଳରେ ଥିବା ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନର ତାଲିକା ପ୍ରସ୍ତୁତ କରି ଓଡିଆରେ ନାମଫଳକ ଲଗାଇବା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ଉନ୍ନୟନ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୦୦ଟି ପ୍ରମୁଖ ପ୍ରତିଷ୍ଠାନ ଯଥା- ଡାକ୍ତରଖାନା, ଘରୋଇ ବିଦ୍ୟାଳୟ, ହୋଟେଲଗୁଡିକରେ ଏହା ପାଳନ କରିବାକୁ ୩୦ଦିନ ମଧ୍ୟରେ ପଦକ୍ଷେପ ନିଆଯିବ। ଓଡିଆ ଭାଷାରେ ନାମଫଳକ ଲଗାଇ ନ ଥିବା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ବା ଅନୁଷ୍ଠାନ ବିରୋଧରେ ସର୍ବସାଧାରଣଙ୍କ ଦ୍ୱାରା ଅଭିଯୋଗ କରିବାକୁ ଏକ ପୋର୍ଟାଲର ଉନ୍ମୋଚନ କରାଯାଇଛି।

### ସିଟି ବସ୍‌ରେ କଂଗ୍ରେସ ଭବନ ଆସିଲେ ଜିତେନ୍ଦ୍ର ସିଂ

**ଭୁବନେଶ୍ୱର,୨୧।୮ (ବ୍ୟୁରୋ):** ପ୍ରଦେଶ କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂ ସିଟି ବସ୍‌ରେ ମଙ୍ଗଳବାର କଂଗ୍ରେସ ଭବନ ଆସିଛନ୍ତି। ଯାହାର ଏକ ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ରାଜଧାନୀବାସୀଙ୍କ ସହ ସିଧାସଳଖ ମିଶିବା ପାଇଁ ଜିତେନ୍ଦ୍ର ଏହି ଅଭିନବ ଉପାୟ ଅବଲମ୍ବନ କରିଥିବା ଜଣାପଡିଛି। ନୟାପଲ୍ଲୀସ୍ଥିତ ଏକ ଦାମୀ ହୋଟେଲରେ ଜିତେନ୍ଦ୍ର ରହୁଛନ୍ତି। ମଙ୍ଗଳବାର ତାଙ୍କୁ ନେବା ପାଇଁ ଦଳୀୟ ଗାଡି ଆସିଥିଲା, ହେଲେ ସେ ଯିବାକୁ ମନା କରିଥିଲେ। ସିଟିବସ୍‌ରେ ଛିଡା ହୋଇ ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ କଂଗ୍ରେସ ଭବନରେ ପହଞ୍ଚିଥିଲେ।

ଅସମର୍ଥିତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ବସ୍‌ରେ ଅଳ୍ପ କେତେଜଣ ଜିତେନ୍ଦ୍ରଙ୍କୁ ଚିହ୍ନି ପାରିଥିଲେ। ହେଲେ ବହୁସଂଖ୍ୟକ ଯାତ୍ରୀ ତାଙ୍କୁ ଚିହ୍ନି ପାରି ନ ଥିଲେ। ଓଡ଼ିଶାର ରାଜନୈତିକ ହାଲଚାଲ, କଂଗ୍ରେସ ପ୍ରତି ଆଭିମୁଖ୍ୟ ଏବଂ ଭୋଟରଙ୍କ ମୁଡ୍ ଜାଣିବା ପାଇଁ ଜିତେନ୍ଦ୍ର ଚେଷ୍ଟା କରିଥିବା ଜଣାପଡିଛି।

### ୩ ବର୍ଷର ଶିଶୁକୁ ଅପହରଣ ଅଭିଯୋଗ
### ଉଦ୍ଧାର କରିବାକୁ ମା'ଙ୍କ ଆକୁଳ ନିବେଦନ

**ଢେଙ୍କାନାଳ ଅଫିସ, ୨୧।୮:** ଢେଙ୍କାନାଳ ଜିଲା ଗଁଦିଆ ଥାନା ଦେଓଗାଁ ପଞ୍ଚାୟତ ଅଧୀନ ତୋଟାପଡ଼ା ଗ୍ରାମର ୩ ବର୍ଷର ଶିଶୁ ବିକାଶ ପଧାନଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। କପିଳାସରୁ ଶ୍ରାବଣ ଜଳଲାଗି କରିବାକୁ ଆସିଥିବା କେତେଜଣ ଯୁବକ ଏହି କାଣ୍ଡ ଘଟାଇଥିବା ବିକାଶଙ୍କ ମା' ମାଳତି ପଧାନ କହିଛନ୍ତି। ୨ଦିନ ଧରି ଘରେ କନ୍ଦାକଟା ପଡ଼ିଥିବାବେଳେ ପୁଅକୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ସେ ପ୍ରଶାସନ ପାଖରେ ଆକୁଳ ନିବେଦନ କରିଛନ୍ତି। ଅତିରିକ୍ତ ତହସିଲଦାର ସୁଶାନ୍ତ ମିଶ୍ର ଏବଂ ଆଇନସେବା ପ୍ରାଧିକରଣ ପାରାଲିଗାଲ ଭଲ୍ୟୁଣ୍ଟିୟର ଟଙ୍କଧର ବାରିକ ଉକ୍ତ ଅଞ୍ଚଳକୁ ପଲିଥିନ ବାଣ୍ଟିବାକୁ ଯାଇଥିବାବେଳେ ମଙ୍ଗଳବାର ଏହି ଘଟଣା ପଦାକୁ ଆସିଛି।

### ଭାସିଯାଉଥିବା ବେଳେ ୨ ଗର୍ଭବତୀ ଉଦ୍ଧାର

**ଦାରିଙ୍ଗବାଡ଼ି,୨୧।୮ (ଡି.ଏନ.ଏ.):** ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଗତ କିଛି ଦିନ ହେଲା ଲଗାଣ ବର୍ଷା ଜାରି ରହିଛି। ଟିକାପାଟା ନଦୀ ସମେତ ଖଡ଼ଗ ନଦୀରେ ଜଳସ୍ତର ବୃଦ୍ଧିପାଇଛି। ମଙ୍ଗଳବାର ଖଡ଼ଗ ନଦୀରେ ଜଳସ୍ତର ବୃଦ୍ଧି ଯୋଗୁ ଗ୍ରାମବାସୀ ନଦୀର ଦୁଇ ପାଖରେ ତାର ଭିଡ଼ି ଯାତାୟାତ କରୁଥିଲେ। ଏହି ତାର ଛିଣ୍ଡି ପଡ଼ିବାରୁ ୨ ଜଣ ଗର୍ଭବତୀଙ୍କ ସମେତ ୬ ଜଣ ନଦୀର ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ସେମାନଙ୍କ ଚିତ୍କାର ଶୁଣି ଗ୍ରାମର କେତେଜଣ ଯୁବକ ସେମାନଙ୍କୁ ଉଦ୍ଧାର କରିଥିଲେ।

# ପ୍ରତି ଦଳ ପାଇଁ ପିଏସ୍‌ଓ, ପ୍ରୋଟୋକଲ୍ ଅଫିସର

**ଭୁବନେଶ୍ୱର,୨୧।୮ (ବ୍ୟୁରୋ)**

**ହକି ବିଶ୍ୱକପ ନେଇ ସମୀକ୍ଷା ବୈଠକ**

- ୭୦ରୁ ୮୦ ପ୍ଲାଟୁନ୍ ପୋଲିସ ମୁତୟନ
- ୧୭ ପ୍ରମୁଖ ସହରରେ ପ୍ରଚାର ପ୍ରସାର
- ରାଜଧାନୀର ୪ ପ୍ରମୁଖ ସ୍ଥାନରେ ଲାଗିବ ଏଲ୍‌ଇଡି

ଚଳିତ ବର୍ଷ ନଭେମ୍ବର ୨୮ରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ସୁରକ୍ଷା ବାବଦୀୟ ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଚିବାଳୟରେ ମଙ୍ଗଳବାର ହୋଇଥିବା ଏହି ବୈଠକରେ ସୁରକ୍ଷା ବ୍ୟବସ୍ଥା ଏବଂ ପ୍ରଚାର ପ୍ରସାର ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ବୈଠକ ସମ୍ପର୍କରେ ସୂଚନା ଦେଇ ପୋଲିସ୍ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି ଯେ, ବିଶ୍ୱକପ୍‌ରେ ଭାଗ ନେବାକୁ ଥିବା ପ୍ରତ୍ୟେକ ଦଳ ପାଇଁ (ସୁରକ୍ଷା ଅଧିକାରୀ)ପିଏସ୍‌ଓ ଓ ପ୍ରୋଟୋକଲ୍ ଅଫିସର ନିଯୁକ୍ତ କରାଯିବ। ୭୦ରୁ ୮୦ ପ୍ଲାଟୁନ୍ ପୋଲିସ୍ ମୁତୟନ କରାଯିବ। ପୋଲିସ ବିଭାଗ ସହ ଯେଉଁସବୁ ବିଭାଗର ସମନ୍ୱୟ ଆବଶ୍ୟକ, ସେ ନେଇ ବୈଠକରେ ଆଲୋଚନା ହୋଇଥିବା ସତ୍ୟଜିତ୍ କହିଛନ୍ତି। ସେହିପରି ଏହି ବିଶ୍ୱକପ୍‌ର ଯଥେଷ୍ଟ ପୂର୍ବରୁ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦିଆଯିବ ବୋଲି କ୍ରୀଡା ସଚିବ ବିଶାଲ ଦେବ ମତ ରଖିଛନ୍ତି। ସେ କହିଛନ୍ତି ଯେ, ଚଳିତ ଅଗଷ୍ଟ ୨୯ରୁ ବିଭିନ୍ନ ମେଟ୍ରୋପଲିଟିଆନ୍ ସିଟିରେ ଏହାର ପ୍ରଚାର ପ୍ରସାର କରାଯିବ। ହକିର ଲୋକପ୍ରିୟତା ଥିବା ଭାରତ ବର୍ଷର ପ୍ରାୟ ୧୭ଟି ସହରରେ ପ୍ରଚାର ପ୍ରସାରକୁ ଗୁରୁତ୍ୱ ଦିଆଯିବ। ନୂଆଦିଲ୍ଲୀ, ଭୁବନେଶ୍ୱର, ରାଉରକେଲା, ଚଣ୍ଡିଗଡ ଆଦି ସହରରେ ଏହି ପ୍ରଚାର ପ୍ରସାର କରାଯିବ ବୋଲି ବିଶାଳ ଦେବ କହିଛନ୍ତି। ଏହି କ୍ୟାମ୍ପେନ୍‌ର ନାମ 'ହାର୍ଟ ବିଟ ଫର ହକି' ରଖାଯାଇଛି। ଷ୍ଟାଡିୟମ୍‌ରେ ମ୍ୟାଚ୍ ଦେଖିବାକୁ ସୁଯୋଗ ପାଇ ନ ଥିବା ଦର୍ଶକମାନଙ୍କ ପାଇଁ ସହରର ବିଭିନ୍ନ ସ୍ଥାନରେ ଏଲ୍‌ଇଡି ସ୍କ୍ରିନ୍ ଲାଗିବ। ମିଳିଥିବା ସୂଚନାନୁଯାୟୀ ବରମୁଣ୍ଡା ପଡିଆ, ଆଦିବାସୀ ପଡିଆ, ଜନତା ମଇଦାନ ଏବଂ ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଏଲ୍‌ଇଡି ଲାଗିବାର ବ୍ୟବସ୍ଥା କରାଯିବ।

ଉଦ୍‌ଘାଟନୀ ଦିନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ରାଜ୍ୟ ତଥା ଦେଶର କଳା, ସଂସ୍କୃତି ଏବଂ ବୈଭବକୁ ନୃତ୍ୟଗୀତ ମାଧ୍ୟମରେ ପ୍ରଦର୍ଶନ କରାଯିବ ବୋଲି କ୍ରୀଡା ସଚିବ ସୂଚନା ଦେଇଛନ୍ତି। ବିଶ୍ୱକପ ହକି ପୂର୍ବରୁ ଭାରତୀୟ ହକି ଦଳର କ୍ୟାମ୍ପ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏହି କ୍ୟାମ୍ପର ପ୍ରଥମ ପର୍ଯ୍ୟାୟ ସେପ୍ଟେମ୍ବର ୧୬ରୁ ଅକ୍ଟୋବର ୧୪ ଏବଂ ଦ୍ୱିତୀୟ କ୍ୟାମ୍ପଟି ନଭେମ୍ବର ୧ରୁ ୧୭ ମଧ୍ୟରେ ଅନୁଷ୍ଠିତ ହେବ।

# ଝାଡ଼ାବାନ୍ତିରେ ୨୫ ଛାତ୍ରୀ ଆକ୍ରାନ୍ତ

**ମାଲକାନଗିରି,୨୧।୮ (ଡି.ଏନ.ଏ.)**

- ମୁଖ୍ୟ ଚିକିତ୍ସାଳୟରେ ୫ ଚିକିତ୍ସାଧୀନ
- ଜଣେ ଗୁରୁତର କୋରାପୁଟକୁ ସ୍ଥାନାନ୍ତରିତ

ମାଲକାନଗିରି ଜିଲା ସିନ୍ଧ୍ରିମାଳ ପଞ୍ଚାୟତ ସତୀଗୁଡା କନ୍ୟାଶ୍ରମର ୨୫ ଜଣ ଅନ୍ତେବାସୀ ମଙ୍ଗଳବାର ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୫ ଜଣ ଛାତ୍ରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଆସିଥିଲେ। ଚିକିତ୍ସା ପରେ ୧୦ ଜଣଙ୍କୁ ବିଦ୍ୟାଳୟକୁ ପଠାଯାଇଛି। ୫ଜଣ ଚିକିତ୍ସାଧୀନ ଅଛନ୍ତି। ଜଣେ ଛାତ୍ରୀ ଗୁରୁତର ଥିବାରୁ ତାଙ୍କୁ କୋରାପୁଟ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟମାନେ ବିଦ୍ୟାଳୟରେ ଥାଇ ଚିକିତ୍ସିତ ହେଉଥିବା ଜଣାପଡିଛି। ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବିଦ୍ୟାଳୟରେ ପହଞ୍ଚି ଚିକିତ୍ସା କରୁଛନ୍ତି।

ଆବାସିକ ବିଦ୍ୟାଳୟଗୁଡିକୁ ରାଜ୍ୟ ସରକାର ମାସିକ ଲକ୍ଷାଧିକ ଟଙ୍କା ଅନୁଦାନ ଦେଉଥିବା ବେଳେ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ଛାତ୍ରୀମାନଙ୍କ ଖାଦ୍ୟ ପ୍ରତି ଦୃଷ୍ଟି ଦେଉ ନ ଥିବା କେତେକ ଅଭିଭାବକ ଅଭିଯୋଗ କରିଛନ୍ତି। ଛାତ୍ରୀମାନେ ଅଭିଯୋଗ କରିଛନ୍ତି ଯେ,ହଷ୍ଟେଲରେ ଭଲ ଖାଦ୍ୟ ପ୍ରଦାନ କରାଯାଉନାହିଁ। ସେମାନଙ୍କ ଦେହ ଖରାପ ହେଲେ ମେଡିକାଲକୁ ନିଆଯାଉ ନାହିଁ। ସେମାନଙ୍କୁ ସ୍କୁଲ ପାଇଖାନା ସଫା କରିବା ପାଇଁ ବାଧ୍ୟ କରାଯାଉଛି। ତେବେ ସମ୍ପୃକ୍ତ ପ୍ରଧାନଶିକ୍ଷକ ଏହାକୁ ଖଣ୍ଡନ କରିଛନ୍ତି। ଏନେଇ ଖବରପାଇ ମଙ୍ଗଳବାର ମାଲକାନଗିରି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଡାକ୍ତରୀ ଦଳ ସମ୍ପୃକ୍ତ ବିଦ୍ୟାଳୟକୁ ଯାଇ ଖାଦ୍ୟ ଯାଞ୍ଚ କରିବା ସହ ଖାଦ୍ୟ ସାମଗ୍ରୀର ନମୁନା ସଂଗ୍ରହ କରିଛନ୍ତି।

### ଗଣଶିକ୍ଷକ ଚାକିରି ନିୟମିତ ମାମଲା
# ପକ୍ଷଭୁକ୍ତ ହେଲା ଗଣଶିକ୍ଷକ ସଂଘ

**କଟକ ଅଫିସ, ୨୧।୮**

- ବିରୋଧ କରିଥିଲା ଓଡ଼ିଶା ବିକାଶ ପରିଷଦ
- ସେପ୍ଟେମ୍ବର ୩ରେ ପରବର୍ତ୍ତୀ ଶୁଣାଣି

ବହୁ ବାଦବିବାଦ ପରେ ଗଣଶିକ୍ଷକ ଲେଭଲ-୫ ଏକ୍ସ କ୍ୟାଡର ସହକାରୀ ଶିକ୍ଷକ ମହାସଂଘର ଆବେଦନକୁ ହାଇକୋର୍ଟ ଗ୍ରହଣ କରିଛନ୍ତି। ସେହିପରି ଜନସ୍ୱାର୍ଥ ମାମଲା ରୁଜୁ କରିଥିବା ଆବେଦନକାରୀ ଓଡ଼ିଶା ବିକାଶ ପରିଷଦର ଆପତ୍ତିକୁ ହାଇକୋର୍ଟ ଖାରଜ କରିଛନ୍ତି। ମହାସଂଘକୁ ପକ୍ଷଭୁକ୍ତ କରା ନ ଯାଇ ମାମଲାର ଶୁଣାଣି ହୋଇପାରିବ ନାହିଁ ବୋଲି ହାଇକୋର୍ଟ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ଫଳତଃ ମହାସଂଘକୁ ମାମଲାରେ ପକ୍ଷଭୁକ୍ତ କରି ମାମଲାର ଦସ୍ତାବିଜ ଦୁଇଦିନ ମଧ୍ୟରେ ହସ୍ତାନ୍ତର କରିବା ପାଇଁ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ ବି.ଆର୍. ଷଡଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୩ ତାରିଖକୁ ଧାର୍ଯ୍ୟ ହୋଇଛି। ମହାସଂଘ ପକ୍ଷରୁ ଆଡଭୋକେଟ ପ୍ରସନ୍ନ କୁମାର ନନ୍ଦ ମାମଲା ପରିଚାଳନା କରୁଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଇଜିଏସ୍ (ଏମ୍ପ୍ଲୟମେଣ୍ଟ ଗ୍ୟାରେଣ୍ଟି ସ୍କିମ୍)ରେ ଚାକିରି ପାଇଥିବା ଶିକ୍ଷକମାନଙ୍କୁ ରାଜ୍ୟ ସରକାର ୨୦୦୮ରେ ଗଣଶିକ୍ଷକ ଭାବେ ଘୋଷଣା କଲେ। ତେବେ ଏହି ଶିକ୍ଷକଙ୍କ ଚାକିରିକୁ ନିୟମିତ କରିବା ପାଇଁ ମହାସଂଘ ବିଭିନ୍ନ ସମୟରେ ଆନ୍ଦୋଳନ କରି ଆସୁଛି। ମନ୍ତ୍ରୀସ୍ତରୀୟ ଆଲୋଚନା ପରେ ୮ ବର୍ଷ ଗଣଶିକ୍ଷକ ଭାବେ କାର୍ଯ୍ୟ କରିଥିବା ଶିକ୍ଷକଙ୍କ ଚାକିରିକୁ ନିୟମିତ କରାଯିବ ବୋଲି ରାଜ୍ୟ ସରକାର ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ୨୦୧୭ ଡିସେମ୍ବରରୁ ୨୦୧୮ ଜାନୁୟାରୀ ମଧ୍ୟରେ ରାଜ୍ୟରେ ୨୦ହଜାରରୁ ଊର୍ଦ୍ଧ୍ୱ ଗଣଶିକ୍ଷକଙ୍କୁ ସରକାର ନିୟମିତ କରିଥିଲେ। ମାତ୍ର ଏହାକୁ ବିରୋଧ କରି ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ୨୦୧୮ ମାର୍ଚ୍ଚ ୨୬ରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ବିକାଶ ପରିଷଦ ପକ୍ଷରୁ ଦର୍ଶାଯାଇଥିଲା ଯେ, ୨୦୧୨ରେ ପ୍ରଣୀତ ଆଇନ ଅନୁଯାୟୀ ଏମାନେ (ନିୟମିତ ହୋଇଥିବା ଗଣଶିକ୍ଷକ) ଓଟିଇଟି ପାସ୍ କରି ନ ଥିବାରୁ ନିୟମିତ ହେବା ପାଇଁ ଅଯୋଗ୍ୟ। ତେଣୁ ସରକାରଙ୍କ ନିଷ୍ପତ୍ତିକୁ ବେଆଇନ ଘୋଷଣା କରିବା ପାଇଁ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟଙ୍କୁ ପିଟିଶନ ଜରିଆରେ ଆବେଦନ କରାଯାଇଥିଲା। ଆବେଦନର ଶୁଣାଣି କରି ହାଇକୋର୍ଟ ନିୟମିତ ପ୍ରକ୍ରିୟା ଉପରେ ରହିତାଦେଶ ଜାରି କରିଥିଲେ। ମାତ୍ର ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ରୁଜୁ କରାଯାଇଥିବା ଜନସ୍ୱାର୍ଥ ମାମଲାରେ ଗଣଶିକ୍ଷକଙ୍କୁ ପକ୍ଷଭୁକ୍ତ କରାଯାଇ ନ ଥିଲା। ଫଳରେ ଗଣଶିକ୍ଷକ ଲେଭଲ-୫ ଏକ୍ସ କ୍ୟାଡର ସହକାରୀ ଶିକ୍ଷକ ମହାସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସଂଘକୁ ପକ୍ଷଭୁକ୍ତ କରିବା ପାଇଁ ପିଟିଶନରେ ନିବେଦନ କରାଯାଇଥିଲା। ମାତ୍ର ଉକ୍ତ ଆବେଦନକୁ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ବିରୋଧ କରାଯାଇଥିଲା।

### ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା
# ଚାର୍ଜଶିଟ୍ ଦାଖଲ କଲା କ୍ରାଇମବ୍ରାଞ୍ଚ

**ପାଟଣାଗଡ, ୨୧।୮ (ଡି.ଏନ.ଏ.)**

ବହୁଚର୍ଚ୍ଚିତ ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ମଙ୍ଗଳବାର ପାଟଣାଗଡ ଏସ୍‌ଡିଜେଏମ୍ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି। କ୍ରାଇମବ୍ରାଞ୍ଚ ସବ୍‌ଇନ୍ସପେକ୍ଟର ମାନସ ସାମନ୍ତରାଏ ପାଟଣାଗଡ ଏସ୍‌ଡିଜେଏମ କୋର୍ଟରେ ପହଞ୍ଚି ୩୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଛନ୍ତି। ଏଥିରେ ୭୨ଜଣ ସାକ୍ଷୀ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରହିଥିବା ଦର୍ଶାଯାଇଛି । ତେବେ ୩ଜଣ ରାଜସାକ୍ଷୀଙ୍କୁ ଏପର୍ଯ୍ୟନ୍ତ ଠାବ କରାଯାଇ ନ ଥିବା ଏବଂ ଘଟଣାର ଫରେନସିକ୍ ରିପୋର୍ଟ ଆସି ନ ଥିବାରୁ ତଦନ୍ତ ଜାରି ରହିବ ବୋଲି କୁହାଯାଇଛି । ଭୁବନେଶ୍ୱର ରସୁଲଗଡ ଫରେନସିକ୍ ଲ୍ୟାବ୍ ଏବଂ ଗୁଜରାଟ ଫରେନସିକ୍ ଲ୍ୟାବରୁ ଏପର୍ଯ୍ୟନ୍ତ ତଦନ୍ତ ରିପୋର୍ଟ ଆସିନାହିଁ । ଏହି ବୋମା ବିସ୍ଫୋରଣ ଘଟଣାର ତଦନ୍ତ ଭାର ଗ୍ରହଣ କରିବାର ୧୨୦ ଦିନ ଭିତରେ କୋର୍ଟରେ କ୍ରାଇମବ୍ରାଞ୍ଚ ଚାର୍ଜଶିଟ୍ ଦାଖଲ କରିବା ସହ ଘଟଣାର ମୁଖ୍ୟ ଏବଂ ଏକମାତ୍ର ଅଭିଯୁକ୍ତ ଭାବେ ଭଇଁଷା ଜ୍ୟୋତି ବିକାଶ କଲେଜର ଇଂରାଜୀ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଦର୍ଶାଇଛି । ଅଧ୍ୟକ୍ଷ ଚୌକି ହରାଇବା ପରେ ପ୍ରତିଶୋଧ ପରାୟଣ ହୋଇ ପୁଞ୍ଜିଲାଲ ଏଭଳି ନାରକୀୟ କାଣ୍ଡ ଭିଆଇ ଥିବା କ୍ରାଇମବ୍ରାଞ୍ଚ ସୂଚନା ଦେଇଛି ।

କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଗତ ଫେବୃୟାରୀ ୨୩ ତାରିଖ ଦିନ ପାଟଣାଗଡ ବ୍ଲକ ଛକ ନିକଟ ଅଧ୍ୟାପକ ରବୀନ୍ଦ୍ର ସାହୁ ଓ ତାଙ୍କ ସ୍ତ୍ରୀ ଭଇଁଷା ଜ୍ୟୋତି ବିକାଶ କଲେଜ ଅଧ୍ୟକ୍ଷା ସଞ୍ଜୁକ୍ତା ସାହୁଙ୍କ ଘରକୁ ସ୍କାଏକିଙ୍ଗ କୋରିଅରର ଜଣେ କର୍ମଚାରୀ ଏକ ପାର୍ସଲ ଦେଇ ଯାଇଥିଲେ । ଉକ୍ତ ପାର୍ସଲକୁ ଖୋଲି ଦେବାପରେ ଭୟଙ୍କର ବିସ୍ଫୋରଣ ହୋଇଥିଲା ଓ ଏଥିରେ ଅଧ୍ୟାପକ ସାହୁ ଓ ଅଧ୍ୟକ୍ଷା ସାହୁଙ୍କ ଏକମାତ୍ର ପୁତ୍ର ନବବିବାହିତ ସୌମ୍ୟ ଶେଖର ସାହୁ ଓ ପିଉସୀ ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା । ମୃତ ସୌମ୍ୟ ଶେଖରଙ୍କ ନବବିବାହିତା ସ୍ତ୍ରୀ ରିମାରାଣୀ ସାହୁ ଗୁରୁତର ଆହତ ହୋଇଥିଲେ । ସୌମ୍ୟ ଶେଖର ଏବଂ ରିମାରାଣୀଙ୍କ ବିବାହର ୪ ଦିନ ପରେ ପାର୍ସଲ ବୋମା ବିସ୍ଫୋରଣ ହୋଇଥିବାରୁ ପ୍ରଥମରୁ ଏହାକୁ ପ୍ରେମ ବିଫଳତା ଜନିତ କାଣ୍ଡ ହୋଇଥାଇପାରେ ବୋଲି ଅନୁମାନ କରାଯାଉଥିଲା । ପୋଲିସ ଦୀର୍ଘ ୧ ମାସ ଧରି ତଦନ୍ତ କରିବା ପରେ ମଧ୍ୟ ବୋମା ବିସ୍ଫୋରଣର ଠୋସ୍ ସୁରାକ ନ ପାଇବାରୁ ମୁଖ୍ୟମନ୍ତ୍ରୀ ଘଟଣାର ତଦନ୍ତ କରିବାକୁ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ କ୍ରାଇମବ୍ରାଞ୍ଚର ଏସ୍‌ଆଇଟି ପାଟଣାଗଡ ଓ ରାୟପୁର ଯାଇ ତଦନ୍ତ କରିଥିଲେ । ତେବେ ଏହି ତଦନ୍ତ ଚାଲିଥିବାବେଳେ ବଲାଙ୍ଗୀର ଏସପିଙ୍କୁ ଏକ ବେନାମୀ ଚିଠି ମିଳିଥିଲା ଓ ଏହି ଚିଠି ହିଁ ତଦନ୍ତର ଗତିପଥ ବଦଳାଇ ଦେଇଥିଲା । ଏହି ଚିଠିରୁ ବୋମା ବିସ୍ଫୋରଣର ଅଭିଯୁକ୍ତ ପାଟଣାଗଡରେ ଥିବା ପୋଲିସ ସନ୍ଦେହ କରିଥିଲା ଓ ତଦନ୍ତ କରିବା ପରେ ଭଇଁଷା ଜ୍ୟୋତି ବିକାଶ କଲେଜର ଅଧ୍ୟକ୍ଷ ପଦବୀକୁ ନେଇ ଲାଗି ରହିଥିବା ବିବାଦରୁ ବୋମା ବିସ୍ଫୋରଣର ସମ୍ପୃକ୍ତି ଥିବା ଜଣାପଡିଥିଲା। ଏହାପରେ ଏହି କଲେଜର ଇଂରାଜୀ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଘଟଣାର ମୁଖ୍ୟ ଅଭିଯୁକ୍ତ ଦର୍ଶାଇ କ୍ରାଇମବ୍ରାଞ୍ଚ ଗତ ଏପ୍ରିଲ ୨୬ତାରିଖରେ ଗିରଫ କରିଥିଲା । ଭଇଁଷା କଲେଜରେ ଇଂରାଜୀ ଅଧ୍ୟାପକ ମେହେର ଅଧ୍ୟକ୍ଷ ଦାୟିତ୍ୱରେ ଥିଲେ ଏବଂ ଇତିହାସ ବିଭାଗ ଅଧ୍ୟାପିକା ସଞ୍ଜୁକ୍ତା ସାହୁ ଏହି କଲେଜରେ ବଦଳି ହୋଇ ଆସିବା ପରେ ବରିଷ୍ଠତା ଭିତ୍ତିରେ ସେ ଅଧ୍ୟକ୍ଷା ହୋଇଥିଲେ। ଅଧ୍ୟାପିକା ସାହୁ ଅଧ୍ୟକ୍ଷା ହେବା ପରେ ଅଧ୍ୟକ୍ଷ ପଦ ହରାଇଥିବା ପୁଞ୍ଜିଲାଲ ପ୍ରତିଶୋଧ ପରାୟଣ ହୋଇ ବୋମା ବିସ୍ଫୋରଣ କରିଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି । ଗିରଫ ହେବା ପରେ ଗତ ଏପ୍ରିଲ ମାସରୁ ଅଭିଯୁକ୍ତ ଅଧ୍ୟାପକ ମେହେର ପାଟଣାଗଡ ଉପଖଣ୍ଡ କାରାଗାରରେ ବନ୍ଦୀ ଅଛନ୍ତି । କ୍ରାଇମବ୍ରାଞ୍ଚ ଚାର୍ଜଶିଟ୍ ଦାଖଲ କରିବା ପରେ ଆଗକୁ କୋର୍ଟରେ ଏହି ମାମଲାର ବିଚାର ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାରୁ ଘଟଣାକୁ ନେଇ ବିଭିନ୍ନ ମହଲରେ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି ।



# ଲୁଣା ନଦୀପଠାରେ କୁମ୍ଭୀର ମୃତଦେହ

**ସଂକ୍ରମଣ ଭୟ, ଲୋକେ ଆତଙ୍କିତ**

**ମାର୍ଶାଘାଇ, ୨୧।୮ (ଡିଏନଏ)**

କେନ୍ଦ୍ରାପଡା ଜିଲା ମାର୍ଶାଘାଇ ବ୍ଲକ ଅଧୀନ ଯମପଡା ଗାଁ ନିକଟ ଦେଇ ପ୍ରବାହିତ ଲୁଣା କରାଣ୍ଡିଆ ନଦୀପଠାରୁ ମଙ୍ଗଳବାର ଏକ ମଲା କୁମ୍ଭୀରର କେବଳ ହାଡ ଉଦ୍ଧାର କରାଯାଇଛି । କୁମ୍ଭୀରର ଲମ୍ବ ପ୍ରାୟ ୧୦ଫୁଟ ହେବ। ଏତେ ବଡ କୁମ୍ଭୀର ନଦୀପଠାରେ ମରି ପଡିଥିବାର ଦେଖି ନଦୀକୂଳିଆ ଗ୍ରାମବାସୀ ଆତଙ୍କିତ ହୋଇ ପଡିଛନ୍ତି।

ପ୍ରକାଶ ଯେ, ଯମପଡା ଗ୍ରାମର କେତେଜଣ ଯୁବକ ମଧ୍ୟାହ୍ନରେ ଶୌଚ ପାଇଁ ନଦୀ ନିକଟକୁ ଯାଇଥିଲେ। ତେବେ ଦୁର୍ଗନ୍ଧ ହେବାରୁ ନଦୀକୂଳ ଖରିବଣ ପଠାରେ ଏକ କୁମ୍ଭୀରର ମୃତଦେହ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ମାର୍ଶାଘାଇ ଫରେଷ୍ଟର ସ୍ନେହ ପ୍ରିୟଦର୍ଶିନୀ ନାୟକ ଟିମ୍ ସହିତ ସେଠାରେ ପହଞ୍ଚି କୁମ୍ଭୀରର ଗଳିତ ମୃତଦେହକୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ମୃତଦେହରୁ ମାଂସ ଖଣ୍ଡ ଖଣ୍ଡ ହୋଇ ଗଳି ପଡିବାରୁ ଗ୍ରାମର ଯୁବକମାନଙ୍କ ସହାୟତାରେ ବନବିଭାଗ କର୍ମଚାରୀମାନେ ଖଣ୍ଡିଏ ମାତ୍ର ହାଡ ଧରି ଫେରି ଯାଇଥିଲେ। ଅବଶିଷ୍ଟ ମାଂସ ଏବଂ ହାଡ ନଦୀରେ ମିଶି ଥିବାରୁ ଜଳ ପ୍ରଦୂଷଣ ହୋଇ ସଂକ୍ରମଣ ହେବାର ଆଶଙ୍କା ରହିଛି। ଅପରପକ୍ଷରେ ଅଧିକ ଖାଦ୍ୟ ଖାଇବା ଯୋଗୁ କୁମ୍ଭୀରର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି ବୋଲି ଫରେଷ୍ଟର ନାୟକ ପ୍ରକାଶ କରିଛନ୍ତି।

### କେରଳରୁ ଫେରିଲେ ଓଡ଼ିଆ ଶ୍ରମିକ
# 'ମହାବାତ୍ୟାଠାରୁ ଭୟଙ୍କର ଥିଲା'

**ଭୁବନେଶ୍ୱର, ୨୧।୮ (ବ୍ୟୁରୋ)**



କେରଳରେ ଫସିରହିଥିବା ଓଡ଼ିଶାର ଲୋକ ଟ୍ରେନ୍ ଯୋଗେ ବ୍ରହ୍ମପୁର ଷ୍ଟେଶନରେ ପହଞ୍ଚିଛନ୍ତି।

- ୨୩ରେ ରିଲିଫ ନେଇ ଏର୍ଣ୍ଣାକୁଲମ ଯିବ ଟ୍ରେନ
- ଆହୁରି ଫସିଛନ୍ତି ଅନେକ ଓଡ଼ିଆ

୧୦ଦିନ ଧରି କେରଳରେ ପ୍ରଳୟଙ୍କରୀ ବନ୍ୟାରେ ଫସିଥିବା ଶତାଧିକ ଓଡିଆ ଶ୍ରମିକ ମଙ୍ଗଳବାର ଘରକୁ ଫେରିଛନ୍ତି। ସ୍ୱତନ୍ତ୍ର ଏର୍ଣ୍ଣାକୁଲମ-ହାଓଡା ଟ୍ରେନରେ ସେମାନେ କେରଳରୁ ବ୍ରହ୍ମପୁର ଏବଂ ଭୁବନେଶ୍ୱର ଆସିଛନ୍ତି। ଏହି ଟ୍ରେନ ଆନ୍ଧ୍ରପ୍ରଦେଶ ଦେଇ ଓଡିଶା ଆସିଥିଲା। ମଧ୍ୟାହ୍ନ ପ୍ରାୟ ୧ଟାରେ ଟ୍ରେନ ବ୍ରହ୍ମପୁର ଷ୍ଟେଶନରେ ଲାଗିଥିଲା। ସେଠାରେ ଶତାଧିକ ଓଡିଆ ଶ୍ରମିକ ଓହ୍ଲାଇଥିଲେ। ଏହାପରେ ଅପରାହ୍ନ ୪ଟାରେ ଏହି ଟ୍ରେନ ଭୁବନେଶ୍ୱରରେ ପହଞ୍ଚିଥିଲା। ଭୁବନେଶ୍ୱରରେ ଟ୍ରେନ ପହଞ୍ଚିବା ପରେ ବହୁ ସଂଖ୍ୟାରେ ଓଡ଼ିଆ ଶ୍ରମିକ ଓହ୍ଲାଇଥିଲେ। ସମସ୍ତଙ୍କ ମୁହଁରେ ଖୁସିର ଲହରି ଦେଖିବାକୁ ମିଳିଥିଲା। ଲୁହ ଛଳ ଛଳ ଆଖିରେ ସେମାନଙ୍କ ପରିବାର ଲୋକେ ଷ୍ଟେଶନରେ ଶ୍ରମିକମାନଙ୍କୁ ସ୍ୱାଗତ କରିଥିଲେ।

ଓଡ଼ିଶାରେ ପହଞ୍ଚିବା ପରେ ବନ୍ୟା ପ୍ରପୀଡ଼ିତମାନେ ସେମାନଙ୍କ ଦୁଃଖଦ ଅନୁଭୂତି ବଖାଣିଥିଲେ। ୪ମାସ ତଳେ କାମ ଅନ୍ୱେଷଣରେ କେରଳ ଯାଇଥିବା ଗଞ୍ଜାମ ଜିଲାର ଜଣେ ଶ୍ରମିକ କୁହନ୍ତି, ବନ୍ୟାରେ ଚାରିଆଡ଼ ଜଳମଗ୍ନ ହୋଇପଡ଼ିଥିଲା। ଆମେ ବିନା ଖାଦ୍ୟ ଏବଂ ପିଇବା ପାଣିରେ ଅନେକ ଦିନ ଜଳବନ୍ଦୀ ହୋଇ ରହିଥିଲୁ। ୧୯୯୯ ମହାବାତ୍ୟାଠାରୁ ଏହା ଅଧିକ ଭୟଙ୍କର ଥିଲା। ମୋ ଜୀବନରେ ଏହା ସବୁଠାରୁ ଖରାପ ଅନୁଭୂତି ଥିଲା ବୋଲି ସେ କହିଛନ୍ତି। ସେହିପରି ଅନ୍ୟ ଜଣେ ଶ୍ରମିକ ପୂର୍ଣ୍ଣଚନ୍ଦ୍ର ସେଠୀ କୁହନ୍ତି, ଆମେ ଯେଉଁ ଦୁରବସ୍ଥାର ସମ୍ମୁଖୀନ ହେଲୁ ତାହା ଅବର୍ଣ୍ଣନୀୟ। ଶତାଧିକ ଶ୍ରମିକଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଭାସିଯାଇଥିବାରୁ ସେମାନଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଇଛି। ସେଠାରୁ ଟ୍ରେନ ଆସୁ ନ ଥିବାରୁ ଓଡ଼ିଶା ଫେରିବା ମଧ୍ୟ ଆମ ପାଇଁ ଏକ କଠୋର ପରୀକ୍ଷା ଥିଲା। ସେଠାକାର ଏକ ହୋଟେଲରେ କାମ କରୁଥିବା ଅଶୋକ ଉଥାନ୍‌ସିଂ କୁହନ୍ତି, ପାଣି ଘେରିଯିବାରୁ ମୁଁ ଏକ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଥିଲି। ସେଠାକାର ଲୋକଙ୍କ ଭାଷା ବୁଝିପାରି ନ ଥିଲି। ପାଖରେ ମାତ୍ର ୨୦୦ ଟଙ୍କା ଥିଲା। ସେଥିରେ ମୁ କିଛିଦିନ ଚଳିଯାଇଥିଲି। ରାହୁଲ ବେହେରା ନାମକ ଶ୍ରମିକ କହିଛନ୍ତି, ଆମେ କେରଳକୁ କାମ କରିବାକୁ ଯାଇ ବନ୍ୟାରେ ଫସିଯାଇଥିଲୁ। କାମକୁ ଯାଇଥିବା ବେଳେ ରୁମ୍‌ରେ ଥିବା ଆମର ବିଭିନ୍ନ ସାମଗ୍ରୀ ପାଣିରେ ଭାସି ଯାଇଥିଲା। ଆମର ଟଙ୍କା ଓ ଅନ୍ୟ ସବୁକିଛି ଭାସି ନଷ୍ଟ ହୋଇଯାଇଥିଲା। କିନ୍ତୁ ଦୁଃଖର କଥା ସିଧା କେରଳରୁ ଟ୍ରେନ ମିଳୁନି। ବସ୍‌ରେ ଷ୍ଟେଶନକୁ ଆସିବା ପରେ ଟ୍ରେନ ମିଳୁଛି। ବହୁ ଲୋକ ଆସିଥିବା ବେଳେ ଆହୁରି ଅନେକ ଲୋକ କେରଳରେ ରହିଛନ୍ତି ବୋଲି ସେ କହିଛନ୍ତି।

ଅନ୍ୟ ଓଡ଼ିଆ ଲୋକଙ୍କୁ ଉଦ୍ଧାର କରିବା ଲାଗି ଆସନ୍ତା ୨୩ ତାରିଖ ଭୋର ୪ଟାରୁ ଭୁବନେଶ୍ୱରରୁ ଏର୍ଣ୍ଣାକୁଲମକୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଯିବ। ଏଥିରେ ଓଡିଆ ଲୋକଙ୍କ ପାଇଁ ବିଭିନ୍ନ ପ୍ରକାର ରିଲିଫ୍ ସାମଗ୍ରୀ ପଠାଯିବ ବୋଲି ଜଣାପଡିଛି। ୨୪ ତାରିଖ ସନ୍ଧ୍ୟା ୫ଟା ୩୦ରେ ଏର୍ଣ୍ଣାକୁଲମରୁ ଉକ୍ତ ଟ୍ରେନ ଛାଡିବ। ୨୬ ତାରିଖ ଅପରାହ୍ନ ୫ଟା ୪୫ରେ ଏଠାରେ ପହଞ୍ଚିବ। ଟ୍ରେନରେ ୧୬ଟି ଯାତ୍ରୀବାହୀ ବଗି ରହିବ।



ଅହଂକାର ହେଉଛି ଚୋରାବାଲି ଭଳି, ଥରେ ସେଥିରେ ପଡ଼ିଗଲେ ବିଚାର ବୁଦ୍ଧି ତଳକୁ ତଳକୁ ଚାଲିଯାଏ।

- ଜର୍ଜ ସ୍ୟାଣ୍ଡ୍



# ରାଜଧାନୀରେ ୨ ହତ୍ୟାକାଣ୍ଡ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିଦ୍ୟାଳୟସ୍ତରୀୟ ବିଜ୍ଞାନ, ଭୂଗୋଳ ଓ ଫାଇନ୍ ଆର୍ଟ ପ୍ରଦର୍ଶନୀ ଉଦ୍‌ଘାଟନ, ସରସ୍ୱତୀ ବିଦ୍ୟାମନ୍ଦିର, ଫକୀରମୋହନ ନଗର, ବରମୁଣ୍ଡା, ସକାଳ ୯ଟା।
- ଆଶ୍ରୟର ସାହିତ୍ୟ ଉତ୍ସବ-୨୦୧୮, ରେଡ୍‌କ୍ରସ ଭବନ, ପୂର୍ବାହ୍ନ ୧୦ଟା ୩୦।
- ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା ଉପରେ କର୍ମଶାଳା ଏବଂ ପୁସ୍ତକ ଉନ୍ମୋଚନ, ହୋଟେଲ ପୁଷ୍ପକ, କଳ୍ପନା ଛକ, ପୂର୍ବାହ୍ନ ୧୧ଟା।
- ଉତ୍କଳ ଫଟୋଗ୍ରାଫି କ୍ଲବ ପକ୍ଷରୁ ଫଟୋ ମହୋତ୍ସବ 'ଚିତ୍ରବର୍ଣ୍ଣାଳୀ'ର ଦ୍ୱିତୀୟ ଦିବସ, ଲଳିତ କଳା ଏକାଡେମୀ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା ୨୦ରୁ ରାତି ୭ଟା ୩୦।
- ଆଇକ୍ୟୁର ତୃତୀୟ ବାର୍ଷିକ ଉତ୍ସବ, ଭଞ୍ଜ କଳାମଣ୍ଡପ, ଅପରାହ୍ନ ୧୨ଟା ୩୦।
- ଚିନ୍ତା ଓ ଚେତନାର ୪୦ତମ ବର୍ଷା ଉତ୍ସବ-୨୦୧୮ର ଉଦ୍‌ଘାଟନୀ ସନ୍ଧ୍ୟା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଓଡ଼ିଶା ମିରର୍ ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରଦ୍ଧାଞ୍ଜଳି ସଭା, ନେହେରୁ ଯୁବ କେନ୍ଦ୍ର, ୟୁନିଟ୍-୬, ସନ୍ଧ୍ୟା ୬ଟା।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ 'ରିଗେଲ୍', ଗ୍ୟାଲେରି ପରିସର, ପ୍ଲଟ୍ ନଂ. ୧୩୨, ଫରେଷ୍ଟ ପାର୍କ, ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା।
- ଭାରତୀୟ ବିଦ୍ୟାଭବନ ଓ ଇନ୍‌ଫୋସିସ୍ ଫାଉଣ୍ଡେଶନର ମିଳିତ ସହଯୋଗରେ କଣ୍ଢେଇ ନାଟ ପରିବେଷଣ, ଭାରତୀୟ ବିଦ୍ୟାଭବନ ମୁନ୍‌ସୀ ହଲ୍, ୟୁନିଟ୍-୩, ରାତି ୭ଟା।

**କଟକ**

- ଓଡ଼ିଶା ପରିଚାରିକା ମହାସଂଘ ପ୍ରତିନିଧି ମଣ୍ଡଳୀକୁ ସମ୍ବର୍ଦ୍ଧନା, ରେଲୱେ ଷ୍ଟେଶନ, ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ବେସରକାରୀ କଲେଜ ସଂଘର ରାଜ୍ୟସ୍ତରୀୟ ବୈଠକ, ନେତାଜୀ ସୁଭାଷ ମେମୋରିଆଲ ସିଟି କଲେଜ, ରାଜାବଗିଚା, ପୂର୍ବାହ୍ନ ୧୧ଟା ୩୦।
- ଉତ୍କଳ ସ୍ୱର୍ଣ୍ଣ ରୌପ୍ୟ ଶିଳ୍ପୀ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ବଣିଆସାହି ଠାକୁର ଘର, ରାତି ୭ଟା

## ଯୁବକଙ୍କୁ ହାଣି ଖେଳପଡ଼ିଆରେ ଫିଙ୍ଗିଲେ

ଭୁବନେଶ୍ୱର, ୨୧।୮(ବ୍ୟୁରୋ)

ନୟାପଲ୍ଲୀ ଥାନା ଆଇଆରସି ଭିଲେଜ ସରକାରୀ ଉଚ୍ଚ ବିଦ୍ୟାଳୟ ପଛପଟେ ଥିବା ଖେଳପଡ଼ିଆରେ ସୋମବାର ରାତିରେ ଜଣେ ଯୁବକଙ୍କୁ ହାଣି ହତ୍ୟା କରାଯାଇଛି। ମଙ୍ଗଳବାର ସକାଳେ ପୋଲିସ ରକ୍ତ ଜୁଡୁବୁଡୁ ମୃତଦେହକୁ ଜବତ କରିଛି। ମୃତକ ହେଲେ କଟକ ଜିଲା ନିଆଳି ମାଣିକପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକ(୩୮)। ପୂର୍ଣ୍ଣଚନ୍ଦ୍ରଙ୍କୁ ଯୋଜନାବଦ୍ଧ ଭାବେ ଖେଳପଡ଼ିଆକୁ ଡକାଇବା ପରେ ମଦ ପିଆଇ ଧାରୁଆ ଅସ୍ତ୍ରରେ କାନମୁଣ୍ଡାକୁ ହାଣି ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ଡାହାଣ କାନରେ ୩ଟି ଗଭୀର କ୍ଷତଚିହ୍ନ ଥିବା ଦେଖିବାକୁ ମିଳିଛି।

ସୂଚନା ମୁତାବକ, ପୂର୍ଣ୍ଣଚନ୍ଦ୍ର ଗାଁରୁ ଭୁବନେଶ୍ୱରକୁ ଚାଲି ଆସି ସ୍ତ୍ରୀ ଏବଂ ୬ବର୍ଷର ପୁଅ ସହ ସାଲିଆସାହି ତାରିଣୀନଗରରେ ରହୁଥିଲେ। ସେ ଦିନରେ ସ୍ଥାନୀୟ ପିଲାଙ୍କୁ ଟ୍ୟୁଶନ କରୁଥିବାବେଳେ ରାତିରେ ତାଙ୍କ ମାମୁଙ୍କ ଚାଟ୍ ଦୋକାନରେ ବ୍ୟବସାୟ କରନ୍ତି। ସବୁଦିନ ପରି ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ସେ ଘରୁ ବାହାରି ଆସିଥିଲେ। ପିଲାଙ୍କୁ ଟ୍ୟୁଶନ କରିବା ସହ ଅପରାହ୍ନ ପ୍ରାୟ ୫ଟାରେ ନୟାପଲ୍ଲୀ ଥାନା ନିକଟରେ ଥିବା ବିଗବଜାର ସମ୍ମୁଖରେ ମାମୁଙ୍କ ଚାଟ୍ ଦୋକରନରେ ବ୍ୟବସାୟ କରିଥିଲେ। ପ୍ରାୟ ରାତି ୧୦ଟା ୩୦ରେ ସେ ଘରକୁ ଯାଉଛି କହି ମାମୁଙ୍କଠାରୁ ୧୫୦ ଟଙ୍କା ନେଇ ବାହାରି ଆସିଥିଲେ। ଏହାପରେ ସେ ଆଉ ଘରକୁ ଫେରି ନ ଥିଲେ। ରାତି ପ୍ରାୟ ୧୨ଟାରେ ତାଙ୍କର ସ୍ତ୍ରୀ ତାଙ୍କୁ ଫୋନ କରିଥିଲେ। ମାତ୍ର ଫୋନ ବନ୍ଦ ରହିଥିଲା। କେଉଁ ସାଙ୍ଗ ଘରେ ରହିଯାଇଥିବା ଭାବି ସ୍ତ୍ରୀ ରାତିରେ ଶୋଇପଡ଼ିଥିଲେ। ସକାଳୁ ରକ୍ତ ଜୁଡୁବୁଡୁ ମୃତଦେହ ଜବତ ହୋଇଥିବା ଖବର ସ୍ଥାନୀୟ ଅଞ୍ଚଳରେ ଖେଳିଯାଇଥିଲା। ହେଲେ ପୂର୍ଣ୍ଣଚନ୍ଦ୍ରଙ୍କ ସ୍ତ୍ରୀ ଜାଣିପାରି ନ ଥିଲେ। ଟିଭିରେ ହତ୍ୟାକାଣ୍ଡର ଖବର ପାଇ ସେ ନୟାପଲ୍ଲୀ ଥାନାକୁ ଆସିବା ପରେ ହସ୍ପିଟାଲ ଯାଇ ମୃତଦେହ ଚିହ୍ନଟ କରିଥିଲେ। କିଏ ପୂର୍ଣ୍ଣଚନ୍ଦ୍ରକୁ ହତ୍ୟା କଲେ ତାହାକୁ ନେଇ ଏବେ ନାନା ପ୍ରଶ୍ନ ଉଠୁଛି। ମୃତଦେହ ନିକଟରେ କିଛି ପାଣି ପାଉଚ ଏବଂ ଖୋଲାମେଲା ହୋଇ ମୋବାଇଲ ପଡିଥିଲା। ହତ୍ୟାକାରୀ ପୂର୍ଣ୍ଣଚନ୍ଦ୍ରଙ୍କର କୌଣସି ଚିହ୍ନା ପରିଚିତ ବା ସମ୍ପର୍କୀୟ ହୋଇଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି। ନୟାପଲ୍ଲୀ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ ଏବଂ ଜୋନ୍ ଏସିପି କିଶୋର ମୁଣ୍ଡ ପହଞ୍ଚି ଘଟଣାସ୍ଥଳରେ ଅନୁଧ୍ୟାନ କରିଥିବାବେଳେ ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ସହାୟତାରେ ଯାଞ୍ଚ କରିଛି। ପୋଲିସ ପୂର୍ଣ୍ଣଚନ୍ଦ୍ରଙ୍କ ଫୋନ୍ କଲ୍ ଡିଟେଲ୍ସ ଆଧାରରେ ତଦନ୍ତ କରୁଛି। ତାଙ୍କୁ କିଏ ଫୋନ୍ କରି ଡକାଇଥିଲା ତାହା ଜାଣିବା ପାଇଁ ପୋଲିସ ସିଡିଆରର ସାହାଯ୍ୟ ନେଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିବାବେଳେ ଥାନାରେ ଏକ ହତ୍ୟା ମାମଲା(୩୭୩/୧୮) ରୁଜୁ ହୋଇଛି। ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି, ଆମେ ଘଟଣାର ତଦନ୍ତ କରୁଛୁ। ଖୁବ୍‌ଶୀଘ୍ର ଅଭିଯୁକ୍ତ ଗିରଫ ହେବେ।



ମୃତଦେହ ଜବତ ପରେ ଘଟଣାସ୍ଥଳକୁ ପୋଲିସ ଯାଞ୍ଚ କରୁଛି।

ସୋମବାର ରାତିରେ ରାଜଧାନୀର ଦୁଇଟି ସ୍ଥାନରେ ୨ଟି ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକଙ୍କୁ ହାଣି ହତ୍ୟା କରି ନୟାପଲ୍ଲୀ ଆଇଆରସି ଭିଲେଜ ସରକାରୀ ହାଇସ୍କୁଲ ପଡିଆରେ ଫିଙ୍ଗି ଦିଆଯାଇଥିବାବେଳେ ପୋଲିସ ତାଙ୍କ ମୃତଦେହ ଜବତ କରିଛି। ସେହିଭଳି ଏୟାରଫିଲ୍ଡ ଥାନା ଭୀମଟାଙ୍ଗୀ ଅଞ୍ଚଳରେ ଜଣେ ମହିଳାଙ୍କୁ ଶାଶୁଘର ଲୋକେ ଯୌତୁକ ପାଇଁ ତଣ୍ଟିଚିପି ହତ୍ୟା କରିଛନ୍ତି। ଗୋଟିଏ ଦିନରେ ୨ଟି ହତ୍ୟାକାଣ୍ଡ ଘଟିଥିବାରୁ ରାଜଧାନୀବାସୀଙ୍କୁ ଏହା ବ୍ୟଥିତ କରିଛି।

## ଗର୍ଭବତୀଙ୍କୁ ତଣ୍ଟିଚିପି ହତ୍ୟା

- ଯୌତୁକ ଜୁଇରେ ବଳି ପଡ଼ିଲେ ମହିଳା
- ସ୍ୱାମୀ ଗିରଫ

ଭୁବନେଶ୍ୱର, ୨୧।୮(ବ୍ୟୁରୋ)

ଯୌତୁକ ଜୁଇରେ ବଳିପଡ଼ିଛନ୍ତି ଜଣେ ଗର୍ଭବତୀ। ଯୌତୁକ ପାଇଁ ଶାଶୁଘର ଲୋକେ ତାଙ୍କୁ ତଣ୍ଟିଚିପି ହତ୍ୟା କରିଛନ୍ତି। ଏୟାରଫିଲ୍ଡ ଥାନା ଭୀମଟାଙ୍ଗୀରେ ସୋମବାର ରାତିରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତା ହେଲେ ଶିଳ୍ପୀ ଦାଶ(୩୨) ଓ ତାଙ୍କ ବାପଘର ଲକ୍ଷ୍ମୀସାଗର ବଙ୍ଗାଳିସାହିରେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ବାପଘର ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ଦଫା ୪୯୮, ୩୦୨, ୩୦୩ ଓ ୩୪ରେ ଏକ ମାମଲା(୨୭୬/୧୮) ରୁଜୁ ହୋଇଛି। ଏଥିସହ ପୋଲିସ ଶିଳ୍ପୀଙ୍କ ସ୍ୱାମୀ ସୁଧୀର ଜେନାଙ୍କୁ ଗିରଫ କରିଛି। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଦେବୀଶଙ୍କର ପ୍ରତାପ କହିଛନ୍ତି।

ପୋଲିସ ସୂଚନା ମୁତାବକ, ଅଭିଯୁକ୍ତ ସୁଧୀରଙ୍କ ଘର ପଶ୍ଚିମବଙ୍ଗର ମେଦିନୀପୁର ଅଞ୍ଚଳରେ। ସେ ଭିମଟାଙ୍ଗୀ ଅଞ୍ଚଳରେ ଘର ଭଡା ନେଇ ପରିବାର ସହ ରହୁଥିଲେ। ୨୦୧୭ ଡିସେମ୍ବର ୧୩ରେ ସେ ଶିଳ୍ପୀଙ୍କୁ ବୈଦିକ ରୀତିରେ ପ୍ରେମବିବାହ କରିଥିଲେ। ଶିଳ୍ପୀଙ୍କ ପରିବାର ଗରିବ ହୋଇଥିବାରୁ ବିବାହ ସମୟରେ ବିଶେଷ କିଛି ଯୌତୁକ ଦେଇପାରି ନ ଥିଲେ। ଫଳରେ ବିବାହର କିଛିଦିନ ପରେ ଶାଶୁଘର ଲୋକେ ଯୌତୁକ ପାଇଁ ତାଙ୍କୁ ନିର୍ଯାତନା ଦେଇଥିଲେ। ଏହାକୁ ଶିଳ୍ପୀ ସହିଯାଉଥିଲେ। କିନ୍ତୁ ନିର୍ଯାତନା ଅଧିକ ହେବାରୁ ସେ ବାପଘର ଲୋକ ଏବଂ ତାଙ୍କ ସାଙ୍ଗଙ୍କୁ ଜଣାଇଥିଲେ। ଏହା ଭିତରେ ଶିଳ୍ପୀ ୩ମାସର ଗର୍ଭବତୀ ହୋଇଥିଲେ। ମାତ୍ର ସ୍ୱାମୀ ଓ ଶାଶୁ ଯୌତୁକ ନ ଆଣିଲେ ତାଙ୍କର ଗର୍ଭପାତ କରାଇବାକୁ ଧମକ ଦେଉଥିଲେ। ଅନ୍ୟପଟେ ସ୍ୱାମୀଙ୍କର ଅନ୍ୟ ଜଣେ ମହିଳାଙ୍କ ସହିତ ଅନୈତିକ ସମ୍ପର୍କ ଥିବା ଶିଳ୍ପୀ ଜାଣିଥିଲେ। ସେ ଏହାକୁ ବିରୋଧ କରୁଥିବାରୁ ସ୍ୱାମୀ ତାଙ୍କୁ ମାଡ ମାରୁଥିଲେ। ସୋମବାର ରାତି ପ୍ରାୟ ୭ଟାରେ ଶିଳ୍ପୀଙ୍କୁ ସ୍ୱାମୀ ମାଡ଼ ମାରିବାରୁ ସେ ବାପଘର ଲୋକଙ୍କୁ ଫୋନ କରି ଜଣାଇଥିଲେ। ରାତି ପ୍ରାୟ ୧୦ଟାରେ ବାପଘର ଲୋକେ ତାଙ୍କ ଶାଶୁଘରକୁ ଆସିଥିଲେ। ହେଲେ ସେଠାରୁ ଘର ମାଲିକ, ଶିଳ୍ପୀଙ୍କ ଶାଶୁ ଏବଂ ସ୍ୱାମୀ ସେମାନଙ୍କୁ ଫେରାଇ ଦେଇଥିଲେ। ପରେ ଶିଳ୍ପୀଙ୍କୁ କଟକରୋଡ୍ ନିକଟରେ ଥିବା ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା। ସକାଳୁ ଶାଶୁଘର ଲୋକେ ଶିଳ୍ପୀଙ୍କ ବାପଘରକୁ ଖବର ଦେଇଥିଲେ। ସେମାନେ ପହଞ୍ଚିବା ବେଳକୁ ଶିଳ୍ପୀଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇ ସାରିଥିଲା। ଶିଳ୍ପୀଙ୍କ ବେକରେ ଦାଗ ଥିବାବେଳେ ତାଙ୍କ ପିଠି ଓ ହାତରେ ଏକାଧିକ ମାଡ ଚିହ୍ନ ଥିବା ଦେଖିବାକୁ ମିଳିଥିଲା।



ଅଭିଯୁକ୍ତ ସ୍ୱାମୀ ସୁଧୀରଙ୍କ ସହ ଶିଳ୍ପୀ।

## ୩୦ କୋଟି ଚିଟ୍‌ଫଣ୍ଡ ଠକେଇ ହାଇଦ୍ରାବାଦ ବିମାନବନ୍ଦରରୁ ଉଇଟେଲ ନିର୍ଦ୍ଦେଶକ ଗିରଫ

**ଭୁବନେଶ୍ୱର, ୨୧।୮(ବ୍ୟୁରୋ):** ଚିଟଫଣ୍ଡ ଠକେଇ ମାମଲାରେ ଉଇଟେଲ ସଂସ୍ଥାର ନିର୍ଦ୍ଦେଶକ ଫଣେନ୍ଦ୍ର ଗିଦମଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ହାଇଦ୍ରାବାଦ ବିମାନବନ୍ଦରରୁ ଗିରଫ କରିଛି। ସିବିଆଇ ଅଧିକାରୀମାନେ ତାଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣୁଛନ୍ତି। ତାଙ୍କୁ ଓଡିଶା ଆଣିବା ପରେ ଏହି ସଂସ୍ଥା ସହ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେନେଇ ସିବିଆଇ ପଚରାଉଚରା ମକରିବ। ଦୀର୍ଘଦିନ ଧରି ଫଣେନ୍ଦ୍ର ସିବିଆଇ ଅଫିସରଙ୍କୁ ଚକମା ଦେଇ ଲୁଚି ବୁଲୁଥିବାରୁ ତାଙ୍କ ନାମରେ ଲୁକ୍‌ଆଉଟ୍ ସର୍କୁଲାର ଜାରି ହୋଇଥିଲା। ସୂଚନାଯୋଗ୍ୟ, ଉଇଟେଲ ଚିଟ୍‌ଫଣ୍ଡ ସଂସ୍ଥା ୨୦୧୦ରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅଫିସ ଖୋଲି ଲୋକଙ୍କୁ ଅଧିକ ସୁଧ ଦେବାର ଲୋଭ ଦେଖାଇ ଟଙ୍କା ସଂଗ୍ରହ କରିଥିଲା। ଏହିଭଳି ଭାବେ ସଂସ୍ଥା ଓଡିଶାରୁ ୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିଲା। ପରବର୍ତ୍ତୀ ସମୟରେ ସଂସ୍ଥାର ନିର୍ଦ୍ଦେଶକ ଫଣେନ୍ଦ୍ର ଫେରାର ହୋଇଯାଇଥିଲେ।

## ଉଗ୍ରରୂପ ନେଉଛି ଡେଙ୍ଗୁ
# ଏସ୍‌ସିବିରେ ଖୋଲିଲା ସ୍ୱତନ୍ତ୍ର ଆଇସିୟୁ

କଟକ ଅଫିସ, ୨୧।୮

ରାଜ୍ୟରେ ଡେଙ୍ଗୁ ଉଗ୍ରରୂପ ଧାରଣ କରିବାରେ ଲାଗିଛି। ଏସ୍‌ସିବି ମେଡିକାଲରେ ଇତିମଧ୍ୟରେ ୩ ଜଣ ରୋଗୀଙ୍କ ମୃତ୍ୟୁ ଘଟିଥିବା ବେଳେ ମଙ୍ଗଳବାର ମାହାଙ୍ଗା ଅଞ୍ଚଳର ଜଣେ ରୋଗୀଙ୍କର ମୃତ୍ୟୁ କଟକର ଏକ ଘରୋଇ ହସ୍ପିଟାଲରେ ହୋଇଛି। ଏଭଳି ପରିସ୍ଥିତିରେ ଏସ୍‌ସିବି ମେଡିକାଲରେ ଡେଙ୍ଗୁ ପାଇଁ ମଙ୍ଗଳବାରଠାରୁ ସ୍ୱତନ୍ତ୍ର ଆଇସିୟୁ ଖୋଲାଯାଇଛି। ସେଣ୍ଟ୍ରାଲ ଆଇସିୟୁକୁ ଲାଗିକରି ୨୦ ବେଡ୍ ବିଶିଷ୍ଟ ଏହି ସ୍ୱତନ୍ତ୍ର ଆଇସିୟୁ ରହିଛି।

ସେହିପରି ବର୍ଦ୍ଧିତ ରୋଗୀ ସଂଖ୍ୟାକୁ ଲକ୍ଷ୍ୟ କରି ଏସ୍‌ସିବିରେ ଡେଙ୍ଗୁ ରୋଗୀଙ୍କ ପାଇଁ ଖୋଲାଯାଇଥିବା ୧୮୦ ବେଡ୍‌କୁ ମଙ୍ଗଳବାର ୨୦୦କୁ ବୃଦ୍ଧି କରାଯାଇଛି। କାଜୁଆଲିଟି ଉପର ମହଲାରେ ଥିବା ମେଲ୍ ଟ୍ରମା ୱାର୍ଡକୁ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ ଭାବେ ଘୋଷଣା କରାଯାଇଛି। ଏହି ୱାର୍ଡରେ ୨୦ଟି ବେଡ୍ ରହିଛି। ଆବଶ୍ୟକସ୍ଥଳେ ବେଡ୍ ସଂଖ୍ୟାରେ ଆହୁରି ବୃଦ୍ଧି ଘଟିପାରେ ବୋଲି ସହକାରୀ ଡେଙ୍ଗୁ ନୋଡାଲ ଅଫିସର ଡାକ୍ତର ଶ୍ରୀପ୍ରସାଦ ମହାନ୍ତି ସୂଚନା ଦେଇଛନ୍ତି। ଡାକ୍ତର ମହାନ୍ତିଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ମେଡିକାଲରେ ମୋଟ ୧୩୩ ଜଣ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୪୩ଟି ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ପଜିଟିଭ ରୋଗୀଙ୍କ ମଧ୍ୟରୁ କଟକରୁ ୧୮ ଜଣ ଥିବାବେଳେ ଜଗତ୍‌ସିଂହପୁରରୁ ୯, ଯାଜପୁର ୩, କେନ୍ଦ୍ରାପଡ଼ାରୁ ୫, କଳାହାଣ୍ଡିରୁ ୨ ଓ ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ନୟାଗଡ଼, ମୟୂରଭଞ୍ଜ ପ୍ରଭୃତି ଜିଲାରୁ ଜଣେ ଲେଖାଏ ରୋଗୀ ରହିଛନ୍ତି। କଟକରୁ ନୂଆ ଚିହ୍ନଟ ହୋଇଥିବା ୧୮ ଜଣ ରୋଗୀଙ୍କ ଘର ଟାଙ୍ଗୀ, ଚୌଦ୍ୱାର, ଜଗତପୁର, ମାହାଙ୍ଗା ଓ ଏସ୍‌ସିବି ମେଡିକାଲ କ୍ୟାମ୍ପସ ବୋଲି ଡାକ୍ତର ମହାନ୍ତି କହିଛନ୍ତି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ମେଡିକାଲରେ ୧୧୩ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୧୦୬ ଜଣ ୱାର୍ଡରେ ଥିବାବେଳେ ୭ ଜଣ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି।

### ବଢ଼ିଲା ୨୦ ବେଡ୍





### ଡେଙ୍ଗୁରେ ମା'ପୁଅ ଆକ୍ରାନ୍ତ

ଖୋର୍ଦ୍ଧା ଅଫିସ/ବୋଲଗଡ,୨୧।୮(ଡି.ଏନ.ଏ.): ବୋଲଗଡ ବ୍ଲକ ଟିକତାଳ ଗାଁର ଗୋଟିଏ ପରିବାରର ମା'ପୁଅ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ଏମାନଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ତେବେ ଏମାନଙ୍କର ଜ୍ୱର ଭଲ ନ ହେବାରୁ ମଙ୍ଗଳବାର ରକ୍ତ ପରୀକ୍ଷା କରାଯାଇଥିଲା। ସେଥିରେ ଡେଙ୍ଗୁ ମା'ପୁଅଙ୍କ ପଜିଟିଭ ବାହାରିଛି। ମା ଓ ପୁଅ ୩ଦିନ ଧରି ଚିକିତ୍ସିତ ହେଉଥିଲେ। ମା' ପୁଅ ଡେଙ୍ଗୁ ରୋଗୀ ଜଣାପଡିବା ପରେ ଟିକାତାଳରେ ଡେଙ୍ଗୁ ରୋଗର ସଚେତନତା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଥିପାଇଁ ପିତୁକଳି ସେକ୍ଟରର ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ରେଣୁବାଳା ବିଦ୍ଧାଣୀ, ମହିଳା ସ୍ୱାସ୍ଥ୍ୟକର୍ମୀ, ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୁଖ ଡେଙ୍ଗୁ ସଚେତନା କରାଇଛନ୍ତି। ଗାଁ ଲୋକଙ୍କ ପରିବେଶକୁ ସଫାସୁତରା ମଧ୍ୟ କରାଇଛନ୍ତି।

## ୨୩ରୁ ନୂଆଦିଲ୍ଲୀରେ ବିଶ୍ୱ ଓଡ଼ିଆ ସମ୍ମିଳନୀ

ଭୁବନେଶ୍ୱର,୨୧।୮(ବ୍ୟୁରୋ)

ଚଳିତବର୍ଷ ବିଶ୍ୱ ଓଡ଼ିଆ ସମ୍ମିଳନୀ ଆସନ୍ତା ଡିସେମ୍ବର ୨୩ ଓ ୨୪ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଏ ନେଇ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଆ ସମ୍ମିଳନୀ ଗ୍ରୁପ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ବିଶ୍ୱ ଓଡ଼ିଆ ସମ୍ମିଳନୀର ଏକ ଅଫିସିଆଲ୍ ୱେବ୍‌ସାଇଟ୍ ସହ ଆଣ୍ଡ୍ରଏଡ୍ ଆପ୍‌କୁ ଉପସ୍ଥିତ କର୍ମକର୍ତ୍ତାମାନେ ଉନ୍ମୋଚନ କରିଥିଲେ। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ସଭାପତି ମୁରଲୀ ମନୋହର ଶର୍ମା ଯୋଗଦେଇ କହିଲେ, ଏହି ସମ୍ମିଳନୀରେ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆମାନେ ଅଂଶଗ୍ରହଣ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏଥିରେ ଓଡ଼ିଶାର ପାରମ୍ପରିକ ଓ ଶାସ୍ତ୍ରୀୟ ନୃତ୍ୟ ସହ ଲୋକନୃତ୍ୟ, ଲୋକସଙ୍ଗୀତ ଏବଂ ସାମରିକ କଳାକୌଶଳ ପ୍ରଦର୍ଶନ କରାଯିବ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ବିମଳେନ୍ଦୁ ମହାନ୍ତି, ବର୍ତ୍ତମାନର କୁଳପତି ଡ. କମଳକାନ୍ତ ମିଶ୍ର, ଡ. ଗୋପୀନାଥ ମହାନ୍ତି ପ୍ରମୁଖ ଉଦ୍‌ଘାଟନୀ ସମାରୋହରେ ଯୋଗଦେବେ ବୋଲି ଅନିଲ ଧିର ସୂଚନା ଦେଇଛନ୍ତି।

## ଚିକିତ୍ସାଧୀନ ହାତୀଛୁଆ ମୃତ



ଖୁଣ୍ଟୁଣୀ,୨୧।୮(ଡି.ଏନ୍.ଏ)

ଖୁଣ୍ଟୁଣୀ ବନାଞ୍ଚଳ ଖମାର ନୂଆଗାଁ ଗହୀର ନାଳରେ ପଡିଥିବା ଏକ ୩ମାସ ହାତୀ ଛୁଆକୁ ଉଦ୍ଧାର କରାଯାଇ ଚିକିତ୍ସା କରାଯାଉଥିଲା। କିନ୍ତୁ ମଙ୍ଗଳବାର ଭୋର ପ୍ରାୟ ସାଢେ ୪ଟାରେ ହାତୀ ଛୁଆଟିର ମୃତ୍ୟୁ ଘଟିଛି। ହାତୀ ଛୁଆ ମୃତଦେହକୁ ଆଠଗଡ ପ୍ରାଣୀ ବିଶେଷଜ୍ଞ ସୁଶାନ୍ତ କୁମାର ବେହେରା ଓ ଡା. ଶ୍ରୀନିବାସ ଆଚାରୀ ବ୍ୟବଚ୍ଛେଦ କରିବା ପରେ ଝରଣ ନର୍ସରୀ ନିକଟ ରାଣିବଣିଆ ସଂରକ୍ଷିତ ଜଙ୍ଗଲରେ ପୋତିଦିଆଯାଇଥିବା ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ରତ୍ନାକର ଦାସ କହିଛନ୍ତି। ସୂଚନା ଥାଉକି, ଗତ ୧୬ତାରିଖରେ ହାତୀ ଛୁଆଟି ଖମାର ନୂଆଗାଁ ଗହୀର ନାଳରେ ପଡିଥିବା ଦେଇ ସ୍ଥାନୀୟ ଲୋକେ ବନାଞ୍ଚଳ ଅଧିକାରୀ ଦାସଙ୍କୁ ଖବର ଦେଇଥିଲେ। ଖବରପାଇ ହାତୀ ଟ୍ରାକଟଙ୍କ ସହ ଦାସ ଆସି ହାତୀ ଛୁଆକୁ ଉଦ୍ଧାର କରି ଗୁରୁଡିଝାଟିଆରେ ପ୍ରାଥମିକ ଚିକିତ୍ସା ପରେ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣି ଚିକିତ୍ସା କରାଇଥିଲେ। ହାତୀ ଛୁଆକୁ ଜ୍ୱର ହୋଇଥିବାରୁ ପଶୁ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯାଉଥିଲା। ମାତ୍ର ମଙ୍ଗଳବାର ହାତୀ ଛୁଆର ମୃତ୍ୟୁ ହୋଇଥିଲା।

## ଫଟୋରେ ଖବର





ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ରବୀନ୍ଦ୍ରମଣ୍ଡପଠାରେ ମଙ୍ଗଳବାର ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଓ ବଂଶୀ ବାଦନ କାର୍ଯ୍ୟକ୍ରମରେ ରୁଦ୍ରପ୍ରସାଦ ପରିଡ଼ା ବଂଶୀ ବଜାଉଛନ୍ତି।



ଉତ୍କଳ ଫଟୋଗ୍ରାଫି କ୍ଲବ୍ ପକ୍ଷରୁ ଭୁବନେଶ୍ୱର ଲଳିତକଳା ଏକାଡେମୀଠାରେ ମଙ୍ଗଳବାର ଉଦ୍‌ଘାଟିତ ଫଟୋ ମହୋତ୍ସବ 'ଚିତ୍ର ବର୍ଣ୍ଣାଳୀ'କୁ ଦର୍ଶକ ବୁଲି ଦେଖୁଛନ୍ତି।



କେରଳ ବନ୍ୟାବିପନ୍ନଙ୍କୁ ସହାୟତା ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ମଙ୍ଗଳବାର ୟୁନିଟ୍-୧ ମାର୍କେଟରେ ବ୍ୟବସାୟୀଙ୍କଠାରୁ ଅର୍ଥ ସଂଗ୍ରହ କରାଯାଉଛି।



ଅନ୍ୟକୁ ପ୍ରଶଂସା କରିବାକୁ ହେଲେ କେତେପଦ କଥା ଖର୍ଚ୍ଚ ହୁଏ, କିନ୍ତୁ ଅନ୍ୟର କୁତ୍ସାରଟନା କରିବାକୁ ହେଲେ କେବଳ ନୀରବତା ହିଁ ଲୋଡ଼ା
- ଜନ୍ ଟିଲଟ୍‌ସନ୍



## ସଂକ୍ଷେପରେ

### ନିଖୋଜ ସିଆରପିଏଫ୍ ଯବାନ ଉଦ୍ଧାର

ଟାଙ୍ଗୀ(କଟକ),୨୧।୮(ଡି.ଏନ୍.ଏ): କୋରାପୁଟ ଜିଲା ଲକ୍ଷ୍ମୀପୁରରେ ନିୟୋଜିତ ସିଆରପିଏଫ୍ ଯବାନ ବିମଳକାନ୍ତ ନିର୍ମାହୀ(୩୨) କ୍ୟାମ୍ପରୁ ଦୀର୍ଘ ୮ବର୍ଷ ୩ମାସ ନିଖୋଜ ରହିବା ପରେ ଟାଙ୍ଗୀ ପୋଲିସ ଦ୍ୱାରା ଉଦ୍ଧାର ହୋଇଛନ୍ତି। ଖବରପାଇ ଉତ୍ତରପ୍ରଦେଶ ହାଟ୍ରସ ଜିଲା ସାହାବାଦ ଥାନା ଅନ୍ତର୍ଗତ କୁରୁସାଣ୍ଡ ଗ୍ରାମରୁ ତାଙ୍କ ବାପା ସୁନ୍ଦର ସିଂ ଥାନାକୁ ଆସି ଚିହ୍ନଟ କରିବା ପରେ ପୋଲିସ ଭୁବନେଶ୍ୱରସ୍ଥିତ ସିଆରପିଏଫ୍ ବିଭାଗ ସହିତ ଯୋଗାଯୋଗ କରିଛି। ସୂଚନାରୁ ପ୍ରକାଶ ଯେ, ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗୁଳି ଛକରେ ରବିବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରିବା ସମୟରେ ଜଣେ ଯୁବକ ସନ୍ଦେହଜନକ ଭାବେ ବୁଲୁଥିବା ବେଳେ ପୋଲିସ ନଜରକୁ ଆସିଥିଲେ। ଉକ୍ତ ବ୍ୟକ୍ତିକୁ ଥାନାକୁ ଆଣି ପୋଲିସ ଅଟକ ରଖି ପଚରାଉଚରା ଆରମ୍ଭ କରିଥିଲେ। ସେ ନିଜ ନାମ କହିବା ସହିତ ଘର ଠିକଣା ଦେଇଥିଲେ। ପୋଲିସ ଘର ଠିକଣାର ପାଖ ୟୁପି ପୋଲିସ ସହିତ ଯୋଗାଯୋଗ କରି ପରିବାର ଲୋକଙ୍କୁ ଜଣାଇଥିଲେ। ଥାନା ଅଧିକାରୀ ବିମଳ କୁମାର ବାରିକଙ୍କ ସୂଚନା ଅନୁଯାୟୀ, ନିଖୋଜ ବିମଳକାନ୍ତ ୨୦୦୭ ମସିହାରେ ଚାକିରିରେ ଯୋଗଦାନ କରିଥିଲେ । ମାଓବାଦୀ ଦମନ ଅଭିଯାନରେ ସାମିଲ ହୋଇ ୨୦୧୦ ମସିହାରେ ଓଡ଼ିଶା ଆସିଥିଲେ। କୋରାପୁଟ ଜିଲା ଲକ୍ଷ୍ମୀପୁର ଜୋନ୍ ଅଧୀନ ବରବରା ଜଙ୍ଗଲରେ କମ୍ବି ଅପରେଶନ୍ ଚାଲୁଥିବାବେଳେ ତାଙ୍କର ଶାରୀରିକ ଅସୁସ୍ଥତା ଦେଖାଦେଇଥିଲା। ଫଳରେ ସେହିବର୍ଷ ମେ' ମାସ ୫ତାରିଖରେ ବିଭାଗୀୟ ଅନୁମତି ନେଇ ଡାକ୍ତରୀ ପରୀକ୍ଷା ନିମନ୍ତେ ବିମଳ ଭୁବନେଶ୍ୱର ଆସି ନିଖୋଜ ହୋଇଯାଇଥିଲେ। ବାରମ୍ବାର ବିଭାଗୀୟ ଚିଠି ସତ୍ତ୍ୱେ ତାଙ୍କର ପତ୍ତା ମିଳି ନ ଥିଲା। ଅପରପକ୍ଷରେ ବିମଳଙ୍କ ବାପା ଥାନାରେ ପହଞ୍ଚି ୮ ବର୍ଷ ଧରି ନିଖୋଜ ପୁତ୍ରକୁ ପାଇବା ପରେ ପୋଲିସକୁ କୃତଜ୍ଞତା ଜଣାଇଛନ୍ତି । ବିମଳକାନ୍ତ ୮ବର୍ଷ କେଉଁଠି ଥିଲେ ସେ ନେଇ କିଛି କହିପାରୁ ନ ଥିବା ଟାଙ୍ଗୀ ଆଇଆଇସି ବିମଳ କୁମାର ବାରିକ ପ୍ରକାଶ କରିଛନ୍ତି।

### ଓଡ଼ିଆ ଅଧିକାରୀଙ୍କୁ ରାଷ୍ଟ୍ରପତି ପୋଲିସ ପଦକ

ଭୁବନେଶ୍ୱର, ୨୧।୮(ବ୍ୟୁରୋ): କେନ୍ଦ୍ରୀୟ ଗୋଇନ୍ଦା ସହକାରୀ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମହାପାତ୍ର ଉଲ୍ଲେଖନୀୟ ସେବା ପାଇଁ ସ୍ୱାଧୀନତା ଦିବସରେ ରାଷ୍ଟ୍ରପତି ପୋଲିସ ପଦକ ପାଇଛନ୍ତି। ସେ ବର୍ତ୍ତମାନ ତ୍ରିପୁରାର ଅଗରତାଲାରେ କାର୍ଯ୍ୟରତ ଅଛନ୍ତି। ପୂର୍ବରୁ ସେ ଦିଲ୍ଲୀ, ଆସାମ ଏବଂ ଓଡିଶାରେ ବହୁବର୍ଷ ଧରି କାର୍ଯ୍ୟ କରି ଅନେକ ଅଭିଯାନର ସଫଳ ନେତୃତ୍ୱ ନେଇଛନ୍ତି। ୨୦୧୧ ସ୍ୱାଧୀନତା ଦିବସରେ ଉତ୍ତମ ସେବା ପାଇଁ ସେ ଭାରତୀୟ ପୋଲିସ ପଦକ ପାଇଥିଲେ। କୋରାପୁଟ ଜିଲା ଜୟପୁରରେ ମହାପାତ୍ରଙ୍କ ଘର। ସେ ଅବସରପ୍ରାପ୍ତ ଜିଲାଜଜ୍ କିଶୋର ଚନ୍ଦ୍ର ମହାପାତ୍ରଙ୍କ ଜ୍ୟେଷ୍ଠ ପୁତ୍ର।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଶ୍ରୀମନ୍ଦିର ନାଟମଣ୍ଡପ ସ୍ଥିତି ସଙ୍ଗିନ

# ୩ ମୁଖ୍ୟ କଲମ କ୍ୟାପିଟାଲରେ ଫାଟ

- ଛାତର ଏକାଧିକ ସ୍ଥାନରୁ ଗଳୁଛି ପାଣି
- ପୁଣି ଏକ ବିମ୍‌ରେ ଫାଟ
- ଆଜି ଚୂଡ଼ାନ୍ତ ହେବ ମରାମତିର ବ୍ଲୁ ପ୍ରିଣ୍ଟ



ନାଟମଣ୍ଡପ ଯାଞ୍ଚ ଲାଗି ଆସିଥିବା ବିଶେଷଜ୍ଞ ଦଳ।

ପୁରୀ ଅଫିସ, ୨୧।୮

ସଙ୍ଗିନ ସ୍ଥିତିରେ ରହିଛି ନାଟମଣ୍ଡପ। ଛାତର ଏକାଧିକ ସ୍ଥାନରେ ଫାଟ ସୃଷ୍ଟି ହୋଇ ପାଣି ଗଳୁଛି। ନାଟମଣ୍ଡପର ମୁଖ୍ୟ ବିମ୍ ଫାଟି ଦୁଇଖଣ୍ଡ ହୋଇଯାଇଛି। କିନ୍ତୁ ତାହାକୁ ସପୋର୍ଟ ଦେଇ ରହିଥିବା ଲୁହା ବିମ୍‌ର ସ୍ଥିତି ଠିକ୍ ଅଛି। ଏହି ବିମ୍‌କୁ ଟେକି ଧରିଥିବା ୪ଟି ମୁଖ୍ୟ କଲମ ମଧ୍ୟରୁ ୩ଟିର କ୍ୟାପିଟାଲ ଫାଟି ଆଁ କରିଛି। ଦ୍ୱିତୀୟ ଦିନ ନାଟମଣ୍ଡପ ଯାଞ୍ଚ ବେଳେ ଏମିତି ସଙ୍ଗିନ ସ୍ଥିତି ପଦାକୁ ଆସିଛି। ତେବେ ଏହାର ମରାମତି କିଭଳି ହେବ ତାହାକୁ ନେଇ ଏଏସ୍‌ଆଇ, ବିଶେଷଜ୍ଞ ଏବଂ କୋର୍ କମିଟି ମଧ୍ୟରେ ସହମତି ହୋଇପାରି ନାହିଁ। ବୁଧବାର ପୁଣି ଉକ୍ତ ବିମ୍ ଓ କଲମକୁ ବିଶେଷଜ୍ଞମାନେ ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ କରିବା ପରେ ମରାମତିର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହେବ ବୋଲି ଜଣାପଡିଛି।

ନାଟମଣ୍ଡପର ସ୍ଥିତିକୁ ନେଇ ଆଶଙ୍କା ଉପୁଜିବା ପରେ ଏଏସ୍‌ଆଇ ପକ୍ଷରୁ ସୋମବାର ଏହାର ଯାଞ୍ଚ ଆରମ୍ଭ ହୋଇଛି। ମଙ୍ଗଳବାର ଯାଞ୍ଚ ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିଛି। ନାଟମଣ୍ଡପ ଛାତ ଉପରେ ସିମେଣ୍ଟର ଗ୍ରେଡିଂ ହୋଇଛି। ଏହା ନଷ୍ଟ ହୋଇ ଯାଇଥିବାରୁ ପାଣି ଗଳୁଛି। ପ୍ରାୟ ୨୦ରୁ ୨୫ ବର୍ଷ ତଳେ ଏହି ଗ୍ରେଡିଂ ହୋଇଥିବା ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି। ଏହା ପୂର୍ବରୁ ଚୂନର ଆସ୍ତରଣ ଦିଆଯାଇଥିବା ଯାଞ୍ଚ ବେଳେ ଜଣାପଡିଛି।

ନାଟମଣ୍ଡପରେ ସମୁଦାୟ ୧୬ଟି କଲମ ରହିଛି। ସେଥିମଧ୍ୟରୁ ମଧ୍ୟସ୍ଥଳରେ ୪ଟି ମୁଖ୍ୟ କଲମ ରହିଛି। ସେଥିରୁ ୩ଟି କଲମର କ୍ୟାପିଟାଲରେ ଫାଟ ରହିଥିବା ଦେଖିବାକୁ ମିଳିଛି। ଏହାକୁ ସଂଯୋଗ କରୁଥିବା ଏକ ବିମ୍ ଦୁଇଖଣ୍ଡ ଅବସ୍ଥାରେ ରହିଛି। ପୂର୍ବରୁ ଗରୁଡ଼ ସ୍ତମ୍ଭ ସମ୍ମୁଖ ବିମ୍‌ରେ ଫାଟ ସୃଷ୍ଟି ହୋଇଥିବା ବେଳେ ଏବେ ପୁଣି ଏକ ବିମ୍‌ରେ ଫାଟ ପଦାକୁ ଆସିଛି। ସେହିପରି ନାଟମଣ୍ଡପର ବିଭିନ୍ନ ସ୍ଥାନରୁ ପାଣି ଗଳୁଥିବା ବେଳେ ପଲସ୍ତରା ମଧ ଦୁର୍ବଳ ସ୍ଥିତିରେ ଅଛି। ଦ୍ୱିତୀୟ ଦିନରେ ଏଏସ୍‌ଆଇ ଓ କୋର୍ କମିଟି ସହିତ ମାଡ୍ରାସ ଆଇଆଇଟିର ପ୍ରଫେସର ଅରୁଣ ମେନନ୍ ଓ ଅମ୍ଳାନ ସେନ୍‌ଗୁପ୍ତା, ଆଇଆଇଟି ଖଡଗପୁରର ପ୍ରଫେସର ଏସ୍.କେ. ଭଟ୍ଟାଚାର୍ଯ୍ୟ, ଯୁଗ୍ମ ଡିଜି ଜାହ୍ନବୀ ଶର୍ମା, ଏଏସ୍‌ଆଇର ଆଞ୍ଚଳିକ ନିର୍ଦ୍ଦେଶକ (ପୂର୍ବାଞ୍ଚଳ) ନନ୍ଦିନୀ ସାହୁ, ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥାର ପୂର୍ବତନ ଅଧୀକ୍ଷକ ବିଜୟ କୁମାର ରଥ, ଏଏସ୍‌ଆଇର ପ୍ରାକ୍ତନ ନିର୍ଦ୍ଦେଶକ ଅଶୋକ କୁମାର ପଟେଲ, ପ୍ରାକ୍ତନ ଯୁଗ୍ମ ଡିଜି ଏସ୍.ବି. ଓତା ପ୍ରମୁଖ ସାମିଲ ହୋଇଥିଲେ। ସେମାନେ ନାଟମଣ୍ଡପର ଭାରା ଉପରେ ଚଢି ତନ୍ନ ତନ୍ନ କରି ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଅପରାହ୍ନ ୪ଟାରେ ପାନ୍ଥନିବାସ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ବିମ୍ ଏବଂ ୩ କଲମ କ୍ୟାପିଟାଲରେ ହୋଇଥିବା ଫାଟ ଉପରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। କୋର୍ କମିଟି ତ୍ୱରିତ ମରାମତି ପାଇଁ ପ୍ରସ୍ତାବ ରଖିଥିଲା। କିନ୍ତୁ ବୈଠକରେ ଉପସ୍ଥିତ ଅରୁଣ ମେନନ କହିଥିଲେ ଯେ, ଯେଉଁ ଫାଟ ହୋଇଛି ତାହାକୁ ୬ ମାସ ପର୍ଯ୍ୟବେକ୍ଷଣ କରାଯାଉ। ଏହା ପୁରୁଣା କି ନୂଆ ଫାଟ ଏବଂ ଆଗକୁ ଆଉ ମେଲୁଛି କି ନାହିଁ ତାହା ଅନୁଧାନ କରାଯାଇ ଏହାପରେ ପଦକ୍ଷେପ ନେବାକୁ ସେ ମତ ରଖିଥିଲେ। କେତେଜଣ ସଦସ୍ୟ ଏଭଳି ଫାଟ ପୂର୍ବରୁ ନ ଥିବା ବେଳେ ବର୍ତ୍ତମାନ ଦୃଶ୍ୟମାନ ହେଉଥିବା କହିଥିଲେ। ଏପରି କି ମେନନ ଜଗମୋହନ ସହିତ ନାଟମଣ୍ଡପ ମରାମତିକୁ ତୁଳନାତ୍ମକ ମତ ରଖିଥିଲେ। ଜଗମୋହନ କଲମ ଓ ବିମ୍ ଅତ୍ୟଧିକ ଭାର ବହନ କରୁଥିବା ବେଳେ ନାଟମଣ୍ଡପ ବିମ୍ ଉପରେ ବିଶେଷ ଚାପ ରହୁ ନ ଥିବା କେତେଜଣ ବିଶେଷଜ୍ଞ ମତ ଦେଇଥିଲେ। ତେଣୁ ଭିନ୍ନ ଭିନ୍ନ ମତ ଆସିବାରୁ କୌଣସି ସହମତି ହୋଇପାରି ନ ଥିଲା। ବୁଧବାର ପୁଣିଥରେ ଭଲ ଭାବେ ଅନୁଧ୍ୟାନ କରାଯିବା ପରେ ନାଟମଣ୍ଡପ ମରାମତି ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବାକୁ ମତପ୍ରକାଶ ପାଇଥିଲା।

## ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ଆରମ୍ଭ

ପୁରୀ ଅଫିସ, ୨୧।୮

ପବିତ୍ର ଶ୍ରାବଣ ଶୁକ୍ଳ ଦଶମୀ ତିଥିରେ ମଙ୍ଗଳବାର ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ଝୁଲଣ ଯାତ୍ରା। ମହାପ୍ରଭୁଙ୍କ ଏହି ଯାତ୍ରା ଗହ୍ମାପୂର୍ଣ୍ଣିମା ପରଦିନ ପର୍ଯ୍ୟନ୍ତ ଅର୍ଥାତ୍ ଭାଦ୍ରବ କୃଷ୍ଣ ପ୍ରତିପଦା ପର୍ଯ୍ୟନ୍ତ ଚାଲିବ।

ମଧ୍ୟାହ୍ନ ଧୂପ ସରିବା ପରେ ତିନି ବାଡ଼ରେ ମଇଲମ ହୋଇଥିଲା। ଠାକୁର ସର୍ବାଙ୍ଗ ହୋଇ ବେଶ ବଢିବା ପରେ ଦକ୍ଷିଣୀ ଘରକୁ ଶ୍ରୀଦେବୀ, ଭୂଦେବୀ ବିଜେ କରିଥିଲେ। ବେଶ ସମୟରେ ମହାପ୍ରଭୁଙ୍କ ଉତ୍ତର ଭୁଜରେ ୨ଖଣ୍ଡ ଏବଂ ଦକ୍ଷିଣ ଭୁଜରେ ୧ ଖଣ୍ଡ ଆଜ୍ଞାମାଳ ଲାଗି ହୋଇଥିଲା। ଦକ୍ଷିଣ ଘର ଭୋଗ ଏବଂ ବାହାର ଦେଉଳି ସରିବା ପରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ରତ୍ନସିଂହାସନକୁ ବିଜେ କରିଥିଲେ। ତିନବାଡ଼ରେ କର୍ପୂର ଆଳତି ଏବଂ ସନ୍ଧ୍ୟା ଆଳତି ବଢିଥିଲା। ଏହାପରେ ପୂଜାପଣ୍ଡା ମହାପ୍ରଭୁଙ୍କ ଦକ୍ଷିଣ ଭୁଜର ଆଜ୍ଞାମାଳ ଆଣି ମଦନମୋହନଙ୍କୁ ଏବଂ ଉତ୍ତର ଭୁଜର ଆଜ୍ଞାମାଳ ଶ୍ରୀଦେବୀ, ଭୂଦେବୀଙ୍କୁ ପ୍ରଦାନ କରିଥିଲେ। ଛାମୁ ଦିହୁଡି ସହିତ ମହାଜନ ସେବକ ମଦନମୋହନ, ଶ୍ରୀଦେବୀ, ଭୂଦେବୀଙ୍କୁ ଝୁଲଣ ମଣ୍ଡପ ଦୋଳିକୁ ବିଜେ କରାଇଥିଲେ। ଝୁଲଣ ମଣ୍ଡପରେ ଝୁଲଣ ନୀତି ସମ୍ପନ୍ନ ହୋଇ ଶ୍ରୀମନ୍ଦିରରେ ଚନ୍ଦନ ଲାଗି ବଢିବା ପରେ ମଦନମୋହନ ଦକ୍ଷିଣୀଘରକୁ ଏବଂ ଶ୍ରୀଦେବୀ, ଭୂଦେବୀ ରତ୍ନସିଂହାସନକୁ ବିଜେ କରିଥିଲେ। ଏହାପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ହୋଇ ପହୁଡ଼ ହୋଇଥିଲା।

## ଶ୍ରୀମନ୍ଦିରକୁ ମୋବାଇଲ ନେଇ ସେନା କର୍ମଚାରୀ ହଟହଟା

### ୧ ହଜାର ଜରିମାନା ଦେଇ ମୋବାଇଲ ନେଲେ

ପୁରୀ ଅଫିସ, ୨୧।୮

ଶ୍ରୀମନ୍ଦିର ଭିତରକୁ ମୋବାଇଲ ନେବା ଉପରେ କଡ଼ା କଟକଣା ରହିଛି। ମଙ୍ଗଳବାର ମନ୍ଦିର ଭିତରକୁ ମୋବାଇଲ ନେଇ ଜଣେ ସେନା କର୍ମଚାରୀ ହଟହଟା ହୋଇଛନ୍ତି। ବହୁ ଯୁକ୍ତିତର୍କ ପରେ ୧ ହଜାର ଟଙ୍କା ଜରିମାନା ଦେଇ ମୋବାଇଲ ଫୋନ ନେଇ ଫେରିଥିବା ଜଣାପଡିଛି। କିନ୍ତୁ ତାଙ୍କ ପରିଚୟ ଜଣାପଡି ନାହିଁ। ମିଳିଥିବା ସୂଚନା ମୁତାବକ, ସକାଳ ପ୍ରାୟ ୯ଟା ସମୟରେ ଜଣେ ସେନା କର୍ମଚାରୀ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ସେ ମନ୍ଦିର ଭିତରକୁ ମୋବାଇଲ ଫୋନ ନେଇଯାଇଥିଲେ। ମୋବାଇଲ ଫୋନ ବାରଣ ଥିବା ସତ୍ତ୍ୱେ କାହିଁକି ଆପଣ ଆଣିଛନ୍ତି ବୋଲି ନାଟମଣ୍ଡପରେ କାର୍ଯ୍ୟରତ ଜଣେ ଜେଟିପି ପଚାରିଥିଲେ। ଏହାକୁ ନେଇ ସମ୍ପୃକ୍ତ ସେନା କର୍ମଚାରୀ ଯୁକ୍ତି କରିବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସେଠାରେ ଥିବା ଅନ୍ୟ ଜେଟିପି ଏବଂ ପୋଲିସ କର୍ମଚାରୀ ପହଞ୍ଚି ତାଙ୍କୁ ବୁଝାଶୁଝା କରିଥିଲେ। ସେନା କର୍ମଚାରୀଙ୍କ ମୋବାଇଲ ଫୋନ ଜବତ କରି ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟକୁ ଆଣିଥିଲେ। ସେଠାରେ ତାଙ୍କ ମୋବାଇଲ ଫୋନ ଯାଞ୍ଚ କରାଯାଇଥିଲା। ସେଥିରେ କୌଣସି ଫଟୋ ଉଠି ନ ଥିବା ଜଣାପଡିଥିଲା। ସମ୍ପୃକ୍ତ ସେନା ଅଧିକାରୀ ୧ ହଜାର ଟଙ୍କା ଜରିମାନା ଦେଇ ତାଙ୍କ ମୋବାଇଲ ନେଇଥିଲେ।

## ମୁକୁଟ ପିନ୍ଧିଲେ ଅମିତା

### ଇଣ୍ଡିଆ ଗାଲାକ୍ସି




ଭୁବନେଶ୍ୱର, ୨୧।୮(ବ୍ୟୁରୋ)

ଭାରତର ଅନ୍ୟତମ ପ୍ରମୁଖ ବିୟୁଟି କଣ୍ଟେଷ୍ଟ 'ଇଣ୍ଡିଆ ଗାଲାକ୍ସି-୨୦୧୮'ରେ ବାଜିମାତ୍ କରିଛନ୍ତି ଜଣେ ଓଡ଼ିଆ ମହିଳା। ଗତ ୨୦ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପ୍ରତିଭାସମ୍ପନ୍ନ ଫ୍ୟାଶନ ଆଇକନମାନଙ୍କୁ ପଛରେ ପକାଇ ଭୁବନେଶ୍ୱରର ଅମିତା ପଣ୍ଡା ଇଣ୍ଡିଆ ଗାଲାକ୍ସି ମୁକୁଟ ପିନ୍ଧିଛନ୍ତି। ଭାରତୀୟ ମହିଳାମାନଙ୍କୁ ପ୍ରୋତ୍ସାହିତ କରିବା, ସେମାନଙ୍କ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବା ଏବଂ ଦକ୍ଷତା ଓ ଆତ୍ମବଳ ବୃଦ୍ଧି କରିବା ଲାଗି ପ୍ରତିବର୍ଷ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏଥିରେ ବିଜୟୀ ହେବା ପରେ ଅମିତା ନିଜର ସଫଳତାକୁ ପରିବାରବର୍ଗ ଏବଂ ସମାଜରେ ନଜର ଆଢୁଆଳରେ ରହିଯାଇଥିବା ପ୍ରତିଭାଶାଳୀ ମହିଳାମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ସଙ୍ଗୀତ ଏବଂ ଫ୍ୟାଶନ ପ୍ରିୟ ଅମିତା ପେସାରେ ଜଣେ ସଫ୍ଟୱେର ଇଞ୍ଜିନିୟର। ସେ ଭୁବନେଶ୍ୱରରେ ଏକ ମଲ୍‌ଟି ନ୍ୟାଶନାଲ ଆଇଟି କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ଅମିତା ୭ବର୍ଷ ତଳେ ବିବାହ କରିଥିବାବେଳେ ତାଙ୍କର ଏକ ୩ବର୍ଷର ଶିଶୁକନ୍ୟା ଅଛନ୍ତି। ତାଙ୍କ ସ୍ୱାମୀ ଡା. ପ୍ରଭଞ୍ଜନ ମହାପାତ୍ର ଜଣେ ଜଣାଶୁଣା ହୃଦ୍‌ରୋଗ ବିଶେଷଜ୍ଞ।



ପୁରୀ ରାଧାବଲ୍ଲଭ ମଠରେ ଝୁଲଣ କୁଞ୍ଜରେ ରାଧାକୃଷ୍ଣ।

## ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବ ରେଡ୍‌କ୍ରସ

### ଦଲାଲିରେ ରକ୍ତ କିଣାବିକା ଘଟଣା

ଭୁବନେଶ୍ୱର,୨୧।୮(ବ୍ୟୁରୋ)

ରକ୍ତ ଦଲାଲି କାର୍ଯ୍ୟରେ ଲିପ୍ତ ଥିବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ରେଡ୍‌କ୍ରସ। ଏଥିରେ ସମ୍ପୃକ୍ତ ଥିବା ସମସ୍ତ ଅସାଧୁ ବ୍ୟକ୍ତିଙ୍କୁ ଠାବ କରିବା ପାଇଁ ରେଡ୍‌କ୍ରସର ଉଦ୍ୟମ ଜାରି ରହିଛି। ଖୁବ୍‌ଶୀଘ୍ର ଦୋଷୀଙ୍କୁ ଧରାଯାଇ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା ଲାଗି ପଦକ୍ଷେପ ନିଆଯିବ ବୋଲି ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଡ. ବିନାୟକ ପ୍ରସାଦ ପୃଷ୍ଟି ସୂଚନା ଦେଇଛନ୍ତି।

ଗତ କିଛିଦିନ ଧରି କଟକସ୍ଥିତ କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତ ଭଣ୍ଡାରରେ କେତେଜଣ ଅସାଧୁ କର୍ମଚାରୀ ବାହାର ଦଲାଲମାନଙ୍କ ସହ ମିଶି ରକ୍ତ କିଣାବିକା କାର୍ଯ୍ୟରେ ଲିପ୍ତ ଥିଲେ। ଏହା ରେଡ୍‌କ୍ରସର ହସ୍ତଗତ ହେବା ପରେ କର୍ତ୍ତୃପକ୍ଷ ନିଜ ତରଫରୁ ଦୁଇଥର ତଦନ୍ତ କରିଥିଲେ। ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବଙ୍କ ସହ କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତ ଭଣ୍ଡାରର କେତେଜଣ କର୍ମଚାରୀଙ୍କ ସହାୟତାରେ ଏହି ହୀନକାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ଗତ ୧୬ତାରିଖରେ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇଥିଲା। ପଶ୍ଚିମବଙ୍ଗରୁ ଆସିଥିବା ଜଣେ ଆର୍ଥିକ ଅନଗ୍ରସର ଶ୍ରେଣୀର ବ୍ୟକ୍ତି ସୁଦୀପ ହେମ୍ବ୍ରମ୍ ନିଜ କର୍କଟ ପୀଡ଼ିତ ବାପାଙ୍କ ପାଇଁ ରକ୍ତ ନେବାକୁ ଆସି ଜଣେ ଦଲାଲଙ୍କ ଦ୍ୱାରା ଠକାମିର ଶିକାର ହୋଇଥିଲେ। ଏହି ଘଟଣା ଜଣାପଡ଼ିବା ପରେ ରେଡ୍‌କ୍ରସର ଓଡ଼ିଶା ଶାଖା କର୍ତ୍ତୃପକ୍ଷ, ପୋଲିସ ଏବଂ ରକ୍ତ ଭଣ୍ଡାରର କେତେଜଣ କର୍ମଚାରୀଙ୍କ ସହାୟତାରେ ସମୟ ଉପଯୋଗୀ ପଦକ୍ଷେପ ନିଆଯାଇ ଦଲାଲ ଅଶୋକ ବାରିକଙ୍କୁ ତୁରନ୍ତ ପୋଲିସ ଦ୍ୱାରା ଗିରଫ କରାଯାଇଥିଲା। ଏହି ବାବଦରେ ରକ୍ତ ଭଣ୍ଡାର ପରିଚାଳନା କମିଟି ଅଧ୍ୟକ୍ଷ ଗୋପବନ୍ଧୁ ମଲ୍ଲିକ, ଅବସରପ୍ରାପ୍ତ ପୂର୍ବତନ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଓ ଆଇନ ପରାମର୍ଶଦାତା ଚନ୍ଦନ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ତଦନ୍ତ କମିଟି ଗଠନ କରାଯାଇଥିଲା, ଯାହାର ପ୍ରାଥମିକ ତଦନ୍ତ ଏବେ ଜାରି ରହିଛି। ସମସ୍ତ ଦୋଷୀଙ୍କୁ ଠାବ କରିବା ପାଇଁ ରେଡ୍‌କ୍ରସର ଉଦ୍ୟମ ଜାରି ରହିଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



@ ଅଭିଜିତ



@ ବିଶ୍ୱଜିତ



@ ମିନତି



@ ବିଭୁ



@ ଓମ୍‌ସତ୍ୟମ



@ ରିତୁପର୍ଣ୍ଣା

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଯେ ଅନ୍ୟର ସାହାଯ୍ୟ ନ ଲୋଡ଼ି ନିଜ ଶକ୍ତିର ପୂର୍ଣ୍ଣ ଉପଯୋଗ କରେ ସେ ପ୍ରକୃତ ସଫଳତା ଲାଭ କରେ। - ଟାସିଟସ୍



## ସଂକ୍ଷେପରେ

### ବଡ଼ ଭାଇଙ୍କୁ ମରଣାନ୍ତକ ଆକ୍ରମଣ, ସାନ ଭାଇ ଗିରଫ

**ଭୁବନେଶ୍ୱର, ୨୧।୮(ବ୍ୟୁରୋ):** ଜମି ବିବାଦକୁ ନେଇ ବଡ଼ ଭାଇଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଅଭିଯୁକ୍ତ ସାଇ ଭାଇ ରାହୁଲ ଦ୍ରାବିଡଙ୍କୁ ଗିରଫ କରିଛି। ଖାରବେଳ ଥାନା ଅଧୀନ ମଧୁସୂଦନନଗର ପ୍ଲଟ ନମ୍ବର ୫୨ରେ ଫ୍ରାଙ୍କଲିନ ଦ୍ରାବିଡଙ୍କ ପୁଅ କାର୍ଲିନ ଦ୍ରାବିଡ(୫୭) ଓ ପୋଷ୍ୟପୁତ୍ର ରାହୁଲ ଦ୍ରାବିଡ(୩୦) ରୁହନ୍ତି। ଗତ ଶୁକ୍ରବାର ଜମି ବିବାଦକୁ ନେଇ ରାହୁଲ ବଡଭାଇ କାର୍ଲିନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରିବାର ଲୋକେ କାର୍ଲିନଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(୨୨/୧୮) ରୁଜୁ କରି ଘଟଣାର ତଦନ୍ତ କରିଥିଲା। ମଙ୍ଗଳବାର ଅଭିଯୁକ୍ତ ରାହୁଲଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

### ଚୋରି ବାଇକ ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨୧।୮(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅଧୀନ ଶୈଳଶ୍ରୀବିହାର ତାରିଣୀ ମନ୍ଦିର ସମ୍ମୁଖରୁ ଚୋରି ବାଇକ୍‌କୁ ପୋଲିସ ଜବତ କରିବା ସହିତ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡା ରାଜକନିକା ଅଞ୍ଚଳର ଗୌତମ ତରାଇ(୨୪)। ଶୈଳଶ୍ରୀବିହାର ଭିଆଇଏମ/୪୫୯ରେ ରହୁଥିବା ପ୍ରଶାନ୍ତ କୁମାର ସାମଲ ଗତ ଶୁକ୍ରବାର ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ମନ୍ଦିରରୁ ଫେରିବା ବେଳକୁ ବାହାରେ ରଖିଥିବା ବାଇକକୁ କେଇ ଚୋରି କରିନେଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଶୈଳଶ୍ରୀବିହାର ଏଲ୍‌ସି ୩୩/୫ରେ ରହୁଥିବା ଗୌତମଙ୍କ ଘରେ ଚଢାଉ କରି ତାଙ୍କୁ ଗିରଫ କରିବା ସହ ବାଇକ ଜବତ କରିଥିଲା। ଚୋରିରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।

### ମହିଳା ଉଦ୍ୟୋଗୀ ସ୍ମିତାରାଣୀଙ୍କ ପରଲୋକ

**ଭୁବନେଶ୍ୱର, ୨୧।୮(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଅଞ୍ଚଳର ମହିଳା ଉଦ୍ୟୋଗୀ ସ୍ମିତାରାଣୀ ସାହୁ(୫୦)ଙ୍କର ରବିବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ କର୍କଟ ରୋଗରେ ଅକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ବରିଷ୍ଠ ସାମାଜିକ କର୍ମୀ ତଥା ଇଞ୍ଜିନିୟର ଦିଲୀପ ସାହୁଙ୍କର ସହଧର୍ମିଣୀ। ସ୍ଥାନୀୟ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ମେୟର ଅନନ୍ତ ନାରାୟଣ ଜେନା, କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ ପ୍ରମୁଖ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ରବିବାର ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ସ୍ମିତାରାଣୀଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ସେ ବିଭିନ୍ନ ସାଂସ୍କୃତିକ ଏବଂ ସାମାଜିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ।

### ଦୋକାନରୁ ଚୋରି, ଜଣେ ଗିରଫ

**କଟକ ରୋଡ,୨୧।୮(ଡି.ଏନ୍‌.ଏ ):** ଏକ ଦୋକାନରୁ ଚୋରି ଅଭିଯୋଗରେ ମଙ୍ଗଳବାର ଲକ୍ଷ୍ମୀସାଗର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା ଓଲଟପୁର ଥାନା ପାଟସୁନ୍ଦରପୁର ଗ୍ରାମର ରାକେଶ ରଞ୍ଜନ ରାଉତରାୟ। ପୋଲିସ ସୂଚନା ଅନୁଯାୟୀ, ଗତ ୧୯ ତାରିଖ ମଧ୍ୟାହ୍ନରେ ରାକେଶ କଟକ ରୋଡରେ ଥିବା ଏକ ଷ୍ଟିଲ ଓ ପାଇପ ବ୍ୟବସାୟୀ ରବୀନ୍ଦ୍ର ବାଜୋରିଆଙ୍କ ଦୋକାନ କ୍ୟାସ ବାକ୍ସରୁ ୨୦ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ରବୀନ୍ଦ୍ରଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ. ୨୨୨/୧୮)ରୁଜୁ ହୋଇଥିଲା। ଦୋକାନରେ ଥିବା ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ରାକେଶଙ୍କୁ ରସୁଲଗଡ ଛକରୁ ଧରିଥିଲା। ଏହା ସହ ତାଙ୍କ ଠାରୁ ୧୫ହଜାର ଟଙ୍କା ଜବତ ହୋଇଥିବା ପୋଲିସ କହିଛି।

## ଶ୍ରୀ ଅନନ୍ତ ବାସୁଦେବ ମନ୍ଦିର

# ପ୍ରସାଦ ଭୋଗ ପରମ୍ପରାକୁ ନେଇ ଭିନ୍ନମତ

**■ରୋଷ ଧୂଆଁ ନଷ୍ଟ କରୁଛି ମନ୍ଦିର କାରୁକାର୍ଯ୍ୟ**
**■ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲା ପୂଜାପଣ୍ଡା ନିଯୋଗ**

**ପୁରୁଣା ଭୁବନେଶ୍ୱର , ୨୧।୮( ଡି.ଏନ.ଏ.)**

ପବିତ୍ର ବିନ୍ଦୁସାଗର କୂଳରେ ଅବସ୍ଥିତ ଐତିହ୍ୟ ମନ୍ଦିର ଶ୍ରୀଅନନ୍ତ ବାସୁଦେବ ମନ୍ଦିର ଗଙ୍ଗବଂଶୀୟ ରାଜା ଅନଙ୍ଗ ଭୀମଦେବଙ୍କ କନ୍ୟା ଚନ୍ଦ୍ରିକା ଦେବୀଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ମନ୍ଦିରରେ ରୋଷ ଘରର ଧୂଆଁ ଐତିହ୍ୟ କାରୁକାର୍ଯ୍ୟକୁ ନଷ୍ଟ କରୁଥିବା ବେଳେ ପ୍ରସାଦ ଭୋଗ ପରମ୍ପରା ନାହିଁ ବୋଲି ମଙ୍ଗଳବାର ପୂଜାପଣ୍ଡା ନିଯୋଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ସ୍ୱତନ୍ତ୍ର ପତ୍ର ପ୍ରେରଣ କରାଯାଇଛି। ଏହି ପ୍ରସାଦ ଭୋଗ ପରମ୍ପରାକୁ ନେଇ ଭିନ୍ନମତ ପ୍ରକାଶ ପାଇଛି।

ପୂଜାପଣ୍ଡା ନିଯୋଗ ପତ୍ର ଶାସ୍ତ୍ରମତ ଅନୁସାରେ, ଯେପରି ବ୍ରାହ୍ମଣମାନେ ତାଙ୍କ ଘରର ଗୃହ ଦେବତାଙ୍କୁ ପଶ୍ଚିମମୁଖୀ ଅବସ୍ଥାପିତ କରିଥାନ୍ତି, ସେହିପରି ମନ୍ଦିରର ନିର୍ମାଣ ଚନ୍ଦ୍ରିକା ଦେବୀ ପଶ୍ଚିମ ମୁଖୀ କରି ଶ୍ରୀଅନନ୍ତ ବାସୁଦେବଙ୍କୁ ଅବସ୍ଥାନ କରାଇଥିଲେ। ଶ୍ରୀଅନନ୍ତ ବାସୁଦେବଙ୍କ ମନ୍ଦିରରେ ଲିଙ୍ଗରାଜ ମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପ୍ରଥା ପରମ୍ପରା ବିଧି ବିଧାନ, ନୀତିକାନ୍ତି ନ ଥିବାରୁ ସେଠାରେ କୌଣସି ଅନ୍ନ ଭୋଗର ବ୍ୟବସ୍ଥା ପରମ୍ପରା ନାହିଁ। ସେଠାରେ କେବଳ ଶ୍ରୀଲିଙ୍ଗରାଜ ମନ୍ଦିର ପକ୍ଷରୁ ସକାଳେ ବାଲଭୋଗ ପାଇଁ କୋରାଖଇ ଏବଂ ସନ୍ଧ୍ୟାରେ ଲଡୁଭୋଗ ପାଇଁ ବିରି, ଅଟା ଘିଅ ଖଞ୍ଜା କରାଯାଇଛି। ଉକ୍ତ ଭୋଗକୁ ଲିଙ୍ଗରାଜଙ୍କ ଭୋଗ ମଣ୍ଡପ ଭୋଗ ସରିବା ପରେ ଶ୍ରୀଲିଙ୍ଗରାଜଙ୍କ ସେବାୟତ ଅନନ୍ତ ବାସୁଦେବ ମନ୍ଦିର ଯାଇ ବଲ୍ଲଭ ଭୋଗ କରନ୍ତି। ସେହିପରି ଲିଙ୍ଗରାଜ ମନ୍ଦିରରେ ସନ୍ଧ୍ୟା ଧୂପ ସରିବା ପରେ ଅନୁରୂପ ଭାବେ ଲିଙ୍ଗରାଜଙ୍କ ସେବାୟତ ଏଠାକୁ ଆସି ଲଡୁଭୋଗ କରନ୍ତି। ପରେ ଶ୍ରୀଲିଙ୍ଗରାଜଙ୍କ ବଡସିଂହାର ଧୂପ ହୋଇଥାଏ। ଶ୍ରୀଲିଙ୍ଗରାଜ ଏବଂ ପୁରୀ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ମହାପ୍ରସାଦର ବିଧି ବିଧାନ ରହିଛି। ଅନ୍ୟ କୌଣସି ମନ୍ଦିରରେ ପ୍ରସାଦର ବିଧି ନାହିଁ। ଏହି ଦୁଇ ମନ୍ଦିର ଗର୍ଭଗୃହରେ ଲକ୍ଷ ଲକ୍ଷ ଶାଳଗ୍ରାମ ପୋତାଯାଇ ପବିତ୍ର କରାଯାଇଛି। ଉଭୟ ମନ୍ଦିର ସିଂହଦ୍ୱାର ପୂର୍ବଦିଗକୁ ରହିଛି। ଠାକୁର ମଧ୍ୟ ପୂର୍ବ ମୁଖ୍ୟ ରହିଛନ୍ତି। ଶ୍ରୀଲିଙ୍ଗରାଜ ରୋଷ ଘରର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି। ମାତ୍ର ଅନନ୍ତ ବାସୁଦେବ ମନ୍ଦିରରେ ରୋଷ ଘରର କୌଣସି ବୈଶିଷ୍ଟ୍ୟ ନାହିଁ। କେବଳ ଅଗ୍ନିକୋଣରେ ଚାଳ ଛପର ଘର କରାଯାଇ ରୋଷେଇ କରାଯାଉଛି। ଏଣୁ ଏଠାରେ ପ୍ରସ୍ତୁତ ଅନ୍ନଭୋଗ ପ୍ରସାଦ କି ମହାପ୍ରସାଦ ନୁହେଁ। ଏଠାରେ କୌଣସି ଦେବୀଙ୍କ ମନ୍ଦିର ନ ଥିବାରୁ ପ୍ରସାଦ ଲାଗି ହୋଇ ନ ଥାଏ। ବରଂ ଏଠାରେ ରୋଷ କାର୍ଯ୍ୟ କରାଯାଇ ମନ୍ଦିରର କାରୁକାର୍ଯ୍ୟ ନଷ୍ଟ ଏବଂ ଅବକ୍ଷୟ ହେଉଥିବା ବ୍ରାହ୍ମଣ ନିଯୋଗ ସଭାପତି କାଶୀନାଥ ପୂଜାପଣ୍ଡା କହିଛନ୍ତି। ବ୍ରାହ୍ମଣ ନିଯୋଗ ପକ୍ଷରୁ ଏ ସମ୍ପର୍କିତ ପତ୍ର ଏଏସ୍‌ଆଇ, ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନକୁ ପ୍ରଦାନ କରାଯାଇଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ନିଯୋଗ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ବ୍ରାହ୍ମଣ ନିଯୋଗର ପୂର୍ବତନ ସଭାପତି ଭାଗୀରଥି ମହାସୁଆରଙ୍କୁ ପଚାରିବାରେ ଅନନ୍ତ ବାସୁଦେବ ମନ୍ଦିରରେ ଅନ୍ନଭୋଗ ବହୁ ପୂର୍ବରୁ ରହିଛି। ୧୯୬୨ ରେଭିନ୍ୟୁ ପ୍ଲାନରେ ଏଠାରେ ରୋଷ ଥିବା ଲିଖିତ ଭାବେ ଉଲ୍ଲେଖ ରହିଛି। କପିଳସଂହିତା ୧୪ ଶହ ଶତାବ୍ଦୀର। ଏଥିରେ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ୭ଟି ଯାନିଯାତ୍ରା ଉଲ୍ଲେଖ ଥିବାବେଳେ ବର୍ତ୍ତମାନ ୧୪ଟି ଯାନିଯାତ୍ରା ହେଉଛି। ଏହାର ଅର୍ଥ ନୁହେଁ ଏହି ଯାନିଯାତ୍ରା ସବୁ ଭୁଲ। ଅନନ୍ତ ବାସୁଦେବ ମନ୍ଦିରର ନିର୍ମାଣ ରାଣୀ ଚନ୍ଦ୍ରିକା ଦେବୀ ବିଧବା ଥିବାରୁ ସେ ଶ୍ରୀ ଜଗନ୍ନାଥଙ୍କ ମହାପ୍ରସାଦ ମିଳିବା ଉଦ୍ଦେଶ୍ୟରେ ଅନନ୍ତ ବାସୁଦେବ ମନ୍ଦିରରେ ଅନ୍ନପ୍ରସାଦ ରୋଷ କରାଇ ଠାକୁରଙ୍କ ନୈବେଦ୍ୟ ଲଗାଇ ସେବନ କରୁଥିଲେ। ଅନନ୍ତ ବାସୁଦେବଙ୍କ ପାଖରେ ଶ୍ରୀଲିଙ୍ଗରାଜ ମନ୍ଦିରର ସେବାୟତଙ୍କ ଦ୍ୱାରା ଖେଚୁଡି ଭୋଗ ପାଳି ପୂର୍ବରୁ ରହିଛି ବୋଲି ସେ କହିଛନ୍ତି।



ରାଉରକେଲାରେ ମେଡିକାଲ କଲେଜ ସ୍ଥାପନ ଓ ଅନ୍ୟ କେତେକ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ସାଇକେଲରେ ଆସିଥିବା ଭାଜପା ସମର୍ଥିତ କେତେଜଣ ଯୁବକଙ୍କୁ ମଙ୍ଗଳବାର ନବୀନ ନିବାସ ଯିବା ସମୟରେ ମାଷ୍ଟରକ୍ୟାଣ୍ଟିନ ଛକରୁ ପୋଲିସ ଗିରଫ କରିନେଉଛି।

## ଶାନ୍ତି ପ୍ରତିଷ୍ଠା ଓ ଦ୍ୱନ୍ଦ୍ୱ ପରିଚାଳନା ତାଲିମ

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)**

ସୋସାଇଟି ଫର୍ ନେଚର୍, ଏଜୁକେଶନ୍ ଆଣ୍ଡ ହେଲ୍‌ଥ(ସ୍ନେହ) ଦ୍ୱାରା ଶାନ୍ତି ପ୍ରତିଷ୍ଠା ଓ ଦ୍ୱନ୍ଦ୍ୱ ପରିଚାଳନା ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଭିଆଇପି ଏରିଆ ଅଫିସ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ୩ଟି ମହାବିଦ୍ୟାଳୟର ୩୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଆଜିକାଲି ଶିକ୍ଷାନୁଷ୍ଠାନରେ ଯେଉଁଭଳି ବ୍ୟାପକ ହିଂସାକାଣ୍ଡ ଘଟୁଛି ଏବଂ ଯୁବସମାଜ ଏଥିରେ ସକ୍ରିୟ ଭାବେ ଯୋଗଦେଉଛନ୍ତି ତାହା ଉଦ୍‌ବେଗର ବିଷୟ। ଛାତ୍ରମାନେ କିଭଳି ବିଭିନ୍ନ ଦ୍ୱନ୍ଦ୍ୱର ସମାଧାନ କରି ସମାଜରେ ଶାନ୍ତିପ୍ରତିଷ୍ଠା କରିପାରିବେ ତାହା ଉପରେ ତାଲିମ ପ୍ରଦାନ କରାଯାଇଥିଲା। କଲିକତାର ମେନୋନାଇଟ୍ ସେଣ୍ଟ୍ରାଲ କମିଟି (ଏମ୍‌ସିସି) ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମକୁ ଏମ୍‌ସିସିର ବରିଷ୍ଠ ପ୍ରକଳ୍ପ ଅଧିକାରୀ କୁମାରୀ ମଞ୍ଜୁଳା ପଟ୍ଟନାୟକ ପରିଚାଳନା କରିଥିଲେ। ଯୁବ ସାମାଜିକ କର୍ମୀଙ୍କୁ ଭବିଷ୍ୟତରେ ଜଣେ ଜଣେ ଶାନ୍ତିଦୂତ ଭାବେ ଗଢ଼ିବାକୁ ଆଗାମୀ ଦିନରେ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ କରାଯିବ ବୋଲି ଅନୁଷ୍ଠାନର ଉପଦେଷ୍ଟା ସୁବାସ ଚନ୍ଦ୍ର ପଣ୍ଡା ଜଣାଇଛନ୍ତି।

## ରାଜଧାନୀରେ 'ର୍‌ୟାପିଡୋ' ବାଇକ୍ ଟ୍ୟାକ୍ସି ସେବା

**ଦୈନିକ ବ୍ୟବହାର କରୁଛନ୍ତି ୧ ହଜାର ଯାତ୍ରୀ**

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)**




ଟ୍ୟାକ୍ସି ଭଳି ଏଣିକି ରାଜଧାନୀରେ ଅନ୍‌ଲାଇନ୍ ବାଇକ୍ ସେବା ଉପଲବ୍ଧ ହେଉଛି। ପ୍ଲେ ଷ୍ଟୋରରୁ ଏକ ଆପ୍ଲିକେଶନ ଡାଉନ୍‌ଲୋଡ୍ କରି ସେଥିରେ ଗନ୍ତବ୍ୟ ସ୍ଥଳ ବୁକ୍ କରିବା ମାତ୍ରେ ବାଇକ୍ ଆସି ଆପଣଙ୍କ ପାଖରେ ପହଞ୍ଚିଯିବ। ଅନ୍‌ଲାଇନ୍ ଟ୍ୟାକ୍ସି ଭଳି ଏଥିରେ ମଧ୍ୟ ଯାତ୍ରୀଙ୍କୁ କିଲୋମିଟର ପିଛା ଦେୟ ଦେବାକୁ ପଡ଼ିବ। ରାଜଧାନୀରେ ଏଭଳି ବ୍ୟବସ୍ଥା ଆରମ୍ଭ କରିଛି 'ର୍‌ୟାପିଡୋ', ଯାହାର ନାମ ରହିଛି 'ର୍‌ୟାପିଡୋ ବାଇକ୍ ଟାକ୍ସି'। ଗତ ଦୁଇମାସ ହେଲା ରାଜଧାନୀରେ ଏହି ସୁବିଧା ମିଳିପାରୁଛି। ଏଥିରେ ଚାଳକ ସହିତ ଯାତ୍ରୀମାନଙ୍କ ପାଇଁ ମଧ୍ୟ ହେଲ୍‌ମେଟ୍ ପିନ୍ଧିବାର ବ୍ୟବସ୍ଥା ରହିଛି। ଏଥିପାଇଁ ପ୍ରଥମେ 'ର୍‌ୟାପିଡୋ ବାଇକ୍ ଟାକ୍ସି' ଆପ୍‌କୁ ଡାଉନ୍‌ଲୋଡ୍ କରି ନିଜ ଫୋନ୍ ନମ୍ବରକୁ ପଞ୍ଜୀକୃତ କରିବାକୁ ପଡ଼ିବ। ଅନ୍‌ଲାଇନ୍ ଟ୍ୟାକ୍ସି ଭଳି ଏଥିରେ ସମାନ ସୁବିଧା ରହିଛି। ଏ ନେଇ ର୍‌ୟାପିଡୋର ଭୁବନେଶ୍ୱର ସିଟି ହେଡ୍ ଶିବାଶିଷ ରଥ କୁହନ୍ତି, ର୍‌ୟାପିଡୋ ପକ୍ଷରୁ ଭାରତରେ ପ୍ରାୟ ୧୫ଟି ସହରରେ ଏଭଳି ସୁବିଧା ପ୍ରଦାନ କରାଯାଉଛି। ବର୍ତ୍ତମାନ ଭୁବନେଶ୍ୱରରେ ଏହି ସେବା ଆରମ୍ଭ କରାଯାଇଛି। ଆମ ପାଖରେ ଏବେ ୩୦୦ ବାଇକ ରହିଛି। ଆଗକୁ ବାଇକ୍ ସଂଖ୍ୟା ବଢ଼ାଇବା ଯୋଜନା ରହିଛି। ପ୍ରତିଦିନ ପ୍ରାୟ ଏକ ହଜାର ଯାତ୍ରୀ ଏହାକୁ ବ୍ୟବହାର କରୁଛନ୍ତି। ଚାଳକମାନଙ୍କୁ ନିଯୁକ୍ତି ମିଳିବା ସହିତ ଯାତ୍ରୀମାନଙ୍କୁ ମଧ୍ୟ ସୁବିଧା ମିଳିପାରୁଛି। ପ୍ରଥମ ଥର ଯିଏ ଯାତ୍ରା କରିବ ତାଙ୍କ ପାଇଁ ଫ୍ରି ଥାଏ। ଏଥିସହିତ ଯାତ୍ରୀମାନଙ୍କ ପାଇଁ ଦୁର୍ଘଟଣାଜନିତ ୩ଲକ୍ଷ ଟଙ୍କାର ବୀମା ସୁବିଧା କରାଯାଇଛି। ଯଦି ବାଇକ୍‌ରେ ଯାତ୍ରା କରିବାବେଳେ ରାସ୍ତାରେ ଦୁର୍ଘଟଣା ଘଟେ, ତେବେ ଆହତଙ୍କ ପାଇଁ କମ୍ପାନୀ ଟଙ୍କା ଖର୍ଚ୍ଚ କରିବ।

## ୧୦ ମୁଖ୍ୟ ଡ୍ରେନ୍‌ର ସର୍ଭେ ଆରମ୍ଭ

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)**

ସହରରେ ଥିବା ୧୦ ମୁଖ୍ୟ ଡ୍ରେନ ଉପରେ ଏବଂ ପାର୍ଶ୍ୱରେ ଥିବା ଜବରଦଖଲର ସର୍ଭେ ଆରମ୍ଭ ହୋଇଛି। ଡ୍ରେନ ନମ୍ବର ୪, ୭ ଏବଂ ୧୦ରେ ସର୍ଭେ କରାଯାଇ ଜବରଦଖଲ ଉଚ୍ଛେଦ କରାଯାଉଛି। ଗତ କିଛିଦିନ ହେଲା ୪ ନମ୍ବର ଡ୍ରେନର ଜୟଦେବବିହାର ନିକଟରେ ଜବରଦଖଲ ଉଚ୍ଛେଦ ଚାଲିଛି। ବିଏମସି ଓ ବିଡିଏର ଏନଫୋର୍ସମେଣ୍ଟ ଟିମ୍ କେତେକ କୋଠାଘର ଭାଙ୍ଗିଛନ୍ତି। ବିଡିଏର ଅତିରିକ୍ତ କମିଶନର ତଥା ଏନଫୋର୍ସମେଣ୍ଟ ଟିମ ସଦସ୍ୟ ଭବାନୀ ଶଙ୍କର ଚଇନି କୁହନ୍ତି ୪, ୭ ଏବଂ ୧୦ ନଂ. ଡ୍ରେନ ଉପରେ ଥିବା ସମସ୍ତ ଜବର ଦଖଲକୁ ଉଚ୍ଛେଦ କରାଯିବ। ଏସବୁ ଡ୍ରେନ ଉପରେ ଓ ପାର୍ଶ୍ୱରେ ଜବରଦଖଲ ଥିବାରୁ ବର୍ଷା ଜଳ ଡ୍ରେନକୁ ନିଷ୍କାସିତ ହୋଇପାରୁ ନ ଥିଲା। ଫଳରେ ଏହି ଡ୍ରେନଗୁଡିକ ଦେଇ ଯାଇଥିବା ଅଞ୍ଚଳଗୁଡିକରେ ଜଳବନ୍ଦୀ ସମସ୍ୟା ଦେଖାଯାଉଥିଲା। ତେବେ ଜବରଦଖଲ ଉଚ୍ଛେଦ କରାଯିବା ଦ୍ୱାରା ବର୍ଷା ପାଣି ଜମିବ ନାହିଁ ବୋଲି ଆଶା କରାଯାଉଥିବା ଚଇନି କହିଛନ୍ତି। ଅପରପକ୍ଷରେ ବିଏମସିର ଡ୍ରେନେଜ ଡିଭିଜନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଦୀପ ସାଗର ଦୁରିଆ କହିଛନ୍ତି, ୪ ନଂ. ଡ୍ରେନର କିଛି ଅଂଶ ୫, ୬ ଏବଂ ୭ ନମ୍ବର ଡ୍ରେନର ସର୍ଭେ ଚାଲିଛି। ଏସବୁ ଡ୍ରେନ ବାହାରିଥିବା ସ୍ଥଳରୁ ଗଙ୍ଗୁଆ ଓ ଦୟାନଦୀରେ ମିଶିଥିବା ସ୍ଥଳ ପର୍ଯ୍ୟନ୍ତ ସର୍ଭେ କରାଯିବ। ଯେଉଁଠାରେ ଜବରଦଖଲ ଥିବ ସେସବୁ ଉଚ୍ଛେଦ କରିବା ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଦୁରିଆ କହିଛନ୍ତି।

ସୂଚନାଯୋଗ୍ୟ, ଅସରାଏ ବର୍ଷା ହେଲେ ରାଜଧାନୀ ଜଳମଗ୍ନ ହୋଇପଡୁଛି। ଜବରଦଖଲ ସମସ୍ୟା ଯୋଗୁ ୧୦ଟି ମୁଖ୍ୟ ଡ୍ରେନରେ ବର୍ଷା ପାଣି ଠିକ୍ ଭାବେ ନିଷ୍କାସନ ହୋଇପାରୁ ନ ଥିବାରୁ ଏଭଳି ଅବ୍ୟବସ୍ଥା ସୃଷ୍ଟି ହେଉଛି। ଫଳରେ ବିଏମସି ଏବଂ ବିଡିଏ ପକ୍ଷରୁ ଡ୍ରେନଗୁଡ଼ିକ ଉପରେ ଥିବା ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯାଇଛି। ଏଥିପାଇଁ ଡ୍ରେନଗୁଡ଼ିକର ସର୍ଭେ କରିବା ଲାଗି ବିଏମସି ଡ୍ରେନେଜ ଡିଭିଜନର ଇଞ୍ଜିନିୟର ଏବଂ କେତେଜଣ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି।

## ଝୁଲଣ କୁଞ୍ଜରେ ରାଧାକୃଷ୍ଣ

**ପୁରୀ ଅଫିସ, ୨୧।୮**

ଆକାଶରେ ମେଘ ଖଣ୍ଡର ଅପରୂପ ଶୋଭା। ଅନ୍ୟପଟେ ମହୋଦଧିର ନୀଳ ଜଳରାଶି ଦେଇ ଶିରି ଶିରି ବହୁଛି ମନ୍ଦ ମଳୟ। ଏମିତି ଏକ ମନଲୋଭା ପରିବେଶରେ ଶ୍ରୀକ୍ଷେତ୍ରର ମଠ, ମନ୍ଦିର ହୋଇପଡିଛି ଉତ୍ସବମୁଖର। ଝୁଲଣ କୁଞ୍ଜର ଗହଳ ଲତା ଭିତରେ ମିଳିତ ହେଉଛନ୍ତି ରସରାଜ ଶ୍ରୀକୃଷ୍ଣ ଆଉ ରାସେଶ୍ୱରୀ ଶ୍ରୀରାଧା। ଶ୍ରାବଣ ବାରିଧାରାରେ ଅନୁଷ୍ଠିତ ହେଉଛି ରାଧାକୃଷ୍ଣଙ୍କ ବର୍ଷାକାଳୀନ ରାସୋତ୍ସବ ଝୁଲଣ ଯାତ୍ରା। ପୁରୀର ବିଭିନ୍ନ ମଠ, ମନ୍ଦିରରେ ଆରମ୍ଭ ହୋଇଛି ଏହି ଯାତ୍ରା। ଆଧ୍ୟାତ୍ମିକ ପରିବେଶରେ ବିଭୋର ହୋଇପଡୁଛନ୍ତି ବୈଷ୍ଣବ ଭକ୍ତ। ଝୁଲଣ କୁଞ୍ଜରେ ବସି ଦୋଳି ଖେଳୁଛନ୍ତି ରାଧାକୃଷ୍ଣ। ବିଶେଷକରି ଶ୍ରୀକ୍ଷେତ୍ରର ଜଗନ୍ନାଥ ବଲ୍ଲଭ, ଉତ୍ତର ପାର୍ଶ୍ୱ, ଶ୍ୟାମକୁଞ୍ଜ, ରାଧାବଲ୍ଲଭ ପ୍ରଭୃତି ମଠରେ ମହାସମାରୋହରେ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ନାମ ସଂକୀର୍ତ୍ତନରେ ଉଚ୍ଛୁଳି ପଡୁଛି ମଠ, ମନ୍ଦିର ପରିବେଶ। ଠାକୁରଙ୍କୁ କୁଞ୍ଜରେ ଦେଖି ଭାବବିହ୍ୱଳ ହୋଇପଡୁଛନ୍ତି ଭକ୍ତ। ସେହିପରି ବିଭିନ୍ନ ମଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଉଛି।



ଜଗନ୍ନାଥବଲ୍ଲଭ ମଠରେ ସୁସଜ୍ଜିତ ଝୁଲଣ କୁଞ୍ଜରେ ରାଧାକୃଷ୍ଣ।

## ପ୍ଲାଷ୍ଟିକ୍ ମୁକ୍ତ ହେବ ନୟାପଲ୍ଲୀ ବ୍ରିଟ୍ କଲୋନୀ

**ଭୁବନେଶ୍ୱର,୨୧।୮**

ରାଜ୍ୟ ସରକାରଙ୍କ ପ୍ଲାଷ୍ଟିକ୍‌ମୁକ୍ତ ଭୁବନେଶ୍ୱର ଯୋଜନାକୁ ଦୃଷ୍ଟିରେ ରଖି ନୟାପଲ୍ଲୀ ବ୍ରିଟ୍ କଲୋନି ଉନ୍ନୟନ କମିଟି ପକ୍ଷରୁ ବ୍ୟାପକ ଯୋଜନା ପ୍ରସ୍ତୁତ କରାଯାଇଛି। ଯୋଜନା ଅନୁସାରେ କଲୋନିକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ୍ ମୁକ୍ତ କରାଯିବ। ଏଥିପାଇଁ ଆସନ୍ତା ସେପ୍ଟେମ୍ବର ୨୫ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସପ୍ତାହେ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରାଯିବ। କାର୍ଯ୍ୟକ୍ରମ ଅନ୍ତର୍ଗତ କଲୋନୀ ମଧ୍ୟରେ ଗଣ ରାଲି, ପ୍ରଚାର ପତ୍ର ବଣ୍ଟନ, ପ୍ରବନ୍ଧ ପ୍ରତିଯୋଗିତା, କର୍ମଶାଳା ଆଦି ଆୟୋଜନ କରାଯିବ। ୭୨ତମ ସ୍ୱାଧୀନତା ଦିବସ ପାଳନ ଅବସରରେ କମିଟି ଏହି ନିଷ୍ପତ୍ତି ଗ୍ରହଣ କରିଛି। ଏହି ଅବସରରେ ସ୍ଥାନୀୟ କର୍ପୋରେଟର ନିଖିଳ କୁମାର ବଳବନ୍ତରାୟ, କମିଟି ସଭାପତି ଅନାଦି ଚରଣ ସାହୁ ଓ ସାଧାରଣ ସମ୍ପାଦକ ସନାତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କଣ୍ଢେଇ ନୃତ୍ୟରେ ସାମାଜିକ ବାର୍ତ୍ତା

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)**

ହିଂସ୍ରକୁ କିପରି ପୋଷା ମନେଇବା, ଏପରି ଏକ ଚମତ୍କାର କାହାଣୀକୁ ନେଇ ଏକ ସୁନ୍ଦର କଣ୍ଢେଇ ନୃତ୍ୟ ମଙ୍ଗଳବାର ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ଇନ୍ଦ୍ରପ୍ରସ୍ଥ ଅଡିଟୋରିୟମ୍‌ରେ ପରିବେଷିତ ହୋଇଥିଲା। ସ୍ପିକ୍ ମାକେ ସଂସ୍ଥାର କଲିକତାସ୍ଥିତ 'ଡଲ୍‌ସ ଥିଏଟର୍' ଦ୍ୱାରା ପରିବେଷିତ କଣ୍ଢେଇ ନୃତ୍ୟ କାର୍ଯ୍ୟକ୍ରମ ସ୍କୁଲର ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କ ପାଇଁ ଆୟୋଜନ କରାଯାଇଥିଲା। ୧୪୦୦ରୁ ଅଧିକ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହିଥିଲେ। କଣ୍ଢେଇମାନଙ୍କ ଦ୍ୱାରା ବିଭିନ୍ନ ସାମାଜିକ ବାର୍ତ୍ତାକୁ ନେଇ ପ୍ରସ୍ତୁତ କରାଯାଇଥିବା ଏହି କାହାଣୀ ସମସ୍ତଙ୍କ ମନକୁ ଛୁଇଁଥିଲା। କଣ୍ଢେଇ ନୃତ୍ୟ ଆଜିକାଲିର ସମାଜରେ ଲୋପ ପାଇବାକୁ ବସିଥିବାବେଳେ 'ଡଲ୍‌ସ ଥିଏଟର୍' ବିଶ୍ୱର ବିଭିନ୍ନ ସହରରେ ଏହା ମାଧ୍ୟମରେ ଦର୍ଶକଙ୍କ ମନୋରଞ୍ଜନ କରିବା ସହ ଅନେକ ସାମାଜିକ ବାର୍ତ୍ତା ପ୍ରଦାନ କରିଆସୁଛି।

## ରାଜ୍ୟ ପୋଲିସ ପକ୍ଷରୁ ସଦ୍‌ଭାବନା ଦିବସ ପାଳିତ

**କଟକ ଅଫିସ, ୨୧।୮**

ରାଜ୍ୟ ପୋଲିସ ପକ୍ଷରୁ ମଙ୍ଗଳବାର ଜାତୀୟ ସଦ୍‌ଭାବନା ଦିବସ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ଯୋଗଦେଇ ସମସ୍ତ ପୋଲିସ ଅଫିସର ଏବଂ କର୍ମଚାରୀମାନଙ୍କୁ ସଦ୍‌ଭାବନା ଶପଥ ପାଠ କରାଇଥିଲେ। ଜାତି, ଧର୍ମ, ଭାଷା ଓ ଅଞ୍ଚଳ ନିର୍ବିଶେଷରେ ଦେଶରେ ସଦ୍‌ଭାବ ଏବଂ ଭାବନାତ୍ମକ ଏକତା ନିମନ୍ତେ କାର୍ଯ୍ୟ କରିବା ସହ ନିଜ ନିଜ ମଧ୍ୟରେ ଥିବା ମତଭେଦକୁ ଆପୋସ ଆଲୋଚନା, ଅହିଂସା ତଥା ବିଧି ବ୍ୟବସ୍ଥା ମାଧ୍ୟମରେ ସମାଧାନ କରିବାକୁ ସେମାନେ ଶପଥ କରିଥିଲେ।



ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ପୋଲିସ ଅଫିସରମାନଙ୍କୁ ସଦ୍‌ଭାବନା ଶପଥ ପାଠ କରାଉଛନ୍ତି।

## ୨୪ରୁ ଓଡ଼ିଶା ବିକାଶ ସମ୍ମିଳନୀ

**■ଯୋଗଦେବେ ୮୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି**
**■ରାଜ୍ୟର ସାମୂହିକ ବିକାଶକୁ ନେଇ ମାନସମନ୍ଥନ**
**■୩ ଦିନରେ ୧୯ ପ୍ରସଙ୍ଗ ଉପରେ ହେବ ଆଲୋଚନା**

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**

ରାଜ୍ୟର ସାମୂହିକ ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସାଜୁଥିବା ଦାରିଦ୍ର୍ୟ, ଅସମାନତା ଭଳି ସମସ୍ୟା ଦୂର କରିବା ଲକ୍ଷ୍ୟରେ ଓଡ଼ିଶା ବିକାଶ ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତା ୨୪ରୁ ୨୬ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀର ଉଦ୍‌ଘାଟନୀ ସମାରୋହ ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହେବ। ଓଡ଼ିଶାର ବିକାଶ ଢାଞ୍ଚା ଓ ଏଥିରେ ଥିବା ସମସ୍ୟାଗୁଡ଼ିକୁ ବୁଝିବା, ତୃଣମୂଳସ୍ତରରେ ଉନ୍ନତିମୂଳକ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନକୁ ନିଶ୍ଚିତ କରିବା ଏବଂ ରହିଥିବା ସମସ୍ୟା ଓ ପ୍ରତିବନ୍ଧକଗୁଡ଼ିକୁ ସରକାରଙ୍କ ପାଖରେ ପହଞ୍ଚାଇବା ଏହି ସମ୍ମିଳନୀର ଆଭିମୁଖ୍ୟ ରହିବ। ଏ ନେଇ ଓଡ଼ିଶା ବିକାଶ ସମ୍ମିଳନୀର ଆୟୋଜକମାନେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଉଦ୍‌ଘାଟନୀ ସମାରୋହରେ ନୀତି ଆୟୋଗ ଉପାଧ୍ୟକ୍ଷ ଡ. ରାଜୀବ କୁମାର ମୁଖ୍ୟବକ୍ତା ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହାସହ ରାଜ୍ୟର ଶାସନ ବ୍ୟବସ୍ଥାରେ ଉପୁଜୁଥିବା ପ୍ରତିବନ୍ଧକ ସମ୍ପର୍କରେ ବିଶଦ ଆଲୋଚନା କରିବା ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ଗୋଷ୍ଠୀସ୍ତରୀୟ ସଙ୍ଗଠନର ନେତୃବୃନ୍ଦ, ନୀତି ନିର୍ଦ୍ଧାରକ ଓ ସମାଜ ବିଜ୍ଞାନୀ ଏଥିରେ ଯୋଗଦେବେ ବୋଲି ସମ୍ମିଳନୀର କେନ୍ଦ୍ରୀୟ ସଂଯୋଜନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶାରେ ଜନଜାତି ସଶକ୍ତୀକରଣ ଓ ବିକାଶ, ବୃଷ୍ଟିପୁଷ୍ଟ କୃଷି, ନିଯୁକ୍ତି ଓ ସ୍ଥାନାନ୍ତର, ଦକ୍ଷତା ଓ ସ୍ୱାବଲମ୍ବୀ ବିକାଶ, ଖାଦ୍ୟ ଓ ପୁଷ୍ଟି ନିରାପତ୍ତା, ସ୍ୱାସ୍ଥ୍ୟ, ଜଳ ପରିମଳ ଓ ପରିଚ୍ଛନ୍ନତା, ବିପର୍ଯ୍ୟୟ ଏବଂ ଜଳବାୟୁ ପରିବର୍ତ୍ତନ ଓ ପ୍ରଭାବ, ବିଦ୍ୟାଳୟ ଶିକ୍ଷା ଓ ଗୁଣାତ୍ମକ ଶିକ୍ଷାଦାନ, ସାମାଜିକ ଉତ୍ତରଦାୟିତ୍ୱ, ଜଙ୍ଗଲ ଓ ପ୍ରାକୃତିକ ସମ୍ବଳ, ନଦୀ ପରିସଂସ୍ଥା, ସହରାଞ୍ଚଳ ସ୍ୱାୟତ୍ତ ଶାସନ, ପଞ୍ଚାୟତିରାଜ ଭଳି ୧୯ଟି ପ୍ରସଙ୍ଗ ଉପରେ ସମ୍ମିଳନୀରେ ଆଲୋଚନା କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସ୍ନେହ ମିଶ୍ର ସୂଚନା ଦେଇଥିଲେ। ୩ ଦିନ ଧରି ଏହି ସମ୍ମିଳନୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ସମାନ୍ତରାଳ ଭାବେ ଅନୁଷ୍ଠିତ ହେବ ବୋଲି ଓଡ଼ିଶା ବିକାଶ ସମ୍ମିଳନୀର ଆବାହକ ଜଗଦାନନ୍ଦ ସୂଚନା ଦେଇଛନ୍ତି। ରାଜ୍ୟର ତୃଣମୂଳସ୍ତରରେ ବିକାଶମୂଳକ କାର୍ଯ୍ୟରେ ଉଦାହରଣ ସୃଷ୍ଟି କରିଥିବା ଅନେକ ସଫଳ କାହାଣୀ ସମ୍ବଳିତ ଏକ ପୁସ୍ତିକା ଏହି ଅବସରରେ ଲୋକାର୍ପଣ କରାଯିବ। ରାଜ୍ୟ ଏବଂ ରାଜ୍ୟ ବାହାରୁ ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେବା କାର୍ଯ୍ୟକ୍ରମ ରହିଥିବା ଆୟୋଜକଙ୍କ ପକ୍ଷରୁ ପ୍ରମିଳା ସ୍ୱାଇଁ, ମାନସ ମିଶ୍ର, ବିକାଶ ପତି, ଭାରତୀ ଚକ୍ର, ସୁଦର୍ଶନ ଦାସ, ଅସୀମା ଚୌଧୁରୀ, ସନ୍ଦୀପ ପଟ୍ଟନାୟକ ପ୍ରମୁଖ ସୂଚନା ଦେଇଛନ୍ତି।

## ଦୁର୍ଗାପୂଜା ସମିତିର ନୂତନ କର୍ମକର୍ତ୍ତା ନିର୍ବାଚିତ

**କଟକ ରୋଡ,୨୧।୮(ଡି.ଏନ୍‌.ଏ )**

ଝାରପଡ଼ା ଦୁର୍ଗାପୂଜା ସମିତିର ରବିବାର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ସଭାପତିଭାବେ ଶିଖରଚନ୍ଦ୍ର ଜେନା, ଉପସଭାପତି ଚନ୍ଦ୍ରମଣି ପ୍ରଧାନ, ପ୍ରତାପ ଚନ୍ଦ୍ର ମିଶ୍ର, ସୁଧାଂଶୁ ଶେଖର ଶ୍ରୀଚନ୍ଦନ, ପୂର୍ଣ୍ଣଚନ୍ଦ୍ର ଜେନା, ମୁସାରଫ ଖାନ, ସଞ୍ଜୀବ କୁମାର ହରିଚନ୍ଦନ, ସାଧାରଣ ସମ୍ପାଦକ ଧରଣୀଧର ଜେନା, ଆବାହକ ଶ୍ରୀଧର ଜେନା, ସଙ୍ଗଠନ ସମ୍ପାଦକ ଦିଲୀପ କୁମାର ଜେନା, କୋଷାଧ୍ୟକ୍ଷ ଶ୍ରୀନିବାସ ସାମନ୍ତରାୟ, ସହ କୋଷାଧ୍ୟକ୍ଷ ଏନ. ଜତି, ସହ ସମ୍ପାଦକ ଶରତ ଚନ୍ଦ୍ର ପ୍ରଧାନ, ଅରୁଣ କୁମାର ଜେନା, ଶ୍ରୀଧର ମାର୍ଥା, ସୁଶାନ୍ତ କୁମାର ମଙ୍ଗରାଜ, ସୁବ୍ରତ କୁମାର ନାୟକ, ସୁଶାନ୍ତ କୁମାର ନାୟକ, କଲି ମୁଦ୍ଦିନ ଖାନ ଓ ଆଇନ ପରାମର୍ଶଦାତା ଭାବେ ଅଭୟ କୁମାର ଶତପଥି, ସୌମ୍ୟକାନ୍ତ ବେହେରା ନିର୍ବାଚିତ ହୋଇଛନ୍ତି। ପୂଜା ସମିତିର ବରିଷ୍ଠ ଉପଦେଷ୍ଟା ରଞ୍ଜିତ କୁମାର ରାୟ ନିର୍ବାଚନ ପରିଚାଳନ କରିଥିଲେ।



ଅପରିଣାମଦର୍ଶିତାର ଫଳ ସର୍ବଦା ବିଷମୟ ହୋଇଥାଏ।
-ସେନେକା



## ସଂକ୍ଷେପରେ

### କୁଏଟରୁ ଓଡ଼ିଆ ଶ୍ରମିକଙ୍କ ମୃତଦେହ ଫେରିଲା

**ଖୋର୍ଦ୍ଧା ଅଫିସ,୨୧।୮:** କୁଏଟ୍‌ରୁ ଓଡ଼ିଆ ଶ୍ରମିକ ସନ୍ତୋଷ ପ୍ରଧାନ(୩୬)ଙ୍କ ମୃତଦେହ ଖୋର୍ଦ୍ଧା ଜିଲା ବାଣପୁର ଥାନା ଆଙ୍କୁଲାପଦର ଗାଁକୁ ମଙ୍ଗଳବାର ଫେରିଛି। ପ୍ରାୟ ୧୦ ମାସ ପୂର୍ବେ କୁଏଟ୍ ଯାଇଥିବା ସନ୍ତୋଷଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହକୁ ଏକ ପରିତ୍ୟକ୍ତ ଘରୁ କୁଏଟ୍ ପୋଲିସ କିଛିଦିନ ତଳେ ଉଦ୍ଧାର କରିଥିଲା। ତେବେ ଏହା ହତ୍ୟା କିମ୍ବା ଆତ୍ମହତ୍ୟା ସ୍ପଷ୍ଟ ହୋଇପାରିନାହିଁ। ପରିବାର ସଦସ୍ୟଙ୍କ ଅନୁରୋଧକ୍ରମେ କମ୍ପାନୀ କର୍ତ୍ତୃପକ୍ଷ ସେଠାରେ କାର୍ଯ୍ୟରତ ବାଣପୁର ସାପହନ୍ତୁଆଡ ଗ୍ରାମର ଦେବାଶିଷ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସନ୍ତୋଷଙ୍କ ମୃତଦେହ ପଠାଇଛନ୍ତି। ସନ୍ତୋଷଙ୍କ ମୃତ୍ୟୁର ଠିକ୍ କାରଣର ତଦନ୍ତ କରାଯିବା ସହ ବକେୟା ପ୍ରାପ୍ୟ ପାଇବା ପାଇଁ ସ୍ତ୍ରୀ ଓ ମା' ଜିଲା ପ୍ରଶାସନ ସହ ଲୋକ ପ୍ରତିନିଧିମାନଙ୍କୁ ଅନୁରୋଧ କରିଛନ୍ତି।

### କେରଳ ବନ୍ୟା ବିପର୍ଯ୍ୟୟ ସହଯୋଗ ପାଇଁ ଆରଏସ୍ଏସ୍‌ର ନିବେଦନ

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)-** କେରଳରେ ଏକ ବଡ଼ ଭୟଙ୍କର ବନ୍ୟା ଭାବେ ବିପର୍ଯ୍ୟୟ ଆସିଛି। ବନ୍ୟା ବିଭୀଷିକାରେ ଶତାଧିକ ଲୋକ ମୃତ୍ୟୁବରଣ କରିଛନ୍ତି। ଲକ୍ଷ ଲକ୍ଷ ଲୋକ ବାସହରା ହୋଇଛନ୍ତି। ଏବେ ମଧ ଲକ୍ଷାଧିକ ଲୋକ ବିଭିନ୍ନ ସ୍ଥାନରେ ଅଟକି ରହିଛନ୍ତି। କେରଳ ଆଜି ଏକ ଭୟଙ୍କର ସଙ୍କଟର ସାମ୍ନା କରୁଛି। ଅନେକ ବାଧା ଭିତରେ ବି ସେନା, ରାଷ୍ଟ୍ରୀୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥା, ରାଜ୍ୟ ଓ କେନ୍ଦ୍ର ସରକାର ବନ୍ୟାରୁ ମୁକ୍ତି ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲୁ ରଖିଛନ୍ତି। ଏଥିସହ ସାଧାରଣ ଜନତା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଅନେକ ସାମାଜିକ, ଧାର୍ମିକ ଓ ସ୍ୱୟଂସେବୀ ସଂସ୍ଥା ସମୂହ ଜୀବନକୁ ବାଜି ଲଗାଇ କାମରେ ଲାଗିଛନ୍ତି। ଏ ସମସ୍ତଙ୍କର ଚେଷ୍ଟା ବାସ୍ତବରେ ପ୍ରସଂଶନୀୟ। କିନ୍ତୁ ସଙ୍କଟ ଏବେ ବି ଟଳିନାହିଁ, ସାଧନ ସୀମିତ ଅଛି। ଏହି ଅବସରରେ ଦେଶର ସମସ୍ତ ଧାର୍ମିକ, ସାମାଜିକ ସେବା ଅନୁଷ୍ଠାନ ସହ ସାଧାରଣ ଜନତା ଏ ପ୍ରକାର ସଙ୍କଟ ସମୟରେ କେରଳବାସୀଙ୍କୁ ସହାୟତା କରନ୍ତୁ ଓ ସହଯୋଗ ପାଇଁ ହାତ ବଢ଼ାନ୍ତୁ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହକାର୍ଯ୍ୟବାହ ସୁରେଶ ଭାୟାଜୀ ଯୋଷୀ ସମସ୍ତଙ୍କୁ ନିବେଦନ କରିଛନ୍ତି।

### ଗଣମାଧ୍ୟମର ପ୍ରଭାବ ସବୁବେଳେ ରହିଛି

**ଭୁବନେଶ୍ୱର,୨୧।୮(ବ୍ୟୁରୋ)-** ଛାପା ଗଣମାଧ୍ୟମରୁ ଆରମ୍ଭ କରି ଡିଜିଟାଲ ଗଣମାଧ୍ୟମ ପର୍ଯ୍ୟନ୍ତ, ସର୍ବଦା ଏହାର ପ୍ରଭାବ ଆମ ସମାଜ ଓ ସଂସ୍କୃତି ଉପରେ ରହିଆସିଛି। ସାମାଜିକ ତଥା ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ଗଣମାଧ୍ୟମ ସବୁବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସାମ୍ପ୍ରତିକ ସମାଜରେ ମଧ ଏହାର ପ୍ରଭାବ ରହିଛି ବୋଲି ସାମ୍ବାଦିକ ରାଜାରାମ ଶତପଥୀ କହିଛନ୍ତି। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ମଦନପୁର କ୍ୟାମ୍ପସ୍‌ରେ ଆୟୋଜିତ ବକ୍ତୃତାମାଳା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଥିଲେ। ବିଶ୍ୱବିଦ୍ୟାଳୟ ସଭାକକ୍ଷରେ କଲଚର୍ ଷ୍ଟଡିଜ୍ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତପଥୀ 'ସମକାଳୀନ ସମାଜ ଏବଂ ସଂସ୍କୃତି ଉପରେ ଗଣମାଧମର ପ୍ରଭାବ' ଶୀର୍ଷକ ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ସମାଜ ଓ ସଂସ୍କୃତି ସହ ଗଣମାଧ୍ୟମର ସମ୍ପର୍କ ବିଷୟରେ ଉଲ୍ଲେଖ କରିବା ସହିତ ଏହାକୁ ଅତି ସହଜ ଏବଂ ସରଳ ଭାଷାରେ ବୁଝାଇଥିଲେ। କାର୍ଯ୍ୟକ୍ରମ ଶେଷରେ ସେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅଧାପିକା, ଅଧାପକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. କମଳାକାନ୍ତ ମିଶ୍ର ସଭାରେ ପୌରୋହିତ୍ୟ କରି ନିଜ ଅଭିଭାଷଣରେ ବହୁ ପ୍ରାଚୀନ କାଳରୁ ଗଣମାଧମ ରହିଥିବା କହିଥିଲେ। ଏଥିସହ ଏହା ସମାଜକୁ କିଭଳି ପ୍ରଭାବିତ କରିଛି, ସେ ସମ୍ପର୍କରେ ମତ ରଖିଥିଲେ। ଶିଳାଲେଖରୁ ଆରମ୍ଭ କରି ଆଜିର ଡିଜିଟାଲ ଯୁଗ ପର୍ଯ୍ୟନ୍ତ, ସବୁଠି ଗଣମାଧମ ରହିଛି। ଏହାର ଇତିହାସ ବହୁତ ପୁରୁଣା ବୋଲି କୁଳପତି କହିଥିଲେ। ଅନ୍ୟତମ ଅତିଥି ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଣବ ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କୁଳସଚିବ ଡ. ସୁମନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କଲଚର୍ ଷ୍ଟଡିଜ୍ ବିଭାଗ ଅଧାପକ ଡ. ଆଶିଷ ମହାପାତ୍ର ଧନ୍ୟବାଦ ଦେଇଥିବା ବେଳେ ଛାତ୍ର ବିଶ୍ୱଜିତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

■ ମହଙ୍ଗା ପଡ଼ିଲା ବିଦେଶୀ ଯୁବକଙ୍କ ସହ ପ୍ରେମ

# ଗିଫ୍ଟ ପ୍ୟାକେଟ୍ ନାଁରେ ୪୦ ଲକ୍ଷ ଠକେଇ

**ସାଇବର ଥାନାର ଦ୍ୱାରସ୍ଥ ହେଲେ ଯୁବତୀ**

**କଟକ ଅଫିସ, ୨୧।୮**

ଫେସବୁକ୍‌ରେ ଯୋଡିହେଲା ସମ୍ପର୍କ। ପ୍ରଥମେ ବନ୍ଧୁତ୍ୱ କ୍ରମଶଃ ପ୍ରେମ ସମ୍ପର୍କରେ ପରିଣତ ହେଲା। ନିବିଡ ହେବା ପରେ ଯୁବତୀଙ୍କ ବିଶ୍ୱାସକୁ ଆହୁରି ଦୃଢ଼ କରିବା ପାଇଁ ବିବାହ ସହ କାହିଁ କେତେ କ'ଣ ପ୍ରତିଶ୍ରୁତି ଦେଲେ ବିଦେଶୀ ଯୁବକ। ଶେଷରେ ବହୁ ମୂଲ୍ୟବାନ ଗିଫ୍ଟ ପଠାଇବା ବାହାନାରେ ଯୁବତୀଙ୍କଠାରୁ କୌଶଳରେ ଠକିନେଲେ ୪୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା। ଏମିତି ଏକ ହାଇପ୍ରୋଫାଇଲ୍ ଠକେଇର ଶିକାର ହୋଇଛନ୍ତି ଭୁବନେଶ୍ୱରର ଜଣେ ବ୍ୟବସାୟୀଙ୍କ ଝିଅ। ମଙ୍ଗଳବାର ସେ କ୍ରାଇମବ୍ରାଞ୍ଚ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ଦଫା ୪୧୯, ୪୨୦, ୩୪ ଏବଂ ଆଇଟି ଆକ୍ଟ ୬୬-ଡିରେ ଏକ ମାମଲା(୧୭/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ୨୦୧୭ରେ ଡେଭିଡ୍ ଓସ୍କାର ନାମକ ଜଣେ ଇଂଲଣ୍ଡର ଯୁବକଙ୍କ ସହ ଫେସବୁକ୍‌ରେ ଉକ୍ତ ଯୁବତୀଙ୍କ ସମ୍ପର୍କ ସ୍ଥାପନ ହୋଇଥିଲା। ଯୁବକ ଜଣକ ନିଜକୁ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ବୋଲି ପରିଚୟ ଦେବା ସହ କୋଟି କୋଟି ଟଙ୍କାର ସମ୍ପତ୍ତି ଥିବା କହିଥିଲେ। ପରେ ବିଭିନ୍ନ ସୋସିଆଲ୍ ମିଡିଆ ଓ ଫୋନ୍ ମାଧ୍ୟମରେ ଦୁହେଁ ସମ୍ପର୍କକୁ ବଢ଼ାଇଥିଲେ। ପ୍ରତିଦିନ କଥାବର୍ତ୍ତା ହେଉଥିଲେ। ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏପରିକି ଦୁହେଁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଗତ ଜୁଲାଇ ମାସରେ ଯୁବକ ଜଣକ ଯୁବତୀଙ୍କ ଜନ୍ମ ଦିନରେ କିଛି ଗିଫ୍ଟ ପ୍ୟାକେଟ୍ ପଠାଇଥିବା ତାଙ୍କୁ କହିଥିଲେ। ଉକ୍ତ ପ୍ୟାକେଟରେ ଲାପଟପ୍, ସୁନା ଗହଣା, ମୋବାଇଲ ଫୋନ୍ ସହ ୩୫ ହଜାର ପାଉଣ୍ଡ ଟଙ୍କା ଅଛି ବୋଲି ସେ କହିଥିଲେ। ଏହାର କିଛି ଦିନ ପରେ ଏକ ଅଜଣା ଫୋନ୍ ନମ୍ବରରୁ ଯୁବତୀଙ୍କ ପାଖକୁ କଲ୍ ଆସିଥିଲା। କଲ୍ କରିଥିବା ଜଣେ ଯୁବକ କାର୍ଗୋ କମ୍ପାନୀର ଏଜେଣ୍ଟ ବୋଲି ପରିଚୟ ଦେଇ ଇଂଲଣ୍ଡରୁ ଏକ ଗିଫ୍ଟ ପ୍ୟାକେଟ ଆସିଥିବା କହିଥିଲେ। ଉକ୍ତ ଗିଫ୍ଟ ପ୍ୟାକେଟ୍ ଦିଲ୍ଲୀ ବିମାନ ବନ୍ଦରରେ ରହିଛି, ଏହାକୁ ନେବାକୁ ହେଲେ ୧୦ ଲକ୍ଷ ଟଙ୍କା ଜମା କରିବାକୁ କହି ଏକ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦେଇଥିଲେ। ଟଙ୍କା ଜମା କରିବାର ୧୫ ଦିନ ମଧ୍ୟରେ ଗିଫ୍ଟ ପହଞ୍ଚିବ ବୋଲି ଉକ୍ତ ଏଜେଣ୍ଟ ଜଣକ କହିଥିଲେ। ଏହିପରି ଭାବେ ୧୦ ଦିନ ମଧ୍ୟରେ ୪ଥର ଗିଫ୍ଟ ପ୍ୟାକେଟ୍ ଆସିଥିବା କହି ଉକ୍ତ ଏଜେଣ୍ଟ ଜଣଙ୍କ ଫୋନ୍ କରିଥିଲେ। ଯୁବତୀ ଜଣକ ମୂଲ୍ୟବାନ ଗିଫ୍ଟ ପାଇବା ଆଶାରେ ମୋଟ ୪୦ ଲକ୍ଷ ୧୩ ହଜାର ୨୦୦ ଟଙ୍କା ଜମା କରିଥିଲେ। ହେଲେ ଜୁଲାଇ ଶେଷ ସୁଦ୍ଧା କୌଣସି ଗିଫ୍ଟ ଆସି ନ ଥିଲା। ଯୁବତୀ ଜଣକ ଉକ୍ତ ଏଜେଣ୍ଟଙ୍କୁ ଫୋନ୍ କରି ପଚାରିବାରୁ ସେ ସମୟ ଗଡ଼ାଇ ଚାଲିଥିଲେ। ଗତ କିଛିଦିନ ହେବ ଉକ୍ତ ଏଜେଣ୍ଟଙ୍କ ଫୋନ୍ ନମ୍ବର ସୁଇଚ୍‌ଅଫ୍ ରହିବାରୁ ଯୁବତୀ ଜଣକ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଲେ।

# ଡକାୟତି ଯୋଜନା ପଣ୍ଡ, ୪ ଗିରଫ





ଗିରଫ ୪ ଡକାୟତ।

**ଜଟଣୀ,୨୧।୮(ଡି.ଏନ.ଏ.)**

ଡକାୟତି ଯୋଜନା କରୁଥିବା ବେଳେ ଜଟଣୀ ଥାନା ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ସ୍ଥାନୀୟ ରେଡଙ୍ଗ କଲୋନୀସ୍ଥିତ ଏକ ପଡ଼ିଆରୁ ସୋମବାର ବିଳମ୍ବିତ ରାତିରେ ଏମାନଙ୍କୁ ଧରାଯାଇଛି। ଗିରଫ ୪ ଅଭିଯୁକ୍ତହେଲେ ଶେକ୍ ରାଜାଉଲ୍ଲା(୧୯), ଇମାମ୍ ଖାନ୍ ଓରଫ୍ ଆଶିକ୍ (୨୧), ଶଙ୍କର ଦାସ ଓରଫ ପଣ୍ଡି(୨୩) ଓ ମହେଶ୍ୱର ଦାସ(୧୯)। ସେମାନଙ୍କଠାରୁ ୬ଟି ବୋମା, ଦୁଇଟି ଖଣ୍ଡା, ଲୁହାରଡ, ଦୁଇଟି ବାଇକ୍, ୫ଟି ମୋବାଇଲ ଫୋନ ଜବତ କରାଯାଇଛି। ଚଢ଼ାଉ ସମୟରେ ଉପସ୍ଥିତ ଥିବା ଜଣେ ଅପରାଧୀ ତଥା ବ୍ରାଉନ୍‌ସୁଗାର ବେପାରୀ ଖସିଯିବାରେ ସକ୍ଷମ ହୋଇଥିବା ଇନ୍ସପେକ୍ଟର ସଞ୍ଜୀବ ମହାନ୍ତି କହିଛନ୍ତି। ଗିରଫ ଅଭିଯୁକ୍ତମାନେ ବିଭିନ୍ନ ଆପରାଧିକ ମାମଲାରେ ପୂର୍ବରୁ ସମ୍ପୃକ୍ତ ଥିବା ପୋଲିସ କହିଛି।



ରାଶନକାର୍ଡ଼ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ମଙ୍ଗଳବାର ଏଡିଏମ୍‌ଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ଜାଗମରା ଗ୍ରାମର ମହିଳାମାନେ।

■ ପ୍ରେମରେ ବିଫଳ ହେବାରୁ

# ଫେସ୍‌ବୁକରେ ମିଥ୍ୟା ଆକାଉଣ୍ଟ ଖୋଲି ନାବାଳିକାଙ୍କୁ ବ୍ଲାକମେଲ

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)**

ପ୍ରେମରେ ବିଫଳ ହେବାରୁ ଜଣେ ଯୁବକ ନାବାଳିକାଙ୍କ ନାମରେ ଫେସ୍‌ବୁକରେ ମିଥ୍ୟା ଆକାଉଣ୍ଟ ଖୋଲି ତାଙ୍କୁ କଲଗର୍ଲ ଦର୍ଶାଇ ବ୍ଲାକମେଲ କରିଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ଖଣ୍ଡଗିରି ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖିଛି। ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ପୋଲିସ ଘଟଣାର ଆପୋସ ସମାଧାନ କରିବାକୁ ପ୍ରବର୍ତ୍ତାଉଥିବା ନାବାଳିକାଙ୍କ ପରିବାର ଲୋକେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ଖଣ୍ଡଗିରି ଥାନା ଅଧୀନ ଡୁମୁଡୁମା ଅଞ୍ଚଳର ସମ୍ପୃକ୍ତ ନାବାଳିକା ଦଶମ ଶ୍ରେଣୀରେ ପଢୁଥିବାବେଳେ ଅଭିଯୁକ୍ତ ଜଣକ ତାଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ। ପରେ ତାଙ୍କୁ ପ୍ରେମ ନିବେଦନ କରିଥିଲେ। ନାବାଳିକା ଜଣକ ତାଙ୍କୁ ବାରଣ କରିଥିଲେ। ଏଥିରେ ଯୁବକ ଜଣକ ପ୍ରତିଶୋଧ ପରାୟଣ ହୋଇ ତାଙ୍କ ନାମରେ ଫେସ୍‌ବୁକରେ ଏକ ଆକାଉଣ୍ଟ ଖୋଲିଥିଲେ। ସେଥିରେ ତାଙ୍କ ଫଟୋ ଏବଂ ଫୋନ ନମ୍ବର ଦେଇଥିଲେ। ୫୦୦ ଟଙ୍କା ଦେଇ ଇଚ୍ଛୁକ ବ୍ୟକ୍ତିମାନେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଉକ୍ତ ନମ୍ବରରେ ଯୋଗାଯୋଗ କରିବା ଲାଗି ପୋଷ୍ଟ କରିଥିଲେ। ଏପରି କି ଅଭିଯୁକ୍ତ ଜଣକ ତାଙ୍କ ପରିବାରର ମହିଳାଙ୍କ ନାମ ଉଲ୍ଲେଖ କରି ୧୫ରୁ ଅଧିକ ଅଶ୍ଳୀଳ ପୋଷ୍ଟ କରିଥିଲେ। ନାବାଳିକା ଏବଂ ତାଙ୍କ ପରିବାର ଲୋକଙ୍କୁ ବିଭିନ୍ନ ନମ୍ବରରୁ କଲ୍ ଆସିବା ପରେ ଘଟଣା ବିଷୟରେ ସେମାନେ ଜାଣିବାକୁ ପାଇଥିଲେ। ଏ ନେଇ ଗତ ୯ତାରିଖରେ ପରିବାର ପକ୍ଷରୁ ଖଣ୍ଡଗିରି ଥାନା ଏବଂ ପରେ ମହିଳା ଥାନାରେ ଅଭିଯୋଗ କରାଯାଇଥିଲା। କୌଣସି ସୁଫଳ ନ ମିଳିବାରୁ ସେମାନେ କଟକ ସାଇବର ଥାନାରେ ଅଭିଯୋଗ କରିଥିଲେ। ସାଇବର ଥାନା ପୋଲିସ ଅଭିଯୁକ୍ତଙ୍କ ମୋବାଇଲ ନମ୍ବର ଟ୍ରେସ କରି ଖଣ୍ଡଗିରି ଥାନାକୁ ଜଣାଇଥିଲା। ଏହାପରେ ପୋଲିସ ଅଭିଯୁକ୍ତଙ୍କୁ ଧରି ଥାନାରେ ଅଟକ ରଖିଛି। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏ ସମ୍ପର୍କରେ ଜାଣିବା ଲାଗି ଥାନା ଅଧିକାରୀ ହିମାଂଶୁ ସ୍ୱାଇଁଙ୍କୁ ଫୋନ କରି ଯୋଗାଯୋଗ କରାଯିବାକୁ ଉଦ୍ୟମ ହୋଇଥିଲେ ମଧ ସେ ତାହାର ଉତ୍ତର ଦେଇ ନ ଥିଲେ।

# ଓଏଲକ୍ସରେ ବୋଲେରୋ ବିକ୍ରି ନାଁରେ ୪ଲକ୍ଷ ଠକେଇ

**ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର, ୨୧।୮(ଡି.ଏନ.ଏ.)**

ଓଏଲକ୍ସରେ ବୋଲେରୋ ବିକ୍ରି ନାଁରେ ଗାଡ଼ି ମାଲିକ ଜଣେ ଗ୍ରାହକଙ୍କଠାରୁ ୪ ଲକ୍ଷ ଟଙ୍କା ଠକେଇ କରିଛନ୍ତି। ଏ ନେଇ ଠକେଇର ଶିକାର ହୋଇଥିବା ନବରଙ୍ଗପୁର ଅଞ୍ଚଳର ଦିନେଶ ବିଶ୍ୱାଳ ଧଉଳି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଥିବାବେଳେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।

ସୂଚନା ମୁତାବକ, ଦିନେଶ ଗତ ଜୁନରେ ଓଏଲକ୍ସରେ ଏକ ବୋଲେରୋ ବିକ୍ରି ହେବା ନେଇ ବିଜ୍ଞାପନ ଦେଖିଥିଲେ। ବିଜ୍ଞାପନରେ ଦିଆଯାଇଥିବା ଫୋନ ନମ୍ବର ସହ ସେ ଯୋଗାଯୋଗ କରିଥିଲେ। ଉକ୍ତ ବୋଲେରୋ ମାଲିକ ନିର୍ମଳ ସାହୁ ଗାଡ଼ି ବିକ୍ରି କରିବା ପାଇଁ କହିଥିଲେ। ଗାଡିର ମୂଲ୍ୟ ସ୍ଥିର କରିବା ପାଇଁ ଦିନେଶଙ୍କୁ ଭୁବନେଶ୍ୱର ଡାକିଥିଲେ। ଦିନେଶ ନବରଙ୍ଗପୁରରୁ ଆସି ଧଉଳିର ଏକ ଲଜରେ ରହିଥିଲେ। ମୂଲଚାଲ ପରେ ଗାଡିର ମୂଲ୍ୟ ୫ ଲକ୍ଷ ୭୦ ହଜାର ଟଙ୍କାରେ ସ୍ଥିର ହୋଇଥିଲା। ପ୍ରଥମେ ଦିନେଶ ୪ଲକ୍ଷ ଟଙ୍କା ଦେବେ ବୋଲି କହିଥିଲେ। ଗାଡିର ମାଲିକାନା ବଦଳିବା ପରେ ଅବଶିଷ୍ଟ ଟଙ୍କା ଦେବେ ବୋଲି କହିଥିଲେ। ଏହାପରେ ଜୁନ ପ୍ରଥମ ସପ୍ତାହରେ ଦିନେଶ ନଗଦ ଦୁଇ ଲକ୍ଷ ୮୦ହଜାର ଟଙ୍କା ଦେଇଥିବା ବେଳେ ନିର୍ମଳଙ୍କ ଆକାଉଣ୍ଟକୁ ୧ଲକ୍ଷ ୨୦ ହଜାର ଟଙ୍କା ଦେଇଥିଲେ। ଏହିଭଳି ସେ ପ୍ରାୟ ୪ଲକ୍ଷ ଟଙ୍କା ଦେଇଥିଲେ। ଟଙ୍କା ଦେବା ପରେ ଗାଡି ମାଲିକ ତାଙ୍କୁ ଗାଡି ନେଇଯିବା ପାଇଁ କହିଥିଲେ। ଦିନେଶ ଗାଡି ଘରକୁ ନେଇଯାଇଥିଲେ। କିଛିଦିନ ପରେ ଗାଡିର ମାଲିକାନା ଦିନେଶଙ୍କ ନାମକୁ ପରିବର୍ତ୍ତନ ହେଲାନାହିଁ। ଶେଷରେ ନିର୍ମଳ ଭୁବନେଶ୍ୱର ଗାଡି ଆଣିଲେ ମାଲିକାନା ପରିବର୍ତ୍ତନ ହେବ ବୋଲି କହିଥିଲେ। ଦିନେଶ ବାଧ୍ୟ ହୋଇ ଜୁନ ୨୧ରେ ଗାଡି ଆଣି ଭୁବନେଶ୍ୱର ଆସିଥିଲେ। ଗାଡି ମାଲିକ ତାଙ୍କୁ ଗାଡି କିଛିଦିନ ତାଙ୍କ ପାଖରେ ରହିବା ପରେ ମାଲିକାନା ପରିବର୍ତ୍ତନ ହେବ ବୋଲି କହିଥିଲେ। ଏହାସହ ତାଙ୍କ ଡ୍ରାଇଭରଙ୍କୁ କହି ଦିନେଶଙ୍କୁ ନେଇ ତାଙ୍କ ଘରେ ଛାଡିଆସିଥିଲେ। ପରବର୍ତ୍ତୀ ସମୟରେ ଗାଡି ମାଲିକ ନିର୍ମଳ ଆଉ ଗାଡ଼ି ଫେରାଇ ନ ଥିଲେ କି ମାଲିକାନା ପରିବର୍ତ୍ତନ କରି ନ ଥିଲେ। ଫଳରେ ଦିନେଶ ଏ ନେଇ ଧଉଳି ଥାନାରେ ଅଭିଯୋଗ କରିଛନ୍ତି।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ବାଲିଅନ୍ତା,୨୧।୮(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲାପାଳଙ୍କ ବାଲିଅନ୍ତା ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ବ୍ଲକ କାର୍ଯ୍ୟାଳୟ ସମ୍ମିଳନି କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଉପସ୍ଥିତ ରହି ଲୋକମାନଙ୍କ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୧୪୨ଟି ଅଭିଯୋଗ ମଧ୍ୟରୁ ୧୩୫ଟି ବ୍ୟକ୍ତିଗତ ଥିବା ବେଳେ ୭ଟି ଅଭିଯୋଗ ସାମୂହିକ ରହିଥିଲା। ଏହି ଅବସରରେ ଜିଲାପାଳ ୨ଜଣ ବ୍ୟକ୍ତିଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୨୩ହଜାର ଟଙ୍କା ଏବଂ ୫ଜଣଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୧୯ହଜାର ଟଙ୍କାର ସହାୟତା ରାଶି ଚେକ୍ ପ୍ରଦାନ କରିଥିଲେ। ସେହିପରି ୧୬ଜଣ ହିତାଧିକାରୀଙ୍କୁ ନୂତନ ଭାବେ ମାସିକ ଭତ୍ତା ବାବଦ ଅର୍ଥ ବଣ୍ଟନ କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ମିଶ୍ର, ବିଡିଓ ରଶ୍ମିରେଖା ପ୍ରଧାନ, ତହସିଲଦାର ଅକ୍ଷୟ କୁମାର ରାଉତ, ବ୍ଲକ ଅଧକ୍ଷା ସୁଚିତ୍ରା ଜେନାମଣି, ଏବିଡିଓ ରାମକୃଷ୍ଣ ସାହୁ, ଜୋନ୍-୪ ଏସିପି ଅମରେନ୍ଦ୍ର ପଣ୍ଡା, ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀ, ବାଲିଅନ୍ତା ଥାନା ଅଧିକାରୀ ମନୋଜ ସ୍ୱାଇଁଙ୍କ ସହ ଜିଲା ଓ ବ୍ଲକସ୍ତରୀୟ ବହୁ ଅଧିକାରୀ ଯୋଗଦେଇଥିଲେ।

# ଧର୍ମବିହାର ସରସ୍ୱତୀ ବିଦ୍ୟାମନ୍ଦିରର ଜ୍ଞାନବିଜ୍ଞାନ ମେଳା

**ଭାଗନେଲେ ୩୨୦ ପ୍ରତିଯୋଗୀ**

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**



ବିଜ୍ଞାନ ପ୍ରଦର୍ଶନୀକୁ ଛାତ୍ରୀଛାତ୍ର ବୁଲି ଦେଖୁଛନ୍ତି।

ବରମୁଣ୍ଡା ଧର୍ମବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବୈଜ୍ଞାନିକ ତଥା ଓୟୁଏଟିର ପୂର୍ବତନ ଡିନ୍ ଦିଲୀପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମେଳାରେ ବିଦ୍ୟାଳୟର ୩୨୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ୧୫୧ଜଣ ଶିଶୁ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିବା ବେଳେ ୧୬୯ଜଣ ଶିଶୁ ଅନ୍ୟାନ୍ୟ ବିଭାଗରେ ଅଂଶଗ୍ରହଣ କରିଥିଲେ। କମଳା ନେହେରୁ ମହିଳା ମହାବିଦ୍ୟାଳୟର ଗଣିତ ଅଧାପକ ରମାକାନ୍ତ ମହାପାତ୍ର ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଅଧିବେଶନରେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ପରିଚାଳନା କମିଟି ସଭାପତି ନିରଞ୍ଜନ ନାୟକ, କୋଷାଧକ୍ଷ ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଶଶିଭୂଷଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଓଝା ଧନ୍ୟବାଦ ଦେଇଥିଲେ। ଗୁରୁମା ମଧୁସ୍ମିତା ମିଶ୍ରଙ୍କ ସମେତ ଅନୁଷ୍ଠାନର ଗୁରୁମା, ଗୁରୁଜୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କେରଳ ବନ୍ୟା ବିପନ୍ନଙ୍କ ପାଇଁ ସହାୟତାର ହାତ ବଢ଼ାଇଲେ ଛାତ୍ରୀଛାତ୍ର

**ବାରଙ୍ଗ, ୨୧।୮(ଡି.ଏନ୍.ଏ.)**

ପଟିଆସ୍ଥିତ ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର କେରଳ ବନ୍ୟାବିପନ୍ନଙ୍କ ପାଇଁ ସହାୟତାର ହାତ ବଢ଼ାଇଛନ୍ତି। ଏହି ଉଦ୍ଦେଶ୍ୟରେ ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ କଲେଜ ଅଧକ୍ଷ ପ୍ରଶାନ୍ତ ରାଉତ, ଅଧାପିକା ଶାର୍ଗୀ ବାନାର୍ଜୀ, ଅଧାପକ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କେରଳବାସୀଙ୍କୁ ଏଭଳି ଦୁର୍ଦ୍ଦିନରେ ସହାୟତା କରିବାକୁ ଛାତ୍ରୀଛାତ୍ର ଆଗେଇ ଆସିବା ପ୍ରଶଂସନୀୟ ବୋଲି କହିଥିଲେ। ନବପ୍ରଭାତ, ପିଣ୍ଟୁ, ବର୍ଷା, ରୋଜି, ସୋନାଲି, ରାହୁଲ, ଦେବାଶିଷ, ମଳୟ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଅନ୍ୟ କେତେଜଣ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇ ମହାବିଦ୍ୟାଳୟର ଅଧାପିକା, ଅଧାପକ, ଛାତ୍ରୀଛାତ୍ର ଏବଂ କର୍ମଚାରୀମାନଙ୍କଠାରୁ ଦାନ ଅର୍ଥ ସଂଗ୍ରହ କରୁଛନ୍ତି।





କେରଳ ବନ୍ୟାବିପନ୍ନଙ୍କୁ ସାହାଯ୍ୟ ନିମନ୍ତେ ଆଗେଇ ଆସିଥିବା ଛାତ୍ରୀଛାତ୍ର।

# ଖଣି ପୋତିଲେ, ଗଛ ଲଗାଇଲେ

**ଗାଁ ଲୋକେ ବନ୍ଦ କରାଇଲେ ବେଆଇନ ଖଣିଖନନ**

**ଖୋର୍ଦ୍ଧା ଅଫିସ,୨୧।୮**

ଖୋର୍ଦ୍ଧା ଜିଲା ଟାଙ୍ଗୀ ତହସିଲ ରାମଚନ୍ଦ୍ରପୁର ପଞ୍ଚାୟତର ଝରିଆ ଗାଁରେ ଆଉ ଖଣି ମାଫିଆଙ୍କ ରାଜୁତି ଚାଲୁନି। ଗାଁଲୋକ ଏକଜୁଟ୍ ହୋଇ ବେଆଇନ ଖଣିଖନନକୁ ବନ୍ଦ କରାଇ ଦେଇଛନ୍ତି। ଏପରି କି ଗାଁ କମିଟି ନିଷ୍ପତ୍ତି ଅନୁସାରେ ଖଣି ପୋତା ଆରମ୍ଭ ହୋଇଛି। ଏକ ୨୫ ଫୁଟର ଖଣିକୁ ଗାଁ ଲୋକ ସୋମବାରଠାରୁ ପୋତିବା ଆରମ୍ଭ କରି ଗଛ ଲଗାଇଛନ୍ତି। ସ୍ଥାନୀୟ ଗ୍ରାମବାସୀଙ୍କ ପ୍ରୟାସ ସ୍ୱାଗତଯୋଗ୍ୟ। ଯାହାକି ଜିଲାର ଅନ୍ୟ ବାସିନ୍ଦାଙ୍କ ପାଇଁ ସେମାନେ ମାର୍ଗଦର୍ଶକ ହେବେ।

ଖୋର୍ଦ୍ଧା ଜିଲା ପ୍ରଶାସନ ମାଙ୍କଡା ପଥର ଖଣିକୁ ଲିଜ ଦେବା ପ୍ରାୟ ୬ ବର୍ଷ ହେଲା ବନ୍ଦ କରି ଦେଇଛନ୍ତି। ଏହାଦ୍ୱାରା ଖୋର୍ଦ୍ଧା ଜିଲାର ବିଭିନ୍ନ ଗାଁ ସମେତ ଝରିଆ ଗାଁର ଆଖପାଖ ଅଞ୍ଚଳରେ ଖଣି ମାଫିଆଙ୍କ ଉତ୍ପାତ ବଢ଼ି ଚାଲଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଲୋକ ଦେଖାଣିଆ ଚଢ଼ାଉ ଏହାକୁ ରୋକି ପାରୁନି। ବେଆଇନ ଖଣି ଖନନ ରୋଜଗାରର ମାଧ୍ୟମ ପାଲଟିଛି। ଏଠାର ସରକାରୀ ଜମିରେ ବେଆଇନ ଭାବେ ଖଣି ଖନନ ଚାଲିଥିଲା। ସେହିପରି ବେସରକାରୀ ଭାବେ କବଲତି ପ୍ଲଟରେ ଜମି ମାଲିକଙ୍କୁ ହାତ କରି ପଥର ଖନନ ଚାଲିଥିଲା। ଗାଁର ଆଖପାଖ ଅଞ୍ଚଳରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଖଣି ପୋଖରୀ ସୃଷ୍ଟି ହୋଇ ସାରିଥିଲା। ସେହିପରି ବହୁ ସ୍ଥାନରେ ଛୋଟ ଛୋଟ ଖଣି ମଧ ସୃଷ୍ଟି ହୋଇଛି। ଖଣି ପୋଖରୀରେ ଗୃହପାଳିତ ପଶୁ ତ କେତେବେଳେ ମଣିଷ ପଡି ପ୍ରାଣ ହରାଉଛନ୍ତି। ଗାଁଲୋକ ଖଣି ମାଫିଆଙ୍କୁ ପ୍ରତିବାଦ କଲା ପରେ ସୁଫଳ ମିଳି ନ ଥିଲା। ଏପରିକି ତହସିଲଦାର, ଉପଜିଲାପାଳ, ଜିଲାପାଳଙ୍କ ନିକଟରେ ଖଣି ମାଫିଆଙ୍କ ବିରୋଧରେ ଅଭିଯୋଗ ପରେ ବି ସୁଫଳ ମିଳି ନ ଥିଲା। ବରଂ ଖଣିମାଫିଆମାନେ ଟାର୍ଗେଟ କରି ଅଭିଯୋଗକାରୀଙ୍କୁ ମାରପିଟ୍ ଓ ବିଭିନ୍ନ ପ୍ରକାରର ହଇରାଣ କରି ଆସୁଥିଲେ। ଶେଷରେ ଗାଁଲୋକ ଏକଜୁଟ୍ ହୋଇଛନ୍ତି। ପଥର ମାଫିଆକୁ ଖଣି ଖନନ ନ କରିବାକୁ ଚେତାବନୀ ଦେଲେ। ନିଜ ଜମିରେ ଆଉ ଖଣି ଖନନ କରିବାକୁ ମାଫିଆକୁ ଦେବେନାହିଁ ବୋଲି ନିଷ୍ପତ୍ତି ନେଲେ। ପରେ ଖଣି ପୋତି ଗଛ ଲଗାଇବା କାର୍ଯ୍ୟ ସୋମବାରଠାରୁ ଆରମ୍ଭ କରିଛନ୍ତି। ଏ ନେଇ ଟାଙ୍ଗୀ ତହସିଲଦାର ଆଶିଷ ଜେନା କୁହନ୍ତି, ଝରିଆ ଗାଁର ଲୋକେ ଖଣିଖନନକୁ ବିରୋଧ କରି ପୋତିବା ଓ ଗଛ ଲଗାଇବା କାର୍ଯ୍ୟକୁ ତହସିଲ ପକ୍ଷରୁ ସ୍ୱାଗତ କରାଯାଇ ସହଯୋଗ କରାଯାଇଛି। ସେମାନଙ୍କର ଅଭିନବ କୌଶଳକୁ ତହସିଲର ବିଭିନ୍ନ ଅଞ୍ଚଳରେ କରାଯିବ। ତେବେ ସରକାରୀ ଅନୁଦାନକୁ ଦେଖି ଏହି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।



ଝରିଆ ଗାଁ ଲୋକେ ପଥର ଖଣିକୁ ପୋତୁଛନ୍ତି।



ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।

- ଭଗବତୀ ଚରଣ ପାଣିଗ୍ରାହୀ



## ସଂକ୍ଷେପରେ

### ବିଲ ମଝିରୁ ଗାଈକୁ ଟାଣିନେଲା କୁମ୍ଭୀର

ରାଜନଗର, ୨୧।୮ (ଡି.ଏନ୍.ଏ.)- କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ କୁମ୍ଭୀରଙ୍କ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଲେଣି। ଏହି ବ୍ଲକ ଅନ୍ତର୍ଗତ ଡାଙ୍ଗମାଳ ପଞ୍ଚାୟତର ତ୍ରିଲୋଚନପୁର ଗ୍ରାମରୁ ମଙ୍ଗଳବାର ଏକ ଗାଈକୁ କୁମ୍ଭୀର ଟାଣି ନେଇଛି। ଗ୍ରାମର ବିମଳ ଜେନା ତାଙ୍କ ଗାଈକୁ ନାଳ ପାଖରେ ଥିବା ବିଲରେ ବାନ୍ଧି ଥିଲେ। ଗାଈଟି ବିଲରେ ଚରୁଥିବା ବେଳେ ହଠାତ୍ ଏକ ୨୦ ଫୁଟ ଲମ୍ବର କୁମ୍ଭୀର ବିଲ ମଝିକୁ ଆସି ତାକୁ ପାଣିକୁ ଟାଣି ନେଇଥିଲା। ସ୍ଥାନୀୟ ଲୋକେ ଏହା ଦେଖିଥିଲେ ମଧ କୁମ୍ଭୀର ଭୟରେ ଗାଈକୁ ରକ୍ଷା କରିବାକୁ ସାହସ ଜୁଟାଇ ପାରି ନ ଥିଲେ। ୬ମାସ ମଧରେ ଏହି ଗାଁର ୩ ବଳଦକୁ କୁମ୍ଭୀର ଟାଣିନେଇଛି। ଏପରି ଘଟଣା ବାରମ୍ବାର ଘଟୁଥିବାରୁ ଲୋକଙ୍କ ମଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

### ଆଗାମୀ ନିର୍ବାଚନ ପୂର୍ବରୁ ତୃଣମୂଳ କଂଗ୍ରେସରେ ନୂଆ ନିଯୁକ୍ତି

ଭୁବନେଶ୍ୱର, ୨୧।୮(ବ୍ୟୁରୋ): ଓଡିଶା ତୃଣମୂଳ କଂଗ୍ରେସ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳର ମିଡିଆ ସେଲ୍ ଅଧକ୍ଷ ଶୁଭ୍ରାଂଶୁ ଶେଖର ପାଢ଼ୀ କହିଛନ୍ତି ଯେ, ୨୦୧୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓ ଜିଲା ଆବାହକଙ୍କ ନାମ ଘୋଷଣା କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଭାବେ ଜ୍ୟୋତିରଞ୍ଜନ ପାଣିଗ୍ରାହୀ, ପ୍ରଦୀପ କୁମାର ମହାଲିକ, ଭଞ୍ଜ ପି ମହାନ୍ତି, ସତ୍ୟବ୍ରତ ପାଢ଼ୀ ଏବଂ ଭରତ ଭୂଷଣ ସେଠୀଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ ଏବଂ କଟକ ଜିଲା ଆବାହକ ଭାବେ ୩ଜଣଙ୍କୁ ନିଯୁକ୍ତି ମିଳିଛି। ୨୦୧୯ରେ ଏକ ସମଭାବାପନ୍ନ ସାମ୍ପ୍ରଦାୟିକମୁକ୍ତ ସାଧାରଣ ଜନତାଙ୍କ ପାଇଁ କାର୍ଯ୍ୟ କରୁଥିବା ଏକ ସରକାର କେନ୍ଦ୍ରରେ ପ୍ରତିଷ୍ଠା ହେବ। ଯାହାର ପ୍ରମୁଖ ଦାୟିତ୍ୱ ତୃଣମୂଳ କଂଗ୍ରେସ ନେବ। ମମତା ବାନାର୍ଜୀଙ୍କ ନେତୃତ୍ୱରେ ବିଭିନ୍ନ ବର୍ଗର ଲୋକ ରାଜ୍ୟରେ ଦଳ ସହ ରହି କାର୍ଯ୍ୟ କରୁଛନ୍ତି। ଆସନ୍ତା ସେପ୍ଟେମ୍ବର ପରଠାରୁ ଦଳରେ ଜିଲାସ୍ତରୀୟ ମିଶ୍ରଣ ପର୍ବ ଆରମ୍ଭ ହେବ। ମମତା ବାନାର୍ଜୀଙ୍କ ନେତୃତ୍ୱରେ ସ୍ୱଇଚ୍ଛାରେ ଯେକୌଣସି ଦଳର ନେତୃତ୍ୱ କିମ୍ବା କର୍ମୀ ଓଡିଶା ତୃଣମୂଳ କଂଗ୍ରେସରେ ଯୋଗଦେଲେ ତାଙ୍କୁ ସ୍ୱାଗତ କରାଯିବ ବୋଲି ପାଢ଼ୀ କହିଛନ୍ତି।

# ସଚିବାଳୟ କର୍ମଚାରୀଙ୍କ ବଦଳି ନିୟମରେ ବ୍ୟତିକ୍ରମ

ଭୁବନେଶ୍ୱର,୨୧।୮(ବ୍ୟୁରୋ)

- ଗୃହ ବିଭାଗର ନୀତିନିୟମ ହୋଇଛି ଅକାମୀ
- ଦୀର୍ଘଦିନ ଧରି ଗୋଟିଏ ବିଭାଗରେ ଅଛନ୍ତି ଅଧିକାରୀ

ରାଜ୍ୟ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ବଦଳି ନିୟମ ଲାଗୁ ହୋଇଥାଏ। ହେଲେ ରାଜ୍ୟର ଅନ୍ୟାନ୍ୟ କର୍ମଚାରୀ ଏହି ନିୟମକୁ ଅନୁପାଳନ କରୁଥିବା ବେଳେ ରାଜ୍ୟ ସଚିବାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେଇଛି। ପ୍ରତିବର୍ଷ ଏପ୍ରିଲରୁ ଜୁନ୍ ମାସ ମଧ୍ୟରେ ଏହି ବଦଳି କାର୍ଯ୍ୟ ହୋଇଥାଏ। ନିହାତି ପ୍ରଶାସନିକ ଆବଶ୍ୟକତା ନ ପଡିଲେ, ଜୁନ୍ ମାସ ପରେ ଆଉ କାହାରିକୁ ସ୍ଥାନାନ୍ତରିତ କରାଯାଇ ନ ଥାଏ। ନିର୍ଦ୍ଦିଷ୍ଟ ବଦଳି ନୀତି ଆଧାରରେ ଡାକ୍ତର, ଯନ୍ତ୍ରୀ, ଜଙ୍ଗଲ ଅଧିକାରୀ, ଶିକ୍ଷକ, ଅଧ୍ୟାପକ, ପୋଲିସ୍ ପ୍ରଭୃତି ଅଧିକାରୀଙ୍କୁ ବଦଳି କରାଯାଇ ନ ଥାଏ। ହେଲେ ଓଡ଼ିଶା ସଚିବାଳୟ ସେବା ବର୍ଗ(ଓଏସ୍ଏସ୍)ର କର୍ମଚାରୀଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ରାଜ୍ୟ ପ୍ରଶାସନରେ ଥିବା ବଦଳି ନିୟମକୁ ସଚିବାଳୟର ବିଭିନ୍ନ ଅଧିକାରୀ ମାନୁ ନ ଥିବା ଜଣାପଡିଛି।

ରାଜ୍ୟର ଅନ୍ୟ ସମସ୍ତ ବର୍ଗର କର୍ମଚାରୀଙ୍କ କ୍ଷେତ୍ରରେ ୬ ବର୍ଷିଆ ବଦଳି ନୀତି କଡାକଡି ଲାଗୁ କରାଯାଉଥିବା ବେଳେ, ସଚିବାଳୟ ସେବା ବର୍ଗ କ୍ଷେତ୍ରରେ ଏହା ପ୍ରୟୋଗ କରାଯାଇନାହିଁ। ଅନେକାଂଶରେ କେତେକ କର୍ମଚାରୀ ଗୋଟିଏ ବିଭାଗରେ ଚାକିରି ଆରମ୍ଭ କରି ସେହି ବିଭାଗରେ ଚାକିରି ଶେଷ କରୁଥିବାର ନଜିର ରହିଛି। ଗୃହ ବିଭାଗର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ଅତୀତରେ ରାଜ୍ୟ ସରକାର ବିଧାନସଭାରେ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ୨୦୦୪ରୁ ଓଏସ୍ଏସ୍‌ଙ୍କ ଆନ୍ତଃ-ବିଭାଗୀୟ ବଦଳି ଆରମ୍ଭ ହେଲା। ହେଲେ ତାହା ମାତ୍ର ୪ ବର୍ଷ ମଧ୍ୟରେ ବନ୍ଦ ହୋଇଗଲା। ୨୦୦୮ରେ ଶେଷଥର ପାଇଁ ନିୟମ ମୁତାବକ ବଦଳି ହୋଇଥିଲା।

ବିଧାନସଭାରେ ଏସଂକ୍ରାନ୍ତରେ ବାରମ୍ବାର ପ୍ରଶ୍ନ ଉଠିବା ପରେ ୨୦୧୬ରେ ଗୃହ ବିଭାଗ ଉକ୍ତ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ବଦଳି ନୀତି ପ୍ରଣୟନ କରିଥିଲା। ଅନ୍ୟ ସମସ୍ତ ବର୍ଗର କର୍ମଚାରୀଙ୍କ ପାଇଁ ୬ ବର୍ଷିଆ ବଦଳି ନୀତି ଥିବାବେଳେ, ଏମାନଙ୍କ ପାଇଁ ୧୦ ବର୍ଷିଆ ନୀତି କରାଗଲା। ନୂଆ ନୀତି ଅନୁଯାୟୀ ପ୍ରତିବର୍ଷ ମେ ମାସରେ ବଦଳି ହେବ, ତାହା ପୁଣି ଆନ୍ତଃବିଭାଗୀୟ। ପ୍ରଶାସନରେ ସ୍ୱଚ୍ଛତା ଆଣିବା, କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ବିଭାଗୀୟ ଦୁର୍ନୀତିକୁ ହ୍ରାସ କରିବା ଏହି ନିୟମର ମୂଳ ଉଦ୍ଦେଶ୍ୟ ରହିଥିଲା। ମିଳିଥିବା ଖବର ଅନୁଯାୟୀ ୨୦୧୬ରୁ ଏଯାବତ୍ ମାତ୍ର ଦୁଇ ଥର ବଦଳି କରି ଗୃହ ବିଭାଗ ଚୁପ୍ ହୋଇ ବସିଯାଇଛି। ଚଳିତ ବର୍ଷ ନିର୍ଦ୍ଧାରିତ ମେ ମାସ ଅତିକ୍ରମ କରି ଅଗଷ୍ଟ ଶେଷ ହେବାକୁ ବସିଲାଣି। ହେଲେ ଗୃହ ବିଭାଗ ବଦଳିର ନାଁ ଧରୁନାହିଁ। ଏହା ପଛରେ କି ପ୍ରକାର ଅମଲାତାନ୍ତ୍ରିକ ଚାପ ରହିଛି, ତାହା ଏବେ ପାୱାର କରିଡରରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଗୃହ ବିଭାଗ ନିଜେ ପ୍ରଣୟନ କରିଥିବା ଆଇନ ଖିଲାପ କରିଥିବା ବେଳେ, କେବେ ଚାପରେ ପଡି ନିର୍ଦ୍ଦିଷ୍ଟ କେତେଜଣ କର୍ମଚାରୀଙ୍କ କ୍ଷେତ୍ରରେ ଏହି ନୀତିକୁ କୋହଳ କରିଛି। ଉଚ୍ଚଶିକ୍ଷା, ଅର୍ଥ, ସ୍ୱାସ୍ଥ୍ୟ, ସାଧାରଣ ପ୍ରଶାସନ ବିଭାଗ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ୧୦ ବର୍ଷରୁ କେତେକ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ହେଲେ ପୂର୍ବ ଆଇନକୁ କଦର୍ଥ କରି ଉକ୍ତ କର୍ମଚାରୀମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଥିବା ନଜରକୁ ଆସିଛି। କେତେକ କ୍ଷେତ୍ରରେ ସଚିବାଳୟ କର୍ମଚାରୀ ସଂଘର ଚାପର ବଶବର୍ତ୍ତୀ ହୋଇ ବଦଳି ନୀତି ବାଟବଣା ହୋଇଥିବା ଉଚ୍ଚଶିକ୍ଷା ବିଭାଗର ଜଣେ ଅମଲା କହିଛନ୍ତି। ଧାରାବାହିକ ଭାବେ ବିଭିନ୍ନ ମହଲରୁ ଏନେଇ ଅଭିଯୋଗ ହେଉଥିଲେ ମଧ୍ୟ, ଗୃହ ବିଭାଗ ବଦଳି ପାଇଁ ସାହସ ଜୁଟାଇ ପାରୁନାହିଁ। ସ୍ୱତନ୍ତ୍ର ବଦଳି ନୀତିର ପ୍ରଣୟନର ମାତ୍ର ଦୁଇବର୍ଷ ମଧ୍ୟରେ ନିୟମକୁ ନାଳିଫିତା ତଳେ ଚାପି ରଖିବା କାରଣ ନେଇ ସମ୍ପୃକ୍ତ ଅଧିକାରୀଙ୍କ ମତାମତ ଆଣିବା ପାଇଁ ଚେଷ୍ଟା କରାଯାଇଥିଲା। ହେଲେ ତାହା ମିଳିପାରି ନ ଥିଲା। ଯଦି ରାଜ୍ୟ ଶାସନର ସର୍ବୋଚ୍ଚ ଦପ୍ତର ସଚିବାଳୟର ଏପରି ଅବସ୍ଥା ହୁଏ, ତେବେ ରାଜ୍ୟରେ ବଦଳି ନୀତି ଅବସ୍ଥା କ'ଣ ତାହା ସହଜରେ ଅନୁମେୟ।

## ସଂଗୃହୀତ ବଉଳା କୁମ୍ଭୀର ଅଣ୍ଡାରୁ ଫୁଟିଲା ଛୁଆ

ରାଜନଗର, ୨୧।୮(ଡି.ଏନ୍.ଏ.)



ଅଣ୍ଡାରୁ ଫୁଟିଥିବା କୁମ୍ଭୀର ଛୁଆ

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ଭିତରକନିକା ଜାତୀୟ ଉଦ୍ୟାନର ବିଭିନ୍ନ ନଦୀନାଳରେ ବସବାସ କରୁଥିବା ବଉଳା କୁମ୍ଭୀରଙ୍କ ଅଣ୍ଡାରୁ ଛୁଆ ଫୁଟିବା ଆରମ୍ଭ ହୋଇଛି। ପ୍ରାକୃତିକ ଉପାୟରେ ବଉଳା କୁମ୍ଭୀର ବସାରୁ ଛୁଆ ଫୁଟିବା ଜାରି ରହିଛି। ଅପରପକ୍ଷେ ରାଜନଗର ବନ ବିଭାଗ ସଂଗ୍ରହ କରିଥିବା ଅଣ୍ଡାରୁ ମଙ୍ଗଳବାର ସୁଦ୍ଧା ୩୬ କୁମ୍ଭୀର ଛୁଆ ଜନ୍ମ ନେଇଛନ୍ତି ବୋଲି ଅତିରିକ୍ତ ବନ ସଂରକ୍ଷକ ସୁବୋଧ କୁମାର ପାତ୍ର ପ୍ରକାଶ କରିଛନ୍ତି। ବନବିଭାଗ ପକ୍ଷରୁ ଭିତରକନିକାର ବିଭିନ୍ନ କୁମ୍ଭୀର ବସାରୁ ୪୦ ଅଣ୍ଡା ସଂଗ୍ରହ କରାଯାଇ କୃତ୍ରିମ ଉପାୟରେ ସେଗୁଡିକର ଯତ୍ନ ନିଆଯାଇଥିଲା ।

ଗତ ମେ ମାସରେ ଏଠାରେ ବସବାସ କରୁଥିବା ବଉଳା କୁମ୍ଭୀରଙ୍କ ପ୍ରଜନନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପରେ ମାଈ କୁମ୍ଭୀରମାନେ ବସା ବାନ୍ଧି ଅଣ୍ଡା ଦେଇଥିଲେ। ଏହାର ୬୦ ଦିନ ପରେ ଉକ୍ତ ଅଣ୍ଡାରୁ ଛୁଆ ଫୁଟିବା ଆରମ୍ଭ ହୋଇଛି। ଚଳିତବର୍ଷ ଭିତରକନିକା ଜାତୀୟ ଉଦ୍ୟାନ ଅଧୀନରେ ଥିବା ୩ଟି ରେଞ୍ଜରୁ ୧୦୧ କୁମ୍ଭୀର ବସା ଚିହ୍ନଟ ହୋଇଥିଲା। କନିକା ରେଞ୍ଜରୁ ୮୫ବସା ଚିହ୍ନଟ ହୋଇଥିବା ବେଳେ ରାଜନଗର ରେଞ୍ଜରୁ ୧୩ ଓ ଗହୀରମଥା ରେଞ୍ଜରୁ ୩ ବସା ଚିହ୍ନଟ କରାଯାଇଥିଲା। ପ୍ରତ୍ୟେକ ବସାରେ ମାଈ କୁମ୍ଭୀରମାନେ ୩୦ରୁ ୪୦ ଅଣ୍ଡା ଦେଇଥିଲେ।

ପ୍ରକାଶ ଯେ, ଚଳିତବର୍ଷ ପ୍ରଥମଥର ପାଇଁ ଜାତୀୟ ଉଦ୍ୟାନରୁ ୪୦ଟି ଅଣ୍ଡା ସଂଗ୍ରହ କରାଯାଇ କୃତ୍ରିମ ଉପାୟରେ ବଂଶବିସ୍ତାର ପାଇଁ ଭୁବନେଶ୍ୱରସ୍ଥିତ ନନ୍ଦନକାନନକୁ ପଠାଯାଇଥିଲା। ସେଥିରୁ ୩୩ ଛୁଆ ଜନ୍ମ ନେଇଥିବା ବନବିଭାଗ ସୂତ୍ରରୁ ପ୍ରକାଶ।

## ପାଣିଟାଙ୍କି ସଫା କଲେ ସ୍କୁଲ ଛାତ୍ର

ଭଦ୍ରକ ଅଫିସ,୨୧।୮

ସ୍ଥାନୀୟ ଜିଲା ସ୍କୁଲ ପରିସରରେ ଥିବା ଏକ ପାଣି ଟାଙ୍କିକୁ ଛାତ୍ରଙ୍କ ଦ୍ୱାରା ମଙ୍ଗଳବାର ସଫା କରାଯିବା ଘଟଣା ପଦାକୁ ଆସିଛି। ସ୍କୁଲରେ ପାଠ ପଢାଯିବା ସମୟରେ କେତେକ ଛାତ୍ର କୋଠା ଛାତ ଉପରକୁ ଚଢି ପାଣିଟାଙ୍କି ସଫା କରୁଥିବା ଦେଖିବାକୁ ମିଳିଥିଲା। ପାଖରେ ଜଣେ ଶିକ୍ଷକ ରହିଥିଲେ। ସ୍ଥାନୀୟ ଲୋକ ଏଭଳି ଘଟଣା ଦେଖି ଏହାର ଫଟୋ ଉଠାଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଲୋକେ ଜମିବାରୁ ସମ୍ପୃକ୍ତ ଶିକ୍ଷକ ଓ ଛାତ୍ରମାନେ ପଳାଇ ଯାଇଥିଲେ। ତେବେ ଛାତ୍ରଙ୍କ ଦ୍ୱାରା ପାଣିଟାଙ୍କି ସଫା କରାଯିବା ଘଟଣା ନେଇ ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ଲଗାଣ ବର୍ଷା କାରଣରୁ ସ୍କୁଲ କୋଠା ଛାତ ସନ୍ତସନ୍ତିଆ ଥିବା ସତ୍ତ୍ୱେ ପ୍ରାୟ ୫ ଜଣ ଛାତ୍ର ପାଣି ଟାଙ୍କି ସଫା କରିବାକୁ ଉପରକୁ ଚଢିଥିଲେ। ପାଣି ଟାଙ୍କି ଭିତରକୁ ଜଣେ ଛାତ୍ର ପଶିଥିବା ବେଳେ ଅନ୍ୟମାନେ ପାଖରେ ରହିଥିଲେ। ୯ମ ଶ୍ରେଣୀରେ ପଢୁଥିବା ଏହି ଛାତ୍ରଙ୍କୁ ଜଣେ ଶିକ୍ଷକ ଛାତ ଉପରକୁ ପଠାଇ ପାଣିଟାଙ୍କି ସଫା କରାଇଥିବା କୁହାଯାଇଛି। ସ୍କୁଲ ନିକଟସ୍ଥ ବଙ୍କସାହି ପଟୁ ଲୋକେ ସେତେବେଳେ ଏହାର ଫଟୋ ଉଠାଇ ନେଇଥିଲେ ମଧ୍ୟ କେହି କିଛି ପ୍ରତିକ୍ରିୟା ପ୍ରକାଶ କରି ନ ଥିଲେ। ତେବେ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିବାରୁ ପାଣିଟାଙ୍କି ସଫା କରୁଥିବା ଛାତ୍ରମାନେ ଛତ୍ରଭଙ୍ଗ ଦେଇଥିଲେ। ଏନେଇ ଜିଲା ସ୍କୁଲ ପ୍ରଧାନଶିକ୍ଷକ ଜଗବନ୍ଧୁ ସାହୁଙ୍କୁ ପଚାରିବାରୁ କହିଛନ୍ତି, ଏଭଳି ଘଟଣା ତାଙ୍କ ଅଗୋଚରରେ ଘଟିଛି । ଏହା ନିନ୍ଦନୀୟ । ଅନୁରୂପ ଭାବେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ତାଙ୍କ ପ୍ରତିକ୍ରିୟାରେ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ଉଲ୍ଲେଖନୀୟ ଯେ, ଗତବର୍ଷ ଭଣ୍ଡାରିପୋଖରୀ ବ୍ଲକରେ ଅନୁରୂପ ଏକ ସ୍କୁଲରେ ଜଣେ ଶିକ୍ଷକ ପିଲାଙ୍କୁ ପାଣିଟାଙ୍କି ସଫା କରିବାକୁ ପଠାଇଥିବା ବେଳେ ଶିଡ଼ିରେ ଗୋଡ ଖସି ଯିବାରୁ ଜଣେ ଛାତ୍ର ଗୁରୁତର ଆହତ ହୋଇଥିଲେ।



ଛାତ ଉପରେ ଥିବା ପାଣିଟାଙ୍କି ସଫା କରୁଛନ୍ତି ଦୁଇ ଛାତ୍ର।

**ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ**

- ପ୍ରଧାନଶିକ୍ଷକ କହିଲେ- ଘଟଣା ନିନ୍ଦନୀୟ

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପ୍ରତିନିଧି ଦଳ

ଭୁବନେଶ୍ୱର, ୨୧।୮(ବ୍ୟୁରୋ): ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧ୍ୟକ୍ଷ କୁମାର ପ୍ରଶାନ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଗାନ୍ଧିଜୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ଗାନ୍ଧିଜୀଙ୍କ ଫଟୋଚିତ୍ର ସମ୍ବଳିତ ଏକ ଭ୍ରାମ୍ୟମାଣ ପ୍ରଦର୍ଶନୀ ରାଜ୍ୟର ସବୁ ବ୍ଲକରେ ଆୟୋଜନ, ତାଙ୍କର ରଚନାବଳୀର ଓଡିଆ ଅନୁବାଦ, ରାଜ୍ୟର ଛାତ୍ରୀଛାତ୍ରମାନଙ୍କୁ ଗାନ୍ଧିଜୀଙ୍କ ଜୀବନୀକଥା ପୁସ୍ତକ ବଣ୍ଟନ ଆଦି ସମ୍ପର୍କରେ ଆଲୋଚନା ହୋଇଛି। ରାଜ୍ୟରେ ଗାନ୍ଧୀ ପ୍ରତିଷ୍ଠାନର ଏକ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ମଧ ଆଲୋଚନା ହୋଇଛି। ଏସବୁ ପ୍ରସ୍ତାବଗୁଡିକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସବୁପ୍ରକାର ସହାୟତା ଓ ସହଯୋଗ ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ପ୍ରତିନିଧି ଦଳକୁ କହିଛନ୍ତି। ଅନୁଗୋଳସ୍ଥିତ ବାଜିରାଉତ ଛାତ୍ରାବାସର ବିଭିନ୍ନ ସମସ୍ୟା ସମ୍ପର୍କରେ କୃଷ୍ଣା ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗାନ୍ଧିଜୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବକୁ ପ୍ରତିନିଧି ଦଳ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ଅବସରରେ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ବଡଚଣା ସ୍ୱାଧିନତା ସଂଗ୍ରାମୀ ନାମକ ଏକ ପୁସ୍ତକ ପ୍ରଦାନ କରିଛନ୍ତି।

## ମୃତ୍ୟୁ ଯାଏ ପହଞ୍ଚିଲାନି ସରକାରୀ ଯୋଜନା

ବଙ୍ଗୋମୁଣ୍ଡା,୨୧।୮(ଡି.ଏନ୍.ଏ.)

- ସହାୟତାକୁ ଚାହିଁଚାହିଁ ଆଖି ବୁଜିଲେ ଅସହାୟ ବୃଦ୍ଧା
- ମୃତ୍ୟୁ ପରେ ପହଞ୍ଚିଲେ ପ୍ରଶାସନିକ ଅଧିକାରୀ
- ଅନାହାର ମୃତ୍ୟୁ ନେଇ ଚର୍ଚ୍ଚା

ଅସହାୟ, ଗରିବ ବୃଦ୍ଧାବୃଦ୍ଧଙ୍କ ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ହେଲେ ବଲାଙ୍ଗୀର ଜିଲାର ଜଣେ ଗରିବ ଅସହାୟ ବୃଦ୍ଧା ୭୨ବର୍ଷରେ ମୃତ୍ୟୁବରଣ କରିଥିଲେ ମଧ କୌଣସି ସରକାରୀ ଯୋଜନା ତାଙ୍କ ନିକଟରେ ପହଞ୍ଚି ପାରି ନ ଥିଲା। ତାଙ୍କୁ ଭତ୍ତା, ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ, ପ୍ରଧାନମନ୍ତ୍ରୀ ଆବାସ ବା ବିଜୁ ପକ୍କା ଘର କିଛି ବି ମିଳି ନ ଥିଲା। ସବୁ ସରକାରୀ ଯୋଜନାକୁ ଚାହିଁଚାହିଁ ମଙ୍ଗଳବାର ଆଖି ବୁଜିଥିବା ଏହି ବୃଦ୍ଧା ହେଉଛନ୍ତି ଜିଲାର ବଙ୍ଗୋମୁଣ୍ଡା ବ୍ଲକ ଗନ୍ଧରାବନ୍ଧ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଯୁଏରପରା ଗ୍ରାମର ମୁଙ୍ଗେରେ ଛୁରା। ସେ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ। ମୃତ୍ୟୁ ପରେ ପରିବାର ଲୋକେ ଗାଁ ଶ୍ମଶାନରେ ମୃତଦେହକୁ ପୋତି ଦେଇ ଅନ୍ତିମ ସଂସ୍କାର କରିଛନ୍ତି। ତେବେ ବୃଦ୍ଧାଙ୍କ ଅନାହାର ମୃତ୍ୟୁ ନେଇ ଚର୍ଚ୍ଚା ହେଉଥିବାବେଳେ ସରକାରୀ କର୍ମଚାରୀ ଏହାକୁ ଅସ୍ୱୀକାର କରିଛନ୍ତି।

୫ବର୍ଷ ତଳେ ମୁଙ୍ଗେରେଙ୍କ ସ୍ୱାମୀ ଦର୍ଜି ଛୁରାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ସନ୍ତାନସନ୍ତତି କେହି ନ ଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ମୁଙ୍ଗେରେ କୁଲିମଜୁରି କରି ଗୁଜରାଣ ମେଣ୍ଟାଉଥିଲେ। କିଛି ମାସ ପୂର୍ବରୁ ଅସୁସ୍ଥ ହୋଇ ପଡିବାରୁ ନିକଟସ୍ଥ ଡୁରେକେଲା ଡାକ୍ତରଖାନାରେ ସେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ହେଲେ ଦୁର୍ବଳ ହୋଇ ପଡିବାରୁ କାମଧନ୍ଦା କରିବାକୁ ଯାଇ ନ ପାରି ଘରେ ଶଯ୍ୟାଶାୟୀ ହେଲେ। ମୁଙ୍ଗେରେ ବିଧବା ଓ ବୃଦ୍ଧା ହୋଇଥିବାବେଳେ ଭତ୍ତା ଯୋଜନାରୁ ବଞ୍ଚିତ ରହିଥିଲେ। ଖାଦ୍ୟସୁରକ୍ଷା କାର୍ଡ ମଧ ତାଙ୍କୁ ମିଳି ନ ଥଲା। ଭଙ୍ଗା ଦଦରା ବଖରାଏ ଘରେ ରହୁଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଥବା ବିଜୁ ପକ୍କା ଘର ଯୋଜନାରେ ଘର ମଧ ମିଳି ନ ଥିଲା। ତାଙ୍କ ଆତ୍ମୀୟ ସ୍ୱଜନଙ୍କ କହିବା ଅନୁସାରେ ରୋଗାକ୍ରାନ୍ତ ଯୋଗୁ ସେ ଘରେ ଶୋଇ ରହୁଥିଲେ। ନିକଟସ୍ଥ ଭାଲୁମୁଣ୍ଡା ଗ୍ରାମରେ ରହୁଥିବା ତାଙ୍କ ନଣନ୍ଦ ସୁରୁ ସୁନା, ପୁତୁରା ଲଛିମ ଛୁରା ପ୍ରମୁଖ ଦେଖାରଖା କରୁଥିଲେ। ତେବେ ଖାଦ୍ୟାଭାବ ଯୋଗୁ ମଙ୍ଗଳବାର ସକାଳେ ମୁଙ୍ଗେରେଙ୍କ ମୃତ୍ୟୁ ହୋଇଥିବା ତାଙ୍କ ନଣନ୍ଦ ସୁରୁ ସୁନା କହିଛନ୍ତି। ମୃତ୍ୟୁ ଖବର ଜଣାପଡିବା ପରେ ଗନ୍ଧରାବନ୍ଧ ସରପଞ୍ଚ ଭଗବାନ ଛୁରା, ନିର୍ବାହୀ ଅଧିକାରୀ ଚିନ୍ତାମଣି ରଣା, ଆଇସିଡିଏସ୍ ସୁପରଭାଇଜର ସୁଷମା ଜାନି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁଇଦିନ ତଳେ ମୁଙ୍ଗେରେଙ୍କୁ ୨୦କେଜି ଚାଉଳ ଦିଆଯାଇଥିବା ସରପଞ୍ଚ ଛୁରା କହିଛନ୍ତି। ସାହିପଡିଶାଙ୍କ କହିବା ଅନୁସାରେ ରୋଗାକ୍ରାନ୍ତ ଥିବା ବେଳେ ମୁଙ୍ଗେରେଙ୍କ ଖାଦ୍ୟ ଖାଇବା କମି ଯାଇଥିଲା। ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଜେମାମଣି ପୁଟେଲ ମୁଙ୍ଗେରେଙ୍କ ମୃତ୍ୟୁ ଖାଦ୍ୟାଭାବ ଜନିତ ନୁହେଁ ବୋଲି କହିଛନ୍ତି। ଗାଁରେ ଥିବା ତାଙ୍କ ଆତ୍ମୀୟ ସ୍ୱଜନ ଖାଦ୍ୟ ଯୋଗାଉଥିବା ସେ କହିଛନ୍ତି । ସ୍ଥାନୀୟ ଅତିରିକ୍ତ ତହସିଲଦାର ଜୟଶ୍ରୀ ରେଡ୍ଡି ପୂର୍ବାହ୍ନରେ ଯୁଏରପରା ଗ୍ରାମକୁ ଯାଇ ବୃଦ୍ଧାଙ୍କ ମୃତ୍ୟୁ ସମ୍ପର୍କରେ ପଚରାଉଚରା କରିଥିଲେ। ଏହି ସମୟରେ ଆଇସିଡିଏସ୍ ସୁପରଭାଇଜର ପଡୋଶୀଙ୍କ ବୟାନ, ସରପଞ୍ଚ ଓ ଅଙ୍ଗନୱାଡି କର୍ମୀଙ୍କ ଲିଖିତ ମତାମତ ସଂଗ୍ରହ କରିଛନ୍ତି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅନ୍ତିମ ସଂସ୍କାର ପାଇଁ ପଞ୍ଚାୟତ ତରଫରୁ ହରିଶ୍ଚନ୍ଦ୍ର ଯୋଜନାରୁ ୨ହଜାର ଟଙ୍କା ଆତ୍ମୀୟ ସ୍ୱଜନଙ୍କୁ ପ୍ରଦାନ କରାଯାଇଛି। ତେବେ ଏହି ବୃଦ୍ଧାଙ୍କ ଖାଦ୍ୟ ଅଭାବରୁ ମୃତ୍ୟୁ ଘଟିଛି ବୋଲି କେହି ସ୍ୱୀକାର ନ କଲେ ମଧ ମୃତ୍ୟୁ ପର୍ଯ୍ୟନ୍ତ ସେ ସବୁ ପ୍ରକାର ସରକାରୀ ଯୋଜନାରୁ ବଞ୍ଚିତ ରହିଥିଲେ ବୋଲି କେହି ଅସ୍ୱୀକାର କରିପାରିବେ ନାହିଁ।


ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

---DIRECT JOINING---
BACK OFFICE / DATA ENTRY / CUSTOMER CARE / BANK TECHNICAL / SURVEY
Qual : Under Matric, 10th, +2, Graduate, ITI, Diploma, B.Tech, MBA, MCA, MSW.
Salary : 5000/- To 30,000/- per month
9114627157, 9078148138

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT 09205194798

REQUIRED
Applications are invited for Field Verification Work of areas at BBSR, CTC, Jharsuguda, Sambalpur, Bargarh, Bolangir, Boudh, Keonjhar & Rayagada.
Forest Park, BBSR
7537000302, 7978752682

WANTED SALES EXECUTIVE: 02 Nos.
Required for LIGHTING COMPANY at Bhubaneswar
12th Pass with One or Two years Experience in Retail Network is preferred. Interested candidates apply with detail Resume at
hrelectronics18@gmail.com
Ph: 9040218060, 9777100869

URGENTLY REQUIRED
ଏକ I.S.O. Certified ନବନିର୍ମିତ କମ୍ପାନୀର ଅଫିସ୍ ପାଇଁ ସାରା ଓଡ଼ିଶାରୁ ଷ୍ଟାଫ୍ ଆବଶ୍ୟକ। ଯୋଗ୍ୟତା: ୮ମରୁ M.B.A., ବୟସ: (୧୮-୩୫) yrs.
Salary: upto 25,000/-.
CUTTACK- 9938954286, 9439740690
BALASORE- 9178671812, 9439410183

SWAN KHADI
A MNC Company deals with HOME CARE, PERSONAL CARE, COSMETICS Required SALES OFFICERS (for all Odisha)
Salary: 15k to 20k + TA + DA + Incentives
FMCG Background Candidates preferred.
BBSR: 8249682173

19 VACANCY IN MNC
Qual.- 10th To Graduation
Age- (18 To 30) Yrs
Monthly Rs.8000/- To Rs.20000/- + Hostel free.
9937042198, 9937172198

DIRECT JOINING
~ CALL CENTER
~ DATA ENTRY
~ TELE CALLER
~ AUTOCAD
~ BACK OFFICE
~ DELIVERY EXE.
Qual. : +2, +3, ITI, Diploma
Salary : Rs.(6500 To 16000)
Age Below 32 years
9853844830, 9937529015

Urgently Required
ଆର୍ୟୁବେଦିକ ମସାଜ ସେଣ୍ଟରରେ କାମ କରିବା ପାଇଁ ଝିଅ, ମହିଳା ଆବଶ୍ୟକ ।
ଖାଇବା ଓ ରହିବା ସୁବିଧା ଅଛି । ଦରମା - 8000/-
Contact : 7751083098
Khandagiri Square, Bhubaneswar

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

REQUIREMENT
➤ Counsellor/Telecaller
➤ Web Designer
➤ Marketing Executive
➤ CCTV CameraTechnician
➤ Office Boy/Peon
Mail CV: utilityservices60@gmail.com
Call: 8984063442 Bhubaneswar

URGENTLY REQUIRED
ଆର୍ୟୁବେଦିକ SPA ସେଣ୍ଟରରେ କାମ କରିବା ପାଇଁ ଝିଅ, ମହିଳା ଆବଶ୍ୟକ ।
ଖାଇବା ସୁବିଧା ଅଛି । ଦରମା : ୬୦୦୦/-
FRONT RECEPTIONIST
Salary : 9000/-
Mob : 9114402303
DAMANA SQUARE, BHUBANESWAR

ଚେନ୍ନାଇରେ ଚାକିରି / ହିନ୍ଦୀ କହିପାରୁଥିବେ / ଫ୍ରେଶର୍ ହୋଇ ନ ଥିବେ/ ସିକ୍ୟୁରିଟି ଗାର୍ଡ / ଅଫିସ୍ ଆସିଷ୍ଟାଣ୍ଟ / କାର ଡ୍ରାଇଭର / ବ୍ୟକ୍ତିଗତ ସେବକ / ରୋଷେୟା / ଘର ସଫେଇବାଲା/ ବେତନ: ୧୪୦୦୦-୨୦୦୦୦।
ଯୋଗାଯୋଗ: ଅଗରୱାଲ, ଏଫ୍ଏଫ୍ଏଫ୍ ଲିଃ,
9884761210

WANTED
For a Photo Lamination & Framing Business House at Bhubaneswar.
1. DRIVER: Candidates should have valid License (LMV & HMV License).
2. SALES EXECUTIVE: Candidates should be +2 Pass or above.
CONTACT NO:
9337170743, 9337170744

ଧରିତ୍ରୀ DHARITRI
is looking for
LAYOUT DESIGNERS
• Minimum 3 years+ experience in news dailies.
• Proficiency in Indesign 11, Photoshop cs3, PageMaker 7.0, CorelDRAW, QuarkXPress is a must.
Apply within 10 days to:
recruitment@dharitri.com
Pay & perks will be the best in the industry for deserving candidates.

The Institute of Chartered Financial Analysts of India University, Odisha
ICFAI® UNIVERSITY
Inviting Applications for the Position of
VICE CHANCELLOR
at Bhubaneswar
www.icfaiuniversity.in
The Institute of Chartered Financial Analysts of India University, Odisha, has been established under The Institute of Chartered Financial Analysts of India University, Odisha Act 5 of 2010.
The University is inviting applications from accomplished academicians for the position of Vice Chancellor. The candidate should be a strategic thinker with substantial experience in academic administration to be based at Bhubaneswar.
Candidates should have Ph.D in any discipline with a minimum of ten years of experience as Professor in a University system or ten years of experience in an equivalent position in a reputed research and / or academic administrative organisation. Selected candidate is expected to provide leadership to faculty and staff and contribute towards strategic and intellectual growth and development of the University.
Candidates may send their applications with detailed resume with complete details of experience, qualifications, and accomplishments with a brief not exceeding 500 words on "*Why the applicant considers himself / herself suitable for the position of Vice Chancellor*". Applications can be sent through e-mail to, spl.officer@icfaiuniversity.in within 10 days from the date of the advertisement.
Campus: The ICFAI University, Odisha, Taraboi, Near IIT Bhubaneswar, Bhubaneswar - 752050, Odisha.

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Part Time / Full Time
Contact: 9938676412

OFFICE STAFF ଆବଶ୍ୟକ
ଭୁବନେଶ୍ୱର Office ପାଇଁ 10th/ above ଯୋଗ୍ୟତା ଥିବା ଯୁବକ ଯୁବତୀ ଆବଶ୍ୟକ। Age: (17-30) yrs. ରହିବାର ସୁବିଧା ଅଛି। Monthly Salary upto Rs.24000/-.
Contact: 9938414918

WALK-IN-INTERVIEW
OUAT, BHUBANESWAR
There will be Walk-in-Interview on 12.09.2018 at 11.00 AM in the Committee Room of Dean of Research for the post of Research Associate in AICRP on LTFE. For details regarding eligibility and salary etc. the advertisement in OUAT website: www.ouat.ac.in and college of agriculture website www.cabbsouat@org may be seen.
Dr. K.K. Rout
Professor & OIC
AICRP on LTFE
Dept. Soil Sci. & Ag. Chemistry
OUAT, Bhubaneswar - 751003

PARADIP PORT TRUST
PARADIP-754142, ODISHA (INDIA)
(An autonomous body under Ministry of Shipping, Govt. of India)
SAGARMALA
No. AD/RSC-I-21-67/2014/2975 Dt. 10th Aug, 2018
ADVERTISEMENT
Applications are invited from Indian Nationals for filling up following Class-I / Class-II posts on direct recruitment basis in Paradip Port Trust.
(1). Dy. Chief Law Officer (Class-I), (2). Sr. Accounts Officer (Class-I), (3). Assistant Executive Engineer (Town Planning) (Class-I), (4). Deputy Marine Engineer, (Class-I), (5). Engineer In-Charge(Tug) (Class-II). For further details, refer to our website : www.paradipport.gov.in
PPT/PR/283/2018-19, Dt.18.08.2018 Sr. Dy. Secretary

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## PARTICIPATION IN INDIAN HANDICRAFTS & GIFT FAIR

Applications in prescribed format are hereby invited from Handicrafts Entrepreneurs / Organizations having Import Export Code for participation in **Indian Handicrafts & Gift Fairs (Autumn & Spring) during October 2018 & February 2019 at Greater Noida, Expo Mart, New Delhi.** The detail application form is available in the website : **www.sidacodisha.org.in** . Interested Entrepreneurs / Organizations involved in Export activities for Handicrafts sector may apply on or before **06.09.2018.**

**Member Secretary**

**State Institute for Development of Arts & Crafts**
Handlooms, Textiles & Handicrafts Department, Government of Odisha
Handicrafts Complex, Gandamunda, P.O: Khandagiri, Bhubaneswar-30
Tel. No.: +91 (0)674-2350318, **E-mail: sidacorissa@gmail.com,**
**Website: www.sidacodisha.org.in**
SIDAC

## OFFICE OF THE MUNICIPAL COUNCIL, JHARSUGUDA

**QUOTATION CALL NOTICE**

No.3288/JM Dt.: 20.08.2018

Sealed tenders are invited from reputed Manufacturers / Companies / Authorised Dealers / Distributors having valid GST certificate / PAN Card for "Providing Fabricator Truss Work and Finishing with interior stage Crafting, Badminton Court Carpeting". The prescribed tender schedule and Detailed Tender Call Notice (DTCN) can be obtained from the cashier on payment of Rs. 10,000.00 in shape of demand draft (non-refundable) in favour of Executive Officer, Jharsuguda Municipality in any Nationalised Bank from Dt. 23.08.2018 to Dt. 03.09.2018 during office hours in working day.

The tender paper with all required documents alongwith EMD amounting to Rs. 40,000.00 (Rupees Forty Thousand) only in shape of Demand Draft in favour of Executive Officer, Jharsuguda Municipality should reach to the undersigned on or before Dt. 03.09.2018, 03:00 PM. The tender will be opened on the same day at 04:00 PM in presence of the quotationer or their authorised representative. All other terms and conditions can be seen in the DTCN. The authority reserves the right to reject any or all the quotation without assigning any reason thereof.

**Sd./- Executive Officer,**
**Jharsuguda Municipality**

## OCAC — ODISHA COMPUTER APPLICATION CENTRE
## TENDER CALL NOTICE

**Enq. No. : OCAC-TE-07/2018-18046**

Sealed tenders are invited from interested OEMs / Distributors / Authorised Dealers / Suppliers for supply of Desktop Computer, UPS and Printer in the office of the Advocate General, Cuttack. Details are available in the website **www.ocac.in**. Last date for submission of tender document is **11.09.2018, 02:00 P.M.**

**General Manager (Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.: 0674-2567280/2567064/2567295

## ଭୁବନେଶ୍ୱର ମହାନଗର ନିଗମ

ସଂଖ୍ୟା :୭୭୧୯୯ ତା.୨୦.୦୮.୨୦୧୮

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦଆଯାଉଅଛି କି, ଭୁବନେଶ୍ୱର ମହାନଗର ନିଗମର ଦକ୍ଷିଣ ପଶ୍ଚିମାଞ୍ଚଳରେ ଥିବା ୮ **ଗୋଟି** ବିଭିନ୍ନ ପାର୍କ ସ୍ଥଳକୁ ଅକ୍ସନ୍ କରିବା ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ ତରଫରୁ ତା.୧୭.୦୮.୨୦୧୮ ରିଖ ଠାରୁ ତା.୧୮.୦୮.୨୦୧୮ ରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ ସ୍ଥିରିକୃତ କରାଯାଇଥିଲା । ଯାହାର ସମସ୍ତ ବିବରଣୀ **www.bmc.gov.in** ରେ ଉପଲବ୍ଧ ଥିଲା । ଏଠାରେ ପ୍ରକାଶ କରାଯାଉଛି ଯେ ତା. ୧୭.୦୮.୨୦୧୮ ରିଖରେ ହେବାକୁ ଥିବା ସ୍ଲଟ ଅକ୍ସନ କୁ ରାଷ୍ଟ୍ରୀୟ ଶୋକ ନିମନ୍ତେ ଛୁଟି ଘୋଷଣା ଦୃଷ୍ଟିରୁ ଏହା ବାତିଲ କରାଯାଇ ୮ ଗୋଟି ପାର୍କ **slots** ର ପୁନଃ ସ୍ଲଟ ଅକ୍ସନ ପାଇଁ **ତା.୨୫.୦୮.୨୦୧୮ ରିଖ ୧୧ ଘଟିକା** ସମୟରେ ସମସ୍ତ ଅକ୍ସନ୍ ମହାନଗର ନିଗମ ଦକ୍ଷିଣ ପଶ୍ଚିମ ମଣ୍ଡଳର କାର୍ଯ୍ୟାଳୟ କକ୍ଷରେ ଚୟନ କରାଯିବ ।

ଏଣୁ ଯେଉଁ ବ୍ୟକ୍ତି ବିଶେଷମାନେ ଉକ୍ତ ନିଲାମ ପ୍ରକ୍ରିୟାରେ ଭାଗ ନେବାକୁ ଚାହୁଁଛନ୍ତି, ତେବେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଧାର୍ଯ୍ୟ ଦିବସ ଓ ସମୟରେ ନିଜର ଦରଖାସ୍ତ ପ୍ରଦାନ କରି ନିଲାମ ପ୍ରକ୍ରିୟାରେ ଉପସ୍ଥିତ ରହିବାକୁ ଅନୁରୋଧ ।

ଉପ ଆୟୁକ୍ତ,ଦକ୍ଷିଣ ପଶ୍ଚିମ ମଣ୍ଡଳ
ଭୁବନେଶ୍ୱର ମହାନଗର ନିଗମ

**ଭାଗିଦାରୀ ମାଧ୍ୟମରେ ପ୍ରଗତି- ଏକ ସୁନ୍ଦର ଭୁବନେଶ୍ୱର ପାଇଁ**

## COLLECTORATE, NABARANGPUR
(Social Welfare Section)

**1) Tender Call Notice Number-1779 Dated 20.08.2018**

The Tender Call Notice invited vide letter No. 1779 dated 20.08.2018 by the Collector, Nabarangpur for printing and supply of Mamata Register for 10 ICDS Projects of this district with the detail term & conditions available in the District website www.nawrangapur.nic.in.

**Sd./- District Social Welfare Officer**
**Nabarangpur**

## ODISHA POWER TRANSMISSION CORPORATION LIMITED

**(A Govt. of Odisha undertaking)**
CIN - U40102OR2004SGC007553
**Janapath, Bhubaneswar - 751022**
**OFFICE OF THE DY. GENERAL MANAGER, EHT (C) DIVISION, CUTTACK**
Phone: 0671 2365570, Fax: 0671 2365570, Email: ehtc.div.ctc@optcl.co.in

No. 1001 Date: 20.08.2018

**NOTICE INVITING TENDER - 01 / 2018-19**

Sealed tenders are invited from bidders having valid PAN, GSTIN No., labour license, for the work "Annual maintenance contract for cleaning, up keeping & sanitation works of the officer of EHT Construction Division, Cuttack, EHT (C) Sub-Division, Cuttack, EHT (C) Sub-Division, Kendrapara at Marshaghai and along with the office periphery, approach road".

Cost of tender paper (Non-refundable) Rs. 600/- + GST as applicable. EMD: 1% of the total coated price for each tender is to be submitted in shape of DD drawn in favour of EHT (C) Division, Cuttack payable at Cuttack without which the tender shalll be rejected.

Sale of tender documents from **Dt.27.08.2018 to Dt.01.09.2018**. The tenders shall be received upto **1 PM** on **Dt.03.09.2018** and will be opened at **4.00 PM** on same date. For details please visit our website **www.optcl.co.in**. Corrigendum if any will be published in the website only.

**Sd./- Deputy General Manager**
**EHT (C) Division, Cuttack**

## GOVT. OF ODISHA
## DEPARTMENT OF WATER RESOURCES

No.422-A

**OFFICE OF THE EXECUTIVE ENGINEER**
**JAMBHIRA CANAL DIVISION**
**AT/PO- MORADA, DIST.- MAYURBHANJ**
E-mail ID: jambhiracanaldivisionmoradae@yahoo.com

**TENDER CALL NOTICE No.01/2018-19**

(i) Name of the works: One No. of work to supply manpower sevices.
(ii) Estimated cost: (1) 1.216 lakh
(iii) Period of completion: 10 (Ten) months
(iv) Date & time of availability of bid document in the Office of O.I.T. 22.08.18 to 30.08.18 during office hour.
(v) Last date / time for receipt of bids in the Office of the O.I.T.: On 30.08.18 upto 03.30 PM
(vi) Date of opening of bid: 30.08.18 at 04.00 PM
(vii) Name and address of the O.I.T.: Executive Engineer, Jambhira Canal Division, Morada.

**Sd./- Executive Engineer**
32065/11/0002/1819 **Jambhira Canal Division, Morada**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SONEPUR

No. Date : 21.08.2018

**CORRIGENDUM**

The last date of receipt of tender documents against the tender call notice No. 3060/ DWH/ 02/ LABCHEM / 18-19, dtd. 31.07.2018 for supply of Laboratory Chemicals & Other Items under NIDAAN to Subarnapur district has been extended upto 31.08.2018 till 1pm & will be opened on the same date i.e. on 31.08.2018 at 2P.M. This is for information to the bonafide bidders to participate in the tender.

**Sd./- (Dr. B L Guru)**
**Chief District Medical & Public Health Officer**
**Subarnapur**

No.73-MM

## ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଆଠମଲ୍ଲିକ (କେନ୍ଦୁପତ୍ର) ବନଖଣ୍ଡ, ଆଠମଲ୍ଲିକ

ଆଠମଲ୍ଲିକ ତା୧୬।୦୮।୨୦୧୮

ଏତଦ୍ୱାରା ଶ୍ରୀ ଧ୍ରୁବେନ୍ଦ୍ର ବେହେରା, ସା:- ଖଲାରୀ, ପୋ- ଖଲାରୀ (ହୁଲୁରଶିଙ୍ଗା) ଥାନା- ଅନୁଗୁଳ, ଜିଲ୍ଲା- ଅନୁଗୁଳଙ୍କୁ ଅବଗତି କରାଯାଉଅଛି, ନିମ୍ନ ସ୍ୱାକ୍ଷରକାରୀଙ୍କ ଅଫିସ ଆଦେଶନାମା ନମ୍ବର- ୦୮ ତା୨୨।୦୨।୨୦୧୮ରିଖ ଅନୁକ୍ରମରେ ତୁମକୁ କନିଷ୍ଠ କିରାଣି କାର୍ଯ୍ୟରୁ ନିଲମ୍ବିତ ସହିତ ତୁମର ସଦର ମହକୁମା ଉପବନଖଣ୍ଡ ଅଧିକାରୀ, (କେନ୍ଦୁପତ୍ର) ରାମପୁର (ରେଢାଖୋଲ) ଅଫିସକୁ କରାଯାଇଅଛି। ପ୍ରକାଶ ଥାଉକି ତୁମେ ଅପ୍ରାଧିକୃତ ଭାବେ ଅନୁପସ୍ଥିତ ରହି ସରକାରୀ ଚିଠି ପ୍ରାପ୍ତି ସ୍ୱୀକାର କରି ଉତ୍ତର ଦେଉନାହଁ। ଏଣୁ ଉକ୍ତ ବିଷୟ ଅବଗତି ନିମନ୍ତେ ଓ ତତ୍ ବିହିତ କାର୍ଯ୍ୟାବଳୀ ଗ୍ରହଣ କରିବାକୁ ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଗଲା।

ସ୍ୱା./- (ଶ୍ରୀ ଶରତ ଚନ୍ଦ୍ର ମହାରଣା)
ବନଖଣ୍ଡ ଅଧିକାରୀ
08066/11/0001/1819 ଆଠମଲ୍ଲିକ (କେନ୍ଦୁପତ୍ର), ଆଠମଲ୍ଲିକ

## ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ, ଭୁବନେଶ୍ୱର

ନଂ. ୧୧୮୦୩ ତା୨୦।୦୮।୨୦୧୮

**ବିଜ୍ଞାପନ**

ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମରେ ଥିବା ଶାଖାଗୁଡିକ ନିମନ୍ତେ ଦରକାର ହେଉଥିବା ଚୁକ୍ତିଭିତ୍ତିକ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ମାସିକ ପାରିଶ୍ରମିକ ଯଥାକ୍ରମେ ଟ.୧୦,୫୬୦/- ଓ ଟ.୮,୬୪୦/- ହାରରେ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। କୃତକାର୍ଯ୍ୟ ହେଲେ ଉକ୍ତ ଚୁକ୍ତିଭିତ୍ତିକ ଡ୍ରାଇଭର ଓ କଣ୍ଡକ୍ଟରମାନଙ୍କୁ ସଡ଼କ ପରିବହନ ନିଗମର ବିଭିନ୍ନ ମଣ୍ଡଳ ଅଧୀନରେ ଥିବା ଶାଖାମାନଙ୍କରେ ଅବସ୍ଥାପିତ କରାଯିବ।

ସର୍ତ୍ତାବଳୀ ପୂରଣ କରିଥିବା ପ୍ରାର୍ଥୀମାନେ ନିଗମର ଶାଖା ଜିଲ୍ଲା ପରିବହନ ପରିଚାଳକଙ୍କ ନିକଟରେ ତା୨୪।୦୮।୨୦୧୮ରିଖଠାରୁ ତା୦୬।୦୯।୨୦୧୮ରିଖ ମଧ୍ୟରେ ଧାର୍ଯ୍ୟ କରାଯାଇଥିବା ତାରିଖ ଅନୁସାରେ ଦିବା ୧୧.୦୦ ଘଟିକାଠାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ସାକ୍ଷାତ୍କାର ଦେଇପାରିବେ।

ଏହାର ସବିଶେଷ ବିବରଣୀ OSRTC website- **www.osrtc.in** ରେ ଉପଲବ୍ଧ।

ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶକ୍ରମେ
ସ୍ୱା./- ସାଧାରଣ ପରିଚାଳକ (ପ୍ରଶାସନ)
ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ, ଭୁବନେଶ୍ୱର

## GOVERNMENT OF ODISHA
## OFFICE OF THE ENGINEER-IN-CHIEF, RURAL WORKS, BHUBANESWAR

Letter No. 21334 Dtd.14.08.18

**"e" Procurement Notice for road works under PLAN SCHEME**

**(Online-05/2018-19 (Road) C.E., Plan Roads**

610-O

1. Name of the work : Construction of Roads work
2. Total No. of works : 4 (Four) nos.
3. Estimated cost : Varies from 400.00 lakh to 600.00 lakh
4. Class of contractor : Special & Super Class as applicable
5. Period of Completion : Varied from 08 (Eight) to 09 (Nine) calendar months as applicable.
6. Other details :

| Procurement Officer | Bid Identification | No. of Road works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer, Plan Roads, Odisha, Bhubaneswar | Online-05/2018-19 C.E., Plan Roads | 4 (Four) Nos. | 23.08.2018 at 11.00 AM | 10.09.2018 upto 3.00 PM |

Other details can be seen in the bidding documents, which is available in website www.tendersorissa.gov.in

Any subsequent addendum or corrigendum will be made available in the above website.

25123/11/0029/1819 *Sd./- Chief Engineer, Plan Roads, R.W. Odisha, Bhubaneswar*

See Career Appointment on every **Wednesday & Saturday**

## POWER GRID CORPORATION OF INDIA LIMITED

**(A Govt. of India Enterprise) A NAVRATNA COMPANY**
Plot No. 4, Unit-41, Niladri Vihar, Chandrashekharpur, Bhubaneswar-751 021
Tel. No.: 0674-2720794, Email: cnmodisha@powergrid.co.in
CIN: L40101DL1989GOI038121 पावरग्रिड

(EASTERN REGION-II), ODISHA PROJECTS (DOMESTIC COMPETITIVE BIDDING)

**INVITATION TO BID**

**NIT Ref: ODP/BB/C&M/NIT-04/2018-19** **Dated: 22/08/2018**

**Invitation for Bids (IFB) for Package under Single Stage Two Envelope (SSTE) Bidding Procedure (Funding: Domestic)**

**POWERGRID invites online bids through e-portal** https://pgcileps.buyjunction.in **for supply of Boat Ambulance for Malkangiri District Hospital under CSR[ Spcn. no. ODP/ BB/C&M-1420/I-751] :**

| Sl. No. | Estimated Cost (Rs.) | Details/ Site | Downloading of Bid Documents/ Cost of Bid Documents | Deadline of Bid submission Soft copy part Hard copy part |
|---|---|---|---|---|
| 1 | 75.99 Lacs | Malkangiri, Chitrakonda Reservoir | 22/08/2018 to 21/09/2018 (upto 1700 Hrs (IST) INR 2,500/- | 27/09/2018 [1100 hrs (IST)] 27/09/2018 [1100 hrs (IST)] |

1. For Further details including addendum/changes in bidding program, if any, please visit procurement portal **https://pgcileps.buyjunction.in/**
2. Bid documents may be purchased by paying required tender cost mentioned above in the form of demand draft in favour of Power Grid Corporation of India Ltd. payable at Bhubaneswar. Bidders will be required to purchase the Bid Documents from POWERGRID before the last date of sale of bids.
3. The First Envelope (Techno Commercial part) of the bid shall be opened on the deadline of Bid submission of Hard copy of the bid, 30 minutes later.
4. The complete Bidding Documents are also available on our website : **http://www.powergridindia.com** for the purpose of reference only.

PG/OP/ITB/Expression-3

**POWERGRID: INTEGRATING THE NATION THROUGH WIRE AND PEOPLE**

## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା,ସମ୍ବଲପୁର

ପତ୍ର ସଂଖ୍ୟା ୧୮୮୧ ତା।୧୮।୮।୨୦୧୮

**ପଞ୍ଚାୟତସ୍ତରୀୟ ଜନଶୁଣାଣି ବିଜ୍ଞାପନ**

ଏତଦ୍ୱାରା ସମ୍ବଲପୁର ଜିଲ୍ଲାର ସମସ୍ତ ଜନସାଧାରଣ ତଥା ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଏବଂ ଜବକାର୍ଡଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନୁକୂଳ୍ୟରେ ୨୦୧୭-୧୮ ଆର୍ଥିକ ବର୍ଷ ୨ୟ ପର୍ଯ୍ୟାୟର କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପର ପଞ୍ଚାୟତ ସମିତି ଜନଶୁଣାଣି ଓସାଟ୍ (OSSAAT), ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ପରିଚାଳନା କରାଯାଉଅଛି, ଯାହା ନିମ୍ନଲିଖିତ ତାଲିକାରେ ଧାର୍ଯ୍ୟ କରାଯାଇଅଛି । ଅତଏବ ଏଥିନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଏହି ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡିକ ଉପରେ ବିଚାର ବିମର୍ଶ କରାଯିବ ।

| ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ | ସ୍ଥାନ | ଉପସ୍ଥିତ ଅଧିକାରୀ |
|---|---|---|---|
| ବାମରା | ୦୪.୦୯.୨୦୧୮ ସମୟ ୧୦.୦୦ | ପଞ୍ଚାୟତ ସମିତି | ଉପଜିଲ୍ଲାପାଳ, କୁଚିଣ୍ଡା |
| ଧନକଉଡା | ୦୫.୦୯.୨୦୧୮ ସମୟ ୧୦.୦୦ | ପଞ୍ଚାୟତ ସମିତି | ଉପଜିଲ୍ଲାପାଳ,ସମ୍ବଲପୁର |
| ଜମନକିରା | ୦୬.୦୯.୨୦୧୮ ସମୟ ୧୦.୦୦ | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ, ସମ୍ବଲପୁର |
| ଯୁଯୋମୁରା | ୧୧.୦୯.୨୦୧୮ ସମୟ ୧୦.୦୦ | ପଞ୍ଚାୟତ ସମିତି | ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ସମ୍ବଲପୁର |
| କୁଚିଣ୍ଡା | ୧୨.୦୯.୨୦୧୮ ସମୟ ୧୦.୦୦ | ପଞ୍ଚାୟତ ସମିତି | ଉପଜିଲ୍ଲାପାଳ, କୁଚିଣ୍ଡା |
| ମାନେଶ୍ୱର | ୧୮.୦୯.୨୦୧୮ ସମୟ ୧୦.୦୦ | ପଞ୍ଚାୟତ ସମିତି | ଉପଜିଲ୍ଲାପାଳ, ସମ୍ବଲପୁର |
| ନାକଟୀଦେଉଳ | ୧୯.୦୯.୨୦୧୮ ସମୟ ୧୦.୦୦ | ପଞ୍ଚାୟତ ସମିତି | ଉପଜିଲ୍ଲାପାଳ, ରେଢାଖୋଲ |
| ରେଢାଖୋଲ | ୨୦.୦୯.୨୦୧୮ ସମୟ ୧୦.୦୦ | ପଞ୍ଚାୟତ ସମିତି | ଉପଜିଲ୍ଲାପାଳ, ରେଢାଖୋଲ |
| ରେଙ୍ଗାଲି | ୨୫.୦୯.୨୦୧୮ ସମୟ ୧୦.୦୦ | ପଞ୍ଚାୟତ ସମିତି | ଉପଜିଲ୍ଲାପାଳ, ସମ୍ବଲପୁର |

**ସ୍ୱା./-ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ମନରେଗା, ସମ୍ବଲପୁର**

## ଜିଲ୍ଲା ଶିଳ୍ପ କେନ୍ଦ୍ର, ନୟାଗଡ଼

**ନୟାଗଡ଼ ଜିଲ୍ଲାର ଶିକ୍ଷିତ ଯୁବକ ଓ ଯୁବତୀଙ୍କ ପାଇଁ**

**ଉଦ୍ୟୋଗ ବିକାଶ ତାଲିମ**

ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଅଧୀନସ୍ଥ ଜିଲ୍ଲା ଶିଳ୍ପକେନ୍ଦ୍ର, ନୟାଗଡ଼ ଆନୁକୂଲ୍ୟରେ ୧୨ଦିନ ବ୍ୟାପୀ ବ୍ଲକ୍ / ଜିଲ୍ଲାସ୍ତରୀୟ ଉଦ୍ୟୋଗ ବିକାଶ ତାଲିମ ନିମିତ୍ତ ଇଚ୍ଛୁକ ଶିକ୍ଷିତ ଯୁବକ ଓ ଯୁବତୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି।

**ଯୋଗ୍ୟତା / ସର୍ତ୍ତାବଳୀ :**

କ) ପ୍ରାର୍ଥୀ / ପ୍ରାର୍ଥିନୀ ନୟାଗଡ଼ ଜିଲ୍ଲାର ସ୍ଥାୟୀ ବାସିନ୍ଦା ଏବଂ ବୟସ ଅନ୍ୟୂନ ୧୮ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ।
ଖ) ପ୍ରାର୍ଥୀ / ପ୍ରାର୍ଥିନୀ ଅନ୍ୟୂନ ଅଷ୍ଟମଶ୍ରେଣୀ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ଆବଶ୍ୟକ (ଉଚ୍ଚ ଶିକ୍ଷିତ ପ୍ରାର୍ଥୀ / ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ)।

**ଆବେଦନ ପ୍ରଣାଳୀ :**

ଆବେଦନକାରୀ ସାଦା କାଗଜରେ ନିଜର ନାମ, ପିତା/ସ୍ୱାମୀଙ୍କ ନାମ, ଜନ୍ମ ତାରିଖ, ସ୍ଥାୟୀ ଠିକଣା, ଶିକ୍ଷାଗତ ଯୋଗ୍ୟତା, ବର୍ଗ/ଜାତି, ଆଧାର କାର୍ଡ ନକଲ, ଫୋନ୍ ନମ୍ବର, ପାସ୍‌ପୋର୍ଟ ଫଟୋ ଓ କେଉଁ ପ୍ରକଳ୍ପ କରିବାକୁ ଚାହୁଁଛନ୍ତି, ତାହାର ବିବରଣୀ ସହିତ ଜିଲ୍ଲା ଶିଳ୍ପ କେନ୍ଦ୍ର, ନୟାଗଡ଼ଙ୍କୁ ତା୩୦।୦୮।୨୦୧୮ରିଖ ସୁଦ୍ଧା ଦାଖଲ କରିପାରିବେ। ସାକ୍ଷାତ୍କାର ଓ ମନୋନୟନ ଶିବିର ତା୩୧।୦୮।୨୦୧୮ରିଖ ଦିବା ୧୧ ଘଟିକା ଏବଂ ତାଲିମ କାର୍ଯ୍ୟକ୍ରମ ତା୦୧।୦୯।୨୦୧୮ରିଖଠାରୁ ୧୨।୦୯।୨୦୧୮ରିଖ ପର୍ଯ୍ୟନ୍ତ ହୋଟେଲ ନୀଳମାଧବ, ଖଣ୍ଡପଡ଼ା ରୋଡ଼, ନୟାଗଡ଼ଠାରେ ଅନୁଷ୍ଠିତ ହେବ।

**ଯୋଗାଯୋଗ :**

୧. ଶିଳ୍ପ ବିକାଶ ଅଧିକାରୀ (IPO), ସମ୍ପୃକ୍ତ ବ୍ଲକ୍
୨. ଜିଲ୍ଲା ଶିଳ୍ପ କେନ୍ଦ୍ର, ନୟାଗଡ଼- ୭୫୨୦୬୯, ଦୂରଭାଷ: ୦୬୭୫୩ - ୨୫୩୭୮୩

ସ୍ୱା./- ଶ୍ରୀ ଚିତ୍ତରଞ୍ଜନ ମିଶ୍ର
ସାଧାରଣ ପରିଚାଳକ
ଜିଲ୍ଲା ଶିଳ୍ପ କେନ୍ଦ୍ର, ନୟାଗଡ଼

## OFFICE OF THE COLLECTOR & DISTRICT MAGISTRATE, ANGUL

**(ST & SC Development Section, Ph. No: 06764-231173,**
**e-mail: angdwo@gmail.com)**

**No. 1621** **Dt. 18.08.2018**

**ADVERTISEMENT**

Fresh applications are invited in prescribed format from the interested eligible Female candidates for engagement of Lady Matron/ Junior Matron on contractual basis initially for a period of one year in Girls Hostels of Angul district managed by ST & SC Development Department, Govt. of Odisha.

A candidate must have graduation degree from a recognized university for the Post of Lady Matron and in case of Junior Matron, she must have passed + 2 Examination. Candidates having experience in Hostel Management/ Working Knowledge of Computer/ Certificate in Nutrition/ Music/ Arts/ Co-curricular activities shall be given preferences.

The candidates should have completed 35 years of age as on 01.01.2018. Preference shall be given to Widows, Divorcee and Single Women (from a single member family) at the time of selection.

The candidates should belong to ST, SC or SEBC category. 1st preference will be given to the ST candidates, 2nd preference to the SC candidates and 3rd preference will be given SEBC candidates.

The Lady Matron will be paid remuneration of Rs. 7500/- (Rupees Seven Thousand Five Hundred) only per months In case of non-availability of graduate candidates passed +2 Examination will be selected as Junior Matron. The Junior Matrons will be paid monthly remuneration of Rs. 6500/- (Rupees Six Thousand Five Hundred) only.

Selection will be done on the basis of mark secured in graduation (for the Post of Lady Matron) and +2 Examination (for the Post of Junior Matron) taking into consideration the relevant past experience and desirable qualifications.

During selection 1st preference will be given to candidates belonging to same village in which the Hostel is located, 2nd preference will be given to the candidates of same Gram Panchayat, 3rd preference will be given to the candidates of same Block and 4th preference will be given to the candidates of the District in which the Hostel is located.

The Matrons so engaged will not be eligible for any scheme of regularization of service Free boarding and lodging facilities as applicable to boarders may be availed by her.

The last date for receipt of applications in the office of the District Welfare Officer, Angul is 10.09.2018 by Regd. Post/ Speed Post only. The envelope containing the application & other documents must be superscribed "Application for the Post of Lady Matron/ Junior Matron". In no case, the applicantion form will be received in the office of DWO, Angul by hand.

Self attested copy of following documents must be enclosed to the application. 1. HSC Certificate, 2. +2 Certificate along with Mark sheet, 3. Graduation Certificate with Mark sheet, 4. Desirable qualification certificate if any, 5. Residential Certificate, 6. Caste Certificate, 7. Proof of marital status (In case of Widows & Divorcees- the certificate from competent authority & for Single Women- self declaration certificate should be attached).

Incomplete applications and late receipt of applications due to postal delay will not be taken into consideration & liable to the rejected. The undersigned reserves the right for cancellation/ modification of this advertisement and increase of Posts without assigning any reason thereof.

Copy of the application form along with Hostel School wise vacancy position of Lady Matron may be obtained from the district website https://angul.nic.in and from the Notice board of DWO, Angul and all Block Office of Angul district.

**Sd./- Collector, Angul**

## GOVERNMENT OF ODISHA
## OFFICE OF THE EXECUTIVE ENGINEER, RWS&S DIVISION, MALKANGIRI

Tel: 06861-231617, Email: eerwss_mal@nic.in, eerwssmlkg@gmail.com, eerwssmlkg@rediffmail.com

**INVITATION FOR BIDS**
**NATIONAL COMPETITIVE BIDDING**

Bid Identification No. RWSS_MKG_ONLINE_05/2018-19 Dated: 10.08.2018

**No. 595-O:-** The Executive Engineer, RWS&S Division, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.

1. Name of the work : Supplying all materials, labor, T&P etc. and construction of different size of ESR with ancillary works in connection with different RPWS in Malkangiri District.
2. No. of works : 05 Nos.
3. Estimated Cost : Rs. 7.09 lakhs to Rs. 24.17 lakhs
4. Tender paper cost : Rs. 4000/- to Rs. 5000/-
5. Class of Contractor :

| Estimated cost upto Rs. 20.00 lakhs | Estimated cost more than Rs. 20.00 lakhs & within Rs. 40.00 lakhs | Estimated cost more than Rs. 40.00 lakhs & within Rs. 150.00 lakhs |
|---|---|---|
| 'D' & 'C' | 'C' & 'B' | 'B' & 'A' |

6. Period of Completion : 03 (Three) calendar months to 06 (Six) calendar months
7. Critical dates:

| Procurement Officer | Bid Identification No. | Availability of tender online for bidding | | Last date of seeking tender clarification | Date of opening of Bid |
|---|---|---|---|---|---|
| | | From | To | | |
| Executive Engineer, RWS&S Division, Malkangiri | RWSS_MKG_ONLINE _05 of 2018-19 | 24.08.2018 at 9.00 AM | 01.09.2018 upto 5.00 PM | 31.08.2018 | 03.09.2018 at 11.00 AM |

- Further details can be seen in the bidding documents, which is available in the e-Procurement portal https://www.tendersorissa.gov.in.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

25044/11/0016/1819 *Sd./- Executive Engineer, RWS&S Division, Malkangiri*

## OFFICE OF THE MUNICIPAL COUNCIL, ANGUL

**No. 4636** **Date: 20.08.2018**

**QUOTATION CALL NOTICE**

Quotations in sealed covers with plain paper are invited from the authorized registered/Manufactures/Firms for supply of A.C having 2.00 Ton capacity and stabilizer of 5 KVA to this Municipality by date 27.08.2018 up to 3.00 P.M. and the same will be opened at 3.30 P.M. on the same day in presence of the quotationer or their authorized agent. They should submit the copy of registration certificate, GST, Aadhar card, PAN card along with the quotation. They should quote the rate per each A.C and stabilizer separately. They are required submit the EMD for Rs. 5,000/- (Rupees Five Thousand) only in shape of demand draft in favour of Executive Officer, Angul Municipality along with quotation. The rate should be quoted including fitting and fixing of the A.C. Quotation received after due date and time shall not be entertained. The authority reserves the right to reject any or all the quotation without assigning any reason thereof.

**Sd./-**
**Executive Officer**
**Angul Municipality**

# ମକାରେ ପୋକ ଦମନ



କାଣ୍ଡବିନ୍ଧା ପୋକ ମକା ଫସଲର ପ୍ରଧାନ ଶତ୍ରୁ। ଏହି ପୋକ ଦାଉରୁ ରକ୍ଷା ପାଇବା ପାଇଁ ଆକ୍ରାନ୍ତ ଗଛର ପତ୍ରସନ୍ଧିରେ ୧ ଗ୍ରାମ୍ ଦାନାଦାର, କାର୍ବୋଫ୍ୟୁରାନ୍ ପ୍ରୟୋଗ କରନ୍ତୁ। ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ କ୍ଲୋରୋପାଇରିଫସ୍ କିମ୍ବା ୧.୫ ମିଲି ଫସ୍‌ପାମିଡନ୍ ମିଶାଇ ସିଞ୍ଚନ କଲେ କାଣ୍ଡବିନ୍ଧା ପୋକର ଦମନ ହୋଇଥାଏ। ପ୍ରଥମ ଥର ସିଞ୍ଚନର ୧୫ ଦିନ ପରେ ଆବଶ୍ୟକ ସ୍ଥଳେ ଦ୍ୱିତୀୟ ଥର ଔଷଧ ସିଞ୍ଚନ କରନ୍ତୁ। ମକା ଫସଲରେ ଭଣ୍ଡା ଖିଆ ପୋକ (ହେଲିକୋଭର୍ପା) ଲାଗିବାର ଦେଖାଯାଏ, ତା'ର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ମାଧ୍ୟମରେ ଏକର ପ୍ରତି ୧୦୦ ଶୁକ ସମତୁଲ ଏଚ୍‌ଏନ୍‌ପିଭି ସକାଳ ବା ସନ୍ଧ୍ୟା ସମୟରେ ପ୍ରୟୋଗ କରନ୍ତୁ।

## ଗେଣ୍ଡୁ ଫୁଲ

ଏବେଠୁ ଆଫ୍ରିକା ଗେଣ୍ଡୁ ଲଗାଇବା ଆରମ୍ଭ କରନ୍ତୁ। ଏହି ଗେଣ୍ଡୁର କିସମଗୁଡ଼ିକ ହେଲା ଜାଏଣ୍ଟ ବଲ୍, ଆଫ୍ରିକାନ୍ ଏଲୋ, ଆଫ୍ରିକାନ୍ ଅରେଞ୍ଜ୍, ଏରଲି ଏଲୋ, ଏରଲି ଅରେଞ୍ଜ୍, ସେରାକୋଲା, ଆପ୍ରିକଟ୍, ସନ୍ ଜାଏଣ୍ଟ୍, କ୍ରାଉନ୍ ଅପ୍ ଗୋଲ୍ଡ, ସ୍ୱନ୍ ଗୋଲ୍ଡ, କ୍ୟୁପିଡ୍ ଏଲୋ ଇତ୍ୟାଦି। ୨୫ରୁ ୩୦ ଦିନରେ ତଳି ବା ଡାଳ କଲମୀ ଉପରବେଳା ରୁଅନ୍ତୁ। ତଳିକୁ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ। ଚାରାଗୁଡ଼ିକ ଜମିରେ ଭଲଭାବେ ପ୍ରତିଷ୍ଠିତ ହେବା ପାଇଁ ତଳି ଲଗାଇବା ପରେ ହାଲୁକା ଜଳସେଚନ କରନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୨୦ ଟନ୍ ଗୋବର ଖତ, ୪୦ କି.ଗ୍ରା. ଯବକ୍ଷାରଜାନ, ୮୦ କି.ଗ୍ରା. ଫସ୍‌ଫରସ୍ ଓ ୮୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ।



# ଗୋ-ପୂଜନ



ଡା. ବୀର କିଶୋର ପରିଡ଼ା

ଗହ୍ମାପର୍ବ, ଏକ ମହାନ୍ ପବିତ୍ର କୃଷିଭିତ୍ତିକ ପର୍ବ । ଶ୍ରାବଣ ମାସର ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଏହି ଗହ୍ମା ପର୍ବ ବା ଗହ୍ମାପୂର୍ଣ୍ଣିମା ପାଳିତ ହୋଇଥାଏ । ଗହ୍ମାର ଅର୍ଥ ଗୋମାତା ଏବଂ ଗୋମାତାଙ୍କୁ ଏହିଦିନ ପୂଜା କରାଯାଉଥିବାରୁ ଏହା ଗହ୍ମାପୂର୍ଣ୍ଣିମା ବୋଲି କୁହାଯାଏ । ଗହ୍ମାର ଅନ୍ୟ ଅର୍ଥ ହେଲା- ଗଭୀରମୁହାଁ ଲଙ୍ଗଳ, ଯାହାକୁ ଭଗବାନ ବଳଭଦ୍ର କୃଷିର ଉନ୍ନତି ପାଇଁ ବ୍ୟବହାର କରିଥିଲେ । ଶ୍ରାବଣ ପୂର୍ଣ୍ଣିମା ଦିନ ଶ୍ରୀକୃଷ୍ଣଙ୍କ ଅଗ୍ରଜ ବଳଭଦ୍ରଙ୍କ ଜନ୍ମ ତିଥିକୁ କୃଷକର ପର୍ବ ଭାବେ ପାଳନ କରାଯାଏ । ଏହି ପୂର୍ଣ୍ଣିମାକୁ ଶ୍ରାବଣୀ ବା ସୌଭାଗ୍ୟ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଧରିତ୍ରୀ ଶସ୍ୟ ଶ୍ୟାମଳାରେ ଭରପୂର ହେବା ସହିତ ମାନବ ସମାଜ ବ୍ୟକ୍ତିଗତ ସ୍ତରରେ ଧନ, ଜନ, ଗୋପ, ଲକ୍ଷ୍ମୀ ଅର୍ଜନ କରିବାରେ ସୌଭାଗ୍ୟଲାଭ କରିଥାନ୍ତି ।

ବଳଭଦ୍ରଙ୍କର ମୁଖ୍ୟ ଆୟୁଧ ଲଙ୍ଗଳ। ସେ କୃଷିର ଉନ୍ନତି, ଗୋସେବା ଓ ଗୋରକ୍ଷାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ । ତାଙ୍କର ଏକ ହସ୍ତର ମୁଷଳ ଯାହାକି ଶ୍ରମ ବା ଶିଳ୍ପର ପ୍ରତୀକ ଏବଂ ଅନ୍ୟ ହସ୍ତର ଲଙ୍ଗଳ ହେଉଛି କୃଷିର ପ୍ରତୀକ। ଗୋ-ଗୋଷ୍ଠୀରେ ରୋହିଣୀ ନାମକ ଗାଈ ନିକଟରେ ରାଣୀ ରୋହିଣୀଙ୍କଠାରୁ ବଳଭଦ୍ର ଜନ୍ମଲାଭ କରିଥିବାରୁ ପ୍ରତ୍ୟେକ ହିନ୍ଦୁ ପରିବାର ଗାଈଙ୍କୁ ମାତା ଭାବରେ ସମ୍ବୋଧନ କରି ଗୋ-ଉପାସନା କରି ଆସୁଛନ୍ତି। ଚାଷ କାର୍ଯ୍ୟ ଶେଷରେ ଗହ୍ମାପୂର୍ଣ୍ଣିମାରେ କୃଷି ଉତ୍ପାଦନର ପ୍ରମୁଖ ସହାୟକ ବଳଦକୁ କୃଷକ ତେଲ ହଳଦୀ ଲଗାଇ ସ୍ନାନ କରାନ୍ତି। ତା'ପରେ ସିନ୍ଦୂର ଫୁଲମାଳମାନ ଓ ଶଙ୍ଗରେ ରାଖୀ ବାନ୍ଧି ଦିଅନ୍ତି। ଘର ଦୁଆର ଓ ଗୁହାଳ ଲିପା ପୋଛା ସହିତ କାନ୍ଥରେ ଚିତାକର୍ଷକ ଲଙ୍ଗଳ, ବଳଦ ଆଦିର ଝୋଟି ପକାଇଥାନ୍ତି । କୃଷକ ତା'ର ପରିବାର ସହ ପ୍ରତ୍ୟୁଷରୁ



ସ୍ନାନ କରି ପ୍ରଭୁ ଶ୍ରୀ ବଳଭଦ୍ରଙ୍କ ସହ ହଳ ଲଙ୍ଗଳ ଓ ବିଭିନ୍ନ କୃଷି ଉପକରଣ ନି୍ ଏବଂ ଗୋ-ପୂଜା ଆଦି ଆନନ୍ଦଉଲ୍ଲାସରେ ପାଳନ କରିଥାଏ । ଘରେ ଘରେ ପିଠାପଣା, ଖିରି ଖେଚୁଡ଼ି ହୋଇଥାଏ । ଗୋମାତା ତଥା ବଳଦଙ୍କୁ ସୁମିଷ୍ଟ ବ୍ୟଞ୍ଜନ ଯଥା - ପିଠାପଣା, ଏଣ୍ଡୁରିପିଠା, ଦାନା, ସବୁଜ ଘାସ ଆଦି ଖୁଆଇ ପ୍ରଭୁଙ୍କୁ ସୁମରଣା କରିଥାନ୍ତି।

ଶ୍ରୀମନ୍ଦିରରେ ଗହ୍ମା ପର୍ବ ପାଳନର ପରମ୍ପରା ବିଧି ରହିଆସିଛି । ମହାପ୍ରଭୁ ବଳଭଦ୍ରଙ୍କ ଜନ୍ମୋତ୍ସବ ଓ ରାଖୀ ଲାଗି ଅନୁଷ୍ଠିତ ହୁଏ। ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପ୍ରଭୁ ଶ୍ରୀ ବଳଭଦ୍ରଦେବଙ୍କର ଜନ୍ମୋତ୍ସବ ଅନୁଷ୍ଠିତ ହୋଇଆସୁଛି। ବଳଭଦ୍ରଙ୍କୁ କୃଷକ ଦେବତା ଭାବେ ପୂଜା କରାଯାଉଥିବା ବେଳେ କୃଷି ଉପକରଣ ଏବଂ ବଳଦଙ୍କ ପୂଜା କରିବାର ବିଧି ଏଠାରେ ରହିଆସିଛି।

ଗହ୍ମା ପୂର୍ଣ୍ଣିମା ଦିନ ବଳଭଦ୍ରଙ୍କ ଆୟୁଧ ସହ ବଳଦ ପୂଜା କରିବାକୁ ଏବେ ଗାଁରେ ବଳଦ ଖୋଜିଲେ ଆଉ ମିଳୁନାହାନ୍ତି । ମନୁଷ୍ୟ ସମାଜରେ ପୁତ୍ର ସନ୍ତାନ ପ୍ରତି ଯେଉଁଭଳି ଗୁରୁତ୍ୱ ଦିଆଯାଉଛି, ଗୋ ସମ୍ପଦ କ୍ଷେତ୍ରରେ ଠିକ୍ ଏହାର ବିପରୀତ ଭଳି ମାଈ ବାଛୁରି ପ୍ରତି ଗୁରୁତ୍ୱ ଦିଆଯାଇ ଅଣ୍ଡିରା ବାଛୁରି ପ୍ରତି ଅବହେଳା ପ୍ରଦର୍ଶନ କରାଯାଉଛି ଏବଂ ଏମାନଙ୍କୁ ଅନାବଶ୍ୟକ ଭାବି କଂସେଇ ହାତରେ ଟେକି ଦିଆଯାଉଛି। ଆମ ରାଜ୍ୟରେ ଆଜି ବ୍ୟାପକ ଗୋଚାଲାଣ ଯୋଗୁ ଆମ ବିକାଶଧାରାରେ ମୁଖ୍ୟ ଅନ୍ତରାୟ ସୃଷ୍ଟି କରିଛି ।

ଜନସଂଖ୍ୟା ବୃଦ୍ଧି ଓ ପ୍ରାଣୀଜ ପୁଷ୍ଟିକର ଖାଦ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗୋସମ୍ପଦର ସୁରକ୍ଷା ସହିତ ଉତ୍ପାଦନ ଓ ଉତ୍ପାଦିକତା ଶକ୍ତିର ଅଭିବୃଦ୍ଧି ନିମନ୍ତେ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ବର୍ତ୍ତମାନ ଆମ ରାଜ୍ୟରେ ବିଭିନ୍ନ ସଂକ୍ରାମକ ରୋଗ ବିରୋଧରେ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଗୋମହିଷାଦିଙ୍କ ସୁରକ୍ଷା ନିମନ୍ତେ ଆରମ୍ଭ ହୋଇଛି । ତନ୍ମଧ୍ୟରେ ଫାଟୁଆ, ଆନ୍ଥ୍ରାକ୍ସ, ବ୍ରୁସେଲୋସିସ୍ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆଦି ପ୍ରଧାନ । ଜାତୀୟ ପ୍ରାଣୀଧନ ମିଶନ ଅଧୀନରେ ପ୍ରାଣୀ ଧନବୀମା ଯୋଜନାରେ ଦୁଧିଆଳୀ ଗାଈ, ମଇଁଷି ଓ ବଳଦ ଆଦି ପ୍ରାଣୀଙ୍କୁ ବୀମାକରଣ କରାଯାଉଛି ଏବଂ ବିପଦ ଆପଦ ସମୟରେ ଯଦି ଏମାନଙ୍କର ଆକସ୍ମିକ ମୃତ୍ୟୁ ଘଟିଲେ, ସେ ବାବଦରେ କ୍ଷତିପୂରଣ ଗୋ- ପାଳକମାନଙ୍କୁ ପ୍ରଦାନ କରାଯାଉଛି।

ରାଜ୍ୟ କୃଷିନୀତି-୨୦୧୩ ଅନୁଯାୟୀ, ଚଳିତ ବର୍ଷ ୨୦୧୮-୧୯ଠାରୁ ଆମ ରାଜ୍ୟରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଆରମ୍ଭ ହୋଇଛି । ଏହି ଯୋଜନା ଆପିକଲ ସହାୟତାରେ କାର୍ଯ୍ୟକାରୀ କରାଯାଉଛି । ରାଜ୍ୟରେ ବ୍ୟାପକ କୃଷିଭିତ୍ତିକ ଉଦ୍ୟୋଗ ସ୍ଥାପନ ନିମନ୍ତେ ଉପଲବ୍ଧ ରିହାତି ପ୍ରଦାନ ପାଇଁ ଏକ ସରଳ ତଥା ସମ୍ପୂର୍ଣ୍ଣ ଅନଲାଇନ୍ ପ୍ରକ୍ରିୟା ବ୍ୟବସ୍ଥା କରାଯାଇଛି । ସେଥିନିମନ୍ତେ ରାଜ୍ୟରେ ଯୁବୋଦ୍ୟୋଗୀମାନେ କିପରି ସହଜ ପ୍ରଣାଳୀରେ ଏଣେତେଣେ ନ ଧାଇଁ ଘରେ ବସି ୱେବ୍‌ସାଇଟ୍ www.apicol.nic.in ମାଧ୍ୟମରେ ଯେପରି ପଞ୍ଜୀକୃତ କୃଷି ଭିତ୍ତିକ ଉଦ୍ୟୋଗ ପ୍ରତିଷ୍ଠା କରିବାର ସୁଯୋଗ ପାଇବେ, ସେଥି ନିମନ୍ତେ ଏହି ଯୋଜନାରେ ବ୍ୟବସ୍ଥା ହୋଇଛ । ଏହି ନୂତନ ଯୋଜନାରେ ରାଜ୍ୟ ସରକାର ସାଧାରଣ ବର୍ଗର ପୁରୁଷ ଉଦ୍ୟୋଗୀମାନଙ୍କ ନିମନ୍ତେ ଜମି ମୂଲ୍ୟକୁ ଛାଡ଼ି ସ୍ଥାୟୀ ପୁଞ୍ଜିର ୪୦ ପ୍ରତିଶତ ଏବଂ ଅନୁସୂଚିତ ଜାତି/ଜନଜାତି/ମହିଳା ତଥା କୃଷି ଓ ଆନୁଷଙ୍ଗିକ ବିଷୟରେ ସ୍ନାତକମାନଙ୍କ ପାଇଁ ୫୦ ପ୍ରତିଶତ ବା ସର୍ବାଧିକ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡ଼ି ବା ରିହାତି ବ୍ୟବସ୍ଥା କରିଛନ୍ତି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛୋଟ ଛୋଟ ଉଦ୍ୟୋଗ ପ୍ରତିଷ୍ଠା ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ଉକ୍ତ ସ୍ଥାୟୀ ପୁଞ୍ଜି ନିବେଶ ରିହାତି ଯୋଗ୍ୟ କୃଷି ଉଦ୍ୟୋଗ ତାଲିକାରେ କୃଷି ଓ ଆନୁଷଙ୍ଗିକ କୃଷି ଯଥା - ପ୍ରାଣୀପାଳନ, ମତ୍ସ୍ୟଚାଷ ଓ ଉଦ୍ୟାନକୃଷି ଉପରେ ୬୨ଟି କୃଷି ଉଦ୍ୟୋଗ ପ୍ରକଳ୍ପ ଅନ୍ତର୍ଭୁକ୍ତ କରାଯାଇଛି।

ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମାଧ୍ୟମରେ ଏହିସବୁ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଉଦ୍ୟୋଗୀମାନଙ୍କୁ ଅନ୍‌ଲାଇନ୍ ପ୍ରକ୍ରିୟାରେ ଆବେଦନ କରିବାକୁ ହେଲେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କର କନ୍‌ସେଣ୍ଟ ଲେଟର, ଜମିର ପଟ୍ଟା, ଉଦ୍ୟୋଗୀ/ଚାଷୀଙ୍କ ପରିଚୟପତ୍ର (ଆଇ.ଡି.), ପ୍ରକଳ୍ପର ମୂଲ୍ୟ, ଆଧାର ନମ୍ବର, ପାସ୍‌ପୋର୍ଟ ସାଇଜ ଫଟୋ ଓ ଦସ୍ତଖତ ସ୍କାନିଂ କପି, ବ୍ୟାଙ୍କ ଆକାଉଣ୍ଟ ନମ୍ବର ଆଦି ପ୍ରସ୍ତୁତି ରଖିବାକୁ ହେବ । ପରିଚୟ ପତ୍ର ସହକାରୀ କୃଷି ଅଧିକାରୀ, ସହକାରୀ ଉଦ୍ୟାନ ଅଧିକାରୀ କିମ୍ବା ଏଗ୍ରିଜ୍‌ନେଟ୍ (agrisnet) ରୁ ମଧ୍ୟ ଉପଲବ୍ଧ କରିପାରିବେ । ସେହିପରି ଆମ ରାଜ୍ୟର ବିଭିନ୍ନ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ମାଧ୍ୟମରେ ବିନା ମର୍ଟଗେଜ୍‌ରେ ଉପରୋକ୍ତ ଯୋଜନାରେ ସାମିଲ ହେବାପାଇଁ ରାଜ୍ୟ ସରକାର ବ୍ୟାପକ ପ୍ରୋତ୍ସାହନ ଯୋଗାଇ ଦେଇଛନ୍ତି। ଅବଶ୍ୟ କୃଷି ଉଦ୍ୟୋଗୀମାନଙ୍କୁ ସେମାନଙ୍କର ପ୍ରକଳ୍ପକୁ କେନ୍ଦ୍ର ସମବାୟ ବ୍ୟାଙ୍କ ସହିତ ହାଇପୋଥେକେସନ୍ କରିବାକୁ ପଡ଼ିବ । ସେଥିପାଇଁ ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ଏକ ରାଜିନାମା ସ୍ୱାକ୍ଷର କରିବାକୁ ହେବ।

*-ଉପନିର୍ଦ୍ଦେଶକ (ରୋଗ ନିୟନ୍ତ୍ରଣ), ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, କଟକ, ମୋ: ୯୪୩୭୬୦୭୩୧୨*

# କିପରି କରିବେ କଲରା ଚାଷ



ଡ. ଶାଶ୍ୱତୀ ପଟ୍ଟନାୟକ



କଲରାର ସ୍ୱାଦ ପିତା କିନ୍ତୁ ଔଷଧୀୟ ଗୁଣ ଲାଗି ଏହା ସର୍ବଜନବିଦିତ। କଲରା ରସରେ ଅନେକ ପ୍ରକାର ପୌଷ୍ଟିକ୍ ତତ୍ତ୍ୱ ଥାଏ ଯାହା ଶରୀର ପାଇଁ ହିତକର। ତନ୍ତୁ ଜାତୀୟ ଖାଦ୍ୟ ଛଡ଼ା ଏଥିରେ ପୋଟାସିୟମ, ଆଇରନ, ମ୍ୟାଗନେସିୟମ, ଭିଟାମିନ୍-ସି, କ୍ୟାଲସିୟମ ଇତ୍ୟାଦି ଥାଏ। ଏଥିରେ ଥିବା ପଲିପେପ୍‌ଟାଇଡ-ପି ଯାହାକି ମଧୁମେହ ରୋଗୀଙ୍କ ପାଇଁ ବରଦାନ ଭଳି କାମ କରେ। ରକ୍ତରେ ଶର୍କରା ଅଂଶ କମେଇବାରେ ଏହା ସାହାଯ୍ୟ କରିଥାଏ। ଖାଦ୍ୟ ମୂଲ୍ୟ ହିସାବରେ ଦେଖିବାକୁ ଗଲେ ୮୩.୨ ଭାଗ ଜଳୀୟ ଅଂଶ ଥାଏ।

କଲରା ଚାଷ ଉଭୟ ବର୍ଷା ଓ ଖରା ଦିନେ କରାଯାଇପାରିବ। କଲରାର ଅନେକ ଉନ୍ନତ ଧରଣର କିସମ ରହିଛି, ଯଥା: କୋଏମ୍ବାଟୁର ଲଙ୍ଗ, ପୁଷା-ଦୋମୌସୁମୀ, ଲଙ୍ଗଗ୍ରୀନ୍, ହ୍ୱାଇଟ୍ ଲଙ୍ଗ, ହାଇବ୍ରିଡ୍-୪୯, ଅର୍କହରିତ ଇତ୍ୟାଦି। ପ୍ରାୟ ସବୁ ମାଟିରେ ଏହାର ଚାଷ କରାଯାଇପାରିବ। ମାଟି ଦୋରସା ହେଲେ ଭଲ। ଚାଷ ହୋଇଥିବା ପଟାଳିରେ ଯେପରି ପାଣି ଜମି ନ ରହେ ସେଥିପ୍ରତି ନଜର ଦେବା ଆବଶ୍ୟକ। କଲରା ପ୍ରାୟ ୩ ମାସରେ ଅମଳ ଦେଇଥାଏ। ଏକ ଏକରରୁ ପ୍ରାୟ ୨୫-୩୦ କୁଇଣ୍ଟାଲ ଅମଳ ହୋଇଥାଏ। ପ୍ରକୃଷ୍ଟ ବୈଜ୍ଞାନିକ ପଦ୍ଧତି, ଉତ୍ତମ ବିହନ ଚୟନ ଓ ପରିଚାଳନା ମାଧ୍ୟମରେ କଲରା ଚାଷ କଲେ ବେଶ୍ ଦୁଇ ପଇସା ରୋଜଗାର କରିହେବ।

କଲରା ମନ୍ଦାରେ ଲଗାଯାଏ ଓ ପରବର୍ତ୍ତୀ କାଳରେ ଭାଡ଼ିରେ ମଡେଇ ବା ମଞ୍ଚା କରି ହଟେଇ ଦେଲେ ଅମଳ ଭଲ ମିଳେ। ଏକ ଏକର ଜମି ପିଛା ପ୍ରାୟ ୩୦-୪୦ କୁଇଣ୍ଟାଲ ଶଢ଼ା ଗୋବର ଖତ ଦରକାର। ମଞ୍ଜି ଲଗାଇବା ପୂର୍ବରୁ ମନ୍ଦା ପ୍ରସ୍ତୁତ ବେଳେ ଖତ ଦିଅନ୍ତୁ। କଲରା ଲଗାଇବା ସମୟରେ ଏକର ପିଛା ୧୦ କିଲୋଗ୍ରାମ ଯବକ୍ଷାରଜାନ, ୧୨ କିଲୋଗ୍ରାମ ଫସଫରସ ଓ ୨୦ କିଲୋଗ୍ରାମ ପଟାସ ସାର ପ୍ରୟୋଗ କରନ୍ତୁ। ଗଛ ହେବାର ୩ ସପ୍ତାହ ପରେ ଏକର ପିଛା ୧୦ କିଲୋଗ୍ରାମ ଯବକ୍ଷାରଜାନ ଦିଅନ୍ତୁ। ମଞ୍ଜି ଲଗାଇବାର ୩ ରୁ ୪ ସପ୍ତାହ ମଧ୍ୟରେ ମନ୍ଦା ଖୁସାଇ ଘାସ ବାଛି ଗଛ ମୂଳକୁ ହୁଡ଼ା ଟେକି ଦିଅନ୍ତୁ।

ବର୍ଷାଦିନେ ବତର ଦେଖି ପାଣି ମଡ଼ାନ୍ତୁ ଏବଂ ପାଣି ଯେମିତି ଗଛ ମୂଳରେ ଜମି ନ ଯାଏ ସେଥିପାଇଁ ବିଶେଷ ଧ୍ୟାନ ଦେବାକୁ ହୁଏ। ଖରାଦିନେ ମାଟିର ଆବଶ୍ୟକତାକୁ ଦେଖି ପାଣି ମଡାଯିବା ଆବଶ୍ୟକ । ଗଛରେ ଫୁଲ ଫଳ ସମୟରେ ପାଣି ଠିକ୍ ଭାବେ ଦିଆ ନ ଗଲେ ଅମଳ ଆଶାନୁରୂପକ ହୋଇ ନ ଥାଏ। କହିବା ବାହୁଲ୍ୟ ଫୁଲ, ଫଳ ହେଲା ବେଳେ ପାଣିର ଅଭାବ ରହିବା କଥା ନୁହେଁ। କଲାରର ମୁଖ୍ୟ ଶତ୍ରୁ ହେଉଛି ଫଳମାଛି। ଏହା ଫଳକୁ କଣା କରି ନଷ୍ଟ କରିଦିଏ। ପ୍ରତିକାର ସ୍ୱରୂପ ଏକର ପିଛା ୩୦୦ ମିଲିଲିଟର ଏଣ୍ଡୋସଲଫାନ ଔଷଧକୁ ୨୦୦ଲିଟର ପାଣି ସହ ମିଶାଇ ଫସଲରେ ସ୍ପ୍ରେ କରନ୍ତୁ। କଲରାର ବଜାରର ଚାହିଦା ଦେଖି କୁହାଯାଇପାରେ ଯେ ଏହାର ଚାଷ ଲାଭଜନକ। ଏହାଛଡ଼ା ସହର ଓ ସ୍ଥାନ ଅଭାବରେ ଏହାକୁ କୁଣ୍ଡ, ଅଖା, ଡାବଲ ପେଟିରେ ମଧ୍ୟ କରାଯାଇପାରିବ।

*-ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର, ଚିପିଲିମା, ସମ୍ବଲପୁର*

ପ୍ରଥମ ପୃଷ୍ଠାରୁ...

## ଆମ୍ବକୋଇଲି ପିଠା...

ଭଉଣୀ ନମିତା, ପୁଅ ପ୍ରକାଶ ଓ ସାନଭାଇ ଅବିନାଶଙ୍କ ସ୍ତ୍ରୀ ପ୍ରମିଳା ଖାଇଥିଲେ। ଅବିନାଶଙ୍କ ପୁଅ ରୋମିଓ (୫)ଙ୍କୁ ମଧ୍ୟ ଖାଇବାକୁ ଦେଇଥିଲେ। ପିତା ଲାଗିବାରୁ ସେ ଖାଇ ନ ଥିଲେ। ଅପରାହ୍ନରେ ପିଠା ଖାଇଥିବା ସୁଧମଣି, ନମିତା, ପ୍ରକାଶ ଓ ପ୍ରମିଳାଙ୍କୁ ଝାଡ଼ାବାନ୍ତି ହେବା ସହ ମୁଣ୍ଡ ବୁଲାଇଥିଲା ଏବଂ ଜିଭ ମଧ୍ୟ ଫୁଲି ଯାଇଥିଲା। କିଏ ଗୁଣି ଗାରେଡି କରିଥିବ ଭାବି ପରିବାର ପକ୍ଷରୁ ଝଡାଫୁଙ୍କା କରାଯାଇଥିଲା। କିନ୍ତୁ ରାତି ସାରା ସମସ୍ତଙ୍କୁ ବାନ୍ତି ହୋଇଥିଲା। ରାତି ପ୍ରାୟ ୨ଟାରେ ପ୍ରଥମେ ନମିତାଙ୍କ ମୃତ୍ୟୁ ଘଟିଥିଲା। ଗାଁଠାରୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୮ କିମି ଦୂର। ସେଥିମଧ୍ୟରୁ ୫ କିମି ଗାଁ ରାସ୍ତା କାଦୁଅ ପଚପଚ ହୋଇଥିବାରୁ ଟ୍ରାକ୍ଟର ଯୋଗେ ସୁଧମଣି, ପ୍ରକାଶ ଓ ପ୍ରମିଳାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେତେବେଳକୁ ରାତି ସାଢେ ୩ଟା ହୋଇଥିଲା। ଡାକ୍ତର ସେମାନଙ୍କୁ ତୁରନ୍ତ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗେ ପଠାଇଥିଲେ। ନବରଙ୍ଗପୁରକୁ ଆସିବା ବାଟରେ ସୁଧମଣିଙ୍କ ମୃତ୍ୟୁ ଘଟିଥିଲା। ପ୍ରମିଳା ଓ ପ୍ରକାଶଙ୍କୁ ଗୁରୁତର ଅବସ୍ଥାରେ ନବରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ଆସିବାରୁ ସେମାନଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପ୍ରମିଳାଙ୍କ ମୃତ୍ୟୁ ଘଟିଥିଲା। ପ୍ରକାଶ ଗୁରୁତର ଅବସ୍ଥାରେ ସେଠାରେ ଚିକିତ୍ସିତ ହେଉଛନ୍ତି।

ଜଣାପଡ଼ିଛି ଯେ, ୮ ଦିନ ତଳେ ଆମ୍ବ କୋଇଲିକୁ ବତୁରାଇ ରଖାଯାଇଥିବା ବେଳେ ସେଥିରେ ଫିମ୍ପି ଲାଗି ଯାଇଥିଲା । ସୋମବାର ତାହାକୁ ପିଠାକରି ସେମାନେ ଖାଇଥିଲେ। ଜିଲାପାଳ ଡ. ଅଜିତ କୁମାର ମିଶ୍ର ଘଟଣାର ତଦନ୍ତ ପାଇଁ ବିଡିଓ ରୁନୁ ଲାକ୍ରା, ତହସିଲଦାର କ୍ଷମାଶୀଳ ଭୋଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମଇନାପଦର ଗାଁରେ ବିଡିଓ, ତହସିଲଦାର ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଆଶୁତୋଷ ମିଶ୍ର, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଡା. ସନ୍ତୋଷ ପ୍ରଧାନ ପ୍ରମୁଖ ପହଞ୍ଚି ଅନୁଧ୍ୟାନ କରିଥିଲେ। ଏଥିସହ ଆମ୍ବକୋଇଲି ଗୁଣ୍ଡ ଏବଂ ପିଠା କାହା ଘରେ ରହିଛି ପଚାରି ବୁଝିଥିଲେ। ଡମ୍ବରୁଙ୍କ ପଡୋଶୀ ଡମ ସାନ୍ତାଙ୍କ ଘରୁ ପିଠା ଜବତ କରାଯାଇଥିଲା। ବିଡିଓ, ତହସିଲଦାର ଓ ମେଡିକାଲ ଟିମ୍ ପକ୍ଷରୁ ଏକ ମିଳିତ ରିପୋର୍ଟ ଜିଲାପାଳଙ୍କୁ ଦିଆଯାଇଛି। ଜିଲାପାଳ ମଧ୍ୟ ଏକ ରିପୋର୍ଟକୁ ସରକାରଙ୍କୁ ଦେଇଛନ୍ତି। ଖବର ପାଇଁ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ଜିଲା ପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ଆମ୍ବ କୋଇଲିକୁ ପିଠା କରି ଖାଇବା ଦ୍ୱାରା ଏଭଳି ହୋଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଚୌଧୁରୀ ଶୋଭାରାଣୀ ମିଶ୍ର କହିଛନ୍ତି। ସୂଚନାଥାଉ କି, ଦୁର୍ଗମ ଅଞ୍ଚଳରେ ଲୋକେ ଖରାଦିନେ ଆମ୍ବ କୋଇଲିକୁ ଶୁଖାଇ ଗୁଣ୍ଡ କରି ଘରେ ରଖିଥାନ୍ତି। ବର୍ଷାଦିନେ ତାହାକୁ ଗରମ ପାଣିରେ ଛାଣି ପେଯ ଓ ପିଠା କରି ଖାଇଥାନ୍ତି । ଅନେକେ ପରମ୍ପରାଗତ ଆମ୍ବକୋଇଲିରୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରି ଖାଉଛନ୍ତି। ଅର୍ଜୁନଙ୍କ କହିବା ଅନୁଯାୟୀ ତାଙ୍କ ପରିବାରର ୩ ଏକର ଧାନଜମି ଓ ୧୫ ଏକର ଡଙ୍ଗର ଜମି ରହିଛି। ଚଳିତବର୍ଷ ସେ ମକା ଓ ଧାନଚାଷ କରିଛନ୍ତି।

## ସିଦ୍ଧୁ ଶାନ୍ତିଦୂତ...

ଟୁଇଟ୍ କରି କହିଛନ୍ତି। ନିଜର ପାକ୍ ଗସ୍ତ ନେଇ ସିଦ୍ଧୁ ଚଣ୍ଡିଗଡ଼ଠାରେ ଖବରଦାତା ସମ୍ମିଳନୀରେ ଉଦ୍‌ବୋଧନ ଦେବାର କିଛି ସମୟ ପରେ ଇମ୍ରାନ୍‌ଙ୍କ ଏଭଳି ଟୁଇଟ୍ ସାମ୍ନାକୁ ଆସିଛି। ଅଗଷ୍ଟ ୧୮ରେ ଇମ୍ରାନଙ୍କ ଶପଥଗ୍ରହଣ ସମାରୋହରେ ସିଦ୍ଧୁ ଯୋଗ ଦେଇଥିଲେ। ସେଠାରେ ସେ ପାକିସ୍ତାନ ସେନାମୁଖ୍ୟ ଜେନେରାଲ କମାର ଜାଭେଦ୍ ବାଜ୍‌ୱାଙ୍କୁ ସେ ଆଲିଙ୍ଗନ କରିଥିଲେ। ଏଥିଲାଗି ସେ ରାଜ୍ୟର ବିରୋଧୀ ଭାଜପା, ଅକାଳି ଦଳର ଆକ୍ରୋଶର ଶିକାର ହୋଇଥିଲେ। ଏପରି କି ଖୋଦ୍ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ମଧ୍ୟ ତାଙ୍କୁ ସମାଲୋଚନା କରିଥିଲେ।

ପାକ୍ ସେନାଧକ୍ଷଙ୍କୁ ଆଲିଙ୍ଗନ କରିବା ନେଇ ମଙ୍ଗଳବାର ଚଣ୍ଡିଗଡ଼ରେ ସିଦ୍ଧୁ ସ୍ପଷ୍ଟୀକରଣ ରଖିଛନ୍ତି। ଏହି ପ୍ରସଙ୍ଗରେ ଭାଜପା ଦୋମୁହାଁ ନୀତି ପୋଷଣ କରୁଥିବା ସେ ଅଭିଯୋଗ ଆଣିଛନ୍ତି। ପ୍ରଧାନମନ୍ତ୍ରୀ ଭାବେ ଅଟଳ ବିହାରୀ ବାଜପେୟୀ ଏବଂ ନରେନ୍ଦ୍ର ମୋଦିଙ୍କ ପାକିସ୍ତାନ ଗସ୍ତକୁ ଏହି ଅବସରରେ ସେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ବାଜପେୟୀ ଶାନ୍ତି ବାର୍ତ୍ତା ନେଇ ପାକିସ୍ତାନ ଯାଇଥିଲେ। ଏହାପରେ କାର୍ଗିଲ ଯୁଦ୍ଧ ହୋଇଥିଲା। ୫୨୭ ଭାରତୀୟ ଯବାନ ଏଥିରେ ଶହୀଦ ହୋଇଥିଲେ। ସେଥିପାଇଁ କ'ଣ ବାଜପେୟୀଙ୍କୁ ଦାୟୀ କରାଯିବ। ଏହାପରେ ମୋଦି ସାହେବ ବେସରକାରୀ ଭାବେ ସେଠାକୁ ଯାଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ୍‌ଙ୍କୁ ଆଲିଙ୍ଗନ କରିଥିଲେ। ମୋଦିଙ୍କୁ କ'ଣ ଦେଶପ୍ରେମୀ କୁହାଯିବ ନାହିଁ କି ବୋଲି ସିଦ୍ଧୁ ପ୍ରଶ୍ନ କରିଛନ୍ତି।

## ଚାକିରି ପାଇଁ ଜୀବନ...




ଅସୁସ୍ଥ ପ୍ରଭାତ ସାହୁ ଓ କୁନା ନାଏକ

ନିଯୁକ୍ତି ପ୍ରକ୍ରିୟା ଚାଲିଥିଲା। ଏଥିପାଇଁ ବିଭିନ୍ନ ଜିଲାର ପ୍ରାୟ ୧୨ ହଜାର ପ୍ରାର୍ଥୀ ଆବେଦନ କରିଥିଲେ। ଏତେ ସଂଖ୍ୟକ ପ୍ରାର୍ଥୀ ଥିବାରୁ ଗତ ୬ ତାରିଖରୁ ଭିନ୍ନ ଭିନ୍ନ ଦିନରେ ଚୟନ ପ୍ରକ୍ରିୟା ଚାଲିଥିଲା। ମଙ୍ଗଳବାର ଏକ ନିର୍ଦ୍ଦିଷ୍ଟ ବର୍ଗର ୪୦ ପ୍ରାର୍ଥୀଙ୍କ ପାଇଁ ବୌଦ୍ଧ ବ୍ଲକ ଗିରାସିଙ୍ଗାସ୍ଥିତ ଆଇଆର୍‌ବି କାର୍ଯ୍ୟାଳୟ ନିକଟ ରାସ୍ତାରେ ୫ କିଲୋମିଟର ଦୌଡ଼ ଦକ୍ଷତା ପରୀକ୍ଷା କରାଯାଇଥିଲା। ଅନ୍ୟ ପ୍ରାର୍ଥୀମାନଙ୍କ ସହ ଏଥିରେ ପ୍ରବାସୀ, ପ୍ରଭାତ ଓ କୁନା ଭାଗ ନେଇଥିଲେ। ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଆଉ ମାତ୍ର ୨୦୦ ମିଟର ବାକି ଥିବାବେଳେ ଏମାନେ ହାଲିଆ ହୋଇ ତଳେ ପଡ଼ିଯାଇଥିଲେ। ଆମ୍ବୁଲାନ୍ସ ଯୋଗେ ତୁରନ୍ତ ଏମାନଙ୍କୁ ବୌଦ୍ଧ ମେଡିକାଲ ପଠାଇ ଦିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରବାସୀଙ୍କ ମୃତ୍ୟୁ ହୋଇଥିଲା। ବୌଦ୍ଧ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଏସ୍‌ଡିପିଓ ସାଲେଷ୍ଟିନ ଟିଗା ଓ ଥାନା ଅଧିକାରୀ ସୁବାସ ଚନ୍ଦ୍ର ରାୟଗୁରୁ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ପ୍ରବାସୀଙ୍କ ମୃତଦେହ ଜବତ କରି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରାଯାଇଛି। ଏକ ଅପମୃତ୍ୟୁ ମାମଲା (ନଂ. ୨୩/୧୮) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ବୁର୍ଲା ମେଡିକାଲ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ପ୍ରବାସୀ ପୂର୍ବରୁ ଅନୁଷ୍ଠିତ ସମସ୍ତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାବେଳେ ଶେଷ ଦୌଡ଼ ପରୀକ୍ଷା ଦେଉଥିଲେ। ଅନ୍ୟପକ୍ଷରେ ଅଧିକାଂଶ ପରୀକ୍ଷାର୍ଥୀ ଶାରୀରିକ ପରୀକ୍ଷା ପୂର୍ବରୁ ଖାଦ୍ୟ ନେଉ ନ ଥିବାରୁ ଏପରି ପରିସ୍ଥିତି ଉପୁଜିଥିବା ଆଇଆର୍‌ବି ପକ୍ଷରୁ କୁହାଯାଇଛି।

ପୂର୍ବରୁ ଗତ ୯ ତାରିଖରେ କଟକ ନରାଜଠାରେ ଓଡ଼ିଶା ସ୍ପେଶାଲ୍ ଆର୍ମଡ ପୋଲିସ (ଓଏସ୍‌ଏପି) ପକ୍ଷରୁ ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ହୋଇଥିବାବେଳେ ୨ଜଣ ପରୀକ୍ଷାର୍ଥୀ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ମଧ୍ୟରୁ କଟକ ଜିଲା ନରସିଂହପୁର ବ୍ଲକ ନୁଖାପଡ଼ା ଗ୍ରାମର ସୁରେଶ ପ୍ରଧାନଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଗତ ୧୧ ତାରିଖରେ କଳାହାଣ୍ଡି ଜିଲା ଭବାନୀପାଟଣାଠାରେ କନଷ୍ଟେବଲ ନିଯୁକ୍ତି ପାଇଁ ହୋଇଥିବା ଦୌଡ଼ରେ ସୁଶାନ୍ତ ନାୟକ ନାମକ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ଘଟିଥିଲା।

## ଏସିଆନ ଗେମ୍ସ: ସୌରଭଙ୍କୁ...

ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଏଗ୍ରିଗେଟରେ ୨୪୦.୭ ଶୁଟ କରି ପ୍ରଥମ ସ୍ଥାନ ଅଧିକାର କରିବା ସହ ପଦାର୍ପଣରେ ଏହି ଐତିହାସିକ ସଫଳତା ପାଇଛନ୍ତି। ଏଥି ସହିତ ସେ ଏସିଆନ ଗେମ୍ସ ରେକର୍ଡ ମଧ୍ୟ ସୃଷ୍ଟି କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ମଧ୍ୟ ସେ ଶ୍ରେଷ୍ଠ ପ୍ରଦର୍ଶନ କରି ୫୮୬ ଅଙ୍କ ହାସଲ କରି ଶୀର୍ଷ ସ୍ଥାନରେ ରହିଥିଲେ। ଏହି କ୍ରମରେ ସେ ପୂର୍ବତନ ଅଲିମ୍ପିକ୍ ଚାମ୍ପିୟନ କୋରିଆର ଜିନ୍ ଜେଙ୍ଗ୍- ଓହଙ୍କୁ ଦୁଇ ଅଙ୍କରେ ପଛରେ ପକାଥିଲେ। ଜିନ୍ ପୂର୍ବରୁ ୪ଥର ଅଲିମ୍ପିକ ଓ ୩ଥର ବିଶ୍ୱ ଚାମ୍ପିୟନ ହୋଇଥିଲେ। ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିବାରେ ସୌରଭ ପ୍ରଥମ ଭାରତୀୟ ସାବ୍ୟସ୍ତ ହୋଇଛନ୍ତି। ତେବେ ପୂର୍ବରୁ ଅନ୍ୟତମ ଭାରତୀୟ ଶୁଟର ବିଜୟ କୁମାର ୨୦୧୦ ଗୁଆଙ୍ଗଝଉ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପ୍ରଥମଥର ପାଇଁ ସିନିୟର ସ୍ତରରେ ଅଂଶଗ୍ରହଣ କରିଥିଲେ ମଧ୍ୟ ଶାନ୍ତ ସ୍ୱଭାବର ସୌରଭ ବେଶ୍ ପରିପକ୍ୱତା ଦେଖାଇଥିଲେ।

ଏହା ପୂର୍ବରୁ ସେ ସିନିୟର ଶୁଟରମାନଙ୍କ ସହ ଏକାଠି ପ୍ରଶିକ୍ଷଣ ନେଉଥିଲେ। ସୌରଭଙ୍କ ଏହି ସଫଳତା ସହ ଚଳିତ ଏସିଆନ ଗେମ୍ସରେ ଭାରତ ଶୁଟିଂରେ ପ୍ରଥମ ସ୍ୱର୍ଣ୍ଣ ମୋଟ ଉପରେ ପଞ୍ଚମ ପଦକ ହାସଲ କରିଛି। ଏହାପୂର୍ବରୁ ଅପୂର୍ବୀ ଚାଣ୍ଡିଲା ଓ ରବି କୁମାର ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ୍ ଜିତିଥିଲେ। ସେହିପରି ଦୀପକ କୁମାର ପୁରୁଷ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ପୁଣି ସୋମବାର ୧୮ ବର୍ଷୀୟ ଲକ୍ଷ୍ୟ ପୁରୁଷ ଟ୍ରାପ୍ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲେ। ଏହାପରେ ସଞ୍ଜୀବ ରାଜପୁତ ମଧ୍ୟ ପଦକ ଜିତିଛନ୍ତି।

ଏସିଆଡର ସବୁ ସଂସ୍କରଣକୁ ବିଚାରକୁ ନିଆଗଲେ ଭାରତ ମୋଟ ଉପରେ ଅଷ୍ଟମ ସ୍ୱର୍ଣ୍ଣ ପଦକ ଜିତିଛି। ଏହାପୂର୍ବରୁ ସୌରଭ ୨୦୧୮ ଜୁନରେ ଜର୍ମାନୀରେ ଅନୁଷ୍ଠିତ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବା ସହ ଜୁନିୟର ସ୍ତରରେ ନୂଆ ବିଶ୍ୱରେକର୍ଡ ସ୍ଥାପନ କରିଥିଲେ। ଏବେ ସେ ଆସନ୍ତା ଅକ୍ଟୋବରରେ ଆର୍ଜେଣ୍ଟିନାର ବୁଏନ୍ସ ଆରିଜରେ ଆୟୋଜନ ହେବାକୁଥିବା ୨୦୧୮ ଯୁବ ଅଲିମ୍ପିକ୍ସରେ ମଧ୍ୟ ଅଂଶଗ୍ରହଣ କରିବେ। ୨୦୧୭ ଡିସେମ୍ବରରେ ଅନୁଷ୍ଠିତ ଦଶମ ଏସୀୟ ଯୁବ ଅଲିମ୍ପିକ୍ସ ଗେମ୍ସ କ୍ୱାଲିଫିକେଶନ ଇଭେଣ୍ଟରେ ସୌରଭ ସ୍ୱର୍ଣ୍ଣ ପଦକ ଜିତି ଜୁନିୟର ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ।

ମାତ୍ର ୩ ବର୍ଷ ତଳେ ଶୁଟିଂରେ କ୍ୟାରିୟର ଆରମ୍ଭ କରିଥିବା ସୌରଭ ଆଦୌ ଚାପରେ ନ ଥିଲେ ବୋଲି କହିଛନ୍ତି। ସୌରଭ ଏକାଦଶ ଶ୍ରେଣୀରେ ପଢୁଛନ୍ତି। ମିରଟଠାରୁ ୫୩ କି.ମି. ଦୂରରେ ଥିବା ବାଘପତ୍‌ର ବେନୋଲିସ୍ଥିତ ଅମିତ୍ ଶେଓରାନ ଏକାଡେମୀରେ ଶୁଟିଂର କଳା ଶିକ୍ଷା କରିଥିଲେ। ଘରେ ଥିବା ବେଳେ ସେ ବାପାଙ୍କୁ ଚାଷ କାର୍ଯ୍ୟରେ ସହାୟତା କରୁଥିଲେ। ଶାକାହାରି ସୌରଭ ମନୁ ଭାକରଙ୍କ ସମସାମୟିକ।

## ପରଲୋକରେ...

ସୋର ବ୍ଲକ ଅନ୍ତର୍ଗତ କୁଡ଼େଇ ଗ୍ରାମକୁ ନିଆଯାଇ ସେଠାରେ ଅନ୍ତିମ ସଂସ୍କାର କରାଯିବ। ଯଦୁନାଥଙ୍କ ଜନ୍ମ ୧୯୨୯ ମାର୍ଚ୍ଚ ୧ତାରିଖରେ। ତାଙ୍କ ମାତା ରାସମଣି ଦେବୀ ଓ ପିତା ନାରାୟଣ ଦାସମହାପାତ୍ର । ସ୍ଥାନୀୟ ସୋର ସତ୍ୟାନନ୍ଦ ହାଇସ୍କୁଲରେ ଯଦୁନାଥ ମ୍ୟାଟ୍ରିକ ପାସ୍ କରିବା ପରେ ରେଭେନ୍‌ଶା କଲେଜରେ ବିଏ ପାସ କରିଥିଲେ । ପରେ କଲିକତା ବିଶ୍ୱବିଦ୍ୟାଳୟରୁ ଏଲଏଲବି ଡିଗ୍ରୀ ହାସଲ କରିଥିଲେ। ଲକ୍ଷ୍ମୀପ୍ରିୟା ଦାସମହାପାତ୍ରଙ୍କୁ ସେ ବିବାହ କରିଥିଲେ। ଆଡଭୋକେଟ ଭାବେ ସେ ନିଜର କ୍ୟାରିୟର ଆରମ୍ଭ କରି ୧୯୬୨ରେ କଂଗ୍ରେସରେ ଯୋଗ ଦେଇଥିଲେ। ବାଲେଶ୍ୱର ଜିଲାରେ ଅନେକ ଦଳୀୟ ପଦପଦବୀରେ ରହି ୧୯୭୧ରେ ସୋର ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରେ ୧୯୭୪ ଓ ୧୯୮୫ରେ ସେ କଂଗ୍ରେସ ଟିକେଟରେ ସୋରରୁ ବିଜୟଲାଭ କରିଥିଲେ। ୧୯୭୧ ମସିହାରେ ବିଧାନସଭାକୁ ନିର୍ବାଚିତ ହୋଇ ଅର୍ଥମନ୍ତ୍ରୀ ହୋଇଥିଲେ। ୧୯୭୪ ମସିହାରେ ନନ୍ଦିନୀ ଶତପଥୀଙ୍କ ମନ୍ତ୍ରିମଣ୍ଡଳରେ ଶିକ୍ଷାମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୧୯୮୫ ମସିହାରେ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ପୁଣି ଶିକ୍ଷାମନ୍ତ୍ରୀ ରହିଥିଲେ । ବିଭିନ୍ନ ସମୟରେ ଅର୍ଥ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ଭାବେ ମଧ୍ୟ ଦାୟିତ୍ୱ ସମ୍ପାଦନ କରିଛନ୍ତି। କେବଳ ଜଣେ ରାଜନେତା ନୁହନ୍ତି, ଜଣେ ସାରସ୍ୱତ ସାଧକ ଭାବେ ସେ ସୁପରିଚିତ ଥିଲେ। ୬୦ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଯାଇଛନ୍ତି, ଯେଉଁଥିରେ କବିତା, ଗଳ୍ପ, ଉପନ୍ୟାସ, ନାଟକ ଓ ଅନୁବାଦ ପୁସ୍ତକ ରହିଛି। 'ଗ୍ରାମ୍ୟ ନଦୀର ତୀରେ', 'ବିଭୀଷିକା', 'ପରଶମଣି', 'ସୂର୍ଯ୍ୟମନ୍ଦିର', 'ସଂଗ୍ରାମ', 'ଭୁଲି ହୁଏନା', 'କ୍ଷମା କରିବେ କି' ଆଦି ତାଙ୍କର ଶ୍ରେଷ୍ଠ ପୁସ୍ତକ ମଧ୍ୟରୁ ଅନ୍ୟତମ। ତାଙ୍କ ରଚିତ ଆତ୍ମଜୀବନୀ ପୁସ୍ତକ 'ଜୀବନ ସ୍ମୃତି'। ତାଙ୍କ ନାଟକ 'ଭୁଲି ହୁଏନା'କୁ ନେଇ ଚଳଚ୍ଚିତ୍ର ନିର୍ମିତ ହୋଇଛି। 'ଅଥବା ଅନ୍ଧାର' ନାଟକ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଏହି ରାଜନେତା ତଥା ସାରସ୍ୱତ ସାଧକଙ୍କ ବିୟୋଗରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସଂସ୍କୃତି ଏବଂ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ମହିଳା ଓ ଶିଶୁ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ଏବଂ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।



ଅବାଞ୍ଛିତ କଲ୍ ନିୟମକୁ ନେଇ ଘରୋଇ ଟେଲିକମ୍ ସଂସ୍ଥାଙ୍କ ମଧ୍ୟରେ ରହିଥିବା ବିଭିନ୍ନ ଅସୁବିଧାର ଦୂରୀକରଣ ଲାଗି ସେମାନଙ୍କ ସହ ଆଲୋଚନା ହେବା।
– ଆର୍.ଏସ୍.ଶର୍ମା, ଟ୍ରାଇ ଅଧ୍ୟକ୍ଷ



କେରଳ ବନ୍ୟାରେ ଯେଉଁମାନଙ୍କର ଆଧାର ପରିଚୟପତ୍ର ହଜିଯାଇଛି ବା ନଷ୍ଟ ହୋଇଯାଇଛି ସେମାନେ ଆଧାର ପ୍ରଦାନକାରୀ ଏଜେନ୍ସିଗୁଡିକ ଠାରୁ ଇ–ଆଧାରର ଏକ ନକଲ ମାଗଣାରେ ନେଇ ପାରିବେ।
– ଅଜୟ ଭୂଷଣ ପାଣ୍ଡେ, ସିଇଓ, ୟୁଆଇଡିଏଆଇ

## ସଂକ୍ଷେପରେ

### କେରଳରେ କମ୍ପାନୀ ବାଣ୍ଟିବେ ଖାଦ୍ୟ ସାମଗ୍ରୀ

ନୂଆଦିଲ୍ଲୀ,୨୧-୮: କେରଳର ବନ୍ୟା ପ୍ରଭାବିତ ଅଞ୍ଚଳଗୁଡିକରେ ଘରୋଇ ବଜାରର ପ୍ରମୁଖ କମ୍ପାନୀଗୁଡିକ ଖାଦ୍ୟ ସାମଗ୍ରୀ ବାଣ୍ଟିବେ। ଆଇଟିସି, କୋକାକୋଲା, ପେପ୍‌ସି, ହିନ୍ଦୁସ୍ତାନ ୟୁନିଲିଭର ଭଳି ପ୍ରମୁଖ ଏଫ୍ଏମ୍‌ସିଜି କମ୍ପାନୀଗୁଡିକ ଏହା ମଧ୍ୟରେ ରହିଛନ୍ତି। ଉକ୍ତ କମ୍ପାନୀଗୁଡିକ ୨ ଦିନ ପାଇଁ ବନ୍ୟା ପ୍ରଭାବିତ ସ୍ଥାନଗୁଡିକରେ ପାଣି ବୋତଲ, ଖାଦ୍ୟ ସାମଗ୍ରୀ ସହ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରିବେ। କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ ହରସିମରତ୍ କୌର ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀଗୁଡିକର ପ୍ରତିନିଧିଙ୍କ ସହ ସୋମବାର ଏ ନେଇ କୌର ଆଲୋଚନା କରିଥିବା ଜଣାଯାଇଛି। ବନ୍ୟା ପ୍ରଭାବିତ ଲୋକଙ୍କ ନିକଟରେ କିଭଳି ଭାବେ କମ୍ପାନୀଗୁଡିକ ଆବଶ୍ୟକ ସେବା ଯୋଗାଇ ପାରିବେ ସେ ନେଇ ଯୋଜନା ସଂକ୍ରାନ୍ତ ଆଲୋଚନା କରାଯାଇଥିବା ସେ ସୂଚନା ଦେଇଛନ୍ତି। ଲୋକଙ୍କ ସହାୟତା ପାଇଁ କମ୍ପାନୀଗୁଡିକ ଆଗ୍ରହ ଦେଖାଇଥିବା ଜଣାପଡ଼ିଛି।

### 'ବାଣିଜ୍ୟ ନିଅଣ୍ଟ ଚିନ୍ତାଜନକ'

ନୂଆଦିଲ୍ଲୀ,୨୧-୮(ପି.ଟି)
ବର୍ତ୍ତମାନ ଘରୋଇ ବଜାର ଏକ ଚ୍ୟାଲେଞ୍ଜିଂ ସ୍ଥିତି ଦେଇ ଗତି କରୁଛି। ବିଶ୍ୱ ବଜାରର ବର୍ଦ୍ଧିତ ତୈଳ ଦର, ତୁର୍କୀର ବିତ୍ତୀୟ ବ୍ୟବସ୍ଥା କ୍ଷତିଗ୍ରସ୍ତ ହେବା ଯୋଗୁ ଭାରତୀୟ ମୁଦ୍ରା ଉପରେ ଏହା ଗଭୀର ଭାବେ ପ୍ରଭାବ ପକାଇଛି। ଡଲାରର ବିନିମୟ ମୂଲ୍ୟ ତୁଳନାରେ ଟଙ୍କା ୭୦ ସ୍ତର ଟପିଥିବା ଜଣାପଡ଼ିଛି। ଟଙ୍କା ମୂଲ୍ୟ ହ୍ରାସ କ୍ଷେତ୍ରରେ ଏହା ଏକ ଐତିହାସିକ ରେକର୍ଡ। ମାତ୍ର ଟଙ୍କାର ମୂଲ୍ୟ ହ୍ରାସ ସରକାରଙ୍କ ପାଇଁ ବିଶେଷ ଭାବେ ଚିନ୍ତାର କାରଣ ନୁହେଁ ବୋଲି ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ମଙ୍ଗଳବାର କହିଛନ୍ତି। ଟଙ୍କାର ମୂଲ୍ୟ ହ୍ରାସ ତୁଳନାରେ ବାଣିଜ୍ୟ ନିଅଣ୍ଟ ଅଧିକ ଚିନ୍ତାଜନକ ବୋଲି କୁମାର ଗୁରୁତ୍ୱାରୋପ କରିଛନ୍ତି। ଏପରି ସ୍ଥିତିରେ ରପ୍ତାନି ବୃଦ୍ଧି କରିବା ଉପରେ ସେ ମତ ଦେଇଛନ୍ତି। ଟଙ୍କାର ମୂଲ୍ୟ ଦୃଢ଼ କରିବା କଷ୍ଟକର ବୋଲି ଶିଳ୍ପ ସଂଘ କନଫେଡେରେଶନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରୀ (ସିଆଇଆଇ) ପକ୍ଷରୁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କୁମାର ଏହା ସ୍ପଷ୍ଟ କରିଛନ୍ତି। ଅଗଷ୍ଟ ୧୬ରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୭୦.୨୩ ସ୍ତର ଛୁଇଁଥିଲା। ଅପରପକ୍ଷରେ ସରକାରୀ ନୀତି ନିର୍ଦ୍ଧାରକମାନେ କେବଳ ବିତ୍ତୀୟ ନିଅଣ୍ଟ ଉପରେ ଧ୍ୟାନ ନ ଦିଅନ୍ତୁ ବୋଲି କୁମାର କହିଛନ୍ତି। ଆମେରିକା, ଚାଇନା ଏବଂ ୟୁରୋପୀୟ ସଂଘର ରାଷ୍ଟ୍ରଗୁଡିକ ବିତ୍ତୀୟ ନିୟନ୍ତ୍ରଣ ଉପରେ ଏତେଟା ପ୍ରାଧାନ୍ୟ ଦେଉ ନ ଥିବା ସେ ପ୍ରକାଶ କରିଛନ୍ତି। ବାଣିଜ୍ୟ ନିଅଣ୍ଟ ଏକ ଚିନ୍ତାର କାରଣ ହୋଇଥିବାରୁ ରପ୍ତାନି ବୃଦ୍ଧି ହେବାର ଆବଶ୍ୟକତା ରହିଛି। ଏପରି ସ୍ଥିତିରେ ନୀତି ଆୟୋଗ 'ନ୍ୟୁ ଇଣ୍ଡିଆ-୨୦୨୨' ଏଜେଣ୍ଡା ଆଣିବ ବୋଲି କୁମାର ସୂଚନା ଦେଇଛନ୍ତି।

### ଅନ୍‌ଲାଇନ୍ ଶପିଂ ଛାଡୁଛନ୍ତି ଗ୍ରାହକ

ନୂଆଦିଲ୍ଲୀ,୨୧-୮
ବର୍ତ୍ତମାନ ଅନ୍‌ଲାଇନ୍‌ରେ ସାମଗ୍ରୀ କ୍ରୟ ବିକ୍ରୟର ଯୁଗ ଆସିଥିବା ବେଳେ ଏଥିରେ ଗତ କିଛି ବର୍ଷ ଧରି ବିଶେଷ ଭାବେ ପରିବର୍ତ୍ତନ ଆସିଛି। ଘରୋଇ ବଜାରରେ ଦୈନିକ ଭିତ୍ତିରେ ୫ କୋଟି ଗ୍ରାହକ ଅନଲାଇନରେ କ୍ରୟ କରୁଥିବାର ରେକର୍ଡ ରହିଥିଲା। ମାତ୍ର ସମାନ ସଂଖ୍ୟକ ଗ୍ରାହକ ଗତ ଗୋଟିଏ ବର୍ଷ ମଧ୍ୟରେ ଅନ୍‌ଲାଇନରୁ ସାମଗ୍ରୀ କ୍ରୟ କରିବା ବନ୍ଦ କରି ଦେଇଥିବା ଜଣାପଡିଛି। ଏଥିଯୋଗୁ ଇ-କମର୍ସ ସଂସ୍ଥାଗୁଡିକ ଗୋଟିଏ ବର୍ଷ ମଧ୍ୟରେ ପ୍ରାୟ ୫୦ ବିଲିୟନ ଡଲାରର ବ୍ୟବସାୟିକ କ୍ଷତି ସହିବାକୁ ପଡିଛି। ଇଣ୍ଟରନେଟ କମ୍ପାନୀ ଗୁଗୁଲ, କନ୍‌ସଲଟାଣ୍ଟ ବ୍ରେନ୍ ଆଣ୍ଡ କମ୍ପାନୀ ଓ ଭେଞ୍ଚର ଫଣ୍ଡ ଓମିଡ୍ୟାର ନେଟ୍‌ୱର୍କ ପକ୍ଷରୁ ହୋଇଥିବା ଏକ ଅଧ୍ୟୟନରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ପ୍ରଥମ କ୍ରୟ ପରେ ୫୪ ନିୟୁତ ୟୁଜର ଅନ୍‌ଲାଇନ ଟ୍ରାଞ୍ଜାକ୍‌ଶନ ବନ୍ଦ କରି ଦେଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଏମାନେ ସାଧାରଣତଃ ପ୍ରଥମଥରର ୟୁଜର ତଥା ନିମ୍ନ ଆୟକାରୀ ବୋଲି ଜଣାଯାଇଛି।

## ହ୍ୱାଟ୍‌ସଆପ୍ ସିଇଓଙ୍କୁ ସରକାରଙ୍କ ପରାମର୍ଶ

# ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଅ

ନୂଆଦିଲ୍ଲୀ,୨୧-୮

- ଭାରତ ଗସ୍ତରେ ହ୍ୱାଟ୍‌ସଆପ୍ ସିଇଓ
- ସ୍ଥାନୀୟ କାର୍ଯ୍ୟାଳୟ ସ୍ଥାପନ ପାଇଁ କହିଲେ ସରକାର
- ମିଥ୍ୟା ଖବର ନିୟନ୍ତ୍ରଣ, ଅଭିଯୋଗ ସମାଧାନ ଉପରେ ଗୁରୁତ୍ୱ




ହ୍ୱାଟ୍‌ସଆପ୍ ପ୍ଲାଟଫର୍ମରେ ମିଥ୍ୟା ଖବର ଆସିବା ଯୋଗୁ ଦେଶରେ ବିଭିନ୍ନ ଅସୁବିଧା ସୃଷ୍ଟି ହୋଇଛି। ହିଂସାକାଣ୍ଡ ସହ ଅନେକ ଲୋକଙ୍କ ଜୀବନ ହାନି ହେବାର ଖବର ମଧ୍ୟ ସାମ୍ନାକୁ ଆସିଛି। ହ୍ୱାଟ୍‌ସଆପ୍ ପ୍ଲାଟଫର୍ମରେ ବ୍ୟାପୁଥିବା ମିଥ୍ୟା ଖବର ଉପରେ ନିୟନ୍ତ୍ରଣ ଜାରି କରିବାକୁ ସରକାର କମ୍ପାନୀକୁ ପୂର୍ବରୁ ନିର୍ଦ୍ଦେଶ ଜାରି କରିଛନ୍ତି। ମଙ୍ଗଳବାରଠାରୁ ହ୍ୱାଟ୍‌ସଆପ୍ ସିଇଓ ଭାରତ ଗସ୍ତରେ ଆସିଥିବା ବେଳେ ଦେଶର ଉଚ୍ଚ ସରକାରୀ ପଦାଧିକାରୀଙ୍କୁ ଭେଟିଥିବା ଜଣାଯାଇଛି। ଘରୋଇ ବଜାରରେ ରହିଥିବା ଆଇନକୁ ଶୀଘ୍ର କାର୍ଯ୍ୟକାରୀ କରାଇବା ଲାଗି ସରକାର ହ୍ୱାଟ୍‌ସଆପ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) କ୍ରିସ ଡାନିଏଲ୍‌ଙ୍କୁ ପରାମର୍ଶ ଦେଇଛନ୍ତି। ଡାନିଏଲ୍ ସୂଚନା ଏବଂ ପ୍ରଯୁକ୍ତି ମନ୍ତ୍ରୀ ରବି ଶଙ୍କର ପ୍ରସାଦଙ୍କୁ ଭେଟିଛନ୍ତି।

ହ୍ୱାଟ୍‌ସଆପ୍ ପ୍ଲାଟଫର୍ମରେ ଏଭଳି ଅସୁବିଧାର ସମାଧାନ ଦିଗରେ ସରକାରଙ୍କ କଡା ଆଭିମୁଖ୍ୟ ଉପରେ ପ୍ରସାଦ କମ୍ପାନୀକୁ ସୂଚିତ କରାଇଛନ୍ତି। ସେହିଭଳି ଘରୋଇ ବଜାରରେ ଏକ କାର୍ଯ୍ୟାଳୟ ସ୍ଥାପନ ପାଇଁ ସରକାର କମ୍ପାନୀକୁ କହିଛନ୍ତି। ହ୍ୱାଟ୍‌ସଆପ୍ ପ୍ଲାଟଫର୍ମରେ ବ୍ୟାପୁଥିବା ମିଥ୍ୟା ଖବର ଉପରେ ନିୟନ୍ତ୍ରଣ ଜାରି ଲାଗି ଟେକ୍ନୋଲୋଜି ସମାଧାନ ଆଣିବା ଉପରେ ଧ୍ୟାନ ଦେବାକୁ କମ୍ପାନିକୁ କୁହାଯାଇଛି। ଘରୋଇ ବଜାରରେ ସୃଷ୍ଟି ଡାଟାର ସ୍ଥାନୀୟକରଣ ନେଇ ସରକାର ବର୍ତ୍ତମାନ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଉକ୍ତ ପଦକ୍ଷେପ ଅନ୍ତର୍ଗତ ବିଭିନ୍ନ ଆର୍ଥିକ ତଥ୍ୟକୁ ଭାରତରେ ସଂରକ୍ଷଣ କରିବାକୁ କମ୍ପାନୀକୁ ସୂଚୀତ କରାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ହ୍ୱାଟସ୍‌ଆପ୍ ଘରୋଇ ବଜାରରେ ନିଜର ପେପେଣ୍ଟ ସେବା ଶୁଭାରମ୍ଭ ଅପେକ୍ଷାରେ ରହିଛି। ସେହିଭଳି ଘରୋଇ ବଜାର ଲାଗି ଏକ ଗ୍ରିଭାନ୍ସ ଅଫିସର ନିଯୁକ୍ତି କରିବାକୁ ହ୍ୱାଟ୍‌ସ ଆପ୍‌କୁ ଅନୁରୋଧ କରାଯାଇଛି ବୋଲି ପ୍ରସାଦ କହିଛନ୍ତି। ଘରୋଇ ବଜାରରେ ଏକ ଅଫିସ ସ୍ଥାପନ ଦ୍ୱାରା ୟୁଜରଙ୍କ ମଧ୍ୟରେ ସଚେତନତା ସୃଷ୍ଟିକରିବାକୁ କମ୍ପାନୀକୁ ପରାମର୍ଶ ଦିଆଯାଇଥିବା ଜଣାପଡିଛି।

## ଏଭରେଷ୍ଟ ମସଲା ପକ୍ଷରୁ ରଜ ମଉଜ ଲକି ଡ୍ର



ଭୁବନେଶ୍ୱର,୨୧-୮

ପ୍ରମୁଖ କମ୍ପାନୀ ଏଭରେଷ୍ଟ ମସଲା ପକ୍ଷରୁ ଏହାର ରଜମଉଜ ଲକି ଡ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଟକ ଓ ଭୁବନେଶ୍ୱର ପାଇଁ ଉକ୍ତ ଲକି ଡ୍ର ଯୋଜନା ୧୪ ମେ'ରୁ ଆରମ୍ଭ ହୋଇ ୧୭ ଜୁଲାଇରେ ଶେଷ ହୋଇଥିଲା। ସ୍କିମ୍ ଅନୁଯାୟୀ, ୧୦୦୦ ଟଙ୍କା ମୂଲ୍ୟର ମସଲା କ୍ରୟରେ ଗୋଟିଏ ଲେଖାଏଁ ଭାଗ୍ୟଶାଳୀ କୁପନ ପ୍ରଦାନ କରାଯାଇଥିଲା। ସେହିଭଳି ୧୦,୦୦୦ ଟଙ୍କାର ମସଲା କ୍ରୟରେ ୧୨ଟି କୁପନ ବ୍ୟବସ୍ଥା ରହିଥିଲା। ଦ୍ୱୈତ ନଗରୀର ବିକ୍ରେତାଙ୍କ ମଧ୍ୟରେ ଲକି ଡ୍ର ଦ୍ୱାରା ୧୦୧ଟି ପୁରସ୍କାର ପ୍ରଦାନ କରାଯାଇଥିବା କମ୍ପାନୀର ଶାଖା ପ୍ରବନ୍ଧକ ମୋହନ କୁମାର ସୂଚନା ଦେଇଛନ୍ତି। ପ୍ରଥମ ପୁରସ୍କାରରେ ୧ ଲକ୍ଷ ଟଙ୍କାର ସୁନା ଗହଣା, ଦ୍ୱିତୀୟ ପୁରସ୍କାରରେ ସାମସଙ୍ଗ୍ ଏଲ୍ଇଡି ଟିଭି ସହ ଅନ୍ୟାନ୍ୟ ୯୯ ପୁରସ୍କାର ପାଇଁ ଲକି ଡ୍ର ଅନୁଷ୍ଠିତ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି। କାର୍ଯ୍ୟକ୍ରମ ଅବସରରେ ଏଏସ୍ଏମ୍ ଶାନ୍ତନୁ କୁମାର ବଳ, ଅମିତାଭ ଶତପଥୀ ଏବଂ ସତ୍ୟଜିତ ଦେ ପ୍ରମୁଖ ଉପସ୍ଥିତ ଥିଲେ।

# କେବଳ ଆଧାର ନକଲରେ ଖୋଲିହେବନି ବ୍ୟାଙ୍କ ଖାତା

### ଆଧାର ସମ୍ପର୍କିତ ଏଫ୍ଏକ୍ୟୁ ଜାରି କଲା ୟୁଆଇଡିଏଆଇ




ନୂଆଦିଲ୍ଲୀ, ୨୧-୮: କେନ୍ଦ୍ର ସରକାର ଆଧାର କାର୍ଡ ବ୍ୟବସ୍ଥାକୁ ମାତ୍ରାଧିକ ଗୁରୁତ୍ୱ ଦେଉଛନ୍ତି। ଫଳରେ ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଏଭଳି ଧାରଣା ସୃଷ୍ଟି ହୋଇଛି ଯେ, ଆଉ କୌଣସି ପରିଚୟପତ୍ର ଥାଉ ବା ନ ଥାଉ କେବଳ ଆଧାର କାର୍ଡ ଖଣ୍ଡେ ଥିଲେ ତାହା ସବୁ କାର୍ଯ୍ୟରେ ଲାଗିବ। କିନ୍ତୁ ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ) ଏଭଳି ଚିନ୍ତାଧାରକୁ ଭୁଲ୍ ପ୍ରମାଣିତ କରିଛି। ୟୁଆଇଡିଏଆଇ ମଙ୍ଗଳବାର ଏକ ଫ୍ରିକ୍ୱେଣ୍ଟ୍‌ଲି ଆସ୍କଡ୍ କୋଶ୍ଚିନ୍‌ସ(ଏଫ୍ଏକ୍ୟୁ) ଜାରି କରି ଦର୍ଶାଇଛି, କେବଳ ଆଧାର କାର୍ଡରେ ବ୍ୟାଙ୍କ ଖାତା ଖୋଲି ହେବ ନାହିଁ। ବାୟୋମେଟ୍ରିକ୍ ବା ୱାନ୍ ଟାଇମ୍ ପାସ୍‌ୱାର୍ଡ (ଓଟିପି)ଅଥେଣ୍ଟିକେଶନ ବ୍ୟତୀତ ଆଧାର କାର୍ଡର ନକଲରେ ବ୍ୟାଙ୍କ ଖାତା ଖୋଲାଯାଇ ପାରିବ ନାହିଁ। ସୂଚନା ଅନୁସାରେ ଯଦି କୌଣସି ବ୍ୟାଙ୍କ ଓଟିପି ଓ ବାୟୋମେଟ୍ରିକ୍ ଭେରିଫିକେଶନ ବ୍ୟତୀତ କୌଣସି ବ୍ୟକ୍ତିଙ୍କର ଆକାଉଣ୍ଟ୍ ଖୋଲୁଛନ୍ତି ତେବେ ଏହାକୁ ନେଇ ସମସ୍ୟା ଉପୁଜିଲେ ବ୍ୟାଙ୍କ ହିଁ ଦାୟୀ ରହିବ। ବ୍ୟାଙ୍କ ପକ୍ଷରୁ ଉପୁଜିଥିବା ସମସ୍ୟାରେ ଆକାଉଣ୍ଟ୍‌ଧାରୀ ଦାୟୀ ରହିବେ ନାହିଁ। ଅର୍ଥାତ ଯଦି କୌଣସି ଅସାଧୁ ବ୍ୟକ୍ତି ଅନ୍ୟଜଣଙ୍କ ଭୋଟର କାର୍ଡ ବା ରାଶନ କାର୍ଡ ପ୍ରଦର୍ଶନ କରି ବ୍ୟାଙ୍କ ଖାତା ଖୋଲିବାରେ ସକ୍ଷମ ହୁଅନ୍ତି ସେଭଳି ସ୍ଥଳେ ଆର୍ଥିକ ଠକେଇ ଘଟିଲେ ବ୍ୟାଙ୍କ ଦାୟୀ ରହିବ।

### ଏଫ୍ଏକ୍ୟୁରେ ରହିଥିବା ଅନ୍ୟ କେତେକ ପ୍ରଶ୍ନ ଓ ଏହାର ଉତ୍ତର

**ଅନେକ ଏଜେନ୍ସି ବିନା ତର୍ଜମାରେ ଆଧାରର ନକଲ ଗ୍ରହଣ କରୁଛନ୍ତି। ଏଭଳି କରିବା ଉଚିତ୍ କି?**

ଆଧାର ଗ୍ରହଣ କରିବା ପୂର୍ବରୁ ଆଧାର ଆକ୍ଟ ଅନୁସାରେ ଏହାର ବୈଧତା ଯାଞ୍ଚ ହେବା ଜରୁରୀ। ଯଦି ଅନ୍‌ଲାଇନ୍ ଅଥେଣ୍ଟିକେଶନ ବ୍ୟବସ୍ଥା ନାହିଁ ତେବେ ଆଧାର କାର୍ଡ ଉପରେ ଲେଖାଥିବା QR କୋଡ ମାଧ୍ୟମରେ ଅଫ୍‌ଲାଇନ୍ ଭେରିଫିକେଶନ କରାଯିବା ଉଚିତ। ଏହାର ବ୍ୟତିକ୍ରମ ଘଟିଲେ ସମ୍ପୃକ୍ତ ଏଜେନ୍ସି ହିଁ ଦାୟୀ ରହିବ।

**ଏବେ ନିକଟରେ ୟୁଆଇଡିଏଆଇ ନିର୍ଦ୍ଦେଶନାମା ଜାରି କରିଥିଲା ଯେ, ସୋସିଆଲ୍ ମିଡିଆରେ ଆଧାର ନମ୍ବର ଶେୟାର କର ନାହିଁ? ଏହାର ଅର୍ଥ କ'ଣ ଆଧାର କାର୍ଡକୁ ମୁକ୍ତ ଭାବେ ବ୍ୟବହାର କରାଯାଇ ପାରିବ ନାହିଁ?**

ଅର୍ଥ ଠିକ୍ ସେୟା ନୁହେଁ। ବିନା କୌଣସି ଦ୍ୱନ୍ଦ୍ୱରେ ଆବଶ୍ୟକ ସ୍ଥଳେ ଆଧାର ବ୍ୟବହାର କରି ହେବ। ପାନ୍ କାର୍ଡ, ଡେବିଟ୍ କାର୍ଡ, କ୍ରେଡିଟ୍ କାର୍ଡ ବ୍ୟବହାର ଭଳି ଆଧାର କାର୍ଡ ଯେଉଁଠାରେ ଆବଶ୍ୟକ ସେଠାରେ ବ୍ୟବହାର କରାଯାଇ ପାରିବ। କିନ୍ତୁ ଫେସ୍‌ବୁକ୍, ଟୁଇଟର ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଅଯଥାରେ ଶେୟାର କରିବା ଉଚିତ ନୁହେଁ।

**ଯଦି ଆଧାର ମୁକ୍ତ ଭାବେ ବ୍ୟବହାର କରି ହେବ ତେବେ ସୋସିଆଲ୍ ମିଡିଆରେ ଏହାକୁ ଶେୟାର କରିବା ପାଇଁ ୟୁଆଇଡିଏଆଇ କାହିଁକି ବାରଣ କରୁଛି?**

ପାନ୍ କାର୍ଡ, ଡେବିଟ୍ କାର୍ଡ, ବ୍ୟାଙ୍କ ଚେକ୍ ଭଳି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଗତ ଡକ୍ୟୁମେଣ୍ଟ ଯେଉଁଠାରେ ଆବଶ୍ୟକ ସେଠାରେ ଆପଣ ବ୍ୟବହାର କରୁଛନ୍ତି। କିନ୍ତୁ ଏହାକୁ ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ଟୁଇଟର ଭଳି ସୋସିଆଲ୍ ମିଡିଆରେ ଶେୟାର କରୁଛନ୍ତି କି? ଯଦି ନାଁ ତେବେ ଆଧାରକୁ ମଧ୍ୟ ସେହି ହିସାବରେ ଗୁରୁତ୍ୱ ପ୍ରଦାନ କରି ତାହାକୁ ଏଭଳି ସାର୍ବଜନୀନ କ୍ଷେତ୍ରରେ ଶେୟାର କରନ୍ତୁ ନାହିଁ।

**ମୋର ପରିଚୟ ପାଇଁ ଯଦି କୌଣସି ସ୍ଥାନରେ ମୁଁ ଆଧାର ନମ୍ବର ପ୍ରଦାନ କରୁଛି ତେବେ ଏହାର ଅପବ୍ୟବହାର କରାଯାଇ ପାରିବ କି?**

ନା। କେବଳ ଆଧାର ନମ୍ବର ଦ୍ୱାରା ହିତାଧିକାରୀଙ୍କର କେହି କୌଣସି କ୍ଷତି କରିପାରିବେ ନାହିଁ।

**ମୋ ବ୍ୟାଙ୍କ ଆକାଉଣ୍ଟ ସହ ମୋ ଆଧାର ନମ୍ବର ସଂଯୋଗ ହୋଇଛି। ଯଦି ମୋ ଆଧାର ନମ୍ବର ବା ଆଧାର କାର୍ଡ ଅନ୍ୟ କାହା ହାତକୁ ଯାଏ ତେବେ ତାହାକୁ ବ୍ୟବହାର କରି ମୋ ଆକାଉଣ୍ଟରୁ ଟଙ୍କା ଉଠାଇ ପାରିବେ କି?**

ଯେମିତି କେବଳ ଆକାଉଣ୍ଟ ନମ୍ବର ଜାଣିଲେ କେହି ଅନ୍ୟ ଜଣଙ୍କ ବ୍ୟଙ୍କ ଖାତାରୁ ଟଙ୍କା ଉଠାଇ ପାରିବେ ନାହିଁ ଠିକ୍ ସେହିଭଳି ଆଧାର ନମ୍ବର ପାଇଲେ ମଧ ଟଙ୍କା ଉଠାଇବା ସମ୍ଭବ ନୁହେଁ।

**ସବୁଥିରେ ଆଧାର ସଂଯୋଗ କରିବା ଦ୍ୱାରା ମୋର କୌଣସି ସମସ୍ୟା ଉପୁଜିବ ନାହିଁ ତ?**

ନା। ଆପଣଙ୍କ ମୋବାଇଲ୍ ନମ୍ବର ବିଭିନ୍ନ ସଂସ୍ଥା ପାଖରେ ରହିଛି। ପାସ୍‌ପୋର୍ଟ ଅଥରିଟି, ଆୟକର ବିଭାଗ, ବ୍ୟାଙ୍କ ଆଦି ବିଭିନ୍ନ ସ୍ଥାନରେ ଆପଣଙ୍କ ମୋବାଇଲ ନମ୍ବର ରହିଛି। କିନ୍ତୁ ଏହା ଦ୍ୱାରା ଟେଲିକମ୍ ବିଭାଗ ଯେଭଳି ଆପଣଙ୍କର କୌଣସି ତଥ୍ୟ ପାଉ ନାହିଁ ଠିକ୍ ସେହିପରି ଆଧାର ନମ୍ବର ସବୁଥିରେ ସଂଯୋଗ ହେବା ଦ୍ୱାରା ଆଧାର କର୍ତ୍ତୃପକ୍ଷ ମଧ୍ୟ ଆପଣଙ୍କର ଅନ୍ୟ କୌଣସି ତଥ୍ୟ ହାସଲ କରିପାରିବେ ନାହିଁ।

## ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ
## ଘରୋଇ କ୍ଷେତ୍ର ସହଭାଗିତା ବୃଦ୍ଧି ଜରୁରୀ: ନୀତି ଆୟୋଗ

ନୂଆଦିଲ୍ଲୀ,୨୧-୮(ପି.ଟି)

ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମରେ ଘରୋଇ କ୍ଷେତ୍ର ସହଭାଗିତା ବୃଦ୍ଧି ଉପରେ ସରକାରଙ୍କ ଥିଙ୍କ୍ ଟ୍ୟାଙ୍କ ନୀତି ଆୟୋଗ ମଙ୍ଗଳବାର ଗୁରୁତ୍ୱାରୋପ କରିଛି। ଦେଶର ସବୁଠାରୁ ୧୧୭ ପଛୁଆ ଜିଲାର ଉନ୍ନତୀକରଣ ଲାଗି ସରକାର ଏଭଳି ଏକ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। ଜିଲାଗୁଡ଼ିକର ଉନ୍ନତୀକରଣ ହୋଇ ପାରିଲେ ଏହା ଦେଶର ଅଭିବୃଦ୍ଧି କ୍ଷେତ୍ରରେ ସହାୟକ ହେବ ବୋଲି ଇଣ୍ଡୋ-ୟୁଏସ୍ ଚାମ୍ବର ଅଫ୍ କମର୍ସର ଏକ କାର୍ଯ୍ୟକ୍ରମରେ ନୀତି ଆୟୋଗ ସିଇଓ ଅମିତାଭ କାନ୍ତ କହିଛନ୍ତି। ଆସନ୍ତା ୩ ବର୍ଷ ମଧ୍ୟରେ ଉକ୍ତ ଜିଲାଗୁଡିକର ଉନ୍ନତୀକରଣ ଲାଗି ସରକାର କାର୍ଯ୍ୟ କରୁଛନ୍ତି। ଏହି ଯୋଜନା ସଫଳ ହେଲେ ଅଭିବୃଦ୍ଧି ୧-୧.୫% ତ୍ୱରାନ୍ୱିତ ହେବ। ଜିଲାଗୁଡିକ ଅଭିବୃଦ୍ଧି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି କାନ୍ତ ଏହା କହିଛନ୍ତି। ଜିଲାଗୁଡିକର ଉନ୍ନତୀକରଣ ପାଇଁ ସରକାର ଏକାକୀ କାର୍ଯ୍ୟ କରିବା ଏକ ଚ୍ୟାଲେଞ୍ଜ। ଏଣୁ ଏଥି ଲାଗି ଘରୋଇ କ୍ଷେତ୍ରର ସହଭାଗିତା ବୃଦ୍ଧି ଜରୁରୀ ବୋଲି କାନ୍ତ ଗୁରୁତ୍ୱାରୋପ କରିଛନ୍ତି।

# ଓଜିବିର ଋଣ ଅସୁଲ ଅଭିଯାନ

ଭୁବନେଶ୍ୱର,୨୧-୮

ଅନାଦାୟ ହୋଇ ପଡ଼ି ରହିଥିବା ଋଣ ଅସୁଲ କରିବା ପାଇଁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି) ପ୍ରୟାସ ଚଳାଇଛି। ବ୍ୟାଙ୍କର ସୂଚନା ଅନୁସାରେ ଗୌତମ ବୁଦ୍ଧ ଇଣ୍ଟରନ୍ୟାଶନାଲ ସ୍କୁଲ ଏବଂ ଏହାର ମ୍ୟାନେଜିଂ ଟ୍ରଷ୍ଟିଙ୍କ ନାମରେ ପ୍ରାୟ ୪ କୋଟି ୮୨ ଲକ୍ଷ ଟଙ୍କା ଋଣ ବକେୟା ରହିଛି। ସେହିପରି ନୀଳାଚଳ ଏଜୁକେଶନାଲ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟିଙ୍କ ନାମରେ ପ୍ରାୟ ୩୭ ଲକ୍ଷ ଟଙ୍କା ଋଣ ଅସୁଲ ନ ହୋଇ ପଡି ରହିଛି। ଏଥିପାଇଁ ବ୍ୟାଙ୍କ ପକ୍ଷରୁ ଉକ୍ତ ସଂସ୍ଥାର ସ୍ଥାନୀୟ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଧାରଣା ଦିଆଯାଇଥିଲା ବୋଲି ବ୍ୟାଙ୍କ ପକ୍ଷରୁ ପ୍ରକାଶ। ଏହି ସମୟରେ ବ୍ୟାଙ୍କର ପିପିଲି ଆଞ୍ଚଳିକ କାର୍ଯ୍ୟାଳୟର ରିଜିଓନାଲ୍ ମ୍ୟାନେଜର ରମେଶ ଚନ୍ଦ୍ର ମହାକୁଡ଼ ଏବଂ ୟୁନିଟ୍-୧ ମାର୍କେଟ ଶାଖା ପରିଚାଳକ ଲିଙ୍ଗରାଜ ପଣ୍ଡା ଋଣ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସ୍ଥାନୀୟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ବୋଲି ବ୍ୟାଙ୍କ ପକ୍ଷରୁ ପ୍ରକାଶ।

## ୧୦ ଲକ୍ଷ କୋଟି ଏମ୍ଏସ୍ଏମ୍ଇ ଋଣର ମିସ୍ ରିପୋର୍ଟିଂ

ବମ୍ବେ, ୨୧-୮

କ୍ଷୁଦ୍ର ବାଣିଜ୍ୟଗୁଡିକୁ ମଞ୍ଜୁର ହୋଇଥିବା ପ୍ରାୟ ୧୦ ଲକ୍ଷ କୋଟିଟଙ୍କାର ଋଣ କ୍ଷେତ୍ରରେ ମିସ୍‌ରିପୋର୍ଟିଂ ହୋଇଥିବା ଜଣାଯାଇଛି। ଏହି ଋଣ ସଂସ୍ଥାଗୁଡିକର ସ୍ୱତ୍ୱାଧିକାରୀଙ୍କୁ ବ୍ୟକ୍ତିଗତ ଅଗ୍ରିମ ଦର୍ଶାଇ ଦିଆଯାଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ସୁନା ଏବଂ ସମ୍ପତ୍ତି ଭଳି ସମ୍ପତ୍ତି ଆଧାରରେ ଏହି ଋଣ ମଞ୍ଜୁରୀ କରାଯାଇଛି। ଉକ୍ତ ଋଣଗୁଡିକର ଖିଲାପ ହାର ଅତି ନଗଣ୍ୟ। ଇଣ୍ଡିଆନ୍ ବ୍ୟାଙ୍କ ଆସୋସିଏଶନ(ଆଇବିଏ), ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ଆନୁକୂଲ୍ୟରେ ବୋଷ୍ଟନ କନ୍‌ସଲ୍‌ଟିଂ ଗ୍ରୁପ(ବିସିଜି) ପକ୍ଷରୁ ଏହି ରିପୋର୍ଟ ପ୍ରକାଶ ପାଇଛି। ଘରୋଇ ବଜାରର ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ)ର ଆକାର ୨୫ ଲକ୍ଷ କୋଟି ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଏମ୍ଏସ୍ଏମ୍ଇଗୁଡିକ ସଂସ୍ଥା ଏବଂ ବ୍ୟକ୍ତିଗତ ଭଳି ଦୁଇଟି ବର୍ଗରେ ଋଣ ନେଇଥିବା ଜଣାଯାଇଛି। ସଂସ୍ଥାଗୁଡିକ ନାମରେ ୧୫ ଲକ୍ଷ କୋଟି ଟଙ୍କାର ଋଣ ରହିଥିବା ବେଳେ ବ୍ୟକ୍ତି ଗତ କ୍ଷେତ୍ରରେ ଏହା ୧୦ ଲକ୍ଷ କୋଟି ଟଙ୍କା ରହିଛି।

## ଦେଶରେ ୩୭ କୋଟିରୁ ଊର୍ଦ୍ଧ୍ୱ ପାନ୍‌ଧାରୀ

ନୂଆଦିଲ୍ଲୀ, ୨୧-୮: ୨୦୧୭-୧୮ ଆର୍ଥିକ ବର୍ଷର ଶେଷ ତ୍ରୈମାସରେ ଦେଶର ଏକ କୋଟି ୯୬ ଲକ୍ଷ ଜନସାଧାରଣ ପର୍ମାନେଣ୍ଟ ଆକାଉଣ୍ଟ୍ ନମ୍ବର(ପାନ୍) ହାସଲ କରିଛନ୍ତି। ଏହି ନୂତନ ସଂଖ୍ୟାକୁ ମିଶାଇଲେ ଭାରତରେ ପାନ୍‌ଧାରୀଙ୍କ ସଂଖ୍ୟା ୩୭ କୋଟି ୯୦ ଲକ୍ଷରେ ପହଞ୍ଚିଛି। ଆୟକର ବିଭାଗ ପ୍ରଦତ୍ତ ତଥ୍ୟରୁ ଏହା ଜଣାପଡ଼ିଛି। ସୂଚନା ଅନୁସାରେ ବ୍ୟକ୍ତିବିଶେଷ, କମ୍ପାନୀ ଓ ଫାର୍ମଗୁଡ଼ିକୁ ପର୍ମାନେଣ୍ଟ୍ ଆକାଉଣ୍ଟ ନମ୍ବର ଜାରି କରାଯାଇଥାଏ। ମୋଟ ପାନ୍ କାର୍ଡ ମଧ୍ୟରୁ ପ୍ରାୟ ୯୮% ବ୍ୟକ୍ତିବିଶେଷଙ୍କୁ ଜାରି ହୋଇଥିବା ବେଳେ ବାକି ୨% ଫାର୍ମଗୁଡିକୁ ଜାରି ହୋଇଛି। ଏ ସମ୍ପର୍କରେ ଆୟକର ବିଭାଗର କହିବା ଅନୁସାରେ ପାନ୍‌ଧାରୀଙ୍କ ସଂଖ୍ୟା ବୃଦ୍ଧି ହେଲେ ସରକାରଙ୍କ ଟିକସ ପରିସର ବୃଦ୍ଧିପାଇବ।

**OFFICE OF THE DEAN & PRINCIPAL**
**M.K.C.G. MEDICAL COLLEGE, BERHAMPUR - 760004 (GANJAM)**
Tel. (0680) 2292746, Fax: (0680) 2292809
E-mail: prin_mkcgmcberhampur@yahoo.com
mkcgmc.bam@gmail.com, mkcgmc2.bam@gmail.com
website: www.mkcgmch.org
No. 5578/MCB-2018/Welfare/Dated, Berhampur the 21st Aug. 2018

**CORRIGENDUM**

As per tender call Notice No. 4893 Dt.21.07.2018 the last date for submission of tender towards supply of Electrical & Electronics and other items for Telemedicine Unit was 16.08.2018 (i.e. 21 days from the date of publication). The last date for submission of tender is extended upto 28.08.2018 by 05.00 PM instead of 16.08.2018 and will be opened on the same date (28.08.2018) at 05.00 PM. The rest terms & conditions in the tender remains unaltered.

Sd./- Dean & Principal,
MKCG Medical College, Berhampur

**Government of Odisha**
**Higher Education Department**
**Pustak Bhawan (2nd Floor), A-11, Suka Vihar, Bhubaneswar-751022**
No.30-N

**CORRIGENDUM NOTICE**

Ref: Advt. No: 03/2018/OHEPEE, Dated: 06.08.2018
Sub: Supply, Installation & Commissioning of "Biometric devices for finger print detection system".

This is general information to all concerned that the changes made in the above said tender document after pre-bid meeting on 16.08.2018 has been uploaded in the website, **www.dheodisha.gov.in** for information. The changes made in BID submission (EMD), Technical specification, Price Schedule are at pages 8, 15, 19. All other conditions remain unchanged.

Sd./- SPD, OHEPEE-cum-Joint Secretary to Govt.
11001/11/0023/1819

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office : Janapath, Bhubaneswar- 751022
Office of the G.M. (ELECT.) E.H.T. (O&M) CIRCLE, JAJPUR ROAD
At- QTR No. 4R/1, TTS Colony, PO- SOBRA, JAJPUR ROAD,
Dist - JAJPUR PIN - 755019
Phone/ Fax No : 06726-220965 (Off), Email : ehtm.cle.jjp@optcl.co.in
CIN : U40102OR2004SGC007553
No. Tech/WO-25/1345 Dated : 21.08.2018

**TENDER CALL NOTICE NO. 05/18-19**

Sealed tenders are invited from the reputed Manufacturers / Authorized Dealer having GST registration Certificate, PAN Card for Supply of CO2 Fire Extinguishers of 4.5KG capacity (Aluminium Container) for different Grid Sub-Station, under EHT (O&M) Division, Jajpur Road. Cost of tender paper is Rs. 4,480/- (Including GST), EMD (1% of the quoted price). Sale of Tender documents is from Dated 23.08.2018 (From 10.30 AM) to Dated 01.09.2018 (upto 05.00 PM). Last date of submission of tender is Date 03.09.2018 upto 01.00 PM. Date of opening of tender is date 03.09.2018 at 3.30PM. For details visit our website www.optcl.co.in
Corrigendum if any will be published in the OPTCL website only.
Sd./- General Manager (Elect), EHT (O&M) Circle, Jajpur Road

**OFFICE OF THE EXECUTIVE ENGINEER BHUBANESWAR (R&B) DIVISION NO. IV BHUBANESWAR**
eernb4bbsr@gmail.com
No.400-B

**INVITATIONS FOR BIDS THROUGH e-Procurement**
No. 4053 Date- 14.08.2018
Bid Identification No- C.C. (R&B) - 04
**e – Procurement Notice No. 17 of 2018-19**

| | | |
|---|---|---|
| 1 | Name of the Work | Building & Road Works |
| 2 | Total No. of works | 2 Nos. works |
| 3 | Estimated Cost | Rs. 3301800.00 & Rs.884650.00 |
| 4 | Class of Contractor | C & B and D & C |
| 5 | Period of Completion | 6 (Six) Calendar Months & 1 (One) Calendar Month |
| 6 | Type of Tender | Single Cover System |
| 7 | Date & time of availability of bid document in the portal | From Dt.24.08.2018 to 17.00 hrs of Dt.03.09.2018 |
| 8 | Last Date & Time for Receipt of bids in the Portal | Dt.03.09.2018 up to 17.00 hrs |
| 9 | Opening of Bid through online | 04.09.2018 at 11.00 AM |
| 10 | Name & Address of the Officer inviting Bid | Er. Pramod Kumar Nayak, Executive Engineer, Bhubaneswar (R&B) Division No. IV, Bhubaneswar |

Further details can be seen from the e-procurement portal **https://tendersorissa.gov.in.**
N.B: Subsequent corrigendum / addendum if required shall be available in the website as indicated above.

Sd./- Executive Engineer,
BBSR (R&B) Division No.IV, BBSR
34090/11/0017/1819

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office : Janapath, Bhubaneswar- 751022
Office of the G.M. (ELECT.) E.H.T. (O&M) CIRCLE, JAJPUR ROAD
At- TTS Colony, PO- SOBRA, JAJPUR ROAD,
Dist - JAJPUR PIN - 755019 (ODISHA)
Phone/ Fax No : 06726-220965 (Off), Email : ehtm.cle.jjp@optcl.co.in
CIN : U40102OR2004SGC007553
No. Tech/WO-41/1348 Dated : 21.08.2018

**TENDER CALL NOTICE NO. 04/18-19**

Sealed tenders are invited from the registered travel agency / Private organization / Individual / owner of the vehicle having GST registration certificate, PAN Card for supply of 01 no. DIesel run hired vehicles 09 seated Non-A.C Bolero or equivalent for S.D.O. (Elect) Grid Sub-Station, Bhadrak under this circle, Cost of Tender paper is Rs. 2,240/- (including GST), EMD- Rs. 2,700/-. Sale of tender documents is from Dated 23.08.2018 to Dated 30.08.2018 (during office hours). Last date of submission of tender is Date 31.08.2018 upto 01.00 P.M. Date of opening of tender is Date 31.08.2018 at 3.00 PM. For details visit our website www.optcl.co.in
Corrigendum if any will be published in the OPTCL website only.
Sd./- General Manager (Elect), EHT (O&M) Circle, Jajpur Road

# ସଞ୍ଜୀବଙ୍କୁ ରୌପ୍ୟ, ଅଭିଷେକଙ୍କୁ ବ୍ରୋଞ୍ଜ

ଶୁଟିଂ

ପାଲେମବାଙ୍ଗ, ୨୧ ।୮ (ପି.ଟି.)

ଏସିଆନ ଗେମ୍ସର ତୃତୀୟ ଦିନରେ ଶୁଟିଂରେ ଭାରତୀୟ ପ୍ରତିଯୋଗୀମାନେ ଦମ୍‌ଦାର ପ୍ରଦର୍ଶନ କରି ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୌରଭ ଚୌଧୁରୀ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଅଭିଜ୍ଞ ଶୁଟର ସଞ୍ଜିବ ରାଜପୁତ୍ ରୌପ୍ୟ ଓ ଅଭିଷେକ ବର୍ମା ବ୍ରୋଞ୍ଜ୍ ଜିତିଛନ୍ତି। ରାଜପୁତ୍ ୫୦ ମିଟର ରାଇଫଲ ୩ ପୋଜିଶନ ଇଭେଣ୍ଟରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ସୌରଭ ବାଜି ମାରିବାର କିଛି ସମୟ ପରେ ୩୭ ବର୍ଷୀୟ ରାଜପୁତ ଫାଇନାଲରେ ସ୍ୱର୍ଣ୍ଣ ହାସଲ ଆଶା କରୁଥିଲେ ମଧ୍ୟ ତାଙ୍କୁ ଶେଷରେ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡିଛି। ଗତ ୩ଟି ସଂସ୍କରଣରେ ରାଜପୁତ ଟିମ୍ ମେଡାଲ ଜିତିଥିଲେ। ତେବେ ଏସିଆନ ଗେମ୍ସରେ ଏହା ତାଙ୍କ ପାଇଁ ପ୍ରଥମ ବ୍ୟକ୍ତିଗତ ପଦକ ସାବ୍ୟସ୍ତ ହୋଇଛି।

ରାଜପୁତ ନିଲିଂ ଓ ପ୍ରୋନ୍ ସିରିଜ୍ ପରେ ୩–୦ରେ ବୃହତ ଅଗ୍ରଣୀ ହାସଲ କରିଥିଲେ। ଫାଇନାଲ୍ସରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ତେବେ ଶେଷ ମୁହୂର୍ତ୍ତ ପ୍ରତ୍ୟାର୍ତ୍ତନ କରିଥିଲେ ଓ ରୌପ୍ୟ ଜିତିବାକୁ ସକ୍ଷମ ହୋଇଥିଲେ। ଏହା ସତ୍ତ୍ୱେ ଯମୁନା ନଗରର ଏହି ଶୁଟରଙ୍କ ପାଇଁ ଏହା ଏକ ବଡ଼ ସଫଳତା ଓ ଉପଲବ୍ଧି ସାବ୍ୟସ୍ତ ହୋଇଛି। ସେ ମଧ୍ୟ ଗତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ତାଙ୍କ ବିରୋଧରେ ଏକ ଧର୍ଷଣ ମାମଲା ଚାଲୁ ରହିଥିବାବେଳେ ସେ ଏବେ ବେରୋଜଗାର ଥିଲେ। ତାଙ୍କୁ ଗତ ବର୍ଷ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ଆସିଷ୍ଟାଣ୍ଟ କୋଚ୍ ପଦରୁ ବହିଷ୍କାର କରାଯାଇଥିଲା। ଏବେ ମୁଁ ଏକ ଚାକିରି ପାଇବି ବୋଲି ଆଶାକରୁଛି ଓ ଏହା ମୋ ପାଇଁ ଏକ ବଡ଼ ସଫଳତା ବୋଲି ରାଜପୁତ୍ କହିଛନ୍ତି। ରାଜପୁତ ୪୫୨. ୭ ଅଙ୍କ ଶୁଟ୍ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଚାଇନାର ହୁଇ ଜିଚେଙ୍ଗ୍ ଓ ଜାପାନର ତାକାୟୁକି ମାସୁମୋଟୋ ଯଥାକ୍ରମେ ୪୫୩.୩ ଓ ୪୪୧.୪ ଅଙ୍କ ଶୁଟ କରି ସ୍ୱର୍ଣ୍ଣ ଓ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି।

ଅନ୍ୟପଟେ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ୨୯ ବର୍ଷୀୟ ଅଭିଷେକ ବର୍ମା ୨୧୯.୩ ଅଙ୍କ ଶୁଟ କରି ତୃତୀୟ ସ୍ଥାନରେ ରହିବା ସହ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ମାତ୍ର ୩ ବର୍ଷ ତଳୁ କ୍ୟାରିୟର ଆରମ୍ଭ କରିଥିବା ଆଇନଜୀବୀ ତଥା ଶୁଟର ଅଭିଷେକ ଭଲ ଆରମ୍ଭ କରି ନ ଥିଲେ। ତେବେ ନିଜ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିଥିଲେ ଓ ପଞ୍ଚମ ସିରିଜରେ ଏକାଧିକ ବାର ୧୦.୭ ଅଙ୍କ ଶୁଟ୍ କରି ପଦକ ଜିତିଥିଲେ। ତେବେ ଅଭିଷେକ ଓ ମନୁ ଭାକର ମିକ୍ସ ଟିମ୍ ଇଭେଣ୍ଟରେ ନିରାଶ କରିଥିଲେ। ଏହି ଦୁଇ ଖେଳାଳି ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିପାରି ନ ଥିଲେ।

ସେହିପରି ମିକ୍ସଡ ଟ୍ରାପ୍ ଇଭେଣ୍ଟରେ ଶ୍ରେୟାସି ସିଂ ଓ ଲକ୍ଷ୍ୟ ଯୋଗ୍ୟତା ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲେ। ତେବେ ଏହି ଯୋଡି ଫାଇନାଲରେ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷକରି ନିରାଶ କରିଛନ୍ତି। ଉଲ୍ଲେଖଥାଉ କି, ଗତ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶ୍ରେୟାସି ମହିଳା ଡବଲ୍ ଟ୍ରାପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।


ପୋଡ଼ିୟମ ଉପରେ ପଦକ ସହ ସୌରଭ ଚୌଧୁରୀ ଓ ଅଭିଷେକ ବର୍ମା ।


ରୌପ୍ୟ ପଦକ ସହ ସଞ୍ଜୀବ ରାଜପୁତ।

## ରେସଲିଂରେ ଦିବ୍ୟାଙ୍କୁ ବ୍ରୋଞ୍ଜ

ଜାକର୍ତ୍ତା, ୨୧ ।୮ (ପି.ଟି.)

ଏସିଆନ ଗେମ୍ସରେ ଭାରତୀୟ ମହିଳା ରେସଲର ଦିବ୍ୟା କକ୍ରାନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମଙ୍ଗଳବାର ୬୮ କେ.ଜି. ବର୍ଗ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ସେ ତାଇପେଇର ଚେନ୍ ଓ୍ୱେନଲିଙ୍ଗଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ଏଥି ସହିତ ଚଳିତ ଏସିଆନ ଗେମ୍ସରେ ଦିବ୍ୟା ଭାରତ ରେସଲିଂରେ ପ୍ରଥମ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

୨୦ ବର୍ଷୀୟ ଏସିଆନ ଚାମ୍ପିୟନଶିପ୍ ରୌପ୍ୟପଦକ ବିଜୟିନୀ ଦିବ୍ୟା ବୈଷୟିକ ଦୃଷ୍ଟିକୋଣରୁ ଦୁଇ ପାଦ ଆଗରେ ରହିଥିଲେ ଓ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରି ଚେନ୍‌ଙ୍କୁ ୧୦–୦ରେ ପଛରେ ପକାଇଥିଲେ। ଏହାପୂର୍ବରୁ ବଜରଙ୍ଗ ପୁନିଆ ୬୫ କେ.ଜି. ଓ ଭିନେଶ ଫୋଗତ ୫୦ କେ.ଜି. ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଦିବ୍ୟା ମଧ୍ୟ ଗତବର୍ଷ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## ସିପକ୍‌ଟାକ୍ରରେ ପ୍ରଥମ ପଦକ

ପାଲେମବାଙ୍ଗ୍, ୨୧ ।୮ (ପି.ଟି.)

ଏସିଆନ ଗେମ୍ସରେ ଭାରତ ସିପ୍‌କଟାକ୍ରରେ ଇତିହାସ ସୃଷ୍ଟି କରିଛି। ପ୍ରଥମଥର ପାଇଁ ଭାରତୀୟ ପୁରୁଷ ଦଳ ଏହି କ୍ରୀଡା କୁମ୍ଭରେ ସିପକଟାକ୍ରରେ ପଦକ ହାସଲ କରିଛି। ଦମ୍‌ଦାର ପ୍ରଦର୍ଶନ କରି ଭାରତ ସେମିଫାଇନାଲରେ ପ୍ରବେଶ କରିଥିଲା। ତେବେ ଶକ୍ତିଶାଳୀ ଥାଇଲାଣ୍ଡଠାରୁ ଭାରତ ୦–୨ରେ ପରାସ୍ତ ହୋଇ ଶେଷରେ ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହୋଇଛି। ସେମିଫାଇନାଲରେ ଦୁଇ ପରାଜିତ ଦଳକୁ ବ୍ରୋଞ୍ଜ୍ ପଦକ ପ୍ରଦାନ କରାଯାଇଛି। ୧୯୯୦ ମସିହାରୁ ସପପ୍‌ଟାକ୍ର ଏସିଆନ ଗେମ୍ସରେ ସାମିଲ ହୋଇଆସୁଛି। ତେବେ ଭାରତ ୨୦୦୬ ସଂସ୍କରଣରୁ ଏହି ଇଭେଣ୍ଟରେ ଅଂଶଗ୍ରହଣ କରି ଧୀରେ ଧୀରେ ଦକ୍ଷିଣ–ପୂର୍ବ ଏସୀୟ ରାଷ୍ଟ୍ରଗୁଡିକ ସହ ତାଳ ଦେଇ ପ୍ରଦର୍ଶନରେ ଉନ୍ନତି ଆଣିବାରେ ସକ୍ଷମ ହୋଇଛି।

ଥାଇଲାଣ୍ଡ ସବୁଠାରୁ ଅଧିକ ୨୨ଟି ସ୍ୱର୍ଣ୍ଣ ପଦକ ହାସଲ କରି ଏସିଆନ ଗେମ୍ସରେ ସଫଳତମ ଦଳ ସାବ୍ୟସ୍ତ ହୋଇଛି। ମିଆଁମାର ୫ଟି ସ୍ୱର୍ଣ୍ଣ ଜିତି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ଗତ ଦୁଇମାସ ହେବ ଭାରତୀୟ ସିପକଟାକ୍ର ଦଳ ଥାଇଲାଣ୍ଡରେ ପ୍ରଶିକ୍ଷଣ ନେଉଥିଲା, ଏହା ଦ୍ୱାରା ପଦକ ଜିତିବାକୁ ସକ୍ଷମ ହୋଇଛି ବୋଲି ମୁଖ୍ୟ କୋଚ୍ ହେମ ରାଜ କହିଛନ୍ତି। ଭାରତୀୟ ଦଳର ୧୨ ଜଣ ସଦସ୍ୟଙ୍କ ମଧ୍ୟରୁ ୮ଜଣ କେବଳ ମଣିପୁରର ଓ ବାକି ୪ଜଣ ଦିଲ୍ଲୀର। ମିଆଁମାର ନିକଟରେ ଥିବାରୁ ମଣିପୁରରେ ଏହି ଖେଳ ବେଶ୍ ଲୋକପ୍ରିୟ। ପରବର୍ତ୍ତୀ ସଂସ୍କରଣରେ ଆମ ମହିଳା ଦଳ ମଧ୍ୟ ସିପକଟାକ୍ରରେ ପଦକ ହାସଲ କରିବ ହେମ ରାଜ ଆଶା ପ୍ରକାଶ କରିଛନ୍ତି। ଆସନ୍ତାମାସରେ ଆୟୋଜନ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ମଧ୍ୟ ଦଳ ପଦକ ହାସଲ କରିବା ଲକ୍ଷ୍ୟରେ ରହିଛି ବୋଲି ସେ ଆଶାପ୍ରକାଶ କରିଛନ୍ତି।


ମହିଳା ୬୮ କେଜି ବର୍ଗ ରେସଲିଂରେ ଭାରତର ଦିବ୍ୟା କକ୍ରାନ (ଡାହାଣ) ଓ ତାଇପେଇର ଚେନ୍ ଓ୍ୱେନଲିଙ୍ଗଙ୍କ ମଧ୍ୟରେ ଲଢ଼େଇ ।



ସିପକ୍‌ଟାକ୍ରରେ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳ ।

## ସେମିରେ ପୁରୁଷ, ମହିଳା କବାଡ଼ି ଦଳ

ଜାକର୍ତ୍ତା, ୨୧ ।୮ (ପି.ଟି.)

ଏସିଆନ ଗେମ୍ସରେ ଭାରତୀୟ ପୁରୁଷ ଓ ମହିଳା କବାଡି ଦଳ ଦମ୍‌ଦାର ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ ୭ଥର ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଭାରତୀୟ ପୁରୁଷ ଦଳ ଦକ୍ଷିଣ କୋରିଆଠାରୁ ୨୩– ୨୪ରେ ପରାସ୍ତ ହୋଇ ଝଟ୍‌କା ଖାଇବା ପରେ ପ୍ରତ୍ୟାବର୍ତ୍ତନ କରିଥିଲା। ଚତୁର୍ଥ ତଥା ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଭାରତ ୪୯– ୩୦ରେ ଥାଇଲାଣ୍ଡକୁ ହରାଇ ସେମିଫାଇନାଲ ଟିକେଟ ହାସଲ କରିଛି। ଏହା ପୂର୍ବରୁ ଭାରତ ବାଂଲାଦେଶକୁ ୫୦– ୨୧ ଓ ଶ୍ରୀଲଙ୍କାକୁ ୪୪–୨୮ରେ ପରାସ୍ତ କରିଥିଲା। ତେବେ ତୃତୀୟ ମ୍ୟାଚରେ ଦକ୍ଷିଣ କୋରିଆଠାରୁ ଭାରତ ହାରିଥିଲା। ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ସ୍ଥାନରେ ରହି ଭାରତ ସେମିକୁ ଉଠିଛି। ଅପରପକ୍ଷରେ ମହିଳା ବିଭାଗରେ ଭାରତ ଗ୍ରୁପ୍ ଏ’ରେ ମଙ୍ଗଳବାର ଦୁଇଟି ମ୍ୟାଚରେ ଖେଳିଛି। ଦୁଇଟିରେ ବିଜୟ ହାସଲ କରି ଭାରତ ଗ୍ରୁପ୍ ଟପ୍ପର ଭାବେ ସେମିକୁ ଉଠିଛି। ପ୍ରଥମ ମ୍ୟାଚରେ ଭାରତ ୩୮– ୧୨ରେ ଶ୍ରୀଲଙ୍କାକୁ ଓ ପରେ ଆୟୋଜକ ଇଣ୍ଡୋନେସିଆକୁ ୫୪– ୨୨ରେ ହରାଇଛି। ପୂର୍ବରୁ ଭାରତ ଜାପାନକୁ ୪୩– ୧୨ ଓ ଥାଇଲାଣ୍ଡକୁ ୩୩–୨୩ରେ ହରାଇଥିଲା। ସେମିଫାଇନାଲରେ ଭାରତ ଗ୍ରୁପ୍ ବି’ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ଭେଟିବ। ଆସନ୍ତା ୨୩ ତାରିଖରେ ସେମିଫାଇନାଲ ମ୍ୟାଚଗୁଡିକ ଖେଳାଯିବ ଓ ଫାଇନାଲ ମ୍ୟାଚ୍ ୨୪ ତାରିଖରେ ଆୟୋଜନ ହେବ।

### ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୩୦ | ୧୮ | ୧୨ | ୬୦ |
| ଜାପାନ | ୧୨ | ୧୭ | ୧୮ | ୪୭ |
| କୋରିଆ | ୮ | ୧୨ | ୧୪ | ୩୪ |
| ଇଣ୍ଡୋନେସିଆ | ୫ | ୨ | ୫ | ୧୨ |
| ଇରାନ | ୪ | ୩ | ୫ | ୧୨ |
| ଉତ୍ତର କୋରିଆ | ୪ | ୧ | ୩ | ୮ |
| ଭାରତ | ୩ | ୩ | ୪ | ୧୦ |
| ଚାଇନିଜ୍ ତାଇପେ | ୩ | ୨ | ୫ | ୧୦ |
| ମଙ୍ଗୋଲିଆ | ୨ | ୧ | ୪ | ୭ |
| କାଜାଖସ୍ତାନ | ୧ | ୫ | ୭ | ୧୩ |

## ମହିଳା ହକି: ଦ୍ୱିତୀୟ ସର୍ବବୃହତ୍ ବିଜୟ

ଜାକର୍ତ୍ତା, ୨୧ ।୮ (ପି.ଟି.)

ଏସିଆନ ଗେମ୍ସ ଇତିହାସରେ ଭାରତୀୟ ମହିଳା ହକି ଦଳ ଦ୍ୱିତୀୟ ସର୍ବବୃହତ୍ ବିଜୟ ହାସଲ କରିଛି। ଭାରତୀୟ ଦଳ ମଙ୍ଗଳବାର ୨୧–୦ ଗୋଲରେ କାଜାଖସ୍ତାନକୁ ହରାଇ ଏହି ଐତିହାସିକ ସଫଳତା ଅର୍ଜନ କରିଛି। ସ୍ଥାନୀୟ ଗେଲୋରା ବଙ୍ଗ୍ କାର୍ନୋ ହକି ଫିଲ୍ଡରେ ଭାରତ ପୁଲ୍ ବି’ରେ ତା’ର ଦ୍ୱିତୀୟ ମ୍ୟାଚରେ କାଜାଖସ୍ତାନକୁ ଭେଟିଥିଲା। ବିଶ୍ୱର ୯ ନମ୍ବର ଦଳ ଭାରତ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା ଓ ଅପେକ୍ଷାକୃତ ଦୁର୍ବଳ ତଥା ବିଶ୍ୱର ୩୪ ନମ୍ବର ଦଳ କାଜାଖସ୍ତାନକୁ କୌଣସି ସୁଯୋଗ ଦେଇ ନ ଥିଲା। ଭାରତ ତରଫରୁ ଗୁରଜିତ କୌର ୭, ୩୬, ୪୪ ଓ ୫୨ତମ ମିନିଟରେ ୪ଟି ଗୋଲ ସ୍କୋର କରିଥିଲେ। ସେହିପରି ଲାଲରେମସିଆମି ୯, ୧୯, ୩୦ତମ ମିନିଟରେ ୩ଟି, ନବନୀତ କୌର ମଧ୍ୟ ୧୧, ୧୨ ଓ ୪୯ତମ ମିନିଟରେ ୩ଟି, ବନ୍ଦନା କାଟାରିୟା ୨୯, ୩୭, ୫୩ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଓଡ଼ିଆ ତାରକା ଲିଲିମା ମିଞ୍ଜ୍ ୩୮ ଓ ୪୪ମିନିଟରେ ଦୁଇଟି ଓ ନଭଜୋତ କୌର ୧୬ ଓ ୫୪ତମ ମିନିଟରେ ୨ଟି ଗୋଲ ସ୍କୋର କରିଥିଲେ। ସେହିପରି ନେହା ଗୋଏଲ ଦଶମ, ଉଦିତା ୩୪, ଅନ୍ୟତମ ଓଡ଼ିଆ ତାରକା ଦୀପ ଗ୍ରେସ୍ ଏକ୍କା ୪୩ ଓ ମୋନିକା ୫୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଉଲ୍ଲେଖଥାଉ କି, ଭାରତ ପୂର୍ବରୁ ୧୯୮୨ ଏସିଆଡ୍‌ରେ ହଂକଂ ବିପକ୍ଷରେ ୨୨–୦ ଗୋଲରେ ବିଜୟୀ ହୋଇଥିଲା ଓ ଏହା ଏସିଆନ୍ ଗେମ୍ସ ଇତିହାସରେ ସର୍ବବୃହତ୍ ବିଜୟ ବିବେଚିତ ହୋଇଥିଲା। ଶନିବାର ପୁଲ ବି’ରେ ଭାରତୀୟ ମହିଳା ଦଳ ତା’ର ତୃତୀୟ ମ୍ୟାଚରେ ଦକ୍ଷିଣ କୋରିଆକୁ ଭେଟିବ। ସେହିପରି ବୁଧବାର ଭାରତୀୟ ପୁରୁଷ ହକି ଦଳ ପୁଲ୍ ଏ’ରେ ତା’ର ଦ୍ୱିତୀୟ ମ୍ୟାଚରେ ହଂକଂକୁ ଭେଟିବ।



ଭାରତୀୟ ମହିଳା ହକି ଦଳର ଖେଳାଳିମାନେ ଖୁସି ମୁହୂର୍ତ୍ତରେ ।

## ବୁଧବାର ଭାରତର କାର୍ଯ୍ୟସୂଚୀ

- ଆର୍ଚେରୀ: ମହିଳା କମ୍ପାଉଣ୍ଡ, ସକାଳ ୮ଟା। ପୁରୁଷ କମ୍ପାଉଣ୍ଡ, ସକାଳ ୮ଟା।
- ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ: ପୁରୁଷ ବିଭାଗ ଅପରାହ୍ନ ୧ଟା, ମହିଳା ଟିମ୍ ଫାଇନାଲ ସଂଧ୍ୟା ୫ଟା।
- ବ୍ରିଜ୍: ପୁରୁଷ ଟିମ୍ ଯୋଗ୍ୟତା ପର୍ଯ୍ୟାୟ, ମିକ୍ସଡ ଟିମ୍(ରାଉଣ୍ଡ ରବିନ ୧), ସୁପରମିକ୍ସଡ ଟିମ୍ ଯୋଗ୍ୟତା ପର୍ଯ୍ୟାୟ, ସମସ୍ତ ଇଭେଣ୍ଟ ସକାଳ ୯ଟାରୁ ଆରମ୍ଭ।
- ପୁରୁଷ ହକି: ଭାରତ ବନାମ ହଂକଂ, ଅପରାହ୍ନ ୧୨ଟା ୩୦
- ଶୁଟିଂ: ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ ଯୋଗ୍ୟତା ପର୍ଯ୍ୟାୟ ସକାଳ ୮ଟା। ସ୍ୱର୍ଣ୍ଣ ପଦକ ପାଇଁ ମୁକାବିଲା ପୂର୍ବାହ୍ନ ୧୧ଟା ୩୦। ୨୫ ମିଟର ପିସ୍ତଲ ଯୋଗ୍ୟତା ପର୍ଯ୍ୟାୟ ସକାଳ ୮ଟା ଓ ୧୦ଟା। ସ୍ୱର୍ଣ୍ଣ ପଦକ ଇଭେଣ୍ଟ ପୂର୍ବାହ୍ନ ୧୧ଟା ୩୦।
- ସନ୍ତରଣ: ପୁରୁଷ ୧୦୦ ମିଟର ବଟରଫ୍ଲାଏ ଯୋଗ୍ୟତା ପର୍ଯ୍ୟାୟ ସକାଳ ୮ଟା। ସ୍ୱର୍ଣ୍ଣ ପଦକ ଇଭେଣ୍ଟ ସନ୍ଧ୍ୟା ୫ଟା। ୧୦୦ ମିଟର ବ୍ରେକ୍‌ଷ୍ଟ୍ରୋକ୍ ଯୋଗ୍ୟତା ପର୍ଯ୍ୟାୟ ସକାଳ ୮ଟା, ସ୍ୱର୍ଣ୍ଣ ପଦକ ଇଭେଣ୍ଟ ସନ୍ଧ୍ୟା ୫ଟା ୨୩। ୪x୧୦୦ ମିଟର ଫ୍ରିଷ୍ଟାଇଲ ରିଲେ ହିଟ୍ ସକାଳ ୮ଟା ୩୦। ସ୍ୱର୍ଣ୍ଣ ପଦକ ଇଭେଣ୍ଟ ସନ୍ଧ୍ୟା ୫ଟା।
- ଟାଏକୋଣ୍ଡୋ: ପୁରୁଷ ୮୦ କେଜି ରାଉଣ୍ଡ ଅଫ୍ ୩୨, ସକାଳ ୮ଟା ୪୫।
- ଟେନିସ: ପୁରୁଷ ସିଙ୍ଗଲ୍ସ ସକାଳ ୯ଟା। ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲ ପୂର୍ବାହ୍ନ ୧୧ଟା। ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ସକାଳ ୯ଟା, ମହିଳା ଡବଲ୍ସ ସକାଳ ୯ଟା।
- ପୁରୁଷ ଭଲିବଲ: ଭାରତ ବନାମ କାତାର ସନ୍ଧ୍ୟା ୬ଟା।
- ରେସଲିଂ: ପୁରୁଷ ଗ୍ରୀକୋ ରୋମାନ ୭୭ କେଜି ଅପରାହ୍ନ ୧୨ଟା, ୮୭ କେଜି ଇଭେଣ୍ଟ ଅପରାହ୍ନ ୧୨ଟା, ୯୭ କେଜି ପୂର୍ବାହ୍ନ ୧୧ଟା ୪୮, ୧୩୦ କେଜି ଅପରାହ୍ନ ୧ଟା ୦୬।
- ଉଷୁ(ସେମିଫାଇନାଲ): ମହିଳା ସାନ୍ଦା ସକାଳ ୮ଟା, ପୁରୁଷ ସାନ୍ଦା ସକାଳ ୮ଟା।

> କାଉଣ୍ଟି ଖେଳିଥିବାରୁ ଚାପରେ ଥିଲେ ମଧ୍ୟ ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ଭଲ ସ୍କୋର କରିବାରେ ସମର୍ଥ ହୋଇପାରିଲି।
> –ଚେତେଶ୍ୱର ପୂଜାରା, ଭାରତୀୟ ବ୍ୟାଟ୍ସମ୍ୟାନ



> ଚଳିତ ବର୍ଷ ୬ଟି ଟୁର୍ନାମେଣ୍ଟରେ ମୋ ପ୍ରଦର୍ଶନରେ ଅସ୍ଥିରତା ରହିଥିଲେ ମଧ୍ୟ ଆସନ୍ତା ୟୁଏସ ଓପନରେ ମୁଁ ଟାଇଟଲ ଜିତିବା ଲକ୍ଷ୍ୟ ରଖିଛି ।
> –ସେରେନା ୱିଲିୟମ୍ସ, ଆମେରିକାର ବିଶିଷ୍ଟ ଟେନିସ ଖେଳାଳି



## ସଂକ୍ଷେପରେ

### ନୂଆ ସମ୍ବିଧାନକୁ ରେଜିଷ୍ଟ୍ରି କଲା ବିସିସିଆଇ

ନୂଆଦିଲ୍ଲୀ, ୨୧।୮ (ପି.ଟି.): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଙ୍ଗଳବାର ଏହାର ନୂଆ ସମ୍ବିଧାନକୁ ଚେନ୍ନାଇସ୍ଥିତ ରେଜିଷ୍ଟ୍ରାର ଅଫ୍ ସୋସାଇଟିଜ୍ ଅଫ୍ ତାମିଲନାଡୁରେ ଏହାର ନୂଆ ସମ୍ବିଧାନକୁ ରେଜିଷ୍ଟ୍ରି କରିଛି। ଏହାଦ୍ୱାରା ନୂଆ କର୍ମକର୍ତ୍ତା ନିର୍ବାଚନ ପରିଚାଳନା ନେଇ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାରେ ପ୍ରଶାସକ କମିଟି (ସିଓଏ) ଲାଗି ପଥ ଉନ୍ମୁକ୍ତ ହୋଇଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଜଷ୍ଟିସ ଲୋଧା କମିଟିର ସଂସ୍କାରମୂଳକ ପ୍ରସ୍ତାବଗୁଡ଼ିକୁ ନେଇ ନୂଆ ସମ୍ବିଧାନ ଗଠନ କରାଯାଇଛି। ଗତ ଅଗଷ୍ଟ ୯ରେ ସୁପ୍ରିମ କୋର୍ଟ ଦେଇଥିବା ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାକୁ ଯାଇ ବିସିସିଆଇ ଏହାର ସିଇଓ ରାହୁଲ ଜୋହରିଙ୍କ ଜରିଆରେ ଚେନ୍ନାଇସ୍ଥିତ ରେଜିଷ୍ଟ୍ରାର ଅଫ୍ ସୋସାଇଟିଜ୍ ଅଫ୍ ତାମିଲନାଡୁରେ ନୂଆ ସମ୍ବିଧାନର ରେଜିଷ୍ଟ୍ରି କରାଇଥିଲେ। ଚେୟାରମ୍ୟାନ ବିନୋଦ ରାୟ ଓ ଡାଏନା ଏଡୁଲ୍‌ଜିଙ୍କୁ ନେଇ ଗଠିତ ପ୍ରଶାସକ କମିଟି କହିଛି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଆମେ ଧନ୍ୟବାଦ ଜଣାଉଛୁ। ବିସିସିଆଇର ନୂଆ ସମ୍ବିଧାନ ରେଜିଷ୍ଟ୍ରି ହେବା ଦ୍ୱାରା ଆମେ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିଦେବୁ। ସୁପ୍ରିମକୋର୍ଟ ଯେଉଁ ରାୟ ପ୍ରଦାନ କରିଛନ୍ତି ସେ ନେଇ ରାଜ୍ୟ ଆସୋସିଏଶନଗୁଡ଼ିକୁ ୩୦ଦିନ ମଧ୍ୟରେ ସେମାନଙ୍କର ସ୍ୱୀକାରୋକ୍ତି ଜଣାଇବାକୁ ପଡ଼ିବ ବୋଲି ପ୍ରଶାସକ କମିଟି କହିଛି। ବର୍ତ୍ତମାନ ବିସିସିଆଇର ନୂଆ ସମ୍ବିଧାନ ସ୍ପଷ୍ଟ ହୋଇଛି। କର୍ମକର୍ତ୍ତା ନିର୍ବାଚନ ନେଇ ଆମେ ଖୁବ୍ ଶୀଘ୍ର ଏକ ରୋଡ୍‌ମ୍ୟାପ ଉପସ୍ଥାପନ କରିବୁ ବୋଲି ରାୟ ଏଠାରେ ଖବରଦାତାଙ୍କୁ ସୂଚନା ଦେଇଛନ୍ତି।

### ଖୋ-ଖୋକୁ ଏସିଆ ଅଲିମ୍ପିକ କାଉନ୍‌ସିଲର ସ୍ୱୀକୃତି

ଜାକର୍ତ୍ତା, ୨୧।୮ (ପି.ଟି.)-ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆ (ଓସିଏ) ଭାରତର ସ୍ୱଦେଶୀ ଖେଳ ଖୋ-ଖୋ'କୁ ସ୍ୱୀକୃତି ପ୍ରଦାନ କରିଛି। କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ଏହାକୁ ସ୍ୱାଗତ କରିଛନ୍ତି। ଏଠାରେ ଅଗଷ୍ଟ ୯ରେ ଓସିଏର ଜେନେରାଲ ଆସେମ୍ବ୍ଲି ବସିଥିଲା। ଏଥିରେ ଖୋ-ଖୋକୁ ସ୍ୱୀକୃତି ଦେବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏସିଆନ ଇନ୍‌ଡୋର ଗେମ୍ସରେ ଖୋ-ଖୋ ଏକ ଡେମନଷ୍ଟ୍ରେଶନ ସ୍ପୋର୍ଟ୍ସ ଭାବେ ସ୍ଥାନ ପାଇବ। ପରବର୍ତ୍ତୀ ଏସିଆନ ଗେମ୍ସରେ ଏହି ଖେଳକୁ ସ୍ଥାନିତ କରିବା ଯଥେଷ୍ଟ ସମ୍ଭାବନା ରହିଛି। କ୍ରୀଡ଼ା ମନ୍ତ୍ରୀ ରାଠୋର କହିଛନ୍ତି ବିଶ୍ୱ କ୍ରୀଡ଼ାରେ ଭାରତର ପ୍ରଭାବ ବୃଦ୍ଧି ପାଉଥିବା ଏଥିରୁ ସୂଚୀତ ହେଉଛି। ଭବିଷ୍ୟତରେ ଖୋ-ଖୋ ଖେଳ ଏଣିକି କେବଳ ଏସୀୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସୀମିତ ନ ରହି ଅନ୍ୟ ଦେଶକୁ ପ୍ରସାରିତ ହେବ।

### ଜାତୀୟ ଫୁଟବଲ ଦଳରେ ୩ ଓଡ଼ିଆ

କଟକ ଅଫିସ,୨୧।୮ -ତୁର୍କୀଠାରେ ହେବାକୁ ଥିବା ୧୬ବର୍ଷରୁ କମ୍ ବାଳକ ଫୁଟବଲ ଟୁର୍ନାମେଣ୍ଟ ନିମନ୍ତେ ଘୋଷିତ ଜାତୀୟ ଦଳରେ ୩ଜଣ ଓଡ଼ିଆ ସ୍ଥାନ ପାଇଛନ୍ତି। ସେମାନେ ହେଲେ ବି.କେ. ଓରାମ, ସମୀର କେରକେଟା ଓ ଟଙ୍କଧର ବାଘ। ସମୀର ଓ ଓରାମ ପୂର୍ବରୁ ଜାତୀୟ ଦଳରେ ରହିଥିବା ବେଳେ ଟଙ୍କଧରଙ୍କୁ କଟକରେ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ୍ (ଏଆଇଏଫ୍ଏଫ୍) ଦ୍ୱାରା ହୋଇଥିବା ପ୍ରତିଭା ଚୟନ କାର୍ଯ୍ୟକ୍ରମରୁ ଜାତୀୟ ଦଳ ନିମନ୍ତେ ବଛାଯାଇଛି। ଏହା ଗତ ଅଗଷ୍ଟ ୮ ଓ ୯ ତାରିଖରେ ହୋଇଥିଲା।

### ଆନ୍ଧ୍ରକୁ ହରାଇଲା ଓଡ଼ିଶା

କଟକ ଅଫିସ,୨୧।୮ -ଗୋଆଠାରେ ଚାଲିଥିବା ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ର ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶକୁ ୮-୨ ଗୋଲରେ ଓଡ଼ିଶା ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ସୋନି ବେହେରା ୧୯ତମ, ୫୦ତମ ମିନିଟ୍‌ରେ, ଦୀପା ନାୟକ ୨୯ତମ, ଅତିରିକ୍ତ ୯୩ତମ ମିନିଟ୍‌ରେ, ଯଶୋଦା ମୁଣ୍ଡା ୪୨ତମ, ୪୫ତମ ମିନିଟ୍‌ରେ ୨ଟି ଲେଖାଏ ଗୋଲ ସ୍କୋର କରିଥିବା ବେଳେ ବନ୍ୟା କବିରାଜ ୬୧ତମ ମିନିଟ୍‌ରେ ଓ ମୁନିକା ମିଞ୍ଜ ୮୩ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଛନ୍ତି । ଆନ୍ଧ୍ରପ୍ରଦେଶ ପକ୍ଷରୁ ବି. ଅନୀଥା ୧୨ତମ ମିନିଟ୍‌ରେ ଓ ୱାଇ ଅନୀଥା ଅତିରିକ୍ତ ୯୧ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି ।

# ବିଜୟ ଦ୍ୱାର ଦେଶରେ ଭାରତ

ନଟିଂହାମ୍, ୨୧।୮ (ପି.ଟି.)

ଟ୍ରେଣ୍ଟବ୍ରିଜଠାରେ ଚାଲିଥିବା ତୃତୀୟ କ୍ରିକେଟ ଟେଷ୍ଟରେ ଭାରତ ବିଜୟ ଦ୍ୱାର ଦେଶରେ ପହଞ୍ଚିଛି। ୫୨୧ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ଇଂଲଣ୍ଡ ଏକଦା ୬୨ରନରେ ୪ ଉଇକେଟ ହରାଇ ସଂକଟରେ ପଡ଼ିଥିଲା। ମ୍ୟାଚ ମଙ୍ଗଳବାର ଶେଷ ହୋଇଯିବ ବୋଲି ଆଶା କରାଯାଉଥିଲା। ମାତ୍ର ଉଇକେଟକିପର ଜୋସ୍ ବଟଲର (୧୦୬) ଓ ବେନ୍ ଷ୍ଟୋକ୍ସ (୬୨) ୫ମ ଉଇକେଟରେ ଶତକୀୟ (୧୬୯ରନ) ଭାଗୀଦାରି କରି ଭାରତର ବିଜୟ ପଥରେ ବାଧା ସୃଷ୍ଟି କରିଥିଲେ। ମାତ୍ର ପରେ ବୁମ୍‌ରା ଚମତ୍କାର ବୋଲିଂ କରି ଘରୋଇ ଦଳର ମିଡଲ ଅର୍ଡରରେ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ବୁମ୍‌ରା ତାଙ୍କ ଦ୍ୱିତୀୟ ସ୍ପେଲ୍‌ରେ ବଟଲର ଜନି ବେୟାରଷ୍ଟୋ (୦), କ୍ରିସ୍ ଓକ୍ସ (୪) ଓ ଷ୍ଟୁଆର୍ଟ ବ୍ରଡ୍ (୨୦)ଙ୍କୁ ଆଉଟ କରିଦେଇଥିଲେ। ଇଂଲଣ୍ଡ ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ଏହାର ଦ୍ୱିତୀୟ ଇନିଂସରେ ୯ଉଇକେଟ ବିନିମୟରେ ୩୧୧ରନ କରିପାରିଥିଲା। ଦଳ ହାତରେ ଆଉ ଗୋଟିଏ ଉଇକେଟ ରହିଥିବାବେଳେ ବିଜୟ ପାଇଁ ୨୧୦ ରନ ଆବଶ୍ୟକ କରୁଛି। ଆଡିଲ ରଶିଦ ୩୦ ଓ ଜେମ୍ସ ଆଣ୍ଡରସନ ୮ ରନ କରି ଅପରାଜିତ ରହିଛନ୍ତି।

ସକାଳେ ଇଂଲଣ୍ଡ ପୂର୍ବଦିନର ଅସମାପ୍ତ ସ୍କୋର ୨୩/୦ରୁ ମଙ୍ଗଳବାର ଖେଳ ଆରମ୍ଭ କରିଥିଲା। ଦଳ ମଧ୍ୟାହ୍ନ ଭୋଜନ ସୁଦ୍ଧା ୮୪ରନରେ ୪ଟି ଉଇକେଟ ହରାଇ ବସିଥିଲା। ଈଶାନ୍ତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ପେସ୍ ବାହିନୀ ଇଂଲଣ୍ଡ ଟପ୍ ଅର୍ଡରରେ ବିପର୍ଯ୍ୟୟ ଘଟାଇଥିଲେ। ଈଶାନ୍ତ ୨ଟି ଏବଂ ମହମ୍ମଦ ସାମି ଓ ଯଶପ୍ରୀତ୍ ବୁମ୍‌ରା ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଚତୁର୍ଥ ଦିବସ ଖେଳର ୫ମ ବଲ୍‌ରେ କିଟନ ଜେନିଙ୍ଗ୍ସ (୧୩) କଟ୍ ବିହାଇଣ୍ଡ ହୋଇଥିଲେ। ଈଶାନ୍ତ ତାଙ୍କ ୭ଟି ବଲ୍‌ରେ ଦ୍ୱିତୀୟ ଉଇକେଟ ଖସାଇ ଦେଇଥିଲେ। ପୂର୍ବତନ ଅଧିନାୟକ ଆଲିଷ୍ଟର କୁକ୍ (୧୭)ଙ୍କୁ ସେ ଦ୍ୱିତୀୟ ସ୍ଲିପ୍ ଅଞ୍ଚଳରେ କେ.ଏଲ୍. ରାହୁଲଙ୍କ ଦ୍ୱାରା କ୍ୟାଚ ଆଉଟ କରିଦେଇଥିଲେ। ଘରୋଇ ଦଳ ୩୨ ରନ ସ୍କୋରରେ ଦୁଇଟି ଉଇକେଟ ହରାଇ ସାରିଥିଲା। ଜୋ ରୁଟ୍ (୧୩) ଓ ଅଲିଭର ପୋପ୍ (୧୬) ତୃତୀୟ ଉଇକେଟରେ ୩୦ ରନ ଯୋଗ କରିବାରେ ସମର୍ଥ ହୋଇଥିଲେ। ଇଂଲଣ୍ଡ ୧୯ତମ ଓଭରରେ ୫୦ ରନ ଅତିକ୍ରମ କରିଥିଲା। ଏହି ଦୁଇଜଣ ବ୍ୟାଟ୍ସମ୍ୟାନ କିନ୍ତୁ କ୍ରିଜ୍‌ରେ ସହଜ ଅନୁଭବ କରୁ ନ ଥିଲେ। ବୁମ୍‌ରାଙ୍କ ଆଙ୍ଗୁଲାର ଡେଲିଭରି ରୁଟ୍‌ଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବାବେଳେ ପୋପ୍ ପ୍ରତିଟି ସମ୍ଭାବ୍ୟ ସୁଯୋଗରେ ଫ୍ଲାଶି ଡ୍ରାଇଭ୍ ଖେଳୁଥିଲେ। ଏହା ସେମାନଙ୍କ ପତନର କାରଣ ହୋଇଥିଲା। ଉଭୟେ ୫ ବଲ୍ ବ୍ୟବଧାନରେ ୨୫ତମ ଓ ୨୬ତମ ଓଭରରେ ଆଉଟ ହୋଇଥିଲେ। ପ୍ରଥମେ ରୁଟ୍‌ଙ୍କୁ ବିଦାୟ ନେବାକୁ ପଡ଼ିଥିଲା। ସେ ବୁମ୍‌ରାଙ୍କ ଏକ ୱାଇଡ୍ ଡେଲିଭରି ଖେଳିବାକୁ ଯାଉଥିବାବେଳେ ଦ୍ୱିତୀୟ ସ୍ଲିପ୍ ଅଞ୍ଚଳରେ ରାହୁଲଙ୍କ ଦ୍ୱାରା କ୍ୟାଚ ହୋଇଥିଲେ। ଶାମିଙ୍କ ବଲ୍‌ରେ କୋହଲି ଏକ ଚମତ୍କାର ଡାଇଭ କ୍ୟାଚ ନେଇ ପୋପ୍‌ଙ୍କୁ ଆଉଟ କରିଦେଇଥିଲେ। କିନ୍ତୁ ପରେ ବେନ୍ ଷ୍ଟୋକ୍ସ ଓ ଉଇକେଟକିପର ଜୋସ୍ ବଟଲର ଲଢୁଆ ବ୍ୟାଟିଂ କରି ଦଳର ବ୍ୟାଟିଂରେ ସୁଧାର ଆଣିଥିଲେ।


ଇଂଲଣ୍ଡ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ସୃଷ୍ଟି କରିଥିବା ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା (ମଝି)।

### ବୁମ୍‌ରାଙ୍କୁ ୫ ଉଇକେଟ

#### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ:** ୩୨୯।
**ଇଂଲଣ୍ଡ ପ୍ରଥମ ଇନିଂସ:** ୧୬୧।
**ଭାରତ ଦ୍ୱିତୀୟ ଇନିଂସ:** ୩୫୨/୭, ଘୋଷଣା।
**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୩୧୧/୯ (ବଟ୍‌ଲର-୧୦୬, ଷ୍ଟୋକ୍ସ-୬୨, ରଶିଦ-୩୦*, ବୁମ୍‌ରା-୫/୮୫, ଈଶାନ୍ତ-୨/୭୦, ଶାମି-୧/୭୬, ପାଣ୍ଡ୍ୟା-୧/୨୨ )।

### ଆନ୍ତଃ ସ୍କୁଲ ଫୁଟବଲ: ଡିଏଭି, ପଳାଶୁଣୀ ହାଇସ୍କୁଲ ବିଜୟୀ



ପ୍ରିୟମ ପଟ୍ଟନାୟକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।

ଭୁବନେଶ୍ୱର, ୨୧।୮(କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଡିଏଭି ପୋଖରୀପୁଟ ଓ ପଳାଶୁଣୀ ହାଇସ୍କୁଲ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ଡିଏଭି ୫-୧ ଗୋଲରେ ଜାଭିୟର କେଦାରଗୌରୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ପ୍ରିୟମ ପଟ୍ଟନାୟକ ୨ଟି, ଅଭିଷେକ ଦାସ ୨ଟି ଏବଂ ଆୟୁଷ କୁମାର ମିଶ୍ର ଗୋଟିଏ ଗୋଲ ଦେଇଥିଲେ। ବିଜେବି ଇଂଲିଶ୍ ମିଡିୟମ ସ୍କୁଲ-୨ ପ୍ରିନ୍ସିପାଲ ଖୟନିକା ଦାସ ଅତିଥିଭାବେ ଯୋଗଦେଇ ପ୍ରିୟମ ପଟ୍ଟନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ପଳାଶୁଣୀ ହାଇସ୍କୁଲ ୩-୦ ଗୋଲରେ ଟାଇମ୍ସ ଗୁରୁକୁଳକୁ ହରାଇ ଦେଇଛି। ବିଜୟୀ ଦଳର ଦୁର୍ଗା ମାରାଣ୍ଡି ୨ଟି ଏବଂ ଗୁରୁ ମାନଦ୍ରା ଗୋଟିଏ ଗୋଲ ଦେଇଥିଲେ। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନର ସହ ସମ୍ପାଦକ ନବରଞ୍ଜନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଦୁର୍ଗା ମାରାଣ୍ଡିଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ ଆସୋସିଏଶନ ପକ୍ଷରୁ ପ୍ରିୟନାଥ ମିଶ୍ର, ଦିଲୀପ ଦାସ, ପ୍ରଫୁଲ୍ଲ ମିଶ୍ର, ପ୍ରସନ୍ନ ଦାସ, ପ୍ରବାଳ ଦାସ, ପ୍ରଦୀପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସୁନ୍ଦରଗଡ଼ ଚାମ୍ପିୟନ, କେନ୍ଦୁଝର ରନର୍ସଅପ୍

ଭୁବନେଶ୍ୱର, ୨୧।୮(କ୍ରୀଡ଼ା ପ୍ରତିନିଧି)

ଝାରସୁଗୁଡ଼ାର ବେଲପାହାଡ଼ସ୍ଥିତ ଜୁବିଲି ହଲ୍‌ରେ ୨୬ତମ ଓଡ଼ିଶା ରାଜ୍ୟ ଉଷୁ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲା ଉଷୁ ଆସୋସିଏଶନ ଓ ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ସୁନ୍ଦରଗଡ଼ ସର୍ବାଧିକ ୨୭ ସ୍ୱର୍ଣ୍ଣ, ୨୧ ରୌପ୍ୟ ଓ ୧୬ ବ୍ରୋଞ୍ଜ ପଦକ ଜିତି ଦଳଗତ ଚାମ୍ପିୟନ ହୋଇଛି। କେନ୍ଦୁଝର ଦଳ ୨୭ ସ୍ୱର୍ଣ୍ଣ, ୧୩ ରୌପ୍ୟ, ୯ ବ୍ରୋଞ୍ଜ ସହ ରନର୍ସଅପ୍ ଏବଂ ଖୋର୍ଦ୍ଧା ୧୫ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୨୨ ବ୍ରୋଞ୍ଜ ପଦକ ହାସଲ କରି ତୃତୀୟସ୍ଥାନ ଅଧିକାର କରିଛି। ପ୍ରତିଯୋଗିତାରେ ୨୭ ଜିଲାରୁ ୩୫୦ ପ୍ରତିଯୋଗୀ, ୨୦ ଜଜ୍ ଓ ଅଫିସିଆଲ ଅଂଶଗ୍ରହଣ କରିଥିଲେ। ବ୍ରାଜିଲର ବ୍ରାସିଲିଆଠାରେ ଅନୁଷ୍ଠିତ ୭ମ ଜୁନିୟର ବିଶ୍ୱ ଉଷୁ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଥିବା କେନ୍ଦୁଝରର ବାବୁଲୁ ମୁଣ୍ଡା ଓ ଜାତୀୟ ସ୍ତରରେ ବିଭିନ୍ନ ଡ୍ୟାନ୍ସ ଶୋ'ରେ କୃତିତ୍ୱ ଅର୍ଜନ କରିଥିବା ଝାରସୁଗୁଡ଼ାର ଜୈନିକା ଅନ୍‌ସୁରୁଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସାଇ କୋଚ୍ ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ଜୁରୀ ଦାୟିତ୍ୱ ତୁଲାଇଥିବାବେଳେ ମନୋଜ ଶୁକ୍ଳା ଓ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଜଜ୍ ଭୂମିକା ନିର୍ବାହ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବେଲବାହାଡ଼ ମ୍ୟୁନିସିପାଲ କାଉନସିଲ୍ ଚେୟାରମ୍ୟାନ ପୁରୁଷୋତ୍ତମ ସାହୁ ମୁଖ୍ୟ ଅତିଥି, ଉଷୁ ଆସୋସିଏଶନ ଅଫ ଓଡ଼ିଶା ସଭାପତି ଏସ.ଏସ.ହରିଚନ୍ଦନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଝାରସୁଗୁଡ଼ା ଜିଲା ଉଷୁ ଆସୋସିଏଶନ ସଭାପତି ତ୍ରିନାଥ ଗଲ୍, ସାଧାରଣ ସମ୍ପାଦକ ନବୀନ ସିଂ, ଉଷୁ ଆସୋସିଏଶନ ଅଫ ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ରାଜ୍ୟ ଉଷୁ ଚାମ୍ପିୟନଶିପ୍‌ରେ ପଦକ ବିଜୟୀ ପ୍ରତିଯୋଗୀମାନେ ।

### ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି
## ଇଣ୍ଡିଆ ବ୍ଲୁ ଚାମ୍ପିୟନ

ବେଙ୍ଗାଲୁରୁ, ୨୧।୮

ଇଣ୍ଡିଆ ରେଡ୍‌କୁ ରୋମାଞ୍ଚକର ଭାବେ ୪ ରନରେ ପରାସ୍ତ କରି ଇଣ୍ଡିଆ ବ୍ଲୁ ଦଳ ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି ଜିତିବାରେ ସଫଳ ହୋଇଛି। ମଙ୍ଗଳବାର କେଏସ୍‌ସିଏ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଇଣ୍ଡିଆ ବ୍ଲୁ ପ୍ରଥମେ ବ୍ୟାଟିଂ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୩୧ ରନ କରିଥିଲା। ଦଳ ପକ୍ଷରୁ ଓପନର ଦୟଲାନ ହେମଲତା ସର୍ବାଧିକ ୪୮ ରନ କରିଥିଲେ। ଭେଲାସ୍ୱାମୀ ବନିତା ଓ ତାନିଆ ଭାଟିଆ ଉଭୟ ୨୮ ରନର ଉପଯୋଗୀ ଇନିଂସ ଖେଳିଥିଲେ। ପ୍ରତିପକ୍ଷ ଇଣ୍ଡିଆ ରେଡ୍ ପକ୍ଷରୁ ଶିଖା ପାଣ୍ଡେଙ୍କୁ ୨ଟି ଉଇକେଟ୍ ମିଳିଥିଲା। ଜବାବରେ ଦୀପ୍ତି ଶର୍ମାଙ୍କ ନେତୃତ୍ୱାଧୀନ ଇଣ୍ଡିଆ ରେଡ୍ ୭ ଉଇକେଟ୍ ବିନିମୟରେ ୧୨୭ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଦୁଇ ଓପନର ପୁନମ ରାଉତ (୫୨) ଓ ଦୀପ୍ତି (୪୫)ଙ୍କୁ ଛାଡ଼ିଦେଲେ ଅନ୍ୟକୌଣସି ବ୍ୟାଟ୍ସୱିମ୍ୟାନ ଦୁଇଅଙ୍କ ସ୍କୋର ସ୍ପର୍ଶ କରିପାରି ନ ଥିଲେ। ଉଭୟ ଓପନିଂ ଯୋଡ଼ିରେ ୧୪.୩ ଓଭରରେ ୮୭ ରନ ସଂଗ୍ରହ କରି ଦୃଢ଼ ମୂଳଦୁଆ ପକାଇଥିଲେ ମଧ୍ୟ ମଧ୍ୟକ୍ରମ ବିଫଳତା ଯୋଗୁ ଇଣ୍ଡିଆ ରେଡ୍ ଚାମ୍ପିୟନ ହେବାରୁ ବଞ୍ଚିତ ହୋଇଥିଲା। ଚାମ୍ପିୟନ ଇଣ୍ଡିଆ ବ୍ଲୁ ତରଫରୁ ପୁନମ ଯାଦବ ଓ ରାଧା ଯାଦବ ଯଥାକ୍ରମେ ୩ଟି ଓ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ।

# ଆସାମ ବିପକ୍ଷରୁ ଓଡ଼ିଶାର ରଣଜୀ ଅଭିଯାନ

କଟକ ଅଫିସ,୨୧।୮

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ପ୍ରମୁଖ ଘରୋଇ କ୍ରିକେଟ ପ୍ରତିଯୋଗିତା ରଣଜୀ ଟ୍ରଫି ନଭେମ୍ବର ୧ରୁ ଆରମ୍ଭ ହେବ । ଆଗାମୀ ସିଜନ ପାଇଁ ଓଡ଼ିଶା ଏଲିଟ୍ ଗ୍ରୁପ୍-ସିରେ ସ୍ଥାନ ପାଇଛି । ପ୍ରତିଯୋଗିତାରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍ ଆସାମ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ । ଅନ୍ୟପକ୍ଷରେ ସି.କେ. ନାଇଡୁ ଟ୍ରଫି ଓ କୁଚ ବିହାର ଟ୍ରଫି ନିମନ୍ତେ ମ୍ୟାଚ ସୂଚୀ ମଧ୍ୟ ଘୋଷଣା କରାଯାଇଛି । ଉକ୍ତ ୨ଟି ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶା ଗ୍ରୁପ୍-ସିରେ ରହିଛି । ବିସିସିଆଇର ଏହି ଘରୋଇ ଟୁର୍ନାମେଣ୍ଟଗୁଡ଼ିକ ନିମନ୍ତେ ଖୁବ୍‌ଶୀଘ୍ର ଭେନ୍ୟୁ ଘୋଷଣା କରାଯିବ।

**ଘରୋଇ ମାଟିରେ ୫ ରଣଜୀ ମ୍ୟାଚ୍ ଖେଳିବ ଓଡ଼ିଶା**

ଏଲିଟ୍ ଗ୍ରୁପ୍-ସିରେ ଓଡ଼ିଶା ସମେତ ଆସାମ, ଗୋଆ, ହରିୟାଣା, ଜମ୍ମୁ ଓ କଶ୍ମୀର, ଝାଡ଼ଖଣ୍ଡ, ସର୍ଭିସେସ୍, ରାଜସ୍ଥାନ, ତ୍ରିପୁରା ଓ ଉତ୍ତରପ୍ରଦେଶ ରହିଛନ୍ତି । ଓଡ଼ିଶା ପ୍ରଥମେ ଆସାମ ବିପକ୍ଷରେ ଖେଳିବ, ପରେ ଗୋଆ, ଉତ୍ତରପ୍ରଦେଶ, ତ୍ରିପୁରା, ହରିୟାଣା, ରାଜସ୍ଥାନ ବିପକ୍ଷରେ ମ୍ୟାଚ୍‌ଗୁଡ଼ିକ ଘରୋଇ ପରିବେଶରେ ଖେଳିବ ।ଏଲିଟ୍ ଗ୍ରୁପ୍-ଏରେ ବରୋଦା, ଛତିଶଗଡ଼, ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର, ମୁମ୍ବାଇ, ରେଳବାଇ, ସୌରାଷ୍ଟ୍ର, ବିଦର୍ଭ ସ୍ଥାନ ପାଇଥିବା ବେଳେ ଏଲିଟ ଗ୍ରୁପ୍-ବିରେ ଦିଲ୍ଲୀ, ବେଙ୍ଗଲ, କେରଳ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ହାଇଦ୍ରାବାଦ୍, ହିମାଚଳପ୍ରଦେଶ, ତାମିଲନାଡୁ ରହିଛନ୍ତି । ପ୍ଲେଟ ଗ୍ରୁପ୍‌ରେ ବିହାର, ଅରୁଣାଚଳପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ, ସିକିମ ଓ ଉତ୍ତରାଖଣ୍ଡ ରହିଛନ୍ତି । ନଭେମ୍ବର ୧ରୁ ରଣଜୀର ଲିଗ ପର୍ଯ୍ୟାୟ ଆରମ୍ଭ ହୋଇ ଜାନୁୟାରୀ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ।

**ନଭେମ୍ବର ୨ରୁ ସିକେ ନାଇଡୁ ଟ୍ରଫି**

ରଣଜୀ ଆରମ୍ଭ ହେବାର ଗୋଟିଏ ଦିନ ପରେ ଆରମ୍ଭ ହେବ ସିକେ ନାଇଡୁ ଟ୍ରଫି । ନଭେମ୍ବର ୨ରୁ ଜାନୁୟାରୀ ୧୨ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ । ଓଡ଼ିଶା ଏହି ଟୁର୍ନାମେଣ୍ଟରେ ଏଲିଟ୍ ଗ୍ରୁପ୍-ସିରେ ରହିଛି । ଓଡ଼ିଶା ସମେତ ଛତିଶଗଡ଼, ଗୋଆ, ହରିୟାଣା, ହିମାଚଳପ୍ରଦେଶ, ଜମ୍ମୁ ଓ କଶ୍ମୀର, କେରଳ, ରେଲୱେ, ବିଦର୍ଭ ରହିଛନ୍ତି । ଏଲିଟ୍ ଗ୍ରୁପ୍-ଏରେ ଆସାମ, ବରୋଦା ଦିଲ୍ଲୀ, ଗୁଜରାଟ, ହାଇଦ୍ରାବାଦ, ଝାଡ଼ଖଣ୍ଡ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ତାମିଲନାଡୁ, ଏଲିଟ୍ ଗ୍ରୁପ୍-ବିରେ ଆନ୍ଧ୍ରପ୍ରଦେଶ, ବେଙ୍ଗଲ, ମହାରାଷ୍ଟ୍ର, ମୁମ୍ବାଇ, ପଞ୍ଜାବ, ସୌରାଷ୍ଟ୍ର, ରାଜସ୍ଥାନ, ତ୍ରିପୁରା, ଉତ୍ତରପ୍ରଦେଶ ରହିଥିବା ବେଳେ ପ୍ଲେଟ ଗ୍ରୁପ୍‌ରେ ବିହାର, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ, ସିକିମ ଓ ଉତ୍ତରାଖଣ୍ଡ ସ୍ଥାନ ପାଇଛନ୍ତି ।

### ବିସିସିଆଇର ଘରୋଇ ଟୁର୍ନାମେଣ୍ଟ

**ଓଡ଼ିଶାର ରଣ୍‌ଜୀ କାର୍ଯ୍ୟସୂଚୀ**

| |
|---|
| ନଭେମ୍ବର ୧ରୁ ୪ ବନାମ ଆସାମ |
| ନଭେମ୍ବର ୧୨ରୁ ୧୫ ବନାମ ଗୋଆ |
| ନଭେମ୍ବର ୨୦ରୁ ୨୩ ବନାମ ଉତ୍ତରପ୍ରଦେଶ |
| ନଭେମ୍ବର ୨୮ରୁ ଡିସେମ୍ବର ୧ ବନାମ ଜମ୍ମୁ ଓ କଶ୍ମୀର |
| ଡିସେମ୍ବର ୬ରୁ ୯ ବନାମ ତ୍ରିପୁରା |
| ଡିସେମ୍ବର ୧୪ରୁ ୧୭ ବନାମ ସର୍ଭିସେସ |
| ଡିସେମ୍ବର ୨୨ରୁ ୨୫ ବନାମ ହରିୟାଣା |
| ଡିସେମ୍ବର ୩୦ରୁ ଜାନୁୟାରୀ ୨ ବନାମ ଝାଡ଼ଖଣ୍ଡ |
| ଜାନୁୟାରୀ ୭ରୁ ୧୦ ବନାମ ରାଜସ୍ଥାନ |

**ଓଡ଼ିଶାର ସିକେ ନାଏଡୁ କାର୍ଯ୍ୟସୂଚୀ**

ନଭେମ୍ବର ୨ରୁ ୫ ବନାମ ହରିୟାଣା
ନଭେମ୍ବର ୧୪ରୁ ୧୭ ବନାମ ଗୋଆ
ନଭେମ୍ବର ୨୨ରୁ ୨୫ ବନାମ ବିଦର୍ଭ
ନଭେମ୍ବର ୩୦ରୁ ଡିସେମ୍ବର ୩ ବନାମ କେରଳ
ଡିସେମ୍ବର ୮ରୁ ୧୧ ବନାମ ରେଲୱେ
ଡିସେମ୍ବର ୧୬ରୁ ୧୯ ବନାମ ଛତିଶଗଡ଼
ଡିସେମ୍ବର ୨୪ରୁ ୨୭ ବନାମ ଜମ୍ମୁ ଓ କଶ୍ମୀର
ଜାନୁୟାରୀ ୯ରୁ ୧ ୨ ବନାମ ବିଦର୍ଭ

**ନଭେମ୍ବର ୧୯ରୁ କୁଚବିହାର ଟ୍ରଫି**

ଆସନ୍ତା ନଭେମ୍ବର ୧୯ରୁ ଜାନୁୟାରୀ ୩ ପର୍ଯ୍ୟନ୍ତ କୁଚ ବିହାର ଟ୍ରଫି ଲିଗ ପର୍ଯ୍ୟାୟ ଖେଳାଯିବ। ଏହି ଟୁର୍ନାମେଣ୍ଟରେ ମଧ୍ୟ ଓଡ଼ିଶା ଏଲିଟ ଗ୍ରୁପ-ସିରେ ସ୍ଥାନ ପାଇଛି। ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ଆସାମ, ଗୋଆ, ଜମ୍ମୁ ଓ କଶ୍ମୀର, କେରଳ, ସୌରାଷ୍ଟ୍ର, ତ୍ରିପୁରା ରହିଛନ୍ତି । ଏଲିଟ୍ ଗ୍ରୁପ୍-ଏରେ ବରୋଦା, ଛତିଶଗଡ଼, ଦିଲ୍ଲୀ, ହିମାଚଳପ୍ରଦେଶ, ମହାରାଷ୍ଟ୍ର, ମୁମ୍ବାଇ, ତାମିଲନାଡୁ, ଉତ୍ତରପ୍ରଦେଶ, ବିଦର୍ଭ, ଏଲିଟ୍ ଗ୍ରୁପ୍-ବିରେ ବେଙ୍ଗଲ, ଗୁଜରାଟ, ହରିୟାଣା, ହାଇଦ୍ରାବାଦ, ଝାଡ଼ଖଣ୍ଡ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ପଞ୍ଜାବ, ରାଜସ୍ଥାନ ରହିଥିବା ବେଳେ ପ୍ଲେଟ ଗ୍ରୁପ୍‌ରେ ବିହାର, ଅରୁଣାଚଳପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ, ସିକିମ, ଉତ୍ତରାଖଣ୍ଡ ରହିଛନ୍ତି ।

**ଓଡ଼ିଶାର କୁଚବିହାର ଟ୍ରଫି କାର୍ଯ୍ୟସୂଚୀ**

ନଭେମ୍ବର ୧୯ରୁ ୨୨ ବନାମ ଗୋଆ
ନଭେମ୍ବର ୨୬ରୁ ୨୯ ବନାମ କେରଳ
ଡିସେମ୍ବର ୩ରୁ ୬ ବନାମ ଆନ୍ଧ୍ରପ୍ରଦେଶ
ଡିସେମ୍ବର ୧୦ରୁ ୧୩ ବନାମ ତ୍ରିପୁରା
ଡିସେମ୍ବର ୧୭ରୁ ୨୦ ବନାମ ଜମ୍ମୁ ଓ କଶ୍ମୀର
ଡିସେମ୍ବର ୨୪ରୁ ୨୭ ବନାମ ସୌରାଷ୍ଟ୍ର
ଡିସେମ୍ବର ୩୧ରୁ ଜାନୁୟାରୀ ୩ ବନାମ ଆସାମ।

### ସେକ୍ରେଟାରିଏଟ କପ୍ ଫୁଟବଲ

ଭୁବନେଶ୍ୱର, ୨୧।୮ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ସେକ୍ରେଟାରିଏଟ ଏମ୍ପ୍ଲଇଜ୍ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଫାଇଭ୍-ଏ-ସାଇଡ୍ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚରେ ସୂଚନା ଓ ଲୋକସମ୍ପର୍କ ବିଭାଗ ୩-୦ ଗୋଲରେ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗକୁ ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅନୁପସ୍ଥିତ ରହିବାରୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ୱାକଓଭର ପାଇଛି। ତୃତୀୟ ମ୍ୟାଚରେ ଅନୁସୂଚିତ ଜାତି ଓ ଉପଜାତି ଓ ସଂଖ୍ୟାଲଘୁ ବିକାଶ ବିଭାଗ ୧-୦ ଗୋଲରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗକୁ ହରାଇଥିବାବେଳେ ସରକାରୀ ଉଦ୍ୟୋଗ ଏବଂ ଯୋଜନା ଓ ସଂଯୋଜନା ବିଭାଗ ମଧ୍ୟରେ ଅନୁଷ୍ଠିତ ୪ର୍ଥ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ୫ମ ମ୍ୟାଚରେ ଅର୍ଥ ବିଭାଗ ୯-୧ ଗୋଲରେ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଦୁର୍ଯ୍ୟୋଧନ ବାର୍ଲା ଏକାକୀ ୬ଟି ଗୋଲ ସ୍କୋର କରିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୨୦ | Press Regd. No. R.N. 21326/74 | Postal Regd. No. BN/42/18-20. | ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୨/୨୦୧୮ | Bhubaneswar, Wednesday, August 22/ 2018

# ସାଢ଼େ ୭ ଘଣ୍ଟାର ତନାଘନା, ଫାଇଲ ଧରି ଫେରିଲେ

କଟକ ଅଫିସ,୨୧।୮

## ରେଭେନ୍ସାରେ ଉଚ୍ଚଶିକ୍ଷା ବିଭାଗ ତଦନ୍ତ କମିଟି



■ ତଦନ୍ତ ପରିସରରୁ ହେଲା ନିଯୁକ୍ତି, ପଦୋନ୍ନତି ପ୍ରସଙ୍ଗ

■ ଶୀଘ୍ର ଆସିବ ତଦନ୍ତ ରିପୋର୍ଟ

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ହୋଇଥିବା ଅନିୟମିତତା ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି। ମଙ୍ଗଳବାର ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଏକ ତଦନ୍ତ କମିଟି ବିଶ୍ୱବିଦ୍ୟାଳୟରେ ତନାଘନା କରିଛି। ବିଭାଗର ଅତିରିକ୍ତ ସଚିବ ପ୍ରଶାନ୍ତ କୁମାର ଦାସ ଓ ଅନ୍ୟଜଣେ ଅଧିକାରୀ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ବିଭିନ୍ନ ଫାଇଲ ଯାଞ୍ଚ କରିଥିଲେ। ସନ୍ଧ୍ୟାରେ ତଦନ୍ତକାରୀ ଅଧିକାରୀ ଦ୍ୱୟ ବିଭିନ୍ନ କାଗଜପତ୍ରର ନକଲ ଧରି ଫେରିଥିଲେ। ତେବେ ଶୀଘ୍ର ତଦନ୍ତ ରିପୋର୍ଟ ଆସିବା ପରେ ଅନିୟମିତତା ହୋଇଛି ନା ନାହିଁ ତାହାର ଗୁମର ଖୋଲିବ। ଅନ୍ୟପକ୍ଷରେ ତଦନ୍ତରେ ସମସ୍ତ ପ୍ରକାର ସହଯୋଗ କରାଯାଇଛି ବୋଲି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର କହିଛନ୍ତି।

ରେଭେନ୍ସା ବିଶ୍ୱବିଦ୍ୟାଳୟର କେତେକ ପ୍ରଶାସନିକ କାର୍ଯ୍ୟରେ ଅନିୟମିତତା ହୋଇଥିବା ନେଇ ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଗତ ୯ ତାରିଖରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟକୁ ତଦନ୍ତ ସଂକ୍ରାନ୍ତରେ ଏକ ଚିଠି ଆସିଥିଲା। ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଏକ ତଦନ୍ତ କମିଟି ଅଗଷ୍ଟ ୧୭ରେ ବିଶ୍ୱବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିବା ସହ ଗତ ୨ବର୍ଷର ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିବ ବୋଲି ଉକ୍ତ ଚିଠିରେ ଦର୍ଶାଯାଇଥିଲା। ମାତ୍ର ୧୬ ତାରିଖରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ପରଲୋକ ଯୋଗୁ ୧୭ ତାରିଖରେ ତଦନ୍ତ କମିଟି ଆସି ପାରି ନ ଥିଲା। ମଙ୍ଗଳବାର ତଦନ୍ତ କମିଟି ପୂର୍ବାହ୍ନ ୧୦ଟା ୩୦ରେ ବିଶ୍ୱବିଦ୍ୟାଳୟରେ ପହଞ୍ଚି କୁଳପତିଙ୍କୁ ଭେଟିବା ପରେ କୁଳସଚିବଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ବନ୍ଦ କୋଠରିରେ କୁଳସଚିବ ମହେଶ୍ୱର ଅଗସ୍ତିଙ୍କ ଉପସ୍ଥିତିରେ ଦୁଇଜଣ ତଦନ୍ତକାରୀ ଅଧିକାରୀ ଗତ ୨ବର୍ଷର ଅଡିଟ୍ ରିପୋର୍ଟ ସମେତ କେଉଁ ପ୍ରକ୍ରିୟାରେ ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର, ପ୍ରଫେସର ନିଯୁକ୍ତି ଦିଆଯାଇଛି ସେ ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ। ଅତିଥି ଅଧ୍ୟାପକଙ୍କ ନିଯୁକ୍ତି ପ୍ରକ୍ରିୟା ନେଇ ମଧ୍ୟ ପଚରାଉଚରା କରାଯାଇଥିଲା। କ୍ୟାରିୟର ଆଡଭାନ୍ସମେଣ୍ଟ ସ୍କିମ(ସିଏଏସ୍) ପ୍ରକ୍ରିୟାରେ ହୋଇଥିବା ପଦୋନ୍ନତି ପ୍ରକ୍ରିୟାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। କେଉଁ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅର୍ଥ ଖର୍ଚ୍ଚ ହୋଇଛି ସେ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ଏଥିସହ ବିଶ୍ୱବିଦ୍ୟାଳୟର ବିଭିନ୍ନ ପ୍ରଶାସନିକ କାର୍ଯ୍ୟକୁ ନେଇ ମଧ୍ୟ ଖୋଳତଡ଼ା କରାଯାଇଥିବା ଜଣାପଡ଼ିଛି।

### ଏସ୍‌ସିଏସ୍‌ରେ ଜାଲ୍ ଦିବ୍ୟାଙ୍ଗ ପ୍ରମାଣପତ୍ରରେ ନାମଲେଖା ମାମଲା

# ଧରାପଡ଼ିଲେ ୧୯ ଛାତ୍ରୀଛାତ୍ର

ପୁରୀ ଅଫିସ, ୨୧।୮



■ ଉଚ୍ଚଶିକ୍ଷା ବିଭାଗକୁ ଦିଆଯିବ ରିପୋର୍ଟ: କଲେଜ ଅଧ୍ୟକ୍ଷ

■ ରୋଗ ସମ୍ପର୍କରେ ଦିଆଯାଇଛି ଭୁଲ ତଥ୍ୟ: ସିଡିଏମ୍‌ଓ

■ ତଦନ୍ତ ଦାବି କଲା ଛାତ୍ର ସଂଗଠନ

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରେ ଯୁକ୍ତ ତିନି ଓ ସ୍ନାତକୋତ୍ତର ବିଭାଗରେ କେତେଜଣ ଛାତ୍ରୀଛାତ୍ର ଜାଲ୍ ଦିବ୍ୟାଙ୍ଗ ପ୍ରମାଣପତ୍ର ଦେଇ ନାମ ଲେଖାଇଥିବା ଅଭିଯୋଗ ହୋଇଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ମହାବିଦ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। କଲେଜ କର୍ତ୍ତୃପକ୍ଷ ଦିବ୍ୟାଙ୍ଗ ପ୍ରମାଣପତ୍ରରେ ନାମ ଲେଖାଇଥିବା ୩୭ ଛାତ୍ରୀଛାତ୍ରଙ୍କ ସାର୍ଟିଫିକେଟ ଯାଞ୍ଚ ଲାଗି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) ଏକ ତାଲିକା କଲେଜକୁ ପଠାଇଛନ୍ତି। ଏଥିରେ ୧୯ ଛାତ୍ରୀଛାତ୍ରଙ୍କ ଦିବ୍ୟାଙ୍ଗ ପ୍ରମାଣପତ୍ର ଜାଲ୍ ବୋଲି ଜଣାପଡିଛି।

ଏ ସମ୍ପର୍କରେ ସିଡିଏମଓ ଭାସ୍କର ସାମନ୍ତରାୟ କୁହନ୍ତି, ସାର୍ଟିଫିକେଟରେ ରୋଗ ସମ୍ପର୍କରେ ଭୁଲ ତଥ୍ୟ ଦିଆଯାଇଛି। ଅଧିକାଂଶ ପ୍ରମାଣପତ୍ରରେ ରେଜିଷ୍ଟ୍ରେଶନ ନମ୍ବର, ସିଡିଏମଓ, ଡାକ୍ତରଙ୍କ ଦସ୍ତଖତ, ତାରିଖ ଭୁଲ ଭାବେ ଦର୍ଶାଯାଇଛି। ଅଧିକାଂଶ ଦିବ୍ୟାଙ୍ଗ ସାର୍ଟିଫିକେଟରେ କାନ ଓ ଆଖି ରୋଗ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଯାହାକି ଯାଞ୍ଚ ବେଳେ ଧରାପଡିଛି ବୋଲି ସାମନ୍ତରାୟ କହିଛନ୍ତି। ଏନେଇ କଲେଜ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର କୁହନ୍ତି, ଜାଲ୍ ପ୍ରମାଣପତ୍ରରେ ଛାତ୍ରୀଛାତ୍ରମାନେ ନାମ ଲେଖାଇଥିବା ଅଭିଯୋଗ ହେବା ପରେ ଏହାର ଯାଞ୍ଚ ଲାଗି ସିଡିଏମଓଙ୍କ ନିକଟକୁ ପଠାଯାଇଥିଲା। ମଙ୍ଗଳବାର ରିପୋର୍ଟ ଆସିଛି। ଗୁରୁବାର ଏହାକୁ ଉଚ୍ଚଶିକ୍ଷା ବିଭାଗକୁ ପଠାଯିବ। ବିଭାଗର ନିର୍ଦ୍ଦେଶକ୍ରମେ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ। ଏଥିରେ କୌଣସି ଅଧ୍ୟାପକ ଅଥବା କର୍ମଚାରୀଙ୍କ ହାତ ଥିବା ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମିଶ୍ର କହିଛନ୍ତି।

କେବଳ ଚଳିତ ଶିକ୍ଷାବର୍ଷ ନୁହେଁ ବରଂ ଗତ କିଛିବର୍ଷ ଧରି ଏପରି ଜାଲ ଦିବ୍ୟାଙ୍ଗ ପ୍ରମାଣପତ୍ରରେ ପିଲାମାନେ ନାମ ଲେଖାଉଥିବା ଜଣାପଡିଛି। ଏହା ପଛରେ ଏକ ବଡ଼ଧରଣର ର୍‍ୟାକେଟ ରହିଥିବା କେତେକ ଛାତ୍ର ସଂଗଠନ ଗଣମାଧ୍ୟମ ଆଗରେ କହିଛନ୍ତି। ଏହାର ପୁଙ୍ଖାନୁପୁଙ୍ଖ ଯାଞ୍ଚ ଲାଗି ଛାତ୍ର ନେତା ଆଶିଷ ସାହୁ କହିଛନ୍ତି। ଧରାପଡିଥିବା ପିଲା ନକଲି ସାର୍ଟିଫିକେଟ କେଉଁଠୁ ଆଣିଲେ, ଏହା ପଛରେ ଅନ୍ୟ କେଉଁମାନେ ରହିଛନ୍ତି ଏହାର ତଦନ୍ତ ଲାଗି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପୁରୀ ଜିଲା ସଂଯୋଜକ ପାର୍ଥଜିତ ପୃଷ୍ଟି ଦାବି କରିଛନ୍ତି।

### ନବୋଦୟ ବିଦ୍ୟାଳୟରେ ର୍‍ୟାଗିଂ ପ୍ରସଙ୍ଗ

# ତଦନ୍ତ ଶେଷ, ମିଳିଲା ପ୍ରମାଣ

ପୁରୀ ଅଫିସ, ୨୧।୮

**ଆଜି ରିପୋର୍ଟ ଦେବେ ଉପ ଜିଲାପାଳ**

ପୁରୀ ଜିଲା କୋଣାର୍କ ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ସିନିୟର ଛାତ୍ରମାନେ ମାଡ଼ ମାରି ର୍‍ୟାଗିଂ କରିବା ଘଟଣାର ତଦନ୍ତ ଶେଷ ହୋଇଛି। ସୋମବାର ଉପଜିଲାପାଳ ଭବତାରଣ ସାହୁ କୋର୍ଣାକ ନବୋଦୟ ବିଦ୍ୟାଳୟକୁ ଯାଇ ତଦନ୍ତ କରିଛନ୍ତି। ତଦନ୍ତରୁ ନବମ ଶ୍ରେଣୀ ଛାତ୍ରଙ୍କୁ ୮ଜଣ ସିନିୟର ଛାତ୍ର ମାଡ଼ ମାରିଥିବା ପ୍ରମାଣ ମିଳିଛି। ବୁଧବାର ଉପଜିଲାପାଳ ସାହୁ ଜିଲାପାଳଙ୍କୁ ରିପୋର୍ଟ ଦେବେ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ବ୍ରହ୍ମଗିରି ଥାନା ଅନ୍ତର୍ଗତ ଗଡ଼ରୋଡଙ୍ଗ ନିକଟସ୍ଥ ଦଦରାକୁଣ୍ଡ ଗ୍ରାମର ଜଣେ ଛାତ୍ର କୋଣାର୍କ ଜବାହାର ନବୋଦୟ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଛନ୍ତି। ଉକ୍ତ ଛାତ୍ରଙ୍କ ମା'ଙ୍କ ଅଭିଯୋଗ ଅନୁଯାୟୀ, ଜୁଲାଇ ୨୫ରେ ବିଦ୍ୟାଳୟର ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ୮ ଜଣ ଛାତ୍ର ଟଙ୍କା ଚୋରି ଅଭିଯୋଗ ଆଣି ତାଙ୍କ ପୁଅକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବେକରେ ଛୁରି ଲଗାଇ ଧମକ ଚମକ ଦେଇଥିଲେ। ଏହାପରେ ସେମାନେ ତାଙ୍କୁ ନିସ୍ତୁକ ମାଡ଼ ମାରି ହଷ୍ଟେଲରେ ଆଣ୍ଠେଇ ଦେଇଥିଲେ।


















1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

“ଯେ ଅନ୍ୟର ସାହାଯ୍ୟ ନ ଲୋଡ଼ି ନିଜ ଶକ୍ତିର ପୂର୍ଣ୍ଣ ଉପଯୋଗ କରେ ସେ ପ୍ରକୃତ ସଫଳତା ଲାଭ କରେ।
- ଟାସିଟସ୍





## ସଂକ୍ଷେପରେ

### ସ୍ତ୍ରୀ ହତ୍ୟାକାରୀ ଗିରଫ

**କଟକ ସଦର,୨୧।୮(ଡି.ଏନ୍.ଏ ):** କଟକ ସଦର ଥାନା ୪୨ ମୌଜା ଭାରଗୋଳ ଗ୍ରାମର ଗୀତାଞ୍ଜଳି ବେହେରାଙ୍କୁ ହାତୁଡ଼ିରେ ପିଟିପିଟି ହତ୍ୟା କରିଥିବା ଅଭିଯୋଗରେ ସ୍ୱାମୀ ସୁମନ୍ତ ବେହେରା(୫୨)ଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ସୁକାନ୍ତ ମାନସିକ ବିକୃତ ଥିବାରୁ ଚିକିତ୍ସିତ ହେଉଥିଲେ। ୩/୪ ଦିନ ହେବ ତାଙ୍କ ଔଷଧ ସରିଯାଇଥିବାରୁ ସେ ଘରେ ମାରପିଟ୍ କରୁଥିଲେ। ତେବେ ରବିବାର ରାତିରେ କୌଣସି କାରଣକୁ ନେଇ ସୁମନ୍ତ ଓ ଗୀତାଞ୍ଜଳିଙ୍କ ମଧ୍ୟରେ ଝଗଡା ହୋଇଥିଲା। ଫଳରେ ସୁମନ୍ତ ଉତ୍ତ୍ୟକ୍ତ ହୋଇ ଗୀତାଞ୍ଜଳିଙ୍କ ମୁଣ୍ଡକୁ ହାତୁଡ଼ିରେ ପିଟିଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ କଟକ ସଦର ଥାନାରେ ଏକ ମାମଲା (ନଂ.୩୨୦/୧୮)ରୁଜୁ ହୋଇଥିଲା।

### ଭିଡିଓ ଭାଇରାଲ କରିବା ଧମକ ଅଭିଯୋଗ, ଯୁବକ ଗିରଫ

**ଟାଙ୍ଗୀ(କଟକ),୨୧।୮(ଡି.ଏନ୍.ଏ):** ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ସହ ଧମକ ଦେବା ଅଭିଯୋଗରେ ଟାଙ୍ଗୀ ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଟାଙ୍ଗୀ ଥାନା ଅଞ୍ଚଳର ସୁଧାଂଶୁ ଶେଖର ଆଚାର୍ଯ୍ୟ(୩୦)। ଅଭିଯୋଗ ଅନୁଯାୟୀ, ସୁଧାଂଶୁ ଗ୍ରାମର ଜଣେ ଯୁବତୀ(୧୯)ଙ୍କୁ ପ୍ରେମ ଜାଲରେ ଫସାଇ ଶାରୀରିକ ସମ୍ପର୍କ ରଖିଥିଲେ। ଏହା ସହ ଏକାନ୍ତ ସମୟର ଭିଡିଓ ଶୁଟିଂ କରିଥିଲେ। ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ସୁଧାଂଶୁ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। କାହାକୁ କହିଲେ ଫେସବୁକ୍ ଓ ହ୍ୱାଟ୍ସଆପ୍‌ରେ ଭିଡିଓ ଭାଇରାଲ କରିଦେବେ ବୋଲି ଧମକ ଦେଉଥିଲେ। ଏ ନେଇ ଯୁବତୀଜଣଙ୍କ ତାଙ୍କ ଘରେ ସବୁ କଥା କହିଥିଲେ। ପରେ ଏ ସମ୍ପର୍କରେ ଯୁବତୀଙ୍କ ବାପା ଗତ ଜୁନ ୧୮ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଟାଙ୍ଗୀ ପୋଲିସ ଏକ ମାମଲା (ନଂ. ୧୦୯/୧୮) ରୁଜୁ କରିଥିଲା। ତେବେ ପୋଲିସ ମଙ୍ଗଳବାର ସୁଧାଂଶୁଙ୍କୁ ତାଙ୍କ ଗ୍ରାମ ନିକଟରୁ ଧରିଥିଲା। ଏହା ସହ ତାଙ୍କ ଠାରୁ ମୋବାଇଲ, ସିମକାର୍ଡ଼ ଓ ମେମୋରି ଚିପ୍ ପୋଲିସ ପକ୍ଷରୁ ଜବତ କରାଯାଇଥିବା ଥାନା ଅଧିକାରୀ ବିମଳ କୁମାର ବାରିକ କହିଛନ୍ତି।

### ଅଚିହ୍ନା ଯୁବତୀଙ୍କ ମୃତଦେହ ଉଦ୍ଧାର

**ନିଆଳି,୨୧।୮(ଡି.ଏନ୍.ଏ):** ନିଆଳି ବ୍ଲକ ଶଗଡାଇଲୋ ପଞ୍ଚାୟତର ସୁଆଁଲୋ ଗ୍ରାମ ନିକଟରେ ଥିବା ପୁରୁଣା ଦେବୀ ନଦୀ ତଟରେ ଜଣେ ଅଚିହ୍ନା ଯୁବତୀଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଉକ୍ତ ମୃତଦେହକୁ ଦେଖି ଗ୍ରାମବାସୀ ନିଆଳି ଥାନାକୁ ଖବର ଦେବା ସହ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବରପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବତୀଙ୍କ ମୃତଦେହକୁ ପାଣି ଭିତରୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ନିଆଳି ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କଟକ ମେଡିକାଲ ପଠାଇଥିବା ଜଣାପଡିଛି। ଏହି ଅଚିହ୍ନା ଯୁବତୀଙ୍କ ବୟସ ପ୍ରାୟ ୨୦ରୁ ୨୫ ବର୍ଷ ଭିତରେ ହେବ ବୋଲି ଜଣାପଡିଛି। ସେ ଜିନ୍ସ ପ୍ୟାଣ୍ଟ ଓ ଧୂସର କଲର ଗଞ୍ଜି ପିନ୍ଧିଥିବା ଦେଖିବାକୁ ମିଳିଥିଲା।

### ଓଢ଼ଣି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

**କଟକ ସଦର,୨୧।୮(ଡି.ଏନ୍.ଏ ):** କଟକ ସଦର ଥାନା ୪୨ ମୌଜା ଫାଣ୍ଡି ଅନ୍ତର୍ଗତ ସବଳପୁର ଗ୍ରାମର ଯମୁନା ଦାସ(୧୯) ମଙ୍ଗଳବାର ଓଢ଼ଣି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଯମୁନାଙ୍କ ମା’ ସୁନାମଣି ଦାସଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

■ ମହଙ୍ଗା ପଡ଼ିଲା ବିଦେଶୀ ଯୁବକଙ୍କ ସହ ପ୍ରେମ

# ଗିଫ୍ଟ ପ୍ୟାକେଟ୍ ନାଁରେ ୪୦ ଲକ୍ଷ ଠକେଇ

**ସାଇବର ଥାନାର ଦ୍ୱାରସ୍ଥ ହେଲେ ଯୁବତୀ**

**କଟକ ଅଫିସ, ୨୧।୮**

ଫେସବୁକ୍‌ରେ ଯୋଡିହେଲା ସମ୍ପର୍କ। ପ୍ରଥମେ ବନ୍ଧୁତ୍ୱ କ୍ରମଶଃ ପ୍ରେମ ସମ୍ପର୍କରେ ପରିଣତ ହେଲା। ନିବିଡ ହେବା ପରେ ଯୁବତୀଙ୍କ ବିଶ୍ୱାସକୁ ଆହୁରି ଦୃଢ଼ କରିବା ପାଇଁ ବିବାହ ସହ କାହିଁ କେତେ କ’ଣ ପ୍ରତିଶ୍ରୁତି ଦେଲେ ବିଦେଶୀ ଯୁବକ। ଶେଷରେ ବହୁ ମୂଲ୍ୟବାନ ଗିଫ୍ଟ ପଠାଇବା ବାହାନାରେ ଯୁବତୀଙ୍କଠାରୁ କୌଶଳରେ ଠକିନେଲେ ୪୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା। ଏମିତି ଏକ ହାଇପ୍ରୋଫାଇଲ୍ ଠକେଇର ଶିକାର ହୋଇଛନ୍ତି ଭୁବନେଶ୍ୱରର ଜଣେ ବ୍ୟବସାୟୀଙ୍କ ଝିଅ। ମଙ୍ଗଳବାର ସେ କ୍ରାଇମ୍‌ବ୍ରାଞ୍ଚ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ଦଫା୪୧୯,୪୨୦,୩୪ ଏବଂ ଆଇଟିଆକ୍ଟ ୬୬-ଡିରେ ଏକ ମାମଲା(୧୭/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ୨୦୧୭ରେ ଡେଭିଡ୍ ଓସ୍କାର ନାମକ ଜଣେ ଇଂଲଣ୍ଡର ଯୁବକଙ୍କ ସହ ଫେସବୁକ୍‌ରେ ଉକ୍ତ ଯୁବତୀଙ୍କ ସମ୍ପର୍କ ସ୍ଥାପନ ହୋଇଥିଲା। ଯୁବକ ଜଣକ ନିଜକୁ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ବୋଲି ପରିଚୟ ଦେବା ସହ କୋଟି କୋଟି ଟଙ୍କାର ସମ୍ପତ୍ତି ଥିବା କହିଥିଲେ। ପରେ ବିଭିନ୍ନ ସୋସିଆଲ୍ ମିଡିଆ ଓ ଫୋନ୍ ମାଧ୍ୟମରେ ଦୁହେଁ ସମ୍ପର୍କକୁ ବଢ଼ାଇଥିଲେ। ପ୍ରତିଦିନ କଥାବର୍ତ୍ତା ହେଉଥିଲେ। ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏପରିକି ଦୁହେଁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଗତ ଜୁଲାଇ ମାସରେ ଯୁବକ ଜଣକ ଯୁବତୀଙ୍କ ଜନ୍ମ ଦିନରେ କିଛି ଗିଫ୍ଟ ପ୍ୟାକେଟ୍ ପଠାଇଥିବା ତାଙ୍କୁ କହିଥିଲେ। ଉକ୍ତ ପ୍ୟାକେଟରେ ଲାପଟପ୍, ସୁନା ଗହଣା, ମୋବାଇଲ ଫୋନ୍ ସହ ୩୫ ହଜାର ପାଉଣ୍ଡ ଟଙ୍କା ଅଛି ବୋଲି ସେ କହିଥିଲେ। ଏହାର କିଛି ଦିନ ପରେ ଏକ ଅଜଣା ଫୋନ୍ ନମ୍ବରରୁ ଯୁବତୀଙ୍କ ପାଖକୁ କଲ୍ ଆସିଥିଲା। କଲ୍ କରିଥିବା ଜଣେ ଯୁବକ କାର୍ଗୋ କମ୍ପାନୀର ଏଜେଣ୍ଟ ବୋଲି ପରିଚୟ ଦେଇ ଇଂଲଣ୍ଡରୁ ଏକ ଗିଫ୍ଟ ପ୍ୟାକେଟ ଆସିଥିବା କହିଥିଲେ। ଉକ୍ତ ଗିଫ୍ଟ ପ୍ୟାକେଟ୍ ଦିଲ୍ଲୀ ବିମାନ ବନ୍ଦରରେ ରହିଛି, ଏହାକୁ ନେବାକୁ ହେଲେ ୧୦ ଲକ୍ଷ ଟଙ୍କା ଜମା କରିବାକୁ କହି ଏକ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦେଇଥିଲେ। ଟଙ୍କା ଜମା କରିବାର ୧୫ ଦିନ ମଧ୍ୟରେ ଗିଫ୍ଟ ପହଞ୍ଚିଯିବ ବୋଲି ଉକ୍ତ ଏଜେଣ୍ଟ ଜଣକ କହିଥିଲେ। ଏହିପରି ଭାବେ ୧୦ ଦିନ ମଧ୍ୟରେ ୪ଥର ଗିଫ୍ଟ ପ୍ୟାକେଟ୍ ଆସିଥିବା କହି ଉକ୍ତ ଏଜେଣ୍ଟ ଜଣଙ୍କ ଫୋନ୍ କରିଥିଲେ। ଯୁବତୀ ଜଣକ ମୂଲ୍ୟବାନ ଗିଫ୍ଟ ପାଇବା ଆଶାରେ ମୋଟ ୪୦ ଲକ୍ଷ ୧୩ ହଜାର ୨୦୦ ଟଙ୍କା ଜମା କରିଥିଲେ। ହେଲେ ଜୁଲାଇ ଶେଷ ସୁଦ୍ଧା କୌଣସି ଗିଫ୍ଟ ଆସି ନ ଥିଲା। ଯୁବତୀ ଜଣକ ଉକ୍ତ ଏଜେଣ୍ଟଙ୍କୁ ଫୋନ୍ କରି ପଚାରିବାରୁ ସେ ସମୟ ଗଡ଼ାଇ ଚାଲିଥିଲେ। ଗତ କିଛିଦିନ ହେବ ଉକ୍ତ ଏଜେଣ୍ଟଙ୍କ ଫୋନ୍ ନମ୍ବର ସୁଇଚ୍‌ଅଫ୍ ରହିବାରୁ ଯୁବତୀ ଜଣକ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଲେ।



କାଦୁଅରେ ଭରପୂର କଟକ ବାଦାମ୍‌ବାଡ଼ି ବସ୍‌ଷ୍ଟାଣ୍ଡ୍।

## ଋଣ ଦେବା ନାଁରେ ଠକେଇ

**କଟକ ସଦର,୨୧।୮(ଡି.ଏନ୍.ଏ ):** କନ୍ଦରପୁର ଥାନା ନିମେଇସାପୁର ସାମଲ ସାହିରୁ ଜଣେ ମହିଳା ମାଇକ୍ରୋ ଫାଇନାନ୍ସ କମ୍ପାନୀରୁ ବିନା ବନ୍ଧକରେ ଋଣ କରାଇ ଦେବା ନାଁରେ ପ୍ରାୟ ୫୦ହଜାର ଟଙ୍କା ଠକିନେଇଥିବା ଅଭିଯୋଗ ହୋଇଛି। ଏନେଇ ସାମଲ ସାହିର ତଫସିଲଭୁକ୍ତ ଜାତି ପରିବାରର ଲୋକମାନେ ଚିନ୍ତାରେ ପଡିଛନ୍ତି। ମାସେ ତଳେ ଉକ୍ତ ମହିଳା ସାହିକୁ ଆସି ଫାଇନାନ୍ସ କମ୍ପାନୀ ଏଜେଣ୍ଟ ପରିଚୟ ଦେଇ ଲୋକମାନଙ୍କ ବିଶ୍ୱାସ ଜନ୍ମାଇଥିଲେ। ପରେ ଜଣଙ୍କ ପିଛା ଅଢେଇ ହଜାର ଟଙ୍କା ଦେଇ ଆକାଉଣ୍ଟ ଖୋଲିବାକୁ କହିଥିଲେ। ଟଙ୍କା ଜମା ଦେଇଥିବା ପରିବାର ସଦସ୍ୟମାନେ ଋଣ ପାଇଁ କହିବାରୁ ମହିଳା ଜଣଙ୍କ ସମୟ ଗଡାଇ ଚାଲିଥିଲେ। ଶେଷରେ ଠକେଇର ଶିକାରମାନେ କନ୍ଦରପୁର ଥାନାରେ ଅଭିଯୋଗ କରିଛନ୍ତି।



ନିଆଁ ଲାଗିଥିବା ହୋଟେଲ ନିକଟରେ ଲୋକଙ୍କ ଭିଡ଼।

## ହୋଟେଲରେ ଅଗ୍ନିକାଣ୍ଡ

**କଟକ ଅଫିସ, ୨୧।୮**

ଓଡ଼ିଆ ବଜାର ବାଉଁଶଗଳିଠାରେ ଥିବା ଏକ ହୋଟେଲରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ଦିନ ୧୧ଟା ସମୟରେ ହୋଟେଲରେ ଥିବା ଏକ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ହୋଟେଲ ଭିତରେ ଥିବା ଆସବାବପତ୍ର, ରନ୍ଧାଖାଦ୍ୟ ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ରାସ୍ତା ଉପରେ ବିଭିନ୍ନ ହୋଟେଲର ଚୁଲା ବସୁଥିବାରୁ ଅନେକ ସମୟରେ ଏଭଳି ଅଘଟଣ ଘଟୁଛି। କିଛିଦିନ ତଳେ ଏହି ବାଟ ଦେଇ ଯାଉଥିବା ଜଣେ ଯୁବତୀଙ୍କ ଉପରେ ହୋଟେଲ ଚୁଲାରୁ ଗରମ ତେଲ ଛିଟିକି ପଡ଼ିଥିଲା। ଯୁବତୀ ଜଣକ ଏବେ ଏସ୍‌ସିବିରେ ଚିକିତ୍ସାଧୀନ ଅଛନ୍ତି।

## ଟ୍ରେନରେ କଟିଲା ସାଇକେଲ ଆରୋହୀଙ୍କ ଗୋଡ଼

**ଖୁଣ୍ଟୁଣୀ, ୨୦।୮ (ଡି.ଏନ୍.ଏ):** ଘଣ୍ଟିଖାଲ-ନିଧିପୁର ଲେଭଲ କ୍ରସିଂ ଉପରେ ମଙ୍ଗଳବାର ଜଣେ ସାଇକେଲ ଆରୋହୀ ଟ୍ରେନ ତଳେ ଗଳି ଯାଉଥିବା ବେଳେ ତାଙ୍କ ଡାହାଣ ଗୋଡ କଟିଯାଇଛି। ସେ ହେଲେ ଖୁଣ୍ଟୁଣୀ ଥାନା ଚାରିଘରିଆ ଗ୍ରାମର ମାୟାଧର ପ୍ରଧାନ(୫୬)। ଭୁବନେଶ୍ୱରରୁ ମେରାମୁଣ୍ଡଳୀ ଯାଉଥିବା ମାଲବାହୀ ଟ୍ରେନ ନିଧିପୁର ଲେଭଲ କ୍ରସିଂରେ ଛିଡା ହୋଇଥିଲା। ମାୟାଧର ସାଇକେଲ ଧରି ଟ୍ରେନ ତଳେ ଗଳି ପାର ହେବା ପାଇଁ ଚେଷ୍ଟା କରୁଥିଲା। ଏହି ସମୟରେ ଟ୍ରେନ ଗଡ଼ିବାରୁ ମାୟାଧରଙ୍କ ଡାହାଣ ଗୋଡ ଉପରେ ଚକା ଚଢ଼ିଯାଇଥିଲା। ଘଣ୍ଟିଖାଲ ରେଳବାଇ ଫାଣ୍ଡି ଅଧିକାରୀ ସୁରେଶ ଚନ୍ଦ୍ର ଗୌଡ ଘଟଣାସ୍ଥଳରେ ପହଞ୍ଚି ମାୟାଧରକୁ ଉଦ୍ଧାର କରିବା ସହ ମେଡିକାଲ ପଠାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଗୌଡ କହିଛନ୍ତି।

## କେରଳ ବିପନ୍ନଙ୍କ ପାଇଁ ରିଲିଫ ସଂଗ୍ରହ

**କଟକ ଅଫିସ, ୨୧।୮**

କେରଳ ବନ୍ୟା ବିପନ୍ନଙ୍କ ପାଇଁ ଏସ୍‌ୟୁସିଆଇ(ସି) ପକ୍ଷରୁ ଦେଶବ୍ୟାପୀ ରିଲିଫ୍ ସଂଗ୍ରହ ଅଭିଯାନ ଚାଲିଛି। ମଙ୍ଗଳବାର କଟକ ସହରରେ ଜିଲା କମିଟି ପକ୍ଷରୁ ରିଲିଫ୍ ସଂଗ୍ରହ କରାଯାଇଥିଲା। ସମ୍ପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ହୋଇଥିବା ରିଲିଫ୍ ସଂଗ୍ରହ ଅଭିଯାନରେ ଖଗେଶ୍ୱର ସେଠୀ, ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ସିଦ୍ଧାର୍ଥ ରଥ, ବିନୋଦ ସେଠୀ, ତରୁଣ ସେନ ନାୟକ, ଦୀପକ ଦାସ, ସସ୍ମିତା ମହାନ୍ତି, ଈଷା ଧର, ଶୋଭା ଦେହୁରୀ, ପାଭେଲ ପ୍ରିୟଦର୍ଶନ, ଶୁଭସ୍ମିତା ସାହୁ, ଶିବାନୀ ସାହୁ, ପ୍ରତାପ ମିଶ୍ର, ସ୍ୱାଧିନୀ ବେହେରା ଓ ମନସ୍ୱିନୀ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ, କେରଳର ଭୟାବହ ବନ୍ୟା ଯୋଗୁ ବହୁ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଲକ୍ଷ ଲକ୍ଷ ବାସହରା ରିଲିଫ୍ ଶିବିରରେ ଆଶ୍ରୟ ନେଇଛନ୍ତି। ଏବେ ବି ଅଧିକାଂଶ ଅଞ୍ଚଳ ପାଣିରେ ବୁଡି ରହିଛି। ଏହି ପରିସ୍ଥିତିରେ ଉଦ୍ଧାର ଓ ଥଇଥାନ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ସେନା ଉପରେ ନ୍ୟସ୍ତ କରିବା ପାଇଁ ଏସ୍‌ୟୁସିଆଇ(ସି) ସାଧାରଣ ସମ୍ପାଦକ ପ୍ରଭାସ ଘୋଷ ଦାବିକରି ଆସୁଛନ୍ତି। ତେବେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ଉଦ୍ଧାର, ରିଲିଫ ଓ ଥଇଥାନ କାର୍ଯ୍ୟ ଠିକ୍ ଭାବେ ହୋଇପାରୁନି ବୋଲି ଅଭିଯୋଗ କରାଯାଉଛି।



ଏସ୍‌ୟୁସିଆଇ ପକ୍ଷରୁ କେରଳ ବନ୍ୟା ବିପନ୍ନଙ୍କ ପାଇଁ ପାଣ୍ଠି ସଂଗ୍ରହ କରାଯାଉଛି।



ରିଆଡ୍‌ମିଶନ୍ ଫି’ ବୃଦ୍ଧି ପ୍ରତିବାଦରେ ନିଆଳି କଲେଜ ଗେଟ୍‌ରେ ଛାତ୍ରୀଛାତ୍ରମାନେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

■ ରିଆଡ୍‌ମିଶନ ଫିସ୍ ବୃଦ୍ଧି ନେଇ ଛାତ୍ରୀଛାତ୍ର ଅସନ୍ତୁଷ୍ଟ

## କଲେଜ ଗେଟ୍‌ରେ ତାଲା ପକାଇ ଧାରଣା

**ନିଆଳି,୨୧।୮(ଡି.ଏନ୍.ଏ )**

ନିଆଳି ମହାବିଦ୍ୟାଳୟର +୩ ଦ୍ୱିତୀୟ ବର୍ଷ ପାଇଁ ରିଆଡ୍‌ମିଶନ୍ ଫିସ୍ ବଢିଥିବା ହେତୁ ଛାତ୍ରୀଛାତ୍ରମାନେ ମଙ୍ଗଳବାର ଏହାର ପ୍ରତିବାଦ କରି କଲେଜର ମୁଖ୍ୟ ଗେଟ୍‌କୁ ତାଲା ପକାଇ ପ୍ରତିବାଦ କରିଥିଲେ। ସୂଚନା ଅନୁଯାୟୀ, ଗତବର୍ଷ ତୁଳନାରେ ଏ ବର୍ଷ ରିଆଡ୍‌ମିଶନ ଫିସ୍ ଅଧିକ ବୃଦ୍ଧି ଯୋଗୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏ ନେଇ ଛାତ୍ରୀଛାତ୍ରମାନେ ୧୯ ତାରିଖରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଅନିତା ମିଶ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ଅଧ୍ୟକ୍ଷା ମିଶ୍ର ଏଥିପ୍ରତି ଗୁରୁତ୍ୱ ନ ଦେବାରୁ ଛାତ୍ରୀଛାତ୍ରମାନେ ମଙ୍ଗଳବାର ଅପରାହ୍ନ ୨ଟାରେ କଲେଜର ମୁଖ୍ୟ ଫାଟକକୁ ତାଲା ପକାଇଥିଲେ। ଫଳରେ କଲେଜ ଭିତରେ ଅଧ୍ୟକ୍ଷାଙ୍କ ସହ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀମାନେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲେ। ପରେ କିଛି ପୂର୍ବତନ ଛାତ୍ରନେତା ଏବଂ ନିଆଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ। ଅଧ୍ୟକ୍ଷା ଛାତ୍ରୀଛାତ୍ରମାନଙ୍କ ଦାବିକୁ ପରିଚାଳନା କମିଟି ଆଗରେ ଉପସ୍ଥାପନ କରି ଫିସ୍ କମାଇବା ପାଇଁ କହିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଯଦି ୭ ଦିନ ଭିତରେ ଫିସ୍ କମା ନ ଯାଏ, ତେବେ ପୁଣି ଆନ୍ଦୋଳନ କରିବେ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି।

## ଶିଶୁମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

**ଟାଙ୍ଗୀ(କଟକ),୨୧।୮(ଡି.ଏନ୍.ଏ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ହାଟଶିଶୁଆସ୍ଥିତ ସରସ୍ୱତୀ ଶିଶୁମନ୍ଦିର ବିଦ୍ୟାଳୟ ପରିସରରେ ମଙ୍ଗଳବାର ଜ୍ଞାନ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାକୁ ବିଦ୍ୟାଳୟର ସମ୍ପାଦକ ପୀତାମ୍ବର ମୁଦୁଲି ଉଦ୍‌ଘାଟନ କରିଥିବା ବେଳେ ପରିଚାଳନା ସଭାପତି ଡ. ଅମିତ କୁମାର ପୃଷ୍ଟି ଯୋଗଦେଇଥିଲେ। ଏଥିରେ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୭୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରକଳ୍ପଗୁଡିକ ଆଧୁନିକ କୃଷି, ଶିଳ୍ପ ଉଦ୍ୟୋଗ, ବିଜ୍ଞାନ ଓ ରସାୟନ ଶାସ୍ତ୍ର ଉପରେ ଆଧାରିତ ଥିଲା। ବିଚାରକ ମଣ୍ଡଳୀରେ ସୁରେନ୍ଦ୍ରନାଥ ସାହୁ, ଶିବପ୍ରସାଦ ପତି, ଅରୁଣ ଉଦୟ ସ୍ୱାଇଁ ଓ ଅନିଲ କୁମାର ଦାସ ଯୋଗଦେଇ ମୋଟ ୨୪ଟି ପ୍ରକଳ୍ପକୁ ଉଚ୍ଚକୋଟୀର ବିବେଚନା କରି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ କୁଳମଣି ରାଉତ, ମାନସୀ ପ୍ରଧାନ, ଲଳିତା ନାୟକ, ଶ୍ରଦ୍ଧାଞ୍ଜଳି ବିଶ୍ୱାଳ, ମୀନାକ୍ଷୀ କର, ମମତା ନାୟକ ପ୍ରମୁଖ ଜ୍ଞାନ ବିଜ୍ଞାନମେଳାକୁ ପରିଚାଳନା କରିଥିଲେ।



ଜ୍ଞାନବିଜ୍ଞାନ ମେଳାରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ ଅତିଥିବୃନ୍ଦ।

# ଖୋଲା ଡାଲାରେ ବାଲି ପରିବହନ

**ପରିବହନ ନିୟମକୁ ଖୋଲାଖୋଲି ଉଲ୍ଲଂଘନ**

■ ୪୨ ମୌଜା ଅଞ୍ଚଳରେ ବଢୁଛି ଦୁର୍ଘଟଣା

■ ଆନ୍ଦୋଳନ ପାଇଁ ଅଞ୍ଚଳବାସୀଙ୍କ ସଜବାଜ

**କଟକ ଅଫିସ, ୨୧।୮**

ବାଲି ପାଲଟିଛି ବିପଦ। କେଉଁଠି ବେଆଇନ ବାଲି ଉତ୍ତୋଳନ ତ ଆଉ କେଉଁଠି ବାଲି ପରିବହନରେ ଖୋଲାଖୋଲି ନିୟମ ଉଲ୍ଲଂଘନ କରାଯାଉଛି। କିନ୍ତୁ ସମସ୍ୟା ଭୋଗୁଛନ୍ତି ସାଧାରଣ ଲୋକେ। ବିଶେଷକରି ୪୨ ମୌଜା ଅଞ୍ଚଳରେ ବାଲି ପରିବହନ ବେଳେ ଗାଡି ଡାଲାକୁ ଖୋଲାକରି ରଖାଯାଉଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ଟ୍ରାକ୍ଟର, ଟ୍ରକ୍ କିମ୍ବା ଅନ୍ୟାନ୍ୟ ଗାଡ଼ିରେ ବାଲି ପରିବହନ ସମୟରେ ତାହାକୁ ପାଲ ଦ୍ୱାରା ଘୋଡ଼ାଇ ନିଆଯିବାର ନିୟମ ରହିଛି। ମାତ୍ର ଏହା କରାଯାଉ ନ ଥିବାରୁ ବାଲି ଉଡି ପଥଚାରୀଙ୍କ ଆଖି, ନାକ ଓ କାନରେ ପଶି ଦୁର୍ଘଟଣାର କାରଣ ସାଜୁଛି। ଏପରିକି ଏଥିରେ ଅନେକ ଆଖି ହରାଇଥିବା ମଧ୍ୟ ନଜିର ରହିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଯଦି ଆଗାମୀ ଦିନରେ କୌଣସି ପଦକ୍ଷେପ ନିଆ ନ ଯାଏ ତେବେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



ବିନା ପାଲରେ ଟ୍ରାକ୍ଟରରେ ବାଲି ବୁହାଯାଉଛି।

ସୂଚନାନୁସାରେ, ୪୨ମୌଜାର ୬ଟି ପଞ୍ଚାୟତ କୂଳସରିଚୁଆଁ, କଳପଡା, ବେଣ୍ଟକାର, ଝାରକଟା, ବ୍ରହ୍ମପୁର, ଦଧିବାମନପୁର ଦେଇ ସିଡୁଆ ଓ କାଠଯୋଡ଼ି ନଦୀ ପ୍ରବାହିତ ହୋଇଛି। ଏହି ଦୁଇ ନଦୀ ଓ ପଠାରୁ ବାଲି ମାଟି ଅନ୍ୟ ଅଞ୍ଚଳକୁ ନିଆଯାଉଛି। କେତେକ ସ୍ଥାନରେ ନିଲାମ ଦିଆଯାଇଥିବା ସୈରାତରୁ ବାଲି ଉତ୍ତୋଳନ କରାଯାଉଥିଲେ ମଧ୍ୟ ଅଧିକାଂଶ ସ୍ଥାନରେ ବେଆଇନ ବାଲି ଓ ମାଟି ଉଠାଣ ହେଉଥିବା ଅଭିଯୋଗ ହେଉଛି। ହେଲେ ଏସବୁ ସାମଗ୍ରୀ ପରିବହନବେଳେ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦିଆଯାଉ ନାହିଁ। ଦୈନିକ ଶହ ଶହ ଗାଡ଼ିରେ ବାଲି ଓ ମାଟି ଖୋଲାମେଲାରେ ନିଆଯାଉଛି। ବର୍ଷ ବର୍ଷ ଧରି ଏପରି ପରିବହନ କରାଯାଉଥିବାରୁ ତାହା ପବନରେ ଉଡି ରାସ୍ତାରେ ଜମି ରହୁଛି। ଲୋକଙ୍କ ଆଖିରେ ପଡୁଛି। ଅଧିକାଂଶ ଦୁର୍ଘଟଣା ଏଥିଯୋଗୁ ହେଉଥିବା ଜଣାପଡିଛି। ଏଣୁ ସ୍ଥାନୀୟ ଅଞ୍ଚଳର ସମାଜସେବୀ, ବୁଦ୍ଧିଜୀବୀ, ମହିଳା ସଙ୍ଗଠନର କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ଏଥିପ୍ରତି ମୁଖ୍ୟମନ୍ତ୍ରୀ, ପରିବହନ କମିଶନର, ମୁଖ୍ୟରାସ୍ତା ଉନ୍ନତୀକରଣ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି। ଏପରିକି ଆଗାମୀ ଦିନରେ ୪୨ମୌଜା ଝିଙ୍କିରିଆ-ଘାଟକୂଳ ପୋଲ ମୁଖ୍ୟରାସ୍ତାକୁ ଅବରୋଧ କରିବା ପାଇଁ ପ୍ରସ୍ତୁତି ଚଳାଇଥିବା ସୂଚନା ମିଳିଛି।



ଅପରିଣାମଦର୍ଶିତାର ଫଳ ସର୍ବଦା ବିଷମୟ ହୋଇଥାଏ।
- ସେନେକା



## ସଂକ୍ଷେପରେ

### ୨ ବଖରା ପାଉଁଶ



ବଡମ୍ବା,୨୧।୮(ଡି.ଏନ.ଏ.): ବଡ଼ମ୍ବା ବ୍ଲକ ବେଲିଆଗ୍ରାମରେ ସୋମବାର ରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ସୁବଳ ସାହୁ ଓ ଯୁଗଳ ସାହୁଙ୍କ ୨ ବଖରା ଘର ଜଳି ପାଉଁଶ ହୋଇଯାଇଛି। ଏଥିସହ ଏକ ବାଛୁରୀ ଅର୍ଦ୍ଧଦଗ୍ଧ ହୋଇଛି। ଖବରପାଇ ବଡ଼ମ୍ବା ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ସବୁକିଛି ଜଳି ସାରିଥିଲା। ମଙ୍ଗଳବାର ଗୋପପୁର ସର୍କଲ ରାଜସ୍ୱ ନିରୀକ୍ଷକ ଚିନ୍ମୟ ରାଉତ ଘଟଣା ସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ବିପନ୍ନ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ଯୁବ ଅହମ୍ମଦିୟା ପକ୍ଷରୁ ପରିମଳ ସଫେଇ

ତିଗିରିଆ,୨୧।୮(ଡି.ଏନ.ଏ.): ବୁଧବାର ପାଳିତ ହେବାକୁ ଥିବା ଇଦ୍-ଉଲ୍-ଜୁହା ଉପଲକ୍ଷେ ତିଗିରିଆ ବ୍ଲକ ଅଧୀନ ଜମାତ ଅହମ୍ମଦିୟା ପଙ୍କାଳ ଗ୍ରାମ ଯୁବ ଅହମ୍ମଦିୟା ପକ୍ଷରୁ ପରିମଳ ସଫେଇ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଯୁବ ଅହମ୍ମଦିୟା ଉପସଭାପତି ୟାମିନ ଖାଁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ ମସଜିଦ ପରିସର ସଫେଇ କରାଯିବା ସହ ଗ୍ରାମ୍ୟ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଆବର୍ଜନା ଏବଂ ଅନାବନା ଗଛକୁ କାଟି ପରିଷ୍କାର କରାଯାଇଥିଲା। ମାଦିକ ଅହମ୍ମଦ, କରିମ୍ ଖାଁ, ଆସଫ ଖାଁ, ନଜିମ ଖାଁ ଓ ମହମ୍ମଦ ଅବରାର ପ୍ରମୁଖ ସହଯୋଗ କରିଥିଲେ। ଗ୍ରାମ ସଭାପତି ରୋସନ୍ ଖାଁ ଉପସ୍ଥିତ ଥିଲେ। ପଙ୍କାଳ ସହିତ ପଡ଼ୋଶୀ ଅହମ୍ମଦିୟା ଗ୍ରାମ କରଡ଼ାପଲ୍ଲୀରେ ଇଦ୍-ଉଲ୍ଲ-ଜୁହା ପାଳନ କରାଯିବା ଲାଗି ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସ ଲାଗି ରହିଛି।

### ୪୨ ଲିଟର ମଦ ଜବତ, ୫ ଗିରଫ

ଆଠଗଡ଼,୨୧।୮(ସ୍ୱ.ପ୍ର.): କଟକ ଜିଲା ଅବକାରୀ ଅଧୀକ୍ଷକ ଅଶୋକ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ସୋମବାର ରାତିରେ ଆଠଗଡ଼ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏଥିରେ ୪୨ ଲିଟର ଚୋରା ଦେଶୀମଦ ଜବତ କରାଯିବା ସହ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଭିରୁଡ଼ାର ପବିତ୍ର ନାଏକ, ଗିରିଶ ନାଏକ, ରାଜନଗରର ପ୍ରମୋଦ ଦାସ, ଜେନାପଦାର ଯୋଗେଶ ରାଉତ ଏବଂ ରମେଶ ଶତପଥୀ। ସମସ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଆଠଗଡ଼ ଅବକାରୀ ନିରୀକ୍ଷକ ଦିଲୀପ ପଲାଇଙ୍କ ନେତୃତ୍ୱରେ ସହକାରୀ ନିରୀକ୍ଷକ ଗଙ୍ଗାଧର ସ୍ୱାଇଁ, ଏଏସ୍ଆଇ ଦେବାନନ୍ଦ ଭୂୟାଁ, ଦୀପକ ସାମଲ, କନଷ୍ଟେବଲ ଦୁଷ୍ମନ୍ତ ବସନ୍ତରା, ସାଇମଲ ଟୁଡୁ ଓ ପଙ୍କଜ କହଁର ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

### ଦୋକାନ ଜଳିଗଲା



ବାଙ୍କୀ,୨୧।୮(ସ୍ୱ.ପ୍ର.): ମଙ୍ଗଳବାର ପ୍ରତ୍ୟୁଷରେ ଅଗ୍ନିକାଣ୍ଡ ଘଟି ବାଙ୍କୀ କଲେଜ ଖେଳପଡ଼ିଆ ନିକଟରେ ଥିବା ରଣପୁର ଶ୍ରୀଚନ୍ଦନପୁର ଗ୍ରାମର ମାଗୁଣି ମଙ୍ଗୁଆଳଙ୍କ ପାନ ଦୋକାନ ଜଳିଯାଇଛି। କୌଣସି କାରଣବଶତଃ ଦୋକାନରେ ଅଚାନକ ନିଆଁ ଲାଗିଥିବା ଦେଖାଯାଇଥିଲା। ମାଗୁଣି ଉପସ୍ଥିତ ବୁଦ୍ଧି ଖଟାଇ ଦୋକାନରେ ଥିବା ଗ୍ୟାସ୍ ସିଲିଣ୍ଡରଟିକୁ ବାହାର କରି ନେଇଥିଲେ। ଫଳରେ ଏକ ବଡ଼ଧରଣର ଦୁର୍ଘଟଣା ଟଳି ଯାଇଥିଲା। ଦୋକାନରେ ଥିବା ଅନ୍ୟ ସମସ୍ତ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ସେଠାରେ ଥିବା ଏକ ବାଇକ ଓ ସାଇକେଲ ମଧ୍ୟ ସମ୍ପୂର୍ଣ୍ଣ ଜଳିଯାଇଛି। ମାଗୁଣି ପାନ ଦୋକାନ କରି ନିଜର ପରିବାର ପୋଷଣ କରୁଥିଲେ। ବାଙ୍କୀ ତହସିଲଦାର ପଦ୍ମଚରଣ ସାହୁ ଏହି ସୂଚନା ପାଇବାରେ ସଦର ରାଜସ୍ୱ ଅଧିକାରୀଙ୍କୁ କ୍ଷୟକ୍ଷତି ଆକଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଘଟଣା ସ୍ଥଳକୁ ଯାଇ କ୍ଷୟକ୍ଷତି ଆକଳନ କରିଛନ୍ତି।

■ ବିଭିନ୍ନ ସମସ୍ୟା ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଯୁବ କଂଗ୍ରେସର ଧାରଣା

# ମୁଖ୍ୟ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବାଙ୍କୀ,୨୧।୮(ସ୍ୱ.ପ୍ର.)

କଟକ ଜିଲାର ବାଙ୍କୀ ସବ୍‌ଡିଭିଜନ୍ ମାନ୍ୟତା ପାଇଛି ସତ। ହେଲେ ଏଠାରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଆବଶ୍ୟକ କର୍ମଚାରୀଙ୍କ ଘୋର ଅଭାବ ଦେଖାଦେଇଛି। ଫଳରେ ଜନସାଧାରଣ କୌଣସି କାର୍ଯ୍ୟ ପାଇଁ ଆସୁଥିଲେ ମଧ୍ୟ ତାହା ହୋଇ ପାରୁନାହିଁ। ତେଣୁ ଏ ସବୁ ସମସ୍ୟାର ସମାଧାନ ଦାବିରେ ମଙ୍ଗଳବାର ବାଙ୍କୀ ଯୁବ କଂଗ୍ରେସ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବା ସହ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସେମାନେ ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଦେଢ଼ ବର୍ଷ ହେବ ବାଙ୍କୀରେ ଥିବା ଉପନିଯୋଜନ କାର୍ଯ୍ୟାଳୟର ଅଧିକାରୀ ଅବସର ନେଲେଣି। ହେଲେ ଏ ପର୍ଯ୍ୟନ୍ତ ସ୍ଥାୟୀ ଅଧିକାରୀଙ୍କୁ ନିୟୋଜିତ କରାଯାଇନାହିଁ। ଫଳରେ ଯୁବତୀଯୁବକ ନାମ ପଞ୍ଜୀକରଣ କରାଇବାକୁ ଆସି ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଦାୟିତ୍ୱରେ ଥିବା କର୍ମଚାରୀ ଜଣଙ୍କ ମନଇଚ୍ଛା କାର୍ଯ୍ୟାଳୟକୁ ଆସୁଥିବାରୁ ନାମ ପଞ୍ଜୀକରଣ ପାଇଁ ଆସୁଥିବା ଛାତ୍ରୀଛାତ୍ର ତାଙ୍କୁ ନ ପାଇ ନିରାଶ ହୋଇ ଫେରୁଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟାଳୟଟି ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଭରସାରେ ଚାଲିଥିବା ଯୁବ କଂଗ୍ରେସ ଅଭିଯୋଗ କରିଛି। ତେଣୁ ସ୍ଥାୟୀ ଉପନିୟୋଜନ ଅଧିକାରୀଙ୍କୁ ନିଯୁକ୍ତି ଦେବା ପାଇଁ ଯୁବ କଂଗ୍ରେସ ଦାବି କରିଛି। ସେହିପରି ୨ବର୍ଷ ତଳେ ଉଦ୍‌ଘାଟିତ ହୋଇଥିବା ମହାନଦୀ ସେତୁ ୫ଟି ଜିଲାକୁ ସଂଯୋଗ କରୁଛି। ଫଳରେ ଦୈନିକ ଏହି ସେତୁରେ ଗାଡ଼ିମୋଟର ମାତ୍ରା ବଢ଼ିବା ସହିତ ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇବାରେ ଲାଗିଥିବା ଅଭିଯୋଗ ହୋଇଛି। ବର୍ଷକ ମଧ୍ୟରେ ଏକାଧିକ ହତ୍ୟା ମାମଲା ଉକ୍ତ ସେତୁରେ ଦେଖା ଦେବା ସହ ଅନେକ ଘଟଣା ରହସ୍ୟାବୃତ ହୋଇଛି। ସର୍ବୋପରି ଅଂଶୁପାରେ ପ୍ରତ୍ୟହ ପର୍ଯ୍ୟଟକଙ୍କ ଗହଳି ଲାଗି ରହୁଥିବା ବେଳେ ଚୋରି ଓ ରାହାଜାନି ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ସୁବର୍ଣ୍ଣପୁରରେ ଥିବା ବିଟ୍ ହାଉସ୍‌କୁ ଥାନା କରାଗଲେ ବିଭିନ୍ନ ଅସାମାଜିକ କାର୍ଯ୍ୟ ରୋକାଯାଇ ପାରିବ ବୋଲି ଯୁବ କଂଗ୍ରେସ୍ ଦାବି କରିଛି। ଆଗାମୀ ଦିନରେ ସରକାର ଏବଂ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଲେ ଜନସାଧାରଣଙ୍କ ହକ୍ ପାଇଁ ଯୁବ କଂଗ୍ରେସ ପକ୍ଷରୁ ପ୍ରଶାସନ ବିରୋଧରେ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବାଙ୍କୀ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବିଶ୍ୱରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଯୁବ ଓ ଛାତ୍ର କଂଗ୍ରେସ କର୍ମକର୍ତ୍ତା କଂଗ୍ରେସ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ଆସି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏଥିରେ ଯୁବ କଂଗ୍ରେସ ପରିଚାଳନା କମିଟି ଅଧ୍ୟକ୍ଷ ରମାକାନ୍ତ ସେଠୀ, ଦେବେନ୍ଦ୍ର ପ୍ରଧାନ, ସମ୍ମିତ ଦାଶ, ଗୋବର୍ଦ୍ଧନ ସାମଲ, ବ୍ୟାସ ପ୍ରସାଦ ଜେନା, ନିତ୍ୟାନନ୍ଦ ବେହେରା, ବିକ୍ରମ ମନ୍ତ୍ରୀ, ପାର୍ଥସାରଥି ପାଣି ଓ ବିଭୂତି ଭୂଷଣ ଦଳସିଂହରାୟ ପ୍ରମୁଖଙ୍କ ସମେତ ଶତାଧିକ ଯୁବ ଏବଂ ଛାତ୍ର କଂଗ୍ରେସ୍ କର୍ମୀ ସାମିଲ୍ ହୋଇଥିଲେ। ଉପଜିଲାପାଳଙ୍କ ଅନୁପସ୍ଥିତରେ ସହକାରୀ ଜିଲାପାଳ ଦେବଦତ୍ତ ଦାଶ ଦାବିପତ୍ର ଗ୍ରହଣ କରିଥିଲେ। ଏହାର ନକଲ ମୁଖ୍ୟମନ୍ତ୍ରୀ, ନିୟୋଜନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ, କଟକ ଜିଲାପାଳ ଏବଂ ଆରକ୍ଷୀ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଛି।



ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି ଯୁବ କଂଗ୍ରେସ କର୍ମୀ।

■ପଦକ୍ଷେପ ଗ୍ରହଣ କରା ନ ଗଲେ ହେବ ଜନ ଆନ୍ଦୋଳନ
■ଶୋଭାଯାତ୍ରାରେ ଆସିଲେ କର୍ମୀ

## ଡେଙ୍ଗୁ ଆକ୍ରାନ୍ତରେ ମହିଳାଙ୍କ ମୃତ୍ୟୁ

ମାହାଙ୍ଗା,୨୧।୮(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ କାଳିଅଣ୍ଟି (ଅଳିପୁର) ଗ୍ରାମରେ ମଙ୍ଗଳବାର ଡେଙ୍ଗୁ ଆକ୍ରାନ୍ତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର କେଶବ ପ୍ରଧାନଙ୍କ ସ୍ତ୍ରୀ ନିରୂପମା(୫୫)। ଗତ ଶୁକ୍ରବାର ତାଙ୍କୁ ଜ୍ୱର ହେବାରୁ ଘରୋଇ ଚିକିତ୍ସା କରାଯାଇଥିଲା। ରବିବାର ସନ୍ଧ୍ୟାରେ ଜ୍ୱର ଅଧିକ ହେବାରୁ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଥିଲା। ତେବେ ବଡ଼ ମେଡିକାଲରେ ବେଡ ନ ମିଳିବାରୁ ରାଣୀହାଟର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ସମୟରେ ତାଙ୍କ ରକ୍ତ ନମୁନା ପରୀକ୍ଷା କରାଯିବାରୁ ସେଥିରେ ଡେଙ୍ଗୁ ଥିବା ଜଣାପଡିଥିଲା। ମଙ୍ଗଳବାର ସ୍ୱାସ୍ଥ୍ୟବସ୍ଥା ଅଧିକ ଗୁରୁତର ହେବାରୁ ପୁଣି ବଡ ମେଡିକାଲକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଗ୍ରାମକୁ ଡେଙ୍ଗୁ ବ୍ୟାପିଥିବା ଆଶଙ୍କା କରି ଏକ ଡାକ୍ତରୀ ଦଳ ପଠାଇବା ପାଇଁ ୱାର୍ଡ ସଭ୍ୟ ଅଜୟ ବଳ ଓ ଗ୍ରାମବାସୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।



ବ୍ଲକସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ ଓ ଅନ୍ୟମାନେ।

## ବ୍ଲକସ୍ତରୀୟ କବାଡ଼ି, ଖୋ-ଖୋ ପ୍ରତିଯୋଗିତା

ବାଙ୍କୀ,୨୧।୮(ବି.ପ୍ର.)

ବାଙ୍କୀ ଡମପଡ଼ା ବ୍ଲକସ୍ତରୀୟ କବାଡ଼ି ଓ ଖୋ-ଖୋ ପ୍ରତିଯୋଗିତା ମଙ୍ଗଳବାର ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୋନ-୧ର ୩୬ ଏବଂ ଜୋନ-୨ର ୧୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରିଲୋଚନ ଜେନା ଉପସ୍ଥିତ ରହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ କ୍ରୀଡ଼ା ସଫଳତା ପାଇଁ ବାର୍ତ୍ତା ପ୍ରଦାନ କରିଥିଲେ। ଡମପଡ଼ା ବ୍ଲକ କ୍ରୀଡ଼ା ସମ୍ପାଦକ ଦୟାନିଧି ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ଚନ୍ଦନ କୁମାର ଜେନା, କୃପାସିନ୍ଧୁ ପ୍ରଧାନ, ନିରଞ୍ଜନ ମହାନ୍ତି, ଦିଲୀପ ସାହୁ, ସୁବାସ ସାହୁ, ସୁକାନ୍ତ କୁମାର ସାହୁ, ରୀତାଞ୍ଜଳି ସେଠୀ, ମିତୁ ପ୍ରଧାନ, ଶ୍ରଦ୍ଧାଞ୍ଜଳି ସେଠୀ ଓ ସୁଶାନ୍ତ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ୪୮ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି।

## ସିଡିଏମ୍‌ଓଙ୍କ ଆଠଗଡ଼ ଡାକ୍ତରଖାନା ପରିଦର୍ଶନ

ଆଠଗଡ଼,୨୧।୮(ସ୍ୱ.ପ୍ର.)

କଟକ ଜିଲାରେ ନୂତନ ଭାବେ ଯୋଗଦେଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ହରପ୍ରସାଦ ପଟ୍ଟନାୟକ ମଙ୍ଗଳବାର ଆଠଗଡ଼ ଉପଖଣ୍ଡ ଡାକ୍ତରଖାନା ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ଡାକ୍ତରଖାନା ଅଧୀକ୍ଷକ ଏବଂ ରୋଗୀ କଲ୍ୟାଣ ସମିତି ସଦସ୍ୟଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଡାକ୍ତରଖାନା ପାଇଁ ଏକ ଅଲଟ୍ରାସାଉଣ୍ଡ ମେସିନ ଯୋଗାଣ ସହିତ ଅସ୍ଥିଶଲ୍ୟ ଓ ନିଶ୍ଚେତକ ବିଭାଗରେ ଦୁଇ ଡାକ୍ତରଙ୍କ ଜରୁରୀ ଆବଶ୍ୟକତା ଥିବା ଡାକ୍ତରଖାନା ଅଧୀକ୍ଷକ ଡା. ବିଜୟ ମିଶ୍ର ଡା. ପଟ୍ଟନାୟକଙ୍କୁ ଅବଗତ କରାଇଥିଲେ। ଏଥିସହିତ ନୂତନ ଭାବେ ସ୍ଥାପିତ ପୁଷ୍ଟିସାଧନ କେନ୍ଦ୍ରର କେତେକ ଭିତ୍ତିଭୂମିର ଅଭାବ ଏବଂ ନବଜାତକ ଚିକିତ୍ସା କେନ୍ଦ୍ର ସ୍ଥାପନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ମଧ୍ୟ ପଟ୍ଟନାୟକଙ୍କୁ ଅନୁରୋଧ କରାଯାଇଥିଲା। ରୋଗୀ କଲ୍ୟାଣ ସମିତି ସଦସ୍ୟ ସନାତନ ରାୟ ଡାକ୍ତରଖାନାର ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଡା. ପଟ୍ଟନାୟକଙ୍କ ସହ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବଟକୃଷ୍ଣ ମହଲା ଏବଂ ଡା. ବିଭୂତିଭୂଷଣ ନାୟକ ପରିଦର୍ଶନରେ ଆସିଥିଲେ।

## ବିଶ୍ୱ ବରିଷ୍ଠ ନାଗରିକ ଦିବସ

ମାହାଙ୍ଗା,୨୧।୮(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମଙ୍ଗଳବାର ଅଳିଯୋଡାସ୍ଥିତ କାର୍ଯ୍ୟାଳୟ ପରିସରରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ମଞ୍ଚ ଉପଦେଷ୍ଟା ନିରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସୁରେନ୍ଦ୍ର ସାମଲ, ପ୍ରଭାକର ରାଉତ, ଭ୍ରମରବର ସ୍ୱାଇଁ, ଗୋକୁଳାନନ୍ଦ ମହାନ୍ତି ଓ ବିଜୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା କରିଥିଲେ।

## ସସ୍ମିତାଙ୍କୁ ପୁରସ୍କୃତ କଲେ କଂଗ୍ରେସ ନେତା

ମାହାଙ୍ଗା/ଲଳିତଗିରି,୨୧।୮(ସ୍ୱ.ପ୍ର.)

ସୋମବାର ଗୋବରୀ ନଦୀରେ ବୁଡ଼ି ଯାଉଥିବା ମାହାଙ୍ଗା ବ୍ଲକ ମାଟିପାରିଲୋ ଗ୍ରାମର ଶ୍ରଦ୍ଧାଞ୍ଜଳି ମଲିକ(୨୩)ଙ୍କ ଜୀବନ ବଞ୍ଚାଇଥିଲେ ଏହି ବ୍ଲକ ଅଧୀନ ବ୍ରାହ୍ମଣମଣିଜୋରି ଗ୍ରାମର ସସ୍ମିତା ନାୟକ(୧୮)। ଶ୍ରଦ୍ଧାଞ୍ଜଳି ନଦୀ ସ୍ରୋତରେ ଭାସି ଯାଉଥିବା ଦୃଶ୍ୟ ବହୁ ଲୋକ ଦେଖୁଥିଲେ ମଧ୍ୟ କେହି ଉଦ୍ଧାର କରିବାକୁ ଆସି ନ ଥିଲେ। ସସ୍ମିତା ନଦୀ ଆରପଟରୁ ଏହା ଦେଖିବା ପରେ ପହଁରି ପହଁରି ଆସି ତାଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ମଙ୍ଗଳବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମାହାଙ୍ଗାର ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ ସସ୍ମିତାଙ୍କ ବାସଭବନରେ ପହଞ୍ଚି କୃତଜ୍ଞତା ଜଣାଇବା ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି। ଏଥିସହ ତାଙ୍କୁ ସାହସିକତା ପୁରସ୍କାର ପ୍ରଦାନ କରିବା ପାଇଁ ସରକାରଙ୍କ ନିକଟରେ ଦାବି କରିଛନ୍ତି।



ସସ୍ମିତାଙ୍କୁ ପୁରସ୍କୃତ କରୁଛନ୍ତି କଂଗ୍ରେସ ନେତା।

## ଗୁଳିମାଡ଼ କରିଥିବା ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ

ଆଠଗଡ଼,୨୧।୮(ସ୍ୱ.ପ୍ର.)

ତିଗିରିଆ ଥାନା ଅଧୀନ ନୂଆପାଟଣା ବଜାରରେ ଜଣେ ବ୍ୟବସାୟୀଙ୍କୁ ଦାଦାବଟି ପାଇଁ ଗୁଳିମାଡ଼ ହୋଇଥିଲା। ଏହି ମାମଲାର ବିଚାର କରି ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ଅମୃତରଞ୍ଜନ ନନ୍ଦ ମଙ୍ଗଳବାର ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ନୂଆପାଟଣାର ବ୍ୟବସାୟୀ ବିଶ୍ୱନାଥ ସାହୁଙ୍କୁ ଭାବଗ୍ରାହୀ ପଣ୍ଡା ୫ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ସେ ନ ଦେବାରୁ ଗତ ୨୦।୬।୧୭ ରିଖ ସନ୍ଧ୍ୟା ପ୍ରାୟ ୮ଟାବେଳେ ତାଙ୍କ ପୁଅ ଦୀପ୍ତିରଞ୍ଜନ ଦୋକାନରେ ବସିଥିବାବେଳେ ଭାବଗ୍ରାହୀ ଓ ତାଙ୍କ ସହଯୋଗୀ ଯାଇ ଦୋକାନକୁ ଦୁଇ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଦୀପ୍ତିରଞ୍ଜନ ଦୋକାନ କାଉଣ୍ଟର ତଳକୁ ମୁଣ୍ଡ ନୁଆଇଁ ଦେବାରୁ ରକ୍ଷା ପାଇ ଯାଇଥିଲେ। ଏ ନେଇ ବିଶ୍ୱନାଥ ତିଗିରିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ-୬୯/୧୭)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଭାବଗ୍ରାହୀ ଫେରାର ହୋଇଯିବାରୁ ଗିରଫ କରି ପାରି ନ ଥିଲା। ପରବର୍ତ୍ତୀ ସମୟରେ ଏକ ଜଙ୍ଗଲରୁ ଭାବଗ୍ରାହୀଙ୍କୁ ଏନକାଉଣ୍ଟର କରି ଗିରଫ କରିଥିଲା। ମାମଲାଟି ଆଠଗଡ଼ ଅତିରିକ୍ତ ଜିଲାଦୌରାଜଜଙ୍କ କୋର୍ଟରେ ଚାଲିଥିବାବେଳେ ମାତ୍ର ୫ ଦିନ ମଧ୍ୟରେ ସମସ୍ତ ସାକ୍ଷ୍ୟ ଗ୍ରହଣ କରାଯାଇ ରାୟ ପ୍ରକାଶ ପାଇଛି। ଜରିମାନା ଅନାଦେୟ ଅଧିକ ୪ ମାସ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଶରତ କୁମାର ଦାଶ ଓ ଅଭିଯୁକ୍ତଙ୍କୁ ପକ୍ଷରୁ ଆଇନଜୀବୀ ଏସ. ବି. ଦାସ ପରିଚାଳନା କରୁଥିଲେ।

## କେନାଲ ବନ୍ଧ ଡେଇଁ ଗାଁରେ ପଶିଲା ପାଣି

ରଘୁନାଥପୁର, ୨୧।୮( ଡି.ଏନ.ଏ.)

ତାଳଦଣ୍ଡା କେନାଲରେ ଅତ୍ୟଧିକ ଜଳ ପ୍ରବାହ ଯୋଗୁ ମଙ୍ଗଳବାର ଭୋରୁ ପାଣି ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତର ୬ଟି ସ୍ଥାନରେ ବନ୍ଧ ଡେଇଁ ଗ୍ରାମ ମଧ୍ୟକୁ ପଶିଛି। ଅଚ୍ଯୁତପୁର ଗଉଡସାହିଠାରେ କେନାଲ ବନ୍ଧର ଉଚ୍ଚତା କମ୍ ଥିବାରୁ ପାଣି ବନ୍ଧକୁ ଅତିକ୍ରମ କରି ଲୋକଙ୍କ ବାଡି ଘରେ ଜମା ହୋଇଛି। ଗୋକୁଳପୁର ଜଙ୍ଗଲି ସିଂହ ଘର ପାଖ, ହରିଶପୁର, ଖଣ୍ଡତରୀ ଆଇବି, ତାରପୁରଠାରେ ବନ୍ଧ ଓ ଧରାଧରପୁର ଖରିପଡିଆଠାରେ କେନାଲ ପାଣି ଡେଇଁ ଗାଁରେ ପ୍ରବେଶ କରିଛି। ଏ ସମ୍ପର୍କରେ ମହାନଦୀ ସାଉଥ୍ ଇରିଗେଶନକୁ ଜଣାଯିବା ପରେ କେନାଲରେ ପାଣି ପ୍ରବାହ କମିଛି। କେନାଲରେ ଆସୁଥିବା ଦଳ ବିଭିନ୍ନ ସ୍ଥାନରେ ଲାଗି ଜଳ ପ୍ରବାହରେ ବାଧା ପହଞ୍ଚାଉ ଥିବା ବିଭାଗୀୟ ଯନ୍ତ୍ରୀ କହିଛନ୍ତି। କିଶୋରନଗର ଇରିଗେଶନ ଏସଡିଓ ପ୍ରମୋଦ ବିଶ୍ୱାଳ, ମଣିଜଙ୍ଗା ଏସଡିଓ ତୀର୍ଥାନନ୍ଦ ବେହେରା ଓ ଏଜିକ୍ୟୁଟିଭ ଇଞ୍ଜିନିୟର ଘଟଣାସ୍ଥଳ ପରିଦର୍ଶନ କରି ବାଲିବସ୍ତା ପକାଇ ଏଥିରେ ସୁଧାର ଆଣିଛନ୍ତି। ଆଗାମୀ ଦିନରେ ପଥର ପ୍ୟାକିଂ କରାଯିବ ବୋଲି ଅଧିକାରୀମାନେ କହିଛନ୍ତି।



ଅଚ୍ୟୁତପୁରଠାରେ କେନାଲ ବନ୍ଧ ବୁଡ଼ି ପାଣି ଗାଁ ଭିତରକୁ ପଶୁଛି।

■ କଟକ ଜିଲାପାଳଙ୍କ କଡ଼ା ନିର୍ଦ୍ଦେଶ

# ଶିଶୁ ଯତ୍ନ ଅନୁଷ୍ଠାନ, ମହିଳା ଆଶ୍ରୟ କେନ୍ଦ୍ରରେ ସିସିଟିଭି ବାଧ୍ୟତାମୂଳକ

କଟକ ଅଫିସ, ୨୧।୮

ନିଜ ଇଚ୍ଛା ଅନୁସାରେ ଏଣିକି କେହି ଶିଶୁ ଯତ୍ନ ଅନୁଷ୍ଠାନ (ସିସିଆଇ) କିମ୍ବା ମହିଳା ଆଶ୍ରୟ କେନ୍ଦ୍ର ପରିଚାଳନା କରିପାରିବେ ନାହିଁ। ଯଦିଓ ଏହି ଦୁଇଟି ଅନୁଷ୍ଠାନ ପରିଚାଳନା ନିମନ୍ତେ ସରକାରଙ୍କ ପକ୍ଷରୁ ଏସ୍‌ଓପି ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ତାହାକୁ କେତେକାଂଶରେ ଅନୁପାଳନ କରାଯାଉ ନ ଥିଲା। ମାତ୍ର ଏହା ଉପରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଗୁରୁତ୍ୱ ଦେଇଛନ୍ତି। ଜିଲାରେ ଥିବା ସିସିଆଇ ଓ ମହିଳା ଆଶ୍ରୟ କେନ୍ଦ୍ରଗୁଡ଼ିକରେ ସିସିଟିଭିକୁ ବାଧ୍ୟତାମୂଳକ କରାଯାଇଥିବା ବେଳେ ଏହିସବୁ କେନ୍ଦ୍ରଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଜିଲାପାଳ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି କେନ୍ଦ୍ରର ପାଚେରି ନ ଥାଏ ତୁରନ୍ତ ସେଠାରେ ପାଚେରି ନିର୍ମାଣ ସହିତ କେନ୍ଦ୍ରଗୁଡ଼ିକର ମାନବ ସମ୍ବଳ ପଲିସି ଓ ଷ୍ଟାଣ୍ଡାର୍ଡ ଅଫ୍ କେୟାର ସମ୍ପର୍କିତ ସବିଶେଷ ତଥ୍ୟ ଦେବାକୁ କୁହାଯାଇଛି। ଗତ ସୋମବାର ଏ ସମ୍ପର୍କରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀଙ୍କ ସହିତ ସିସିଆଇର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ।

ସୂଚନାଥାଉକି, କଟକ ଜିଲାରେ ବର୍ତ୍ତମାନ ମୋଟ ୨୦ଟି ସିସିଆଇ ଓ ଦୁଇଟି ମହିଳା ଆଶ୍ରୟ କେନ୍ଦ୍ର ରହିଛି। ସିସିଆଇରେ ୯୩୫ଜଣ ପିଲା ରହୁଛନ୍ତି। ଏହି ୨୦ଟି କେନ୍ଦ୍ର ମଧ୍ୟରୁ ଦୁଇଟିକୁ ବନ୍ଦ କରିବା ପାଇଁ କେନ୍ଦ୍ର ପରିଚାଳକ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିକଟରେ ଆବେଦନ କରିଛନ୍ତି। ତେବେ ବେଆଇନ ସିସିଆଇକୁ ନେଇ କଟକ ଅତୀତରେ ଚର୍ଚ୍ଚାରେ ରହିଥିଲା। ୨୦୧୩ରୁ ୨୦୧୮ ମଧ୍ୟରେ କଟକରେ ୨୨ଟି ବେଆଇନ ସିସିଆଇକୁ ବନ୍ଦ କରାଯାଇଛି। ଏହାପରେ ମଧ୍ୟ କେତେକ ସିସିଆଇ ଗୋପନ ଭାବେ ଚଳାଯାଉଥିବା ନଜରକୁ ଆସିବାରୁ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଛି। ଏବେ ସିସିଆଇ ଉପରେ ଜିଲାପାଳ ଯେଉଁ କଟକଣା ଜାରି କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ତାହା କେତେଦୂର କାର୍ଯ୍ୟକାରୀ ହେଉଛି ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। କାରଣ ସରକାରଙ୍କ ଦ୍ୱାରା ପରିଚାଳିତ କଟକ ବାଳାଶ୍ରମର ଅବସ୍ଥା ଦେଖିଲେ ସରକାର ଏହି ସବୁ କେନ୍ଦ୍ର ପ୍ରତି କେତେ ଯତ୍ନବାନ ତାହା ପ୍ରମାଣିତ ହେଉଛି। ୧୦୯ ଅନ୍ତେବାସୀଙ୍କୁ ନେଇ କଟକ ବାଳାଶ୍ରମ। ହେଲେ ଦୀର୍ଘଦିନ ହେବ ବାଳାଶ୍ରମର ପାଚେରି ଭୁଶୁଡ଼ି ପଡ଼ିଥିଲେ ମଧ୍ୟ ତାହାକୁ ନିର୍ମାଣ କରାଯାଉ ନାହିଁ। ପାଚେରି ନ ଥିବାରୁ ବାଳାଶ୍ରମ ପରିସରରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି କୁହନ୍ତି, ପୂର୍ବରୁ ସିସିଆଇଗୁଡ଼ିକ ଉପରେ କଡ଼ା ନଜର ରହିଥିଲା। ଯେଉଁ ସିସିଆଇଗୁଡ଼ିକ ଏସ୍‌ଓପିର ଅନୁପାଳନ କରୁ ନ ଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଥିଲା।

■କଟକ ଜିଲାରେ ୨୦ ସିସିଆଇ ଓ ୨ ମହିଳା ଆଶ୍ରୟ କେନ୍ଦ୍ର ରହିଛି
■ବେଆଇନ ସିସିଆଇକୁ ନେଇ କଟକ ଅତୀତରେ ଚର୍ଚ୍ଚାରେ ଥିଲା



ଅପରିଣାମଦର୍ଶିତାର ଫଳ ସର୍ବଦା ବିଷମୟ ହୋଇଥାଏ। -ସେନେକା



## ସଂକ୍ଷେପରେ

### କଂକ୍ରିଟ୍ ରାସ୍ତା ପାଇଁ ଲୋକେ ହିନସ୍ତା

କଟକ ସଦର, ୨୧।୮(ଡି.ଏନ୍.ଏ.)- କଟକ ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅଧୀନ ନାହାଭଙ୍ଗା-ଲକ୍ଷ୍ମୀନାରାୟଣପୁର ପ୍ରଧାନମନ୍ତ୍ରୀ ସଡ଼କ କାମ ଜାରି ରହିଛି। ବିଶେଷକରି ବମ୍ଫୁରୀ ଗ୍ରାମରେ ରାସ୍ତାକୁ କଂକ୍ରିଟ୍ କରାଯାଉଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱର ବର୍ଷାଜଳ ଠିକ୍ ଭାବେ ନିଷ୍କାସିତ ହୋଇପାରୁନାହିଁ। ଏହାଛଡା ରାସ୍ତା ଉଚ୍ଚ ହେବା ଦ୍ୱାରା ଲୋକମାନେ ଘରୁ ବାଇକ୍ ଓ ୩ ଚକିଆ ଯାନ ବାହାର କରି ରାସ୍ତା ଉପରକୁ ଆଣିପାରୁନାହାନ୍ତି। ଫଳରେ ସ୍ଥାନୀୟ ଲୋକେ ବହୁ ହୀନସ୍ତା ହେଉଛନ୍ତି। ଘର ନିକଟରେ ଗଡ଼ା କରିବା ପାଇଁ ବମ୍ଫୁରୀ ଗ୍ରାମର ବହୁ ପରିବାର ନିର୍ବାହୀଯନ୍ତ୍ରୀ ନୀଳମାଧବ ସାହୁଙ୍କୁ ସୋମବାର ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

### ଡା. ସରୋଜିନୀ ଷଡଙ୍ଗୀ ପାଇବେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସମ୍ମାନ

କଟକ ଅଫିସ, ୨୧।୮- ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ସରୋଜିନୀ ଷଡଙ୍ଗୀ ପାଇବେ ଚଳିତବର୍ଷର ମର୍ଯ୍ୟାଦାଜନକ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସମ୍ମାନ। ଆସନ୍ତା ୨୩ ତାରିଖରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ଟାଉନହଲ ଠାରେ ସାରସ୍ୱତ ସ୍ରଷ୍ଟା ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଡା. ଷଡଙ୍ଗୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ଏ ସମ୍ପର୍କରେ ଫାଉଣ୍ଡେଶନର ଉପସଭାପତି ତଥା ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ଚୌଧୁରୀ ସତ୍ୟ ଦାସ ଏକ ପ୍ରେସ୍‌ବିବୃତିରେ ଜଣାଇଛନ୍ତି। ସୂଚନାଯୋଗ୍ୟ, ଡା. ଷଡଙ୍ଗୀ ଜଣେ କବି ଓ ଲେଖିକା ଭାବେ ବେଶ ପରିଚିତ।

### ଇନ୍ଦୁପୂର୍ଣ୍ଣିମା ମହୋତ୍ସବର ପ୍ରସ୍ତୁତି ବୈଠକ

ଚୌଦ୍ୱାର,୨୧।୮(ଡି.ଏନ.ଏ.)- ଇନ୍ଦୁପୂର୍ଣ୍ଣିମା ମହୋତ୍ସବ ପାଳନ ପାଇଁ ଚୌଦ୍ୱାର ପୌରପାଳିକା ଅଧୀନ ଚିତ୍ରେଶ୍ୱର ଗ୍ରାମସ୍ଥିତ ଗନ୍ଧର୍ବନାଥ ପୀଠରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଭାପତି ପ୍ରଭାକର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ମହୋତ୍ସବକୁ ଶୃଙ୍ଖଳାର ସହ ସମାପନ କରାଯିବା ପାଇଁ ଆଲୋଚନା ହୋଇଥିଲା। ଏହି ବୈଠକରେ ପୂଜା କମିଟି ସମ୍ପାଦକ ନରେନ୍ଦ୍ର ମହାପାତ୍ର, ଶାନ୍ତି କମିଟି ସଭାପତି ହରିହର ଭୂୟାଁ, କାର୍ଯ୍ୟକାରୀ ସଭାପତି ସୁଧାକର ମହାପାତ୍ର, ଶାନ୍ତି କମିଟି ସମ୍ପାଦକ ଅଜୟ କୁମାର ବେହେରା, ଉପଦେଷ୍ଟା ବ୍ରଜେନ୍ଦ୍ର ନାୟକଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

### ଅଟୋ ଚୋରି :ଜଣେ ଗିରଫ

କଟକ ଅଫିସ,୨୧।୮ – ରବିବାର ବିଳମ୍ବିତ ରାତିରେ ସିଡିଏ କୃଷକବଜାର ପାଖରୁ ମାନସ ସାହୁଙ୍କ ଅଟୋ ଚୋରି ହୋଇଥିଲା। ଏ ନେଇ ବିଡାନାସୀ ଥାନାରେ ଏକ ଲିଖିତ ଅଭିଯୋଗ ପରେ ପୋଲିସ କେସ୍ ନଂ ୯୮/୧୮ରେ ମାମଲା ରୁଜୁ କରି ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର ବ୍ରଜ ଓରଫ ଯତୀନ୍ଦ୍ର ନାରାୟଣ ନାଥଙ୍କୁ ଗିରଫ କରିଛି। ଯତୀନ୍ଦ୍ର ମର୍କତନଗର ଅଞ୍ଚଳରେ ଭଡାରେ ରହୁଥିବା ଜଣାପଡିଛି। ପୋଲିସ ଦଫା ୩୭୯ ଆଇପିସିରେ ତାଙ୍କୁ କୋର୍ଟ ଚାଲାଣ କରିଛି।

### 'ଗୋହତ୍ୟା ବନ୍ଦ ନ ହେଲେ ପରିସ୍ଥିତି ଭୟଙ୍କର ହେବ'

କଟକ ଅଫିସ,୨୧।୮

ଧର୍ମନିରପେକ୍ଷତା ଆଳ ଦେଖାଇ ଓଡ଼ିଶା ମାଟିରେ ଗୋ-ବଂଶର ହତ୍ୟା କରାଯାଉଛି। ଜଗନ୍ନାଥଙ୍କ ମାଟିକୁ ଗୋରୁ ମାଂସ ଓ ରକ୍ତରେ ରଞ୍ଜିତ କରାଯାଉଛି। ଗୋ-ଚାଲାଣ ଓ ଗୋ-ହତ୍ୟାକୁ ରୋକା ନ ଗଲେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ଉପୁଜିବ ବୋଲି ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ରାଜ୍ୟରୁ ଗୋରୁମାନଙ୍କୁ ଅନ୍ୟ ରାଜ୍ୟକୁ ଚାଲାଣ କରାଯାଉଛି। ଏନେଇ କୌଣସି ବି ପଦକ୍ଷେପ ନିଆଯାଉନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ସଶକ୍ତ ଗୋ ସୁରକ୍ଷା ଆଇନ ଓ ଓଡ଼ିଶା ଗୋ ସେବା ଆୟୋଗ ଗଠନ କରାଯାଇ ଗୋ ବଂଶକୁ ରକ୍ଷା କରାଯାଉ ବୋଲି ସମ୍ମିଳନୀରେ ଦାବି କରାଯାଇଛି। ସେନାର ସମ୍ପାଦକ ସଂଗ୍ରାମ କେଶରୀ ଶତପଥୀ, ସାଧାରଣ ସମ୍ପାଦକ ସତ୍ୟବ୍ରତ ପଣ୍ଡା ଉପସ୍ଥିତ ଥିଲେ।

■ କଟକ ଜିଲାପାଳଙ୍କ କଡ଼ା ନିର୍ଦ୍ଦେଶ

# ଶିଶୁ ଯତ୍ନ ଅନୁଷ୍ଠାନ, ମହିଳା ଆଶ୍ରୟ କେନ୍ଦ୍ରରେ ସିସିଟିଭି ବାଧ୍ୟତାମୂଳକ

କଟକ ଅଫିସ, ୨୧।୮

ନିଜ ଇଚ୍ଛା ଅନୁସାରେ ଏଣିକି କେହି ଶିଶୁ ଯତ୍ନ ଅନୁଷ୍ଠାନ (ସିସିଆଇ) କିମ୍ବା ମହିଳା ଆଶ୍ରୟ କେନ୍ଦ୍ର ପରିଚାଳନା କରିପାରିବେ ନାହିଁ। ଯଦିଓ ଏହି ଦୁଇଟି ଅନୁଷ୍ଠାନ ପରିଚାଳନା ନିମନ୍ତେ ସରକାରଙ୍କ ପକ୍ଷରୁ ଏସ୍‌ଓପି ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ତାହାକୁ କେତେକାଂଶରେ ଅନୁପାଳନ କରାଯାଉ ନ ଥିଲା। ମାତ୍ର ଏହା ଉପରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଗୁରୁତ୍ୱ ଦେଇଛନ୍ତି। ଜିଲାରେ ଥିବା ସିସିଆଇ ଓ ମହିଳା ଆଶ୍ରୟ କେନ୍ଦ୍ରଗୁଡ଼ିକରେ ସିସିଟିଭିକୁ ବାଧ୍ୟତାମୂଳକ କରାଯାଇଥିବା ବେଳେ ଏହିସବୁ କେନ୍ଦ୍ରଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଜିଲାପାଳ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି କେନ୍ଦ୍ରର ପାଚେରି ନ ଥାଏ ତୁରନ୍ତ ସେଠାରେ ପାଚେରି ନିର୍ମାଣ ସହିତ କେନ୍ଦ୍ରଗୁଡ଼ିକର ମାନବ ସମ୍ବଳ ପଲିସି ଓ ଷ୍ଟାଣ୍ଡାର୍ଡ ଅଫ୍ କେୟାର ସମ୍ପର୍କିତ ସବିଶେଷ ତଥ୍ୟ ଦେବାକୁ କୁହାଯାଇଛି। ଗତ ସୋମବାର ଏ ସମ୍ପର୍କରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀଙ୍କ ସହିତ ସିସିଆଇର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ।

ସୂଚନାଥାଉ କି, କଟକ ଜିଲାରେ ବର୍ତ୍ତମାନ ମୋଟ ୨୦ଟି ସିସିଆଇ ଓ ଦୁଇଟି ମହିଳା ଆଶ୍ରୟ କେନ୍ଦ୍ର ରହିଛି। ସିସିଆଇରେ ୯୩୫ଜଣ ପିଲା ରହୁଛନ୍ତି। ଏହି ୨୦ଟି କେନ୍ଦ୍ର ମଧ୍ୟରୁ ଦୁଇଟିକୁ ବନ୍ଦ କରିବା ପାଇଁ କେନ୍ଦ୍ର ପରିଚାଳକ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିକଟରେ ଆବେଦନ କରିଛନ୍ତି। ତେବେ ବେଆଇନ ସିସିଆଇକୁ ନେଇ କଟକ ଅତୀତରେ ଚର୍ଚ୍ଚାରେ ରହିଥିଲା। ୨୦୧୩ରୁ ୨୦୧୮ ମଧ୍ୟରେ କଟକରେ ୨୨ଟି ବେଆଇନ ସିସିଆଇକୁ ବନ୍ଦ କରାଯାଇଛି। ଏହାପରେ ମଧ୍ୟ କେତେକ ସିସିଆଇ ଗୋପନ ଭାବେ ଚଳାଯାଉଥିବା ନଜରକୁ ଆସିବାରୁ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଛି। ଏବେ ସିସିଆଇ ଉପରେ ଜିଲାପାଳ ଯେଉଁ କଟକଣା ଜାରି କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ତାହା କେତେଦୂର କାର୍ଯ୍ୟକାରୀ ହେଉଛି ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। କାରଣ ସରକାରଙ୍କ ଦ୍ୱାରା ପରିଚାଳିତ କଟକ ବାଳାଶ୍ରମର ଅବସ୍ଥା ଦେଖିଲେ ସରକାର ଏହି ସବୁ କେନ୍ଦ୍ର ପ୍ରତି କେତେ ଯତ୍ନବାନ ତାହା ପ୍ରମାଣିତ ହେଉଛି। ୧୦୯ ଅନ୍ତେବାସୀଙ୍କୁ ନେଇ କଟକ ବାଳାଶ୍ରମ। ହେଲେ ଦୀର୍ଘଦିନ ହେବ ବାଳାଶ୍ରମର ପାଚେରି ଭୁଶୁଡି ପଡ଼ିଥିଲେ ମଧ୍ୟ ତାହାକୁ ନିର୍ମାଣ କରାଯାଉ ନାହିଁ। ପାଚେରି ନ ଥିବାରୁ ବାଳାଶ୍ରମ ପରିସରରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି କୁହନ୍ତି, ପୂର୍ବରୁ ସିସିଆଇଗୁଡ଼ିକ ଉପରେ କଡ଼ା ନଜର ରହିଥିଲା। ଯେଉଁ ସିସିଆଇଗୁଡ଼ିକ ଏସ୍‌ଓପିର ଅନୁପାଳନ କରୁ ନ ଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଥିଲା।



ବିଜୁ ଯୁବ ବାହିନୀ ପକ୍ଷରୁ ବାଲିଯାତ୍ରା ତଳପଡିଆ ସଫେଇ କରାଯାଉଛି।

## ବିଜୁ ଯୁବ ବାହିନୀ ପକ୍ଷରୁ ପଲିଥିନମୁକ୍ତ କାର୍ଯ୍ୟକ୍ରମ

କଟକ ଅଫିସ,୨୧।୮

ପଲିଥିନ ମୁକ୍ତ ଅଭିଯାନରେ କଟକରେ ସାମିଲ ହେଲେ ବିଧାୟକ। ସୋମବାର ବିଜୁ ଯୁବ ବାହିନୀ ପକ୍ଷରୁ କଟକ ବାଲିଯାତ୍ରା ପଡିଆଠାରେ ପଲିଥିନମୁକ୍ତ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ଏଥିରେ ବାରବାଟୀ-କଟକ ବିଧାୟକ ଦେବାଶିଷ ସାମନ୍ତରାୟ ଯୋଗଦେଇ ମହାନଦୀ ପଠାଠାରୁ ଏହି ସଫେଇ କାର୍ଯ୍ୟକ୍ରମ କରାଯିବା ସହ ଆଗକୁ କଟକକୁ ପଲିଥିନମୁକ୍ତ ସହର ଭାବେ ଗଢି ତୋଳିବା ପାଇଁ ସମସ୍ତେ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଯୁବ ବାହିନୀର ବହୁ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ସଦ୍‌ଭାବନା ଦିବସ ପାଳନ କରାଯାଉଛି।

## ରାଜ୍ୟ ପୋଲିସ ପକ୍ଷରୁ ସଦ୍‌ଭାବନା ଦିବସ ପାଳିତ

କଟକ ଅଫିସ, ୨୧।୮

ରାଜ୍ୟ ପୋଲିସ ପକ୍ଷରୁ ମଙ୍ଗଳବାର ଜାତୀୟ ସଦ୍‌ଭାବନା ଦିବସ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ଯୋଗଦେଇ ସମସ୍ତ ପୋଲିସ ଅଫିସର ଏବଂ କର୍ମଚାରୀମାନଙ୍କୁ ସଦ୍‌ଭାବନା ଶପଥ ପାଠ କରାଇଥିଲେ। ଜାତି, ଧର୍ମ, ଭାଷା ଓ ଅଞ୍ଚଳ ନିର୍ବିଶେଷରେ ଦେଶରେ ସଦ୍‌ଭାବ ଏବଂ ଭାବନାତ୍ମକ ଏକତା ନିମନ୍ତେ କାର୍ଯ୍ୟ କରିବା ସହ ନିଜ ନିଜ ମଧ୍ୟରେ ଥିବା ମତଭେଦକୁ ଆପୋଷ ଆଲୋଚନା, ଅହିଂସା ତଥା ବିଧି ବ୍ୟବସ୍ଥା ମାଧ୍ୟମରେ ସମାଧାନ କରିବାକୁ ସେମାନେ ଶପଥ କରିଥିଲେ।

## ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣରେ ବିମୁଖ ଚାଷୀ

କଟକ ସଦର, ୨୧।୮(ଡି.ଏନ୍.ଏ.)

ରାଜ୍ୟ ଯୋଗାଣ ଓ ଖାଉଟି ବ୍ୟାପାର ବିଭାଗର ନିର୍ଦ୍ଦେଶକ୍ରମେ ସେବା ସମବାୟ ସମିତି ଜରିଆରେ ଧାନ ବିକ୍ରି କରିବାକୁ ଚାହୁଁଥିବା ଚାଷୀମାନଙ୍କ ନାମ ପଞ୍ଜୀକରଣ ଚାଲିଛି। ଏହି ପଞ୍ଜୀକରଣ ପ୍ରକ୍ରିୟା ଜୁଲାଇ ମାସରୁ ଆରମ୍ଭ ହୋଇଥିଲେ ମଧ୍ୟ କଟକ ସଦର ବ୍ଲକ ଅଞ୍ଚଳର ଚାଷୀମାନେ ଏଥିପ୍ରତି ବିମୁଖ ହୋଇପଡିଛନ୍ତି। ୨୦୧୭ ମସିହାର ଗୋଟିଏ ମାସ ମଧ୍ୟରେ ଯେତିକି ନାମ ପଞ୍ଜିକରଣ ହୋଇଥିଲା ତାହାର ଏକ ପଞ୍ଚମାଂଶ ଚଳିତବର୍ଷ ହୋଇପାରିନାହିଁ, ଯାହାକୁ ନେଇ ସମବାୟ ଓ ଯୋଗାଣ ବିଭାଗର ଅଧିକାରୀମାନେ ଚିନ୍ତିତ ହୋଇପଡିଛନ୍ତି। କାରଣ ଆନ୍ଧ୍ର ବ୍ୟବସାୟୀଙ୍କ ମୋହରେ ଓଡିଶାର ଧାନଚାଷୀ ପଡିଯାଇଥିବା ଚର୍ଚ୍ଚା ଜୋର୍ ଧରିଛି। ୨୦୧୭ ଡିସେମ୍ବରରୁ ୨୦୧୮ ଏପ୍ରିଲ ମାସ ମଧ୍ୟରେ ଆନ୍ଧ୍ରର ବ୍ୟବସାୟୀମାନେ ବିଲ ନିକଟରୁ ମେଶିନ ଦ୍ୱାରା ଅମଳ ଧାନକୁ ଅଖାରେ ଭର୍ତ୍ତି କରି କୁଇଣ୍ଟାଲ ପିଛା ୧୪୦୦ ଟଙ୍କାରେ କିଣି ନେଇଥିଲେ। ଫଳରେ ଯୋଗାଣ ବିଭାଗ କଟକ ସଦର ବ୍ଲକ ଅଞ୍ଚଳର ସମବାୟ ସମିତିଗୁଡିକ ଉପରେ ଧାନ ସଂଗ୍ରହ ପାଇଁ କରିଥିବା ଧାର୍ଯ୍ୟ କୋଟା ପୂରଣ ହୋଇପାରିଲା ନାହିଁ। ଚଳିତବର୍ଷ ଆନ୍ଧ୍ର ବ୍ୟବସାୟୀଙ୍କ ଉପରେ ଭରସା ରଖି ଚାଷୀମାନେ ନିଜ ଅଞ୍ଚଳର ସମବାୟ ସମିତିରେ ନାମ ପଞ୍ଜୀକରଣ ପାଇଁ ଆଉ ତତ୍ପରତା ପ୍ରକାଶ କରୁନାହାନ୍ତି ବୋଲି କୁଲସରିଚୁଆଁ ସେବା ସମବାୟ ସମିତିର ନିର୍ଦ୍ଦେଶକ ବିଜୟ କୁମାର ରାଉତରାୟ କହିଛନ୍ତି। ତେଣୁ ଏହି ବ୍ଲକର ୧୦ଟି ସମବାୟ ସମିତିରେ ମାତ୍ର ୧୨୦୦ ଚାଷୀ ନାମ ପଞ୍ଜୀକରଣ ପାଇଁ ଅଗଷ୍ଟ ୧୫ ତାରିଖ ସୁଦ୍ଧା ଆସିଥିଲେ। ହେଲେ ଗତବର୍ଷ ଏହି ଅବଧି ମଧ୍ୟରେ ୩୨୦୦ରୁ ଊର୍ଦ୍ଧ୍ୱ ଚାଷୀ ସମବାୟ ସମିତିରେ ନାମ ପଞ୍ଜୀକରଣ କରିଥିଲେ। ସମବାୟ ସମିତିରେ ଧାନ ଦେଇଥିବା ଚାଷୀମାନଙ୍କଠାରୁ ମିଲରମାନେ ୩ରୁ ୫ କିଲୋ କୁଇଣ୍ଟାଲ ପିଛା କାଟ କରିଥିଲେ। ଖୋଟଅଖାରେ ଭର୍ତ୍ତି କରି ଧାନ ଦେବା ପାଇଁ କଟକ ଜିଲା ପ୍ରଶାସନ ନୀତି ନିର୍ଦ୍ଧାରଣ କରିବା ଦ୍ୱାରା ଚାଷୀମାନେ ବଜାରରୁ ୨୦ ଟଙ୍କା ଦରରେ ୫୦ କିଲୋ ଭର୍ତ୍ତି ହୋଇପାରୁଥିବା ଅଖା କିଣିଥିଲେ। ଏଥିପାଇଁ ମିଲରମାନେ ଅର୍ଥ ଦେଲେ ନାହିଁ। ଏପରି କି ଠିକ୍ ସମୟରେ ଚାଷୀଙ୍କ ଆକାଉଣ୍ଟକୁ ଆସିଲା ନାହିଁ। ୧ ମାସ ମଧ୍ୟରେ ଗତିରାଉତପାଟଣା ସେବା ସମବାୟ ସମିତିରେ ୪୦ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି।

### ଗୁଳିମାଡ଼ କରିଥିବା ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ

ଆଠଗଡ଼,୨୧।୮(ସ୍ୱ.ପ୍ର.):

ଟିଗିରିଆ ଥାନା ଅଧୀନ ନୂଆପାଟଣା ବଜାରରେ ଜଣେ ବ୍ୟବସାୟୀଙ୍କୁ ଦାଦାବଟି ପାଇଁ ଗୁଳିମାଡ଼ ହୋଇଥିଲା। ଏହି ମାମଲାର ବିଚାର କରି ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ଅମୃତରଞ୍ଜନ ନନ୍ଦ ମଙ୍ଗଳବାର ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ନୂଆପାଟଣାର ବ୍ୟବସାୟୀ ବିଶ୍ୱନାଥ ସାହୁଙ୍କୁ ଭାବଗ୍ରାହୀ ପଣ୍ଡା ୫ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ସେ ଏହା ନ ଦେବାରୁ ଗତ ୨୦।୬।୧୭ ରିଖ ସନ୍ଧ୍ୟା ପ୍ରାୟ ୮ଟାବେଳେ ତାଙ୍କ ପୁଅ ଦିପ୍ତୀରଞ୍ଜନ ଦୋକାନରେ ବସିଥିବାବେଳେ ଭାବଗ୍ରାହୀ ଓ ତାଙ୍କ ସହଯୋଗୀ ଯାଇ ଦୋକାନକୁ ଦୁଇ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଦିପ୍ତୀରଞ୍ଜନ ଦୋକାନ କାଉଣ୍ଟର ତଳକୁ ମୁଣ୍ଡ ନୁଆଇଁ ଦେବାରୁ ରକ୍ଷା ପାଇ ଯାଇଥିଲେ। ଏ ନେଇ ବିଶ୍ୱନାଥ ଟିଗିରିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ.୬୯/୧୭)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଏକ ଜଙ୍ଗଲରୁ ଭାବଗ୍ରାହୀଙ୍କୁ ଏନକାଉଣ୍ଟର କରି ଗିରଫ କରିଥିଲା। ମାମଲାଟି ଆଠଗଡ଼ ଅତିରିକ୍ତ ଜିଲାଦୌରାଜଜଙ୍କ କୋର୍ଟରେ ଚାଲିଥିବାବେଳେ ମାତ୍ର ୫ ଦିନ ମଧ୍ୟରେ ସମସ୍ତ ସାକ୍ଷ୍ୟ ଗ୍ରହଣ କରାଯାଇ ରାୟ ପ୍ରକାଶ ପାଇଛି।

## ବିବାହ ପ୍ରତିଶ୍ରୁତି, ଶାରୀରିକ ସମ୍ପର୍କ ପରେ ପ୍ରତାରଣା

କଟକ ଅଫିସ, ୨୧।୮

ପ୍ରଥମେ ପ୍ରେମ ତା' ପରେ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଲେ। ଶେଷରେ ସବୁ ସମ୍ପର୍କ ଛିନ୍ନ କରି ପ୍ରତାରଣା କରି ଦୂରେଇ ଗଲେ ପ୍ରେମିକ। ଶେଷରେ ବାଧ ହୋଇ ମହିଳାଜଣକ କୋର୍ଟଙ୍କ ଆଶ୍ରୟ ନେଲେ। ପୋଲିସ ପ୍ରେମିକଙ୍କୁ ଗିରଫ କରିଛି। ଏହି ଘଟଣା କଟକ ମଧୁପାଟଣା ଅଞ୍ଚଳରେ ଘଟିଛି। ଗିରଫ ପ୍ରେମିକ ହେଲେ ସେହି ଅଞ୍ଚଳର କୈଳାସ ଚନ୍ଦ୍ର ସିଂ।
ପ୍ରତାରଣାର ଶିକାର ହୋଇଥିବା ମହିଳାଙ୍କ ଅଭିଯୋଗ ଅନୁଯାୟୀ, ସେ ବିବାହିତ ବୋଲି ଜାଣି ମଧ୍ୟ ତାଙ୍କୁ କୈଳାସ ଦୀର୍ଘଦିନ ହେବ ଭଲ ପାଉଥିଲେ। ବାରମ୍ବାର ପ୍ରେମ ନିବେଦନ କରିବା ସହ ତାଙ୍କୁ ନ ପାଇଲେ ଜୀବନ ହାରିଦେବ ବୋଲି ମଧ୍ୟ କହିଥିଲେ। କୈଳାସଙ୍କ କଥାରେ ରାଜି ହୋଇ ମହିଳାଜଣକ ସ୍ୱାମୀଙ୍କୁ ଛାଡିଥିଲେ। କୈଳାସ ତାଙ୍କୁ ପ୍ରଥମେ କିଛି ମାସ ଏକ ଭଡା ଘରେ ରଖିଲେ। ଖୁବ ଶୀଘ୍ର ବିବାହ କରିବେ ବୋଲି କହି ଶାରିରୀକ ସମ୍ପର୍କ ରଖିଥିଲେ। ଏପରି କି ସେ ସାଙ୍ଗରେ ଆଣିଥିବା ସୁନା ଗହଣାକୁ ମଧ୍ୟ ବିକ୍ରି କରି ସେହି ପଇସା ବିଭିନ୍ନ ବାଟରେ ଖର୍ଚ୍ଚ କରିଥିଲେ। ପରେ ବିବାହ କରିବାକୁ ବିଳମ୍ବ ହେବାରୁ ସେ ବାଧ ହୋଇ କୈଳାସଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଜଣାଇଲେ। ଏହା ପରେ ସେ ତାଙ୍କୁ ଏକୁଟିଆ ଭଡା ଘରେ ଛାଡିଦେଇ ରାଜେନ୍ଦ୍ରନଗରସ୍ଥିତ ନିଜ ଘରେ ରହିଲେ। ତାଙ୍କ ପାଖକୁ ଆଉ ଆସିଲେ ନାହିଁ କି ଫୋନରେ କଥା ହେଲେ ନାହିଁ। ତେଣୁ ସେ ବାଧ ହୋଇ ୨୦୧୫ରେ ମଧୁପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ ବୋଲି ମହିଳାଜଣକ କହିଛନ୍ତି। ଏହି ଘଟଣାରେ ପୋଲିସ ଉଭୟଙ୍କ ମଧ୍ୟରେ ଆପୋଷ ବୁଝାମଣା କରିବାକୁ ଚେଷ୍ଟା କରିଥିଲା। ହେଲେ କୌଣସି ସୁଫଳ ନ ମିଳିବାରୁ ପୁଣି ଥରେ ସେ ସଦର ଥାନାରେ ଅଭିଯୋଗ କରିଥିଲେ। ସେଠାରେ ମଧ୍ୟ ପୋଲିସ କୈଳାସଙ୍କୁ ଡାକି ପଚରାଉଚୁରା କରିବା ପରେ ଛାଡି ଦେଇଥିଲା। ଏପରି କି ତାଙ୍କୁ ବିବାହ କରିବା ପର୍ଯ୍ୟନ୍ତ ଭରଣପୋଷଣ ପାଇଁ ମାସିକ ଦୁଇ ହଜାର ଟଙ୍କା ଦେବେ ବୋଲି ଥାନାରେ କୈଳାସ ରାଜି ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଦୂରେଇ ଗଲେ। ଥାନାରେ ହୋଇଥିବା ଦୁଇଟି ଅଭିଯୋଗ ସତ୍ତ୍ୱେ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଶେଷରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ବୋଲି ମହିଳାଜଣକ କହିଛନ୍ତି। ଏହି ମାମଲାରେ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଆଇପିସି ଦଫା ୨୯୪, ୩୭୯, ୫୦୬, ୪୯୩ ବଳରେ ମଙ୍ଗଳବାର କୋର୍ଟଚାଲାଣ କରିଛି।

## ଡେଙ୍ଗୁ ଆକ୍ରାନ୍ତରେ ମହିଳାଙ୍କ ମୃତ୍ୟୁ

ମାହାଙ୍ଗା,୨୧।୮(ସ୍ୱ.ପ୍ର.):

ମାହାଙ୍ଗା ବ୍ଲକ କାଳିଅଣ୍ଟି (ଅଳିପୁର)ଗ୍ରାମରେ ମଙ୍ଗଳବାର ଡେଙ୍ଗୁ ଆକ୍ରାନ୍ତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର କେଶବ ପ୍ରଧାନଙ୍କ ସ୍ତ୍ରୀ ନିରୂପମା(୫୫)। ଗତ ଶୁକ୍ରବାର ତାଙ୍କୁ ଜ୍ୱର ହେବାରୁ ଘରୋଇ ଚିକିତ୍ସା କରାଯାଇଥିଲା। ରବିବାର ସନ୍ଧ୍ୟାରେ ଜ୍ୱର ଅଧିକ ହେବାରୁ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଥିଲା। ତେବେ ବଡ଼ ମେଡିକାଲରେ ବେଡ ନ ମିଳିବାରୁ ରାଣୀହାଟର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ସମୟରେ ତାଙ୍କ ରକ୍ତ ନମୁନା ପରୀକ୍ଷା କରାଯିବାରୁ ସେଥିରେ ଡେଙ୍ଗୁ ଥିବା ଜଣାପଡିଥିଲା। ମଙ୍ଗଳବାର ସ୍ୱାସ୍ଥ୍ୟବସ୍ଥା ଅଧିକ ଗୁରୁତର ହେବାରୁ ପୁଣି ବଡ ମେଡିକାଲକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଗ୍ରାମକୁ ଡେଙ୍ଗୁ ବ୍ୟାପିଥିବା ଆଶଙ୍କା କରି ଏକ ଡାକ୍ତରୀ ଦଳ ପଠାଇବା ପାଇଁ ୱାର୍ଡ ସଭ୍ୟ ଅଜୟ ବଳ ଓ ଗ୍ରାମବାସୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

## ସାକ୍ଷୀଗୋପାଳ ମନ୍ଦିରରେ ଝୁଲଣଯାତ୍ରା



ସାକ୍ଷୀଗୋପାଳ ମନ୍ଦିରରେ ଝୁଲଣ ଯାତ୍ରା ଆରମ୍ଭ।

ସାକ୍ଷୀଗୋପାଳ, ୨୧।୮(ଡି.ଏନ୍.ଏ.)

ପ୍ରତିବର୍ଷ ପରି ଶ୍ରାବଣ ମାସ ଶୁକ୍ଳପକ୍ଷ ଦଶମୀ ଠାରୁ ସାକ୍ଷୀଗୋପାଳ ଠାକୁରଙ୍କ ସପ୍ତାହ ବ୍ୟାପୀ ଝୁଲଣଯାତ୍ରା ମଙ୍ଗଳବାର ଆରମ୍ଭ ହୋଇଛି। ଏଥିପାଇଁ ଝୁଲଣ ମଣ୍ଡପରେ ସୁସଜ୍ଜିତ ଝଲମଲ କୁଞ୍ଜ ସଜା ଶେଷ ହୋଇଛି। ଝୁଲଣ କୁଞ୍ଜରେ ବିଜେ ପ୍ରତିମା ମଦନ ମୋହନ ବିଜେ କରିବା ପରେ ଯାତଭୋଗ, ଆଳତି ଓ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ଚକମକ ଜରି, ଜମ୍ଭୁରା, ଝୁମୁକି, ଝରା, କାଗଜ ଓ ସୋଲରେ ପ୍ରସ୍ତୁତ କରାଯାଇଥିବା ସେବତି, କଦମ୍ବ, ଅଷ୍ଟଦଳ ପଦ୍ମଫୁଲ, ଡାଳି ଓ ଲତା, ସୁଆ, ସାରି, ବଗ, ବଣି, ପାରା, କାକତୁଆ, ଓଲଟସୁଆ, ହଳଦିବସନ୍ତ, ସଖୀ, ରୋହିଣୀ, ଯଶୋଦା, କୃଷ୍ଣ, ବଳରାମ, ଭୀମ ଓ ଦୁଃଶାସନଙ୍କ ମୂର୍ତ୍ତି ଖଞ୍ଜାଯାଇଛି। ଝୁଲଣ ମଣ୍ଡପକୁ ରଙ୍ଗବେରଙ୍ଗ ଆଲୋକ ମାଳାରେ ସଜ୍ଜିତ କରାଯାଇଛି। ସନ୍ଧ୍ୟାରେ ଗୋଟିପୁଅ ନୃତ୍ୟ ଦେଖିବାକୁ ଶ୍ରଦ୍ଧାଳୁମାନଙ୍କର ଗହଳି ଜମୁଛି।

■ ପ୍ରେମରେ ବିଫଳ ହେବାରୁ

## ଫେସ୍‌ବୁକରେ ମିଥ୍ୟା ଆକାଉଣ୍ଟ ଖୋଲି ନାବାଳିକାଙ୍କୁ ବ୍ଲାକମେଲ

ଭୁବନେଶ୍ୱର, ୨୧।୮(ବ୍ୟୁରୋ)–

ପ୍ରେମରେ ବିଫଳ ହେବାରୁ ଜଣେ ଯୁବକ ନାବାଳିକାଙ୍କ ନାମରେ ଫେସ୍‌ବୁକରେ ମିଥ୍ୟା ଆକାଉଣ୍ଟ ଖୋଲି ତାଙ୍କୁ କଲଗର୍ଲ ଦର୍ଶାଇ ବ୍ଲାକମେଲ କରିଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ଖଣ୍ଡଗିରି ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖିଛି। ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ପୋଲିସ ଘଟଣାର ଆପୋସ ସମାଧାନ କରିବାକୁ ପ୍ରବର୍ତ୍ତାଉଥିବା ନାବାଳିକାଙ୍କ ପରିବାର ଲୋକେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ଖଣ୍ଡଗିରି ଥାନା ଅଧୀନ ଢୁମୁଢୁମା ଅଞ୍ଚଳର ସମ୍ପୃକ୍ତ ନାବାଳିକା ଦଶମ ଶ୍ରେଣୀରେ ପଢୁଥିବାବେଳେ ଅଭିଯୁକ୍ତ ଜଣକ ତାଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ। ପରେ ତାଙ୍କୁ ପ୍ରେମ ନିବେଦନ କରିଥିଲେ। ନାବାଳିକା ଜଣକ ତାଙ୍କୁ ବାରଣ କରିଥିଲେ। ଏଥିରେ ଯୁବକ ଜଣକ ପ୍ରତିଶୋଧ ପରାୟଣ ହୋଇ ତାଙ୍କ ନାମରେ ଫେସ୍‌ବୁକରେ ଏକ ଆକାଉଣ୍ଟ ଖୋଲିଥିଲେ। ସେଥିରେ ତାଙ୍କ ଫଟୋ ଏବଂ ଫୋନ ନମ୍ବର ଦେଇଥିଲେ। ୫୦୦ ଟଙ୍କା ଦେଇ ଇଚ୍ଛୁକ ବ୍ୟକ୍ତିମାନେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଉକ୍ତ ନମ୍ବରରେ ଯୋଗାଯୋଗ କରିବା ଲାଗି ପୋଷ୍ଟ କରିଥିଲେ। ଏପରି କି ଅଭିଯୁକ୍ତ ଜଣକ ତାଙ୍କ ପରିବାରର ମହିଳାଙ୍କ ନାମ ଉଲ୍ଲେଖ କରି ୧୫ରୁ ଅଧିକ ଅଶ୍ଳୀଳ ପୋଷ୍ଟ କରିଥିଲେ। ନାବାଳିକା ଏବଂ ତାଙ୍କ ପରିବାର ଲୋକଙ୍କୁ ବିଭିନ୍ନ ନମ୍ବରରୁ କଲ୍ ଆସିବା ପରେ ଘଟଣା ବିଷୟରେ ସେମାନେ ଜାଣିବାକୁ ପାଇଥିଲେ। ଏ ନେଇ ଗତ ୯ତାରିଖରେ ପରିବାର ପକ୍ଷରୁ ଖଣ୍ଡଗିରି ଥାନା ଏବଂ ପରେ ମହିଳା ଥାନାରେ ଅଭିଯୋଗ କରାଯାଇଥିଲା। କୌଣସି ସୁଫଳ ନ ମିଳିବାରୁ ସେମାନେ କଟକ ସାଇବର ଥାନାରେ ଅଭିଯୋଗ କରିଥିଲେ। ସାଇବର ଥାନା ପୋଲିସ ଅଭିଯୁକ୍ତଙ୍କ ମୋବାଇଲ ନମ୍ବର ଟ୍ରେସ କରି ଖଣ୍ଡଗିରି ଥାନାକୁ ଜଣାଇଥିଲା। ଏହାପରେ ପୋଲିସ ଅଭିଯୁକ୍ତଙ୍କୁ ଧରି ଥାନାରେ ଅଟକ ରଖିଛି। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏ ସମ୍ପର୍କରେ ଜାଣିବା ଲାଗି ଥାନା ଅଧିକାରୀ ହିମାଂଶୁ ସ୍ୱାଇଁଙ୍କୁ ଫୋନ କରି ଯୋଗାଯୋଗ କରାଯିବାକୁ ଉଦ୍ୟମ ହୋଇଥିଲେ ମଧ୍ୟ ସେ ତାହାର ଉତ୍ତର ଦେଇ ନ ଥିଲେ।



ଅପରିଣାମଦର୍ଶିତାର ଫଳ ସର୍ବଦା ବିସ୍ମୟ ହୋଇଥାଏ।
-ସେନେକା

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ବାପ ମୃତ, ପୁଅ ଗୁରୁତର

**ଖୋର୍ଦ୍ଧା ଅଫିସ,୨୧।୮:** କଲିକତା-ଚେନ୍ନାଇ ୧୬ ନଂ. ଜାତୀୟ ରାଜପଥର ଖୋର୍ଦ୍ଧା ଟାଉନ ଥାନା ଶିକ୍ଷାଞ୍ଚଳ ଫାଣ୍ଡି ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ଅଜଣା ଗାଡି ଧକ୍କାରେ ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଅ ଗୁରୁତର ହୋଇଛନ୍ତି। ମୃତକ ହେଲେ କାଳନ୍ଦୀ ପରିଡା (୪୭)। ଘର କଟକ ଜିଲା ନିଆଳି ଥାନା ବରିମୁଣ୍ଡେଇ ଗାଁରେ। ଆହତ ସୌମ୍ୟରଞ୍ଜନ(୧୮) ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ଶିକ୍ଷାଞ୍ଚଳ ଫାଣ୍ଡି ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ନଂ. ୩୩୪/୧୮ରେ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି। ପୂର୍ବାହ୍ନ ୧୧ଟାରେ ବରିମୁଣ୍ଡେଇ ଗାଁର କାଳନ୍ଦୀ ଓ ପୁଅ ସୌମ୍ୟ ବାଇକ୍ ଯୋଗେ ବନ୍ଧୁ ଘରକୁ ଯାଉଥିବା ବେଳେ ପଛ ପାର୍ଶ୍ୱରୁ ଏକ ଅଜଣା ଗାଡି ବାପପୁଅଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା।

### କୁଏଟ୍‌ରୁ ଓଡ଼ିଆ ଶ୍ରମିକଙ୍କ ମୃତଦେହ ଫେରିଲା

**ଖୋର୍ଦ୍ଧା ଅଫିସ,୨୧।୮:** କୁଏଟ୍‌ରୁ ଓଡ଼ିଆ ଶ୍ରମିକ ସନ୍ତୋଷ ପ୍ରଧାନ(୩୬)ଙ୍କ ମୃତଦେହ ଖୋର୍ଦ୍ଧା ଜିଲା ବାଣପୁର ଥାନା ଆଙ୍କୁଲାପଦର ଗାଁକୁ ମଙ୍ଗଳବାର ଫେରିଛି। ପ୍ରାୟ ୧୦ ମାସ ପୂର୍ବେ କୁଏଟ୍ ଯାଇଥିବା ସନ୍ତୋଷଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହକୁ ଏକ ପରିତ୍ୟକ୍ତ ଘରୁ କୁଏଟ୍ ପୋଲିସ କିଛିଦିନ ପରେ ଉଦ୍ଧାର କରିଥିଲା। ତେବେ ଏହା ହତ୍ୟା କିମ୍ବା ଆତ୍ମହତ୍ୟା ସ୍ପଷ୍ଟ ହୋଇପାରିନାହିଁ। ପରିବାର ସଦସ୍ୟଙ୍କ ଅନୁରୋଧକ୍ରମେ କମ୍ପାନୀ କର୍ତ୍ତୃପକ୍ଷ ସେଠାରେ କାର୍ଯ୍ୟରତ ବାଣପୁର ସାପହନ୍ତୁଆଡ ଗ୍ରାମର ଦେବାଶିଷ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସନ୍ତୋଷଙ୍କ ମୃତଦେହ ପଠାଇଛନ୍ତି। ସନ୍ତୋଷଙ୍କ ମୃତ୍ୟୁର ଠିକ୍ କାରଣର ତଦନ୍ତ କରାଯିବା ସହ ବକେୟା ପ୍ରାପ୍ୟ ପାଇବା ପାଇଁ ସ୍ତ୍ରୀ ଓ ମା' ଜିଲା ପ୍ରଶାସନ ସହ ଲୋକ ପ୍ରତିନିଧିମାନଙ୍କୁ ଅନୁରୋଧ କରିଛନ୍ତି।

### ଜିଲାପାଳଙ୍କୁ ଭେଟିଲେ ଜିଲା ଓକିଲ ସଂଘର ସଦସ୍ୟ

**ଖୋର୍ଦ୍ଧା ଅଫିସ,୨୧।୮:** ପୂର୍ଣ୍ଣାଙ୍ଗ ଖୋର୍ଦ୍ଧା ଜିଲାର ମାନ୍ୟତା ପାଇଁ ଖୋର୍ଦ୍ଧା ଜିଲା ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ ୯ମ ଦିନରେ ପହଞ୍ଚିଛି। ଏଭଳିସ୍ଥଳେ ମଙ୍ଗଳବାର ଆଇନଜୀବୀମାନେ ଜିଲାପାଳଙ୍କୁ ଭେଟି ଭୁବନେଶ୍ୱରରୁ ବିଭିନ୍ନ ଜିଲାସ୍ତରୀୟ ଅଫିସ ଫେରାଇ ଆଣିବାରେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ଦାବି ହାସଲ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି। ଅନ୍ୟପକ୍ଷେ ୨୪ରେ ବିଭିନ୍ନ ସଙ୍ଗଠନ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ। ପ୍ରକାଶ ଯେ, ଜିଲାବାସୀଙ୍କ ସୁବିଧା ପାଇଁ ଜିଲା ସଦର ମହକୁମାକୁ ସବୁ ଜିଲାସ୍ତରୀୟ କୋର୍ଟ ଓ ଅଫିସ ଫେରିବା ଦାବିରେ ଆଇନଜୀବୀଙ୍କ ପକ୍ଷରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଛି।

ମନ୍ଦିର ଭଙ୍ଗାକୁ ଗ୍ରାମବାସୀଙ୍କ ବିରୋଧ

### ଉଚ୍ଛେଦ ନ କରି ଫେରିଲା ପ୍ରଶାସନ

ଖୋର୍ଦ୍ଧା ଅଫିସ,୨୧।୮: ଚିଲିକା ତହସିଲ ଆଙ୍କୁଲା ପଞ୍ଚାୟତର ଚିଲିକା ତଟବର୍ତ୍ତୀ କାଲୁରୀ ନୂଆସାହିରେ ରଘୁନାଥ ମନ୍ଦିର ଉଚ୍ଛେଦକୁ ନେଇ ଗ୍ରାମବାସୀଙ୍କ ବିରୋଧ ପରେ ମଙ୍ଗଳବାର ପ୍ରଶାସନ ଫେରି ଆସିବାକୁ ବାଧ ହୋଇଛି। ନୂଆସାହିରେ ବ୍ୟକ୍ତିଗତ ଜମିରେ ରଘୁନାଥ ମନ୍ଦିର ନିର୍ମାଣ ହୋଇଛି ବୋଲି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଚିଲିକା ତହସିଲଦାର, ବାଲୁଗାଁ ଥାନା ଅଧିକାରୀ, ବାଲୁଗାଁ ଏସ୍‌ଡିପିଓ ଓ ୧ ପ୍ଲାଟୁନ ଫୋର୍ସ ପହଞ୍ଚି ମନ୍ଦିର ଭାଙ୍ଗିବାକୁ ପ୍ରୟାସ କରିଥିଲେ।

### ପୋଖରୀରେ ରାଜହଂସ ଦଳ

**ଖୋର୍ଦ୍ଧା ଅଫିସ,୨୧।୮:** ବାଣପୁର ବ୍ଲକ ଗାଲୁଆ ପଞ୍ଚାୟତର ଭୀମପୁର ବଡପୋଖରୀ ରାଜହଂସ ଦଳରେ ଭର୍ତ୍ତି ହୋଇରହିଛି। ଏହାର ପାଣି ନାଲି ରଙ୍ଗର ହୋଇ ଅପରିଷ୍କାର ହୋଇପଡିଛି। ଯାହାକୁ ବ୍ୟବହାର କରି ହେଉନାହିଁ। ପୋଖରୀରର ପୁନରୁଦ୍ଧାର ପାଇଁ ଦୀର୍ଘବର୍ଷ ଧରି ଦାବି ହୋଇ ଆସୁଥିଲେ ବି ବ୍ଲକ କର୍ତ୍ତୃପକ୍ଷ ଅଣଦେଖା କରି ଆସୁଛନ୍ତି। ପୂର୍ବରୁ ପୋଖରୀରେ ମାଛ ଚାଷ ହେଉଥିଲା। ଗ୍ରାମବାସୀଙ୍କ ଅଭିଯୋଗ ପରଠାରୁ ପ୍ରାୟ ୮ବର୍ଷ ହେଲା ନିଲାମ ଓ ରକ୍ଷଣାବେକ୍ଷଣ ସ୍ଥଗିତ ରହିଛି।

■ ଗାଁ ଲୋକେ ବନ୍ଦ କରାଇଲେ ବେଆଇନ ଖଣିଖନନ

# ଖଣି ପୋତିଲେ, ଗଛ ଲଗାଇଲେ

**ଖୋର୍ଦ୍ଧା ଅଫିସ,୨୧।୮**

ଖୋର୍ଦ୍ଧା ଜିଲା ଟାଙ୍ଗୀ ତହସିଲ ରାମଚନ୍ଦ୍ରପୁର ପଞ୍ଚାୟତର ଝରିଆ ଗାଁରେ ଆଉ ଖଣି ମାଫିଆଙ୍କ ରାଜୁତି ଚାଲୁନି। ଗାଁଲୋକ ଏକଜୁଟ୍ ହୋଇ ବେଆଇନ ଖଣିଖନନକୁ ବନ୍ଦ କରାଇ ଦେଇଛନ୍ତି। ଏପରି କି ଗାଁ କମିଟି ନିଷ୍ପତ୍ତି ଅନୁସାରେ ଖଣି ପୋତା ଆରମ୍ଭ ହୋଇଛି। ଏକ ୨୫ ଫୁଟର ଖଣିକୁ ଗାଁ ଲୋକ ସୋମବାରଠାରୁ ପୋତିବା ଆରମ୍ଭ କରି ଗଛ ଲଗାଇଛନ୍ତି। ସ୍ଥାନୀୟ ଗ୍ରାମବାସୀଙ୍କ ପ୍ରୟାସ ସ୍ୱାଗତଯୋଗ୍ୟ। ଯାହାକି ଜିଲାର ଅନ୍ୟ ବାସିନ୍ଦାଙ୍କ ପାଇଁ ସେମାନେ ମାର୍ଗଦର୍ଶକ ହେବେ।

ଖୋର୍ଦ୍ଧା ଜିଲା ପ୍ରଶାସନ ମାଙ୍କଡା ପଥର ଖଣିକୁ ଲିଜ ଦେବା ପ୍ରାୟ ୬ ବର୍ଷ ହେଲା ବନ୍ଦ କରି ଦେଇଛନ୍ତି। ଏହାଦ୍ୱାରା ଖୋର୍ଦ୍ଧା ଜିଲାର ବିଭିନ୍ନ ଗାଁ ସମେତ ଝରିଆ ଗାଁର ଆଖପାଖ ଅଞ୍ଚଳରେ ଖଣି ମାଫିଆଙ୍କ ଉତ୍ପାତ ବଢ଼ି ଚାଲଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଲୋକ ଦେଖାଣିଆ ଚଢ଼ାଉ ଏହାକୁ ରୋକି ପାରୁନି। ବେଆଇନ ଖଣି ଖନନ ରୋଜଗାରର ମାଧମ ପାଲଟିଛି। ଏଠାର ସରକାରୀ ଜମିରେ ବେଆଇନ ଭାବେ ଖଣି ଖନନ ଚାଲିଥିଲା। ସେହିପରି ବେସରକାରୀ ଭାବେ କବଲତି ପ୍ଲଟରେ ଜମି ମାଲିକଙ୍କୁ ହାତ କରି ପଥର ଖନନ ଚାଲିଥିଲା। ଗାଁର ଆଖପାଖ ଅଞ୍ଚଳରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଖଣି ପୋଖରୀ ସୃଷ୍ଟି ହୋଇ ସାରିଥିଲା। ସେହିପରି ବହୁ ସ୍ଥାନରେ ଛୋଟ ଛୋଟ ଖଣି ମଧ୍ୟ ସୃଷ୍ଟି ହୋଇଛି। ଖଣି ପୋଖରୀରେ ଗୃହପାଳିତ ପଶୁ ତ କେତେବେଳେ ମଣିଷ ପଡି ପ୍ରାଣ ହରାଉଛନ୍ତି। ଗାଁଲୋକ ଖଣି ମାଫିଆଙ୍କୁ ପ୍ରତିବାଦ କଲା ପରେ ସୁଫଳ ମିଳି ନ ଥିଲା। ଏପରିକି ତହସିଲଦାର, ଉପଜିଲାପାଳ, ଜିଲାପାଳଙ୍କ ନିକଟରେ ଖଣି ମାଫିଆଙ୍କ ବିରୋଧରେ ଅଭିଯୋଗ ପରେ ବି ସୁଫଳ ମିଳି ନ ଥିଲା। ବରଂ ଖଣିମାଫିଆମାନେ ଟାର୍ଗେଟ କରି ଅଭିଯୋଗକାରୀଙ୍କୁ ମାରପିଟ ଓ ବିଭିନ୍ନ ପ୍ରକାରର ହଇରାଣ କରି ଆସୁଥିଲେ। ଶେଷରେ ଗାଁଲୋକ ଏକଜୁଟ୍ ହୋଇଛନ୍ତି। ପଥର ମାଫିଆକୁ ଖଣି ଖନନ ନ କରିବାକୁ ଚେତାବନୀ ଦେଲେ। ନିଜ ଜମିରେ ଆଉ ଖଣି ଖନନ କରିବାକୁ ମାଫିଆକୁ ଦେବେନାହିଁ ବୋଲି ନିଷ୍ପତ୍ତି ନେଲେ। ପରେ ଖଣି ପୋତି ଗଛ ଲଗାଇବା କାର୍ଯ୍ୟ ସୋମବାରଠାରୁ ଆରମ୍ଭ କରିଛନ୍ତି।



ଝରିଆ ଗାଁର ଲୋକମାନେ ଖଣିକୁ ପୋତୁଛନ୍ତି।

### ୩୦ ଖଣି ନିଲାମ ହେବ

ପଥର ମାଫିଆଙ୍କୁ ଲଗାମ ଦେବାକୁ ଟାଙ୍ଗୀ ତହସିଲ ପକ୍ଷରୁ ୩୦ ଖଣି ଲିଜ୍ ଦିଆଯିବାକୁ ପ୍ରୟାସ ଜାରି ରହିଛି। ଖଣି ଲିଜ୍ ଦେବା ପରେ ବେଆଇନ ଖଣି ଉତ୍ତୋଳନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ସୁବିଧା ହେବ ବୋଲି ପ୍ରଶାସନ ଅନୁଭବ କରିବା ପରେ ଏହି ପଦକ୍ଷେପ ନେଇଥିବା ଜଣାପଡିଛି। ଏ ନେଇ ଟାଙ୍ଗୀ ତହସିଲଦାର ଆଶିଷ ଜେନା କୁହନ୍ତି, ପ୍ରାଥମିକ ପର୍ଯ୍ୟାୟରେ ୩୦ ଖଣି ନିଲାମ ଦେବାର ପ୍ରସ୍ତାବ ରହିଛି। ଏ ନେଇ ଉପଜିଲାପାଳଙ୍କ ପାଖକୁ ଫାଇଲ ପଠାଯାଇଛି। ସ୍ୱୀକୃତି ମିଳିବା ପରେ ପଦକ୍ଷେପ ନିଆଯିବ। ଟାଙ୍ଗୀରେ ସରକାରୀ ଓ ବେସରକାରୀ ଭାବେ ଘର ପଥରରେ ନିର୍ମାଣ ହେଉଛି। ଏଠାରେ ଇଟା ନିର୍ମାଣ କରି ଘର କରିବା ସହଜ ନୁହେଁ। ଚୋରା ଖଣିକୁ ବନ୍ଦ କରିବାକୁ ହେଲେ ଖଣି ନିଲାମ ଦେବାକୁ ପଡିବ। ଏପରିସ୍ଥଳେ ତହସିଲ ଅଞ୍ଚଳରେ ବାରମ୍ବାର ଚଢ଼ାଉ ସତ୍ତ୍ୱେ ଖଣି ମାଫିଆଙ୍କୁ ରୋକି ହେଉନି। ଝରିଆ ଗାଁର ଲୋକେ ଖଣିଖନନକୁ ବିରୋଧ କରି ପୋତିବା ଓ ଗଛ ଲଗାଇବା କାର୍ଯ୍ୟକୁ ତହସିଲ ପକ୍ଷରୁ ସ୍ୱାଗତ କରାଯାଇ ସହଯୋଗ କରାଯାଇଛି। ସେମାନଙ୍କର ଅଭିନବ କୌଶଳକୁ ତହସିଲର ବିଭିନ୍ନ ଅଞ୍ଚଳରେ କରାଯିବ। ତେବେ ସରକାରୀ ଅନୁଦାନକୁ ଦେଖି ଏହି କାର୍ଯ୍ୟ ଆରମ୍ଭ କରାଯିବ। ଅନ୍ୟପକ୍ଷେ ନିଲାମ ଖଣି ମାଲିକ ନିଜ ଖର୍ଚ୍ଚରେ ଖଣି ପୋତିବାର ବ୍ୟବସ୍ଥା ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

## ଡକାୟତି ଯୋଜନା ପଣ୍ଡ, ୪ ଗିରଫ




ଗିରଫ ଚାରି ଡକାୟତ।

**ଜଟଣୀ,୨୧।୮(ଡି.ଏନ.ଏ.)**

ଡକାୟତି ଯୋଜନା କରୁଥିବା ବେଳେ ଜଟଣୀ ଥାନା ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ସ୍ଥାନୀୟ ରେଡଟଙ୍ଗ କଲୋନୀସ୍ଥିତ ଏକ ପଡ଼ିଆରୁ ସୋମବାର ବିଳମ୍ବିତ ରାତିରେ ଏମାନଙ୍କୁ ଧରାଯାଇଛି। ଗିରଫ ୪ ଅଭିଯୁକ୍ତହେଲେ ଶେକ୍ ରାଜାଉଲ୍ଲା(୧୯), ଇମାମ୍ ଖାନ୍ ଓରଫ୍ ଆଶିକ୍ (୨୧), ଶଙ୍କର ଦାସ ଓରଫ ପଣ୍ଡି(୨୩) ଓ ମହେଶ୍ୱର ଦାସ(୧୯)। ସେମାନଙ୍କଠାରୁ ୬ଟି ବୋମା, ଦୁଇଟି ଖଣ୍ଡା, ଲୁହାରଡ, ଦୁଇଟି ବାଇକ୍, ୫ଟି ମୋବାଇଲ ଫୋନ ଜବତ କରାଯାଇଛି। ଚଢ଼ାଉ ସମୟରେ ଉପସ୍ଥିତ ଥିବା ଜଣେ ଅପରାଧୀ ତଥା ବ୍ରାଉନ୍‌ସୁଗାର ବେପାରୀ ଖସିଯିବାରେ ସକ୍ଷମ ହୋଇଥିବା ଇନ୍ସପେକ୍ଟର ସଞ୍ଜୀବ ମହାନ୍ତି କହିଛନ୍ତି। ଗିରଫ ଅଭିଯୁକ୍ତମାନେ ବିଭିନ୍ନ ଆପରାଧିକ ମାମଲାରେ ପୂର୍ବରୁ ସମ୍ପୃକ୍ତ ଥିବା ପୋଲିସ କହିଛି।

## ସଂସ୍କୃତ ଟୋଲ ଜମିରେ ଦୋକାନ ଘର



ନିର୍ମାଣାଧୀନ ଦୋକନ ଘର।

**ଖୋର୍ଦ୍ଧା ଅଫିସ,୨୧।୮**

ଖୋର୍ଦ୍ଧା ଜିଲା ସଦର ମହକୁମାର ନୟାଗଡ ରୋଡରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ କଡରେ ରହିଛି ସଂସ୍କୃତ ଟୋଲ। ଟୋଲ କାର୍ଯ୍ୟକ୍ଷମ ନ ଥିବାବେଳେ ଏହାର ଜମି ଜବରଦଖଲ କରାଯାଇ ଦୋକାନ ଘର ନିର୍ମାଣ ହୋଇଥିଲା। ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇ ସମ୍ମୁଖ ଭାଗରେ ଗତ କିଛିଦିନ ତଳେ ପ୍ରାଚୀର ନିର୍ମାଣ କରାଯାଇଥିଲା। ତେବେ ପୂର୍ବ ପାଖ କରାଯାଇ ନ ଥିଲା। ଏବେ ପୂର୍ବପାର୍ଶ୍ୱରେ ପୁଣି ଦୋକାନ ଘର ନିର୍ମାଣ କରାଯିବା ଆରମ୍ଭ କରାଯାଉଛି। ଏହାକୁ ପ୍ରଶାସନ ପକ୍ଷରୁ ବିରୋଧ କରାଯାଉନି। ଏହା ଏକ ମୂଲ୍ୟବାନ ଜମି ହୋଇଥିବାବେଳେ ଜବରଦଖଲକୁ କିପରି ପ୍ରଶାସନ ଚୁପ ରହୁଛି ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି।

## ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଡେଙ୍ଗୁ ସଚେତନତା ବୈଠକ

**ବେଗୁନିଆ,୨୧।୮ (ଡି.ଏନ.ଏ.)**

ବର୍ଷା ଋତୁ ଆସିଲେ ସାଧାରଣତଃ ଲୋକମାନଙ୍କୁ ବିଭିନ୍ନ ରୋଗ ଆକ୍ରାନ୍ତ କରିଥାଏ। ବିଶେଷ କରି ଡେଙ୍ଗୁ, ଡାଇରିଆ ଓ ମ୍ୟାଲେରିଆ ରୋଗରେ ପୀଡିତ ହୋଇଥାନ୍ତି। ବେଗୁନିଆ ବ୍ଲକରେ ଡେଙ୍ଗୁ ରୋଗରେ ଲୋକେ ଆକ୍ରାନ୍ତ ହେଲେଣି। ରୋଗର କାରଣ ଓ ନିରାକରଣ ପାଇଁ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପକ୍ଷରୁ ଗାଁ ଗାଁ ବୁଲି ସଚେତନତା ସୃଷ୍ଟି କରାଯିବା କଥା। ମାତ୍ର ତାହା ଠିକ୍ ଭାବେ ପାଳନ କରାଯାଉନାହିଁ। ଏ ପରିପ୍ରେକ୍ଷୀରେ ବଡବେରଣା ଓ ତଳଗଡ ଗ୍ରାମରେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ବିଭାଗର ଚେତା ପଶିଛି। ମଙ୍ଗଳବାର ଉଭୟ ଗ୍ରାମକୁ ସ୍ୱାସ୍ଥ୍ୟକର୍ମୀମାନେ ଯାଇ ସଚେତନତା ବୈଠକ କରାଇଛନ୍ତି। ବଡବେରଣା ପଞ୍ଚାୟତ ପରିସରରେ ସ୍ୱାସ୍ଥ୍ୟ କର୍ମଚାରୀ ପ୍ରଭାସିନୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବୈଠକ କରିଥିଲେ। ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଯୁଧିଷ୍ଠିର ଦେବତା, ଦେବରାଜ ମହାନ୍ତି ଓ ସନ୍ତୋଷ ସାହୁଙ୍କ ସହ ମହିଳା ସ୍ୱାସ୍ଥ୍ୟ କର୍ମୀ ସ୍ୱପ୍ନଲତା ସାହୁ ଯୋଗ ଦେଇଥିଲେ। ଗ୍ରାମର ମହିଳା, ବୁଦ୍ଧିଜୀବୀଙ୍କ ସହ ଅଙ୍ଗନୱାଡି ଓ ଆଶା କର୍ମୀମାନେ ଉପସ୍ଥିତ ଥିଲେ। ସେହିପରି ତଳଗଡ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସଚେତନତା ବୈଠକ ହୋଇଥିଲା। ଶିକ୍ଷକ ଅଖିଳେଶ ମହାପାତ୍ରଙ୍କ ସଭାପତିତ୍ୱରେ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଦେବରାଜ ମହାନ୍ତି, ମହିଳା ସ୍ୱାସ୍ଥ୍ୟ କର୍ମୀ ବନ୍ଦନା ପାତ୍ର, ସ୍ୱାସ୍ଥ୍ୟ କର୍ମୀ ସନ୍ତୋଷ ମହାନ୍ତିଙ୍କ ସହ ଆଶା ଓ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ବର୍ଷା ଋତୁରେ ଆମେ ବସବାସ କରୁଥିବା ଘର ଚାରି ପାଖରେ ଗଦା ହୋଇ ରହିଥିବା ଅଳିଆ ସହ ଜମା ହୋଇ ରହିଥିବା ଆବର୍ଜନ ଜଳରେ ହିଁ ମଶା ବଂଶ ବିସ୍ତାର କରିଥାନ୍ତି। ବିଶେଷକରି ବୁଦୁବୁଦିଆ ସ୍ଥାନରେ ମଶା ବାସ କରି ରହିଥାଏ। ସାଧାରଣତଃ ଏହି ମଶା ଭୋର ୪ ଟାରୁ ସକାଳ ୭ଟା ମଧ୍ୟରେ ଲୋକମାନଙ୍କୁ କାମୁଡିଥାଏ। ଫଳରେ ଡେଙ୍ଗୁ ଜ୍ୱର ହୋଇଥାଏ। ତେବେ ଆମେ ସମସ୍ତେ ନିଧିବୁଡାଙ୍କ ବାର୍ତ୍ତାକୁ ପାଳନ କରି ପରିବେଶକୁ ସଫା ସୁତୁରା କରିବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।



ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟ କର୍ମଚାରୀ, ଅଙ୍ଗନୱାଡି ଓ ଆଶା କର୍ମୀମାନେ।

## ସଙ୍କୁଳସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଯୋଗଦେଲେ ୧୦ ଶିଶୁ ମନ୍ଦିରର ପିଲା

**ଖୋର୍ଦ୍ଧା ଅଫିସ,୨୧।୮**

କଳାପଥର ଧଳାପଥର ହାଇସ୍କୁଲ ଖେଳପଡିଆରେ ରାଜ ସୁନାଖଳା ସଙ୍କୁଳସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଧଳାପଥର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସହଯୋଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୦ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରାତଃ ସମୟରେ କଳାପଥରସ୍ଥ କପିଳେଶ୍ୱର ମହାଦେବଙ୍କ ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରା ଖେଳପଡିଆରେ ପହଞ୍ଚିଲା ପରେ ଇଣ୍ଡିଆନ ରେୟର ଆର୍ଥର ଅବସରପ୍ରାପ୍ତ କର୍ମଚାରୀ ମାଧବ ଚନ୍ଦ୍ର ଦାସ କ୍ରୀଡା ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଶିକ୍ଷୟିତ୍ରୀ ତୃପ୍ତିମୟୀ ସାହୁଙ୍କ ପରିଚାଳନାରେ ଲମ୍ଫଡିଆ, ଉଚ୍ଚଡିଆଁ, ଲମ୍ବଦୌଡ, ଗୋଳା ଫିଙ୍ଗା, ଥାଳିଆ ଫିଙ୍ଗା, ବର୍ଛା ଫିଙ୍ଗା, ହାମର ଫିଙ୍ଗା ଇତ୍ୟାଦି ଭିଭାଗରେ ୧୩୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଶିକ୍ଷାବିତ ହରିହର ଦାସଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜସୁନାଖଳା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ଅବିନାଶ ଚୌଧୁରୀ, ରାଜା ରଣପୁର ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ଶିଲା ଶୁଭାଙ୍ଗୀ ପଟ୍ଟନାୟକ, ଛାତ୍ର ନିଖିଳ ବେହେରା ଓ କଡବ ଶିଶୁ ମନ୍ଦିର ଛାତ୍ରୀ ସୁପ୍ରିୟା ପୃଷ୍ଟିଙ୍କୁ ଚଳିତବର୍ଷର କିଶୋରବର୍ଗ ଓ ବାଲବର୍ଗ ଚାମ୍ପିୟନ ହୋଇଥିଲେ।

## ସ୍ୱୟଂସହାୟକ ଗୋଷ୍ଠୀର ପ୍ରଶିକ୍ଷଣ



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ମହିଳାମାନେ।

**କୃଷ୍ଣପ୍ରସାଦ,୨୧।୮(ଡି.ଏନ.ଏ.)**

କୃଷ୍ଣପ୍ରସାଦ ବ୍ଲକର ମାଲୁଦ (ବି) ଅଙ୍ଗନୱାଡି କେନ୍ଦ୍ର ପରିସରରେ ମଙ୍ଗଳବାର ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳନା ସମ୍ବନ୍ଧୀୟ ଏକ ଦିନିକିଆ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ମହିଳା ଶିଶୁବିକାଶ ଅଧିକାରିଣୀ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କର୍ମଶାଳାରେ ମୁଖ୍ୟସେବିକା ଦୀପ୍ତିମୟୀ ଦଣ୍ଡପାଟ ଉପସ୍ଥିତ ଥିଲେ । ଗୋଷ୍ଠୀ ଗଠନ, ଗୋଷ୍ଠୀ ଗଠନର ଲକ୍ଷ୍ୟ ଓ ସଞ୍ଚୟ ଆଦି ଉପରେ ୩ ଗ୍ରୁପର ୩୦ଜଣ ମହିଳାଙ୍କୁ ମାଲୁଦ ଅଙ୍ଗନୱାଡି କର୍ମୀ ନମିତା ପଟ୍ଟନାୟକ ତାଲିମ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରକୁଣା ପାହାଣ, ଦୁଃଖି ଦାସ, ଅଞ୍ଜୁ ପାହାଣ ଓ ଅନସୂୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଚନ୍ଦକା-ଗଙ୍ଗପଡ଼ା ରାସ୍ତାରେ ସିଟିବସ୍ ଚଳାଚଳ ପାଇଁ ଦାବି

**ଜଟଣୀ,୨୧।୮(ଡି.ଏନ.ଏ.)**

ଖୋର୍ଦ୍ଧା ଓ ଭୁବନେଶ୍ୱର ଉପକଣ୍ଠରେ ଥିବା ଛତାବର, ଅଙ୍ଗାରପଡ଼ା, ଗଙ୍ଗପଡ଼ା, ଚନ୍ଦକା, ମେଣ୍ଢାଶାଳ ଆଦି ପଞ୍ଚାୟତବାସୀ ଯାତାୟାତ କରିବା ପାଇଁ କୌଣସି ସରକାରୀ ବା ଘରୋଇ ବସ୍‌ର ସୁବିଧା ଉପଲବ୍ଧ ନାହିଁ। ଫଳରେ ଜଟଣୀ ଓ ଭୁବନେଶ୍ୱର ବ୍ଲକର ଉପରୋକ୍ତ ପଞ୍ଚାୟତର ୪୦ ହଜାରରୁ ଅଧିକ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୈନିକ ବିଭିନ୍ନ କାର୍ଯ୍ୟ ପାଇଁ ଗ୍ରାମବାସୀ ମୁଖ୍ୟତଃ ଖୋର୍ଦ୍ଧା ଓ ଭୁବନେଶ୍ୱର ଉପରେ ନିର୍ଭର କରିଥାନ୍ତି। ତେବେ ଯାତାୟାତ ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ଅଟୋ ହିଁ ଏକମାତ୍ର ଭରସା। ଏହି ପଞ୍ଚାୟତଗୁଡିକରେ ଆଦିବାସୀ ଓ ଦଳିତ ଶ୍ରେଣୀର ବହୁଲୋକ ବସବାସ କରିଥାନ୍ତି। ଗରିବ ଶ୍ରେଣୀର ଏହି ଲୋକମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକ ଖର୍ଚ୍ଚାନ୍ତ ହୋଇ ଖୋର୍ଦ୍ଧା ଓ ଭୁବନେଶ୍ୱରକୁ ଯାତାୟାତ କରୁଛନ୍ତି। ଏଣୁ ଏହି ରୁଟ୍‌ରେ ସିଟିବସ୍ ଚଳାଚଳ କରିବାକୁ ସିପିଆଇ(ଏମ୍) ଖୋର୍ଦ୍ଧା ଜିଲା କମିଟି ସଦସ୍ୟ ନିରଞ୍ଜନ ବେହେରା ଦାବି କରିଛନ୍ତି। ଛତାବର ପୂର୍ବତନ ସରପଞ୍ଚ ବିଷ୍ଣୁ ପ୍ରସାଦ ଡେଙ୍ଗ କୁହନ୍ତି, ସିଟି ବସ୍ ଚଳାଚଳ ପାଇଁ ପୂର୍ବରୁ ଲିଖିତ ଭାବେ ଅଭିଯୋଗ କରାଯାଇଥିଲେ ମଧ୍ୟ ଏଯାବତ କୌଣସି ସୁଫଳ ମିଳିନାହିଁ। ଏଣୁ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସେ ମଧ୍ୟ ଦାବି କରିଛନ୍ତି।

## ଲୋକଙ୍କୁ ସଚେତନ କରାଇଲେ ମହିଳା



ମହିଳାମାନେ ଶୋଭାଯାତ୍ରାରେ ବାହାରି ଲୋକମାନଙ୍କୁ ସଚେତନ କରାଉଛନ୍ତି।

**ଖୋର୍ଦ୍ଧା ଅଫିସ,୨୧।୮**

ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ୧୯ ନଂ. ୱାର୍ଡରେ ମଙ୍ଗଳବାର ମ୍ୟାଲେରିଆ, ଡେଙ୍ଗୁ ଓ ଝାଡାବାନ୍ତି ଭଳି ମାରାତ୍ମକ ରୋଗର ନିରାକରଣ ନେଇ ମଙ୍ଗଳବାର ସଚେତନତା ସୃଷ୍ଟି କରାଯାଇଛି। ମହାବୀର ଆରୋଗ୍ୟ ସମିତି ଓ ମହାଲକ୍ଷ୍ମୀ ମହିଳା ଆରୋଗ୍ୟ ସମିତିର ମିଳିତ ଆନୁକୂଲ୍ୟରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏହାକୁ ପୌରାଧ୍ୟକ୍ଷା ସଞ୍ଜୁକ୍ତା ସାହୁ ଶୁଭାରମ୍ଭ କରିଥିଲେ। ପୌରପରିଷଦ ଉପାଧ୍ୟକ୍ଷ ସଞ୍ଜୟ ସିଂଙ୍କ ନେତୃତ୍ୱରେ ଉଭୟ ସମିତିର ସଦସ୍ୟ ଓ ୱାର୍ଡର ମହିଳାମାନେ ଯୋଗ ଦେଇଥିଲେ। ପରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ୱାର୍ଡ ପରିକ୍ରମା କରିବା ସହ ମହିଳାମାନେ ମ୍ୟାଲେରିଆ,ଡେଙ୍ଗୁ ଓ ଝାଡାବାନ୍ତି ଭଳି ରୋଗର ନିରାକରଣ ନେଇ ପ୍ରଚାର କରିଥିଲେ। ଶେଷରେ ୱାର୍ଡକୁ ସମ୍ପୂର୍ଣ୍ଣ ଆବର୍ଜନା ମକ୍ତ କରିବାକୁ ସମିତିର ମହିଳାମାନେ ଝାଡୁ ମାରି ପରିବେଶକୁ ସଫା କରିଥିଲେ।

■ ବେଗୁନିଆରେ ୪ ଦିନରେ ୪ ଜଣ ଡେଙ୍ଗୁରେ ଆକ୍ରାନ୍ତ

# ବଡ଼ବେରଣାରେ ସ୍ଥିତି ସଙ୍ଗିନ୍, ଲୋକେ ଆତଙ୍କିତ

**ବେଗୁନିଆ,୨୧।୮ (ଡି.ଏନ.ଏ.)**

- ଚେତୁନି ସ୍ୱାସ୍ଥ୍ୟ ବିଭାଗ
- ସଚେତନ ବୈଠକରେ କାମ ଶେଷ
- ବ୍ୟାପକ ହେବା ଆଶଙ୍କା

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ମଙ୍ଗଳବାର ଆଉ ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ବ୍ଲକରେ ଡେଙ୍ଗୁ ରୋଗରେ ୪ ଦିନରେ ୪ ଜଣ ଆକ୍ରାନ୍ତ ହେଲେଣି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବଡବେରଣା ଗ୍ରାମରେ ୩ ଜଣ ଓ ତଳଗଡ ଗ୍ରାମରେ ଜଣେ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ବଡବେରଣା ଗ୍ରାମରେ ଦିନକୁଦିନ ପୀଡିତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଦିନକୁଦିନ ସ୍ଥିତି ସଙ୍ଗିନ ହେବାରେ ଲାଗିଥିବାବେଳେ ଲୋକେ ଆତଙ୍କିତ ହୋଇ ପଡିଛନ୍ତି। ତେବେ ଏହା ଆଗାମୀ ଦିନରେ ବ୍ୟାପକ ରୂପ ନେବ ବୋଲି ଆଶଙ୍କା କରାଯାଉଛି। ଏ ଯାଏ ଡେଙ୍ଗୁ ରୋଗ ବ୍ୟାପୁଥିବା ଗ୍ରାମକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ପକ୍ଷରୁ ନିରାକରଣ ପାଇଁ ପ୍ରତିକାର କରାଯାଇ ନାହିଁ। କୌଣସି ଅଧିକାରୀ ପାଦ ମଧ୍ୟ ଉକ୍ତ ଗାଁରେ ପଡି ନାହିଁ। କେବଳ କୂଅରେ ବ୍ଲିଚିଂ ପାଉଡର ସିଞ୍ଚନ ଓ ସଚେତନତା ବୈଠକରେ କାମ ଶେଷ କରି ଦିଆଯାଇଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ଦେଖା ଦେବା ସହ ସ୍ୱାସ୍ଥ୍ୟ ବିଭାଗ ଅଚିନ୍ତାରେ ଥିବା ଚର୍ଚ୍ଚା ହେଉଛି।

ବ୍ଲକର ବଡବେରଣା ଗ୍ରାମରେ ମଙ୍ଗଳବାର ଜଣେ କଲେଜ ଛାତ୍ର ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିବା ରକ୍ତ ପରୀକ୍ଷାରୁ ଜଣାପଡିଛି। ସେ ହେଲେ ଅବିନାଶ ମହାପାତ୍ର (୧୯)। ଅବିନାଶ ଖୋର୍ଦ୍ଧା ପି.ଏନ. କଲେଜରେ ଅଧ୍ୟୟନ କରୁଛନ୍ତି। ସେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲ ଡେଙ୍ଗୁ ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ସେହିପରି ପୂର୍ବରୁ ଏହି ଗ୍ରାମର ନିଖିଳ ମହାପାତ୍ର ଓ ରେଣୁବାଳା ବାରିକ ଏହି ରୋଗରେ ପୀଡିତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ପୋଡାଡିହ ପଞ୍ଚାୟତ ତଳଗଡ ଗ୍ରାମର ବିଶ୍ୱେଶର ବଳିୟାରସିଂହ (୩୩) ଏହି ରୋଗରେ ଚିହ୍ନଟ ହୋଇ ଚିକିତ୍ସାଧୀନ ଅଛନ୍ତି। ମାତ୍ର ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିବା ପରିବାର ଲୋକଙ୍କଠାରୁ ସୂଚନା ମିଳିଛି। ସୂଚନାଥାଉ କି, ବ୍ଲକ ଅଞ୍ଚଳରେ ପ୍ରତିବର୍ଷ ବର୍ଷା ଋତୁରେ ସ୍ୱାଇନ ଫ୍ଲୁ ଓ ଡେଙ୍ଗୁ ରୋଗରେ ଲୋକେ ପୀଡିତ ହୋଇଥାନ୍ତି। ଚଳିତବର୍ଷ ମଧ୍ୟ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହେଲେଣି। ତେବେ ଜିଲା ଓ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ରୋଗର ପ୍ରତିକାର ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ଦିନକୁଦିନ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେହିପରି ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଗ୍ରାମ ପରିମଳ ସଫେଇ, ଜନ ସଚେତନ ବାର୍ତ୍ତା ଦେବା ସହ ମଶାରି ମଧ୍ୟ ବଣ୍ଟନ କରାଯାଉନାହିଁ। ଅନ୍ୟପକ୍ଷରେ ଘର ଚାରି ପାଖରେ ଡିଡିଟି ସିଞ୍ଚନ ପାଇଁ ନିୟମ ରହିଥିବାବେଳେ ତାହାକୁ ମଧ୍ୟ କେହି ମାନୁନାହାନ୍ତି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଭାରତି ଭୂଷଣ ବରାଳ କୁହନ୍ତି, ଡେଙ୍ଗୁ ରୋଗ ସେଭଳି ମାରାତ୍ମକ ନୁହେଁ। ଲୋକେ ସଚେତନ ହେଲେ ଯାଇ ଏହାର ନିରାକରଣ କରାଯାଇ ପାରିବ। ଉକ୍ତ ଗାଁରେ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟକର୍ମୀଙ୍କୁ ସଜାଗ ରଖାଯାଇଛି।



ଯେ ଅନ୍ୟର ସାହାଯ୍ୟ ନ ଲୋଡ଼ି ନିଜ ଶକ୍ତିର ପୂର୍ଣ୍ଣ ଉପଯୋଗ କରେ ସେ ପ୍ରକୃତ ସଫଳତା ଲାଭ କରେ।
-ଟାସିଟସ୍



## ସଂକ୍ଷେପରେ

### ବିଶ୍ୱ କବିତା ଦିବସ ପାଳିତ

ପୁରୀ ଅଫିସ, ୨୧।୮: ସୃଜନୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଗୋଏଙ୍କା ଧର୍ମଶାଳା ପରିସରରେ ବିଶ୍ୱ କବିତା ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ କବି ପ୍ରଭାତ ଚନ୍ଦ୍ର ରଥ, କାଶୀନାଥ ଖୁଣ୍ଟିଆ, ଅଶୋକ କୁମାର ମହାପାତ୍ର, ଶିକ୍ଷାବିତ୍ ରାମଚନ୍ଦ୍ର ସାହୁ, ସ୍ମିତା ମହାନ୍ତି, କୃଷ୍ଣଚନ୍ଦ୍ର ରଥ, ହରେକୃଷ୍ଣ ପ୍ରଧାନୀ, ଲଲାଟେନ୍ଦୁ ମିଶ୍ର, ଭବାନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର ଏଥିରେ ସଂଯୋଜନା କରିଥିଲେ। କବିତା ଓ ସାହିତ୍ୟ ସର୍ବଦା ସମାଜ ହିତ ଲାଗି ଉଚିତ ବୋଲି ଅଧାପକ ଦୟାନିଧି ପଣ୍ଡା କହିଥିଲେ।

### କେରଳ ବନ୍ୟାରେ ମୃତକଙ୍କ ଲାଗି ଦୀପଦାନ

ପୁରୀ ଅଫିସ, ୨୧।୮: କେରଳ ବନ୍ୟାରେ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ସାମାଜିକ ଅନୁଷ୍ଠାନ ଶ୍ରୀକ୍ଷେତ୍ର ଯୁବା ପକ୍ଷରୁ ଶ୍ରୀମନ୍ଦିର ସଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଅନିଲ କୁମାର ସାହୁ, ସମ୍ପାଦକ ବିଶ୍ୱଭୂଷଣ ବାରିକଙ୍କ ସମେତ ସନ୍ତୋଷ କୁମାର ବରାଳ, ଗୋପାଳଚନ୍ଦ୍ର ବରାଳ, ସନ୍ଦୀପ ରଣା, ରାଜେନ୍ଦ୍ର କୁମାର ସେଠୀ, ସୂର୍ଯ୍ୟ ଦାଶ, ସତ୍ୟଜିତ ମେକାପ ପ୍ରମୁଖ ଉପସ୍ଥିତ ଥିଲେ।

### ତହସିଲଦାରଙ୍କ ବଦଳିକୁ କଣାସ ନାଗରିକ ମଞ୍ଚର ସ୍ୱାଗତ

କଣାସ, ୨୧।୮(ସ୍ୱ.ପ୍ର.): କଣାସ ତହସଲିଦାର ସଞ୍ଜୟ କୁମାର ପ୍ରତିହାରୀଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ସେଠାକାର ଜନସାଧାରଣ ତାଙ୍କୁ ବହିଷ୍କାର କରିବା ପାଇଁ ବହୁ ଦିନରୁ ଦାବି କରିଆସୁଥିଲେ। ବହୁଦିନରୁ ତାଙ୍କର ବଦଳି ହୋଇଥିଲେ ମଧ ସେ ସ୍ଥାନ ପରିବର୍ତ୍ତନ କରୁ ନ ଥିଲେ। ଜ୍ୟୋତିପ୍ରକାଶ ଦାଶ ପୁରୀ ଜିଲାପାଳ ଭାବେ ଦାୟିତ୍ୱନେବା ପରେ ତୁରନ୍ତ ବଦଳି ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଆଦେଶ ଦେବାରୁ ତହସିଲଦାର ପ୍ରତିହାରି ୨ଦିନ ତଳେ ସମସ୍ତ ଦାୟିତ୍ୱ ଅତିରିକ୍ତ ତହସିଲଦାରଙ୍କୁ ଦେଇ ଚାଲିଯାଇଛନ୍ତି। ଏନେଇ ମଙ୍ଗଳବାର କଣାସଠାରେ କଣାସ ନାଗରିକ ମଞ୍ଚପକ୍ଷରୁ ରବୀନ୍ଦ୍ର ରାଉତରାୟଙ୍କ ସଭାପତିତ୍ୱରେ ଏକ ବୈଠକ ବସି ତହସିଲଦାରଙ୍କ ବଦଳି ଆଦେର୍ଶ କର୍ଯ୍ୟକାରୀ ହୋଇଥିବାରୁ ଏହାକୁ ସ୍ୱାଗତ କରାଯାଇଥିଲା। କଣାସ ଅଞ୍ଚଳର ଜନସାଧାରଣଙ୍କ ମଧରେ ଭାଜପାର ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ଜଗଦେତଦବ ଏବଂ ଯୁବ ନେତା ଓମ୍ ପ୍ରକାଶ ମିଶ୍ର ଜନସ୍ୱାର୍ଥ ବିରୋଧୀ ତହସିଲଦାରଙ୍କ ବଦଳି ଦାବିରେ ୧୩ଦିନଧରି ସତ୍ୟାଗ୍ରହ ଓ ଅନସନ ଚଳାଇଥିଲେ।

### +୨ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଉତ୍ସବ

ଗୋପ, ୨୧।୮(ଡି.ଏନ୍.ଏ.): ଗୋପ ମହାବିଦ୍ୟାଳୟ ପରିସରରେ +୨ କଳା ଓ ବିଜ୍ଞାନ ବିଭାଗରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନଙ୍କୁ ନେଇ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରାଯିବା ସହ ଉପଯୁକ୍ତ ଜ୍ଞାନ ଆହରଣ କରି ଆଗାମୀ ଦିନରେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ମୁଖ୍ୟ ଅତିଥି ଅଧକ୍ଷ ପ୍ରମୋଦ କୁମାର ପଣ୍ଡା ପରାମର୍ଶ ଦେଇଥିଲେ। ରାଜନୀତି ବିଭାଗର ବରିଷ୍ଠ ଅଧାପକ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅଧାପକ ଶୈଳେନ୍ଦ୍ର କୁମାର ରଥ, ଭରତ ଚନ୍ଦ୍ର ସାମନ୍ତରାୟ, ପ୍ରିୟମ୍ବଦା ପଣ୍ଡା, ବାଳକୃଷ୍ଣ ସ୍ୱାଇଁ, ପ୍ରତିମା ଦେଈ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରମାନେ ଭଲ ପାଠ ପଢ଼ି ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଦେବାଶିଷ ପାଇକରାୟ, ରାଜା ବେହେରା, ଚନ୍ଦନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

■ ୩ ବର୍ଷ ବିତିଲା, ପ୍ରସାଦ ଯୋଜନା ଠପ୍

# ଖର୍ଚ୍ଚ ହୋଇପାରୁନି ଅନୁଦାନ

## ପଡ଼ି ରହିଛି ୫୦ କୋଟି ଟଙ୍କା

**ପୁରୀ ଅଫିସ, ୨୧।୮:** ଦେଶର ଚାରି ଧାମ ମଧରେ ପ୍ରମୁଖ ଧାମ ଶ୍ରୀକ୍ଷେତ୍ର। ଶ୍ରୀଜଗନ୍ନାଥ ମନ୍ଦିର, ସ୍ୱର୍ଣ୍ଣାଭ ବେଳାଭୂମି, ପର୍ଯ୍ୟଟନ ଭିତ୍ତିଭୂମି ଲାଗି ଏହି ସହରକୁ ବିଶ୍ୱର କୋଣ ଅନୁକୋଣରୁ ତୀର୍ଥଯାତ୍ରୀ, ପର୍ଯ୍ୟଟକ ଆସୁଛନ୍ତି। ଏହି ଐତିହ୍ୟ ସମ୍ପନ୍ନ ସହର କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଫୋକସରେ ରହିଛି। ସହରରେ କାର୍ଯ୍ୟକାରୀ ହେଉଛି ଏକାଧିକ ସ୍ୱତନ୍ତ୍ର ଯୋଜନା। କିନ୍ତୁ ଦୁର୍ଭାଗ୍ୟର ବିଷୟ, ନେତାଙ୍କ ଅଯଥା ହସ୍ତକ୍ଷେପ ଏବଂ ପ୍ରଶାସନିକ କଳର ଅପାରଗତା ପାଇଁ ପ୍ରକଳ୍ପ କାର୍ଯ୍ୟ ଆଗଉନାହିଁ। ଆସିଥିବା ଅନୁଦାନ ବି ଖର୍ଚ୍ଚ ହୋଇପାରୁନାହିଁ। ପୁରୀରେ କାର୍ଯ୍ୟକାରୀ ହୋଇଥିବା କେନ୍ଦ୍ର ସରକାରଙ୍କ ଏକ ଯୋଜନା ହେଲା ପ୍ରସାଦ। ଯୋଜନା କାର୍ଯ୍ୟକାରୀ ହେବାର ୩ବର୍ଷ ବିତିଥିଲେ ହେଁ ଏ ପର୍ଯ୍ୟନ୍ତ କୌଣସି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇନାହିଁ।

୨୦୧୫ ମସିହାରେ କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକାରୀ ହୋଇଛି ପ୍ରସାଦ (ପିଲିଗ୍ରିମେଜ ରିଜୁଭେନେଶନ୍ ଆଣ୍ଡ ସ୍ପିରିଚୁଆଲିଟି ଆଗ୍‌ମେଣ୍ଟେଶନ୍ ଡ୍ରାଇଭ) ଯୋଜନା। ଏଥିରେ ପୁରୀ ପାଇଁ ୫୦ କୋଟି ଟଙ୍କାର ଅନୁଦାନ ରହିଛି। ଏହି ଅର୍ଥରେ ବଗଲା ଧର୍ମଶାଳାର ବିକାଶ, ଶ୍ରୀଗୁଣ୍ଡିଚା ମନ୍ଦିର ପରିସର ଲ୍ୟାଣ୍ଡ ସ୍କେପିଂ ଓ ଆନନ୍ଦବଜାରର ବିକାଶ, ସମୁଦ୍ରକୂଳ ଦିଗବାରେଣିଠାରେ ମଲ୍ଟି ଲେଭେଲ ପାର୍କିଂ ଓ ବେଳାଭୂମି ସୌନ୍ଦର୍ଯ୍ୟକରଣ, ରାମଚଣ୍ଡୀର ବିକାଶ, କାକଟପୁର ଦେଉଳି ମଠ ଏବଂ ମଙ୍ଗଳା ମନ୍ଦିର ବିକାଶ କରାଯିବା ଲାଗି ରହିଛି। ଏହି ପ୍ରକଳ୍ପକୁ କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଅନ୍ତର୍ଗତ ଭାରତୀୟ ପର୍ଯ୍ୟଟନ ଉନ୍ନୟନ ନିଗମ (ଆଇଟିଡିସି) କାର୍ଯ୍ୟକାରୀ କରୁଛି।

ଏହି ଯୋଜନାରେ ବଗଲା ଧର୍ମଶାଳା ପରିସରରେ ୩ ମହଲା ବିଶିଷ୍ଟ ଶ୍ରୀଜଗନ୍ନାଥ ବିଶ୍ରାମ ସ୍ଥଳୀ ନିର୍ମାଣ ହେବ। ଏଥିଲାଗି ୧୭କୋଟି ୫୦ଲକ୍ଷ ଟଙ୍କା ବ୍ୟବସ୍ଥା ରହିଛି। ଏହି ଅର୍ଥ ମଧରେ ପ୍ରକଳ୍ପ ହେବା ସମ୍ଭବ ନ ଥିବାରୁ ରାଜ୍ୟ ସରକାର ମଧ ଅର୍ଥ ବ୍ୟବସ୍ଥା କରିଛନ୍ତି। ଏଥିଲାଗି ସମୁଦାୟ ୨୨କୋଟି ଟଙ୍କାର ବଜେଟ ପ୍ରସ୍ତୁତ ହୋଇଛି। ଗତ ରଥଯାତ୍ରା ପୂର୍ବରୁ ବଗଲା ଧର୍ମଶାଳାର ପୁରୁଣା କୋଠାକୁ ଭଙ୍ଗାଯାଇଛି। ୨ମାସ ବିତିଥିଲେ ହେଁ ଶ୍ରୀଜଗନ୍ନାଥ ବିଶ୍ରାମ ସ୍ଥଳୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏହି ଯୋଜନାରେ ଦିଗବାରେଣିଠାରେ ମଲ୍ଟି ଲେଭେଲ ପାର୍କିଂ, ଫୁଡ୍ କୋର୍ଟ ଏବଂ ବେଳାଭୂମି ସୌନ୍ଦର୍ଯ୍ୟକରଣ ଲାଗି ୫କୋଟି ୫୬ଲକ୍ଷ ଟଙ୍କା ରହିଛି। ଇତିମଧରେ ପ୍ରକଳ୍ପର ଅର୍ଥ ମଧ ବୃଦ୍ଧି ପାଉଛି। କିନ୍ତୁ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଶ୍ରୀଗୁଣ୍ଡିଚା ମନ୍ଦିରର ଆନନ୍ଦବଜାର ବିକାଶ ଲାଗି ୫୫ଲକ୍ଷ ୮୦ହଜାର ଟଙ୍କା ରହିଥିବାବେଳେ ତାହା ଆରମ୍ଭ ହୋଇନାହିଁ। ସେହିପରି ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ରାମଚଣ୍ଡୀଠାରେ ଜେଟି, ୱାଟର ସ୍ପୋର୍ଟସ କମ୍ପ୍ଲେକ୍ସ, ପର୍ଯ୍ୟଟକ ସୁବିଧା ଲାଗି ବିଭିନ୍ନ କାର୍ଯ୍ୟ କରିବା ଲାଗି ୧୦କୋଟି ୪୭ଲକ୍ଷ ଟଙ୍କା ରହିଛି। ଏହା ମଧ ଆରମ୍ଭ ହୋଇନାହିଁ। ଦେଉଳି ମଠର ବିକାଶ ଲାଗି ୩କୋଟି ୫୪ ଲକ୍ଷ ଏବଂ ମଙ୍ଗଳା ମନ୍ଦିର ଲାଗି ୨୧ଲକ୍ଷ ୬୦ହଜାର ଟଙ୍କା ରହିଛି। କିନ୍ତୁ ନବକଳେବର ସମୟରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଦେଉଳି ମଠର ପୁନରୁଦ୍ଧାର କରାଯାଇଛି। ମଙ୍ଗଳା ମନ୍ଦିରର ଆବଶ୍ୟକ ଉନ୍ନୟନ କାର୍ଯ୍ୟ ମଧ ହୋଇଛି। ଦେଉଳି ମଠ ଏବଂ ମଙ୍ଗଳା ମନ୍ଦିର ଲାଗି ଆସିଥିବା ଅନୁଦାନ କେଉଁ କ୍ଷେତ୍ରରେ ବିନିଯୋଗ ହେବ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଆଇଟିଡିସି ଏହି ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ କାର୍ଯ୍ୟକାରିତାରେ ସ୍ଥାଣୁତା ଯୋଗୁ ଆସିଥିବା ଅନୁଦାନ ଖର୍ଚ୍ଚ ହୋଇ ପାରୁନାହିଁ। କେନ୍ଦ୍ର ସରକାର ଅନୁଦାନ ବିନିଯୋଗ ପ୍ରମାଣପତ୍ର (ୟୁସି) ବାରମ୍ବାର ମାଗୁଥିଲେ ହେଁ ଦିଆଯାଇ ପାରୁନାହିଁ।

ସ୍ଥାନୀୟ ନେତାଙ୍କ ହସ୍ତକ୍ଷେପ ଯୋଗୁ ଶ୍ରୀଜଗନ୍ନାଥ ବିଶ୍ରାଳ ସ୍ଥଳୀ ନିର୍ମାଣ କାର୍ଯ୍ୟ ଆଗେଇ ପାରୁ ନ ଥିବା କୁହାଯାଉଛି। ଏପରି କି ବାହାର ଜିଲାର ଠିକାଦାର ପୁରୀରେ କାମ କରିବାକୁ ଚାହୁଁ ନ ଥିବା ଆଲୋଚନା ହେଉଛି। ମଲ୍ଟି ଲେଭେଲ ପାର୍କିଂ ଏବଂ ରାମଚଣ୍ଡୀ ପର୍ଯ୍ୟଟନ ସ୍ଥଳୀ ପାଇଁ ସିଆରଜେଡ୍ ଅନୁମତି ମିଳି ନ ଥିବାରୁ କାର୍ଯ୍ୟ ଆଗେଇ ପାରୁ ନ ଥିବା ଜଣାପଡ଼ିଛି। ଆସନ୍ତା ୨୯ ତାରିଖରେ ଏହି ଯୋଜନାର ସମୀକ୍ଷା ଲାଗି ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ବୈଠକ ଡାକିଥିବା ସୂଚନା ମିଳିଛି।



ଏସ୍‌ସିଏସ୍ କଲେଜ ଛାତ୍ରୀଛାତ୍ର କେରଳ ବନ୍ୟା ପାଇଁ ଅର୍ଥ ସଂଗ୍ରହ କରୁଛନ୍ତି।

■ କେରଳ ବନ୍ୟା ପୀଡ଼ିତଙ୍କୁ ସହାୟତା

## ଏସ୍‌ସିଏସ୍ କଲେଜ ଛାତ୍ରୀଛାତ୍ରଙ୍କ ଅର୍ଥ ସଂଗ୍ରହ

**ପୁରୀ ଅଫିସ, ୨୧।୮:** କେରଳ ବନ୍ୟା ବିପନ୍ନଙ୍କ ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ କଲେଜ ଛାତୀଛାତ୍ର ମାନେ ସହଯୋଗର ହାତ ବଢ଼ାଇଛନ୍ତି। ଏହି କ୍ରମରେ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ) ମହାବିଦ୍ୟାଳୟର କେତେ ଜଣ ଛାତ୍ରୀଛାତ୍ର କ୍ୟାମ୍ପସ ପରିସରରେ ଅର୍ଥ ରାଶି ସଂଗ୍ରହ କରିଥିଲେ।

ମଙ୍ଗଳବାର କ୍ୟାମ୍ପସ ପରିସରରେ ବିଭିନ୍ନ ବିଭାଗ ଏବଂ କ୍ଲାସରୁମ ବୁଲି ଛାତ୍ରୀଛାତ୍ରଙ୍କ ଠାରୁ ଅର୍ଥ ସଂଗ୍ରହ କରିଥିଲେ। ପ୍ରଥମ ଦିନରେ ୯୧୨୫ଟଙ୍କା ସଂଗ୍ରହ କରାଯାଇଛି। ଏହି ରାଶିକୁ କେରଳ ସରକାରଙ୍କ ରିଲିଫ ଫଣ୍ଡରେ ଜମା କରାଯିବ ବୋଲି ସ୍ନାତକୋତ୍ତର ଓଡ଼ିଆ ବିଭାଗର ଛାତ୍ର ସୁଶୀଲ କୁମାର ଜେନା କହିଛନ୍ତି। ଏହି ଅଭିଯାନରେ ରାଜ ନାରାୟଣ ସାହୁ, ଆଶୁତୋଷ ପଟ୍ଟନାୟକ, ଲକ୍ଷ୍ମୀ ପ୍ରଧାନ, କେଦାର ନାୟକ, ମୁକେଶ ଜେନା, ମୃତ୍ୟୁଞ୍ଜୟ ପ୍ରଧାନ, ରୋଶନ ପ୍ରଧାନ, ସୌମ୍ୟ କୁମାର ପରିଡ଼ା, ଅଭିଜିତ ସ୍ୱାଇଁ, ସୌମ୍ୟ ସାର୍ଥକ ମିଶ୍ର ପ୍ରମୁଖ ସାମିଲ ହୋଇଛନ୍ତି।



ରାଧେଶ୍ୟାମ ମଠ, ଜଗନ୍ନାଥ ବଲ୍ଲଭ ମଠ ଓ ଉତ୍ତରପାର୍ଶ୍ୱ ମଠରେ ସୁସଜ୍ଜିତ ଝୁଲଣ କୁଞ୍ଜରେ ରାଧାକୃଷ୍ଣ।

## ଝୁଲଣ କୁଞ୍ଜରେ ରାଧାକୃଷ୍ଣ

**ପୁରୀ ଅଫିସ, ୨୧।୮:** ଆକାଶରେ ମେଘ ଖଣ୍ଡର ଅପରୂପ ଶୋଭା। ଅନ୍ୟପଟେ ମହୋଦଧିର ନୀଳ ଜଳରାଶି ଦେଇ ଶିରି ଶିରି ବହୁଛି ମନ୍ଦ ମଳୟ। ଏମିତି ଏକ ମନଲୋଭା ପରିବେଶରେ ଶ୍ରୀକ୍ଷେତ୍ରର ମଠ, ମନ୍ଦିର ହୋଇପଡ଼ିଛି ଉତ୍ସବମୁଖର। ଝୁଲଣ କୁଞ୍ଜର ଗହଳ ଲତା ଭିତରେ ମିଳିତ ହେଉଛନ୍ତି ରସରାଜ ଶ୍ରୀକୃଷ୍ଣ ଆଉ ରାସେଶ୍ୱରୀ ଶ୍ରୀରାଧା। ଶ୍ରାବଣ ବାରିଧାରାରେ ଅନୁଷ୍ଠିତ ହେଉଛି ରାଧାକୃଷ୍ଣଙ୍କ ବର୍ଷାକାଳୀନ ରାସୋତ୍ସବ ଝୁଲଣ ଯାତ୍ରା। ପୁରୀର ବିଭିନ୍ନ ମଠ, ମନ୍ଦିରରେ ଆରମ୍ଭ ହୋଇଛି ଏହି ଯାତ୍ରା। ଆଧାତ୍ମିକ ପରିବେଶରେ ବିଭୋର ହୋଇପଡୁଛନ୍ତି ବୈଷ୍ଣବ ଭକ୍ତ। ଝୁଲଣ କୁଞ୍ଜରେ ବସି ଦୋଳି ଖେଳୁଛନ୍ତି ରାଧାକୃଷ୍ଣ। ବିଶେଷକରି ଶ୍ରୀକ୍ଷେତ୍ରର ଜଗନ୍ନାଥ ବଲ୍ଲଭ, ଉତ୍ତର ପାର୍ଶ୍ୱ, ଶ୍ୟାମକୁଞ୍ଜ, ରାଧାବଲ୍ଲଭ ପ୍ରଭୃତି ମଠରେ ମହାସମାରୋହରେ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ନାମ ସଂକୀର୍ତ୍ତନରେ ଉଚ୍ଛୁଳି ପଡୁଛି ମଠ, ମନ୍ଦିର ପରିବେଶ। ଠାକୁରଙ୍କୁ କୁଞ୍ଜରେ ଦେଖି ଭାବବିହ୍ୱଳ ହୋଇପଡୁଛନ୍ତି ଭକ୍ତ। ସେହିପରି ବିଭିନ୍ନ ମଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପରିବେଷଣ କରାଯାଉଛି।

## ୫ ଏକର ସରକାରୀ ଜମିରେ ପ୍ଲଟିଙ୍ଗ

■ ଜବରଦଖଲ ଉଚ୍ଛେଦ କଲେ ତହସିଲଦାର



ଜବଦଖଲ ଉଚ୍ଛେଦ କରାଯାଉଛି।

**ପୁରୀ ଅଫିସ, ୨୧।୮:** ପୁରୀ ସହରର ଗୌଡ଼ବାଡ଼ ସାହିର ୫ଏକର ସରକାରୀ ଜମିରେ କେତେଜଣ ବ୍ୟକ୍ତି ପ୍ଲଟିଙ୍ଗ କରି ଘର ନିର୍ମାଣ କରୁଛନ୍ତି। ଏହାସହିତ ଉକ୍ତ ଜମି ମଧ ବିକ୍ରି କରାଯାଇଛି। ମଙ୍ଗଳବାର ପୁରୀ ତହସିଲଦାର ପ୍ରବୀର ଖିଲାର ସେଠାରେ ଚଢ଼ାଉ କରି ୨ଟି ନିର୍ମାଣ (ଗୃହ)କୁ ଉଚ୍ଛେଦ କରିଛନ୍ତି। ସରକାରୀ ଜମିରେ ଚାଲିଥିବା ଉକ୍ତ ନିର୍ମାଣକୁ ଭାଙ୍ଗିବା ସହିତ ଜବରଦଖଲ ମୁକ୍ତ କରିଛନ୍ତି। ଏହି ଜମିର ଚତୁଃପାର୍ଶ୍ୱରେ ପାଚେରୀ ନିର୍ମାଣ ଲାଗି ପିକେଡିଏ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଥିବା ଜଣାପଡିଛି। ସୂଚନାଯୋଗ୍ୟ, ପୁରୀ ସହରର ବଳିଆପଣ୍ଡା, ଲୋକନାଥ ରୋଡ ଏବଂ ଗୌଡ଼ବାଡ଼ ସାହି ମୌଜାରେ ଥିବା କୋଟି କୋଟି ଟଙ୍କାର ପ୍ରାୟ ୧୦ଏକର ସରକାରୀ ଜମିକୁ କେତେଜଣ ମାଫିଆ ନୋଟାରୀ ମାଧମରେ ଚୁକ୍ତି କରି ବିକ୍ରି କରିଛନ୍ତି। ପୁରୀ ତହସିଲଦାର ତଦନ୍ତ କରି ଜାଣିବା ପରେ ଜମି କ୍ରୟ ବିକ୍ରୟ କରିଥିବା ଲୋକଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଗତ ୯ ତାରିଖରେ ପୁରୀ ଏସ୍‌ପିଙ୍କୁ ଚିଠି ଲେଖଥିଲେ। ଏହାସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଭୁବନେଶ୍ୱର ସ୍ଥିତ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏସ୍‌ପିଙ୍କୁ ମଧ ଚିଠି ଲେଖିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

## ପୋଖରୀରେ ବୁଡ଼ି ୪ବର୍ଷର ଶିଶୁ ମୃତ

**ପୁରୀ ଅଫିସ, ୨୧।୮:** ପୁରୀରେ ମଙ୍ଗଳବାର ଖେଳୁଥିବା ବେଳେ ଜଣେ ୪ବର୍ଷର ଶିଶୁ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ବଳିଆପଣ୍ଡା ବସ୍ତିର ପଦ୍ମଲୋଚନ ପରିଡ଼ାଙ୍କ ପୁଅ ତୋଫାନ ପରିଡ଼ା। ପରିବାର ଲୋକେ ଘରେ ଥିବାବେଳେ ତୋଫାନ ବଳିଆପଣ୍ଡା ସ୍ଥିତ ପୋଖରୀ ନିକଟରେ ଅନ୍ୟ ପିଲାଙ୍କ ସହିତ ଖେଳୁଥିଲେ। ଏହି ସମୟରେ କୌଣସି କାରଣରୁ ସେ ପୋଖରୀ ଆଡକୁ ଚାଲି ଯାଇଥିଲେ। ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡି ଯାଇଥିଲେ। ଖବରପାଇ ପରିବାର ଲୋକେ ଏବଂ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡିକାଲ ନେଇଥିଲେ।

## ଔଷଧ ଦୋକାନ ଶଟର ତାଡ଼ି ଲକ୍ଷାଧିକ ଟଙ୍କା ଲୁଟ୍

**ପୁରୀ ଅଫିସ, ୨୧।୮:** ସୋମବାର କୁମ୍ଭାରପଡ଼ା ଥାନା ଅଧୀନ ମାଟିଆପଡ଼ା ଛକରେ ଥିବା ଔଷଧ ଦୋକାନ ଏବଂ ଫର୍ନିଚର ଦୋକାନର ଶଟର ତାଡି ଲୁଟେରା ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଜଣାପଡିଛି। ଔଷଧ ଦୋକାନୀଙ୍କ ଅଭିଯୋଗ କ୍ରମେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ପ୍ରକାରେ, ମାଟିଆପଡ଼ା ଛକରେ ଦେବାଶିଷ ପାଣ୍ଡେଙ୍କ ଏକ ଔଷଧ ଦୋକାନ ରହିଛି। ସୋମବାର ରାତିରେ ଦୋକାନ ବନ୍ଦ କରି ସେ ଘରକୁ ଯାଇଥିଲେ। ମଙ୍ଗଳବାର ସକାଳେ ଦୋକାନକୁ ଆସିବା ବେଳେ ଶଟର ତଡ଼ା ଯାଇଥିବା ଏବଂ ସେ ରାତିରେ ରଖି ଯାଇଥିବା ଲକ୍ଷାଧିକ ଟଙ୍କା ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ସେ କୁମ୍ଭାରପଡା ଥାନାରେ ଅଭିଯୋଗ କରିଥିଲେ। ସେହିପରି ନିକଟରେ ଥିବା ଏକ ଫର୍ନିଚର ଦୋକାନରେ ମଧ ଚୋରି ହୋଇଥିବା ଜଣାପଡିଛି। ତେବେ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।



ଚୋରି ହୋଇଥିବା ଔଷଧ ଦୋକାନରେ ପୋଲିସ ଯାଞ୍ଚ କରୁଛି।



ବନ୍ୟାପାଣି ଛାଡିବା ପରେ ପୁରୀ ଜିଲା ପିପିଲି ନିକଟସ୍ଥ ଏକ ଚାଷଜମିରେ ମଙ୍ଗଳବାର ଜଣେ ମହିଳା ଧାନତଳି ରୋଉଛନ୍ତି।

■ ପ୍ରଶାସନ-ଭୂ ସୁରକ୍ଷା କମିଟି ଆଲୋଚନା ବିଫଳ

# ଆଇନ ବିଭାଗର ପରାମର୍ଶ ନେବ ପ୍ରଶାସନ

**ପୁରୀ ଅଫିସ, ୨୧।୮:** କୋଣାର୍କ ସମେତ ମାଧିପୁର, ବେରୁହଁ, ସୁତନ, ତରକୋର, ଖାଲକାଟପାଟଣା, ବାଙ୍ଗୋରବରପଦା, ଗଡ଼ବାଙ୍ଗର, ଭୁଆଁ ଏବଂ ଜୁଣେଇ ରାଜସ୍ୱ ମୌଜାରେ ଜମି ବନ୍ଦୋବସ୍ତର ରେକର୍ଡ ସଂଶୋଧନକୁ ନେଇ ବିବାଦ ମୁଣ୍ଡ ଟେକିଛି। ମଙ୍ଗଳବାର ଅପରାହ୍ଣରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ଅଧକ୍ଷତାରେ କୋଣାର୍କ ଭୂ-ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ସହ ହୋଇଥିବା ଆଲୋଚନାରୁ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଏ ସମ୍ପର୍କରେ କି ପଦକ୍ଷେପ ନିଆଯାଇପାରିବ ସେ ସମ୍ପର୍କରେ ରାଜ୍ୟ ସରକାରଙ୍କ ଆଇନ ବିଭାଗ ସହ ଆଲୋଚନା କରବା ଲାଗି ଜିଲାପାଳ ବୈଠକରେ ପ୍ରକାଶ କରିଛନ୍ତି। ସ୍ଥାନୀୟ ଭୂ-ଅର୍ଜନ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଥିଲେ ଯେ, ଏହି ସବୁ ଅଞ୍ଚଳର ଜମିକୁ ପୂର୍ବତନ ଜମିଦାରମାନେ ହାତପଟା ବଳରେ ବିକ୍ରି କରିଥିଲେ। ୧୯୬୨ ବନ୍ଦୋବସ୍ତରେ ଜମି କିଣିଥିବା ବ୍ୟକ୍ତିଙ୍କୁ ନଟ ଫାଇନାଲ ସ୍ଥିତିବାନ ପଟା ମିଳିଥିଲା। ସେମାନେ ୧୯୮୪ ମସିହା ପର୍ଯ୍ୟନ୍ତ ସରକାରଙ୍କୁ ଖଜଣା ଦେଇଛନ୍ତି। କିନ୍ତୁ ବର୍ତ୍ତମାନ ବନ୍ଦୋବସ୍ତରେ ଏ ସବୁ ଜମି ସରକାରୀ ଅନାବାଦି ହୋଇଥିବା ଦର୍ଶାଇ ୧୯୬୨ ମସିହା ପଟାକୁ ଖାରଜ କରାଯାଇଛି। ଏହାସହିତ ଶହ ଶହ ଏକର ଜମି ସରକାରୀ ରେକର୍ଡ କରାଯାଉଛି। ଏହାଦ୍ୱାରା ଅପୂରଣୀୟ କ୍ଷତି ଘଟିଛି। ଏହାସହିତ ୫୦ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ବନ୍ଦୋବସ୍ତ ଚାଲୁଅଛି। ଏ ପର୍ଯ୍ୟନ୍ତ ଚୂଡାନ୍ତ ହେଉ ନ ଥିବା ସ୍ଥାନୀୟ ବାସିନ୍ଦା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଥିଲେ। ପୁରୀ-କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ଅଞ୍ଚଳରେ ଥିବା ୪୦ଟି ମୌଜା ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ରହିଥିବାରୁ ସେଠାରେ ଜମି କିଣା ବିକା, ଦାଖଲ ଖାରଜ, କିସମ ପରିବର୍ତ୍ତନ ଆଦି ବନ୍ଦ କରାଯାଇଛି। ଏହାଦ୍ୱାରା ସ୍ଥାନୀୟ ଲୋକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜମି ପ୍ରତି ଲାଗିଥିବା କଟକଣା ପ୍ରତ୍ୟାହାର କରିବାକୁ ସେମାନେ ଦାବି କରିଥିଲେ। କିନ୍ତୁ ବୈଠକରେ ସେମାନଙ୍କର କୌଣସି ଦାବି ସମାଧାନ ହୋଇ ପାରି ନ ଥିଲା। ଏହି ବୈଠକରେ ଅତିରକ୍ତ ଜିଲାପାଳ ବିଭୂତି ଭୂଷଣ ଦାସ, ଉପଜିଲାପାଳ ଭବତାରଣ ସାହୁ , ଡିଏଫଓ ହର୍ଷବର୍ଦ୍ଧନ ଉଦ୍‌ଗାତା, ଗୋପ ତହସିଲଦାର ଦୁର୍ଗା ଚରଣ ମୁର୍ମୁ, ପିକେଡିଏ ସଚିବ, ବନ୍ଦୋବସ୍ତ ଅଧିକାରୀ, କୋଣାର୍କ ଭୂ-ସୁରକ୍ଷା କ୍ରିୟାନୁଷ୍ଠାନ କମିଟିର ସଭାପତି ସୁକାନ୍ତ ମହାନ୍ତି, ସମ୍ପାଦକ ସୁରେଶ ଚନ୍ଦ୍ର ମୁଦୁଲି, ସହ ସମ୍ପାଦକ ନିରଞ୍ଜନ ସାହୁ, ଭାସ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୋସ୍କ ଆନ୍ଦୋଳନର ଆବାହକ ଅଭୟ ସାହୁ ଗ୍ରାମବାସୀଙ୍କ ପକ୍ଷରୁ ଆସିଥିଲେ। ୨ଘଣ୍ଟା ଧରି ଆଲୋଚନା ଚାଲିଥିଲା। ସୂଚନାଯୋଗ୍ୟ, ଉପରୋକ୍ତ ଦାବି ନେଇ କମିଟି ଗତ ୧୧ତାରିଖରେ କୋଣାର୍କ-ପୁରୀ ରାସ୍ତା ଅବରୋଧ କରିଥିଲା। ଆଲୋଚନା ସମ୍ପର୍କରେ କମିଟି ସଭାପତି ସୁକାନ୍ତ ମହାନ୍ତି କହିଛନ୍ତି ଯେ, ଜିଲାପାଳ ଯାହା କହିଲେ ସେଥିରେ ଆମେ ସନ୍ତୁଷ୍ଟ ନୁହେଁ। ଯଦି ଏହି ସମସ୍ୟାର ସମାଧାନ ନ ହୁଏ, ତେବେ ଆଗାମୀ ଦିନରେ ବିରାଟ ଆନ୍ଦୋଳନ ମୁଣ୍ଡ ଟେକିବ।



ବୈଠକରେ ଉପସ୍ଥିତ ପୁରୀ ଜିଲାପାଳ ଜ୍ୟୋତି ପ୍ରକାଶ ଦାଶ ଓ ଅନ୍ୟମାନେ।



ଅପରିଣାମଦର୍ଶିତାର ଫଳ ସର୍ବଦା ବିସ୍ମୟ ହୋଇଥାଏ।
-ସେନେକା



## ସଂକ୍ଷେପରେ

### ବିଦ୍ୟାଳୟରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**କଣାସ,୨୧।୮(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ବଡାସ ପ୍ରକଳ୍ପ ଉ.ପ୍ରା ବିଦ୍ୟାଳୟ ପରିସରରେ ରବିବାର ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଏଥିରେ ଉତ୍କଳ ସ୍ୱାଭିମାନ ମଞ୍ଚ ପୁରୀର ସଭାପତି ରାଧାକାନ୍ତ ଦାସ, ସମ୍ପାଦକ ଡ. ପ୍ରଭାକର ତ୍ରିପାଠୀ ପ୍ରସନ୍ନ କୁମାର ହୋତା, ଅବସର ପ୍ରାପ୍ତ ମୁଖ୍ୟଯନ୍ତ୍ରୀ ବ୍ରଜକିଶୋର ମହାପାତ୍ର, ରମେଶଚନ୍ଦ୍ର ମହାପାତ୍ର, ବୀରବର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରଥମେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିବା ସହ ସ୍ମୃତିଚାରଣ କରିଥିଲେ। ପରେ ୩ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି ସଭାରେ କଣାସ ବିକାଶ ପରିଷଦର ସଭାପତି ପ୍ରଭାକର ମଙ୍ଗରାଜ, ଲିଙ୍ଗରାଜ ପରିଡା, ସୁବାସଚନ୍ଦ୍ର ଦାସଙ୍କ ସମେତ ବହୁ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକ, ଶିକ୍ଷା କମିଟିର ସଭ୍ୟାସଭ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରତିମୂର୍ତ୍ତି ଉନ୍ମୋଚନ ସମୟରେ ନାମସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା। ପ୍ରଧାନଶିକ୍ଷକ ମହେଶ୍ୱର ବେହେରା, ସିଆରସିସି ଦାଶରଥୀ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ସାମାଜିକ କର୍ମୀଙ୍କ ବିୟୋଗରେ ସ୍ମୃତିସଭା

**କଣାସ,୨୧।୮(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ଚୁପୁରିଙ୍ଗି ପଞ୍ଚାୟତର କାଳିଘଡି ଗ୍ରାମର ସାମାଜିକ କର୍ମୀ ସ୍ୱର୍ଗତ ଅଭିମନ୍ୟୁ ଉଦଣ୍ଡରାୟଙ୍କ ସ୍ମୃତିଚାରଣ ସଭା ରବିବାର ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଗାଜମୋହନ ପାଇକରାୟଙ୍କ ସଭାପତିତ୍ୱରେ କଣାସ ମାହାବିଦ୍ୟାଳୟର ଅଧାପକ ଗଙ୍ଗାଧର ମହାପାତ୍ର, ଏକାଦଶୀ ବଳିଆରସିଂହ, ଅକ୍ଷୟ ରାୟସିଂହ, ଦୈତାରୀ ବେହେରା, ରଶ୍ମିରଞ୍ଜନ ପଶ୍ଚିମକବାଟ, ସାମାଜିକକର୍ମୀ ଧ୍ରୁବଚରଣ ପରିଡା, ଭୁବନାନନ୍ଦ ମହାରଣା, ଆଲାଦିନ ବାରିକ, ଚୌଧୁରୀ ପ୍ରଶାନ୍ତ କୁମାର ଦାସ, ସନ୍ତୋଷୀ ରାଉତରାୟ, ଶୁଭମ୍ ରାଉତରାୟ, ଅଜୟ ବଳିୟାରସିଂହ, ଧନେଶ୍ୱର ପାଲଟାସିଂ ଯୋଗଦେଇ ସ୍ମୃତିଚାରଣ ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

### ନାଟ୍ୟଗୁରୁ ରାମଚନ୍ଦ୍ରଙ୍କ ଆଶୁଆରୋଗ୍ୟ କାମନା

**କଣାସ,୨୧।୮(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତର କାତପଡା ଠାରେ ପ୍ରତିଷ୍ଠିତ ମହାବୀରଙ୍କ ନିକଟରେ ମଞ୍ଚ ନିର୍ଦ୍ଦେଶକ ଜୟଦେବ ପୁରସ୍କାର ପ୍ରାପ୍ତ ବର୍ଷିୟାନ ନାଟ୍ୟଗୁରୁ ରାମଚନ୍ଦ୍ର ପ୍ରତିହାରିଙ୍କ ଆରୋଗ୍ୟ କାମନାକରି ନାଟ୍ୟ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପତିତପାବନ ଦାସ, ରମେଶ ରାଉତରାୟ, ଦୟାନିଧି ତ୍ରିପାଠୀ, ରଘୁନାଥ ଆଚାର୍ଯ୍ୟଙ୍କ ସମେତ ଅନେକ କଳାକାର ଯୋଗଦେଇଥିଲେ।

### ବ୍ଲକ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ ସ୍ଥଗିତ

**ସାକ୍ଷୀଗୋପାଳ, ୨୧।୮(ଡି.ଏନ୍.ଏ.):** ଶୁକଳ ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ସତ୍ୟବାଦୀ ବ୍ଲକ କର୍ମଚାରୀମାନେ ଚଳାଇଥିବା କଲମଛାଡ ଆନ୍ଦୋଳନ ମଙ୍ଗଳବାର ୨ୟ ଦିନରେ ପହଞ୍ଚିଥିଲା। ସତ୍ୟବାଦୀ ଥାନାରେ ମାମଲା ରୁଜୁ କରାଯାଇଥିଲେ ମଧ ଅଭିଯୁକ୍ତଙ୍କୁ ପୋଲିସ ଗିରଫ ନ କରିବାରୁ କାର୍ଯ୍ୟନିର୍ବାହୀ ଓ ଗ୍ରାମ ରୋଜଗାର ସେବକସଂଘ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରହଲ୍ଲାଦ ଘଟୁଆରୀ ଓ ଧ୍ରୁବ ଚରଣ ଦାଶ, ଅତିରିକ୍ତ ବିଡିଓ ସାରଦା ପ୍ରସନ୍ନ ମହାନ୍ତି, ସହକାରୀ ନିର୍ବାହୀଯନ୍ତ୍ରୀ ମନୋଜ କୁମାର ମୁଣ୍ଡ ପ୍ରମୁଖ ଆନ୍ଦୋଳନ ଚଳାଇଥିବା କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ। ପୁରୀଜିଲା କାର୍ଯ୍ୟନିର୍ବାହୀ ଓ ଗ୍ରାମ ରୋଜଗାର ସେବକସଂଘ କର୍ମକର୍ତ୍ତାମାନଙ୍କୁ ନେଇ ଆଲୋଚନା କରାଯିବାକୁ ସ୍ଥିର କରାଯିବା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ଜଣାପଡିଛି।

## ରିଆଡ୍‌ମିଶନ ଫି'କୁ ନେଇ ଛାତ୍ରୀଛାତ୍ର ଅସନ୍ତୁଷ୍ଟ
# କଲେଜ ଗେଟରେ ତାଲା ପକାଇ ଧାରଣା

**ବ୍ରହ୍ମଗିରି, ୨୧।୮(ଡି.ଏନ୍.ଏ.)**

ବ୍ରହ୍ମଗିରି ଅଲାରନାଥ ଧନ୍ଦାମୁଳକ ମହାବିଦ୍ୟାଳୟର +୩ ବିଜ୍ଞାନ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ଦାବି ନେଇ ମଙ୍ଗଳବାର ମହାବିଦ୍ୟାଳୟ କାର୍ଯ୍ୟାଳୟ ଗେଟ୍‌ରେ ତାଲା ପକାଇ ଧାରଣା ଦେଇଥିଲେ। ଏ ନେଇ କଲେଜର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି କୁହନ୍ତି, ଫି' କମ୍ କରିବା ସହିତ ଅନ୍ୟାନ୍ୟ ଦାବିରେ ଛାତ୍ରୀଛାତ୍ରମାନେ ମଙ୍ଗଳବାର ସକାଳ ଦଶଟା ବେଳେ ଏକ ଦରଖାସ୍ତ ପ୍ରଦାନ କରି ୧ଘଣ୍ଟା ମଧ୍ୟରେ ଉତ୍ତର ଦେବା ପାଇଁ ଜିଦ୍ ଧରିଥିଲେ। ଏ ବିଷୟରେ ପରିଚାଳନା କମିଟିର ଚେୟାରମ୍ୟାନଙ୍କ ସହିତ ଯୋଗାଯୋଗ କରି ଉତ୍ତର ଦିଆଯିବ ବୋଲି ଅଧ୍ୟକ୍ଷ ମହାନ୍ତି କହିବା ପରେ କିଛି ନ ବୁଝି ଛାତ୍ରୀଛାତ୍ରମାନେ କାର୍ଯ୍ୟାଳୟ ମୁଖ୍ୟ ଗେଟରେ ତାଲା ପକାଇଥିଲେ। ତେବେ ଆଲୋଚନା ପରେ ଅପରାହ୍ନରେ ଗେଟରୁ ତାଲା ଖୋଲିଥିବା ଜଣାପଡିଛି।



ଛାତ୍ରୀଛାତ୍ରମାନେ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଛନ୍ତି।

ପ୍ରକାଶ ଯେ, ବ୍ରହ୍ମଗିରି ଅଲାରନାଥ ଧନ୍ଦାମୂଳକ ମହାବିଦ୍ୟାଳୟରେ ତିନି ବର୍ଷ ତଳେ +୩ ବିଜ୍ଞାନ ବିଭାଗ ଖୋଲାଯାଇଛି। ଏହି ବିଭାଗରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ରିଆଡମିଶନ ଫି ଦଶ ହଜାର ଟଙ୍କା କଲେଜ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥିରୀକୃତ କରାଯାଇଥିବା ବେଳେ ୨୦୧୭ ମସିହାରେ ଛାତ୍ରୀଛାତ୍ରମାନେ ଆର୍ଥିକ ଅସୁବିଧା ଦର୍ଶାଇ ୯ହଜାର ଟଙ୍କାରେ ରିଆଡମିଶନ କରିବାର ସୁଯୋଗ ପାଇଥିଲେ। ଚଳିତ ବର୍ଷ ବ୍ରହ୍ମଗିରି ଅଞ୍ଚଳରେ ଫସଲ ହାନି ଘଟି ଚାଷୀମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ମହାବିଦ୍ୟାଳୟରେ ପଢୁଥିବା ଅଧିକାଂଶ ଛାତ୍ରୀଛାତ୍ର ଚାଷୀ ପରିବାରର। ଏଣୁ ଦଶହଜାର ଟଙ୍କାଦେଇ ରିଆଡମିଶନ କରିବା ସମ୍ଭବପର ହେଉ ନ ଥିବାରୁ ଦଶହଜାର ପରିବର୍ତ୍ତେ ଆଠ ହଜାର ଟଙ୍କା ରିଆଡମିଶନ୍ ଫି' କରିବା ପାଇଁ ଜିଦ୍ ଧରି ବସିଥିଲେ। ଏହାକୁ ଛାତ୍ରନେତା ଚିନ୍ମୟ ସୁନ୍ଦରା, ମାନସ ରଞ୍ଜନ ସାହୁ, ଧନଞ୍ଜୟ ମୁଦୁଲି, ସୁନୀଲ ନାୟକ, କାହ୍ନୁଚରଣ ସ୍ୱାଇଁ ପ୍ରମୁଖ ଛାତ୍ରନେତା ଚଳାଇଥିଲେ।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

**ସାକ୍ଷୀଗୋପାଳ, ୨୧।୮(ଡି.ଏନ୍.ଏ.)**

ସତ୍ୟବାଦୀ ଥାନା ଅଞ୍ଚଳରେ ଜଣେ ୧୪ ବର୍ଷର ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ବାରମ୍ବାର ବଳାତ୍କାର କରିବା ଏବଂ ତାଙ୍କୁ ଅପହରଣ କରିବାକୁ ଉଦ୍ୟମ କରିବା ଅଭିଯୋଗରେ ଉକ୍ତ ଥାନାର ଶେଖ ସାଜିଦ୍ ନାମକ ଯୁବକଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ଉଭୟଙ୍କୁ ଡାକ୍ତରୀ ମାଇନା କରିବାପରେ ପୋଲିସ ଯୁବକଙ୍କୁ ପୁରୀ କୋର୍ଟରେ ହାଜର କରିଛି।

ସୂଚନାଯୋଗ୍ୟ ଯେ, ନାବାଳିକା ଜଣେ ଗରିବ, ଭୂମିହୀନ ଓ ଅନୁସୂଚିତ ପରିବାରର। ସେ ତାଙ୍କ ବିଧବା ମା'ଙ୍କ ସହିତ ଏକ ବସ୍ତିରେ ରହୁଥିଲେ। ତାଙ୍କ ଅସହାୟତାର ସୁଯୋଗ ନେଇ ଯୁବକ ଜଣକ ତାଙ୍କ ଘରକୁ ମଝିରେ ମଝିରେ ଯିବା ଆସିବା କରିବା ସହ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ମାତ୍ର ଗତ ୧୮ ତାରିଖରେ ନାବାଳିକାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ଅପହରଣ କରିବାକୁ ଉଦ୍ୟମ କରିବାରୁ ସେ ତାଙ୍କ ମା'ଙ୍କୁ ଜଣାଇଥିଲେ। ଏହି ଘଟଣା ସମ୍ପର୍କରେ ତାଙ୍କ ମା' ସତ୍ୟବାଦୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ ୨୩୬/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ସାଜିଦ୍‌ଙ୍କ ବିରୋଧରେ ଧାରା ୩୬୬, ୩୬୩, ୩୭୬(୨)ଏନ୍ ଏବଂ ୩ ଏସ୍‌ସି ଏସ୍‌ଟି ୬ପକସୋ ଆକ୍ଟ ଲଗାଇଛି। ଅଭିଯୁକ୍ତ ଜଣଙ୍କ ଗତବର୍ଷ ଅଗଷ୍ଟ ୧୫ ତାରିଖରେ ଅନ୍ୟ ଜଣେ ୫ବର୍ଷର ଶିଶୁଙ୍କୁ ବଳାତ୍କାର ଉଦ୍ୟମ କରି ଜେଲ ଯାଇଥିଲେ। ସେତେବେଳେ ସତ୍ୟବାଦୀ ଥାନାରେ ୧୮୦/୧୭ ରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

# ସାକ୍ଷୀଗୋପାଳ ମନ୍ଦିରରେ ଝୁଲଣଯାତ୍ରା ଆରମ୍ଭ



ଝୁଲଣଯାତ୍ରା ପାଇଁ ସୁସଜ୍ଜିତ କୁଞ୍ଜ ପ୍ରସ୍ତୁତ କରାଯାଇଛି।

**ସାକ୍ଷୀଗୋପାଳ, ୨୧।୮(ଡି.ଏନ୍.ଏ.)**

ପ୍ରତିବର୍ଷ ପରି ଶ୍ରାବଣ ମାସ ଶୁକ୍ଳପକ୍ଷ ଦଶମୀ ଠାରୁ ସାକ୍ଷୀଗୋପାଳ ଠାକୁରଙ୍କ ସପ୍ତାହ ବ୍ୟାପୀ ଝୁଲଣଯାତ୍ରା ମଙ୍ଗଳବାର ଆରମ୍ଭ ହୋଇଛି। ଏଥିପାଇଁ ଝୁଲଣ ମଣ୍ଡପରେ ସୁସଜ୍ଜିତ ଝଲମଲ କୁଞ୍ଜ ସଜା ଶେଷ ହୋଇଛି। ଝୁଲଣ କୁଞ୍ଜରେ ବିଜେ ପ୍ରତିମା ମଦନ ମୋହନ ବିଜେ କରିବା ପରେ ଯାତଭୋଗ, ଆଳତି ଓ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ଚକମକ ଜରି, ଜମ୍ଭୁରା, ଚୁମୁକି, ଝରା, କାଗଜ ଓ ସୋଲରେ ପ୍ରସ୍ତୁତ କରାଯାଇଥିବା ସେବତି, କଦମ୍ବ, ଅଷ୍ଟଦଳ ପଦ୍ମଫୁଲ, ଡାଳି ଓ ଲତା, ସୁଆ, ସାରି, ବଗ, ବଣି, ପାରା, କାକତୁଆ, ଓଲଟସୁଆ, ହଳଦି ବସନ୍ତ, ସଖୀ, ରୋହିଣୀ, ଯଶୋଦା, କୃଷ୍ଣ, ବଳରାମ, ଭୀମ ଓ ଦୁଶାସନଙ୍କ ମୂର୍ତ୍ତି ଖଞ୍ଜାଯାଇଛି। ଝୁଲଣ ମଣ୍ଡପକୁ ରଙ୍ଗବେରଙ୍ଗ ଆଲୋକ ମାଳାରେ ସଜ୍ଜିତ କରାଯାଇଛି। ସନ୍ଧ୍ୟାରେ ଗୋଟିପୁଅ ନୃତ୍ୟ ଦେଖିବାକୁ ଶ୍ରଦ୍ଧାଳୁମାନଙ୍କର ଗହଳି ଜମୁଛି।

# ସ୍ୱଚ୍ଛ ସର୍ବେକ୍ଷଣ ଗ୍ରାମୀଣ କାର୍ଯ୍ୟକ୍ରମ ଅନୁଷ୍ଠିତ

**ପିପିଲି, ୨୧।୮(ଡି.ଏନ୍.ଏ.)**

ପିପିଲି ବ୍ଲକ ପରିସରରେ ମଙ୍ଗଳବାର ସ୍ୱଚ୍ଛ ସର୍ବେକ୍ଷଣ ଗ୍ରାମୀଣ କାର୍ଯ୍ୟକ୍ରମ ୨୦୧୮ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ପିପିଲି ବିଡିଓ ଶ୍ୟାମସୁନ୍ଦର ଟୁଡୁ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବରେ ନିର୍ବାହୀଯନ୍ତ୍ରୀ ବସନ୍ତ କୁମାର ନାୟକ, ସହକାରୀ ଯନ୍ତ୍ରୀ ସୁବାସ ସ୍ୱାଇଁ, ଆଲୋକପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଗ୍ରାମାଞ୍ଚଳର ଲୋକମାନେ ପାଇଖାନା ବ୍ୟବହାର କରିବା ଉପରେ ଗୁରୁତ୍ୱ ଦିଆଯିବା, ପ୍ଲାଷ୍ଟିକ ଦ୍ୱାରା ବିଭିନ୍ନ ବର୍ଜ୍ୟବସ୍ତୁକୁ ଠିକ ଜାଗାରେ ରଖାଯିବା ସହ ସେଗୁଡ଼ିକୁ ବିଭିନ୍ନ କାର୍ଯ୍ୟରେ ଲଗାଇବା ଉପରେ ଆଲୋକପାତ କରାଯାଇଥିଲା। ଏଥିରେ ଯନ୍ତ୍ରୀ ନିବେଦିତା ପାଣିଗ୍ରାହୀ, ଶୁଭେନ୍ଦୁ ସାହୁ, ଜିଲା ସଂଯୋଜକ ରଞ୍ଜନ ସାହୁଙ୍କ ସମେତ ବ୍ଲକର ସମସ୍ତ ଗ୍ରାମ୍ୟ ରୋଜଗାର ସେବକ, ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ। ସେଚ୍ଛାସେବୀ ସଂଗଠନ ଦିନ-ଇ-ଇଲାହିର ଅଧ୍ୟକ୍ଷ ଶେଖାଓ୍ୱତ୍ ଖାଁ ଏହାକୁ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

### ଚୋରା ମଦ ଜବତ: ୨ ଗିରଫ

**ନିମାପଡ଼ା,୨୧।୮(ଡି.ଏନ୍.ଏ )**

ଚୋରା ଦେଶୀ ମଦ ଓ ଭାଙ୍ଗ ବିକ୍ରି କରିବା ଅଭିଯୋଗରେ ମଙ୍ଗଳବାର ନିମାପଡ଼ା ଅବକାରୀ ବିଭାଗ ଓ ପୁରୀ ଅବକାରୀ ମୋବାଇଲ ସ୍କ୍ୱାଡ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କାକଟପୁର ଥାନା ବାଙ୍ଗୁରିଙ୍ଗା ଗ୍ରାମର ଧୀରେନ କୁମାର ସାହୁ ଓ ଓସ୍ତପୁର ଗ୍ରାମର ସୁରେଶ କୁମାର ସେନାପତି। ସୂଚନା ଅନୁଯାୟୀ, କୋଣାର୍କ, ଚନ୍ଦ୍ରଭାଗା, କାକଟପୁର, ଓଥକା, କୁଣ୍ଡେଇହାଟ, ବାଙ୍ଗୁରୀଗାଁ, ଅସ୍ତରଙ୍ଗ, ନୂଆଗଡ ଆଦି ଅଞ୍ଚଳ ଉପରେ ନିମାପଡ଼ା ଅବକାରୀ ବିଭାଗ ଓ ପୁରୀ ଅବକାରୀ ମୋବାଇଲ ସ୍କ୍ୱାଡ ଅତର୍କିତଭାବେ ଚଢ଼ାଉ କରି ଜଣେ ଚୋରା ମଦ ବ୍ୟବସାୟୀ ଓ ଭାଙ୍ଗ ବ୍ୟବସାୟୀଙ୍କୁ ଗିରଫ କରିଥିଲେ। ଏମାନଙ୍କ ପାଖରୁ ୫୦ବୋତଲ ଚୋରା ଦେଶୀ ମଦ ଓ ୨କେଜି ଭାଙ୍ଗ ଜବତ କରିଥିଲେ। ଏ ନେଇ ଦୁଇଟି ମାମଲା (ନଂ.୨୪/୧୮,୨୫/୧୮) ରୁଜୁ ହୋଇଛି।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗାଈ ମୃତ

**ବ୍ରହ୍ମଗିରି,୨୧।୮(ଡି.ଏନ୍.ଏ .)**

ବ୍ରହ୍ମଗିରି ଥାନା ଅନ୍ତର୍ଗତ ଗୋମଣ୍ଡି ଗ୍ରାମରେ ସୋମବାର ୧୧ କେଭି ତାର ସଂସ୍ପର୍ଶରେ ଆସି ଗୋଟିଏ ଗାଈର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ସୁନାମୁହିଁ ଫିଡର ଅନ୍ତର୍ଗତ ଗୋମଣ୍ଡି ଗ୍ରାମ ନିକଟରେ ୧୧ କେଭି ତାର ଓହଳି ଥିବାରୁ ଅପରାହ୍ନ ପ୍ରାୟ ସାଢେ ୩ଟାରେ ଚରିବାକୁ ଯାଇଥିବା ଗୋଟିଏ ଗାଈ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲା। ତେବେ ଗାଈଟି ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲା। ଏହି ଗାଈ ଗୋମଣ୍ଡି ଗ୍ରାମର ମଙ୍ଗରାଜ ସାମଲଙ୍କର ବୋଲି ଜଣାପଡିଛି।

# ସମ୍ବେଦନଶୀଳ ଏବଂ ସଚେତନତା ଶିବିର

**ନିମାପଡ଼ା,୨୧।୮(ଡି.ଏନ୍.ଏ )**

ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ ପକ୍ଷରୁ ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ, ଜିଲା ପ୍ରଶାସନ, ବ୍ଲକ ପ୍ରଶାସନ ସହାୟତାରେ ଭିନ୍ନକ୍ଷମଙ୍କ ଅଧିକାର, ବିଭିନ୍ନ ଯୋଜନା ସମ୍ପର୍କିତ ଏକ ସମ୍ବେଦନଶୀଳ ଏବଂ ସଚେତନତା ଶିବିର ସୋମବାର ନିମାପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ କମିଶନର ଡ. ମିନତି ବେହେରା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଉପଶାସନ ସଚିବ ଅମ୍ବିକା ପ୍ରସାଦ ପଟ୍ଟନାୟକ, ସହକାରୀ ନିର୍ଦ୍ଦେଶକ ଆର.କେ. ଶର୍ମା, ଅତିରିକ୍ତ ଜିଲାପାଳ ବଭୂତି ଭୂଷଣ ଦାସ, ଜିଲା ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟ ମଞ୍ଜରୀ ଦାଶ, ଜିଲା ସମାଜ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢୀ, ବିଇଡି କଲେଜ ଅଧ୍ୟକ୍ଷ ଗଗନବିହାରୀ ଦାଶ, ପିପିଡବ୍ଲୁଓର ପ୍ରଶାସନିକ ଅଧିକାରୀ ପଦ୍ମଲୋଚନ ମହାନ୍ତି, ପଞ୍ଚାୟତ ସମିତି ଅଧକ୍ଷା ମନସ୍ୱିନୀ ଖଟୋଇ, ବିଡିଓ କ୍ଷୀରୋଦ ପ୍ରଧାନ, ପିପିଡବ୍ଲୁଓର ଅଧ୍ୟକ୍ଷ ରାଜକିଶୋର ସାବୁତ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ମୌଳିକ ଅଧିକାର, ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ପିପିଡବ୍ଲୁଓର ଅଧ୍ୟକ୍ଷ ସାବୁତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଶିବିରରେ ସରପଞ୍ଚ, ସମିତିସଭ୍ୟ, ଜିଲାପରିଷଦ ସଭ୍ୟ, ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ବ୍ରହ୍ମଗିରି,୨୧।୮(ଡି.ଏନ୍.ଏ.)**

ବ୍ରହ୍ମଗିରିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ୪ର୍ଥ ଶ୍ରେଣୀ ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ପ୍ରାୟ ୧୩୯ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏଥି ମଧ୍ୟରୁ ୨୦ଟି ପ୍ରକଳ୍ପ ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ମେଳାକୁ ପରିଦର୍ଶନ କରିବା ପାଇଁ ମୁଖ୍ୟ ଅତିଥିଭାବେ ବ୍ରହ୍ମଗିରି ହାଇସ୍କୁଲ ପ୍ରଧାନ ଶିକ୍ଷକ ଭାଗୀରଥି ମଙ୍ଗରାଜ, ସହକାରୀ ଶିକ୍ଷକ ମହେଶ୍ୱର ମହାନ୍ତି, ସହକାରୀ ଶିକ୍ଷୟିତ୍ରୀ ସୋନାଲିକା ପଟ୍ଟନାୟକ, ପୁରୀ ଗଦାଦର ବିଦ୍ୟାପୀଠର ରାଜ୍ୟପାଳ ପୁରସ୍କୃତ ଶିକ୍ଷକ କାମଦେବ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ମେଳାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ହରିଶ୍ୱରଦେବ ମହାବିଦ୍ୟାଳୟର ଅଧାପକ ଶରତ କୁମାର ସାହୁ, ବିଦ୍ୟାମନ୍ଦିରର ସଭାପତି ନୃସିଂହ ଚରଣ ଦାସ, ସମ୍ପାଦକ ଅଜୟ କୁମାର ମହାପାତ୍ର, ରଜନୀକାନ୍ତ ଷଡଙ୍ଗୀ, ବିଜୟ କୁମାର ପାତ୍ର, କେଦାର ପ୍ରସାଦ ସାହୁ, ଦାମୋଦର ସାହୁ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁରେନ୍ଦ୍ର କୁମାର ସାହୁ ଓ ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପ୍ରେମରେ ବିଫଳ ହେବାରୁ
# ଫେସ୍‌ବୁକରେ ମିଥ୍ୟା ଆକାଉଣ୍ଟ ଖୋଲି ନାବାଳିକାଙ୍କୁ ବ୍ଲାକମେଲ

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)**

ପ୍ରେମରେ ବିଫଳ ହେବାରୁ ଜଣେ ଯୁବକ ନାବାଳିକାଙ୍କ ନାମରେ ଫେସ୍‌ବୁକରେ ମିଥ୍ୟା ଆକାଉଣ୍ଟ ଖୋଲି ତାଙ୍କୁ କଲଗର୍ଲ ଦର୍ଶାଇ ବ୍ଲାକମେଲ କରିଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ଖଣ୍ଡଗିରି ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖିଛି। ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ପୋଲିସ ଘଟଣାର ଆପୋସ ସମାଧାନ କରିବାକୁ ପ୍ରବର୍ତ୍ତାଉଥିବା ନାବାଳିକାଙ୍କ ପରିବାର ଲୋକେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଖଣ୍ଡଗିରି ଥାନା ଅଧୀନ ଡୁମୁଡୁମା ଅଞ୍ଚଳର ସମ୍ପୃକ୍ତ ନାବାଳିକା ଦଶମ ଶ୍ରେଣୀରେ ପଢୁଥିବାବେଳେ ଅଭିଯୁକ୍ତ ଜଣକ ତାଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ। ପରେ ତାଙ୍କୁ ପ୍ରେମ ନିବେଦନ କରିଥିଲେ। ନାବାଳିକା ଜଣକ ତାଙ୍କୁ ବାରଣ କରିଥିଲେ। ଏଥିରେ ଯୁବକ ଜଣକ ପ୍ରତିଶୋଧ ପରାୟଣ ହୋଇ ତାଙ୍କ ନାମରେ ଫେସ୍‌ବୁକରେ ଏକ ଆକାଉଣ୍ଟ ଖୋଲିଥିଲେ। ସେଥିରେ ତାଙ୍କ ଫଟୋ ଏବଂ ଫୋନ ନମ୍ବର ଦେଇଥିଲେ। ୫୦୦ ଟଙ୍କା ଦେଇ ଇଚ୍ଛୁକ ବ୍ୟକ୍ତିମାନେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଉକ୍ତ ନମ୍ବରରେ ଯୋଗାଯୋଗ କରିବା ଲାଗି ପୋଷ୍ଟ କରିଥିଲେ। ଏପରି କି ଅଭିଯୁକ୍ତ ଜଣକ ତାଙ୍କ ପରିବାରର ମହିଳାଙ୍କ ନାମ ଉଲ୍ଲେଖ କରି ୧୫ରୁ ଅଧିକ ଅଶ୍ଳୀଳ ପୋଷ୍ଟ କରିଥିଲେ। ନାବାଳିକା ଏବଂ ତାଙ୍କ ପରିବାର ଲୋକଙ୍କୁ ବିଭିନ୍ନ ନମ୍ବରରୁ କଲ୍ ଆସିବା ପରେ ଘଟଣା ବିଷୟରେ ସେମାନେ ଜାଣିବାକୁ ପାଇଥିଲେ। ଏ ନେଇ ଗତ ୯ତାରିଖରେ ପରିବାର ପକ୍ଷରୁ ଖଣ୍ଡଗିରି ଥାନା ଏବଂ ପରେ ମହିଳା ଥାନାରେ ଅଭିଯୋଗ କରାଯାଇଥିଲା। କୌଣସି ସୁଫଳ ନ ମିଳିବାରୁ ସେମାନେ କଟକ ସାଇବର ଥାନାରେ ଅଭିଯୋଗ କରିଥିଲେ।

## ନିମାପଡ଼ାକୁ ରାଜସ୍ୱ ଉପଖଣ୍ଡ ଘୋଷଣା ଦାବି
# ଅସ୍ତରଙ୍ଗ ତହସିଲ ସମ୍ମୁଖରେ ଧାରଣା

**କାକଟପୁର, ୨୧।୮(ଡି.ଏନ୍.ଏ.)**

ନିମାପଡ଼ା, କାକଟପୁର, ଅସ୍ତରଙ୍ଗ, ଗୋପ, କୋଣାର୍କ ଅଞ୍ଚଳକୁ ନେଇ ନିମାପଡ଼ା ରାଜସ୍ୱ ଉପଖଣ୍ଡ ଘୋଷଣା ଦାବିରେ ମଙ୍ଗଳବାର ଅସ୍ତରଙ୍ଗ ବ୍ଲକସ୍ତରୀୟ ରାଜସ୍ୱ ଉପଖଣ୍ଡ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଅସ୍ତରଙ୍ଗ ବ୍ଲକ ଉପାଧକ୍ଷା ମିନତି ସ୍ୱାଇଁ, ଜଗତ୍‌ସିଂହପୁର ଏମ୍‌ପି ପ୍ରତିନିଧି ବିପିନ ବିଶ୍ୱାଳ, ଆଡଭୋକେଟ ରଣଜିତ ସାହୁଙ୍କ ନେତୃତ୍ୱରେ ଶତାଧିକ ସଭ୍ୟାସଭ୍ୟମାନେ ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାଦେଇ ସେମାନଙ୍କ ଦାବି ପୂରଣ କରିବାକୁ ସ୍ଲୋଗାନ ଦେଇଥିଲେ। ଶେଷରେ କମିଟି ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅସ୍ତରଙ୍ଗ ତହସିଲଦାର ଅଶୋକ କୁମାର ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିଲା। ସୋମବାର କାକଟପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଧ ଧାରଣା ଓ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ବୋଲି ନିମାପଡ଼ା ଉପଖଣ୍ଡସ୍ତରୀୟ କ୍ରିୟାନୁଷ୍ଠାନ କମିଟି ସଭାପତି ଆଡଭୋକେଟ ସୁଧୀର ମହାନ୍ତି କହିଛନ୍ତି।




ରାଜସ୍ୱ ଉପଖଣ୍ଡ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।